# ଧରିତ୍ରୀ DHARITRI

ଭୁବନେଶ୍ୱର, ଗୁରୁବାର, ଅକ୍ଟୋବର ୧୦/୨୦୨୪ (୧୮ ପୃଷ୍ଠା) Bhubaneswar, Thursday, October 10/2024 Page 18 ₹ 7.00

୫୦ଶ ଭାଗ ୩୧୭ ସଂଖ୍ୟା www.orissakhabar.com/www.dharitri.com | Printed at Bhubaneswar, Sambalpur, Rayagada & Angul VOLUME 50 ISSUE 317 ମୂଲ୍ୟ ₹୭/-




**ନୀତୀଶଙ୍କ ପ୍ରଥମ ଅର୍ଦ୍ଧଶତକ**

ବାଂଲାଦେଶ ବିପକ୍ଷ ଟି୨୦ ମ୍ୟାଚ୍‌ରେ ଭାରତର ନୀତୀଶ କୁମାର ରେଡ୍ଡୀ କ୍ୟାରିୟରର ପ୍ରଥମ ଅନ୍ତର୍ଜାତୀୟ ଅର୍ଦ୍ଧଶତକ ହାସଲ କରିଛନ୍ତି।

୧୮

୦୯

**କଣ୍ଠଶିଳ୍ପୀ ହେବାକୁ ଚାହୁଁଥିଲେ ଆଲିଆ**

ଏକଦା କଣ୍ଠଶିଳ୍ପୀ ହେବାକୁ ଚାହୁଁଥିଲେ ବୋଲି ଅଭିନେତ୍ରୀ ଆଲିଆ ଭଟ୍ଟ ଏକ ଶୋ'ରେ କହିଛନ୍ତି।



# ୨୦୨୮ ଯାଏ ମାଗଣା ଚାଉଳ

ନୂଆଦିଲ୍ଲୀ,୯।୧୦(ପି.ଟି.)

କେନ୍ଦ୍ର ସରକାର ବୁଧବାର ଖାଦ୍ୟ ସୁରକ୍ଷା ଆଇନ ଓ ଅନ୍ୟ ଜନମଙ୍ଗଳକାରୀ ଯୋଜନାଗୁଡ଼ିକ ଅଧୀନରେ ମାଗଣା ପୋଷଣଯୁକ୍ତ ଚାଉଳ ଯୋଗାଣ ଅବଧିକୁ ୨୦୨୮ ପର୍ଯ୍ୟନ୍ତ ବୃଦ୍ଧି କରିଛନ୍ତି। ଏଥିପାଇଁ ୧୭,୦୮୨ କୋଟି ଟଙ୍କା ଖର୍ଚ୍ଚ ହେବ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କେନ୍ଦ୍ର କ୍ୟାବିନେଟ ବୈଠକରେ ନିଆଯାଇଥିବା ଏହି ନିଷ୍ପତ୍ତି ଲୋକଙ୍କ ରକ୍ତହୀନତା ଓ କୁପୋଷଣ ଦୂର କରିବାରେ ସହାୟକ ହେବ ବୋଲି କୁହାଯାଉଛି।

କ୍ୟାବିନେଟ ବୈଠକ ପରେ ସୂଚନା ଓ ପ୍ରସାରଣ ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ ଏକ ଖବରଦାତା ସମ୍ମିଳନୀକୁ ସମ୍ବୋଧିତ କରି କହିଛନ୍ତି, ପ୍ରଧାନମନ୍ତ୍ରୀ ଗରିବ କଲ୍ୟାଣ ଅନ୍ନ ଯୋଜନା(ପିଏମ୍‌ଜିକେଏୱାଇ) ଓ ଅନ୍ୟ କଲ୍ୟାଣକାରୀ ଯୋଜନାଗୁଡ଼ିକ ଅଧୀନରେ ଦିଆଯାଉଥିବା ମାଗଣା ଚାଉଳ ଅବଧିକୁ ୨୦୨୪ ଜୁଲାଇରୁ ୨୦୨୮ ଡିସେମ୍ବର ☞ପୃଷ୍ଠା-୪






# ରତନ ଟାଟାଙ୍କ ପରଲୋକ

ମୁମ୍ବାଇ,୯।୧୦

ବିଶିଷ୍ଟ ଶିଳ୍ପପତି ତଥା ଟାଟା ସନ୍ସର ପୂର୍ବତନ ଅଧ୍ୟକ୍ଷ ରତନ ଟାଟାଙ୍କ ବୁଧବାର ବିଳମ୍ବିତ ରାତିରେ ପରଲୋକ ହୋଇଛି। ତାଙ୍କୁ ୮୬ ବର୍ଷ ହୋଇଥିଲା। ବୟସାଧିକ କାରଣରୁ ସ୍ୱାସ୍ଥ୍ୟଗତ ସମସ୍ୟା ଦେଇ ଗତି କରୁଥିବା ରତନଙ୍କୁ କିଛିଦିନ ତଳେ ଦକ୍ଷିଣ ମୁମ୍ବାଇର ବ୍ରିଚ୍‌କାଣ୍ଡି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲା। ସେତେବେଳେ ତାଙ୍କ ମୃତ୍ୟୁକୁ ନେଇ ଗୁଜବ ସୃଷ୍ଟି ହେବାରୁ ରତନ ତାହାକୁ ବିଶ୍ୱାସ ନ କରିବା ପାଇଁ ଲୋକଙ୍କୁ ପରାମର୍ଶ ଦେଇଥିଲେ। ବୁଧବାର ରତନଙ୍କ ଅବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ ଇନ୍‌ଟେନ୍‌ସିଭ୍ କେୟାର ୟୁନିଟ୍ (ଆଇସିୟୁ)ରେ ଭର୍ତ୍ତି କରାଯିବା ପରେ ତାଙ୍କ ସ୍ୱାସ୍ଥ୍ୟକୁ ନେଇ ଚିନ୍ତା ବଢ଼ିଥିଲା। ତେବେ ବିଳମ୍ବିତ ରାତିରେ ତାଙ୍କ ପରଲୋକ ହୋଇଥିବା ଟାଟା ଗ୍ରୁପ୍ ପକ୍ଷରୁ ସୂଚନା ଦିଆଯାଇଛି। ତାଙ୍କ ପରଲୋକରେ ଭାରତର ଶିଳ୍ପ ଜଗତରେ ଶୋକର ଛାୟା ଖେଳିଯାଇଛି। ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଓ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଶୋକବ୍ୟକ୍ତ କରି ଦେଶ ପ୍ରତି ତାଙ୍କ ଅବଦାନକୁ ସ୍ମରଣ କରିଛନ୍ତି। ଟାଟା ସନ୍ସ ଚେୟାରମ୍ୟାନ୍ ଏନ୍. ଚନ୍ଦ୍ରଶେଖରନ୍ ଏକ ବିବୃତିରେ ରତନ ଟାଟାଙ୍କ ପରଲୋକ ହୋଇଥିବା ସୂଚନା ଦେଇଛନ୍ତି। ଚନ୍ଦ୍ରଶେଖରନ୍ ତାଙ୍କୁ 'ବନ୍ଧୁ, ପରାମର୍ଶଦାତା ଓ ମାର୍ଗଦର୍ଶକ' ବୋଲି ଅଭିହିତ କରିଛନ୍ତି।

୧୯୩୭ ଡିସେମ୍ବର ୨୮ରେ ବ୍ରିଟିଶ୍ ଇଣ୍ଡିଆର ବମ୍ବେ ପ୍ରେସିଡେନ୍ସିରେ ଶିଳ୍ପପତି ନାଭାଲ ହେରମୁସ୍‌ଜୀ ଟାଟାଙ୍କ ଔରସରୁ ରତନ ଟାଟା ଜନ୍ମଗ୍ରହଣ କରିଥିଲେ। ମୁମ୍ବାଇର ଚାମ୍ପିୟନ୍ ସ୍କୁଲରେ ଅଷ୍ଟମ ଶ୍ରେଣୀ ପର୍ଯ୍ୟନ୍ତ ପାଠ ପଢ଼ିଥିଲେ। ଏହାପରେ ସେ ଶିମ୍‌ଲାସ୍ଥିତ ବିଶପ୍ ଜନ୍ କୋନ୍ନୋନ ସ୍କୁଲ ଏବଂ ୧୯୫୫ରେ ନ୍ୟୁୟର୍କସ୍ଥିତ ରିଭରଡେଲ୍ କଣ୍ଟ୍ରି ସ୍କୁଲରେ ଅଧ୍ୟୟନ କରିଥିଲେ। ରତନ ୧୯୯୦ରୁ ୨୦୧୨ ଓ ୨୦୧୬ରୁ ୨୦୧୭ ପର୍ଯ୍ୟନ୍ତ ୨ ଥର ଟାଟା ଗ୍ରୁପ୍‌ର ଅଧ୍ୟକ୍ଷ ଦାୟିତ୍ୱ ସମ୍ଭାଳିଥିଲେ। ରତନ ଟାଟା ଆଜୀବନ ଅବିବାହିତ ଥିଲେ। ୨୦୧୧ରେ ସେ କହିଥିଲେ, ତାଙ୍କୁ ୪ ଥର ବିବାହ ସୁଯୋଗ ମିଳିଥିଲା। କିନ୍ତୁ ପ୍ରତ୍ୟେକ ଥର ସେ କୌଣସି ନା କୌଣସି କାରଣରୁ ଭୟଭୀତ ହୋଇ ବିବାହକୁ ଏଡ଼ାଇ ଦେଇଥିଲେ। ରତନ ଜଣେ ସରଳ, ଅମାୟିକ ଓ ପରୋପକାରୀ ବ୍ୟକ୍ତି ଥିଲେ। ସେ ବ୍ୟବସାୟିକ ପରିଚାଳନା ସହ ଅନେକ ଦାତବ୍ୟ ଅନୁଷ୍ଠାନ ଗଢ଼ି ଜନସେବାରେ ନିଜକୁ ସମର୍ପିତ କରିଥିଲେ। ଏଥିପାଇଁ ସେ ବହୁ ପୁରସ୍କାର ଓ ସମ୍ମାନର ଅଧିକାରୀ ହୋଇଥିଲେ। ୨୦୦୦ରେ ରତନଙ୍କୁ ପଦ୍ମଭୂଷଣ ଓ ୨୦୦୮ରେ ଭାରତ ସରକାରଙ୍କ ଦ୍ୱିତୀୟ ସର୍ବୋଚ୍ଚ ବେସାମରିକ ସମ୍ମାନ ପଦ୍ମବିଭୂଷଣ ଉପାଧିରେ ଭୂଷିତ କରାଯାଇଥିଲା। ଏହାବାଦ୍ ୨୦୦୬ରେ ମହାରାଷ୍ଟ୍ର ଭୂଷଣ ଓ ୨୦୨୧ରେ ଆସାମ ବୈଭବ ପୁରସ୍କାର ପ୍ରଦାନ କରାଯାଇଥିଲା।



୨୮.୧୨.୧୯୩୭ - ୯.୧୦.୨୦୨୪

# ପ୍ରଥମ କ୍ୟାବିନେଟ୍‌ରେ '୩୭୦' ସଂକଳ୍ପନାମା

**୨୦୧୯ ଅଗଷ୍ଟରେ କେନ୍ଦ୍ର ସରକାର ସମ୍ବିଧାନର ଅନୁଚ୍ଛେଦ ୩୭୦କୁ ହଟାଇଦେଇ ଜମ୍ମୁ-କଶ୍ମୀରକୁ କେନ୍ଦ୍ରଶାସିତ ଅଞ୍ଚଳରେ ପରିଣତ କରିଥିଲେ। କଶ୍ମୀରକୁ ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ଫେରାଇବା ପାଇଁ ବିରୋଧୀ ଦାବି କରିଆସୁଥିଲେ। ବିଶେଷକରି ନ୍ୟାଶନାଲ କନ୍‌ଫରେନ୍ସ (ଏନ୍‌ସି) ୩୭୦କୁ ପୁନଃ ଅବସ୍ଥାପିତ କରିବା ଓ ରାଜ୍ୟ ମାନ୍ୟତା ଫେରାଇବା ନେଇ ଏହାର ନିର୍ବାଚନୀ ଇସ୍ତାହାରରେ ପ୍ରତିଶ୍ରୁତି ଦେଇଥିଲା। ନିର୍ବାଚନରେ ଏନ୍‌ସି-କଂଗ୍ରେସ ମେଣ୍ଟର ସଫଳତା ପରେ ଏହି ପ୍ରସଙ୍ଗ ପୁଣି ସରଗରମ ହୋଇଛି। ଖୁବ୍‌ଶୀଘ୍ର ମେଣ୍ଟ ସରକାର ଗଠନ ହେବା ପ୍ରଥମ କ୍ୟାବିନେଟ୍ ବୈଠକରେ ୩୭୦କୁ ପୁନଃ ଅବସ୍ଥାପିତ କରିବା ଲାଗି ସଂକଳ୍ପନାମା ପାରିତ କରାଯିବ ବୋଲି ଭାବୀ ମୁଖ୍ୟମନ୍ତ୍ରୀ ଓମାର ଅବ୍‌ଦୁଲ୍ଲା ସ୍ପଷ୍ଟ କରିଛନ୍ତି।**

ଶ୍ରୀନଗର,୯।୧୦

ଜମ୍ମୁ-କଶ୍ମୀରରେ ନ୍ୟାଶନାଲ କନ୍‌ଫରେନ୍ସ (ଏନ୍‌ସି) ଏବଂ କଂଗ୍ରେସର ମେଣ୍ଟ ସରକାର ଶପଥ ନେବା ପରେ ପ୍ରଥମ କ୍ୟାବିନେଟ୍‌ରେ ଅନୁଚ୍ଛେଦ ୩୭୦ ଉପରେ ସଂକଳ୍ପନାମା ପାରିତ କରାଯିବ। କେନ୍ଦ୍ରଶାସିତ ଅଞ୍ଚଳକୁ ରାଜ୍ୟ ମାନ୍ୟତା ଫେରାଇବା ପାଇଁ କେନ୍ଦ୍ର ଉପରେ ଚାପ ସୃଷ୍ଟି ଉଦ୍ଦେଶ୍ୟରେ ଏହି ଦାବି ଦୋହରାଯିବ ବୋଲି ବୁଧବାର ଏନ୍‌ସି ଉପାଧ୍ୟକ୍ଷ ଓମାର ଅବ୍‌ଦୁଲ୍ଲା କହିଛନ୍ତି।



ଓମାର ଅବ୍‌ଦୁଲ୍ଲା

୨୦୧୯ ଅଗଷ୍ଟ ୫ରେ ଜମ୍ମୁ-କଶ୍ମୀରକୁ ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ପ୍ରଦାନକାରୀ ସମ୍ବିଧାନର ଅନୁଚ୍ଛେଦ ୩୭୦କୁ କେନ୍ଦ୍ର ସରକାର ହଟାଇ ଦେଇଥିଲେ। ଏଥିସହ ଜମ୍ମୁ-କଶ୍ମୀର ଓ ଲଦାଖ ଦୁଇଟି କେନ୍ଦ୍ରଶାସିତ ଅଞ୍ଚଳ ସୃଷ୍ଟି କରିଥିଲେ। ସୁପ୍ରିମକୋର୍ଟଙ୍କ ନିର୍ଦ୍ଦେଶାନୁସାରେ ଜମ୍ମୁ-କଶ୍ମୀରରେ ୨୦୧୪ ପରେ ପ୍ରଥମ ଥର ବିଧାନସଭା ନିର୍ବାଚନ ଅନୁଷ୍ଠିତ ହୋଇଛି। ଏନ୍‌ସି ନିଜ ନିର୍ବାଚନୀ ଇସ୍ତାହାରରେ ୩୭୦କୁ ପୁନଃ ଅବସ୍ଥାପିତ କରାଇବା ପାଇଁ ପ୍ରତିଶ୍ରୁତି ଦେଇଥିଲା। କଂଗ୍ରେସ ନେତା ରାହୁଲ ଗାନ୍ଧୀ ମଧ୍ୟ ଲଗାତର ଭାବେ ୩୭୦ ପ୍ରସଙ୍ଗ ଉଠାଇ କେନ୍ଦ୍ରର ମୋଦି ସରକାରଙ୍କୁ ସମାଲୋଚନା ☞ପୃଷ୍ଠା-୪

# ମହିଳାଙ୍କୁ ଋଣ ନାଁରେ ମହାଜନି କାରବାର ଚାଲିଥିଲା: ମୁଖ୍ୟମନ୍ତ୍ରୀ



ଜଣେ ହିତାଧିକାରୀଙ୍କୁ ସୁଭଦ୍ରା ଯୋଜନା ପ୍ରଥମ କିସ୍ତିର ଦ୍ୱିତୀୟ ପର୍ଯ୍ୟାୟ ଅର୍ଥରାଶି ବଣ୍ଟନ କରୁଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ନିକଟରେ ଅଛନ୍ତି ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ମନ୍ତ୍ରୀ କୃଷ୍ଣଚନ୍ଦ୍ର ମହାପାତ୍ର।

## 'ସୁଭଦ୍ରା' ଯୋଜନା ପ୍ରଥମ କିସ୍ତିର ଦ୍ୱିତୀୟ ପର୍ଯ୍ୟାୟ ଅର୍ଥ ରାଶି ବାଣ୍ଟିଲେ

**ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ(ଏସ୍‌ଏଚ୍‌ଜି)କୁ ଋଣ ଦେବା ନାଁରେ ପୂର୍ବର ବିଜେଡି ସରକାର ମହାଜନି କାରବାର କରୁଥିଲା। ମହିଳା ସଶକ୍ତୀକରଣ ନାମରେ ଇଭେଣ୍ଟ ମ୍ୟାନେଜମେଣ୍ଟ ଚଳାଉଥିଲା। ଭାଜପା ସରକାର ସମସ୍ତ ମହିଳାଙ୍କୁ ପ୍ରତ୍ୟକ୍ଷ କ୍ଷେତ୍ରରେ ସ୍ୱାବଲମ୍ବୀ କରିବା ଦିଗରେ ଅଣ୍ଟା ଭିଡ଼ିଛନ୍ତି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ଛଉ ପଡ଼ିଆରେ ବୁଧବାର ଅନୁଷ୍ଠିତ 'ସୁଭଦ୍ରା' ଯୋଜନା ପ୍ରଥମ କିସ୍ତିର ଦ୍ୱିତୀୟ ପର୍ଯ୍ୟାୟ ଅର୍ଥ ରାଶି ବଣ୍ଟନ ଅବସରରେ ମୁଖ୍ୟମନ୍ତ୍ରୀ ଏହା କହିଛନ୍ତି।**

ବାରିପଦା,୯।୧୦(ନୀଳାଦ୍ରି ବିହାରୀ ଦଣ୍ଡପାଟ)

ବିଧାନସଭା ନିର୍ବାଚନ ପୂର୍ବରୁ ଭାଜପା ଦେଇଥିବା ପ୍ରତିଶ୍ରୁତି ପୂରଣ କରିଛି। ସୁଭଦ୍ରା ଯୋଜନା ହେଉଛି ସାରା ଓଡ଼ିଶାର ସର୍ବକାଳୀନ ଦୁର୍ଲଭ ଯୋଜନା। ସାମାଜିକ ବ୍ୟବସ୍ଥାରେ ପୁରୁଷପ୍ରଧାନ ଦେଶରେ ମହିଳାମାନଙ୍କୁ ରୋଜଗାରକ୍ଷମ କରିବାର ସମାନ ସୁଯୋଗ ସୃଷ୍ଟି କରାଯାଇଛି। ପ୍ରଥମ ପର୍ଯ୍ୟାୟରେ ୨୫ଲକ୍ଷ ଓ ଦ୍ୱିତୀୟ ପର୍ଯ୍ୟାୟରେ ୩୫ଲକ୍ଷଙ୍କୁ ମିଶାଇ ମୋଟ ୬୦ଲକ୍ଷରୁ ଊର୍ଦ୍ଧ୍ୱ ମହିଳାଙ୍କୁ ସୁଭଦ୍ରା ଯୋଜନାରେ ୫ହଜାର ଟଙ୍କା ଲେଖାଏ ପ୍ରଦାନ କରାଯାଇଛି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ରାଜ୍ୟରେ ମହିଳାମାନଙ୍କ ☞ପୃଷ୍ଠା-୪

## ଖୁବ୍‌ଶୀଘ୍ର ତୃତୀୟ ପର୍ଯ୍ୟାୟ ଟଙ୍କା

ବାରିପଦା,୯।୧୦(ନୀଳାଦ୍ରି ବିହାରୀ ଦଣ୍ଡପାଟ)

'ସୁଭଦ୍ରା' ଯୋଜନାରେ ଆବେଦନ କରିଥିବା ଯୋଗ୍ୟ ହିତାଧିକାରୀମାନଙ୍କୁ ଖୁବ୍ ଶୀଘ୍ର ପ୍ରଥମ କିସ୍ତିର ତୃତୀୟ ପର୍ଯ୍ୟାୟ ଅର୍ଥରାଶି ଦିଆଯିବ ବୋଲି ବୁଧବାର ମୟୂରଭଞ୍ଜ ଜିଲା ବାରିପଦାସ୍ଥିତ ସର୍କିଟ ହାଉସ୍‌ରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା କହିଛନ୍ତି। ଉପ ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ପ୍ରଥମ ପର୍ଯ୍ୟାୟରେ ୨୫ ଲକ୍ଷ ଓ ଏନ୍‌ସିପିଆର କ୍ଲିୟରାନ୍ସ ପରେ ବୁଧବାର ୩୫ ଲକ୍ଷ ହିତାଧିକାରୀଙ୍କ ବ୍ୟାଙ୍କ ଖାତାକୁ ୫୦୦୦ ଟଙ୍କା ଲେଖାଏ ପ୍ରଦାନ କରାଯାଇଛି। ଯେଉଁମାନେ ଥରେ ଆବେଦନ କରି ଟଙ୍କା ପାଇ ନାହାନ୍ତି ସେମାନେ ଦ୍ୱିତୀୟ ଥର ଆବେଦନ କରିବା ଆବଶ୍ୟକ ନାହିଁ। କେଉଁଠି ତ୍ରୁଟି ରହିଛି ତାହା ସଂଶୋଧନ କରନ୍ତୁ। କୌଣସି ଯୋଗ୍ୟ ହିତାଧିକାରୀଙ୍କ ଆବେଦନ ଖାରଜ କରାଯିବ ନାହିଁ। ବ୍ଲକ ଓ ଜିଲା ପ୍ରଶାସନ ଜରିଆରେ ଘରକୁ ଘର ବୁଲି ସମସ୍ତଙ୍କୁ ଯୋଗ୍ୟ କରାଯିବ ବୋଲି ଉପ ମୁଖ୍ୟମନ୍ତ୍ରୀ ପରିଡ଼ା କହିଛନ୍ତି।


**ଆଜିର ସମ୍ପାଦକୀୟ**

ପୁରାଣରେ ଦୁର୍ଗା







# ୩ ରସାୟନ ବିଜ୍ଞାନୀଙ୍କୁ ନୋବେଲ

ଷ୍ଟକହୋମ, ୯।୧୦

୨୦୨୪ ପାଇଁ ରସାୟନ ବିଜ୍ଞାନ କ୍ଷେତ୍ରରେ ନୋବେଲ ପୁରସ୍କାର ବିଜେତାଙ୍କର ନାମ ଘୋଷଣା ହୋଇଛି। ରୟାଲ ସ୍ୱିଡିଶ୍ ଏକାଡେମୀ ଅଫ୍ ସାଇନ୍ସ ପକ୍ଷରୁ ଡେଭିଡ୍ ବେକର, ଡେମିସ୍ ହସାବିସ୍, ଜନ୍ ଜମ୍ପରଙ୍କୁ ରସାୟନ ବିଜ୍ଞାନରେ ଚଳିତ ବର୍ଷର ନୋବେଲ ପୁରସ୍କାର ପାଇଁ ମନୋନୀତ କରାଯାଇଛି। ପ୍ରୋଟିନ ବିଜ୍ଞାନରେ ଅଭୂତପୂର୍ବ ଅବଦାନ ପାଇଁ ଏହି ୩ ବୈଜ୍ଞାନିକଙ୍କୁ ନୋବେଲ ପୁରସ୍କାରରେ ସମ୍ମାନିତ କରାଯିବ। ଆମେରିକାର ୱାଶିଂଟନ ୟୁନିଭର୍ସିଟିରେ ଗବେଷଣାରତ ଡେଭିଡ୍ ବେକରଙ୍କୁ କମ୍ପ୍ୟୁଟେସନାଲ ପ୍ରୋଟିନ ଡିଜାଇନ ପାଇଁ ନୋବେଲ କମିଟି ପକ୍ଷରୁ ମନୋନୀତ କରାଯାଇଛି। ସେହିପରି ବ୍ରିଟେନ୍‌ର ଲଣ୍ଡନରେ ଗୁଗଲର ଡିପ୍‌ମାଇଣ୍ଡ ପ୍ରୋଜେକ୍ଟର ଅଧୀନରେ ବୈଜ୍ଞାନିକ ଡେମିସ୍ ହସାବିସ୍ ଓ ଜନ୍ ଜମ୍ପରଙ୍କୁ ପ୍ରୋଟିନ ଗଠନର ☞ପୃଷ୍ଠା-୪



ଡେଭିଡ୍ ବେକର



ଡେମିସ୍ ହସାବିସ୍



ଜନ୍ ଜମ୍ପର

# ସନ୍ଦେହରେ ଇଭିଏମ୍

## ଇସିଙ୍କୁ ଭେଟିଲା କଂଗ୍ରେସ


କଂଗ୍ରେସ ନେତା ପବନ ଖେରା, ଅଶୋକ ଗେହଲଟ୍, ଭୂପିନ୍ଦର ସିଂ ହୁଡ୍ଡା, କେ.ସି. ବେଣୁଗୋପାଳ, ଉଦୟ ଭାନ୍ ଏବଂ ପ୍ରତାପ ସିଂ ବାଜ୍‌ୱା ନିର୍ବାଚନ ସଦନରେ ନିର୍ବାଚନ କମିଶନରମାନଙ୍କୁ ସାକ୍ଷାତ କରି ଫେରୁଛନ୍ତି।

ନୂଆଦିଲ୍ଲୀ, ୯।୧୦

୯୦ ସଦସ୍ୟ ବିଶିଷ୍ଟ ହରିୟାଣା ବିଧାନସଭା ନିର୍ବାଚନରେ ସରକାର ଅଧିକ ଆତ୍ମବିଶ୍ୱାସୀ ହୋଇଯାଇଥିଲା। କଂଗ୍ରେସ ସରକାର ଗଢ଼ିବ ବୋଲି ଅଧିକାଂଶ ଏକ୍‌ଜିଟ୍ ପୋଲ ମଧ୍ୟ ଭବିଷ୍ୟବାଣୀ କରିଥିଲେ। କିନ୍ତୁ ଦଳକୁ ୩୭ ଆସନରେ ସଫଳତା ମିଳିଛି, ଯାହାକି ମ୍ୟାଜିକ୍ ନମ୍ବରଠାରୁ ୯ କମ୍। ଏହି ପରିଣାମକୁ କଂଗ୍ରେସ ନେତା ରାହୁଲ ଗାନ୍ଧୀ ଅପ୍ରତ୍ୟାଶିତ କହି ଏହା ଉପରେ ବିଶ୍ଳେଷଣ କରାଯିବ ବୋଲି କହିଛନ୍ତି। ଏଥିସହ ଲୋକଙ୍କ ସାମାଜିକ-ଅର୍ଥନୈତିକ ଅଧିକାର, ନ୍ୟାୟ ଓ ସତ୍ୟ ପାଇଁ ସ୍ୱର ଉଠାଇବା ଜାରି ରଖିବେ ବୋଲି ଲୋକ ସଭାର ବିରୋଧୀ ଦଳ ନେତା ରାହୁଲ ସ୍ପଷ୍ଟ କରିଛନ୍ତି। ଏହାର ଜବାବରେ ନିର୍ବାଚନ କମିଶନ (ଇସି) ରାହୁଲ ଓ କଂଗ୍ରେସ ଅଧ୍ୟକ୍ଷ ମଲ୍ଲିକାର୍ଜୁନ ଖାର୍ଗେଙ୍କୁ ପତ୍ର ଲେଖିଛନ୍ତି। ରାହୁଲଙ୍କ ଏଭଳି ମନ୍ତବ୍ୟ ଗ୍ରହଣୀୟ ନୁହେଁ ବୋଲି ଇସି କହିଛନ୍ତି। ଇତିମଧ୍ୟରେ କଂଗ୍ରେସର ୧୨ ଜଣିଆ ପ୍ରତିନିଧି ଦଳ ଇସିଙ୍କୁ ଭେଟି ହରିୟାଣା ଭୋଟ ଗଣତି ବେଳେ ଇଲେକ୍ଟ୍ରୋନିକ୍ ଭୋଟିଂ ମେଶିନ୍ ଇଭିଏମ୍‌ରେ ଜାଲିଆତି ହୋଇଥିବା ଅଭିଯୋଗ ଆଣିଛନ୍ତି। ଏଭଳି ଇଭିଏମ୍‌ଗୁଡ଼ିକୁ ତୁରନ୍ତ ସିଲ୍ କରାଯାଇ ତଦନ୍ତ କରିବାକୁ ସେମାନେ ଦାବି କରିଛନ୍ତି। ପ୍ରତିନିଧି ଦଳରେ ହରିୟାଣାର ପୂର୍ବତନ ମୁଖ୍ୟମନ୍ତ୍ରୀ ଭୂପିନ୍ଦର ସିଂ ହୁଡ୍ଡା, ରାଜସ୍ଥାନର ପୂର୍ବ ମୁଖ୍ୟମନ୍ତ୍ରୀ ଅଶୋକ ଗେହଲଟ୍, ଏଆଇସିସି ସାଧାରଣ ସମ୍ପାଦକ କେ.ସି. ବେଣୁଗୋପାଳ, ଜୟରାମ ରମେଶ, ଅଜୟ ମାକେନ, ପବନ ଖେରା ଏବଂ ଦଳର ଅନ୍ୟ ବରିଷ୍ଠ ନେତାମାନେ ସାମିଲ ଥିଲେ। ସେମାନେ ଇସିଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରି ବିଭିନ୍ନ ଆସନରେ ହୋଇଥିବା ଇଭିଏମ୍ ତ୍ରୁଟି ସମ୍ପର୍କରେ ଦୃଷ୍ଟି ଆକର୍ଷଣ କରିଥିଲେ। ଇଭିଏମ୍ ଜାଲିଆତିର ଅନ୍ୟୁନ ୨୦ଟି ଅଭିଯୋଗ ଆସିଥିବା ଅଭିଯୋଗ ଆଣି ଏହାର ତଦନ୍ତ ଦାବି କରିଥିଲେ।

## ସଂକ୍ଷେପରେ

### ୱାଙ୍ଗଚୁକ୍ ପ୍ରସଙ୍ଗରେ ଦିଲ୍ଲୀ ପୋଲିସକୁ ନୋଟିସ

ନୂଆଦିଲ୍ଲୀ, ୯।୧୦

ବିଶିଷ୍ଟ ପରିବେଶବିତ୍ ସୋନମ ୱାଙ୍ଗଚୁକ ଏବଂ ତାଙ୍କର ସହଯୋଗୀମାନଙ୍କୁ ପରିବେଶ ସଚେତନତା ଓ ଲଦାଖକୁ ଅନୁଚ୍ଛେଦର ଷଷ୍ଠ ସୂଚୀରେ ସାମିଲ କରିବା ପାଇଁ ଦିଲ୍ଲୀର ଯନ୍ତରମନ୍ତରଠାରେ ଶାନ୍ତିପୂର୍ଣ୍ଣ ବିରୋଧ ପ୍ରଦର୍ଶନ ପାଇଁ ଅନୁମତି ଦେବାକୁ ନେଇ ହୋଇଥିବା ଆବେଦନର ଶୁଣାଣି କରି ଦିଲ୍ଲୀ ହାଇକୋର୍ଟ ବୁଧବାର ଦିଲ୍ଲୀ ପୋଲିସକୁ ନୋଟିସ ଜାରି କରିଛନ୍ତି। ଆସନ୍ତା ଅକ୍ଟୋବର ୨୨ ପର୍ଯ୍ୟନ୍ତ ନୋଟିସର ଜବାବ ରଖିବାକୁ ଜଷ୍ଟିସ ପ୍ରତିଭା ଏମ୍ ସିଂ ଓ ଜଷ୍ଟିସ ଅମିତ ଶର୍ମାଙ୍କୁ ନେଇ ଗଠିତ ଖଣ୍ଡପୀଠ ଦିଲ୍ଲୀ ପୋଲିସକୁ ନିର୍ଦ୍ଦେଶ ଦେଇଛନ୍ତି। ପୂର୍ବରୁ ସୋନମଙ୍କ ପକ୍ଷରୁ ଯନ୍ତରମନ୍ତରରେ ଶାନ୍ତିପୂର୍ଣ୍ଣ ପ୍ରତିବାଦ ପାଇଁ ଅନୁରୋଧ କରାଯାଇଥିବାବେଳେ ଦିଲ୍ଲୀ ପୋଲିସ ଏହି ଅନୁମତି ଦେଇ ନ ଥିଲା।

### ବାଇଡେନ୍-ନେତାନ୍ୟାହୁ ଆଲୋଚନା

ୱାଶିଂଟନ୍, ୯।୧୦

ଇସ୍ରାଏଲ୍‌ର ଗାଜା ଆକ୍ରମଣକୁ ବର୍ଷେ ପୂରିଥିବାବେଳେ ଯୁଦ୍ଧ ଲେବାନନ ଓ ୟେମେନ ଯାଏ ପହଞ୍ଚିଲାଣି। ଏହି ପରିପ୍ରେକ୍ଷୀରେ ବୁଧବାର ଆମେରିକା ରାଷ୍ଟ୍ରପତି ଜୋ ବାଇଡେନ୍ ଓ ଇସ୍ରାଏଲ୍ ପ୍ରଧାନମନ୍ତ୍ରୀ ବେଞ୍ଜାମିନ୍ ନେତାନ୍ୟାହୁଙ୍କ ମଧ୍ୟରେ ଟେଲିଫୋନ୍‌ରେ ଆଲୋଚନା ହୋଇଛି। ଉପରାଷ୍ଟ୍ରପତି କମଲା ହାରିସ୍ ମଧ୍ୟ ଆଲୋଚନାରେ ସାମିଲ ହୋଇଥିବା ହ୍ୱାଇଟ୍ ହାଉସ୍ ସୂତ୍ରରୁ ପ୍ରକାଶ। ପୂର୍ବତନ ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ମଧ୍ୟ ନେତାନ୍ୟାହୁଙ୍କୁ ଫୋନ୍ କରି କଥା ହୋଇଥିବା ଜଣାପଡ଼ିଛି।

### ଦୁର୍ନୀତି ପ୍ରସଙ୍ଗରେ କଂଗ୍ରେସକୁ ଟାର୍ଗେଟ କଲେ ମୋଦି

#### ମହାରାଷ୍ଟ୍ରରେ ୭୬୦୦ କୋଟିର ବିଭିନ୍ନ ପ୍ରକଳ୍ପର କଲେ ଭିତ୍ତିପ୍ରସ୍ତର ସ୍ଥାପନ



ମୁମ୍ବାଇ, ୯।୧୦

ମହାରାଷ୍ଟ୍ର ବିଧାନସଭା ନିର୍ବାଚନର ଠିକ୍ ପୂର୍ବରୁ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ବୁଧବାର ଭିଡିଓ କନ୍‌ଫରେନ୍ସ ଜରିଆରେ ରାଜ୍ୟରେ ୭,୬୦୦ କୋଟି ଟଙ୍କା ମୂଲ୍ୟର ବିଭିନ୍ନ ବିକାଶମୂଳକ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଏହାସହ ସେ ମହାରାଷ୍ଟ୍ରରେ ୧୦ଟି ନୂତନ ମେଡିକାଲ କଲେଜ ଉଦ୍‌ଘାଟନ କରିଛନ୍ତି। ସେ ମୁମ୍ବାଇରେ ଇଣ୍ଡିଆନ୍ ଇନ୍‌ଷ୍ଟିଚ୍ୟୁଟ ଅଫ୍ ସ୍କିଲସ୍ (ଆଇଆଇଏସ୍) ଏବଂ ବିଦ୍ୟା ସମୀକ୍ଷା କେନ୍ଦ୍ରର ମଧ୍ୟ ଉଦ୍‌ଘାଟନ କରିଛନ୍ତି। ସେହିପରି ନାଗପୁରର ଡକ୍ଟର ବାବା ସାହେବ ଆମ୍ବେଦକର ଅନ୍ତର୍ଜାତୀୟ ବିମାନ ବନ୍ଦରର ନବୀକରଣ ପାଇଁ ପ୍ରଧାନମନ୍ତ୍ରୀ ଭିତ୍ତି ପ୍ରସ୍ତର ସ୍ଥାପନ କରିଛନ୍ତି। ଏହି ଅବସରରେ ମହାରାଷ୍ଟ୍ରରେ ଦ୍ରୁତ ଗତିରେ ବିକାଶ ହେଉଥିବା ଦର୍ଶାଇ ପ୍ରଧାନମନ୍ତ୍ରୀ କଂଗ୍ରେସକୁ ଟାର୍ଗେଟ କରିଛନ୍ତି। ରାଜ୍ୟରେ କଂଗ୍ରେସର ଶାସନ ଅବଧି ସମୟରେ ବିଭିନ୍ନ ଦୁର୍ନୀତି ଚରମ ସୀମାରେ ପହଞ୍ଚିଥିଲା ବୋଲି ସେ କହିଛନ୍ତି। ତେବେ ସରକାରୀ କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ରାଜନୈତିକ ବୟାନବାଜି କିପରି କରିଛନ୍ତି ବୋଲି କଂଗ୍ରେସ ପ୍ରଶ୍ନ କରିଛି।

# ହରିୟାଣା ପରାଜୟ ପରେ କଂଗ୍ରେସକୁ ପାଠ ପଢ଼ାଇଲା ଇଣ୍ଡିଆ

## ୟୁପି ଉପନିର୍ବାଚନ: ୬ ଆସନରେ ପ୍ରାର୍ଥୀ ଦେଲା ଏସ୍‌ପି

ନୂଆଦିଲ୍ଲୀ, ୯।୧୦

ହରିୟାଣାରେ ୧୦ ବର୍ଷର କ୍ଷମତା ବିରୋଧୀ ପବନକୁ ପ୍ରତିହିତ କରି ଭାଜପା ଦଳିତ ଓ ଜାଟ୍ ଭୋଟରଙ୍କ ସମର୍ଥନ ହାସଲ କରିବାରେ ସକ୍ଷମ ହୋଇଛି। ବିଧାନସଭା ନିର୍ବାଚନ ଜିତୁ ଜିତୁ ହାରିଯାଇଥିବା ମୁଖ୍ୟ ବିରୋଧୀ ଦଳ କଂଗ୍ରେସକୁ ଇଣ୍ଡିଆ ବ୍ଲକ୍‌ର ସହଯୋଗୀ ଦଳଗୁଡ଼ିକ ପାଠ ପଢ଼ାଇବା ଆରମ୍ଭ କରିଛନ୍ତି। ଆମ୍ ଆଦ୍‌ମୀ ପାର୍ଟି (ଆପ୍) ସମେତ ସମଭାବାପନ୍ନ ବିରୋଧୀ ଦଳଗୁଡ଼ିକୁ ସାଙ୍ଗରେ ନ ନେଇ ବାଟ ଚାଲିବା କଂଗ୍ରେସ ପାଇଁ କାଳ ହେଲା ବୋଲି ଅନେକେ ମତ ଦେଇଛନ୍ତି।

କଂଗ୍ରେସର ହରିୟାଣା ପରାଜୟ ପରେ ଇଣ୍ଡିଆ ବ୍ଲକ୍ ସହଯୋଗୀ ଶିବସେନା ୟୁବିଟି, ତୃଣମୂଳ କଂଗ୍ରେସ (ଟିଏମ୍‌ସି), ଆପ୍ ଏବଂ ରାଷ୍ଟ୍ରୀୟ ଜନତା ଦଳ (ଆର୍‌ଜେଡି) ଏହାକୁ ଖୋଲାଖୋଲି ସମାଲୋଚନା କରିଛନ୍ତି। କଂଗ୍ରେସ ଏକ ନିଶ୍ଚିତ ବିଜୟକୁ ପରାଜୟରେ ପରିଣତ କରିଦେଇଥିବା ଶିବସେନା ମୁଖପାତ୍ର 'ସାମ୍ନା' ସମ୍ପାଦକୀୟରେ ଉଲ୍ଲେଖ କରିଛି। ହରିୟାଣାରେ ଇଣ୍ଡିଆ ବ୍ଲକ୍ ମେଣ୍ଟ ହୋଇ ନ ଥିଲା। କଂଗ୍ରେସ ସମାଜବାଦୀ ପାର୍ଟି (ଏସ୍‌ପି) ଏବଂ ଆପ୍‌କୁ ବିଶ୍ୱାସକୁ ନେଇ ମେଣ୍ଟ କରିଥିଲେ ଫଳାଫଳ ଭିନ୍ନ ହୋଇଥାନ୍ତା ବୋଲି ଉଦ୍ଧବ ଠାକ୍‌ରେଙ୍କ ଘନିଷ୍ଠ ସହଯୋଗୀ ସଞ୍ଜୟ ରାଉତ୍ କହିଛନ୍ତି। ଆପ୍ ରାଜ୍ୟ ସଭା ସଦସ୍ୟ ରାଘବ ଚଢ଼ା ମଧ୍ୟ ଅନୁରୂପ ମତ ଦେଇ ସମାଲୋଚନା କରିଛନ୍ତି। ଇତିମଧ୍ୟରେ ଅଖିଳେଶ ଯାଦବଙ୍କ ଏସ୍‌ପି ଉତ୍ତର ପ୍ରଦେଶ ବିଧାନସଭାର ୧୦ ଆସନରେ ହେବାକୁ ଥିବା ଉପନିର୍ବାଚନ ପାଇଁ ୬ ଆସନରେ ପ୍ରାର୍ଥୀ ତାଲିକା ଘୋଷଣା କରିଛି। କଂଗ୍ରେସ ୟୁପିର ୫ ଆସନରେ ଲଢ଼ିବାକୁ ଚାହୁଁଥିବାରୁ ଏହି ସଂଖ୍ୟାକୁ ଗୁରୁତ୍ୱ ଦିଆଯାଉଛି। ଇଣ୍ଡିଆ ମେଣ୍ଟ ସମନ୍ୱୟ ସମିତିର କୌଣସି ବୈଠକ ଏଯାଏ ବସି ନ ଥିବା ଏସ୍‌ପି ରାଜ୍ୟ ପ୍ରଭାରୀ ଅବିନାଶ ପାଣ୍ଡେ କହିଛନ୍ତି। ନ୍ୟାଶନାଲ କନ୍‌ଫରେନ୍ସ (ଏନ୍‌ସି) ଉପାଧ୍ୟକ୍ଷ ଓମାର ଅବ୍‌ଦୁଲ୍ଲା କହିଛନ୍ତି, ହରିୟାଣା ପରାଜୟକୁ ନେଇ କଂଗ୍ରେସକୁ ଗଭୀର ଆତ୍ମସମୀକ୍ଷା କରିବାକୁ ପଡ଼ିବ। ଦଳୀୟ ନେତାମାନେ ପରାଜୟର କାରଣ ଖୋଜନ୍ତୁ।


ଆର୍.ଜି. କର ମେଡିକାଲରେ ଡାକ୍ତରୀ ଛାତ୍ରୀଙ୍କୁ ବଳାତ୍କାର ଓ ହତ୍ୟା ଘଟଣାକୁ ୨ ମାସ ପୂରିଥିବାବେଳେ ବୁଧବାର କୋଲକାତାସ୍ଥିତ ସିବିଆଇ ଅଫିସ ଆଡ଼କୁ ଜଣେ ବ୍ୟକ୍ତି ପ୍ଲାକାର୍ଡ ଧରି ଧାଉଁଛନ୍ତି।

# ୩ ସ୍ୱାଧୀନ ବିଧାୟକ ଭାଜପାରେ ସାମିଲ

ଚଣ୍ଡିଗଡ଼, ୯।୧୦

ହରିୟାଣା ବିଧାନସଭା ନିର୍ବାଚନରେ ଭାଜପାର ବିଜୟ ପରେ ବୁଧବାର ଶାସକ ଦଳରେ ୩ ସ୍ୱାଧୀନ ବିଧାୟକ ସାମିଲ ହୋଇଛନ୍ତି। ସେମାନେ ହେଲେ ଭାରତର ସବୁଠୁ ଧନୀ ମହିଳା ସାବିତ୍ରୀ ଜିନ୍ଦଲ, ଦେବେନ୍ଦ୍ର କାଦ୍ୟାନ ଓ ରାଜେଶ ଜୁନ୍। ଏହି ୩ ଜଣଙ୍କୁ ମିଶାଇ ଭାଜପାର ବିଧାୟକଙ୍କ ସଂଖ୍ୟା ୫୧ରେ ପହଞ୍ଚିଛି। ୯୦ ସଦସ୍ୟ ବିଶିଷ୍ଟ ହରିୟାଣା ବିଧାନସଭାକୁ ଭାଜପାର ୪୮ ପ୍ରାର୍ଥୀ ନିର୍ବାଚିତ ହେବା ପରେ ଦଳ ଲଗାତର ତୃତୀୟ ଥର ପାଇଁ ସରକାର ଗଢ଼ିବାକୁ ଯାଉଛି। ଏହି ପରିପ୍ରେକ୍ଷୀରେ କେନ୍ଦ୍ରମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଓ ତ୍ରିପୁରାର ପୂର୍ବତନ ମୁଖ୍ୟମନ୍ତ୍ରୀ ବିପ୍ଳବ ଦେବଙ୍କ ଉପସ୍ଥିତିରେ ଉପରୋକ୍ତ ୩ ସ୍ୱାଧୀନ ବିଧାୟକଙ୍କ ଯୋଗଦାନ ଦଳକୁ ଆହୁରି ସୁଦୃଢ଼ କରିବ ବୋଲି କୁହାଯାଉଛି। ଭାଜପାର କୁରୁକ୍ଷେତ୍ର ଏମ୍‌ପି ନବୀନ ଜିନ୍ଦଲଙ୍କ ମା' ସାବିତ୍ରୀ ଜିନ୍ଦଲ(୭୪) ହିସାର ବିଧାନସଭା ଆସନରୁ ସ୍ୱାଧୀନ ଭାବେ ଲଢ଼ି କଂଗ୍ରେସ ବିଦ୍ରୋହୀ ରାମ ନିୱାସ ରାରାଙ୍କୁ ହରାଇଥିବାବେଳେ ଭାଜପାର କମଲ ଗୁପ୍ତା ତୃତୀୟ ସ୍ଥାନରେ ରହିଛନ୍ତି।


ସାବିତ୍ରୀ ଜିନ୍ଦଲ

# ଫ୍ଲୋରିଡାରେ ଲ୍ୟାଣ୍ଡଫଲ କରିବ ବାତ୍ୟା ମିଲ୍‌ଟନ

## ଘଣ୍ଟା ପ୍ରତି ୧୫୫ ମାଇଲ ବେଗରେ ବୋହିବ ପବନ

ବେଙ୍ଗାଲୁରୁ, ୯।୧୦

ବାତ୍ୟା ମିଲ୍‌ଟନ ଗୁରୁବାର ଆମେରିକାର ଫ୍ଲୋରିଡାର ପଶ୍ଚିମ ଉପକୂଳରେ ଲ୍ୟାଣ୍ଡଫଲ କରିବ। ଲ୍ୟାଣ୍ଡଫଲ କରିବାବେଳେ ଏହା ଅତ୍ୟନ୍ତ ବିପଜ୍ଜନକ ବାତ୍ୟା ଭାବରେ ପରିଣତ ହୋଇଯିବ ବୋଲି ଆମେରିକାର ଜାତୀୟ ବାତ୍ୟା କେନ୍ଦ୍ର ପକ୍ଷରୁ ସୂଚନା ଦିଆଯାଇଛି। ଏହାର ସର୍ବାଧିକ ତୀବ୍ରତା ୧୫୫ ମାଇଲ ପ୍ରତି ଘଣ୍ଟା ରହିବ। ଫ୍ଲୋରିଡା ରାଜ୍ୟର ଜନବହୁଳ ଅଞ୍ଚଳ ଯଥା ଟାମ୍ପା, ସର୍‌ସୋଟା, ଫୋର୍ଟ ମାୟର୍ସ ଆଦି ଅଞ୍ଚଳରେ ସର୍ବାଧିକ କ୍ଷତିଗ୍ରସ୍ତ ହେବ। ବାତ୍ୟା ଯୋଗୁ ଉପକୂଳବର୍ତ୍ତୀ ଲୋକମାନଙ୍କର ଜୀବନ ପ୍ରତି ବିପଦ ଥିବା ନେଇ ଆମେରିକୀୟ ଜାତୀୟ ବାତ୍ୟା କେନ୍ଦ୍ର ଚେତାଇଛି। ତେବେ ବାତ୍ୟା ମିଲ୍‌ଟନ ହେଉଛି ଗତ ୧୦୦ ବର୍ଷ ମଧ୍ୟରେ ଟାମ୍ପା ଉପକୂଳରେ ମାଡ଼ ହୋଇଥିବା ସବୁଠାରୁ ଶକ୍ତିଶାଳୀ ବାତ୍ୟା। ଏହା ପ୍ରଭାବରେ ସମୁଦ୍ରରେ ୧୦ରୁ ୧୫ ଫୁଟ ଉଚ୍ଚତାର ଜୁଆର ଆସିବ, ଯାହା ବ୍ୟାପକ କ୍ଷୟକ୍ଷତି ଘଟାଇବ ବୋଲି ଆମେରିକାର ଜାତୀୟ ପାଣିପାଗ ସେବା ଚେତାବନୀ ଦେଇଛି।

# ସମାଧାନ ଅଫରକୁ ପ୍ରତ୍ୟାଖ୍ୟାନ: ଧାରଣା ଜାରି ରଖିବେ ସାମ୍‌ସଙ୍ଗ ଇଣ୍ଡିଆ କର୍ମଚାରୀ

ଚେନ୍ନାଇ, ୯।୧୦

ଚେନ୍ନାଇ ସ୍ଥିତ ସାମସଙ୍ଗ୍ ଇଲେକ୍‌ଟ୍ରୋନିକ୍ସ କାରଖାନାର ୧ ହଜାରରୁ ଅଧିକ କର୍ମଚାରୀ ଦରମା ବୃଦ୍ଧି ଓ ୟୁନିୟନ ମାନ୍ୟତା ଦାବି ନେଇ ଗତ ସେପ୍ଟେମ୍ବର ୯ରୁ ଧର୍ମଘଟ କରି ଆସୁଛନ୍ତି। ତେବେ ବିନା ଅନୁମତିରେ ଏକ ଘରୋଇ ଜମିରେ ଦୀର୍ଘ ଦିନ ଧରି ପ୍ରତିବାଦ କରୁଥିବାରୁ ବୁଧବାର ସେମାନଙ୍କ ମଧ୍ୟରୁ ପ୍ରାୟ ୨୫୦ କର୍ମଚାରୀଙ୍କୁ ପୋଲିସ ଅଟକ ରଖି ପରେ ଛାଡ଼ି ଦେଇଛି। ପୂର୍ବରୁ ଏହି ଧାରଣାରତ କର୍ମଚାରୀମାନେ କମ୍ପାନୀ ପକ୍ଷରୁ ଦିଆଯାଇଥିବା ସମାଧାନ ଅଫରକୁ ପ୍ରତ୍ୟାଖ୍ୟାନ କରିଛନ୍ତି। ଆସନ୍ତା ମାର୍ଚ୍ଚ ପର୍ଯ୍ୟନ୍ତ ଧାରଣାରେ ବସିଥିବା କର୍ମଚାରୀଙ୍କ ମାସିକ ଦରମା ୫ ହଜାର ଟଙ୍କା ପର୍ଯ୍ୟନ୍ତ ବୃଦ୍ଧି କରିବାକୁ ସାମସଙ୍ଗ ଇଣ୍ଡିଆ ପ୍ରସ୍ତାବ ଦେଇଥିଲା। ତେବେ ଏହି ଅଫରକୁ ଆନ୍ଦୋଳନରତ କର୍ମଚାରୀମାନେ ପ୍ରତ୍ୟାଖ୍ୟାନ କରିଛନ୍ତି। ୟୁନିୟନ ମାନ୍ୟତା ମିଳିବା ଦାବି ପୂରଣ ନ ହେଲା ଯାଏ ଧର୍ମଘଟ ଜାରି ରହିବ ବୋଲି ଆନ୍ଦୋଳନରତ କର୍ମଚାରୀ କମ୍ପାନୀକୁ ଚେତାଇଛନ୍ତି। ଚେନ୍ନାଇସ୍ଥିତ ସାମସଙ୍ଗ ଇଲେକ୍‌ଟ୍ରୋନିକ୍ସର ଫ୍ୟାକ୍ଟ୍ରି ନିକଟରେ ଗତ ସେପ୍ଟେମ୍ବର ୯ରୁ କମ୍ପାନୀର ହଜାରରୁ ଅଧିକ କର୍ମଚାରୀ ଧାରଣାରେ ବସି ରହିଛନ୍ତି। ତେବେ ଗତ ମାସେ ହେବ କର୍ମଚାରୀଙ୍କ ଧାରଣା ଯୋଗୁ କାରଖାନାର ଉତ୍ପାଦନ ବ୍ୟାହତ ହୋଇଛି। ବିଗତ କିଛି ବର୍ଷ ମଧ୍ୟରେ ଏହି ଆନ୍ଦୋଳନ ଭାରତର ସବୁଠାରୁ ବଡ଼ ଶ୍ରମିକ ଧର୍ମଘଟ ଭାବେ ଉଭା ହୋଇଛି। ତାମିଲନାଡୁ ଅର୍ଥ ମନ୍ତ୍ରୀ ଥଙ୍ଗମ ଥେନ୍ନାରସୁ ଧାରଣାରୁ ଉଠିବାକୁ ସେଣ୍ଟର ଅଫ୍ ଇଣ୍ଡିଆନ୍ ଟ୍ରେଡ୍ ୟୁନିୟନ୍ (ସିଆଇଟିୟୁ)କୁ ନିବେଦନ କରିଛନ୍ତି।


ଚେନ୍ନାଇରେ ବିଭିନ୍ନ ଦାବି ନେଇ ସାମ୍‌ସଙ୍ଗ ଇଣ୍ଡିଆର କର୍ମଚାରୀମାନେ ଧାରଣାରେ ବସିଛନ୍ତି।

# ବିଶ୍ୱର ୧୪ ଉଚ୍ଚତମ ପର୍ବତ ଚଢ଼ିଲେ ୧୭ ବର୍ଷୀୟ ନିମା

କାଠମାଣ୍ଡୁ, ୯।୧୦

ଚାଇନାର ୮,୦୨୭ ମିଟର ଉଚ୍ଚତା ବିଶିଷ୍ଟ ଶିଶା ପାଙ୍ଗମା ପର୍ବତର ଶିଖରରେ ଚଢ଼ି ବୁଧବାର ନେପାଳର ପର୍ବତାରୋହୀ ନିମା ରେନ୍‌ଜି ଶେରପା(୧୭) ଏକ ରେକର୍ଡ ସୃଷ୍ଟି କରିଛନ୍ତି। ବିଶ୍ୱର ୮ ହଜାର ମିଟରରୁ ଅଧିକ ଉଚ୍ଚତା ବିଶିଷ୍ଟ ସମସ୍ତ ୧୪ଟି ପର୍ବତର ଶିଖରରେ ଚଢ଼ି ସର୍ବକନିଷ୍ଠ ପର୍ବତାରୋହୀ ଭାବେ ନିମା ରେକର୍ଡ ସୃଷ୍ଟି କରିଛନ୍ତି। ମାଉଣ୍ଟେନେରିଙ୍ଗ ଆଣ୍ଡ କ୍ଲାଇମିଂ ଫେଡେରେଶନ୍ ଦ୍ୱାରା ସ୍ୱୀକୃତିପ୍ରାପ୍ତ ୮ ହଜାର ମିଟରରୁ ଅଧିକ ଉଚ୍ଚତା ବିଶିଷ୍ଟ ପର୍ବତଗୁଡ଼ିକରେ ଚଢ଼ିବା ପାଇଁ ବାଲ୍ୟକାଳରୁ ନିମା ମନ ବଳାଇଥିଲେ। ସେ ମାତ୍ର ୧୫ ବର୍ଷ ବୟସରେ ପର୍ବତାରୋହଣ କରିବା ଆରମ୍ଭ କରିଥିଲେ। ମାତ୍ର ୭୪୦ ଦିନରେ ନିମା ବିଶ୍ୱର ୧୪ ଉଚ୍ଚତମ ପର୍ବତରେ ଚଢ଼ି ପାରିଛନ୍ତି। ସେ ଦଶମ ଶ୍ରେଣୀ ପରୀକ୍ଷା ଦେବାର ଠିକ୍ ପରେ ନେପାଳରେ ଥିବା ବିଶ୍ୱର ଅଷ୍ଟମ ଉଚ୍ଚତମ ମାନ୍‌ସଲୁ ପର୍ବତରେ ଚଢ଼ିବାକୁ ପ୍ରୟାସ କରି ସଫଳ ହୋଇଥିଲେ। ଏହା ସେତେବେଳେ ନିମାଙ୍କୁ ଚର୍ଚ୍ଚାର କେନ୍ଦ୍ରବିନ୍ଦୁକୁ ଆଣିଥିଲା। ତେବେ ସର୍ବକନିଷ୍ଠ ପର୍ବତାରୋହୀ ଭାବେ ବିଶ୍ୱର ୮ ଉଚ୍ଚତମ ପର୍ବତ ଶିଖରରେ ଚଢ଼ି ରେକର୍ଡ କରିଥିବା ନିମା କହିଛନ୍ତି, ପର୍ବତାରୋହଣ ଦ୍ୱାରା ମଣିଷର ଶକ୍ତି, ସ୍ଥିରତା ଓ ଉତ୍ସାହ ବୃଦ୍ଧି ପାଇଥାଏ। ଏପରି କରି ସେ ଯଥେଷ୍ଟ ମାନସିକ ଶାନ୍ତି ପାଆନ୍ତି ବୋଲି ନିମା କହିଛନ୍ତି।



# ମୁଖ୍ୟମନ୍ତ୍ରୀ ବାସଭବନରୁ ଫିଙ୍ଗିଦେଲେ ଆତିଶୀଙ୍କ ସାମଗ୍ରୀ

## ଏଲ୍‌ଜିଙ୍କ ବିରୋଧରେ ଆପ୍‌ର ଅଭିଯୋଗ

ନୂଆଦିଲ୍ଲୀ, ୯।୧୦



ଦିଲ୍ଲୀ ଉପ ରାଜ୍ୟପାଳ ଭି.କେ. ସକ୍ସେନାଙ୍କ ନିର୍ଦ୍ଦେଶରେ ମୁଖ୍ୟମନ୍ତ୍ରୀ ଆତିଶୀଙ୍କର ଆସବାବପତ୍ରକୁ ସିଭିଲ ଲାଇନ୍ସର ଫ୍ଲାଗଷ୍ଟାଫ୍ ରୋଡସ୍ଥିତ ମୁଖ୍ୟମନ୍ତ୍ରୀଙ୍କ ସରକାରୀ ନିବାସରୁ ଫିଙ୍ଗାଯାଇଥିବା ନେଇ ବୁଧବାର ଆମ୍ ଆଦମୀ ପାର୍ଟି(ଆପ୍)ପକ୍ଷରୁ ଅଭିଯୋଗ କରାଯାଇଛି। ଦିଲ୍ଲୀ ମୁଖ୍ୟମନ୍ତ୍ରୀଙ୍କ ସରକାରୀ ବାସଭବନକୁ କବ୍‌ଜା କରିବା ପାଇଁ ଭାଜପା ଷଡ଼ଯନ୍ତ୍ର କରୁଥିବା ନେଇ ଆପ୍ ଅଭିଯୋଗ କରିଛି। ଏନେଇ ଆପ୍ ପକ୍ଷରୁ କେତେକ ଫଟୋ ଓ ଭିଡିଓକୁ ସୋସିଆଲ ମିଡିଆରେ ପୋଷ୍ଟ କରାଯାଇଛି। ତେବେ ଦିଲ୍ଲୀ ଉପ ରାଜ୍ୟପାଳଙ୍କ କାର୍ଯ୍ୟାଳୟ ସୂତ୍ର ଅନୁଯାୟୀ, ଫ୍ଲାଗଷ୍ଟାଫ୍ ରୋଡସ୍ଥିତ ପୂର୍ବତନ ମୁଖ୍ୟମନ୍ତ୍ରୀ ଅରବିନ୍ଦ କେଜରିୱାଲ ରହୁଥିବା ସରକାରୀ ବାସଭବନକୁ ଆନୁଷ୍ଠାନିକଭାବେ ନୂତନ ମୁଖ୍ୟମନ୍ତ୍ରୀ ଆତିଶୀଙ୍କର ବାସଭବନ ଭାବେ ଘୋଷଣା କରାଯାଇନାହିଁ।

# ରାଜ୍ୟ ସରକାରଙ୍କ ବିଭିନ୍ନ ଉଦ୍ୟୋଗରେ କାର୍ଯ୍ୟରତ କର୍ମଚାରୀଙ୍କ ମହଙ୍ଗା ଭତ୍ତା ବୃଦ୍ଧି

**ଭୁବନେଶ୍ୱର, ୯।୧୦(ସୁନିତ୍ ମିଶ୍ର)**

ରାଜ୍ୟ ସରକାରଙ୍କ ବିଭିନ୍ନ ଉଦ୍ୟୋଗରେ କାର୍ଯ୍ୟରତ କର୍ମଚାରୀମାନଙ୍କ ମହଙ୍ଗା ଭତ୍ତା ପରିମାଣ ୪୬%ରୁ ୫୦%କୁ ବୃଦ୍ଧି କରାଯାଇଛି। ଏହି ବର୍ଦ୍ଧିତ ମହଙ୍ଗା ଭତ୍ତା ପିଛିଲା ଭାବେ ୨୦୨୪ ଜାନୁଆରୀ ପହିଲାରୁ ଲାଗୁ ହେବ। ସାଧାରଣ ନିର୍ବାଚନକୁ ଦୃଷ୍ଟିରେ ରଖି ତତ୍କାଳୀନ ବିଜେଡି ସରକାର ଗତ ମାର୍ଚ୍ଚ ୧୪ ତାରିଖରେ ରାଜ୍ୟ ସରକାରୀ କର୍ମଚାରୀମାନଙ୍କ ମହଙ୍ଗା ଭତ୍ତାକୁ ୪୬%ରୁ ୫୦%କୁ ବୃଦ୍ଧି କରିଥିଲେ। ସାଧାରଣ ଉଦ୍ୟୋଗ ବିଭାଗ ପକ୍ଷରୁ ବୁଧବାର ଜାରି ବିଜ୍ଞପ୍ତି ଅନୁଯାୟୀ, ରାଜ୍ୟ ସରକାରୀ ଉଦ୍ୟୋଗ କର୍ମଚାରୀମାନଙ୍କ ପାଇଁ ୨୦୧୭ ଦରମା ହାର ଆଧାରରେ ମହଙ୍ଗା ଭତ୍ତା ପରିମାଣକୁ ୪୬%ରୁ ୫୦%କୁ ବୃଦ୍ଧି କରାଯାଇଛି, ଯାହା ୨୦୨୪ ଜାନୁଆରୀ ୧ରୁ ପିଛିଲା ଭାବେ ଲାଗୁ ହେବ। ତେବେ ଏହି ବର୍ଦ୍ଧିତ ମହଙ୍ଗା ଭତ୍ତା ରାଜ୍ୟ ଉଦ୍ୟୋଗରେ କାର୍ଯ୍ୟରତ ଯୋଗ୍ୟ କର୍ମଚାରୀଙ୍କୁ ହିଁ ମିଳିବ। ସେଥିଲାଗି ସାଧାରଣ ଉଦ୍ୟୋଗ ବିଭାଗ ମୋଟ ୯ଟି ସର୍ତ୍ତ ରଖିଛି। ଏହି ସର୍ତ୍ତ ପୂରଣ କରୁଥିବା ରାଜ୍ୟ ସରକାରଙ୍କ ଉଦ୍ୟୋଗଗୁଡ଼ିକ ନିଜର କର୍ମଚାରୀମାନଙ୍କୁ ବର୍ଦ୍ଧିତ ମହଙ୍ଗା ଭତ୍ତା ନିଜ ପାଣ୍ଠିରୁ ଦେଇପାରିବେ। ଏଥିପାଇଁ ରାଜ୍ୟ ସରକାର କୌଣସି ଆର୍ଥିକ ସହାୟତା ଦେବେ ନାହିଁ। ଯେଉଁ ୯ଟି ସର୍ତ୍ତ ରଖାଯାଇଛି ସେଥିରେ ୨୦୨୩-୨୪ ଆର୍ଥିକ ବର୍ଷ ପାଇଁ ସମ୍ପୃକ୍ତ ସରକାରୀ ଉଦ୍ୟୋଗ ବୈଧାନିକ ଅଡିଟ୍ ଶେଷ କରିଥିବା ଜରୁରୀ। ଏହି ଉଦ୍ୟୋଗ ସରକାର, ବ୍ୟାଙ୍କ ଓ ଆର୍ଥିକ ସଂସ୍ଥା ଋଣ ପରିଶୋଧରେ ଖିଲାପ କରି ନ ଥିବା ଆବଶ୍ୟକ। କର୍ମଚାରୀମାନଙ୍କ ଇପିଏଫ୍ ଓ ଇଏସ୍ଆଇ ପାଣ୍ଠି ଦାଖଲରେ ମଧ୍ୟ ଖିଲାପ ହୋଇ ନ ଥିବା ଦରକାର। ଏହାଛଡ଼ା କେବଳ ଲାଭରେ ଚାଲୁଥିବା ଉଦ୍ୟୋଗଗୁଡ଼ିକ ନିଜର କର୍ମଚାରୀଙ୍କୁ ମହଙ୍ଗା ଭତ୍ତା ଦେଇପାରିବେ ବୋଲି ଉଲ୍ଲେଖ କରାଯାଇଛି।

# ନିର୍ମାଣାଧୀନ ହୋଟେଲ ଛାତ ଭୁଶୁଡ଼ିଲା


ମହିଷାପାଟ ଛକ ନିକଟରେ ନିର୍ମାଣାଧୀନ ହୋଟେଲ।

**ଢେଙ୍କାନାଳ, ୯।୧୦(ରତନ ନାୟାର)**

ଢେଙ୍କାନାଳ ସହର ୫୫ନଂ ଜାତୀୟ ରାଜପଥର ମହିଷାପାଟ ଛକ ନିକଟରେ ଏକ ୫ ମହଲା ବିଶିଷ୍ଟ ହୋଟେଲର ନିର୍ମାଣ କାର୍ଯ୍ୟ ଚାଲିଥିବା ବେଳେ ବୁଧବାର ଅପରାହ୍ନ ସାଢେ ୪ଟା ସମୟରେ ଦ୍ୱିତୀୟ ମହଲା ଛାତ ଭୁଶୁଡି ପଡ଼ିଛି। ଫଳରେ ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଥିବା ବେଳେ ଦୁଇଜଣ ଶ୍ରମିକ ଗୁରୁତର ଆହତ ହୋଇଛନ୍ତି। ଜଣେ ଶ୍ରମିକଙ୍କର ଦୁଇ ହାତ ଛିଣ୍ଡି ଯାଇଛି। ଖବରପାଇ ଅଗ୍ନିଶମ ସେବା ସଂସ୍ଥା, ଓଡ୍ରାଫ୍ ଟିମ୍ ଓ ଏନ୍‌ଡିଆରଏଫ୍ ଟିମ୍ କଟକରୁ ସନ୍ଧାନୀ କୁକୁର ସହ ଘଟଣାସ୍ଥଳରେ ପହଞ୍ଚି ଦୁଇଟି ଜେସିବି ସାହାଯ୍ୟରେ ଉଦ୍ଧାର କାର୍ଯ୍ୟ କରାଯାଇଥିଲା।

ନିର୍ମାଣାଧୀନ ହୋଟେଲର ପଛପାଖ ବିଲ୍ଡିଂ ପାଇଁ ଛାତ ପଡୁଥିବା ବେଳେ ପ୍ରାୟ ୩୦ରୁ ଅଧିକ ଶ୍ରମିକ ନିୟୋଜିତ ହୋଇଥିଲେ। ହଠାତ ଛାତଟି ଭୁଶୁଡି ପଡ଼ିବାରୁ କିଛି ଶ୍ରମିକ ତଳକୁ ଡେଇଁ ପଡ଼ିଥିଲେ। ଫଳରେ କେତେଜଣ ଶ୍ରମିକ ଛାତର ଭଗ୍ନାଂଶ ତଳେ ଚାପିହୋଇ ରହିଯାଇଥିଲା। ଜଣେ ଶ୍ରମିକଙ୍କ ମୃତ୍ୟୁ ଘଟିଛି। ସେ ହେଲେ ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ଖୁଣ୍ଟଝରି ଗ୍ରାମର ମୁନା ଓରଫ ସୁଧାଂଶୁ ରାଉତ(୨୬)। ଦୁଇ ଆହତ ଶ୍ରମିକ ହେଲେ ଖୁଣ୍ଟଝରି ଗ୍ରାମର କୈଳାଶ ଚନ୍ଦ୍ର ରାଉତ ଓ ଟୁନା ଓରଫ ସମରେନ୍ଦ୍ର ରାଉତ। ଅଗ୍ନିଶମ ସେବା ସଂସ୍ଥା ଓ ଓଡ୍ରାଫ୍ ଟିମ୍ ଉଭୟଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଥିଲେ। କୈଳାଶଙ୍କର ଦୁଇହାତ ଛିଣ୍ଡି ଯାଇଥିବାରୁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ଖବରପାଇ ଜିଲାପାଳ ସୋମେଶ କୁମାର ଉପାଧ୍ୟାୟ, ଏସ୍‌ପି ଅଭିନବ ସୋନକର, ଅତିରିକ୍ତ ଜିଲାପାଳ (ସାଧାରଣ) ରମେଶଚନ୍ଦ୍ର ସେଠି, ଉପଜିଲାପାଳ ବିବୁଧ ଗଡ଼ନାୟକ, ତହସିଲଦାର ଲିତୁସ୍ମିତା ମିଶ୍ର ଓ ସଦର ଏସ୍‌ଡିପିଓ ବିଭୂତି ଭୂଷଣ ମହାପାତ୍ର ପ୍ରମୁଖ ପୋଲିସ ଫୋର୍ସ ସହ ଘଟଣା ସ୍ଥଳରେ ପହଞ୍ଚି ଉଦ୍ଧାର କାର୍ଯ୍ୟକୁ ତ୍ୱରାନ୍ୱିତ କରିଛନ୍ତି। ଅଗ୍ନିଶମ ଡିଜିଙ୍କ ନିର୍ଦ୍ଦେଶ ଅନୁସାରେ ଅଧିକ ଓଡ୍ରାଫ ଟିମ୍ ଉଦ୍ଧାର କାର୍ଯ୍ୟରେ ସାମିଲ ହୋଇଥିବା ଅଗ୍ନିଶମ

### ■ ଜଣେ ଶ୍ରମିକ ମୃତ, ୨ ଗୁରୁତର

ସେବା ଅଧିକାରୀ ପ୍ରଶାନ୍ତ ଧଳ କହିଛନ୍ତି। ସେହିପରି ଗଁଦିଆ ଓ ଢେଙ୍କାନାଳର ଅଗ୍ନିଶମ ସେବା ସହିତ ଏକ ଫାୟାର ଷ୍ଟ୍ରାଇକିଙ୍ଗ୍ ଫୋର୍ସ ଘଟଣାସ୍ଥଳରେ ପହଞ୍ଚିଛନ୍ତି। ସନ୍ଧାନୀ କୁକୁର ସହାୟତାରେ ଗୋଟିଏ କଟାହାତର ପାପୁଲି ଉଦ୍ଧାର କରାଯାଇଛି। ଏ ସଂକ୍ରାନ୍ତରେ ଉପଜିଲାପାଳ ବିବୁଧ ଗଡ଼ନାୟକ କହିଛନ୍ତି, ଘଟଣା ସମ୍ପର୍କରେ ପୁଙ୍ଖାନୁପୁଙ୍ଖ ତଦନ୍ତ କରାଯାଇ ନିଶ୍ଚିତ ଭାବେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଏସ୍‌ପି ଅଭିନବ ସୋନକର କହିଛନ୍ତି, ପ୍ରଥମେ ଆମେ ଉଦ୍ଧାର କାର୍ଯ୍ୟକୁ ଗୁରୁତ୍ୱ ଦେଉଛୁ। ଉଦ୍ଧାର କାର୍ଯ୍ୟ ସରିଲେ କେତେ ଶ୍ରମିକ ଥିଲେ ତାହା ସ୍ପଷ୍ଟ ହେବ। ଦୁଇଜଣ ଆହତଙ୍କୁ ଉଦ୍ଧାର କରି ଆମେ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇଛୁ। ନିର୍ମାଣାଧୀନ ହୋଟେଲଟି ବିପଦସଙ୍କୁଳ ଥିବା ଆଶଙ୍କା କରି ଏହା ପରିସରରେ ରୁଣ୍ଡ ହୋଇଥିବା ଜନସାଧାରଣଙ୍କୁ ପୋଲିସ ଓ ପ୍ରଶାସନ ପକ୍ଷରୁ ବାହାର କରାଯାଇଛି। ନିର୍ମାଣାଧୀନ ହୋଟେଲଟି ସହରର ଜଣେ ବିଶିଷ୍ଟ ବ୍ୟବସାୟୀଙ୍କର ବୋଲି ସୂଚନା ମିଳିଛି।

# ପ୍ରେସର ଟାଙ୍କି ଫାଟି ଜଣେ ମୃତ, ୨ ଗୁରୁତର

**ଖୋର୍ଦ୍ଧା, ୯।୧୦(ପ୍ରଭାତ ପାଣିଗ୍ରାହୀ)**

ଦୋକାନରେ ଟାୟାର ପ୍ରେସର ଟାଙ୍କି ଫାଟି ଜଣଙ୍କ ମୃତ୍ୟୁ ଘଟିଥିବାବେଳେ ୨ଜଣ ଗୁରୁତର ଆହତ ହୋଇଛନ୍ତି। ମୃତକ ହେଲେ ଦୋକାନ ମାଲିକ ତଥା ଖୋର୍ଦ୍ଧା ସଦର ଥାନା ଅନ୍ତର୍ଗତ କଦଳୀବାଡ଼ିର ନବକିଶୋର ବରାଡ। ଆହତ ହେଲେ ଦେବାଶିଷ ମାନସିଂ ଓ ଦୀପକ ମାନସିଂ। ଟାଙ୍କି ଫାଟିବା ସମୟର ଦୃଶ୍ୟ ସିସିଟିଭିରେ କଏଦ ହୋଇଛି। ବୁଧବାର ଖୋର୍ଦ୍ଧା ସଦର ଥାନା ଅନ୍ତର୍ଗତ ୧୬ନମ୍ବର ଜାତୀୟ ରାଜପଥ ଦଧିମାଛଗାଡ଼ିଆ ଛକ ନିକଟସ୍ଥ ଏକ ଟାୟାର ପ୍ରେସର ଦୋକାନରେ ଏହି ଅଘଟଣ ଘଟିଛି।

ଏକ ଟ୍ରକ ଚକରେ ପମ୍ପ ଦେଉଥିବାବେଳେ ଏୟାର ପ୍ରେସର ଟାଙ୍କି ଫାଟିଥିଲା। ଏହି ସମୟରେ ପ୍ରଚଣ୍ଡ ଶବ୍ଦ ହୋଇଥିଲା। ବିସ୍ଫୋରଣରେ ନବକିଶୋରଙ୍କ ଜୀବନ ଯାଇଛି। ତାଙ୍କ ଶରୀର ଖଣ୍ଡ ବିଖଣ୍ଡିତ ହୋଇଯାଇଥିଲା। ମାଂସ ପିଣ୍ଡୁଳା ବାହାରି ଚରିଆଡ଼େ ଛିଟିକି ପଡ଼ିଥିଲା। ତାଙ୍କ ମୁଣ୍ଡଗଣ୍ଡି ଅଲଗା ହୋଇଯାଇଥିଲା। ପୋଲିସ ପହଞ୍ଚି ତାଙ୍କ ମୃତଦେହ ଜବତ କରି ବ୍ୟବଚ୍ଛେଦ ପାଇଁ ଜିଲା ମୁଖ୍ୟ ଚିକିତ୍ସାଳୟକୁ ପଠାଇ ତଦନ୍ତ ଜାରି ରଖିଛି। ଆହତ ଦ୍ୱୟଙ୍କ ଗୋଡ଼, ହାତ, ଅଣ୍ଟାରେ ଗଭୀର ଆଘାତ ଲାଗିଛି। ତେବେ ଦୋକାନର ମିସ୍ତ୍ରିମାନେ ଅନ୍ୟତ୍ର ଥିବାରୁ ଏହି ଅଘଟଣରୁ ବର୍ତ୍ତିଯାଇଛନ୍ତି। ବିସ୍ଫୋରଣ ଶବ୍ଦ ଶୁଣି ସେଠାରେ ଥିବା ଲୋକେ ଭୟରେ ଦୌଡ଼ିଥିଲେ।

ସୂଚନା ଅନୁଯାୟୀ, ଉପରୋକ୍ତ ସ୍ଥାନରେ ନବକିଶୋରଙ୍କର ମା' ଭଗବତୀ ଚନ୍ଦନ ଟାୟାର ପ୍ରେସର ଦୋକାନ ରହିଛି। ରାଜପଥରେ ଯାତାୟତ କରୁଥିବା ଅନେକ ମାଲବାହୀ ଟ୍ରକ ଏଠାରେ ଚକରେ ପ୍ରେସର ଦେଇଥାନ୍ତି। ବୁଧବାର ସକାଳ ପ୍ରାୟ ୭ଟାରେ ଦୁଇ ଭାଇ ଦେବାଶିଷ ଓ ଦୀପକ ନୂତନ ଟାୟାର କିଣିବା ପାଇଁ ଦୋକାନରେ ପହଞ୍ଚିଥିଲେ। ଏହି ସମୟରେ ମିସ୍ତ୍ରି ଦୋକାନ ନିକଟରେ ଲାଗିଥିବା ଏକ ଟ୍ରକରେ ପ୍ରେସର ଚେକ୍ କରୁଥିଲେ। ଟାଙ୍କି ନିକଟରେ ନବକିଶୋର ଓ ଦୁଇଭାଇ ଠିଆ ହୋଇ କଥାବାର୍ତ୍ତା ହେଉଥିଲେ। ଏହି ସମୟରେ ହଠାତ୍ ପ୍ରେସର ଟାଙ୍କି ଫାଟିଥିଲା। ପୁରୁଣା ଟାଙ୍କି ହୋଇଥିବା ଏବଂ ଅତ୍ୟଧିକ ପ୍ରେସର ଯୋଗୁ ବିସ୍ଫୋରଣ ଘଟିଥିବା ସନ୍ଦେହ କରାଯାଉଛି। ପ୍ରଶାସନ ପକ୍ଷରୁ ଏଥିପ୍ରତି ଧ୍ୟାନ ଦିଆଯାଉନାହିଁ। ଫଳରେ ଆଗକୁ ମଧ୍ୟ ଏଭଳି ଅଘଟଣକୁ ଏଡାଇ ଦିଆଯାଇ ନ ପାରେ। ଏନେଇ ଜିଲାପାଳ ଚଞ୍ଚଳ ରାଣା କହିଛନ୍ତି, ଏୟାର ପ୍ରେସର ଟାଙ୍କି ଫାଟି ଜଣକଙ୍କ ମୃତ୍ୟୁ ଘଟିବା ଏକ ଦୁଃଖଦ ଘଟଣା। ଆଗକୁ ଯେପରି ଏପରି ଅଘଟଣ ନ ଘଟିବ, ସେଥିଲାଗି ଜିଲା ପ୍ରଶାସନ ପକ୍ଷରୁ ଏସ୍ଓପି ଜାରି କରାଯିବ। ଏକ ସ୍ୱତନ୍ତ୍ର ଟିମ୍ ଗଠନ କରାଯାଇ ରାସ୍ତା ପାର୍ଶ୍ୱ ଦୋକାନଗୁଡ଼ିକରେ ଏୟାର ପ୍ରେସର ଟାଙ୍କି ଯାଞ୍ଚ କରାଯିବ।

# ବରିଷ୍ଠ ଆଇଏଏସ୍ ଅଫିସରଙ୍କୁ ୧୬ ଆକାଂକ୍ଷା ଜିଲା ଦାୟିତ୍ୱ

### ବିକାଶମୂଳକ କାର୍ଯ୍ୟର ନିୟମିତ କରିବେ ସମୀକ୍ଷା

**ଭୁବନେଶ୍ୱର, ୯।୧୦(ଅନିଲ ଦାସ)**

ରାଜ୍ୟ ସରକାର ରାଜ୍ୟର ୧୬ଟି ଆକାଂକ୍ଷା ଜିଲା କାର୍ଯ୍ୟକ୍ରମ(ଏଡିପି) ଏବଂ ଆକାଂକ୍ଷା ବ୍ଲକ କାର୍ଯ୍ୟକ୍ରମ(ଏବିପି) ପାଇଁ ସେକ୍ରେଟାରୀ ଇନ୍‌ଚାର୍ଜ ଭାବେ ସଚିବସ୍ତରୀୟ ଅଧିକାରୀମାନଙ୍କୁ ନିଯୁକ୍ତି ଦେଇଛନ୍ତି। ଏ ନେଇ ଯୋଜନା ଓ ସଂଯୋଜନ ବିଭାଗ ପକ୍ଷରୁ ବୁଧବାର ବିଜ୍ଞପ୍ତି ପ୍ରକାଶ କରାଯାଇଛି। ଅଧିକାରୀମାନେ ଜିଲାରେ କାର୍ଯ୍ୟକାରୀ ହେଉଥିବା ବିଭିନ୍ନ ବିକାଶମୂଳକ କାର୍ଯ୍ୟର ତଦାରଖ କରିବେ। ପ୍ରକାଶିତ ବିଜ୍ଞପ୍ତି ଅନୁଯାୟୀ, ଶିଳ୍ପ ସଚିବ ହେମନ୍ତ ଶର୍ମାଙ୍କୁ କେନ୍ଦୁଝର ଜିଲାର ସେକ୍ରେଟାରୀ ଇନ୍‌ଚାର୍ଜ ଭାବେ ନିଯୁକ୍ତି ଦିଆଯାଇଥିବା ବେଳେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ସଚିବ ସୁଶୀଲ କୁମାର ଲୋହାନୀଙ୍କୁ କଳାହାଣ୍ଡି, ସାମାଜିକ ସୁରକ୍ଷା ଓ ଭିନ୍ନକ୍ଷମ ସଶକ୍ତୀକରଣ ବିଭାଗ ସଚିବ ବିଷ୍ଣୁପଦ ସେଠୀଙ୍କୁ ମାଲକାନଗିରି, ବିଜ୍ଞାନ ଓ କାରିଗରି ବିଭାଗ ସଚିବ ଚିତ୍ରା ଅରୁମୁଗମଙ୍କୁ କୋରାପୁଟ, ଅର୍ଥ ବିଭାଗ ସଚିବ ଶାଶ୍ୱତ ମିଶ୍ରଙ୍କୁ ବରଗଡ଼, ଗୃହ ଓ ନଗର ଉନ୍ନୟନ ବିଭାଗ ସଚିବ ଉଷା ପାଢ଼ୀଙ୍କୁ କନ୍ଧମାଳ, ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ସଚିବ ବୀର ବିକ୍ରମ ଯାଦବଙ୍କୁ ବଲାଙ୍ଗୀର, ଇଲେକ୍ଟ୍ରୋନିକ୍ସ ଓ ସୂଚନା ପ୍ରଯୁକ୍ତି ବିଭାଗ ସଚିବ ବିଶାଳ ଦେବଙ୍କୁ ନୂଆପଡ଼ା, ଗ୍ରାମ୍ୟ ଉନ୍ନୟନ ବିଭାଗ ସଚିବ ସଞ୍ଜୟ ସିଂଙ୍କୁ ମୟୂରଭଞ୍ଜ ଏବଂ ମହିଳା ଓ ଶିଶୁ ବିକାଶ ବିଭାଗ ସଚିବ ଶୁଭ୍ରା ଶର୍ମାଙ୍କୁ ଗଜପତି ଜିଲାର ସେକ୍ରେଟାରୀ ଇନ୍‌ଚାର୍ଜ ଭାବେ ଦାୟିତ୍ୱ ନ୍ୟସ୍ତ କରାଯାଇଛି। ସେହିପରି କ୍ରୀଡ଼ା ଓ ଯୁବସେବା ବିଭାଗ ସଚିବ ଭାସ୍କର ଜ୍ୟୋତି ଶର୍ମାଙ୍କୁ ନବରଙ୍ଗପୁର ଜିଲାର ସେକ୍ରେଟାରୀ ଇନ୍‌ଚାର୍ଜ ଭାବେ ନିଯୁକ୍ତି ଦିଆଯାଇଥିବା ବେଳେ ସ୍କୁଲ ଓ ଗଣଶିକ୍ଷା ବିଭାଗ ସଚିବ ଶାଳିନୀ ପଣ୍ଡିତଙ୍କୁ ରାୟଗଡ଼ା, ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ ସଚିବ ଅଶ୍ୱତ୍ଥି ଏସ୍.ଙ୍କୁ ସୁନ୍ଦରଗଡ଼, ଉଚ୍ଚଶିକ୍ଷା ସଚିବ ଅରବିନ୍ଦ ଅଗ୍ରୱାଲଙ୍କୁ ସମ୍ବଲପୁର, ବିଡିଏ, ଗୃହ ଓ ନଗର ଉନ୍ନୟନ ବିଭାଗ ଉପାଧ୍ୟକ୍ଷ ଏନ୍. ଥିରୁମାଳା ନାଏକଙ୍କୁ ନୟାଗଡ଼ ଏବଂ ଜଳ ସମ୍ପଦ ବିଭାଗ ଅତିରିକ୍ତ ସଚିବ ସୁଧାଂଶୁ ମୋହନ ସାମଲଙ୍କୁ ଢେଙ୍କାନାଳ ଜିଲାର ସେକ୍ରେଟାରୀ ଇନ୍‌ଚାର୍ଜ ଭାବେ ଦାୟିତ୍ୱ ଦିଆଯାଇଛି।

# ହୋଟେଲ ଭିତରେ ପଶିଗଲା ଟ୍ରେଲର, ୫ ଆହତ



**ଢେଙ୍କାନାଳ, ୯।୧୦(ରତନ ନାୟାର)**

ଢେଙ୍କାନାଳ ସହର ୫୫ନଂ ଜାତୀୟ ରାଜପଥର ମହିଷାପାଟ ଛକଠାରେ ବୁଧବାର ଅପରାହ୍ନ ୪ଟା ସମୟରେ ଏକ ଟ୍ରେଲର ରୋଡ୍ ଡିଭାଇଡର ଡେଇଁ ବିପରୀତ ଦିଗରୁ ଆସୁଥିବା ଏକ କାର୍ (ସୁମୋ)କୁ ଧକ୍କାଦେଇ ରାସ୍ତା କଡ଼ରେ ଥିବା ଏକ ହୋଟେଲ ଭିତରକୁ ପଶିଯାଇଥିଲା। ଏଥିରେ ୫ଜଣ ଆହତ ହୋଇଛନ୍ତି। ଦୁର୍ଘଟଣାରେ କାର୍‌ଟି ରାସ୍ତା ଉପରେ ଓଲଟି ପଡ଼ିଥିଲା। ଏକ ଦାଣ୍ଡିଆ କାର୍ଯ୍ୟକ୍ରମରେ ଯୋଗଦେବା ପାଇଁ ଏକ କାର୍‌ରେ ୫ଜଣ କଳାକାର କଟକରୁ ତାଳଚେର ଯାଉଥିଲେ। ଆହତମାନଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ଦୁର୍ଘଟଣା ପରେ ଟ୍ରେଲରଟି ହୋଟେଲ ଭିତରେ ପଶିଯିବାରୁ ସେଠାରେ ଖାଇବାକୁ ବସିଥିବା ଲୋକମାନେ ଜୀବନ ବିକଳରେ ଦୌଡ଼ି ପଳାଇଥିଲେ। ଘଟଣାସ୍ଥଳରେ କିଛି ସମୟ ପାଇଁ ଉତ୍ତେଜନା ପ୍ରକାଶ ପାଇଥିଲା। ଖବରପାଇ ଟାଉନ ଥାନା ପୋଲିସ ପହଞ୍ଚି ତଦନ୍ତ ଆରମ୍ଭ କରିଥିଲା। ବହୁ ସମୟ ଧରି ଜାତୀୟ ରାଜପଥରେ ଯାନବାହାନ ଚଳାଚଳ ବ୍ୟାହତ ହୋଇଥିଲା।

# ଆଜିଠୁ ହାଇକୋର୍ଟର ପୂଜା ଛୁଟି

### ଜରୁରିକାଳୀନ ମାମଲା ପାଇଁ ୪ ଦିନ ଖୋଲା

**କଟକ, ୯।୧୦ (କାର୍ତ୍ତିକ ସାହୁ)**

ହାଇକୋର୍ଟରେ ଚଳିତ ଦୁର୍ଗାପୂଜା ଛୁଟି ଅକ୍ଟୋବର ୧୦ରୁ ଆରମ୍ଭ ହୋଇ ୧୯ ତାରିଖ ପର୍ଯ୍ୟନ୍ତ ଚାଲିବ। ତେବେ ପୂଜା ଛୁଟି ସମୟରେ କେବଳ ଜରୁରିକାଳୀନ ମାମଲାଗୁଡ଼ିକର ଆବେଦନ ପାଇଁ ୪ ଦିନ ହାଇକୋର୍ଟ ଅଫିସ ଖୋଲା ରହିବ। ଏଥିସହ ଆସନ୍ତା ୧୮ ତାରିଖରେ ଅବକାଶକାଳୀନ ବେଞ୍ଚ ଗୋଟିଏ ଦିନ ପାଇଁ କାର୍ଯ୍ୟକାରୀ ହେବ ବୋଲି ହାଇକୋର୍ଟ ପକ୍ଷରୁ ବୁଧବାର ପ୍ରକାଶିତ ବିଜ୍ଞପ୍ତିରେ ଦର୍ଶାଯାଇଛି।

ବିଜ୍ଞପ୍ତି ଅନୁଯାୟୀ, ହାଇକୋର୍ଟ ବିଚାରପତି ସଙ୍ଗମ କୁମାର ସାହୁ ଓ ବିଚାରପତି ମୁରାହରି ଶ୍ରୀରମଣଙ୍କ ଖଣ୍ଡପୀଠ ଆସନ୍ତା ୧୮ ତାରିଖ ପୂର୍ବାହ୍ନ ୧୧ଟାରେ କାର୍ଯ୍ୟ କରିବେ। ଡିଭିଜନ ବେଞ୍ଚ କାର୍ଯ୍ୟ ଶେଷ ପରେ ଉଭୟ ବିଚାରପତିଙ୍କ ସିଙ୍ଗଲ ବେଞ୍ଚ ମଧ୍ୟ ସେହିଦିନ କାର୍ଯ୍ୟ କରିବ। ବିଚାରପତି ସଙ୍ଗମ କୁମାର ସାହୁଙ୍କ ସିଙ୍ଗଲ ବେଞ୍ଚରେ ଫୌଜଦାରି ମାମଲା ଏବଂ ବିଚାରପତି ମୁରାହରି ଶ୍ରୀରମଣଙ୍କ ସିଙ୍ଗଲ ବେଞ୍ଚରେ ରିଟ୍ ଓ ଦେୱାନୀ ମାମଲାଗୁଡ଼ିକର ଶୁଣାଣି ହେବ। ଅବକାଶକାଳୀନ ବେଞ୍ଚରେ ଶୁଣାଣି ପାଇଁ ଜରୁରୀ ମାମଲାଗୁଡ଼ିକ ତାଲିକାଭୁକ୍ତ ନିମନ୍ତେ ଡେପୁଟି ରେଜିଷ୍ଟ୍ରାର (ଜୁଡିସିଆଲ)ଙ୍କ କାର୍ଯ୍ୟାଳୟରେ ଥିବା ଡ୍ରପ୍ ବକ୍ସରେ ୧୭ ତାରିଖ ପୂର୍ବାହ୍ନ ୧୧ଟାରୁ ମଧ୍ୟାହ୍ନ ୧୨ଟା ଯାଏ ପକାଯାଇପାରିବ। ଏଥିସହ ପୂଜା ଛୁଟିବେଳେ ୧୪, ୧୫, ୧୭ ଓ ୧୮ ତାରିଖ ପୂର୍ବାହ୍ନ ୧୧ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ହାଇକୋର୍ଟ କାର୍ଯ୍ୟାଳୟ ଖୋଲା ରହିବ। ଅଦାଲତ ଖୋଲିବା ଯାଏ ଅପେକ୍ଷା କରି ନ ହେବା ଭଳି ମାମଲାଗୁଡ଼ିକର ଆବେଦନ ଏହି ୪ ଦିନରେ କମ୍ପ୍ୟୁଟର ଫାଇଲିଂ କାଉଣ୍ଟରରେ ପୂର୍ବାହ୍ନ ୧୧ଟାରୁ ମଧ୍ୟାହ୍ନ ୧୨ଟା ମଧ୍ୟରେ କରିହେବ।



ଦୁର୍ଗାପୂଜା ଉପଲକ୍ଷେ ପୁରୀ ବେଳାଭୂମିରେ ପଦ୍ମଶ୍ରୀ ସୁଦର୍ଶନ ପଟ୍ଟନାୟକ ବୁଧବାର ତିଆରି କରିଥିବା ବାଲୁକା କଳା।



**ଆଜିର ମନ୍ତବ୍ୟ**

"ଆୟୁର୍ବେଦକୁ ନେଇ ବିଭ୍ରାନ୍ତିକର କଥା ବିସ୍ତାର କରୁଥିବା ବ୍ୟକ୍ତିମାନଙ୍କ ବିରୋଧରେ କଡ଼ା କାର୍ଯ୍ୟାନୁଷ୍ଠାନ ନିଆଯିବା ଉଚିତ। ଏହି ପାରମ୍ପରିକ ଚିକିତ୍ସା ପଦ୍ଧତିର ପ୍ରାସଙ୍ଗିକତାକୁ ସୁନିଶ୍ଚିତ କରିବା ପାଇଁ ଗବେଷଣାରେ ଅଧିକ ପୁଞ୍ଜିନିବେଶର ଆବଶ୍ୟକତା ରହିଛି। –ଦ୍ରୌପଦୀ ମୁର୍ମୁ, ରାଷ୍ଟ୍ରପତି

# ଆଜି କ'ଣ କେଉଁଠି

## ଭୁବନେଶ୍ୱର

- ଶାରଦୀୟ ନବରାତ୍ର, ସ୍ଥାନ: ଭିଏସ୍ଏସ୍ ନଗର, ତାରିଣୀ ପୀଠ, ପୋଷ୍ଟାଲ କଲୋନୀ, ସମୟ: ସକାଳ ୭ଟା।
- ମା' ଗେହ୍ଲା ଦେବୀଙ୍କ ଅଷ୍ଟମୀ ପୂଜା, ସ୍ଥାନ: ସୁନ୍ଦରାପାଟଣା– ରୁଦ୍ରପୁର, ସମୟ: ସକାଳ ୯ଟା।
- ଆଇ ସର୍ଭ ୟୁ ଟେକ୍ନୋଲୋଜି ପ୍ରାଇଭେଟ୍ ଲିମିଟେଡ୍ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ଏସ୍ଆର୍‌ବି ଟାୱାର, ଇନ୍‌ଫୋସିଟି, ସମୟ: ପୂର୍ବାହ୍ନ ୧୦ଟା।
- ଏମ୍‌ବିଏସ୍ ଆବ୍ରୋଡର ପ୍ରି– ଡିପାରଚର ସେରିମନି, ସ୍ଥାନ: ହୋଟେଲ ଶୀତଲ, ସମୟ: ପୂର୍ବାହ୍ନ ୧୧ଟା।
- ରାଷ୍ଟ୍ରୀୟ ସ୍ୱୟଂସେବକ ସଂଘ ପ୍ରାରମ୍ଭିକ ବର୍ଗର ସମାରୋପ କାର୍ଯ୍ୟକ୍ରମ, ସ୍ଥାନ: ବଗୁଆରୀ, ସମୟ: ଅପରାହ୍ନ ୪ଟା।
- ଦୁର୍ଗାପୂଜାର ମହାସପ୍ତମୀ ପୂଜା ଓ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଗଡ଼ନହରକଣ୍ଡା ଦୁର୍ଗା ପୂଜା ମଣ୍ଡପ ସମ୍ମୁଖ, ସମୟ: ସନ୍ଧ୍ୟା ୬ଟା।
- ସାର୍ବଜନୀନ ଦୁର୍ଗାପୂଜା ସମିତି ପକ୍ଷରୁ ଭଜନ ସମାରୋହ, ସ୍ଥାନ: ବାଲିଅନ୍ତା ବଜାର ଛକ, ସମୟ: ରାତି ୭ଟା।
- ଅଭିନୟ ଜାଗୃତି ଇନ୍‌ଷ୍ଟିଚ୍ୟୁଟ ଅଫ୍ ଥିଏଟର ପକ୍ଷରୁ ଚିଠି, ସ୍ଥାନ: ରବୀନ୍ଦ୍ର ମଣ୍ଡପ, ସମୟ: ସନ୍ଧ୍ୟା ୬ଟା ୩୦।
- ନବରାତ୍ରି ସେଲିବ୍ରେଶନ 'ରଙ୍ଗିଲୋ ରାସ', ସ୍ଥାନ: କ୍ରିଷ୍ଟାଲ କ୍ରାଉନ, ସମୟ: ସନ୍ଧ୍ୟା ୭ଟା।

## କଟକ

- ବିଜୟିନୀ ପବ୍ଲିକେଶନ୍ସ ଓ ଜନସୁଧା ସାହିତ୍ୟପତ୍ରର ୨୭ତମ ବାର୍ଷିକ ଉତ୍ସବ, ସ୍ଥାନ: କଟକ ଶ୍ରୀରାମଚନ୍ଦ୍ର ଭବନ, ସମୟ: ପୂର୍ବାହ୍ନ ୧୦ଟା।
- ବିଶ୍ୱନାଥ ପଶାୟତ ମେମୋରିଆଲ କମିଟିର ବାର୍ଷିକ ଉତ୍ସବ, ସ୍ଥାନ: ହୋଟେଲ ପ୍ରମୋଦ ସମ୍ମିଳନୀ କକ୍ଷ, ଚହଟା, ସମୟ: ସନ୍ଧ୍ୟା ୬ଟା।

## ପୁରୀ

- ବିଭିନ୍ନ ପୀଠରେ ଶାରଦୀୟ ଦୁର୍ଗା ପୂଜା, ମା' କାକୁଡ଼ିଖାଇ ପୀଠ, ସ୍ଥାନ: କାକୁଡ଼ିଖାଇ ଛକ, ମା' ବିମଳା ପୀଠ ଓ ଶ୍ରୀମନ୍ଦିର, ସମୟ: ପ୍ରାତଃ ୫ଟା। ମା' ବାଙ୍କୀ ମୁହାଣ ରାମଚଣ୍ଡୀ ପୀଠ, ସ୍ଥାନ: ରେଡ୍‌କ୍ରସ୍ ରୋଡ, ସମୟ: ସକାଳ ୬ଟା। ମା' ଦକ୍ଷିଣକାଳୀ ପୀଠ, ସ୍ଥାନ: କାଳୀକା ଦେବୀ ସାହି, ମା' ଆଲାମ ଚଣ୍ଡୀ ପୀଠ, ସ୍ଥାନ: କୁମ୍ଭାରପଡ଼ା ରୋଡ, ମା' ବାଟ ମଙ୍ଗଳା ପୀଠ, ସ୍ଥାନ: ପୁରୀ ଭୁବନେଶ୍ୱର ରୋଡ, ସମୟ: ସକାଳ ୯ଟା। ମା' ଶ୍ୟାମାକାଳୀ ପୀଠ, ସ୍ଥାନ: ଶ୍ୟାମାକାଳୀ ଲେନ, ମା' ବାରାହୀ ପୀଠ, ସ୍ଥାନ: ବାରାହୀ ଲେନ, ମା' ରାମଚଣ୍ଡୀ ପୀଠ, ସ୍ଥାନ: ରାମଚଣ୍ଡୀ ସାହି, ସମୟ: ପୂର୍ବାହ୍ନ ୧୦ଟା। ମା' ମର୍ଚ୍ଚିଖାଇ ଠାକୁରାଣୀ ପୀଠ, ସ୍ଥାନ: ମରଚିକୋଟ ଛକ, ବଡ଼ଦାଣ୍ଡ, ସମୟ: ସନ୍ଧ୍ୟା ୬ଟା।

## ଖୋର୍ଦ୍ଧା

- ମା' ଦୁର୍ଗା ବଣିକ ସଂଘ ପକ୍ଷରୁ ଦୁର୍ଗାପୂଜା, ସ୍ଥାନ: କଣ୍ଟା ଛକ, ସମୟ: ସନ୍ଧ୍ୟ ୬ଟା।
- ଶ୍ରୀ ଦୁର୍ଗାମାଧବ ମଣ୍ଡପ ପୂଜା କମିଟି ପକ୍ଷରୁ ଦୁର୍ଗାପୂଜା, ସ୍ଥାନ: ପୁରୁଣା ଦମକଳ ଛକ, ସମୟ: ସନ୍ଧ୍ୟା ୬ଟା।

## ବାଲେଶ୍ୱର

- ଦେବୀ ଦୁର୍ଗାଙ୍କ ମହାସପ୍ତମୀ ପୂଜା, ସ୍ଥାନ: ଆଜିମାବାଦ ପୂଜା ମଣ୍ଡପ, ବାଲେଶ୍ୱର, ସମୟ: ସକାଳ ୭ଟା।
- ଆନ୍ତର୍ଜାତିକ ଶିଶୁକନ୍ୟା ଦିବସ, ସ୍ଥାନ: ସଦ୍‌ଭାବନା ସମ୍ମିଳନୀ କକ୍ଷ, ବାଲେଶ୍ୱର, ସମୟ: ପୂର୍ବାହ୍ନ ୧୦ଟା।
- ସାର୍ବଜନୀନ ଦୁର୍ଗୋତ୍ସବ ଉପଲକ୍ଷେ ଭଜନ ସନ୍ଧ୍ୟା, ସ୍ଥାନ: ସାର୍ଥା ପୂଜାମଣ୍ଡପ, ସଦର ବ୍ଲକ, ବାଲେଶ୍ୱର, ସମୟ: ସନ୍ଧ୍ୟା ୭ଟା।

## ଭଦ୍ରକ

- ମହାସପ୍ତମୀ ପୂଜା, ସ୍ଥାନ: ଗାନ୍ଧୀପଡ଼ିଆ ପୂଜା ମଣ୍ଡପ, ଭଦ୍ରକ, ସମୟ: ସକାଳ ୬ଟା।
- ଛୁଆ ଗଣେଶଙ୍କ ଭସାଣି, ସ୍ଥାନ: କୁଆଁସ, ଭଦ୍ରକ, ସମୟ: ଅପରାହ୍ନ ୩ଟା।

## କେନ୍ଦୁଝର

- ମା' ଗଡ଼ଚଣ୍ଡୀଙ୍କ ପୀଠରେ ମହା ଅଷ୍ଟମୀ ପୂଜା ଏବଂ ମହାଗୌରୀ ବେଶ, ସ୍ଥାନ: ସୁନ୍ଦରାପାଳ, ହାଟଡ଼ିହୀ, ସମୟ: ସକାଳ ୬ଟା ଏବଂ ସନ୍ଧ୍ୟା ୭ଟା।
- ମା' ଦୁର୍ଗାଙ୍କ ମନ୍ଦିରରେ ମହା ଅଷ୍ଟମୀ ପୂଜା, ଚଣ୍ଡୀପାଠ ଏବଂ ଭଜନ ସମାରୋହ, ସ୍ଥାନ: ଉଅଁର, ହାଟଡ଼ିହୀ, ସମୟ: ସକାଳ ୭ଟା ଏବଂ ଅପରାହ୍ନ ୫ଟା।

## ମୟୂରଭଞ୍ଜ

- ଦୁର୍ଗାପୂଜା ଘଟ ଉତ୍ତୋଳନ,ସ୍ଥାନ:ମାର୍କେଟସାହି ଭକ୍ତାଘାଟ,ଚିତ୍ରଡ଼ା, ମୋରଡ଼ା ବ୍ଲକ,ସମୟ: ସକାଳ ୯ଟା।
- ନ୍ୟାଶନାଲ ପୋଷ୍ଟାଲ ୱିକ୍ ଅବସରରେ ଆଧାର କ୍ୟାମ୍ପ, ସ୍ଥାନ:କୁମାରର୍ସ ବ୍ଲକ ଭଞ୍ଜପୁର, ବାରିପଦା, ସମୟ: ପୂର୍ବାହ୍ନ ୧୦ଟା।

ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ:ଚିତ୍ରଡ଼ା ବସ୍‌ଷ୍ଟାଣ୍ଡ, ମୋରଡ଼ା ବ୍ଲକ, ସମୟ: ରାତି ୮ଟା।

## କନ୍ଧମାଳ

- ଆରଏସଏସ ପକ୍ଷରୁ ବିଜୟା ଦଶମୀ, ସ୍ଥାନ: ଫୁଲବାଣୀ ରାମ ମନ୍ଦିର ପଡିଆ, ସମୟ: ସକାଳ ୭ ଟା।
- ଡିଏଲଏସଏ ପକ୍ଷରୁ ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ, ସ୍ଥାନ: ଫୁଲବାଣୀ ମଣ୍ଡଳ କାରାଗାରା, ସମୟ: ସକାଳ ୯ଟା।
- ସାଂସ୍କୃତିକ କାର୍ଯ୍ୟକ୍ରମ,ସ୍ଥାନ: କ. ନୂଆଗାଁ ଜଗନ୍ନାଥ ମନ୍ଦିର ନିକଟ, ସମୟ ଅପରାହ୍ନ ୨ଟା।

## ଜଗତ୍‌ସିଂହପୁର

- କଳିଙ୍ଗ ମହିଳା ଶକ୍ତି ସଙ୍ଗଠନ ପକ୍ଷରୁ ନିଶା ନିବାରଣ ସଚେତନତା କାର୍ଯ୍ୟକ୍ରମ, ସ୍ଥାନ:
- ବଡପଡ଼ିଆ, ପାରାଦୀପ, ସମୟ ଅପରାହ୍ନ ୪ଟା।

## କେନ୍ଦ୍ରାପଡ଼ା

- ମା' ଦୁର୍ଗାଦେବୀଙ୍କ ମହାସପ୍ତମୀ ପୂଜା, ସ୍ଥାନ: ଅଳପୁଆ ମଣ୍ଡପ, କେନ୍ଦ୍ରାପଡ଼ା, ସମୟ: ସକାଳ ୮ଟା।
- ମା' ଦୁର୍ଗାଦେବୀଙ୍କ ମହାଷ୍ଟମୀ ପୂଜା, ସ୍ଥାନ: ଇଚ୍ଛାପୁର ପୀଠ, କେନ୍ଦ୍ରାପଡ଼ା ସହର, ସମୟ: ସନ୍ଧ୍ୟା ୬ଟା।

## ଯାଜପୁର

- ଯାଜପୁର ରୋଡ଼ ବିରଜାନଗର ମା'ବିରଜା ମନ୍ଦିରରେ ମହାଷ୍ଟମୀ ପୂଜା, ସ୍ଥାନ : ବିରଜା ନଗର ମନ୍ଦିର ପରିସର, ସମୟ : ସକାଳ ୬ଟା।
- ମା'ବିରଜାଙ୍କ ମହାଷ୍ଟମୀ ଉପଲକ୍ଷେ ମହାସ୍ନାନ ଓ ରଥଯାତ୍ରା, ଯାଜପୁର ବିରଜା ମନ୍ଦିର ପରିସର, ସମୟ : ସକାଳ ୬ଟା।
- ଧର୍ମଶାଳା ପୂଜା ମହୋତ୍ସବ କମିଟି ପକ୍ଷରୁ ମା'ଦୁର୍ଗାଦେବୀଙ୍କ ପୂଜା ଉତ୍ସବ ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ଉଦଘାଟନ, ସ୍ଥାନ: ଧର୍ମଶାଳା ବ୍ଲକ ଜାରକାସ୍ଥିତ ମହୋତ୍ସବ ପଡିଆ, ସମୟ ଅପରାହ୍ନ ୫ଟା।

## ନୟାଗଡ଼

- ନୀଳମାଧବ ମନ୍ଦିର ପାର୍ଶ୍ୱଦେବୀ ମା ବିମଳାଙ୍କ ନବଦିନାତ୍ମକ ପୂଜାର ଅଷ୍ଟମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ: ସକାଳ ୭ଟା।
- ମହିଶାଖୁଣୀ ପୀଠରେ ତ୍ରିଦିନାତ୍ମକ ପୂଜାର ୨ୟ ଦିବସ, ସ୍ଥାନ: ଖଣ୍ଡପଡା ବ୍ଲକ ଜଗନ୍ନାଥ ପ୍ରସାଦର ଦରଦା, ସମୟ: ସକାଳ ୭ଟା।
- ପାର୍ବଣ ଅବକାଶରେ ତ୍ରିଦିନାତ୍ମକ ପୂଜାର ୨ୟ ଦିବସ, ସ୍ଥାନ: କନକ ଦୁର୍ଗା ଦେବୀ ଠାକୁରାଣୀ ପୀଠ ନୟାଗଡ ପୁରୁଣା ସହର ରାଜବାଟୀ ପାଖ, କଣ୍ଟିଲୋ ନୀଳମାଧବ ମନ୍ଦିରର ବିମଳା ପୀଠ, ଶରଣକୁଳ ଲଡୁବାବାଙ୍କ ପୀଠ ପାର୍ବତୀ ଠାକୁରାଣୀଙ୍କ ମନ୍ଦିର, କଣ୍ଟିଲୋ ଶ୍ମଶାନ ଚଣ୍ଡୀ, କଣ୍ଟିଲେ କୃଷ୍ଣଚନ୍ଦ୍ରପୁର ପାଟଣା ଦକ୍ଷୀଣ ଚଣ୍ଡୀ, ସମୟ: ସକାଳ ୭ଟା।
- ପ୍ରିମୟର ଲିଗ୍ କ୍ରିକେଟ ମ୍ୟାଚ ଉଦ୍‌ଘାଟନ, ସ୍ଥନ:ଖଣ୍ଡପଡା ବ୍ଲକ କଣ୍ଟିଲୋ ମିନି ଷ୍ଟାଡିୟମ, ସମୟ: ପୂର୍ବାହ୍ନ ୧୦ଟା।
- ବାହାଡାଗୁଣୀ ଯାତ୍ରା ମହୋତ୍ସବର ଉଦ୍‌ଯାପନୀ ଦିବସ, ସ୍ଥାନ:ଖଣ୍ଡପଡା ବ୍ଲକ ର ବାହାଡା, ସମୟ: ପୂର୍ବାହ୍ନ ୧୦ଟା ୩୦।
- ବନମାଳିପୁର ଚାଲେଞ୍ଜ କ୍ରିକେଟର ୨ୟ ଦିବସ, ସ୍ଥାନ: ଖଣ୍ଡପଡା ବ୍ଲକ ର ବନମାଳିପୁର, ସମୟ: ୧୦ଟା ୩୦।
- ପାର୍ବଣ ଅବକାଶରେ ତ୍ରିଦିନାତ୍ମକ ପୂଜାର ୨ୟ ଦିବସ, ସ୍ଥାନ: ନାରାୟଣୀ ପୀଠ ଭାପୁର ବ୍ଲକର ପଥର ଚକଡା, ସମୟ: ସନ୍ଧ୍ୟା ୭ଟା।

## ରାୟଗଡ଼ା

- ଶାରଦୀୟ ଦୁର୍ଗା ପୂଜା କମିଟିର ସପ୍ତମୀ ପୂଜା ଆରମ୍ଭ, ସ୍ଥାନ: ସ୍ଥାୟୀ ମଣ୍ଡପ ବ୍ରାହ୍ମଣ ସାହି, ରାୟଗଡା, ସମୟ: ସକାଳ ୬ ଟା।
- ଜେକେ ପେପର ମିଲ ଦୁର୍ଗା ପୂଜା କମିଟିର ମହା ସପ୍ତମୀ ପୂଜା ଆରମ୍ଭ, ସ୍ଥାନ: ଦଶହରା ପଡିଆ, ଜେକେପୁର, ସମୟ: ସକାଳ ୮ ଟା।
- ୨୪ ପ୍ରହର ନାମ ଯଜ୍ଞ ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଗୁଣପୁର ଜଗନ୍ନାଥ ମନ୍ଦିର, ସମୟ: ପୂର୍ବାହ୍ନ ୧୦ଟା।

## ସମ୍ବଲପୁର

- ଶାରଦୀୟ ଦଶହରା ଉପଲକ୍ଷେ ପୀଠରେ ମହାଷ୍ଟମୀ ପୂଜା, ସ୍ଥାନ: ସମଲେଶ୍ୱରୀ ମନ୍ଦିର, ସମୟ : ପ୍ରାତଃ ୫ଟା।
- କାଳିବାଡି ଦୁର୍ଗାପୂଜା କମିଟି ପକ୍ଷରୁ ସ୍ୱତନ୍ତ୍ର ପୂଜା, ସ୍ଥାନ: କାଳିବାଡି ପରିସର, ସମୟ: ସକାଳ ୮ଟା।
- ମା' ମଙ୍ଗଳା ମନ୍ଦିର କମିଟି ପକ୍ଷରୁ ଚଣ୍ଡୀପୂଜା ଓ ଆଳତୀ, ସ୍ଥାନ : ଭୂତାପଡା ସ୍ଥିତ ମନ୍ଦିର ପରିସର, ସମୟ : ସକାଳ ୯ଟା।
- ସମ୍ବଲପୁର ଆର୍ଚେରୀ ଆସୋସିଏଶନ ଆୟୋଜନରେ ରାଜ୍ୟସ୍ତରୀୟ ତୀରନ୍ଦାଜ ପ୍ରତିଯୋଗିତା, ସ୍ଥାନ : ଯୁଯୋମୁରା ହାଇସ୍କୁଲ ପଡିଆ, ସମୟ : ପୂର୍ବାହ୍ନ ୧୦ଟା।
- ରାବଣ ପୋଡି ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଫିଏଚଡି ପଡିଆ, ସମୟ: ପୂର୍ବାହ୍ନ ୧୦ଟା।
- ପାଟଣେଶ୍ୱରୀଙ୍କ ସୁନାବେଶ, ସ୍ଥାନ: କମଲି ବଜାର ସ୍ଥିତ ପାଟଣେଶ୍ୱରୀ ମନ୍ଦିର, ସମୟ: ଅପରାହ୍ନ ୨ଟା।
- ସମଲେଇଙ୍କ ଖଣ୍ଡା ଧୂଆ ନୀତି ଓ ଆଖାଡାର ନଗର ପରିକ୍ରମା, ସ୍ଥାନ : ମହାନଦୀ ମଚ୍ଛିନ୍ଦ୍ର ଘାଟ, ସମୟ : ଅପରାହ୍ନ ୪ଟା।
- ଧନୁପାଲି ଦୁର୍ଗାପୂଜା ସୁବର୍ଣ୍ଣ ଜୟନ୍ତୀ ମହୋତ୍ସବର ସ୍ମରଣିକା ଦଶଭୂଜା ଉନ୍ମୋଚନ ଉତ୍ସବ, ସ୍ଥାନ : ଦୁର୍ଗାପୂଜା ମଣ୍ଡପ, ସମୟ : ସନ୍ଧ୍ୟା ୬ଟା।

## ବଲାଙ୍ଗୀର

- ଔପନ୍ୟାସିକ ବ୍ରଜବିହାରୀ: ଏକ ଅନୁଶୀଳନ ପୁସ୍ତକର ପାଠକାର୍ପଣ, ସ୍ଥାନ: ସାମ୍ବାଦିକ ଭବନ, ବଲାଙ୍ଗୀର,ସମୟ: ପୂର୍ବାହ୍ନ ୧୦ଟା ୩୦ ମିନିଟ।
- ମହାଗୌରୀ ପୂଜା, ସ୍ଥାନ: ଗୁଡୁଡିପଡା ଦୁର୍ଗାପୂଜା ମଣ୍ଡପ, ବଲାଙ୍ଗୀର, ସମୟ: ପୂର୍ବାହ୍ନ ୮ଟାରୁ।
- ଭାଇ ଜୀଉନ୍ତିଆ ପୂଜା,ସ୍ଥାନ: ତୁଳସୀନଗର ଦୁର୍ଗାପୂଜା ମଣ୍ଡପ, ବଲାଙ୍ଗୀର, ସମୟ: ସନ୍ଧ୍ୟା ୭ଟା।

## ସୁବର୍ଣ୍ଣପୁର

- ଅଷ୍ଟମ ଦିବସୀୟ ପୂଜା, ସ୍ଥାନ: ଦୁର୍ଗା ମନ୍ଦିର, ତ୍ରିବେଣୀ ଛକ, ବୀରମହାରାଜପୁର, ସମୟ:ସକାଳ ୯ଟା।
- ନବରାତ୍ର, ଘୃତଯଜ୍ଞ, ଚଣ୍ଡୀପାଠର ନବମ ଦିବସ, ସ୍ଥାନ: କୋଟସମଲେଇ ,ଉଲୁଣ୍ଡା ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ଦୁର୍ଗା ମନ୍ଦିରରେ ସ୍ୱତନ୍ତ୍ର ପୂଜା, ସ୍ଥାନ: ଅମରପାଲି,ବୀରମହାରାଜପୁର ବ୍ଲକ, ସମୟ: ପୂର୍ବାହ୍ନ ୧୦ଟା।
- ମା ' ମାହେଶ୍ୱରୀଙ୍କ ସ୍ନାନ ଯାତ୍ରା,ବାଡିଖେଳ, ସ୍ଥାନ: କର୍ଡାପାଲ, ବୀରମହାରାଜପୁର, ସମୟ: ଅପରାହ୍ନ ୩ଟା।
- ରାବଣ ଦରବାର, ସ୍ଥାନ: ରଥପୁର, ବୀରମହାରାଜପୁର ବ୍ଲକ, ସମୟ: ରାତି ୮ଟା।
- ଦୁର୍ଗାପୂଜା ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଖଣ୍ଡହତା, ବୀରମହାରାଜପୁର ବ୍ଲକ, ସମୟ:ରାତି ୮ ଟା।
- ରାବଣ ଦରବାରର ଦ୍ୱିତୀୟ ରଜନୀ, ସ୍ଥାନ: କର୍ଡାପାଲ, ବୀରମହାରାଜପୁର ବ୍ଲକ, ସମୟ: ରାତି ୮ ଟା।

## ବରଗଡ଼

- ସମଲେଶ୍ୱରୀଙ୍କ ଶାରଦୀୟ ପୂଜନୋତ୍ସବ, ସ୍ଥାନ: ସମଲେଶ୍ୱରୀ ମନ୍ଦିର, ତଳିପଡ଼ା, ବରଗଡ଼, ସମୟ: ସକାଳ ୬ଟା।
- ନବରାତ୍ର ଦୁର୍ଗାପୂଜା, ସ୍ଥାନ: ଗୌରୀ ମଣ୍ଡପ, ନାଏକପଡ଼ା, ବରଗଡ଼, ସମୟ: ସକାଳ ୬ଟା।
- ମା'ବାଟମଙ୍ଗଳାଙ୍କ ଶାରଦୀୟ ଦୁର୍ଗାପୂଜା, ସ୍ଥାନ: ବିଶାଳପାଲି, ଭଟଲି, ସମୟ: ସକାଳ ୬ଟା।
- ଶାରଦୀୟ ନବରାତ୍ର ଦୁର୍ଗାପୂଜା, ସ୍ଥାନ: ସୋହେଲା, ସମୟ: ସକାଳ ୭ଟା।

## ଦେବଗଡ଼

- ଉନ୍ନତମାନର ଫଳ ଉତ୍ପାଦନ ବୃଦ୍ଧି ନିମନ୍ତେ ୬ ଦିନିଆ ତାଲିମ ଶିବିରର ୩ୟ ଦିବସ, ସ୍ଥାନ: କୃଷି ବିଜ୍ଞାନ କେନ୍ଦ୍ର ପରିସର, ସମୟ: ପୂର୍ବାହ୍ନ ୧୧ଟା।
- ମା'କନକ ଦୁର୍ଗା ମନ୍ଦିରରେ ନବରାତ୍ରର ଅଷ୍ଟମୀ ପୂଜା ଆରମ୍ଭ, ସ୍ଥାନ: ମା'କନକ ଦୁର୍ଗା ମନ୍ଦିର, ମଠସାହି, ସମୟ: ପୂର୍ବାହ୍ନ ୧୧ଟା।
- ମା' ଦକ୍ଷିଣକାଳୀ ପୀଠରେ ନବରାତ୍ରର ଅଷ୍ଟମୀ ପୂଜା ଆରମ୍ଭ, ସ୍ଥାନ: ଶନି ମନ୍ଦିର, ଦେବଗଡ ସହର, ସମୟ: ପୂର୍ବାହ୍ନ ୧୧ଟା।
- ବାବୁ ସାହି ଦୁର୍ଗାପୂଜା କମିଟି ପକ୍ଷରୁ ଅଷ୍ଟମୀ ପୂଜା ଆରମ୍ଭ, ସ୍ଥାନ: ବାବୁ ସାହି ପୂଜା ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।
- ଖପର ସାହି ଦୁର୍ଗାପୂଜା କମିଟି ପକ୍ଷରୁ ଅଷ୍ଟମୀ ପୂଜା ଆରମ୍ଭ, ସ୍ଥାନ: ଖପର୍‌ସାହି ପୂଜା ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।
- ଶାସନ ସାହି ଦୁର୍ଗାପୂଜା କମିଟି ପକ୍ଷରୁ ଅଷ୍ଟମୀ ପୂଜା ଆରମ୍ଭ, ସ୍ଥାନ: ଶାସନ ସାହି ପୂଜା ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।
- ସାର୍ବଜନୀନ ଦୁର୍ଗାପୂଜା କମିଟି ପକ୍ଷରୁ ଅଷ୍ଟମୀ ପୂଜା ଆରମ୍ଭ, ସ୍ଥାନ: ଡେଲି ମାର୍କେଟ ପୂଜା ମଣ୍ଡପ, ସମୟ: ପୂର୍ବାହ୍ନ ୧୧ଟା।
- ଅର୍ଣ୍ଣ ପ୍ରସାଦ ବଣ୍ଟନ, ସ୍ଥାନ: କନକ ଦୁର୍ଗା ମନ୍ଦିର, ଦେବଗଡ଼, ସମୟ: ଅପରାହ୍ନ ୧ଟା।
- ଦଶହରା ଖେଳ ପ୍ରତିଯୋଗୀତା, ସ୍ଥାନ: ତଳ ଭିତିରିଆ ସାହି, ଦେବଗଡ଼, ସମୟ: ଅପରାହ୍ନ ୪ଟା।
- ମା' କନକ ଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ମଠସାହି, ମା' କନକ ଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।
- ଶିରିଡ଼ି ସାଇ ମନ୍ଦିର କମିଟି ପକ୍ଷରୁ ଖିରି ଭୋଗ ବଣ୍ଟନ, ସ୍ଥାନ: ଶିରିଡ଼ି ସାଇ ମନ୍ଦିର, ପ୍ରଧାନପାଟ, ସମୟ: ସନ୍ଧ୍ୟା ୭ଟା ୩୦।
- ଭାଇଜିଉନ୍ତିଆ ପୂଜା, ସ୍ଥାନ: ମା' କନକ ଦୁର୍ଗା ମନ୍ଦିର, ମଠସାହି, ସମୟ: ରାତି ୮ଟା।

## ନୂଆପଡ଼ା

- ନବରାତ୍ର ଦୁର୍ଗାପୂଜାରେ ମହାଆଳତି, ସ୍ଥାନ: ଶ୍ରୀରାମ ଛକ ଦୁର୍ଗାମଣ୍ଡପ ନୂଆପଡ଼ା, ସମୟ: ସକାଳ ୭ଟା ଓ ସନ୍ଧ୍ୟା ୭ଟା।
- ଛତିଶଗଡ଼ି ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ନୂଆପଡ଼ା ବ୍ଲକ ସାରାବଙ୍ଗ ପଞ୍ଚାୟତ ଭୈଇଁଷିପାଟ ମନ୍ଦିର ପ୍ରାଙ୍ଗଣ, ସମୟ: ରାତ୍ର ୯ଟା।
- ମହାଆଳତି, ମାତା କାଳରାତ୍ରି ପୂଜା, ସ୍ଥାନ: କୋମନା ବ୍ଲକ ତରବୋଡ଼ ଦୁର୍ଗାମଣ୍ଡପ, ସମୟ: ସକାଳ ୬ଟା ୩୦।
- ନବରାତ୍ର ଦୁର୍ଗାପୂଜା ଉପଲକ୍ଷେ ଦାଣ୍ଡିଆ ନୃତ୍ୟ, ସ୍ଥାନ: ତେଲିପଡ଼ା ଦୁର୍ଗାମଣ୍ଡପ ନୂଆପଡ଼ା, ସମୟ: ସନ୍ଧ୍ୟା ୭ଟା ୩୦।
- ମହାଆଳତି ଓ ଦାଣ୍ଡିଆ ନୃତ୍ୟ, ସ୍ଥାନ: ବଦ୍ରିଧାମ ମଣ୍ଡପ ନୂଆପଡ଼ା, ସମୟ: ରାତି ୯ଟା।
- ଗ୍ରାମ୍ୟ ଦେବଦେବୀଙ୍କ ଯାତ୍ରା, ସ୍ଥାନ: କୋମନା ବ୍ଲକ ଜତଗଡ ଗାଁ, ସମୟ: ଅପରାହ୍ନ ୫ଟା।
- ଦୁର୍ଗାପୂଜା ଉପଲକ୍ଷେ ନାଟକ ଭଉଣୀ ସାଜିଲା ଭାଇର କାଳ, ସ୍ଥାନ: ସିନାପାଲି ବ୍ଲକ ଗଣ୍ଡାବାହାଲି ଗାଁ, ସମୟ: ରାତି ୧୦ଟା।

## ବୌଦ୍ଧ

- ନବଦିନାତ୍ମକ ପୂଜା ଉତ୍ସବର ଅଷ୍ଟମ ଦିବସ, ସ୍ଥାନ: ରାମଲୀଳା ପଡିଆ, ମା' ଦୁର୍ଗାଙ୍କ ମନ୍ଦିର ,ବୌଦ୍ଧ, ସନ୍ଧ୍ୟା ୭ଟା।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email-pkmahapatro@gmail.com

**ମେଷ**
ପାରିବାରିକ ସମସ୍ୟା ସମାଧାନ ସକାଶେ ବନ୍ଧୁ ମାର୍ଗଦର୍ଶକ ସାଜିବେ। ଆବଶ୍ୟକତା ପୂରଣ ସକାଶେ ଧାରକରଜ କରି କାମ ଚଳାଇନେବାକୁ ଚେଷ୍ଟା କରି ପାରନ୍ତି। ଦ୍ୱିଜା ନକ୍ଷତ୍ରର ପରିବହନ, ବ୍ୟବସାୟ ବାଣିଜ୍ୟ କ୍ଷେତ୍ରରେ ସୁଫଳ ପ୍ରାପ୍ତି ହୋଇପାରେ। ବନ୍ଧୁ ଗହଣରେ ସାଧାରଣ ଘଟଣାକୁ ନେଇ ମନସ୍ତାପ କରିବାକୁ ପଡ଼ିପାରେ।

**ବୃଷ**
ପ୍ରତ୍ୟେକ କ୍ଷେତ୍ରରେ ମାପିଚୁପି ନ ଚଳିଲେ କଳହ ଲାଗିପାରେ। କୃତ୍ତିକା ନକ୍ଷତ୍ର ସକାଶେ ଶିଳ୍ପ, ବ୍ୟବସାୟ ଓ ପରିବହନ ପାଇଁ ଅସୁବିଧା ହେବନାହିଁ। କର୍ମକ୍ଷେତ୍ରରେ ମନର ବଳ ଟାଣ ରହିବ ଓ ଅଟକିଥିବା କାମ ଶେଷ କରିପାରିବେ। ପରିବାରରେ ସମସ୍ୟା ଭିତରେ ଗତିକଲେ ମଧ ନିଜକୁ ନିୟନ୍ତ୍ରଣରେ ରଖିବା ପାଇଁ ସମର୍ଥ ହେବେ।

**ମିଥୁନ**
ପାରିବାରିକ ସମସ୍ୟା ଥିଲେ ମଧ କାମଗୁଡ଼ିକୁ ସଫଳତାର ସହ ସମ୍ପନ୍ନ କରିବେ। ଗୋଳମାଳିଆ ପରିସ୍ଥିତିରେ ମଧ୍ୟସ୍ଥତା କରିଥିବାରୁ ଅନ୍ୟକୁ କୈଫିୟତ୍ ଦେବାକୁ ପଡ଼ିପାରେ। ପୁନର୍ବସୁ ନକ୍ଷତ୍ର ସମ୍ପର୍କୀୟଙ୍କ ସହ ମିତ୍ରତା ବନ୍ଧନରେ ଆବଦ୍ଧ ହେବେ। ମନ ଅସ୍ଥିର ରହିବା କାରଣରୁ କାମଗୁଡ଼ିକ ସମ୍ପନ୍ନ ହେବା କଷ୍ଟକର ହୋଇପାରେ।

**କର୍କଟ**
ପରୋକ୍ଷ ଶତ୍ରୁତା କାରଣରୁ କର୍ମକ୍ଷେତ୍ରରେ ସମାଲୋଚନାର ପାତ୍ର ହୋଇପାରନ୍ତି। ଅଶ୍ଳେଷା ନକ୍ଷତ୍ର ମିଥ୍ୟା ଅଭିଯୋଗ ସକାଶେ ଅନ୍ୟ ଉପରେ ବିରକ୍ତ ହୋଇପାରନ୍ତି। ଭୁଲ୍ ବୁଝାମଣାରୁ ପାରିବାରିକ କଳହକୁ କେନ୍ଦ୍ରକରି ଭାବପ୍ରବଣ ହୋଇପାରନ୍ତି। ବ୍ୟବସାୟ କିମ୍ବା ପରିବହନରେ ଲାଭ ହେବା ବଦଳରେ କ୍ଷତିରେ ହିଁ ପଡ଼ିବେ।

**ସିଂହ**
କର୍ମକ୍ଷେତ୍ରରେ ରହିଥିବା ବ୍ୟତିକ୍ରମ ବିଷୟ ଚିନ୍ତାକରି ବିଚଳିତ ହେବେ। ପୂର୍ବାଫାଲ୍‌ଗୁନୀ ନକ୍ଷତ୍ର ରୋଗ, ଋଣ ଓ ପରୋକ୍ଷ ଶତ୍ରୁତା ଯୋଗୁ ବ୍ୟସ୍ତ ରହିବେ। ଆତ୍ମୀୟମାନଙ୍କ ସହ ଭୁଲ୍ ବୁଝାମଣା ହେତୁ ସମସ୍ୟା ବଢ଼ିପାରେ। ଆଜି କୌଣସି ଖୁସି ଖବର ପାଇବାର ଆଶା ରହିଛି। ଏହା ସାଙ୍ଗକୁ ସନ୍ତାନଙ୍କ କୃତିତ୍ୱ ପାଇଁ ଗର୍ବ କରିବେ।

**କନ୍ୟା**
ଉତ୍ତରାଫାଲ୍‌ଗୁନୀ ନକ୍ଷତ୍ର ଆଜି କୌଣସି ସମସ୍ୟା ବିଚଳିତ କରିପାରିବ ନାହିଁ। ସଭାସମିତିରେ ସମସ୍ୟା ସମାଧାନର ରାସ୍ତା ଖୋଜି ବାହାର କରିବାରେ ସମର୍ଥ ହେବେ। ବନ୍ଧୁଙ୍କ ସହ ଆଲୋଚନା କରିବାର ସୁଯୋଗ ଲାଭକରି ଆଶ୍ୱସ୍ତି ଲାଭ କରିବେ। କର୍ମକ୍ଷେତ୍ରରୁ ଆସିବା ବେଳକୁ ନିଜ ମନପସନ୍ଦର ଜିନିଷ କିଣିବାରେ ସମର୍ଥ ହେବେ।

**ତୁଳା**
ପରିବାରରେ ସୁଖଶାନ୍ତି ଫେରାଇ ଆଣିବାର ପ୍ରଯତ୍ନ କରି ସଫଳ ହେବେ। ସ୍ୱାତୀ ନକ୍ଷତ୍ରର ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଓ ପରିବହନରେ ସଫଳତା ମିଳିବ। ବନ୍ଧୁଙ୍କ ପୂର୍ବପରି ଆଦର, ଶ୍ରଦ୍ଧା ଓ ଅନୁରାଗର ମନୋଭାବ ନ ଥିବା ଅନୁଭବ କରିପାରନ୍ତି। ରଚନାତ୍ମକ କାମ, ସାହିତ୍ୟ ଓ ସାମ୍ବାଦିକତା କ୍ଷେତ୍ରରେ ଏବଂ ଚୁକ୍ତିପତ୍ର କରିବାରେ ସଫଳ ହେବେ।

**ବିଛା**
ଗତକାଲିଠାରୁ ଯେଉଁ ବିଷୟ ଲାଗି ଚିନ୍ତିତ ରହିଛନ୍ତି ସେଥିରେ କିଛି ଅସୁବିଧା ହେବନି। ଅନୁରାଧା ନକ୍ଷତ୍ର କର୍ମକ୍ଷେତ୍ରରେ ସାହସିକତା ପ୍ରଦର୍ଶନକରି ପ୍ରଶଂସିତ ହେବେ। ସାମ୍ବାଦିକତା, ପ୍ରଶାସନ, ରାଜନୀତି, ସାହିତ୍ୟ ଓ ସଙ୍ଗୀତରେ ସୁନାମ ଅର୍ଜନ କରିବେ। ସରକାରୀ କାମ ଓ ପଦସ୍ଥ ବ୍ୟକ୍ତିବିଶେଷଙ୍କ ଦେଖାସାକ୍ଷାତ୍‌ରୁ ଉପକୃତ ହେବେ।

**ଧନୁ**
ଅନ୍ୟମନସ୍କତା ଓ ଭାବପ୍ରବଣତା ଯୋଗୁ ମନୋବଳ ହ୍ରାସ ପାଇବ। ବ୍ୟବସାୟ ଓ ପରିବହନ କ୍ଷେତ୍ର, ଆଲୋଚନା ପରିସର ଏବଂ ଆଇନ ଅଦାଲତରେ ସ୍ଥଗିତ କାମ ପୂରା କରିବେ। ମୂଳା ନକ୍ଷତ୍ର ଶୁଣାକଥାକୁ ବିଶ୍ୱାସ କଲେ ଅସୁବିଧାରେ ପଡ଼ିବେ। ଦୀର୍ଘଦିନର ବକେୟା ଅର୍ଥ ଆଦାୟରେ ବନ୍ଧୁ ସାହାଯ୍ୟ କରିବାକୁ ଆଗେଇ ଆସିପାରନ୍ତି।

**ମକର**
ଯେତେ ଚେଷ୍ଟାକଲେ ମଧ ସବୁ କାମ ବିଳମ୍ବରେ ସମ୍ପନ୍ନ ହେବ। କୌଣସି ନୂତନ କାର୍ଯ୍ୟରେ ହାତ ଦେବାକୁ ସ୍ଥିରକରି ଅସୁବିଧାର ସମ୍ମୁଖୀନ ହେବେ। କଥା ଦେଇଥିବା ବନ୍ଧୁ ଠିକ୍ ସମୟରେ ନ ଫେରିବା କାରଣରୁ ପ୍ରତୀକ୍ଷାଜନିତ ଯନ୍ତ୍ରଣା ତୀବ୍ର ହେବ। ଧନିଷ୍ଠା ନକ୍ଷତ୍ରର କୌଣସି ମୂଲ୍ୟବାନ୍ ଜିନିଷ ପାଇଁ ବନ୍ଧୁଙ୍କ ସହ ତର୍କ ଓ ବିବାଦ ବଢ଼ିପାରେ।

**କୁମ୍ଭ**
ପଡ଼ୋଶୀ କିମ୍ବା ସହକର୍ମୀଙ୍କ ଆଭ୍ୟନ୍ତରୀଣ ବ୍ୟାପାରରେ ମୁଣ୍ଡ ପୂରାନ୍ତୁ ନାହିଁ। ଚେଷ୍ଟା କରୁଥିବା କାମ, ଆନୁଷ୍ଠାନିକ କାର୍ଯ୍ୟ, କଚେରି ମାମଲା, ଜମିଜମା ବିବାଦରେ ଉପକୃତ ହେବେ। ଅର୍ଥନୈତିକ ଅଭିବୃଦ୍ଧି, ବନ୍ଧୁମିଳନ, ଭ୍ରମଣ ଓ ବସ୍ତ୍ରଭୂଷଣ ଲାଭରୁ ଖୁସି ହେବେ। ଶତଭିଷା ନକ୍ଷତ୍ରର ଭ୍ରାତୃ ସମ୍ପର୍କ ବ୍ୟାହତ ହୋଇପାରେ।

**ମୀନ**
ପରିବାର ମଧ୍ୟରେ ବିଭିନ୍ନ ସମସ୍ୟାର ସାମ୍ନା କରି ନ ପାରି ବିବ୍ରତ ହେବେ। ସହକର୍ମୀଙ୍କ ସହାନୁଭୂତି ଯୋଗୁ କାମଗୁଡ଼ିକ ସମ୍ପନ୍ନ କରିବାରେ ବିଶେଷ ଅସୁବିଧା ହେବନାହିଁ। ପାରସ୍ପରିକ ଭୁଲ୍ ବୁଝାମଣାରୁ ଅତି ଭଲ ସମ୍ପର୍କ ରହିଥିବା ବନ୍ଧୁଙ୍କ ନିକଟରୁ ଅନାଦର ପାଇପାରନ୍ତି। ରେବତୀ ନକ୍ଷତ୍ର ଆକସ୍ମିକ ଭାବରେ ବିଶିଷ୍ଟ ବ୍ୟକ୍ତିଙ୍କ ସଙ୍ଗଲାଭର ସୁଯୋଗ ଜୁଟିଯାଇପାରେ।

ଆଜି ଅକ୍ଟୋବର ୧୦ ତାରିଖ, ବିଶ୍ୱ ମାନସିକ ସ୍ୱାସ୍ଥ୍ୟ ଦିବସ, ଚରଖା ଦିବସ, ରାଷ୍ଟ୍ରୀୟ ଡାକ ଦିବସ, ଆଶ୍ୱିନ ଶୁକ୍ଳ ସପ୍ତମୀଯୁକ୍ତ ଅଷ୍ଟମୀ, ଗୁରୁବାର, ମହାଷ୍ଟମୀ ପୂଜା, ଶ୍ରୀମନ୍ଦିରରେ ମହାଷ୍ଟମୀ, ଭାଇ ଜିଉନ୍ତିଆ, ରାଶି ନକ୍ଷତ୍ର–ପୂର୍ବାଷାଢ଼ା/ଧନୁ, ସପ୍ତମୀର ଏକୋଦ୍ଦିଷ୍ଟ ଓ ଅଷ୍ଟମୀର ପାର୍ବଣ ଶ୍ରାଦ୍ଧ, ଦିବା ଘ.୦୫।୪୩ମି. ଗତେ ଘ.୦୭।୧୬ମି. ମଧ୍ୟେ ଶୁଦ୍ଧ ଶୁଭବେଳା। ଦିବା ଘ.୦୧।୦୧ମି. ଗତେ ଘ.୦୨।୨୮ମି. ମଧ୍ୟେ ରାହୁକାଳ ॥

# ପ୍ରଥମ ପୃଷ୍ଠାରୁ...

## ମହିଳାଙ୍କୁ ଋଣ ନାଁରେ ...

ବିକାଶ ପାଇଁ ୭୫,୬୨୨କୋଟି ଟଙ୍କା ବଜେଟରେ ଉପସ୍ଥାପନ କରାଯାଇଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ନେତୃତ୍ୱରେ ଦେଶରେ ୧କୋଟିରୁ ଅଧିକ ଏବଂ ଓଡ଼ିଶାରେ ୨୫ଲକ୍ଷରୁ ଅଧିକ ଲକ୍ଷପତି ଦିଦି ସୃଷ୍ଟି କରିବାର ଯୋଜନା ଚାଲୁ ରହିଛି ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ଏହି ଅବସରରେ 'ସୁଭଦ୍ରା' ଯୋଜନାରେ ପ୍ରଥମ ଆବେଦନ କରିଥିବା ମହିଳା ଓ ୧ କୋଟି ସଂଖ୍ୟାରେ ପହଞ୍ଚିଥିବା ମହିଳାଙ୍କୁ ମଞ୍ଚରେ ପୁରସ୍କୃତ କରାଯାଇଛି।

ଡବଲ ଇଞ୍ଜିନ ସରକାରରେ ବିକଶିତ ନୂଆ ମୟୂରଭଞ୍ଜ ଗଠନ ହେବ ବୋଲି ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି। ଜିଲାରେ ଭରପୂର ଥିବା ଖଣିଜ ସମ୍ପଦରୁ ଆସୁଥିବା ସିଏସ୍‌ଆର୍ ଅର୍ଥକୁ ନେଇ ଜିଲାର ବିକାଶ କ୍ଷେତ୍ରରେ ବିନିଯୋଗ କରାଯିବ। ଜିଲାକୁ ସ୍ୱତନ୍ତ୍ର ଯୋଜନାରେ ସାମିଲ କରି ପ୍ରାଧାନ୍ୟ ଦିଆଯିବ। ଉତ୍ତର ଓଡ଼ିଶା ବିକାଶ ପରିଷଦ ଗଠନ କରାଯିବା ସହ ମନ୍ତ୍ରୀ ଡା. କୃଷ୍ଣଚନ୍ଦ୍ର ମହାପାତ୍ରଙ୍କୁ ଏହାର ଦାୟିତ୍ୱ ଦିଆଯାଇଛି ବୋଲି ମୁଖ୍ୟମନ୍ତ୍ରୀ ପ୍ରକାଶ କରିଛନ୍ତି। ମୟୂରଭଞ୍ଜ ଜିଲା ସହିତ ମୋର ସମ୍ପର୍କ ରହିଛି। ଗୋଟିଏ ପଟେ ସେ ଏହି ଜିଲାର ଜ୍ୱାଇଁ ପୁଅ ଏବଂ ଅନ୍ୟପକ୍ଷରେ ରାଜ୍ୟର ମୁଖ୍ୟମନ୍ତ୍ରୀ। ତାଙ୍କ ଦାୟିତ୍ୱ ଓ କର୍ତ୍ତବ୍ୟକୁ ନେଇ ନୂଆ ମୟୂରଭଞ୍ଜ ଗଠନ କରାଯିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ବୁଢ଼ାବଳଙ୍ଗ ନଦୀରେ ଆଡ଼ିବନ୍ଧ, ସୁବର୍ଣ୍ଣରେଖା ଜଳସେଚନ ପ୍ରକଳ୍ପକୁ ପୂର୍ଣ୍ଣାଙ୍ଗ କରିବା, ଶିମିଳିପାଳର ବିକାଶ, କଳାବାଘ ସଫାରି ନିର୍ମାଣରେ ସ୍ୱତନ୍ତ୍ରତା, ଛଉ ନୃତ୍ୟର ବିକାଶ, ସାନ୍ତାଳୀ ଭାଷାକୁ ସମ୍ବିଧାନର ଅଷ୍ଟମ ସୂଚୀରେ ସାମିଲ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ପ୍ରତିଶ୍ରୁତି ଦେଇଛନ୍ତି।

ଅନ୍ୟମାନଙ୍କ ମଧ୍ୟରେ ଉପ ମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା, ଗୃହ ଓ ନଗର ଉନ୍ନୟନ ମନ୍ତ୍ରୀ ଡା.କୃଷ୍ଣଚନ୍ଦ୍ର ମହାପାତ୍ର, ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ,ସରକାରୀ ଦଳ ଉପମୁଖ୍ୟ ସଚେତକ ଗୋବିନ୍ଦ ଚନ୍ଦ୍ର ଦାସ, ମୟୂରଭଞ୍ଜ ଏମ୍‌ପି ନବ ଚରଣ ମାଝୀ, ବାଲେଶ୍ୱର ଏମ୍‌ପି ପ୍ରତାପ ଚନ୍ଦ୍ର ଷଡଙ୍ଗୀ, ରାଜ୍ୟ ସଭା ସଦସ୍ୟା ମମତା ମହାନ୍ତ, ଉଦଳା ବିଧାୟକ ଭାସ୍କର ମଢ଼େଇ, ସାରସକଣା ବିଧାୟକ ଭାଦବ ହାଁସଦା, ରାଇରଙ୍ଗପୁର ବିଧାୟକ ଜଲେନ ନାଏକ ଓ କରଞ୍ଜିଆ ବିଧାୟକ ପଦ୍ମ ଚରଣ ହାଇବ୍ରୁ, ବାରିପଦା ବିଧାୟକ ପ୍ରକାଶ ସୋରେନ, ବଡ଼ସାହି ବିଧାୟକ ସନାତନ ବିଜୁଳି, ମହିଳା ଓ ଶିଶୁ ବିକାଶ ବିଭାଗ ସଚିବ ଶୁଭା ଶର୍ମା ଓ ଆର୍‌ଡିସି ପ୍ରମୁଖ ଉପସ୍ଥିତ ଥିଲେ। ଜିଲାପାଳ ହେମକାନ୍ତ ସାଏ ଧନ୍ୟବାଦ ଦେଇଥିଲେ।

## ୩ ରସାୟନ ବିଜ୍ଞାନୀଙ୍କୁ ...

ପୂର୍ବାନୁମାନ ପାଇଁ ମନୋନୀତ କରାଯାଇଛି। ରସାୟନ ବିଜ୍ଞାନ ପାଇଁ ନୋବେଲ କମିଟିର ଅଧ୍ୟକ୍ଷ ହେନର ଲିଙ୍କେ କହିଛନ୍ତି, ଚଳିତ ବର୍ଷ ନୋବେଲ କମିଟି ଦ୍ୱାରା କରାଯାଇଥିବା ସ୍ୱୀକୃତି ପ୍ରାପ୍ତ ଆବିଷ୍କାର ମଧ୍ୟରୁ ଗୋଟିଏ ଉଜ୍ଜ୍ୱଳ ପ୍ରୋଟିନ୍ ସୃଷ୍ଟି ସହ ଜଡ଼ିତ ହୋଇଥିବାବେଳେ ଅନ୍ୟଟି ଆମିନୋ ଏସିଡ୍ କ୍ରମରୁ ପ୍ରୋଟିନ ଗଠନଗୁଡ଼ିକର ପୂର୍ବାନୁମାନ ସହ ସମ୍ବନ୍ଧିତ। ଏହି ୨ଟି ଆବିଷ୍କାର ରସାୟନ ବିଜ୍ଞାନ କ୍ଷେତ୍ରରେ ଅପାର ସମ୍ଭାବନାକୁ ଖୋଲିଦେଇଥିବା ସେ କହିଛନ୍ତି। ୨୦୦୩ରେ ବେକର ସଫଳତାର ସହ ଏକ ନୂତନ ପ୍ରୋଟିନ ପ୍ରସ୍ତୁତ କରିଥିଲେ। ସେବେଠାରୁ ସେ ଓ ତାଙ୍କର ସହଯୋଗୀ ବୈଜ୍ଞାନିକମାନେ ଅନେକ ଅଭିନବ ପ୍ରୋଟିନ ସୃଷ୍ଟି କରିଛନ୍ତି, ଯାହା ଫାର୍ମାସ୍ୟୁଟିକଲ, ଭ୍ୟାକ୍ସିନ,ନାନୋ ମାଟେରିଆଲ ଓ ସେନ୍ସର ଆଦିରେ ବ୍ୟବହୃତ ହୋଇପାରିବ। ସେହିପରି ୨୦୨୦ରେ ଗୁଗଲର ଡିପ୍‌ମାଇଣ୍ଡ ପ୍ରୋଜେକ୍ଟ ଅଧୀନରେ ହସାବିସ୍ ଓ ଜମ୍ପର 'ଆଲ୍‌ଫାଫୋଲ୍ଡ ୨' ନାମକ ଏକ ଏଆଇ ମଡେଲ ବିକଶିତ କରିଥିଲେ। ଏହାଦ୍ୱାରା ୨୦ କୋଟି ପ୍ରୋଟିନ ଗଠନର ପୂର୍ବାନୁମାନ କରିବାକୁ ହସାବିସ୍ ଓ ଜମ୍ପର ସକ୍ଷମ ହୋଇପାରିଥିଲେ। ରୟାଲ ସ୍ୱିଡିଶ୍ ଏକାଡେମୀ ଅଫ୍ ସାଇନ୍ସ ପକ୍ଷରୁ କୁହାଯାଇଛି, ପ୍ରୋଟିନ ବିନା ଜୀବନ ସମ୍ଭବ ନୁହେଁ। ସମ୍ପ୍ରତି ପ୍ରୋଟିନ ଗଠନ ବିଷୟରେ ପୂର୍ବାନୁମାନ ହୋଇପାରିବ। ସେହିପରି ଏବେ ମଣିଷ ନିଜସ୍ୱ ପ୍ରୋଟିନ ମଧ ଡିଜାଇନ୍ କରିପାରିବ, ଯାହା ମାନବଜାତି ପାଇଁ ସବୁଠାରୁ ଲାଭଦାୟକ ସଦୃଶ ହେବ।

## ପ୍ରଥମ କ୍ୟାବିନେଟ୍‌ରେ ...

କରିଥିଲେ। ଏପରି କି ଇଣ୍ଡିଆ ବ୍ଲକ୍ ଆଗାମୀ ଦିନରେ ଜମ୍ମୁ–କଶ୍ମୀରକୁ ରାଜ୍ୟ ମାନ୍ୟତା ଫେରସ୍ତ ଦାବିରେ ସଡ଼କରୁ ସଂସଦ ପର୍ଯ୍ୟନ୍ତ ଆନ୍ଦୋଳନ କରିବ ବୋଲି ରାହୁଲ ନିର୍ବାଚନ ପ୍ରଚାର ବେଳେ କହିଥିଲେ। ସେପ୍ଟେମ୍ବର ୧୮ରୁ ଅକ୍ଟୋବର ୧ ମଧ୍ୟରେ ୩ ପର୍ଯ୍ୟାୟରେ ଅନୁଷ୍ଠିତ ବିଧାନସଭା ନିର୍ବାଚନ ଫଳ ଏନ୍‌ସି–କଂଗ୍ରେସ ମେଣ୍ଟ ସପକ୍ଷରେ ଯାଇଛି। କଶ୍ମୀରବାସୀ ଫାରୁକ୍ ଅବ୍‌ଦୁଲ୍ଲାଙ୍କ ଏନ୍‌ସିକୁ ୪୨ ଓ ସହଯୋଗୀ କଂଗ୍ରେସକୁ ୬ ଆସନରେ ବିଜୟୀ କରାଇଛନ୍ତି। ଏଥିସହ ତାଙ୍କ ପୁଅ ତଥା ଏନ୍‌ସି ଉପାଧ୍ୟକ୍ଷ ଓମାର ମୁଖ୍ୟମନ୍ତ୍ରୀ ଭାବେ ଶପଥ ନେବାକୁ ଯାଉଛନ୍ତି। ଏ ନେଇ ଓମାର ବୁଧବାର ଶ୍ରୀନଗରରେ ଖବରଦାତାମାନଙ୍କୁ କହିଛନ୍ତି, ଜମ୍ମୁ–କଶ୍ମୀରରେ ସରକାର 'ଦିଲ୍ଲୀ ଅବସ୍ଥା' ନ ଭୋଗି ସୁରୁଖୁରୁରେ ଚାଲିବ ବୋଲି ସେ ଆଶାବାଦୀ। ସରକାର ଗଠନ ହେବା ମାତ୍ରେ ପ୍ରଥମ କ୍ୟାବିନେଟ୍ ବୈଠକରେ ୩୭୦ ପୁନଃ ଅବସ୍ଥାପନ ଏବଂ ରାଜ୍ୟ ମାନ୍ୟତା ଫେରସ୍ତ ନେଇ ସଂକଳ୍ପନାମା ପାରିତ କରାଯିବ। ଏହା ପରେ ଜମ୍ମୁ–କଶ୍ମୀର ସରକାର ଏହି ପ୍ରସଙ୍ଗ ନେଇ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ପାଖକୁ ଯିବେ। କେନ୍ଦ୍ର ସହ ଜମ୍ମୁ–କଶ୍ମୀର ସରକାରଙ୍କ ସମ୍ଭାବ୍ୟ ମୁହାଁମୁହିଁ ସ୍ଥିତି ନେଇ ପ୍ରଶ୍ନ କରାଯିବାରୁ ଓମାର କହିଥିଲେ, ନୂଆଦିଲ୍ଲୀ ସହ ବିବାଦ କରି କିଛି ହାସଲ କରାଯାଇପାରିବ ନାହିଁ। ପ୍ରଥମେ ସରକାର ଗଠନ ହେଉ। କେନ୍ଦ୍ର ସହ ସୌହାର୍ଦ୍ଦ୍ୟପୂର୍ଣ୍ଣ ସମ୍ପର୍କ ରହିବ। ଏଥିରୁ ଜମ୍ମୁ–କଶ୍ମୀରବାସୀ ଲାଭାନ୍ୱିତ ହେବେ। ଲୋକେ ଆମକୁ ମୁହାଁମୁହିଁ ହେବା ପାଇଁ ନୁହେଁ, ବରଂ ବିକାଶ, ନିଯୁକ୍ତି ଓ ସ୍ୱତନ୍ତ୍ର ରାଜ୍ୟ ମାନ୍ୟତା ଫେରିପାଇବା ସକାଶେ ଭୋଟ ଦେଇଛନ୍ତି।

ଓମାର ଆହୁରି କହିଛନ୍ତି, ସରକାର ଗଠନ ପ୍ରକ୍ରିୟା ଆରମ୍ଭ କରିବା ପାଇଁ ଗୁରୁବାର ଏନ୍‌ସି ବିଧାୟକ ଦଳ ବୈଠକ ଡକାଯାଇଛି। ଉକ୍ତ ବୈଠକରେ ଏନ୍‌ସି ଅଧ୍ୟକ୍ଷ ଫାରୁକ୍ ଅବ୍‌ଦୁଲ୍ଲା ଅଧ୍ୟକ୍ଷତା କରିବେ। ଏହା ପରେ ସହଯୋଗୀ ଦଳଗୁଡ଼ିକୁ ଡକାଯିବ ଏବଂ ମେଣ୍ଟର ନେତା ନିର୍ବାଚନ କରାଯିବ। ଆମେ ରାଜଭବନ ଯାଇ ସରକାର ଗଠନ ପାଇଁ ଦାବି ଜଣାଇବୁ। ଖୁବ୍‌ଶୀଘ୍ର ସରକାର ଶପଥ ନେବେ। ତେବେ ମେହବୁବା ମୁଫ୍‌ତିଙ୍କ ପିପୁଲ୍ସ ଡେମୋକ୍ରାଟିକ୍ ପାର୍ଟି (ପିଡିପି)କୁ ମେଣ୍ଟ ସରକାରରେ ସାମିଲ କରାଯିବ କି ବୋଲି ଖବରଦାତାମାନେ ପ୍ରଶ୍ନ କରିବାରୁ ଓମାର କହିଥିଲେ, ଏ ଯାଏ ସେନେଇ କିଛି ଆଲୋଚନା ହୋଇନାହିଁ। ପିଡିପି ମଧ ଆମକୁ ଏ ସମ୍ପର୍କରେ ଅନୁରୋଧ କରିନାହିଁ ବୋଲି ଓମାର କହିଛନ୍ତି।

## ୨୦୨୮ ଯାଏ ...

ପର୍ଯ୍ୟନ୍ତ ବୃଦ୍ଧି କରାଯାଇଛି। ୭୫ତମ ସ୍ୱାଧୀନତା ଦିବସରେ ପ୍ରଧାନମନ୍ତ୍ରୀ ନିଜ ଅଭିଭାଷଣରେ ଦେଶର ପୋଷଣ ସୁରକ୍ଷା ଉପରେ ଗୁରୁତ୍ୱ ଦେଇଥିଲେ। ସବୁ ରାଜ୍ୟ ଓ କେନ୍ଦ୍ରଶାସିତ ଅଞ୍ଚଳରେ ଟାର୍ଗେଟେଡ୍ ପବ୍ଲିକ୍ ଡିଷ୍ଟ୍ରିବ୍ୟୁଶନ୍ ସିଷ୍ଟମ୍ (ଟିପିଡିଏସ୍), ସମନ୍ୱିତ ଶିଶୁ ବିକାଶ ସେବା (ଆଇସିଡିଏସ୍), ପିଏମ୍ ପୋଷଣ ଯୋଜନାରେ ସମ୍ପୂର୍ଣ୍ଣ ଭାବେ କେନ୍ଦ୍ର ସରକାରଙ୍କ ପାଣ୍ଠିରେ ପୋଷଣଯୁକ୍ତ ଚାଉଳ ଯୋଗାଇ ଦେବା ପାଇଁ ନିଷ୍ପତ୍ତି ହୋଇଛି। ଦେଶର ୬୫% ଲୋକ ଚାଉଳକୁ ମୁଖ୍ୟ ଖାଦ୍ୟ ରୂପେ ବ୍ୟବହାର କରୁଥିବାରୁ ୨୦୨୨ ଏପ୍ରିଲରେ ଅର୍ଥ ସମ୍ପର୍କିତ କ୍ୟାବିନେଟ କମିଟି (ସିସିଇଏ) ପର୍ଯ୍ୟାୟକ୍ରମେ ୨୦୨୪ ମାର୍ଚ୍ଚ ପର୍ଯ୍ୟନ୍ତ ପୋଷଣଯୁକ୍ତ ଚାଉଳ ଯୋଗାଣ ପାଇଁ ନିଷ୍ପତ୍ତି ନେଇଥିଲେ।

## ଲୁଟ୍ ହାତୀଦାନ୍ତର ପତ୍ତା ମିଳିନି

### ମୃତ ହାତୀର ବ୍ୟବଚ୍ଛେଦ ସରିଲା

ବଲାଙ୍ଗୀର,୯।୧୦ (ବୀରେନ୍ଦ୍ର କୁମାର ଝାଙ୍କର)

ବଲାଙ୍ଗୀର ରେଞ୍ଜ ଅନ୍ତର୍ଗତ ଅସୁରଡୁଙ୍ଗୁରି ଗାଁ ନିକଟ ମଠଖାଇ ଜଙ୍ଗଲ ପାଦଦେଶରେ ମଙ୍ଗଳବାର ଏକ ଦନ୍ତାହାତୀକୁ ଶିକାରୀମାନେ ହତ୍ୟା କରି ଗୋଟିଏ ଦାନ୍ତ କାଟି ନେଇଥିଲେ। ବୁଧବାର ମୃତ ହାତୀର ବ୍ୟବଚ୍ଛେଦ କରାଯାଇଛି। ଭୁବନେଶ୍ୱରରୁ ଆସିଥିବା ଜଏଣ୍ଟ ଟାସ୍କଫୋର୍ସ ହାତୀ ମୃତ୍ୟୁର କାରଣ ଏବଂ ଦାନ୍ତ ଚୋରି ଉପରେ ତଦନ୍ତ କରୁଛି । ଅପରପକ୍ଷରେ ବଲାଙ୍ଗୀର ପ୍ରାଣୀଧନ ଚିକିତ୍ସା ଟିମ୍ ହାତୀ ମୃତଦେହ ବ୍ୟବଚ୍ଛେଦ କରିଥିବା ସୂଚନା ମିଳିଛି। ବ୍ୟବଚ୍ଛେଦ ପରେ ମୃତ ହାତୀଦେହରୁ ଡାହାଣ ପାଖ ଦାନ୍ତ ଏବଂ ଲୁଟେରାମାନେ ନେଇଯାଇଥିବା ଦାନ୍ତର ଅର୍ଦ୍ଧେକ ଅଂଶକୁ କଢ଼ାଯାଇ ସଂରକ୍ଷିତ ରଖାଯାଇଥିବା ଜଣାପଡିଛି। ତେବେ ଲୁଟ୍ ହାତୀ ଦାନ୍ତର ଏଯାଏଁ ପତ୍ତା ମିଳିନି। ବଲାଙ୍ଗୀର ଡିଏଫ୍‌ଓ ସୁଦର୍ଶନ ବେହେରାଙ୍କୁ ପଚରାଯିବାରେ କେବଳ ମୃତହାତୀର ବ୍ୟବଚ୍ଛେଦ ସରିଥିବା ସୂଚନା ଦେଇଛନ୍ତି। କାହା ଅବହେଳା ଯୋଗୁ ବଲାଙ୍ଗୀର ସଦର ମହକୁମାଠାରୁ ମାତ୍ର ୭–୮ କିଲୋମିଟର ଦୂର ଜଙ୍ଗଲରୁ ଶିକାରୀମାନେ ହାତୀକୁ ମାରି ଦାନ୍ତ କାଟି ନେବାକୁ ସକ୍ଷମ ହେଲେ ସେନେଇ ବନବିଭାଗ ମୁହଁ ଖୋଲୁନାହିଁ। ହାତୀଦାନ୍ତ ଲୁଟ୍ ପାଇଁ ଲୁଟେରାମାନେ ଉକ୍ତ ଦନ୍ତାହାତୀକୁ ଯୋଜନାବଦ୍ଧ ଭାବେ ଗୋଠଛଡା କରିଥିବା ମଧ ଆଲୋଚନାର ବିଷୟ ହୋଇଛି।




# ଗାଧୋଇବା ବେଳେ ବୁଡ଼ିଯାଇ ୨ ଭଉଣୀଙ୍କ ମୃତ୍ୟୁ

**ବାହାନଗା, ୯।୧୦(ଅରୂପ୍ କୁମାର ଦାସ)**

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଖରାସାହାପୁର ଗ୍ରାମରେ ବୁଧବାର ଏକ ଦୁଃଖଦ ଘଟଣା ଘଟିଛି। ଗାଧୋଉଥିବା ବେଳେ ଏକାବେଳେ ଦୁଇଭଉଣୀଙ୍କ ମୃତ୍ୟୁ ହେବା ସ୍ଥାନୀୟ ଅଞ୍ଚଳରେ ଆଲୋଡନ ସୃଷ୍ଟି କରିଛି।

ଏହି ଗ୍ରାମର ମାନସ ବେହେରାଙ୍କ ଦୁଇ ଝିଅ ରାଜଲକ୍ଷ୍ମୀ ଓ ଭାଗ୍ୟଲକ୍ଷ୍ମୀ ପୋଖରୀକୁ ଗାଧୋଇବାକୁ ଆସିଥିଲେ। ସେହି ସମୟରେ ପୋଖରୀ ପାଖରେ କେହି ନ ଥିଲେ। ଗାଧୋଇବା ବେଳେ ଦୁଇଭଉଣୀଙ୍କ ଗୋଡ଼ ଖସିଯାଇଥିବା ଅନୁମାନ କରାଯାଉଛି। ଫଳରେ ସେମାନେ ବୁଡ଼ିଯାଇଥିଲେ। ପ୍ରତ୍ୟେକ ଦିନ ଦୁଇଭଉଣୀ ନଳକୂପ ପାଖରେ ଗାଧୋଉଥିବା ବେଳେ ବୁଧବାର ନିକଟସ୍ଥ ହାଟପୋଖରୀକୁ ସେମାନେ ଗାଧୋଇବାକୁ ଆସିଥିଲେ। ଦୀର୍ଘ ସମୟ ପର୍ଯ୍ୟନ୍ତ ଝିଅମାନେ ଘରକୁ ନ ଫେରିବାରୁ ପରିବାର ଲୋକେ ନଳକୂପ ପାଖକୁ ଯାଇ ଚାରିଆଡେ ଖୋଜାଖୋଜି କରିଥିଲେ। ମାତ୍ର ଗ୍ରାମର ଜଣେ ଯୁବକ ପୋଖରୀ ତୁଠରେ ଦୁଇ ହଳ ଜୋତା ପଡିଥିବା କହିବା ପରେ ସେ ଦୁଇଟି ଜୋତା ଚିହ୍ନଟ କରାଯାଇ ପାଣି ଭିତରେ ଖୋଜାଯାଇଥିଲା। ଦୁଇ ଝିଅଙ୍କୁ ମୃତ ଅବସ୍ଥାରେ ଉଦ୍ଧାର କରାଯାଇଥିଲା। ପୋଖରୀରୁ ଉଦ୍ଧାର କରାଯାଇ ଦୁଇ ଝିଅଙ୍କୁ ସୋର ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ରାଜଲକ୍ଷ୍ମୀ ଦଶମ ଶ୍ରେଣୀରେ ପାଠ ପଢୁଥିବା ବେଳେ ଭାଗ୍ୟଲକ୍ଷ୍ମୀ ୮ମରେ ପାଠ ପଢନ୍ତି। ମାନସ ବାହାରେ ରହି କାମ କରନ୍ତି। ଘରେ କେବଳ ଦୁଇ ଝିଅ ମା'ଙ୍କ ରହିଥିଲେ। ସୋର ପୋଲିସ ମୃତଦେହ ଜବତ କରିବା ସହିତ ବ୍ୟବଚ୍ଛେଦ ପାଇଁ ପଠାଇଛି। ଏନେଇ ସୋର ଥାନାରେ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି।

# ବିଚାରାଧୀନ ବନ୍ଦୀଙ୍କ ମୃତ୍ୟୁ

**ବରଗଡ଼,୯।୧୦ (ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲା ଉପକାରାଗାରରେ ବୁଧବାର ଜଣେ ବିଚାରାଧୀନ ବନ୍ଦୀଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଅମ୍ଭାଭୋନା ଥାନା ପ୍ରକାଶପୁର ଗ୍ରାମର ମନୋଜ ପାଇକ(୨୬)। ମନୋଜ ଗତ ୬ତାରିଖରେ ଚୋରାମଦ କାରବାରରେ ଗିରଫ ହୋଇଥିଲେ। ପରେ ତାଙ୍କୁ କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜିଲା ଉପକାରାଗାର ହାଜତକୁ ପଠାଇ ଦିଆଯାଇଥିଲା। ସେହିଦିନଠାରୁ ସେ ଉପକାରାଗାରରେ ଥିବାବେଳେ ବୁଧବାର କୋର୍ଟରେ ତାଙ୍କର ହାଜର ହେବାର ଥିଲା। କିନ୍ତୁ ସେ କୋର୍ଟରେ ହାଜର ହୋଇ ପାରି ନ ଥିଲେ। ସେ ଅସୁସ୍ଥତା ଅନୁଭବ କରିବାରୁ ତାଙ୍କୁ ବରଗଡ଼ ସହରାଞ୍ଚଳ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଅଣାଯାଇଥିଲା। ସେଠାରେ ଡାକ୍ତର ମନୋଜଙ୍କୁ ମୃତ ଘୋଷଣା କରିଥିଲେ ବୋଲି ଉପକାରାଗାର ଅଧୀକ୍ଷକ ସଲମାନ କୁଜୁର କହିଛନ୍ତି। ପୋଲିସ ତଦନ୍ତ ଏବଂ ମୃତଦେହ ବ୍ୟବଚ୍ଛେଦ ପରେ ମୃତ୍ୟୁର କାରଣ ସ୍ପଷ୍ଟ ହେବ ବୋଲି କୁଜୁର ପ୍ରକାଶ କରିଛନ୍ତି।

# ମାଟ୍ରିକ ପରୀକ୍ଷା ନାମ ପଞ୍ଜୀକରଣ ଅବଧି ବଢ଼ିଲା

**ଧରିତ୍ରୀ ପ୍ରଭାବ**

**ସମ୍ବଲପୁର, ୯।୧୦**
**(ଭବାନୀ ଶଙ୍କର ଭୋଇ)**

ମାଟ୍ରିକ ପରୀକ୍ଷା ପାଇଁ ଛାତ୍ରୀଛାତ୍ରଙ୍କ ନାମ ପଞ୍ଜୀକରଣ ଅବଧିକୁ ବୃଦ୍ଧି କରାଯାଇଛି। ରାଜ୍ୟ ମାଧ୍ୟମିକ ଶିକ୍ଷା ପରିଷଦ ପରୀକ୍ଷା ନିୟନ୍ତ୍ରକ ବୁଧବାର ପଞ୍ଜୀକରଣ ଅବଧିକୁ ଦୁଇ ସପ୍ତାହ ବୃଦ୍ଧି କରିବାକୁ ନୋଟିସ୍ ଜାରି କରିଛନ୍ତି। ଏହାଦ୍ୱାରା ଛାତ୍ରୀଛାତ୍ରମାନେ ନିର୍ଭୁଲରେ ସେମାନଙ୍କ ନାମ ପଞ୍ଜିକରଣ କରିପାରିବ ବୋଲି ଆଶା କରାଯାଉଛି। ପଞ୍ଜୀକରଣ ସମୟ ଅବଧି ବୃଦ୍ଧି ନହେଲେ ବହୁ ଛାତ୍ରୀଛାତ୍ର ବାଦ୍ ପଡିବାର ଆଶଙ୍କା ନେଇ ଅକ୍ଟୋବର ୯ ତାରିଖ ଧରିତ୍ରୀରେ 'ମାଟ୍ରିକ ପରୀକ୍ଷା ନାମ ପଞ୍ଜୀକରଣରେ ଆଧାର ବାଧକ' ଶୀର୍ଷକ ଖବର ପ୍ରକାଶ ପାଇଥିଲା। ଖବର ପ୍ରକାଶନ ପରେ ତତ୍ପର ହୋଇଛି ରାଜ୍ୟ ମାଧ୍ୟମିକ ଶିକ୍ଷା ପରିଷଦ।

ସେପ୍ଟେମ୍ବର ୨୭ ରୁ ଅକ୍ଟୋବର ୯ ପର୍ଯ୍ୟନ୍ତ ଛାତ୍ରୀଛାତ୍ରଙ୍କ ମାଟ୍ରିକ ପରୀକ୍ଷା ପାଇଁ ନାମ ପଞ୍ଜୀକରଣ ସମୟ ଧାର୍ଯ୍ୟ କରାଯାଇଥିଲା। ତେବେ ପଞ୍ଜୀକରଣ ପାଇଁ ବ୍ୟାଙ୍କ ପାସ୍‌ବୁକ ଏବଂ ଆଧାର କାର୍ଡ ଅପଡେଟ କରିବାରେ ସମସ୍ୟା ଯୋଗୁ ବହୁ ଛାତ୍ରୀଛାତ୍ର ପଞ୍ଜୀକରଣରୁ ବଞ୍ଚିତ ହେବାର ଆଶଙ୍କା ରହିଥିଲା। ଏଥିସହିତ ସୁଭଦ୍ରା ଯୋଜନା ଏବଂ ରାଶନ କାର୍ଡରେ ଆଧାର ସଂଯୋଗ ପାଇଁ ଗ୍ରାହକ ସେବା କେନ୍ଦ୍ର ଏବଂ ଜନସେବା କେନ୍ଦ୍ରଗୁଡିକରେ ପ୍ରତିଦିନ ଲମ୍ୱା ଲାଇନ ଲାଗୁଥିବାରୁ ବହୁ ଛାତ୍ରୀଛାତ୍ର ନିଜର ଆଧାର କାର୍ଡ ତିଆରି ଏବଂ ସଂଶୋଧନ କରି ପାରି ନ ଥିଲେ। ପୁଣି ଆଧାର କାର୍ଡ ପଞ୍ଜୀକରଣ କିମ୍ବା ତ୍ରୁଟି ସଂଶୋଧନ ପାଇଁ ଆବେଦନ କଲେ ମଧ୍ୟ ୧୫ ଦିନରୁ ୧ ମାସ ପର୍ଯ୍ୟନ୍ତ ସମୟ ଲାଗୁଥିବାରୁ ଅନେକ ଛାତ୍ରୀଛାତ୍ର ନିର୍ଦ୍ଧାରିତ ସମୟ ଭିତରେ ନିର୍ଭୁଲ ଆଧାରକାର୍ଡ ଦେବାରେ ବିଫଳ ହୋଇଥିଲେ। ଓଡିଶା ମାଧ୍ୟମିକ ଶିକ୍ଷକ ସଂଘ (ଓଷ୍ଟା) ପକ୍ଷରୁ ସାଧାରଣ ସମ୍ପାଦକ ରଞ୍ଜନ କୁମାର ଦାସ ମଧ୍ୟ ରାଜ୍ୟ ମାଧ୍ୟମିକ ଶିକ୍ଷା ପରିଷଦ ସଭାପତିଙ୍କୁ ଚିଠି ଲେଖି ସମସ୍ୟା ବିଷୟରେ ଅବଗତ କରିଥିଲେ।

# ସାପ କାମୁଡ଼ାରେ ଇଞ୍ଜିନିୟରିଂ ଛାତ୍ରଙ୍କ ମୃତ୍ୟୁ

**ଖଲ୍ଲିକୋଟରେ ଡାକ୍ତରଙ୍କ ଭୁଲ୍ ଚିକିତ୍ସା ଅଭିଯୋଗ**

**ଖଲ୍ଲିକୋଟ,୯।୧୦(ପ୍ରଶାନ୍ତ କୁମାର ମିଶ୍ର)**

ଗଞ୍ଜାମ ଜିଲା ଖଲ୍ଲିକୋଟ ଥାନା ଅନ୍ତର୍ଗତ ବଧିନୁଆଁପଲ୍ଲୀ ପଞ୍ଚାୟତର ନୂତନ ଘୁମୁସର ଗ୍ରାମରେ ସାପ କାମୁଡ଼ାରେ ଜଣେ ଇଞ୍ଜିନିୟରିଂ ଛାତ୍ରଙ୍କ ମତ୍ୟୁ ଘଟିଛି। ସେ ହେଲେ ଉକ୍ତ ଗ୍ରାମର ତୁଷାର ପାତ୍ର (୧୭)। ତୁଷାର ବ୍ରହ୍ମପୁରସ୍ଥିତ ଏକ ଘରୋଇ ଇଞ୍ଜିନିୟରିଂ କଲେଜରେ ପଢୁଥିଲେ। ପରିବାର ଲୋକଙ୍କ ସହ ପୁରୀ ଯିବା ପାଇଁ ମଙ୍ଗଳବାର ଗାଁକୁ ଆସିଥିଲେ। ଘରେ ଶୋଇଥିବା ବେଳେ ରାତି ପ୍ରାୟ ୧ଟାରେ ଏକ ବିଷଧର ସାପ ତାଙ୍କୁ କାମୁଡ଼ି ଦେଇଥିଲା। ତୁଷାର ଗୁରୁତର ହେବାରୁ ପରିବାର ଲୋକେ ତାଙ୍କୁ ଖଲ୍ଲିକୋଟ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆଣିଥିଲେ। ପରେ ବ୍ରହ୍ମପୁର ବଡ଼ ମେଡିକାଲକୁ ସ୍ଥାନାନ୍ତର କରାଯାଇଥିଲେ ମଧ୍ୟ ସେଠାରେ ମୃତ୍ୟୁ ଘଟିଥିଲା। ଖଲ୍ଲିକୋଟରେ ଡାକ୍ତରଙ୍କ ଭୁଲ୍ ଚିକିତ୍ସା ଯୋଗୁ ତୁଷାରଙ୍କ ମୃତ୍ୟୁ ହୋଇଥିବା ପରିବାର ଲୋକେ ଅଭିଯୋଗ କରିଛନ୍ତି। ଏହାକୁ ନେଇ ବୁଧବାର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଉତ୍ତେଜନା ଲାଗିରହିଥିଲା। ଖବରପାଇ ଥାନାଧିକାରୀ ନରେଶ କୁମାର ସାହୁ ପୋଲିସ ଟିମ୍ ସହ ପହଞ୍ଚି ଲୋକଙ୍କୁ ବୁଝାଶୁଝା କରିଛନ୍ତି। ମୃତଦେହ ବ୍ୟବଚ୍ଛେଦ ପରେ ଅପରାହ୍ନରେ ଗାଁକୁ ଆସିଥିଲା। ଶୋକାକୁଳ ପରିବେଶରେ ଅନ୍ତିମ ସଂସ୍କାର କରାଯାଇଛି।


ତୁଷାର ପାତ୍ର

# ଅନିଶ୍ଚିତତାରେ କଳିଙ୍ଗ ଆଲୁମିନା

**ରାୟଗଡ଼ା,୯।୧୦(ଆଶିଷ ରଞ୍ଜନ ପଣ୍ଡା)**

ରାୟଗଡ଼ା ଜିଲାର ଶାଶୁବୋହୂ ମାଳି ପାହାଡ଼ରୁ ବକ୍ସାଇଟ ଖନନ ସହ କଲ୍ୟାଣସିଂହପୁର ଓ କାଶୀପୁର ବ୍ଲକ ମଧ୍ୟବର୍ତ୍ତୀ ଅଞ୍ଚଳରେ ଆଦାନି ଗ୍ରୁପର ପ୍ରସ୍ତାବିତ କଳିଙ୍ଗ ଆଲୁମିନା କାର୍ଯ୍ୟକ୍ଷମ ଏବେ ଅନିଶ୍ଚିତତା ମଧ୍ୟକୁ ଠେଲି ହୋଇଯାଇଛି। ଏଥିସହିତ ଏଠାରେ ପିପିପି ମୋଡ୍‌ରେ ହେବାକୁ ଥିବା ମେଡିକାଲ କଲେଜ ସ୍ଥାପନା ମଧ୍ୟ ଏକ ପ୍ରକାର ଅନ୍ଧକାର ମଧ୍ୟକୁ ଠେଲି ହୋଇଯାଇଥିବା ଜଣାପଡ଼ିଛି। ମିଳିଥିବା ସୂଚନା ମୁତାବକ, କଳିଙ୍ଗ ଆଲୁମିନା ଲିଃ ପକ୍ଷରୁ ରାୟଗଡ଼ା ଜିଲା ସଦର ମହକୁମାଠାରେ ଥିବା ଅଫିସରେ ପୂର୍ବରୁ ୪ଜଣ ଅଧିକାରୀ ଥିଲେ। ହେଲେ କିଛି ଦିନ ହେବ ସେମାନଙ୍କ ମଧ୍ୟରୁ ୩ଜଣ ଅନ୍ୟତ୍ର ଚାଲିଯାଇଛନ୍ତି। କେବଳ ଆଡମିନ ସେଠାରେ ରହିଛନ୍ତି। ଆଡ୍‌ମିନ୍ ରୁବେଲ ଦାସଙ୍କୁ ଏନେଇ ପଚାରିବାରୁ କମ୍ପାନୀର ଅନ୍ୟ ଅଧିକାରୀ ଏବଂ କର୍ମଚାରୀ ଅନ୍ୟତ୍ର କାର୍ଯ୍ୟରେ ଯାଇଛନ୍ତି। କମ୍ପାନୀ କାର୍ଯ୍ୟ ଜାରି ରହିଛି ବୋଲି ସେ କହିଛନ୍ତି। ଏହା ଜଣାପଡ଼ିବା ପରେ କମ୍ପାନୀ ଉଠିଯିବା ନେଇ ସ୍ଥାନୀୟ ଲୋକଙ୍କ ମନରେ ସନ୍ଦେହ ସୃଷ୍ଟି ହୋଇଛି।

ପ୍ରକାଶଥାଉକି, ୨୦୨୨ ଅଗଷ୍ଟରେ ରାୟଗଡା ଜିଲାର କଲ୍ୟାଣସିଂହପୁର ଓ କାଶୀପୁର ବ୍ଲକର ମଧ୍ୟବର୍ତ୍ତୀ ସ୍ଥାନରେ ଆଦାନି ଗ୍ରୁପ ପକ୍ଷରୁ ୪୧ ହଜାର ୬୫୩ କୋଟି ଟଙ୍କା ବ୍ୟୟରେ ୪ ନିୟୁତ ଟନ୍ କ୍ଷମତା ବିଶିଷ୍ଟ ଆଲୁମିନା କାରଖାନା ସ୍ଥାପନା ହେବ ବୋଲି ଘୋଷଣା ହୋଇଥିଲା। ଶାଶୁବୋହୂମାଳି ପାହାଡରେ ଗଚ୍ଛିତ ବକ୍ସାଇଟ୍ ଉତ୍ତୋଳନ କରି ଏହି କାରଖାନା ଚଳାଇବା ପାଇଁ ଆଦାନି ଗ୍ରୁପ୍ ଯୋଜନା କରିଥିଲା। ଏଭଳିକି କାରଖାନା ସହିତ ରାୟଗଡାଠାରେ ଏକ ମେଡିକାଲ କଲେଜ ସ୍ଥାପନା ପାଇଁ ସରକାରଙ୍କୁ ପ୍ରସ୍ତାବ ଦେଇ ଘୋଷଣା ହୋଇଥିଲା। ଏନେଇ କମ୍ପାନୀର ବରିଷ୍ଠ ଅଧିକାରୀ ନବଲ୍ କିଶୋରଙ୍କୁ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ସୁଦ୍ଧା ତାହା ସମ୍ଭବ ହୋଇପାରି ନାହିଁ।

# ପୂର୍ବତନ ବିଧାୟକ ଧନେଶ୍ୱର ମାଝୀଙ୍କ ପରଲୋକ

**ଭବାନୀପାଟଣା,୯।୧୦(ଉତ୍ତମ କୁମାର ଦାଶ)**

କଳାହାଣ୍ଡି ଜିଲା ନର୍ଲା ନିର୍ବାଚନ ମଣ୍ଡଳୀର ପୂର୍ବତନ ବିଧାୟକ ତଥା ରାଜ୍ୟ ସଭା ସଦସ୍ୟ ଧନେଶ୍ୱର ମାଝୀଙ୍କ ବୁଧବାର ପରଲୋକ ହୋଇଯାଇଛି। ତାଙ୍କୁ ୮୩ ବର୍ଷ ହୋଇଥିଲା। ମଙ୍ଗଳବାର ରାତିରେ ସେ ଘରେ ଥିବାବେଳେ ଛାତିରେ ଯନ୍ତ୍ରଣା ହୋଇଥିଲା। ବୁଧବାର ସକାଳେ ତାଙ୍କ ଦୁଇ ପୁତୁରାଙ୍କ ସହ ସେ କେସିଙ୍ଗା ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଚିକିତ୍ସା ପାଇଁ ଆସିଥିଲେ। ହେଲେ ଚିକିତ୍ସାଧୀନ ଅବସ୍ଥାରେ ତାଙ୍କର ମୃତ୍ୟୁ ହୋଇଥିଲା। ଧନେଶ୍ୱର କେସିଙ୍ଗା ଓ ନର୍ଲା ନିର୍ବାଚନ ମଣ୍ଡଳୀରେ ୧୯୭୧,୧୯୭୪, ୨୦୦୦, ୨୦୦୪ ଓ ୨୦୧୪ରେ ୫ଥର ବିଧାୟକ ରହିଥିଲେ। ସେହିପରି ଜନତା ପାର୍ଟି ପକ୍ଷରୁ ୧୯୭୮ରୁ ୧୯୮୪ ଯାଏ ରାଜ୍ୟ ସଭାକୁ ମନୋନୀତ ହୋଇଥିଲେ। ପ୍ରଥମେ ସେ ଜନତା ପାର୍ଟି, ସ୍ୱତନ୍ତ୍ର ପାର୍ଟି, ବିଜେଡି ଓ ପରେ ଭାଜପାରେ ସାମିଲ ହୋଇଥିଲେ। ୨୦୧୪ରୁ ୨୦୧୯ ପର୍ଯ୍ୟନ୍ତ ସେ ବିଜେଡି ପକ୍ଷରୁ ନର୍ଲାର ବିଧାୟକ ରହିଥିଲେ। କଳାହାଣ୍ଡି ଆଦିବାସୀ ସମ୍ପ୍ରଦାୟର ସେ ପ୍ରଥମ ଗ୍ରାଜୁଏଟ ହୋଇଥିବାବେଳେ ଓ ପ୍ରଥମ ଶିକ୍ଷକ ଭାବେ ମଧ୍ୟ ତାଙ୍କ ନାଁ ରହିଛି। ତାଙ୍କ ପରଲୋକ ଖବର ଜଣାପଡିବା ପରେ ଜିଲାରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ପରଲୋକରେ ଜୁନାଗଡ଼ ବିଧାୟକ ଦିବ୍ୟ ଶଙ୍କର ମିଶ୍ର, ବିଜେଡି କଳାହାଣ୍ଡି ଜିଲା ସଭାପତି ପୁଷ୍ପେନ୍ଦ୍ର ସିଂଦେଓ ଶୋକବ୍ୟକ୍ତ କରିଛନ୍ତି।


ଧନେଶ୍ୱର ମାଝୀ

# ଓଡ଼ିଶାର ରାଜଶ୍ରୀଙ୍କୁ ଭିବ୍ରାଣ୍ଟ ଟାଇଟଲ୍

**ମିସେସ୍ ଇଣ୍ଡିଆ ଏସିଆ ପ୍ରତିଯୋଗିତା**

**ଗୁଣପୁର, ୯।୧୦**
**(ପ୍ରଦୀପ କୁମାର ପାଢ଼ୀ)**

ହରିୟାଣାର ଗୁରୁଗ୍ରାମରେ ଆୟୋଜିତ ମିସେସ୍ ଇଣ୍ଡିଆ ଏସିଆ-୨୦୨୪ ପ୍ରତିଯୋଗିତାରେ ଓଡ଼ିଶାର ରାଜଶ୍ରୀ ରାଉତରାୟ ମିସେସ୍ ଭିବ୍ରାଣ୍ଟ ଟାଇଟଲ ହାସଲ କରିଛନ୍ତି। ରାଜଶ୍ରୀଙ୍କୁ ତାଙ୍କର ବଳିଷ୍ଠ ବ୍ୟକ୍ତିତ୍ୱ, ଆତ୍ମବିଶ୍ୱାସ ଏବଂ ଚମତ୍କାର ପ୍ରଦର୍ଶନ ପାଇଁ ଏହି ଟାଇଟଲ ପ୍ରଦାନ କରାଯାଇଛି। ରାଜଶ୍ରୀ ରାୟଗଡ଼ା ଜିଲା ଗୁଣପୁର ମହାବିଦ୍ୟାଳୟର ପୁରାତନ ଛାତ୍ରୀ। ତାଙ୍କ ବାପା ଅବସରପ୍ରାପ୍ତ ରେଞ୍ଜର ସ୍ୱର୍ଗତ ସୁଧାଂଶୁ ରାଉତରାୟ। ତାଙ୍କ ନିଜ ଘର ଭୁବନେଶ୍ୱର ନିକଟସ୍ଥ ପାହାଳ।

ଦିବ୍ୟା ଜୈନ ଏବଂ କରଣ ସିଂଙ୍କ ନିର୍ଦ୍ଦେଶନାରେ ଆୟୋଜିତ ଫ୍ୟାଶନ ଶୋ'ରେ ବିଭିନ୍ନ ଦେଶରୁ ମୋଟ ୮୬୩ ପ୍ରତିଯୋଗୀ ଅଂଶଗ୍ରହଣ କରିଥିଲେ। ସେମାନଙ୍କ ମଧ୍ୟରୁ ୭୨ ଜଣଙ୍କୁ ଚୂଡ଼ାନ୍ତ ପର୍ଯ୍ୟାୟକୁ ମନୋନୀତ କରାଯାଇଥିଲା। ପ୍ରତିଯୋଗିତାମୂଳକ ରାଉଣ୍ଡ ଚ୍ୟାଲେଞ୍ଜିଂ ସିରିଜ୍ ପରେ ଶେଷରେ ୧୮ ଜଣ ସେମିଫାଇନାଲିଷ୍ଟଙ୍କ ଉପରେ ଦୃଷ୍ଟି ଦିଆଯାଇଥିଲା। ଏହି କାର୍ଯ୍ୟକ୍ରମର ଅନ୍ୟତମ ମୁଖ୍ୟ ଆକର୍ଷଣ ଥିଲା କୋରିଓଗ୍ରାଫର ସୟଦ ଖିଜାର ହୁସେନ ଏବଂ ଫ୍ୟାଶନ ଡିଜାଇନର ରଶ୍ମି ଛାବ୍ରାଙ୍କ ଦ୍ୱାରା ପରିଚାଳିତ ର୍‍ୟାମ୍ପ ଶୋ'। ଏହି ପ୍ରତିଯୋଗିତା କେବଳ ସୌନ୍ଦର୍ଯ୍ୟ ଏବଂ ଶୋଭା ବୃଦ୍ଧି କରିବା ନୁହେଁ, ବରଂ ଆତ୍ମବିଶ୍ୱାସ ବଢ଼ାଇବା ଏବଂ ସଶକ୍ତୀକରଣ ପାଇଁ ଉଦ୍ଦିଷ୍ଟ ବୋଲି ରାଜଶ୍ରୀ ମତବ୍ୟକ୍ତ କରିଛନ୍ତି। ରାଜଶ୍ରୀ ଏବେ ଦିଲ୍ଲୀ ପବ୍ଲିକ ସ୍କୁଲରେ ପ୍ରଶାସନିକ ଅଧିକାରୀ ରୂପେ କାର୍ଯ୍ୟରତ ଥିବା ବେଳେ ତାଙ୍କ ସ୍ୱାମୀ ରଞ୍ଜନ କୁମାର ମହାନ୍ତି ନୋଏଡାସ୍ଥିତ ବସନ୍ତ ଏକ୍ସପର୍ଟରେ ବରିଷ୍ଠ ପରିଚାଳକ ରୂପେ କାମ କରୁଛନ୍ତି।


ରାଜଶ୍ରୀ ରାଉତରାୟଙ୍କୁ ସମ୍ମାନିତ କରାଯାଉଛି।







ହତାଶା କେବେ ବି ଅଗ୍ରଗତି ଲାଗି ଆବଶ୍ୟକ ନୁହେଁ। ଏହା ସର୍ବଦା ଏକ ଦୁର୍ବଳତା ଓ ତାମସିକତାର ଲକ୍ଷଣ। ଏହା ଜଣାଇଦିଏ ଯେ, ଏକ ବିରୋଧୀ ଶକ୍ତି ତୁମ ଭିତରେ ପ୍ରବେଶ କରିଛି। ଏହି ବିରୋଧୀ ଶକ୍ତି ତୁମ ସାଧନା ବିରୋଧରେ କାର୍ଯ୍ୟ କରେ। -ଶ୍ରୀମା

-ପୀଠେ ଶ୍ରୀଦୁର୍ଗାଦେବ୍ୟାଃ ମହାଷ୍ଟମୀ, ମୃଣ୍ମୟୀ ଦେବୀଙ୍କ ସପ୍ତମୀ ପୂଜା



# ପୁରାଣରେ ଦୁର୍ଗା



ଦେବଦତ୍ତ ପଟ୍ଟନାୟକ

ଦୁର୍ଗାଙ୍କ କାହାଣୀ ମୂଳ ସଂସ୍କୃତ ରଚିତ ଦେବୀ ମହାତ୍ମ୍ୟରୁ କିମ୍ବା ଚଣ୍ଡିପାଠରୁ ଆସିଛି, ଯାହା ମାର୍କଣ୍ଡେୟ ପୁରାଣର ଅଂଶ। ଏହା ପ୍ରାୟ ୧,୫୦୦ ବର୍ଷ ପୂର୍ବେ ରଚନା କରାଯାଇଥିଲା। ମା' ଦୁର୍ଗାଙ୍କ ପ୍ରତିମା ବା ପ୍ରତୀକଗୁଡ଼ିକ ମଧ୍ୟ ସେହି ସମାନ ଅବଧିରେ ହୋଇଥିବା ଚିହ୍ନଟ କରାଯାଇଛି। କେତେକ ପଣ୍ଡିତଙ୍କ ମତରେ ସିଂହ ବାହିନୀ ଦେବୀଙ୍କ ଅବଧାରଣା ସମ୍ଭବତଃ କୁଶାଣ ରାଜାମାନଙ୍କ ଶାସନ ସମୟରେ କରାଯାଇଛି। ସେହି ସମୟରେ ସେ ଦେବୀ ନାନା ରୂପରେ ସାମ୍ନାକୁ ଆସିଥିଲେ, ଯାହା ଥିଲା ମେସୋପଟାମିଆନ୍ ଇସ୍ତାର କିମ୍ବା ପର୍ସିଆନ ଅନାହିତାଙ୍କ ସ୍ୱରୂପ। ଅନ୍ୟମାନେ ବିଶ୍ୱାସ କରନ୍ତି ଯେ, ସେ ଏହି ଦେଶରୁ ସୃଷ୍ଟି ଏବଂ ଏକ ପୁରାତନ ତଥା ମାତୃ ପ୍ରାଧାନ୍ୟ ପ୍ରାକ-ବୈଦିକ ବିଚାରଧାରାର ଅଂଶ, ଯାହା ସିନ୍ଧୁ ସଭ୍ୟତା ବ୍ୟାଘ୍ର-ମହିଳା ସିଲ୍ ବା ମୋହରରୁ ଜଣାପଡ଼େ। ବ୍ୟାପକ ଭାବରେ ବିଚାର କଲେ ଆମେ ପୁରାଣର ବ୍ୟାଖ୍ୟାତ୍ମକ କାହାଣୀର ତିନୋଟି ଭାଗ ଦେଖିବାକୁ ପାଇଥାଉ। ପ୍ରଥମଟି ହେଉଛି, ପ୍ରଭୁତ୍ୱର ମୁଖ୍ୟଧାରା (ନାରୀ ପ୍ରାଧାନ୍ୟ) କାହାଣୀ, ନାରୀବାଦୀ କାହାଣୀ ଏବଂ ଅଧୀନ କାହାଣୀ। ପ୍ରତ୍ୟେକ ସିଦ୍ଧାନ୍ତ କେବଳ ଅସ୍ପଷ୍ଟ ଏବଂ ସ୍ୱଳ୍ପ ତଥ୍ୟ ଆଧାରରେ ବିଭିନ୍ନ ରାଜନୈତିକ ଉଦ୍ଦେଶ୍ୟକୁ ସୁହାଇଲା ଭଳି କଳ୍ପନା ମାତ୍ର।

ପ୍ରାଧାନ୍ୟ ସମ୍ପର୍କିତ ବର୍ଣ୍ଣନାରେ ଦର୍ଶାଯାଇଛି ଯେ, ଦୁର୍ଗା ବିଭିନ୍ନ ଦେବତାଙ୍କର କ୍ଷମତା କିମ୍ବା ଶକ୍ତି ଦ୍ୱାରା ସୃଷ୍ଟି ହୋଇଛନ୍ତି। ଦେବତାମାନେ ବଧ କରିପାରୁ ନ ଥିବା ଜଣେ ରାକ୍ଷସକୁ ମା' ଦୁର୍ଗା ବଧ କରିଛନ୍ତି। ସେହି ରାକ୍ଷସର ମଣିଷ ହାତରେ ମୃତ୍ୟୁ ହୋଇପାରୁ ନ ଥିବାରୁ ଦେବତାମାନେ ମଧ୍ୟ ତାଙ୍କୁ ବଧ କରିପାରୁ ନ ଥିଲେ। ଏଠାରେ ଦୁର୍ଗାଙ୍କ ନାରୀତ୍ୱ ହେଉଛି ତାଙ୍କ ଶକ୍ତିର ଉତ୍ସ। ରାକ୍ଷସ ଜଣକ ତାଙ୍କୁ ବିବାହ କରିବାକୁ ଚାହିଁଛି, କିନ୍ତୁ ଦୁର୍ଗା ଏ ଦିଗରେ ତାକୁ ବଢିବାକୁ ନ ଦେଇ ତାହାକୁ ପ୍ରତ୍ୟାଖ୍ୟାନ କରି ଶେଷରେ ସେ ରାକ୍ଷସକୁ ହତ୍ୟା କରିଛନ୍ତି। ଦୁର୍ଗା ସେହି ରାକ୍ଷସର ରକ୍ତ ପିଇଛନ୍ତି ବୋଲି ସେଥିରେ ବର୍ଣ୍ଣନା କରାଯାଇଛି। ଦେବୀଙ୍କର ଅଧିକାଂଶ ଉପାସକ ତାଙ୍କୁ ଶାକାହାରୀ ଭାବରେ କଳ୍ପନା କରିବାକୁ ପସନ୍ଦ କରନ୍ତି। କିନ୍ତୁ ତାଙ୍କ ପର୍ବ ସମୟରେ ଶାକାହାରୀ ରହିଥାଆନ୍ତି। ଏବେ ଦେଖିବାକୁ ମିଳୁଛି ଯେ, ପୂଜାରେ ପାରମ୍ପରିକ ବଳି ପ୍ରଥା ଦ୍ରୁତ ଗତିରେ ହ୍ରାସ ପାଉଛି। ବିଶେଷକରି ଯେଉଁମାନେ ଅହିଂସା ପ୍ରଦତ୍ତ ନୈତିକ ଉଚ୍ଚସ୍ତରକୁ ପସନ୍ଦ କରୁଛନ୍ତି ସେହିମାନଙ୍କ ଯୋଗୁ ଏଭଳି ବଳି ପ୍ରଥା ଦୂର ହୋଇ ପାରୁଛି। ପୁରାଣର ଏହି କାହାଣୀରେ ଦୁର୍ଗାଙ୍କୁ ଶିବଙ୍କର ଜଣେ ଶାନ୍ତ ତଥା ଶାଳୀନ ପତ୍ନୀ ଭାବରେ ବର୍ଣ୍ଣନା କରାଯାଇଛି। ଯେତେବେଳେ ଆବଶ୍ୟକ ପଡ଼େ, ତାଙ୍କ ସ୍ୱାମୀଙ୍କ ଅନୁମତି କ୍ରମେ ଦୁର୍ଗା ନିଜେ ଯୋଦ୍ଧା ରୂପ ଧାରଣ କରିପାରନ୍ତି।



ନାରୀବାଦୀ ବର୍ଣ୍ଣନାରେ ମହିଷାସୁରକୁ ପୁରୁଷ ଅହଂକାର, ପୁରୁଷ ପ୍ରାଧାନ୍ୟ ପ୍ରତୀକ ଭାବେ ଦର୍ଶାଯାଇଛି, ଯିଏ ମହିଳା ଶକ୍ତି ଦ୍ୱାରା ପରାସ୍ତ ହୋଇଛି। ଏହା ଦୁର୍ଗାଙ୍କୁ ମହିଳା ମୁକ୍ତି ଆନ୍ଦୋଳନର ପ୍ରତୀକ ଭାବେ ଦର୍ଶାଇଥାଏ। ତେବେ ଲୋକେ କାଳୀଙ୍କ ନଗ୍ନ ତଥା ହିଂସ୍ର ରୂପକୁ ଅଧିକ ଗ୍ରହଣ କରିଥାଆନ୍ତି। ପୁରୁଷକେନ୍ଦ୍ରିକ ଦୃଷ୍ଟିକୋଣରୁ ତାଙ୍କୁ ହିଂସ୍ର ତଥା ଅଦମ୍ୟ ଭାବେ ବର୍ଣ୍ଣନା କରାଯାଇଥିବାବେଳେ ବାସ୍ତବରେ ଆକର୍ଷଣୀୟ ବସ୍ତ୍ର ଓ ଅଳଙ୍କାରରେ ସଜ୍ଜିତ ଦୁର୍ଗା ଅଧିକ ନମ୍ର କିମ୍ବା ଶାନ୍ତ ମନେହୁଅନ୍ତି। ଅନେକ ଲୋକକଥାରେ ବର୍ଣ୍ଣନ ରହିଛି ଯେ, ଗ୍ରାମଦେବୀଙ୍କୁ ପ୍ରତାରଣା କିମ୍ବା ବିଶ୍ୱାସଘାତକତା କରିଥିବା ନିଜ ସ୍ୱାମୀଙ୍କୁ ସେ ହତ୍ୟା କରିଛନ୍ତି। ତେଣୁ ହିଂସା ଏକ ପ୍ରକାର ଯୌନ ଉତ୍ତେଜନା ଏବଂ ନାରୀ ପ୍ରତି ବିଶ୍ୱାସଘାତକତା ସହିତ ଜଡ଼ିତ। ସ୍ୱାମୀ ତଥା ପ୍ରବଳ ବିରୋଧୀ ଭାବରେ ରାକ୍ଷସକୁ ପୁରାଣର କାହାଣୀର ପୁରୁଷପ୍ରାଧାନ୍ୟ ସଂସ୍କରଣରେ କମ୍ କରି ଦର୍ଶାଯାଇଛି। ଏହା ସହ ଦୁର୍ଗା ମହିଷାସୁର ଶିର ଛେଦନ କରିବା ପରେ ଗଳାରେ ଶିବ-ଲିଙ୍ଗ ପାଇଥିବା କଥା ସ୍କନ୍ଦ ପୁରାଣ ଏବଂ ଅରୁଣାଚଳ ଶାଥାଲା ପୁରାଣରେ ଉଲ୍ଲେଖ ଅଛି। ସେ ଶିବଙ୍କର ଜଣେ ଭକ୍ତଙ୍କୁ ବଧ କରିଥିବାର 'ପାପ'ରୁ ମୁକ୍ତି ପାଇବା ଲାଗି ପ୍ରାୟଶ୍ଚିତ୍ତ କରିଛନ୍ତି। ଆଉ କେହି କେହି କୁହନ୍ତି, ସେ ଶିବଙ୍କର ଏକ ରୂପ। ତାମିଲନାଡୁରେ ଏକ ମନ୍ଦିରରେ ଉଭୟ ଅଛନ୍ତି। ତାଙ୍କ ରୀତିନୀତିର ସ୍ଥଳ ଅତି ପବିତ୍ର ଏବଂ ଏଠାରେ ଶିବ-ଲିଙ୍ଗ ପୂଜା କରାଯାଏ।

ତା'ପରେ ପୁରାଣରେ ବର୍ଣ୍ଣିତ କ୍ଷୁଦ୍ର ଓ ଅଧୀନ କାହାଣୀରେ ମହିଷାସୁରଙ୍କୁ ରାବଣ ଓ ବଳିଙ୍କ ଭଳି କଳାବର୍ଣ୍ଣ ବର୍ଗର ଲୋକ (ରାକ୍ଷସ)ଙ୍କ ରାଜା ଭାବେ ବର୍ଣ୍ଣନା କରାଯାଇଛି। ମହିଷାସୁର ଶ୍ୱେତ ବର୍ଣ୍ଣ ଦୁର୍ଗାଙ୍କ ଦ୍ୱାରା ପରାସ୍ତ ହୋଇଥିଲେ, ଯେପରି ଅନ୍ୟ ରାକ୍ଷସ ରାଜାମାନଙ୍କୁ ରାମ ଏବଂ ବାମନଙ୍କ ଦ୍ୱାରା ପରାସ୍ତ ହେବାକୁ ପଡ଼ିଥିଲା। ସେମାନଙ୍କୁ ଗୌର ତଥା ଉଚ୍ଚ ଜାତି ତଥା ଉତ୍ତର ଭାରତୀୟ ଭାବରେ ବିବେଚନା କରାଯାଏ। ଦୁର୍ଗା ବୋଧହୁଏ ମୂଳତଃ ବିନ୍ଧ୍ୟ ଅଞ୍ଚଳର ଜଣେ ଆଦିବାସୀ ବା ଶବର ଦେବୀ ଥିବାର ଐତିହାସିକ ସିଦ୍ଧାନ୍ତକୁ ଏହି କାହାଣୀ ଏଡାଇ ଯାଇଛି, ଯିଏ ପରେ ବିଷ୍ଣୁଙ୍କ ଭଉଣୀ ଏବଂ ଶିବଙ୍କ ପତ୍ନୀ ଭାବରେ ବ୍ରାହ୍ମଣୀୟ ବର୍ଗରେ ଅନ୍ତର୍ଭୁକ୍ତ ହୋଇଥିଲେ। କାହାଣୀରେ ସ୍ୱାମୀ/ଭକ୍ତ /ବିରୋଧୀଙ୍କ ବଳିଦାନ ମଧ୍ୟରେ ଥିବା ତିକ୍ତତାକୁ ଦର୍ଶାଯାଇଥିବା ସାଙ୍କେତିକ ସିଦ୍ଧାନ୍ତ ହେଉଛି ମଣିଷ ଏବଂ ପ୍ରକୃତି ମଧ୍ୟରେ ଥିବା ଉତ୍ତେଜନାର ପ୍ରତୀକ। ମଣିଷ କହିଲେ (ପୁରୁଷଙ୍କୁ ସୂଚିତ କରେ), ଶାନ୍ତ ପ୍ରକୃତି (ମୁକ୍ତ ମହିଳାର କଳ୍ପନା) ଏବଂ ସଂସ୍କୃତି ସୃଷ୍ଟି କରିବାକୁ (ପତ୍ନୀ ଭାବରେ କଳ୍ପନା କରାଯାଏ)। ଏହି କାହାଣୀ ମହିଷାସୁର ଶହୀଦ ଦିବସକୁ ଉତ୍ସାହିତ କରିଛି, ଯାହା ବଞ୍ଚିତ ସମ୍ପ୍ରଦାୟର କ୍ରୋଧର ସ୍ୱରକୁ ବ୍ୟକ୍ତ କରେ। ଏହା କେବଳ ସଂଖ୍ୟାବହୁଳଙ୍କୁ ନିୟନ୍ତ୍ରଣ କରିପାରୁନଥିବା ଚରମ ହିନ୍ଦୁମାନଙ୍କୁ ଉସୁକାଇବା ଲାଗି ଉଦ୍ଦିଷ୍ଟ।

-devduttofficial@gmail.com

# ପ୍ରାଥମିକ ଶିକ୍ଷାରେ ସ୍ଥାନୀୟ ଶିକ୍ଷା



ଡ. ଚନ୍ଦନ କୁମାର ସିଂହ

ପ୍ରାଥମିକ ଶିକ୍ଷା କହିଲେ ପ୍ରଥମରୁ ପଞ୍ଚମ ଶ୍ରେଣୀ ପର୍ଯ୍ୟନ୍ତ ଶିକ୍ଷାସ୍ତର, ଶ୍ରେଣୀସ୍ତର, ଶିକ୍ଷଣ ପ୍ରକ୍ରିୟା, ବୁଝିବାର ତରିକା, ଆକଳନ ପଦ୍ଧତି, ପରୀକ୍ଷା, ପାଠ ପର୍ଯ୍ୟବେକ୍ଷଣ, ପାଠ ଅନୁସରଣ, ପାଠ ଉପସ୍ଥାପନ ଇତ୍ୟାଦି କେତେନା କେତେ କଡିକୁ କଡି ଲାଗିଯିବା ପ୍ରସଙ୍ଗଗୁଡ଼ିକୁ ବେଶି ଭାବରେ ବୁଝାଇଥାଏ। ଏବେ ପ୍ରାକ୍ ଶିଶୁ ଶ୍ରେଣୀ/ବିଦ୍ୟାଳୟ(ଅଙ୍ଗନୱାଡି)କୁ ମଧ୍ୟ ନୂତନ ଶିକ୍ଷାନୀତି-୨୦୨୦ ଅନୁସାରେ ଯୋଡ଼ି ଦିଆଯାଇଛି। ପରୀକ୍ଷା ନିରୀକ୍ଷାର ସୁଫଳ ଓ ଅବହେଳାରୁ ପ୍ରାଥମିକ ଶିକ୍ଷା ନିସ୍ତାର ପାଇବା ଯୁକ୍ତିଯୁକ୍ତ କି? ଆଉ କଥାଟି ହେଉଛି ପ୍ରାଥମିକ ଶିକ୍ଷା ଯେଉଁ ପରିମାଣରେ ସେହି ହାଉଦାର ପିଲାପିଲିଙ୍କ ଲାଗି ଅଭିପ୍ରେତ, ସେହି ଅନୁସାରେ ଗୁରୁକୁଳ ଏବଂ ବାପାମାଆ କୁଳ ଏଥିପାଇଁ ହକାରି ଆସିବା ଠିକ୍ ହେବ କି? ଏ କଥାକୁ ହେତୁ ପାଇବା ଆଜିକାଲିର ମହରଗ ବଜାରରେ ଖୁବ୍ ଜରୁରୀ। ଝାଞ୍ଜପିଟା ଯେତେଦୂରକୁ ଶୁଭିବ ସେତେ ଭଲ। ଶିକ୍ଷାନୀତି-୨୦୨୦ ଏବଂ ଏହା ପୂର୍ବରୁ ଆଉ ଯେଉଁ ସଂସ୍ଥାପକୀୟ ନୀତିସବୁ ମାର୍ଗଦର୍ଶନ ଭାବେ କାର୍ଯ୍ୟ କରୁଅଛନ୍ତି, ତା'ଭିତରେ ଡୋରଲଗା କଥାଟି ହେଉଛି ପ୍ରାଥମିକ ଶିକ୍ଷାରେ ନିକଟରୁ ଦୂର ଉଦାହରଣ, ନିକଟରୁ ଦୂର କଥାକୁ ନଥା, ନିକଟରୁ ଦୂର ଯଥାକୁ ତଥା ଭାବଭଙ୍ଗୀ, ବିଶ୍ୱାସ-ନିଃଶ୍ୱାସକୁ ଘିଡିଆଣି ପାଠର ତରିକା ତିଆରି କରିବା। ଆମେ କହିବା ତରିକା, ଆପଣ କହିବେ ଯୋଜନା ବା ଲେଶନ ପ୍ଲାନ୍ କିନ୍ତୁ ଏ ବାବଦରେ ଆମର ନିଘା କମ୍ ରହୁଛି। ତାରିଖକୁ ତାରିଖ ବରାଦ-କଥାର ନଥି ମୋଟା ହେବାରେ ଲାଗିଛି। ଆଜ୍ଞା ପ୍ରମାଣେ ସେଥିଲାଗି ଉଚ୍ଛୁଣିକା ହରରକମର ହ୍ୱାଟ୍ସଆପ୍ ଗ୍ରୁପ୍ ଉହୁଙ୍କି ଉଠୁଛନ୍ତି। ସେ ପେଲିଦେଉଛି ଆଉ କାହାକୁ, ଇଏ ଠେଲିଦେଉଛି ତଳକୁ; ଉପରକୁ ସୂଚନା ଉଠି ଉଠି ଯାଉଛି। ମାତ୍ର ପାଠ ରଙ୍ଗ୍ ମେସେଜ୍ ହୋଇ ଅନ୍ୟ କାହାପାଖକୁ ଚାଲିଯାଉଛି। ତେଣୁ ପ୍ରାଥମିକ ଶିକ୍ଷାରେ ଏହି ମୂଳ କଥାଟି 'ନିକଟରୁ ଦୂର' ଘୁଞ୍ଚି ଘୁଞ୍ଚି ଯାଉଛି। ତେବେ ଏହି ନିକଟ କଥାଟି କ'ଣ! ହାତପାଆନ୍ତାର କଥା, ମନପାଆନ୍ତାର କଥା; ଯାହାକୁ ପିଲାଏ ଘେନିପାରିବେ। ମାତ୍ର ଗୁରୁଜନ, ଶିକ୍ଷକ, ବନ୍ଧୁ ନିକଟ କଥାଟିକୁ ଘିଡିବାକୁ ମନ ଉଣା କରନ୍ତି। ନିକଟ କଥାଟି ପରତେ ଯାଏ ନାହିଁ। ନିକଟ କଥାଟିକୁ ନିକଟକୁ ଘିଡିଆଣିବା ଭାରି ଉଣା ହୋଇପଡ଼େ। ପ୍ରାଥମିକ ଶିକ୍ଷାରେ ତେଣୁକରି ସ୍ଥାନୀୟ ଶିକ୍ଷାର ପଲାଟି ହାଲୁକା ହୋଇଯାଉଛି। ସ୍ଥାନୀୟ ଶିକ୍ଷାଟି ତେବେ କ'ଣ! ସ୍ଥାନୀୟ ଶିକ୍ଷାର ଭାବଟି କ'ଣ ସତରେ? ଏଥିପାଇଁ ସହାୟକ ପୁସ୍ତିକା ବା ପ୍ରଶିକ୍ଷଣ ପେଟିକା ଗୁଡ଼ିକରେ ବିଷୟମାନ ଖଞ୍ଜିହେବାର ଆବଶ୍ୟକତା ରହିଛି। ଘରଦୁଆର, ରନ୍ଧାରନ୍ଧି, ଚାଷବାସ, ଯାନିଯାତ, ଦୁଃଖସୁଖ, ଗାଧୁଆପାଧୁଆ, ଯିବା ଆସିବା, ଲୁଗାପଟା, ଫଳମୂଳ, ବିକାକିଣା, ଫଳମୂଳ ସଂଗ୍ରହ, ନଟାଝାଟି ସଂଗ୍ରହ, କନ୍ଦା ଓ ଛତୁ ସଂଗ୍ରହ, ପତର ଫୁଲ ସଂଗ୍ରହ, ସେସବୁର କିଣାବିକା, କେଉଁଆଡ଼ର ଆମ୍ବ ମିଠା ଆଉ କେଉଁଆଡ଼ର ଆମ୍ବ ଖଟା, ନାନାବିଧ କୋଳିର ସଂଗ୍ରହ ଓ ବିକ୍ରିବଟା ଆଦି କେତେ କେତେ କଥାକୁ ପିଲାର ହାତ ପାଇଯାଏ ସତରେ। ମାତ୍ର ଏସବୁକୁ ଆମ ମନ ପାଏନାହିଁ। ତେଣୁ ପାଠବହି ଭାରି ସଫାସୁତରା ହୋଇ ପାଟଲୁଗା ପିନ୍ଧି ଶିଶୁମନର ଗୋଟେ କୋଣକୁ ପଡ଼ି ରହିଥାଏ। ଏହି ନିକଟରୁ ଦୂର କଥାଟି ବିଭିନ୍ନ ଥାନରେ ଭିନ୍ନ ଭିନ୍ନ ରୂପନେଇ ଆତ୍ମପ୍ରକାଶ କରିପାରିବ। ଏହାରି ଭିତରେ ସାହିତ୍ୟ ଅଛି, ଭାଷା ଅଛି, ସଂଖ୍ୟାଜ୍ଞାନ ଅଛି, ଭୂଗୋଳ ଅଛି, ସାମାଜିକ ପାଠ ଅଛି। ହେତୁ କରିପାରିଲେ ଅହେତୁକ ଭାବେ ସାମର୍ଥ୍ୟ ଆସି ପହଞ୍ଚିବ।

ଆମ ଗାଆଁର ସରପଞ୍ଚ, ମହାଜନ, ସାହୁକାର, ଫେରିବାଲା, ମାଛବାଲା, ଥାନା, ବ୍ୟାଙ୍କ ଆଦି ଉଦାହରଣରୁ ସମାଜ-ବ୍ୟବସ୍ଥା, ଶାସନ-ବ୍ୟବସ୍ଥା, ସମ୍ବିଧାନ, ବିଧିବ୍ୟବସ୍ଥାର ଭରଣ ଭରଣ ଉଦାହରଣ ରହିଛି। ପଢ଼ାବହି ନିମିତ୍ତ ମାତ୍ର। ଏସବୁର ଅବତାରଣା କଲେ ପିଲା ପ୍ରଗଳ୍ଭ ହୋଇଉଠିବେ। ନୂଆ ଶିକ୍ଷାନୀତିରେ ଡିକୋଡିଂ, ଉଚ୍ଚାରଣ ସଚେତନତା, ଅବବୋଧ ଆଦି କେତେ କେତେ ଭିଆଣଗୁଡ଼ିକୁ ସହଜରେ ହଜମ କରିବାର ଜଠରାଗ୍ନିକୁ ଆମେ କେଉଁ ବାଗରେ ହଜମ କରିନିଅନ୍ତେ। ଜାତୀୟ ଶିକ୍ଷାନୀତି-୨୦୨୦ରୁ ପ୍ରାଥମିକ ଶିକ୍ଷାରେ ସାକ୍ଷରତା ଓ ସଂଖ୍ୟାଜ୍ଞାନକୁ ନେଇ ଅନେକ ଅଜୀର୍ଣ୍ଣ ଓ ପାଳିଜ୍ୱରରୁ ଆମକୁ ମୁକ୍ତି ମିଳିଯାଆନ୍ତା।

ବିଷମକଟକ, ରାୟଗଡ଼ା
ମୋ: ୮୨୪୯୬୫୭୭୭୮

## ଏଇ ଭାରତରେ

ଛତିଶଗଡ଼ର ବସ୍ତର ମାଓବାଦୀପ୍ରବଣ ଅଞ୍ଚଳ ଭାବେ ଜଣାଶୁଣା। ଏହି ଅଞ୍ଚଳର ଘଞ୍ଚ ଜଙ୍ଗଲିଆ କ୍ଷେତ୍ରରେ ରହୁଥିବା ଆଦିବାସୀଙ୍କ ଜୀବନଜୀବିକା ଅତ୍ୟନ୍ତ କଷ୍ଟକର। କାରଣ ସେମାନେ ମାଓବାଦୀ ଭୟରେ ସବୁବେଳେ ରହି ନିଜ ଜୀବିକା ନିର୍ବାହ କରିପାରନ୍ତି ନାହିଁ। ସେଭଳି ଏକ ଅଞ୍ଚଳରେ ସତ୍ୟେନ୍ଦ୍ର ସିଂ ଲିହାରେ ଆଦିବାସୀଙ୍କ ଜୀବନ ଜୀବିକାରେ ପରିବର୍ତ୍ତନ ଆଣିବାରେ ସକ୍ଷମ ହୋଇଛନ୍ତି। 'ବସ୍ତର ସେ ବଜାର ତକ୍' ବିଜ୍‌ନେସ ଆରମ୍ଭ କରି ତା' ମାଧ୍ୟମରେ ଆଦିବାସୀଙ୍କ ଦ୍ୱାରା ଉତ୍ପାଦିତ ବିଭିନ୍ନ ଉତ୍ପାଦକୁ ସିଧାସଳଖ ମାର୍କେଟରେ ବିକିବାର ବ୍ୟବସ୍ଥା କରିଛନ୍ତି। ଏହାଦ୍ୱାରା ମଧ୍ୟସ୍ଥଙ୍କ ଆବଶ୍ୟକତା ପଡୁନାହିଁ, ଯାହାଦ୍ୱାରା ଚାଷୀମାନେ ଅଧିକ ଲାଭ ପାଇପାରୁଛନ୍ତି। ବିଶେଷକରି ଆତ, ଜାମୁକୋଳି ଏବଂ ତେନ୍ତୁଳି, ପନିପରିବା, ମାଛ ଓ ଔଷଧୀୟ ଗଛ ଆଦି ବିକ୍ରି କରାଯାଉଛି। ଏହାକୁ ସତ୍ୟେନ୍ଦ୍ର ମୁମ୍ବାଇ,ହାଇଦ୍ରାବାଦ, ପୁଣେ, ରାୟପୁର ଆଦି ସହରରେ ବିକ୍ରି କରୁଛନ୍ତି। କେବଳ ଏତିକି ନୁହେଁ ସେ ଏଥିରୁ ମଧ୍ୟ ବିଭିନ୍ନ ଉତ୍ପାଦ ପ୍ରସ୍ତୁତ କରୁଛନ୍ତି। ଏହି କାର୍ଯ୍ୟରେ ସେ ୧୫୫୦ ଆଦିବାସୀ ମହିଳାଙ୍କୁ ନିଯୁକ୍ତ କରି ସେମାନଙ୍କୁ ଆତ୍ମନିର୍ଭର କରିବାରେ ସକ୍ଷମ ହୋଇପାରିଛନ୍ତି। ସତ୍ୟେନ୍ଦ୍ରଙ୍କ ପିଲାଦିନ ବହୁ କଷ୍ଟରେ କଟିଛି। ସେ ଅର୍ଥାଭାବରେ ରହି ଶିକ୍ଷା ଶେଷକରି ଆଦିବାସୀଙ୍କ ଜୀବନରେ ଉନ୍ନତି ଆଣିବା ଲାଗି ୨୦୨୦ରେ 'ବସ୍ତର ସେ ବଜାର ତକ୍' ବିଜ୍‌ନେସ ଆରମ୍ଭ କରିଥିଲେ। ଦୀର୍ଘଦିନର ସଂଘର୍ଷମୟ ଅଧ୍ୟାୟ ଅତିକ୍ରମ କରି ସେ ସଫଳ ହୋଇଛନ୍ତି। ଏବେ ଏହି ବିଜ୍‌ନେସରୁ ବର୍ଷକୁ ୧ କୋଟି ଟଙ୍କା ଆୟ କରୁଛନ୍ତି।

## ୫୦ ବର୍ଷ ତଳର ଧରିତ୍ରୀ

DHARITRI

୧୦ ଅକ୍ଟୋବର ୧୯୭୫

- ମୃତ୍ୟୁଦଣ୍ଡ ଆଦେଶ ପାଇଥିବା ଦୁଇ ନକ୍ସଲପନ୍ଥୀ ଜି. କିଷ୍ଟା ଓ ଆର. ଭୋମାଇହାଙ୍କ ଦଣ୍ଡାଦେଶକୁ କ୍ଷମା କରିବା ନିମନ୍ତେ ସୁପ୍ରିମ୍‌କୋର୍ଟର ୧୩୬ ଜଣ ଆଇନଜୀବୀ ରାଷ୍ଟ୍ରପତିଙ୍କ ନିକଟରେ ଏକ ଆବେଦନପତ୍ର ଦାଖଲ କରିଛନ୍ତି।
- ନିଶାନିବାରଣ ସମ୍ପର୍କରେ କେନ୍ଦ୍ର ସରକାରଙ୍କର ନିର୍ଦ୍ଦେଶ ଅନୁଯାୟୀ ପଣ୍ଡିଚେରୀ ସରକାର କେନ୍ଦ୍ର ସରକାରଙ୍କ ଦ୍ୱାରା ପରିଚାଳିତ ଭାରତ ତିଆରି ବିଦେଶୀ ମଦ କାରଖାନା ବନ୍ଦ କରିଦେବା ପାଇଁ ନିଷ୍ପତ୍ତି କରିଛନ୍ତି।
- ଫିଲିପାଇନ ଏୟାରଲାଇନ୍ସର ବିଏସି-୧୧୧ ବିମାନକୁ ଅପହରଣ କରିନେଇଥିବା ବ୍ୟକ୍ତି ମାନିଲା ଆନ୍ତର୍ଜାତିକ ବିମାନଘାଟୀ କର୍ତ୍ତୃପକ୍ଷଙ୍କ ନିକଟରେ ଆତ୍ମସମର୍ପଣ କରିଥିବା ମିଲିଟାରୀ ମୁଖପାତ୍ରଙ୍କଠାରୁ ପ୍ରକାଶ।

# ଯଃ ପଳାୟତି, ସଃ ଜୀବତି



ଡ. ନିଖିଳାନନ୍ଦ ପାଣିଗ୍ରାହୀ

ଯେତେ ଯାହା ଅସୁବିଧା ସତ୍ତ୍ୱେ ମନୁଷ୍ୟ ପୃଥିବୀର ମାଧ୍ୟାକର୍ଷଣକୁ ଅତିକ୍ରମ କରୁ ଏବଂ ଅନ୍ତତଃ ସୌରମଣ୍ଡଳୀୟ ମହାକାଶରେ ନିଜ ପାଇଁ ସ୍ଥାନ ସଂରକ୍ଷଣ କରୁ। ପୃଥିବୀର ସବୁ ପ୍ରକାର ବିପଦ ତା' ପ୍ରତି ରହିଛି। ଆମେ ମହାକାଶକୁ ସ୍ଥାନାନ୍ତରିତ ହେବାରେ ସୁଫଳ ସମ୍ପର୍କରେ ଅନେକ କିଛି କହିସାରିଛୁ। ତେବେ ସବୁ ବିଷୟ କହି ହେବ ନାହିଁ; ଏପରିକି କଳ୍ପନା କରିହେବ ନାହିଁ- କନଷ୍ଟାଣ୍ଟିନ ସିଓଲଭିସ୍କି, 'ଦା ଏମ୍ସ ଅଫ୍ ଆଷ୍ଟ୍ରୋନଟିକ୍ସ, (୧୯୨୯)। ଏହି ଉଦ୍ଧୃତିରେ ସେ ତାଙ୍କ ପୂର୍ବ ପ୍ରଦତ୍ତ ମହାକାଶ ଯାତ୍ରା କଥନକୁ ଦୃଢ଼ କରିଛନ୍ତି। କନଷ୍ଟାଣ୍ଟିନ (୧୮୫୭-୧୯୩୫) ଜଣେ ରୁଷୀୟ ରକେଟ୍-ବିଜ୍ଞାନୀ। ମହାକାଶ ଯାତ୍ରା ସମ୍ବନ୍ଧରେ ସେ ଜଣେ ଅଗ୍ରଣୀ ଗବେଷକ ଥିଲେ। ତାଙ୍କ ପ୍ରଣୀତ ରକେଟ୍ ସମୀକରଣ ମହାକାଶ ବିଜ୍ଞାନ କ୍ଷେତ୍ରରେ ଏକ ମାଇଲଖୁଣ୍ଟ। କୋରୋଲେଭ ଓ ଗ୍ଲୁସ୍କୋ ପରି ସୋଭିଏଟ୍ ରକେଟ ଯନ୍ତ୍ରୀ ତାଙ୍କୁ ଅନୁସରଣ କରି ପରବର୍ତ୍ତୀ କାଳରେ ସୋଭିଏଟ୍ ମହାକାଶ କାର୍ଯ୍ୟସୂଚୀକୁ ଆଗେଇ ନେଇଥିଲେ।

ତେବେ ଗତ ଶତାବ୍ଦୀର ପ୍ରଥମାର୍ଦ୍ଧରେ କନ୍‌ଷ୍ଟାଣ୍ଟିନ ପୃଥିବୀର ମାନବ ସମାଜର ଅସ୍ତିତ୍ୱ ନେଇ ଯେଉଁ ଆଶଙ୍କା ପ୍ରକଟ କରିଥିଲେ, ତାହା ତାଙ୍କ ଦୂରଦୃଷ୍ଟିର ପରିଚାୟକ। ପ୍ରଶ୍ନ ଉଠୁଛି ବାସ୍ତବରେ ମାନବ ସମାଜ ଧରାପୃଷ୍ଠରୁ ନିଶ୍ଚିହ୍ନ ହେବ କି? କେତୋଟି ସମ୍ଭାବ୍ୟ କାରଣ ହେଉଛି: ଜଳବାୟୁ ପରିବର୍ତ୍ତନ, ପ୍ରଚଣ୍ଡ ଆଣବିକ ବିସ୍ଫୋରଣ, ଜୀବାଣୁ ବୋମାର ପ୍ରୟୋଗ, ଅତ୍ୟାଧୁନିକ କୃତ୍ରିମ ବୁଦ୍ଧିମତ୍ତା ଓ ଜୈବିକ ଯୁଦ୍ଧର ଅପରିଣାମଦର୍ଶୀ ପାରସ୍ପରିକ ଆକ୍ରମଣ, ସନ୍ତାନ ପ୍ରସବ ପାଇଁ ଅନିଚ୍ଛା, ନାରୀର ଉତ୍ପାଦିକତାରେ ହ୍ରାସ, ଅନ୍ତରୀକ୍ଷରୁ ଗ୍ରହାଣୁର ପୃଥିବୀ ଉପରେ ପ୍ରଚଣ୍ଡ ଆଘାତ, ଭୟଙ୍କର ଅଗ୍ନ୍ୟୁତ୍ପାତ, ଜୈବଜଗତର ବିପର୍ଯ୍ୟସ୍ତ ଭାରସାମ୍ୟ ଇତ୍ୟାଦି। ଉକ୍ତ କାରଣଗୁଡ଼ିକ ମଧ୍ୟରୁ ଏକ ବା ଏକାଧିକ କାରକର ପ୍ରାଦୁର୍ଭାବ ଆମ ପ୍ରତି ମହା ବିପତ୍ତି। ଏହା ଇଂଲିଶରେ ଓମ୍ନିସାଇଡ ଭାବେ ପରିଚିତ।

ଏମିତି ବିପର୍ଯ୍ୟୟର ଆମେ ସମ୍ମୁଖୀନ ହେଲେ ହୁଏତ ସମ୍ପୂର୍ଣ୍ଣ ପ୍ରଳୟ ନ ଘଟି ଖଣ୍ଡପ୍ରଳୟ ପୃଥିବୀରେ ଦେଖା ଦେଇପାରେ। ତେବେ ଖଣ୍ଡପ୍ରଳୟ ହେବା ସ୍ଥିତିରେ ପୁଣି ସ୍ୱାଭାବିକ ପରିସ୍ଥିତି ଫେରିବା ପାଇଁ ଯେଉଁ ସମ୍ଭାବନା ଅଛି, ଏହି ସମ୍ବନ୍ଧରେ ଗବେଷକମାନେ କମ୍ପ୍ୟୁଟର ମଡେଲିଂ ସାହାଯ୍ୟରେ ଅନୁସନ୍ଧାନ କରିଛନ୍ତି। ସେମାନେ ନିମ୍ନତମ ଜୀବନକ୍ଷମ-ଜନସଂଖ୍ୟା (ମିନିମମ୍ ଭାଇଏବଲ ପପୁଲେଶନ ବା ଏମ୍‌ଭିପି) ଦ୍ୱାରା ଏହା ପ୍ରକାଶ କରିଛନ୍ତି। ସଂକ୍ଷେପରେ ଏହା ହେଉଛି ୫୦/୫୦୦ ନିୟମ। ଅର୍ଥାତ୍ ନିଜ ଘନିଷ୍ଠ ସମ୍ପର୍କୀୟଙ୍କ ମଧ୍ୟରେ ପ୍ରଜନନ ନ ଘଟିବାକୁ ଜନସଂଖ୍ୟା ସର୍ବନିମ୍ନ ପଚାଶ ହେବା ଆବଶ୍ୟକ ଏବଂ ଜିନୀୟ ମନ୍ଥର ପରିବର୍ତ୍ତନ (ଜେନେଟିକ ଡ୍ରିଫ୍ଟ)କୁ ହ୍ରାସ କରିବାକୁ ଏହି ସଂଖ୍ୟା ୫୦୦ ହେବାକୁ ପଡ଼ିବ।

ତେବେ ଧରାଯାଉ ଉପରୋକ୍ତ ଉୟଙ୍କର ବିଲୋପକ ଯୋଗୁ କମ୍ପ୍ୟୁଟର ମଡେଲ ଦ୍ୱାରା ପ୍ରସ୍ତୁତ ୫୦/୫୦୦ ସର୍ତ୍ତଟି ଉଲ୍ଲଂଘନ ହୁଏ, ତେବେ ମାନବ ଜାତିର ଚିହ୍ନବର୍ଣ୍ଣ ଲୋପ ପାଇଯିବ। ଏଥିରୁ ବର୍ତ୍ତିବା ପାଇଁ ଅନ୍ୟ ଗ୍ରହରେ ବସତି ସ୍ଥାପନର ଆବଶ୍ୟକତା ରହିଛି ବୋଲି ବହୁ ଦୂରଦ୍ରଷ୍ଟା ବୈଜ୍ଞାନିକ ସତର୍କବାଣୀ ଶୁଣାଇଛନ୍ତି। ପ୍ରକାଶ ଥାଉ କି, ଉପର ବର୍ଣ୍ଣିତ ସମସ୍ତ କାରଣ ମାନବକୃତ ନୁହେଁ। ଏଥିରୁ କେତେକ ପ୍ରାକୃତିକ କାରକ ରହିଛି, ଯାହା ମଣିଷର ନିୟନ୍ତ୍ରଣ ବାହାରେ; ଯାହାକି ପୃଥିବୀକୁ ବାସ ଅନୁପଯୋଗୀ କରିଦେବ।

ତେଣୁ ୱାରେନ ଏଲିସ କହିଛନ୍ତି, "ମଣିଷ ମହାକାଶ ଯାତ୍ରା କରିବା ପଛରେ ଏକମାତ୍ର ଓ ସବୁଠାରୁ ସରଳ କାରଣ ହେଉଛି ଯେ, ଯଦି ତୁମ ଜାତିକୁ ବଞ୍ଚାଇବାକୁ ଚାହୁଁଛ, ତେବେ ଗୋଟିଏ ସ୍ଥାନରେ (ପୃଥିବୀରେ) ବାନ୍ଧି ହୋଇ ନ ରହି ଏକାଧିକ ସ୍ଥାନ (ଗ୍ରହ)ରେ ସ୍ୱାମୀ-ସ୍ତ୍ରୀ ଯାଇ ରୁହ। ଏହା ହେଉଛି ସିଧାସିଧା କଥା।"



ତେବେ ମହାକାଶ ଯାତ୍ରା ପାଇଁ ଅନେକ ପ୍ରତିବନ୍ଧକ ରହିଛି। ପୃଥିବୀର ମାଧ୍ୟାକର୍ଷଣ ସମେତ ବାୟୁଶୂନ୍ୟତା, ବିକିରଣ, ମାଇକ୍ରୋଗ୍ରାଭିଟି, ଓଜନହୀନତା ପ୍ରତିକୂଳ ପରିବେଶ ଇତ୍ୟାଦିର ଯାତ୍ରୀମାନଙ୍କ ଉପରେ କୁପ୍ରଭାବ ବିଚାର୍ଯ୍ୟ। ତତ୍ ସହ ମହାକାଶ ଯାନ ଉତ୍‌କ୍ଷେପଣ କରିବା ଅପେକ୍ଷା ମାନବବାହୀ ମହାକାଶଯାନ ଅତ୍ୟଧିକ ବ୍ୟୟସାପେକ୍ଷ।

ଏହି ବାବଦରେ ଅତ୍ୟଧିକ ବ୍ୟୟଭାର ବହନ କରିବାକୁ ଅଳ୍ପ କେତୋଟି ରାଷ୍ଟ୍ର ଆର୍ଥିକ ପୃଷ୍ଠପୋଷକତା କରିଛନ୍ତି। ଆମେରିକା, ରୁଷିଆ ଅଗ୍ରଗଣ୍ୟ। ତେବେ ସମ୍ପ୍ରତି ୟୁନାଇଟେଡ ଷ୍ଟେଟ୍ସ କଂଗ୍ରେସ ଦ୍ୱାରା ପ୍ରଣୀତ ଫେଡେରାଲ ବଜେଟ ମାଧ୍ୟମରେ ନାସା ଦୁର୍ମୂଲ୍ୟ ମହାକାଶୀୟ ଗବେଷଣା ଜାରି ରଖିଛି। ପନ୍ଦରଟି ଦେଶକୁ ନେଇ ଗଠିତ ୟୁରୋପିଆନ ସ୍ପେସ୍ ଏଜେନ୍ସି (ଇଏସ୍ଏ) ୧୯୭୫ରେ ମହାକାଶ ଅଭିଯାନରେ ହାତ ଦେଇଛି। ଭାରତ, ଜାପାନ, ଚାଇନ ଏବଂ ଅନ୍ୟ କେତେକ ଦେଶ ଏହାର ଉପାଦେୟତାକୁ ହୃଦୟଙ୍ଗମ କରି ପଦକ୍ଷେପମାନ ଇତ୍ୟବସରରେ ଗ୍ରହଣ କରିଛନ୍ତି।

କିନ୍ତୁ ଆମକୁ ଚକିତ କରେ ଯେ, ବ୍ୟକ୍ତିଗତ ସ୍ତରରେ ମଧ୍ୟ କିଛି ଉଦ୍‌ଯୋଗୀଙ୍କ ଏହା ଦୃଷ୍ଟିଆକର୍ଷଣ କରିଛି। ୨୦୨୧ ପାଇଁ ଟାଇମ୍ସ ମାଗାଜିନ ଦକ୍ଷିଣ ଆଫ୍ରିକାର ପ୍ରିଟୋରିଆରେ ୧୯୭୧ରେ ଜନ୍ମିତ ଏବଂ ଦକ୍ଷିଣ ଆଫ୍ରିକା, କାନାଡ଼ା, ୟୁଏସ୍ଏର ସମ୍ପ୍ରତି ନାଗରିକତ୍ୱ ଗ୍ରହଣ କରିଥିବା ଏଲନ ମସ୍କଙ୍କୁ ସର୍ବଶ୍ରେଷ୍ଠ ବ୍ୟକ୍ତିତ୍ୱ ଭାବେ ମନୋନୀତ କରିଛନ୍ତି। ବିଶ୍ୱର ଏହି ସର୍ବଶ୍ରେଷ୍ଠ ଧନୀ ଜଣକ ନିଜର ଘରଟି ମଧ୍ୟ ବିକ୍ରି କରିଥିବାରୁ ସମ୍ପ୍ରତି ଏକ ପ୍ରକାର ବାସହୀନ କହିଲେ ଅତ୍ୟୁକ୍ତି ହେବ ନାହିଁ। କିନ୍ତୁ ସେ ନିଜ ବିପୁଳ ଧନରାଶି ମହାକାଶ କ୍ଷେତ୍ରରେ ଉପଯୋଗ କରିଛନ୍ତି। ଏହି ପରିପ୍ରେକ୍ଷୀରେ ବ୍ରିଟେନ୍‌ର ରିଚାର୍ଡ ବ୍ରାନସନଙ୍କ ଭର୍ଜିନ ଗାଲାକ୍ଟିକଟ, ଆମାଜନର ଜେଫ ବୋ ଜେସଙ୍କ୍ଷ୍ୟ ଓରିଜନ୍‌ର ନ୍ୟୁ ସେଫର୍ଡ ରକେଟରେ ୨୦ ଜୁଲାଇ ୨୦୨୧ରେ ଅନ୍ତରୀକ୍ଷ ଭ୍ରମଣ ଉଲ୍ଲେଖନୀୟ।

ଏମାନେ ସମସ୍ତେ ଅର୍ବୁଦପତି। ଏମାନଙ୍କ ଲକ୍ଷ୍ୟ ହେଉଛି କେବଳ ଆନନ୍ଦଦାୟକ ମହାକାଶ ପର୍ଯ୍ୟଟନ ନୁହେଁ। ପୃଥିବୀବାସୀ ଯେମିତି ମହାକାଶର ପରିବେଶ ସହ ପରିଚିତ ହେବେ, ତାହାର ପରିକଳ୍ପନା। ତେଣୁ ୮୨ ବର୍ଷୀୟା ବେଲି ପଙ୍କଙ୍କ ଠାରୁ ଆରମ୍ଭ କରି ୧୮ ବର୍ଷ ବୟସ୍କ ଅଲିଭର ଡାଏମେନ ଯାତ୍ରୀ ତାଲିକାରେ ଅନ୍ତର୍ଭୁକ୍ତ ହୋଇଥିଲେ। ଲିଙ୍ଗ, ବୟସ, ଜାତି, ଧର୍ମ ନିର୍ବିଶେଷରେ ସକ୍ଷମ ବ୍ୟକ୍ତିଙ୍କ ସ୍ୱପ୍ନ ସେମାନେ ଚରିତାର୍ଥ କରୁଛନ୍ତି। ଭବିଷ୍ୟତରେ ସର୍ବସାଧାରଣ ଅନ୍ତରୀକ୍ଷର ବାତାବରଣକୁ ଆପଣେଇବାରେ ଏହାର ସହାୟକ ଭୂମିକା ରହିବ। ତେବେ ଏହା ସମ୍ଭବ ହୋଇଛି ସେମାନଙ୍କ ଅଚଳାଚଳ ସମ୍ପତ୍ତି ଯୋଗୁ। ତେଣୁ ବହୁ ବର୍ଷ ପୂର୍ବେ ବିଚକ୍ଷଣ ସମାଜ ଶାସ୍ତ୍ରୀ ଚାଣକ୍ୟ ଲେଖିଥିଲେ :ଯେଉଁଠାରେ ଶେଠ, ବେଦପାଠୀ ବିଦ୍ୱାନ, ରାଜା, ବୈଦ୍ୟ ଏବଂ ନଦୀ ନାହିଁ, ଏହି ପାଞ୍ଚଟି ସ୍ଥାନରେ ଗୋଟିଏ ଦିନ ମଧ୍ୟ ରହିବା ଠିକ୍ ନୁହେଁ। ଶେଠର ଅର୍ଥ ଏଠାରେ ଘରୋଇ କମ୍ପାନୀ ମାଲିକ।

ପ୍ରିୟ ପାଠକେ! ଆମ ପାଇଁ ଏହି ଯୋଜନା ହଠାତ୍ ଆବଶ୍ୟକ ନ ପଡ଼ିପାରେ। କିନ୍ତୁ ଭବିଷ୍ୟତରେ ଯଦି ଦୈବାତ୍ ପ୍ରଳୟ ଏହି ଧରାଧାମରେ ଦେଖାଦେବ, ସେତେବେଳେ ସମସ୍ତେ ମହାକାଶ କଲୋନି ବାସିନ୍ଦା (ଜନବସତି) ବା ଗ୍ରହାନ୍ତରୀ ହେବାକୁ ଆତୁର ହେବେ। ସେତେବେଳେ ଏହା ସେମାନଙ୍କ ପାଇଁ ହେବ ରକ୍ଷାକବଚ; ଯେଉଁ ସମୟରେ ଲୋକେ ପ୍ରାଣ ବିକଳରେ ଉଚ୍ଚାରଣ କରିବେ :ଯଃ ପଳାୟତି, ସଃ ଜୀବତି। ଅର୍ଥାତ୍ ଆପେ ବଞ୍ଚିଲେ ବାପର ନାଁ। ତେବେ ଯେତେ ତରବର ହେଲେ ସୁଦ୍ଧା ୱାରେନ ଏଲିସଙ୍କ ଭାଷାରେ ପତ୍ନୀଙ୍କୁ ସାଥିରେ ନେବା ପାଇଁ ଭୁଲିବେ ନାହିଁ! ଆଦାମ ଏକା ରହିଲେ କ'ଣ ହେବ, ଯଦି ପାଖରେ ଇଭ୍ ନ ଥାଏ?

ମୋ: ୯୦୭୮୭୪୩୮୪୩

## su | do | ku

Puzzles by Srikant Ghosh

ସୁ-ଡୋ-କୁ

| | | | | | | | | |
|---|---|---|---|---|---|---|---|---|
| | | | | 8 | | | | |
| 3 | | 2 | 1 | | 7 | | 6 | |
| | 6 | | | | | 2 | | |
| | | | | 1 | 8 | 9 | | |
| 2 | | | | 9 | | 1 | | |
| | 7 | | | | | 8 | 3 | 6 |
| 5 | | | | | 9 | | 4 | |
| | | 7 | | | 2 | | 8 | |
| | | 4 | 8 | | | | | 2 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 2 | 4 | 1 | 5 | 6 | 7 | 9 | 8 |
| 8 | 5 | 1 | 2 | 7 | 9 | 3 | 6 | 4 |
| 7 | 6 | 9 | 4 | 3 | 8 | 5 | 2 | 1 |
| 6 | 8 | 7 | 5 | 1 | 3 | 2 | 4 | 9 |
| 5 | 1 | 2 | 9 | 8 | 4 | 6 | 7 | 3 |
| 9 | 4 | 3 | 7 | 6 | 2 | 8 | 1 | 5 |
| 2 | 9 | 5 | 3 | 4 | 7 | 1 | 8 | 6 |
| 4 | 3 | 8 | 6 | 2 | 1 | 9 | 5 | 7 |
| 1 | 7 | 6 | 8 | 9 | 5 | 4 | 3 | 2 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ଶୀତଳଭଣ୍ଡାର ଅବ୍ୟବସ୍ଥା

ମହାଶୟ,

ମୁଖ୍ୟମନ୍ତ୍ରୀ ସିଏମ୍ କିଷାନ ଯୋଜନାର ଶୁଭାରମ୍ଭ ଅବସରରେ ପ୍ରତି ସବ୍‌ଡିଭିଜନରେ ଚାଷୀର ଅଭାବୀ ବିକ୍ରି ରୋକିବା ପାଇଁ ଶୀତଳ ଭଣ୍ଡାର ବ୍ୟବସ୍ଥା ହେବ ବୋଲି ଘୋଷଣା କରିଛନ୍ତି। ଏହା ସ୍ୱାଗତଯୋଗ୍ୟ ପଦକ୍ଷେପ। ସାଧାରଣତଃ ରାଜ୍ୟରେ ମୁଖ୍ୟ ପରିବା ଆଳୁ ପଶ୍ଚିମବଙ୍ଗରୁ, ପିଆଜ ମହାରାଷ୍ଟ୍ରରୁ, ମାଛ, ଅଣ୍ଡା, କଦଳୀ, ସଜନାଛୁଇଁ ଓ ଭୁର୍ସୁଙ୍ଗପତ୍ରାଦି ଆନ୍ଧ୍ରରୁ ଓ ଖରାଦିନେ ରାଞ୍ଚିରୁ ଆସୁଥିବା କୋବି ବଜାରରେ ଚଢ଼ା ଦରରେ ଉପଲବ୍ଧ ହେଉଛି। ଅବଶ୍ୟ କେଉଁ ବର୍ଷ ଟମାଟୋ ଅଧିକ ଉତ୍ପାଦନ ହେଲେ ଅଭାବୀ ବିକ୍ରି ହେଉଛି। ଏ ପ୍ରସଙ୍ଗରେ ବହୁବର୍ଷ ଧରି ଶାସନ ଗାଦିରେ ଥିବା ମନ୍ତ୍ରୀ ବିଧାନସଭାରେ ବକ୍ତବ୍ୟ ରଖିଥିଲେ ଯେ, ଖାଲି ଶୀତଳ ଭଣ୍ଡାର ଖୋଲିଦେଲେ ହେବ ନାହିଁ। ଏହାର ବିଜୁଳି ଦେୟ , ପରିଚାଳନା ଓ ରକ୍ଷଣାବେକ୍ଷଣର ବହୁ ବ୍ୟୟ ଯୋଗୁ କାର୍ଯ୍ୟକାରୀ ହୋଇଥିବା ଅନେକ ଶୀତଳଭଣ୍ଡାର କ୍ଷତିଗ୍ରସ୍ତ ହୋଇଛି ଓ ସରକାର ବ୍ୟୟଭାର ବହନ କରିବାକୁ ବାଧ୍ୟ ହୋଇଛନ୍ତି। ଗତ କେତେ ଦଶନ୍ଧି ହେଲା ଚାଷୀଙ୍କର ହିତ ଦୃଷ୍ଟିରୁ ଶୀତଳ ଭଣ୍ଡାର ବସାଇଥିଲେ ହେଁ ପରିବା ଉତ୍ପାଦନ ପର୍ଯ୍ୟାପ୍ତ ନ ଥିବାରୁ ସରକାର କ୍ଷତିର ସମ୍ମୁଖୀନ ହୋଇଥିଲେ। ଫଳରେ ସେସବୁ ବନ୍ଦ ହୋଇଗଲା।

-ହରମୋହନ ମହାନ୍ତି, ଦତ୍ତତୋଟା, ପୁରୀ

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି-୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail:dharitripress@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

## ଚିରନ୍ତନୀ

ଗିରିପରେ ପୁଣି ଉଠିଥିଲା ଗିରି-ଲହରୀ
ଜଟିଳ ପଥରେ ମଟର ଚାଲଇ ପହଁରି
ତଳେ କାହିଁ ଧାଏଁ କୁଟିଳ ଝରଣା
ଚାହିଁଲେ ଚକିତ ହୁଏ କଳପନା
ଛାତି ଚିରି ତହିଁ ଗୀତ ଉଠିଥିଲା ମୋହରି
ଗିରି ପରେ ଗିରି ତଥି ପରେ ଗିରି-ଲହରୀ!
-(ଜୟପୁର ଘାଟି)

-କାଳିନ୍ଦୀ ଚରଣ ପାଣିଗ୍ରାହୀ

# ସମ୍ଭ୍ରାନ୍ତ, ସ୍ୱାଭିମାନୀ ରତନ ଟାଟା



ରତନ ଟାଟା ଜଣେ ଶିଳ୍ପପତି, ପରୋପକାରୀ ଓ ସ୍ୱାଭିମାନୀ ବ୍ୟକ୍ତି ଥିଲେ। ଟାଟା ଗ୍ରୁପ୍ ପ୍ରତିଷ୍ଠାତା ଜାମସେଦ୍‌ଜୀ ଟାଟାଙ୍କ ପୌଷ୍ୟପୁତ୍ର ସୁରଟର ନାଭାଲ ଟାଟା ଓ ସୁନି (ଜାମସେଦ୍‌ଜୀଙ୍କ ଭାଣିଜୀ) ଟାଟାଙ୍କ ଔରସରୁ ୧୯୩୭ ମସିହା ଡିସେମ୍ବର ୨୮ରେ ରତନ ଜନ୍ମଗ୍ରହଣ କରିଥିଲେ। କୋର୍ନେଲ ୟୁନିଭର୍ସିଟିରୁ ୧୯୬୧ରେ ସ୍ଥାପତ୍ୟରେ ସ୍ନାତକ ଡିଗ୍ରୀ ହାସଲ ପରେ ସେ ପାରିବାରିକ ବ୍ୟବସାୟରେ ମନୋନିବେଶ କରିଥିଲେ। ଟାଟା ଷ୍ଟିଲ୍‌ରେ ରତନ ଯୋଗଦେଇ ନିଜ ବିଚକ୍ଷଣତାର ପ୍ରମାଣ ଦେଇଥିଲେ। ପରେ ରତନ ଜେ.ଆର୍.ଡି. ଟାଟାଙ୍କ ଉତ୍ତରାଧିକାରୀ ହୋଇ ଟାଟା ସନ୍ସ ଅଧ୍ୟକ୍ଷ ଭାବେ ୧୯୯୧ ପର୍ଯ୍ୟନ୍ତ ଦାୟିତ୍ୱ ତୁଲାଇଥିଲେ। ରତନଙ୍କ ଅଧ୍ୟକ୍ଷତା ବେଳେ ଟାଟା ଗ୍ରୁପ୍ ଟେଟ୍‌ଲେ, ଜାଗୁଆର ଲ୍ୟାଣ୍ଡ ରୋଭର ଓ କୋରସ୍ ଭଳି ବ୍ୟବସାୟିକ ପ୍ରତିଷ୍ଠାନକୁ ଅଧିଗ୍ରହଣ କରାଯାଇଥିଲା। ପୂର୍ବରୁ ଟାଟା ଗ୍ରୁପ୍‌ର ବ୍ୟବସାୟିକ ସାମ୍ରାଜ୍ୟ ଭାରତରେ ସୀମିତ ଥିବାବେଳେ ରତନଙ୍କ ନେତୃତ୍ୱରେ ଏହା ଏକ ବୈଶ୍ୱିକ ପ୍ରତିଷ୍ଠାନରେ ପରିଣତ ହୋଇଥିଲା। ଟାଟା ଗ୍ରୁପ୍ ନିଜ ଆୟର ୬୦ରୁ ୬୫% ଦାତବ୍ୟ ଅନୁଷ୍ଠାନଗୁଡ଼ିକୁ ଦାନ କରି ବିଶ୍ୱର ଅନ୍ୟତମ ବୃହତ୍ ଫିଲାନ୍‌ଥ୍ରୋପିଷ୍ଟ ହେବାର ସୌଭାଗ୍ୟ ଅର୍ଜନ କରିଛି। ଏକ ସମ୍ଭ୍ରାନ୍ତ ପରିବାରରେ ଜନ୍ମିତ ରତନ ଜଣେ ସଫଳ ଇନ୍‌ଭେଷ୍ଟର ମଧ୍ୟ ଥିଲେ। ସେ ଅନେକ ସଂସ୍ଥାରେ ପୁଞ୍ଜିନିବେଶ କରିବା ସହ ବହୁ ଷ୍ଟାର୍ଟଅପ୍‌କୁ ସୃଷ୍ଟି କରିଥିଲେ। କୋର୍ନେଲରେ ଅଧ୍ୟୟନ ବେଳେ ରତନ ଆଲ୍‌ଫା ସିଗ୍‌ମା ଫି ଫ୍ରାଟର୍ନିଟିର ସଦସ୍ୟ ହୋଇଥିଲେ। ୨୦୦୮ରେ ସେ କୋର୍ନେଲ ୟୁନିଭର୍ସିଟିକୁ ୫୦ ନିୟୁତ ଡଲାର ଦାନ କରି ବିଶ୍ୱବିଦ୍ୟାଳୟର ସବୁଠୁ ବଡ଼ ଅନ୍ତର୍ଜାତୀୟ ଦାତା ହୋଇଥିଲେ।



ଜି.ଆର୍.ଡି. ଟାଟାଙ୍କ ସହ ରତନ ଟାଟା

## ଲକ୍ଷେ ଟଙ୍କିଆ ନାନୋ କାର




କାର ଚଢ଼ିବା ସାଧାରଣ ଲୋକଙ୍କ ପାଇଁ ସ୍ୱପ୍ନ ହୋଇଥିବାବେଳେ ତାହାକୁ ପୂରଣ କରିବା ପାଇଁ ଆଗେଇ ଆସିଥିଲେ ରତନ ଟାଟା। ଟାଟା ଗ୍ରୁପ୍ ସବ୍‌ସିଡିଆରି ଟାଟା ମୋଟର୍ସ ଜରିଆରେ ଲକ୍ଷେ ଟଙ୍କିଆ ନାନୋ କାର ୨୦୦୮ ଜାନୁଆରୀ ୧୦ରେ ବଜାରରେ ଉପଲବ୍ଧ କରାଇଥିଲେ।



୨୦୦୮ ମସିହାରେ ରାଷ୍ଟ୍ରପତି ପ୍ରତିଭା ସିଂ ପାଟିଲଙ୍କଠାରୁ ପଦ୍ମବିଭୂଷଣ ସମ୍ମାନ ଗ୍ରହଣ କରୁଛନ୍ତି ରତନ ଟାଟା।



ଟାଟା ସନ୍ସ ଅଧ୍ୟକ୍ଷ କେ.ଚନ୍ଦ୍ରଶେଖରନ୍‌ଙ୍କ ସହ



ପୂର୍ବତନ ପ୍ରଧାନମନ୍ତ୍ରୀ ଅଟଳବିହାରୀ ବାଜପେୟୀ ଓ ଅନ୍ୟ ବିଶିଷ୍ଟ ବ୍ୟକ୍ତିଙ୍କ ସହ ରତନ ଟାଟା।

### ଗଭୀର ମର୍ମାହତ

ରତନ ଟାଟାଙ୍କ ପରଲୋକ ଖବର ଶୁଣି ମୁଁ ଗଭୀର ମର୍ମାହତ। ଶିଳ୍ପ ଜଗତର ସେ ଜଣେ ବାଦ୍‌ଶାହ ଏବଂ ସଚ୍ଚୋଟ ରାଷ୍ଟ୍ରଭକ୍ତ ଥିଲେ। ତାଙ୍କର ଦକ୍ଷ ନେତୃତ୍ୱ, କାର୍ଯ୍ୟ ପ୍ରତି ତାଙ୍କ ଦୃଢ଼ ନିଷ୍ଠା ଏବଂ ଭାରତର ବିକାଶରେ ଅବଦାନ ପରବର୍ତ୍ତୀ ପିଢ଼ି ପାଇଁ ସର୍ବଦା ଅନୁକରଣୀୟ ହୋଇ ରହିବ।



**–ମୋହନ ଚରଣ ମାଝୀ, ମୁଖ୍ୟମନ୍ତ୍ରୀ**



ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସହ

### କ୍ୟାରିୟର

୧୯୭୦ ଦଶକରେ ଟାଟା ଗ୍ରୁପ୍ ରତନଙ୍କୁ ଏକ ପରିଚାଳନାଗତ ପଦବୀ ଦେଇଥିଲା। ସେ ନ୍ୟାଶନାଲ ରେଡିଓ ଆଣ୍ଡ୍ ଇଲେକ୍ଟ୍ରୋନିକ୍ସ (ନେଲ୍‌କୋ)କୁ ଏକ ସଫଳ ବ୍ୟବସାୟିକ ପ୍ରତିଷ୍ଠାନରେ ପରିଣତ କରିଥିଲେ। ପରବର୍ତ୍ତୀ ସମୟରେ ଜେ.ଆର୍.ଡି. ଟାଟା ଅବସର ନେବା ପରେ ରତନ ତାଙ୍କ ଉତ୍ତରାଧିକାରୀ ହୋଇଥିଲେ। ପ୍ରଥମେ ତାଙ୍କୁ ଅନେକ ସବ୍‌ସିଡିଆରିରୁ ପ୍ରତିକୂଳ ପରିସ୍ଥିତିର ସାମ୍ନା କରିବାକୁ ପଡ଼ିଥିଲା। ପରେ ସେ ସଂସ୍ଥାରେ ଅବସର ବୟସ ସୀମା ସ୍ଥିର ଭଳି କ୍ଷମତା ବିକେନ୍ଦ୍ରୀକରଣର ଅନେକ ନୀତି ଆପଣାଇ ସେସବୁକୁ ଅତିକ୍ରମ କରିବାରେ ସଫଳ ହୋଇଥିଲେ। ରତନ ସବୁବେଳେ ନବଉନ୍ମେଷକୁ ଗୁରୁତ୍ୱ ଦେଉଥିଲେ। ତାଙ୍କ ନେତୃତ୍ୱ, ଏହି କମ୍ପାନୀ ବ୍ୟବସାୟିକ ସାମ୍ରାଜ୍ୟକୁ ପରିବର୍ତ୍ତିତ କରିବାରେ ସହାୟକ ହୋଇଥିଲା।

### ପରୋପକାର

ରତନ ଟାଟା ଶିକ୍ଷା, ମେଡିସିନ୍ ଓ ଗ୍ରାମାଞ୍ଚଳ ବିକାଶର ଜଣେ ଦୃଢ଼ ସମର୍ଥକ ଥିଲେ। ତାଙ୍କୁ ଭାରତରେ ଜଣେ ଆଗଧାଡ଼ିର ଫିଲାନ୍‌ଥ୍ରୋପିଷ୍ଟ ବିବେଚନା କରାଯାଏ। ରତନ ଜଳାଭାବ ଥିବା ଅଞ୍ଚଳର ଲୋକଙ୍କ ଜଳାଭାବ ଦୂର ଲାଗି ନ୍ୟୁ ସାଉଥ୍ ୱେଲ୍ସ ଫାକଲ୍ଟି ଅଫ୍ ଇଞ୍ଜିନିୟରିଂକୁ କ୍ୟାପ୍‌ଟିଭ୍ ଡେଓନାଇଜେଶନ୍ ବିକଶିତ କରିବା ପାଇଁ ସହଯୋଗର ହାତ ବଢ଼ାଇଥିଲେ। ଆମେରିକାର ସାନ୍ ଡିଆଗୋସ୍ଥିତ କାଲିଫର୍ନିଆରେ ଗବେଷଣା ପାଇଁ ୨୦୧୮ରେ ସେ ଟାଟା ହଲ୍ ପ୍ରତିଷ୍ଠା କରିଥିଲେ। ଏହି ବିଲ୍ଡିଂ ଟାଟା ଟ୍ରଷ୍ଟ ନାମରେ ନାମିତ ହୋଇଛି। ଟାଟା ଟ୍ରଷ୍ଟ ଉକ୍ତ ଅନୁଷ୍ଠାନକୁ ୭୦ ନିୟୁତ ଡଲାର ଦାନ କରିଛି। ୨୦୧୦ରେ ଟାଟା ଗ୍ରୁପ୍ କମ୍ପାନୀ ସମୂହ ଓ ଟାଟା ଚାରିଟିଜ୍ ହାର୍ଭାର୍ଡ ବିଜ୍‌ନେସ୍ ସ୍କୁଲ୍‌ରେ ଏକ ଏକ୍‌ଜିକ୍ୟୁଟିଭ୍ ସେଣ୍ଟର ପ୍ରତିଷ୍ଠା ପାଇଁ ୫୦ ନିୟୁତ ଡଲାର ଦାନ କରିଥିଲା।

### ବିଶିଷ୍ଟ ବ୍ୟକ୍ତିଙ୍କ ଶୋକ

କର୍ପୋରେଟ ବିକାଶକୁ ରାଷ୍ଟ୍ର ନିର୍ମାଣ ସହ ଯୋଡ଼ିବାରେ ତାଙ୍କର ଅବଦାନକୁ ଦେଶବାସୀ ଭୁଲି ପାରିବେ ନାହିଁ।
**–ଦ୍ରୌପଦୀ ମୁର୍ମୁ, ରାଷ୍ଟ୍ରପତି**

ରତନ ଟାଟା ଜଣେ ଦୂରଦର୍ଶୀସମ୍ପନ୍ନ ବିଜନେସ୍ ଲିଡର ଥିଲେ। ତାଙ୍କର ବ୍ୟକ୍ତିତ୍ୱ ଅସାଧାରଣ ଥିଲା।
**–ନରେନ୍ଦ୍ର ମୋଦି, ପ୍ରଧାନମନ୍ତ୍ରୀ**

ଦେଶ ଏକ ଆଦର୍ଶ ଏବଂ ସଫଳ ପୁତ୍ରଙ୍କୁ ହରାଇଛି। ଭାରତର ଅର୍ଥନୈତିକ ବିକାଶ ଏବଂ ନିଯୁକ୍ତି ସୃଷ୍ଟିରେ ତାଙ୍କ ଅବଦାନ ଅତୁଳନୀୟ।
**–ନୀତୀନ ଗଡ଼କରୀ, କେନ୍ଦ୍ର ସଡ଼କ ଓ ପରିବହନ ମନ୍ତ୍ରୀ**

ସେ ନିଃସ୍ୱାର୍ଥପର ଭାବରେ ନିଜ ଜୀବନକୁ ଦେଶର ବିକାଶ ପାଇଁ ଉତ୍ସର୍ଗୀକୃତ କରିଛନ୍ତି।
**–ଅମିତ ଶାହା, ସ୍ୱରାଷ୍ଟ୍ର ମନ୍ତ୍ରୀ**

ଦେଶର ଅର୍ଥନୈତିକ ପ୍ରଗତିରେ ତାଙ୍କର ଅବଦାନକୁ ଭୁଲିହେବ ନାହିଁ। ତାଙ୍କର ପରିବାର ଏବଂ ଟାଟା କମ୍ୟୁନିଟି ପ୍ରତି ସମବେଦନା ଜଣାଉଛି।
**–ରାହୁଲ ଗାନ୍ଧୀ, ଲୋକ ସଭାର ବିରୋଧୀ ଦଳ ନେତା**

ଭାରତର ଅର୍ଥନୀତି, ବାଣିଜ୍ୟ ଏବଂ ଶିଳ୍ପ କ୍ଷେତ୍ରରେ ତାଙ୍କର ଅବଦାନ ଉଲ୍ଲେଖନୀୟ।
**–ରାଜନାଥ ସିଂ, ପ୍ରତିରକ୍ଷା ମନ୍ତ୍ରୀ**

ଭାରତ ପାଇଁ ଏହା ଏକ ଦୁଃଖଦାୟକ ଦିନ। ତାଙ୍କର ମୃତ୍ୟୁ କେବଳ ଟାଟା ଗ୍ରୁପ୍ ପାଇଁ ନୁହେଁ, ବରଂ ପ୍ରତିଟି ଭାରତୀୟ ପାଇଁ କ୍ଷତି।
**–ମୁକେଶ ଅମ୍ବାନୀ, ଚେୟାରମ୍ୟାନ୍, ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍**

ଆଧୁନିକ ଭାରତକୁ ଆଗେଇ ନେଇଥିବା ଜଣେ ଦୂରଦୃଷ୍ଟିସମ୍ପନ୍ନ ବ୍ୟକ୍ତିଙ୍କୁ ଭାରତ ଆଜି ହରାଇଛି।
**–ଗୌତମ ଆଦାନୀ, ଚେୟାର ପର୍ସନ, ଆଦାନୀ ଗ୍ରୁପ୍**

ଭାରତ ଜଣେ ପ୍ରତିଭାଶାଳୀ ବ୍ୟକ୍ତିଙ୍କୁ ହରାଇଛି। ତାଙ୍କର ବ୍ୟକ୍ତିତ୍ୱ ଭବିଷ୍ୟତର ପିଢ଼ିକୁ ସର୍ବଦା ପ୍ରେରଣା ଯୋଗାଇବ।
**–ଏମ୍.କେ. ଷ୍ଟାଲିନ, ତାମିଲନାଡ଼ୁ ମୁଖ୍ୟମନ୍ତ୍ରୀ**

## ମୋ ସମ୍ପର୍କରେ ଚିନ୍ତା କରୁଥିବାରୁ ଧନ୍ୟବାଦ

### ଟାଟାଙ୍କ ଶେଷ ସୋସିଆଲ ମିଡିଆ ପୋଷ୍ଟ

୨୦୨୪ ଅକ୍ଟୋବର ୭ରେ ରତନ ଟାଟାଙ୍କ ପରଲୋକ ଘଟିଥିବା ନେଇ ସାମାଜିକ ଗଣମାଧ୍ୟମରେ କେତେକ ପୋଷ୍ଟ ବହୁଳ ପ୍ରସାରିତ ହେବାରେ ଲାଗିଥିଲା। ରତନ ଏହା ଜାଣିବା ପରେ ନିଜ ପ୍ରଶଂସକମାନଙ୍କୁ ଆଶ୍ୱସ୍ତି ଦେବାକୁ ଯାଇ ନିଜ ଏକ୍ସ’ ହ୍ୟାଣ୍ଡଲରେ ଏକ ପୋଷ୍ଟ କରି ଉକ୍ତ ଗୁଜବକୁ ଖଣ୍ଡନ କରିଥିଲେ। ସେଥିରେ ସେ ଲେଖିଥିଲେ, ମିଛ ଗୁଜବକୁ ବିଶ୍ୱାସ କରନ୍ତୁ ନାହିଁ। ମୁଁ ବର୍ତ୍ତମାନ ବୟସାଧିକ କାରଣରୁ ଅସୁସ୍ଥ ଅଛି। ଏଭଳି ଗୁଜବ ନ କରିବାକୁ ସେ ଲୋକଙ୍କୁ ପରାମର୍ଶ ଦେବା ସହ ଲେଖିଥିଲେ, ଥ୍ୟାଙ୍କ ୟୁ ଫର୍ ଥିଙ୍କିଙ୍ଗ୍ ଅଫ୍ ମି! ଏହା ଥିଲା ରତନ ଟାଟାଙ୍କ ଜୀବନର ଶେଷ ସୋସିଆଲ ମିଡିଆ ପୋଷ୍ଟ।


Ratan N. Tata
@RNTata2000 · Follow

Thank you for thinking of me

I am aware of recent rumors circulating regarding my health and want to assure everyone that these claims are unfounded. I am currently undergoing medical check-ups due to my age and related medical conditions.

There is no cause for concern. I remain in good spirits and request that the public and media respect refrain from spreading misinformation.

Sincerely,

Ratan N. Tata






## ଶ୍ରୀମନ୍ଦିର ହୁଣ୍ଡିରୁ ଆୟ



୯।୧୦।୨୦୨୪

| ୪,୩୫,୧୭୨ ଟଙ୍କା | |
|---|---|
| ସୁନା | ୧୫୦ ମିଲିଗ୍ରାମ୍ |
| ରୁପା | ୭୫୦ ମିଲିଗ୍ରାମ୍ |

## ସଂକ୍ଷେପରେ

### ମଙ୍ଗଳାଙ୍କ ପୀଠର ୨ ସ୍ଥାନରେ ଭଜନ ସନ୍ଧ୍ୟା

ଅସ୍ତରଙ୍ଗ,୯।୧୦

(ମମତା ଜେନା/ପ୍ରଦୀପ୍ତ କୁମାର ଦୀକ୍ଷିତ)

କାକଟପୁରର ଅନନ୍ୟ ଶକ୍ତି ପୀଠ ମା' ମଙ୍ଗଳାଙ୍କ ନିକଟରେ ମହାସପ୍ତମୀ ଅବସରରେ ପ୍ରସିଦ୍ଧ ସିଂହାବାହିନୀ ବେଶ ଅନୁଷ୍ଠିତ ହୋଇଯାଇଛି। ସମସ୍ତ ନୀତି ସରିବା ପରେ ମା'ଙ୍କୁ ସ୍ନାନ ମାର୍ଜନା କରାଯାଇ ପ୍ରସିଦ୍ଧ ସିଂହବାହିନୀ ବେଶରେ ସଜ୍ଜିତ କରାଯାଇଥିଲା। ପରେ ମା'ଙ୍କ ଚଳନ୍ତିପ୍ରତିମା କନକ ଦୁର୍ଗା ମନ୍ଦରଗିରିକୁ ମହିଷାସୁରକୁ ଠାବ କରିବାକୁ ଯିବାପରେ ସେଠାରେ ଜଗତି ପୂଜା କରାଯାଇଥିଲା। ତା'ପରେ ସର୍ବସାଧାରଣଙ୍କ ଦର୍ଶନ ନିମନ୍ତେ ପହୁଡ଼ ଖୋଲିଥିଲା। ମାତୃଭକ୍ତମାନେ ମା'ଙ୍କର ଏଭଳି ଅପୂର୍ବ ବେଶ ଦର୍ଶନ କରି ଆଶୀର୍ବାଦ ଭିକ୍ଷା କରିଥିଲେ। ଏହି ଅବସରରେ ମନ୍ଦିର ନିକଟରେ ସ୍ଥାନୀୟ ବିଧାୟକ ତୁଷାକାନ୍ତି ବେହେରାଙ୍କ ଦ୍ୱାରା ଭଜନ ସନ୍ଧ୍ୟା ଆୟୋଜନ କରାଯାଇଥିବା ବେଳେ କାକଟପୁର ମୁଖ୍ୟ ବଜାରରେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ାଙ୍କ ଦ୍ୱାରା ଅନ୍ୟଏକ ଭଜନ ସନ୍ଧ୍ୟା କରାଯାଇଥିଲା। ଏ ନେଇ ସ୍ଥାନୀୟ ଅଞ୍ଚଳରେ ରାଜନୈତିକ ଚର୍ଚ୍ଚା ଜାରି ରହିଛି।

### ବେଆଇନ କରତ କଳ ଉପରେ ବନ ବିଭାଗର ଚଢ଼ାଉ

ନିମାପଡା,୯।୧୦

(ବିଚିତ୍ରାନନ୍ଦ ସାହୁ/ ରଞ୍ଜନ ପଟ୍ଟନାୟକ)

ନିମାପଡ଼ା ଥାନା ଅଧୀନ ଖେଲାର ନିକଟସ୍ଥ ମଠସାହି ଓ ରଏଡ଼ ବଜାରସ୍ଥିତ ୨ଟି ବେଆଇନ କରତକଳ ଉପରେ ବୁଧବାର ଭୋରୁ ବନବିଭାଗ ଚଢ଼ାଉ କରି ଲକ୍ଷାଧିକ ଟଙ୍କା ମୂଲ୍ୟର ଯନ୍ତ୍ରାଂଶ ଜବତ କରିଛି। ଭୁବନେଶ୍ୱର ବନ ବିଭାଗ ଦୁର୍ନୀତି ନିବାରଣ ବିଭାଗ, ପୁରୀ, ବାଲୁଖଣ୍ଡ, ଅସ୍ତରଙ୍ଗ, ଗୋପ ଏବଂ ନିମାପଡ଼ା ବନ ବିଭାଗ ପକ୍ଷରୁ ମିଳିତ ଭାବେ ଚଢ଼ାଉରେ ସାମିଲ ହୋଇଥିଲେ। ଚଢ଼ାଉ ସମୟରେ ଆନୁମାନିକ ୨ ଲକ୍ଷ ଟଙ୍କା ମୂଲ୍ୟର ଯନ୍ତ୍ରାଂଶକୁ ଜବତ କରାଯାଇଛି ବୋଲି ନିମାପଡ଼ା ବନବିଭାଗ ଅଧିକାରୀ ପ୍ରଦୀପ ପାଣିଗ୍ରାହୀ ସୂଚନା ଦେଇଛନ୍ତି। ଚଢ଼ାଉ ସମୟରେ ଏସିଏଫ୍ ଦୁର୍ନୀତି ନିବାରଣ ବିଭାଗ ଭୁବନେଶ୍ୱର ସ୍ମିତା ପ୍ରିୟଦର୍ଶିନୀ ସ୍ୱାଇଁ, ଗୋପ ଆରଓ ସୁଦର୍ଶନ ଦେହୁରୀ, ଗୋପ ବନବିଭାଗ ଅଧିକାରୀ ବିଜୟଲକ୍ଷ୍ମୀ ବଳ, କୋଣାର୍କ ବନ ବିଭାଗ ଅଧିକାରୀ କୈଳାଶ ନାୟକ ଏବଂ ନିମାପଡ଼ା ଥାନା ଆଇଆଇସି ବାମଦେବ ସ୍ୱାଇଁ, ଏସ୍ଆଇ ଦିଲୀପ ପଣ୍ଡା ଉପସ୍ଥିତ ଥିଲେ।



ଭୋଗଯାଗା ଗୋଷାଣୀ



ମାଟି ମଣ୍ଡପ ସାହି ଆଖଡାର ଶୂନ୍ୟ ଗୋଷାଣୀ ।



ମାଟି ମଣ୍ଡପ ସାହିର ନାଗା ।

# ମା'ଙ୍କ ଆବାହନରେ ଶ୍ରୀକ୍ଷେତ୍ର ଉତ୍ସବମୁଖର

ପୁରୀ,୯।୧୦(ଅଜିତ୍ କୁମାର ମହାନ୍ତି)

ଶାରଦୀୟ ଦଶହରାକୁ ନେଇ ଉତ୍ସବମୁଖର ହୋଇଉଠିଛି ଶ୍ରୀକ୍ଷେତ୍ର। ଗାଁଠୁ ସହର ସବୁଠି ମହକୁଛି ପାର୍ବଣର ମହକ। ମା' ଦଶଭୁଜାଙ୍କ ଆବାହନ ମନ୍ତ୍ରରେ ଚଳଚଞ୍ଚଳ ପୁରୀ ସହର। ଶାରଦୀୟ ଦୁର୍ଗୋତ୍ସବର ସ୍ୱାତନ୍ତ୍ର୍ୟତା ବହନ କରୁଥିବା ଶ୍ରୀକ୍ଷେତ୍ର ଏବେ ନବବଧୂଟିଏ ଭଳି ସଜେଇ ହୋଇଛି। ରଙ୍ଗିନ ଆଲୋକମାଳାରେ ଝଲସୁଛି ପୂଜାମଣ୍ଡପ ଓ ବିଭିନ୍ନ ଦେବୀପୀଠ। ସହରର ଗଳିକନ୍ଦିରେ ଆକର୍ଷଣୀୟ ଦେବୀ ମୂର୍ତ୍ତି ଏବଂ ନାଗା ଆକର୍ଷଣ ପାଲଟିଛି। ଅନ୍ୟପକ୍ଷରେ ପ୍ରତ୍ୟେକ ଦେବୀ ମୂର୍ତ୍ତିଙ୍କ ଉପାସନା ସହିତ ସାହିର ଜାଗା, ଆଖଡ଼ା ସମ୍ପୃକ୍ତ। ସେଥିଲାଗି ସମସ୍ତ ଜାଗା, ଆଖଡ଼ା ମଧ୍ୟ ବେଶ୍ ଚଳଚଞ୍ଚଳ ହୋଇପଡ଼ିଛି। ଶ୍ରୀକ୍ଷେତ୍ରର ବିଭିନ୍ନ ଶକ୍ତିପୀଠରେ ବୁଧବାର ସପ୍ତମୀ ପୂଜା ଅନୁଷ୍ଠିତ ହୋଇଛି। ବିଶେଷକରି ଶ୍ରୀମନ୍ଦିରରେ ମା' ବିମଳାଙ୍କ ସମେତ ଭିତରବେଢ଼ା ପରିସରସ୍ଥ ମା' ଭୁବନେଶ୍ୱରୀ, ବଟମଙ୍ଗଳା, ଉତ୍ତରାୟଣୀଙ୍କ ସମେତ ଶ୍ରୀକ୍ଷେତ୍ର ବିଭିନ୍ନ ପୀଠ, ମା' ଦକ୍ଷିଣ କାଳୀ, ଆଲାମଚଣ୍ଡୀ, କପିଳେଶ୍ୱର ଶାସନର ମା' ପଞ୍ଚମୁଖୀ, ମା' ବାସେଳୀ, ମା' ମଙ୍ଗଳା, ମା' ମରିଚୀ ଠାକୁରାଣୀ, ମା' ବାଟକାଳୀ, ବାଙ୍କୀମୁହାଣ ରାମଚଣ୍ଡୀ, ବାଟମଙ୍ଗଳା, ଜେନାରୀଗଛ ରାମଚଣ୍ଡୀ, ଶ୍ୟାମାକାଳୀ ପ୍ରଭୃତି ଦେବୀପୀଠରେ ସପ୍ତମୀ ପୂଜା ଅନୁଷ୍ଠିତ ହୋଇଛି। ସେହିପରି ମା' ବିମାଳାଙ୍କ ପ୍ରତିନିଧି ଭାବେ ପୂଜିତ କାକୁଡ଼ିଖାଇ ମୃଣ୍ମୟୀ ପ୍ରତିମାଙ୍କ ମଧ୍ୟ ସପ୍ତମୀ ପୂଜା କରାଯାଇଛି। ମହାସପ୍ତମୀ ତିଥି ଅବସରରେ ଠାକୁରାଣୀମାନଙ୍କ ବିଭିନ୍ନ ସ୍ୱତନ୍ତ୍ର ବେଶ ଅନୁଷ୍ଠିତ ହୋଇଛି।



ଗୋପବନ୍ଧୁ ଜୟନ୍ତୀ ଅବସରରେ ବୁଧବାର ବିଶ୍ୱଶାନ୍ତି ଓ ଯୁଦ୍ଧ ବନ୍ଦ ପାଇଁ ଶ୍ରୀଜଗନ୍ନାଥ ଭକ୍ତ ସମାଜ ତରଫରୁ ଶ୍ରୀମନ୍ଦିର ସିଂହଦ୍ୱାର ସମ୍ମୁଖରେ ସମୂହ ଦୀପଦାନ କରାଯାଉଛି। (ଫଟୋ- ଯଜ୍ଞେଶ୍ୱର ମହାନ୍ତି)

## କଂଗ୍ରେସ ସେବା ଦଳ ପକ୍ଷରୁ ଗୋପବନ୍ଧୁ ଜୟନ୍ତୀ

ପୁରୀ,୯।୧୦(ଅଜିତ କୁମାର ମହାନ୍ତି)

ପୁରୀ ଜିଲା କଂଗ୍ରେସ ସେବା ଦଳ ପକ୍ଷରୁ ବୁଧବାର ପଣ୍ଡିତ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ପାଳନ ସହ ତାଙ୍କ ପ୍ରତିମୂର୍ତ୍ତୀରେ ମାଲ୍ୟାର୍ପଣ କରାଯାଇଛି। କାର୍ଯ୍ୟକ୍ରମରେ ସେବା ଦଳ ପୁରୀ ଜିଲା ମୁଖ୍ୟ ବିଶ୍ୱକେସନ ହରିଚନ୍ଦନ ମହାପାତ୍ର, ପୂର୍ବତନ ପିସିସି ସମ୍ପାଦକ ସୁକାନ୍ତ କୁମାର ପ୍ରଧାନ, ପୂର୍ବତନ ପୌର ସଦସ୍ୟ ସୀତାକାନ୍ତ ମହାନ୍ତି, ପୂର୍ବତନ ନଗର କଂଗ୍ରେସ (ଖ) ସଭାପତି ଅମରେନ୍ଦ୍ର ପାଇକରାୟ, ପୂର୍ବତନ ସଦର ବ୍ଲକ କଂଗ୍ରେସ ସଭାପତି ଅବିନାଶ ମିଶ୍ର, ଅମିୟ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

## ନାରାୟଣୀ ବନ୍ତରେ ମହାଷ୍ଟମୀ ମହୋତ୍ସବ

ପୁରୀ,୯।୧୦(ଅଜିତ୍ କୁମାର ମହାନ୍ତି)



ଐତିହ୍ୟ ପୀଠ ନାରାୟଣୀବନ୍ତରେ ଦେବୀ ନାରାୟଣୀଙ୍କ ଶାରଦୀୟ ପୂଜା ପାଳିତ ହେଉଛି। ଦେବୀ ପରମବୈଷ୍ଣବୀ ନାରାୟଣୀଙ୍କ ନଅମୌଜା ୩୬ ପଡାର ଜନସାଧାରଣଙ୍କ ଯୋଗୁ ନୂତନ ମନ୍ଦିର ଜଗମୋହନ ଓ ଯଜ୍ଞମଣ୍ଡପ ନିର୍ମାଣ ସମ୍ଭବ ହୋଇଛି। ନୀତି ପରିଚାଳନା ପାଇଁ ନିର୍ଦ୍ଦିଷ୍ଟ ଭାବେ କୌଣସି ଅର୍ଥ ବ୍ୟବସ୍ଥା ନ ଥିବାରୁ ଷୋଳ ପୂଜାରେ ଷୋଳଜଣ ଭକ୍ତ ପାଳି କରି ନୀତି ପରିଚାଳନା କରୁଛନ୍ତି। ପୁରୀରୁ ଜଣେ ଏବଂ ଉପର ତଥା ତଳ ବେଳଦଳ ଗ୍ରାମବାସୀଙ୍କ ପକ୍ଷରୁ ୧୫ଜଣ ପାଳିଆ ନୀତି ଚଳାଉଛନ୍ତି। ଏଠାରେ ମହାଷ୍ଟମୀ ଦିନ ସ୍ୱତନ୍ତ୍ର ମହୋତ୍ସବ ପାଳିତ ହେଉଛି। ଏଥିରେ ନଅମୌଜା ୩୬ ପଡ଼ାର ଅଧିବାସୀ ଯୋଗଦେଇ ମହୋତ୍ସବକୁ ସଫଳ କରିଥାନ୍ତି। ସମଗରା, ବାଲିଗୁଆଳି, ଗୋପାଳପୁର, ନାଗପାଟଣା, ଭୂଆଁ, ଗଡ଼ବାଙ୍ଗର, ଛଇତନା, ବେଳଦଳ, ବେଲେଶ୍ୱରପାଟଣା, ରାମେଶ୍ୱରପାଟଣା ଓ ବାଲିପାଟଣା ଅଧିବାସୀ ମହାଷ୍ଟମୀ ତିଥିରେ ଏକାଠି ହୋଇ ସହଯୋଗ କରିଥାନ୍ତି। ସମସ୍ତ କାର୍ଯ୍ୟ ନାରାୟଣ ଫାଉଣ୍ଡେଶନ ପରିଚାଳନା କରେ। ସଭାପତି ଛବିନ୍ଦ୍ର ପ୍ରଧାନ, ସମ୍ପାଦକ ସନ୍ତୋଷ କୁମାର ସ୍ୱାଇଁଙ୍କ ଅନୁରୋଧରେ ଶତାଧିକ ଯୁବକ ଷୋଳପୂଜାର ନୀତି ନିୟମ ପାଳନ କରନ୍ତି। ଦୋଳ ମହାପାତ୍ର (ପୂଜାରୀ) ଅନ୍ୟ ୫ଜଣଙ୍କ ସହାୟତାରେ ସକାଳୁ ରାତି ପର୍ଯ୍ୟନ୍ତ ମା'ଙ୍କ ନୀତି ନିର୍ବାହ କରୁଛନ୍ତି। ମହୋତ୍ସବ ପାଇଁ ସଂଯୋଜକ ଲକ୍ଷ୍ମୀଧର ଗୋଚ୍ଛାୟତଙ୍କ ସହଯୋଗରେ ଏକ ସଭା ହୋଇଯାଇଛି। ଶ୍ରୀମନ୍ଦିର ପକ୍ଷରୁ ମହାଷ୍ଟମୀ ଅବସରରେ ମାଳ, ମାହାର୍ଦ୍ଦ ଏବଂ ଲାଗି ପାଟ ମା'ଙ୍କ ପାଖକୁ ପଠାଯାଏ। ସପ୍ତସତୀ ଚଣ୍ଡୀର ଉଚ୍ଚାରିତ ମନ୍ତ୍ର, ସର୍ବସ୍ୟାର୍ତ୍ତି ହରେଦେବୀ ନାରାୟଣୀ ନମସ୍ତୁତେ...ରେ ସମସ୍ତଙ୍କ ମଙ୍ଗଳ କାମନା କରାଯାଏ ବୋଲି ଫାଉଣ୍ଡେଶନ ଉପଦେଷ୍ଟା ଡ. ସୁରେନ୍ଦ୍ର ମିଶ୍ର କହିଛନ୍ତି।

## ବ୍ୟାରିକେଡ୍ ଯୋଗୁ ଭକ୍ତଙ୍କ ଦର୍ଶନ ନେଇ ଉପୁଜିପାରେ ସମସ୍ୟା

ପୁରୀ,୯।୧୦(ଅଜିତ୍ କୁମାର ମହାନ୍ତି)

ଶ୍ରୀମନ୍ଦିର ପ୍ରଶାସନ କାର୍ତ୍ତିକ ମାସ ପରେ ପୁରୁଷ, ଦିବ୍ୟାଙ୍ଗ, ମହିଳା, ଶିଶୁ ଓ ବୟସାଧିକ ବୃଦ୍ଧାବୃଦ୍ଧଙ୍କ ପାଇଁ ସ୍ୱତନ୍ତ୍ର ଭାବେ ଅଲଗା ଧାଡ଼ି ବ୍ୟବସ୍ଥା କରିବାକୁ ଯୋଜନା କରୁଛି। ଭକ୍ତମାନେ ସାତପାହାଚ ଦେଇ ପ୍ରବେଶ କରି ଘଣ୍ଟିଦ୍ୱାର ଦେଇ ପ୍ରସ୍ଥାନ କରିବେ। ସମୁଦାୟ ୬ଟି ଧାଡ଼ିରେ ଭକ୍ତମାନେ ପ୍ରବେଶ କରିବା ସହ କାଠ ବ୍ୟାରିକେଡ୍ ଦେଇ ଚତୁର୍ଦ୍ଧାବିଗ୍ରହଙ୍କୁ ଦର୍ଶନ କରିବେ। କାଠ ବ୍ୟାରିକେଡ୍କୁ ଉଚ୍ଚତା ସମ୍ପନ୍ନ କରିବା ସହ ଗରୁଡସ୍ତମ୍ଭ ପାଖରୁ ଭକ୍ତମାନେ ଦର୍ଶନ କରିପାରିବେ, ସେ ନେଇ ବ୍ୟବସ୍ଥା କରାଯିବ। ୬ଟି ଧାଡ଼ିକୁ ତିନିଭାଗରେ ବିଭକ୍ତ କରାଯିବ। ଶ୍ରୀମନ୍ଦିର ପ୍ରଶାସନର ଏପରି ନିଷ୍ପତ୍ତିକୁ ସାଧାରଣରେ ସ୍ୱାଗତ କରାଯାଇଛି। ତେବେ ପ୍ରଶାସନ ନେଇଥିବା ନିଷ୍ପତ୍ତିରେ ସମସ୍ୟା ଦେଖାଦେବ ବୋଲି ଅନେକ ଭକ୍ତ ଓ ସେବାୟତ ଆଶଙ୍କା ବ୍ୟକ୍ତ କରିଛନ୍ତି। କାରଣ ଅଲଗା ଧାଡ଼ି ହେବା ଦ୍ୱାରା ପରିବାର ନେଇ ଆସିଥିବା ଭକ୍ତମାନେ ଯାଇ ଦର୍ଶନ କରି ପ୍ରସ୍ଥାନ କରିବା ପରେ ଏକାଠି ହେବାରେ ସମସ୍ୟା ଦେଖାଦେବ। ସେହିପରି ପରିବାର ନେଇ ଆସିଥିବା ଭକ୍ତ କେବେ ପରବାରଜନକୁ ଛାଡ଼ି ଅନ୍ୟ ବ୍ୟାରିକେଡରେ ଯିବାକୁ ପସନ୍ଦ କରିବେ ନାହିଁ। ହଜିଯିବାର ଭୟ ରହିବା କାରଣରୁ ଭକ୍ତମାନେ ମହାପ୍ରଭୁଙ୍କ ଦର୍ଶନ କରିବା ପରିବର୍ତ୍ତେ ପରିବାର ଲୋକଙ୍କ ପାଖରେ ମନ ରହିବ। ସେହିପରି ବ୍ୟାରିକେଡ୍ ଯଦି ସାତପାହାଚ ପାଖରୁ କରାଯିବ, ତେବେ ଭକ୍ତମାନେ ଗରୁଡ ଖମ୍ବକୁ ଛୁଇଁ ମହାପ୍ରଭୁଙ୍କ ଦର୍ଶନ କରିପାରିବେ ନାହିଁ। ର୍ୟାମ୍ପ ଫଳରେ ଗରୁଡ଼ ଖମ୍ବଠାରୁ ମହାପ୍ରଭୁଙ୍କ ଦର୍ଶନ ଠିକ୍ ଭାବେ ହୋଇପାରିବ ନାହିଁ। ତେଣୁ ପ୍ରଶାସନ ହାତରେ ଆହୁରି ୧ ମାସ ସମୟ ଥିବାରୁ ସମସ୍ତ ଦିଗକୁ ଦୃଷ୍ଟିରେ ରଖି ଉପଯୁକ୍ତ ବ୍ୟବସ୍ଥା କରାଯିବା ଉଚିତ ବୋଲି ସାଧାରଣରେ ମତ ପ୍ରକାଶ ପାଇଛି।

## ରାଜକିଶୋର ପଟ୍ଟନାୟକ ଭାରତୀୟ ମହିଳା ସଫ୍ଟବଲ ଟିମ୍ର କୋଚ୍

ପୁରୀ,୯।୧୦(ଅଜିତ କୁମାର ମହାନ୍ତି)

ତାଇୱାନର ତାଇଚୁଙ୍ଗ ତାପେଇରେ ଅକ୍ଟୋବର ୧୫ରୁ ୧୯ ତାରିଖ ପର୍ଯ୍ୟନ୍ତ ଏସିଆନ ୟୁନିଭର୍ସିଟି ମହିଳା ସଫ୍ଟବଲ ଏସିଆ କପ୍ ଅନୁଷ୍ଠିତ ହେବ। ଭାରତୀୟ ମହିଳା ସଫ୍ଟବଲ ଟିମ୍ର କୋଚ୍ ଭାବେ ପୁରୀର ସଫ୍ଟବଲ କୋଚ ରାଜକିଶୋର ପଟ୍ଟନାୟକଙ୍କୁ ଭାରତୀୟ ସଫ୍ଟବଲ ଆସୋସିଏଶନ ପକ୍ଷରୁ ମନୋନୀତ କରାଯାଇଛି। ଭାରତୀୟ ଦଳ ଅକ୍ଟୋବର ୧୩ରୁ ତାଇଚୁଙ୍ଗ ଅଭିମୁଖେ ଗସ୍ତ କରିବ ବୋଲି ବୋଲି ଆସୋସିଏଶନ୍ର ସେକ୍ରେଟାରୀ ଜେନେରାଲ ସୂଚନା ଦେଇଛନ୍ତି।

## ଓଡ଼ିଆ ଚଳଚ୍ଚିତ୍ର 'ଦୁର୍ଗା' ପ୍ରଦର୍ଶିତ

ପୁରୀ, ୯।୧୦(ଅଜିତ କୁମାର ମହାନ୍ତି)

ପ୍ରଯୋଜକ କୁମାର ପ୍ରୀତମ ସାହୁଙ୍କ ପ୍ରଯୋଜିତ ଏବଂ ତାପସ ସରଘରିଆଙ୍କ ନିର୍ଦ୍ଦେଶିତ ଚଳଚ୍ଚିତ୍ର 'ଦୁର୍ଗା'ର ବୁଧବାର ଶାରଦୀୟ ପୂଜା ଅବସରରେ ପୁରୀ ଟାଉନ ହଲରେ ପ୍ରିମିୟର ପ୍ରଦର୍ଶନ କରାଯାଇଛି। ରେବତୀ ଚଳଚ୍ଚିତ୍ରର କାହାଣୀକାର ବଦ୍ରି ମିଶ୍ରଙ୍କ ପରିଚାଳନାରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଶିଳ୍ପପତି ରାଜକିଶୋର ପାତ୍ର ଯୋଗଦେଇ ସନ୍ତାନ ପାଇଁ ବାତ୍ସଲ୍ୟମୟୀ, ପରିବାର ଓ ସମାଜ ସକାଶେ ସର୍ବସଂହା, ସ୍ୱାମୀ ନିମନ୍ତେ ପତିଭକ୍ତା ନାରୀ, କିପରି ଅନ୍ୟାୟ ଓ ଅଧର୍ମରୂପୀ ମହିଷାସୁରମାନଙ୍କ ଲାଗି ମହାମାୟା ଦୁର୍ଗା ହୋଇପାରେ ତାହା ଅଭିବ୍ୟକ୍ତି କରିଥିଲେ। ଏହି ପ୍ରିମିୟର ଶୋ'ରେ ନାୟିକା ପୁନମ ମିଶ୍ର, ନାୟକ ଅଭିଷେକ ଗିରି, ପ୍ରଚାର ପ୍ରସାର ମୁଖ୍ୟ ଶ୍ୟାମାପ୍ରସାଦ ମିଶ୍ର, ହରିହର ମହାପାତ୍ର, ରାଜେଶ ପରିଡ଼ା, ମାମାଲି ସାହୁ, ବିଦ୍ୟୁତ୍ସ୍ମିତା, ଅର୍ପଣ ମିଶ୍ର, କୁନାଲ ପଟ୍ଟନାୟକ, ଅଭିନେତା -ଅଧ୍ୟାପକ ବିଶ୍ୱନାଥ ମିଶ୍ର ପ୍ରମୁଖ ଯୋଗଦେଇଥିଲେ। ପୁରୀ ମାଟିର ଏକ ସତ୍ୟ କାହାଣୀ ବିଶେଷକରି ନାରୀକୈନ୍ଦ୍ରିକ ଚଳଚ୍ଚିତ୍ର ଦୁର୍ଗାର ବଳିଷ୍ଠ ଅଭିନୟ, ସଙ୍ଗୀତ ଓ ନିର୍ଦ୍ଦେଶନା ହିଁ ସଫଳତା ଆଣିଦେବ ବୋଲି ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀ ସଦସ୍ୟ ବଦ୍ରି ମିଶ୍ର କହିଥିଲେ। ଆଗାମୀ ଦଶଦିନ ଧରି ଚାଲିବାକୁ ଥିବା ଏହି ଚଳଚ୍ଚିତ୍ରକୁ ଜିଲାବାସୀ ଉପଭୋଗ କରିବେ ବୋଲି ଶ୍ୟାମାପ୍ରସାଦ ମିଶ୍ର ଆଶା ପ୍ରକାଶ କରିଛନ୍ତି।

## ଓଡ଼ିଆ ବିଶ୍ୱବିଦ୍ୟାଳୟର ପ୍ରଥମ ପ୍ରତିଷ୍ଠା ଉତ୍ସବ

**ଦେବୀପ୍ରସନ୍ନ ପଟ୍ଟନାୟକ, ଦାଶରଥି ଦାସ, ଆଚାର୍ଯ୍ୟ ଭାବାନନ୍ଦ, କୃଷ୍ଣଚନ୍ଦ୍ର ମିଶ୍ର, ପ୍ରଦୀପ ଦଳାଇଙ୍କୁ ପଞ୍ଚସଖା ସମ୍ମାନ**

ସାକ୍ଷୀଗୋପାଳ,୯।୧୦(ପ୍ରଶାନ୍ତ କୁମାର ବାରିକ/କିଶୋର ମହାପାତ୍ର)




ଓଡ଼ିଆ ବିଶ୍ୱବିଦ୍ୟାଳୟ ପ୍ରତିଷ୍ଠା ଉତ୍ସବରେ ଯୋଗ ଦେଇଥିବା ଅତିଥିମାନେ।

ସତ୍ୟବାଦୀସ୍ଥିତ ଓଡ଼ିଆ ବିଶ୍ୱବିଦ୍ୟାଳୟର ପ୍ରଥମ ପ୍ରତିଷ୍ଠା ଉତ୍ସବ ୭ ତାରିଖଠାରୁ ୩ଦିନ ବ୍ୟାପୀ ମହାସମାରୋହରେ ପାଳିତ ହୋଇଛି। ପ୍ରଥମ ଦିବସ ସୋମବାର ବିଶ୍ୱବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ଗୃହସ୍ଥ ପ୍ରସ୍ତୁତ ନାନା ପ୍ରକାରର ରୁଚିକର ଖାଦ୍ୟ ସମ୍ଭାରକୁ ନେଇ ଫୁଡ୍ ଫେଷ୍ଟ ଆୟୋଜନ କରାଯାଇଥିଲା। ଦ୍ୱିତୀୟ ଦିବସ ମଙ୍ଗଳବାର ପୁରୀର ଗଛମଣିଷ ପ୍ରଦୀପ କୁମାର ଦଳାଇଙ୍କ ତତ୍ତ୍ୱାବଧାନରେ ବିଶ୍ୱବିଦ୍ୟାଳୟ ପରିସରରେ ସମୂହ ଚାରାରୋପଣ କରାଯାଇଥିଲା। ତୃତୀୟ ଦିବସ ବୁଧବାର ଉତ୍କଳମଣି ଗୋପବନ୍ଧୁଙ୍କ ଜୟନ୍ତୀ ଓ ବିଶ୍ୱବିଦ୍ୟାଳୟର ପ୍ରଥମ ପ୍ରତିଷ୍ଠା ଦିବସ ଉତ୍ସବ ପାଳନ କରାଯାଇଥିଲା। କୁଳପତି ପ୍ରଫେସର ସବିତା ପ୍ରଧାନଙ୍କ ସଭାପତିତ୍ୱରେ ଆୟୋଜିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଓଡ଼ିଶାର ବିଶିଷ୍ଟ ସାହିତ୍ୟିକ ଶାନ୍ତନୁ କୁମାର ଆଚାର୍ଯ୍ୟ ଯୋଗ ଦେଇଥିଲେ। ସ୍ନାତକୋତ୍ତର ପରିଷଦର ଅଧ୍ୟକ୍ଷ ଡ. ପ୍ରଦ୍ୟୁମ୍ନ କୁମାର ମିଶ୍ର ସ୍ୱାଗତ ଭାଷଣ ଦେଇଥିଲେ। କୁଳସଚିବ ରଶ୍ମିରେଖା ଦାସ ବିବରଣୀ ପାଠ କରିଥିଲେ।

ସମ୍ମାନିତ ବକ୍ତା ଭାବରେ ବିଶିଷ୍ଟ ସାମ୍ବାଦିକ ତଥା ସାହିତ୍ୟିକ ଡ. ଗୌରହରି ଦାସ, ମୁଖ୍ୟବକ୍ତା ଭାବେ ବିଶିଷ୍ଟ ସାହିତ୍ୟିକ ଡ. ଦାଶ ବେନହୁର ବିଶ୍ୱବିଦ୍ୟାଳୟର ଶିକ୍ଷାବ୍ୟବସ୍ଥା ଓ ଓଡ଼ିଆ ଭାଷା ସମ୍ପର୍କୀୟ ମହତ୍ତ୍ୱର ଦିଗଦର୍ଶନ ଦେଇଥିଲେ। ଏହି ଅବସରରେ ପଦ୍ମଶ୍ରୀ ଡ. ଦେବୀପ୍ରସନ୍ନ ପଟ୍ଟନାୟକ, ଡ. ଦାଶରଥି ଦାସ, ଆଚାର୍ଯ୍ୟ ଭାବାନନ୍ଦ, ଡ. କୃଷ୍ଣଚନ୍ଦ୍ର ମିଶ୍ର ଏବଂ ପ୍ରଦୀପ କୁମାର ଦଳାଇଙ୍କୁ ଯଥାକ୍ରମେ ଭାଷା, ସାହିତ୍ୟ, ସଂସ୍କୃତି, କଳାସ୍ଥାପତ୍ୟ ଓ ପରିବେଶ ସୁରକ୍ଷା କ୍ଷେତ୍ରରେ ପଞ୍ଚସଖା ସମ୍ମାନରେ ସମ୍ମାନିତ କରାଯାଇଥିଲା। ଏଥିସହ ସାଂସ୍କୃତିକ ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ପ୍ରମାଣପତ୍ର ପ୍ରଦାନ କରାଯାଇଥିଲା। କୁଳପତି ପ୍ରଫେସର ସବିତା ପ୍ରଧାନ ଓଡ଼ିଆ ବିଶ୍ୱବିଦ୍ୟାଳୟର ଲକ୍ଷ୍ୟ, ପାଠ୍ୟକ୍ରମ ଏବଂ ଶିକ୍ଷଣ ବ୍ୟବସ୍ଥା ସମ୍ପର୍କରେ ସୁନ୍ଦର ଅଭିବ୍ୟକ୍ତି ପ୍ରଦାନ କରି ଭବିଷ୍ୟତର ନକ୍ସା ଅଙ୍କନ କରିଥିଲେ। ଓଡ଼ିଆ ଭାଷା ଓ ସାହିତ୍ୟର ମୁଖ୍ୟ ନାରାୟଣ ପ୍ରସାଦ ବେହେରା ଧନ୍ୟବାଦ ଦେଇଥିଲେ।

# ଝିଅଙ୍କୁ ସମ୍ମାନ, ଅଧିକାର ମିଳିବା ଉଚିତ

**ଜିଲାସ୍ତରୀୟ ଅନ୍ତର୍ଜାତୀୟ ଶିଶୁକନ୍ୟା ଦିବସ**

ପୁରୀ,୯।୧୦(ଅଜିତ କୁମାର ମହାନ୍ତି)

ପୁରୀ ଜିଲା ପ୍ରଶାସନ ପକ୍ଷରୁ ବୁଧବାର ସଂସ୍କୃତି ଭବନରେ ଅନ୍ତର୍ଜାତୀୟ ଶିଶୁକନ୍ୟା ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲା ସମାଜ କଲ୍ୟାଣ ଅଧିକାରୀ ତନୁପ୍ରଭା ବେଉରା ଅଧ୍ୟକ୍ଷତା କରିଥିଲେ। ଅତିରିକ୍ତ ଜିଲାପାଳ (ରାଜସ୍ୱ) କୈଳାସ ଚନ୍ଦ୍ର ନାୟକ ମୁଖ୍ୟ ଅତିଥି ଭାବେ ଯୋଗଦେଇ କହିଥିଲେ, ପୁଅ ଓ ଝିଅଙ୍କ ମଧ୍ୟରେ କୌଣସି ଫରକ ନ ଦେଖି ସେମାନଙ୍କୁ ଶିକ୍ଷା, ସଂସ୍କାର ଓ ଦକ୍ଷତା ପ୍ରଦର୍ଶନରେ ସହଯୋଗ କରିବା ପ୍ରତ୍ୟେକ ମାତା ପିତା, ଅଭିଭାବକ ଓ ଶିକ୍ଷକଙ୍କ କର୍ତ୍ତବ୍ୟ ହେବା ଉଚିତ। ଝିଅମାନଙ୍କୁ ସେମାନଙ୍କ ଅଧିକାର ସମ୍ପର୍କରେ ସଚେତନ କରିବା ଏହି କାର୍ଯ୍ୟକ୍ରମର ଉଦ୍ଦେଶ୍ୟ। ସମାଜର ସମସ୍ତ ବର୍ଗର ବ୍ୟକ୍ତି ଓ ମାତା ପିତା ସଚେତନ ହେଲେ ଝିଅ ବା ମହିଳାଙ୍କୁ ଉଚିତ ସମ୍ମାନ ମିଳିପାରିବ ବୋଲି ସେ କହିଥିଲେ। ସମ୍ମାନିତ ଅତିଥି ଭାବେ ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲାପାଳ (ପ୍ରୋଟୋକଲ) ନୀଳମାଧବ ଭୋଇ, ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ଡ. ଅଜିତ କୁମାର ମହାପାତ୍ର, ସୂଚନା ଓ ଲୋକସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ ପ୍ରମୁଖ ଯୋଗଦେଇ ବର୍ତ୍ତମାନ ସମାଜରେ ଶିଶୁକନ୍ୟାଙ୍କ ସ୍ଥିତି, ସୁରକ୍ଷା ନିମନ୍ତେ ବିଭିନ୍ନ କୌଶଳ ଓ ବାଳିକାଙ୍କ ପାଇଁ କାର୍ଯ୍ୟକାରୀ ହେଉଥିବା ଯୋଜନା ସମ୍ବନ୍ଧରେ ଆଲୋଚନା କରିଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ ସ୍ୱାଗତ ଭାଷଣ ଦେଇଥିଲେ। ବିଷୟ ବିଶାରଦ ତଥା ଶିଶୁ ସୁରକ୍ଷା ବିଶେଷଜ୍ଞ ଘାସିରାମ ପଣ୍ଡା ବାଳିକାଙ୍କ ବିକାଶ ଓ ସୁରକ୍ଷା, ଆଇନରେ ସେମାନଙ୍କ ପାଇଁ ରହିଥିବା ବ୍ୟବସ୍ଥା, ସମାଜରେ ସେମାନଙ୍କ ସ୍ଥିତି ସମ୍ପର୍କରେ ବ୍ୟାଖ୍ୟା କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ କୃତିତ୍ୱ ପାଇଁ ଛାତ୍ରୀ ଅର୍ଚ୍ଚନା ପ୍ରଧାନ, ଶ୍ରୀଦେବୀ ସାହୁ, ମମତା ପୂଜାରୀ, ଯାଜ୍ଞସେନୀ ମହାପାତ୍ର ଓ ଗତ ମାଟ୍ରିକ ପରୀକ୍ଷାରେ ଜିଲା ଟପ୍ପର ହୋଇଥିବା ଶ୍ୱେତପଦ୍ମା ତ୍ରିପାଠୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ସିଡିପିଓ, ସୁପରଭାଇଜର, ବିଭିନ୍ନ ବିଭାଗର କର୍ମଚାରୀ, ଶିଶୁ ସୁରକ୍ଷା ୟୁନିଟ୍ର କର୍ମକର୍ତ୍ତା ପ୍ରମୁଖ ଉପସ୍ଥିତ ଥିଲେ। ବିଭିନ୍ନ ଅଙ୍ଗନୱାଡ଼ି କେନ୍ଦ୍ରର ଅଦ୍ୱିକା ଛାତ୍ରୀଛାତ୍ରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ପ୍ରାରମ୍ଭରେ ସୁଭାଷ ବୋଷଛକଠାରୁ ଏକ ସଚେତନତା ଶୋଭାଯାତ୍ରା ବାହାରି ସଂସ୍କୃତି ଭବନ ପର୍ଯ୍ୟନ୍ତ ଯାଇଥିଲା।




ପୁରୀ ସଂସ୍କୃତି ଭବନ ପରିସରରେ ଆୟୋଜିତ ଶପଥପାଠ କାର୍ଯ୍ୟକ୍ରମ ।

## ମା' ଦୁର୍ଗାଙ୍କ ପୂଜା ଲାଗି ରାଜଧାନୀର ବିଭିନ୍ନ ପୂଜା ମଣ୍ଡପରେ ନିର୍ମିତ ସୁଉଚ୍ଚ ତୋରଣ



**ଦୁର୍ଗାପୂଜା:** ରସୁଲଗଡ଼ରେ ନିର୍ମିତ ଗୁଜରାଟର ସ୍ୱାମୀ ନାରାୟଣ ମନ୍ଦିର ତୋରଣ।



ଶହୀଦନଗରରେ ଜଳମହଲ ତୋରଣ।



ନୟାପଲ୍ଲୀରେ ୨ ହଜାର ଟେରୋକୋଟା ମୂର୍ତ୍ତିରେ ପ୍ରସ୍ତୁତ ତୋରଣ।



ବମିଖାଲରେ ଜଗଦୀଶ ପ୍ୟାଲେସ୍।



ୟୁନିଟ୍-୧ରେ ଶ୍ରୀଶ୍ରୀ ମହାଦେବ ପୂଜା କମିଟି ପକ୍ଷରୁ ଶଙ୍ଖ, ଶାମୁକା ଓ ଗେଣ୍ଡାରେ ନିର୍ମିତ ତୋରଣ।



ପଳାଶୁଣୀରେ ଭାଟିକାନ୍ ପ୍ୟାଲେସ୍



ଗଙ୍ଗନଗରରେ ତପୋବନ ଗ୍ରୀନ ତୋରଣ



ଝାରପଡ଼ାରେ ଇମ୍ପେରିଆଲ ପ୍ୟାଲେସ୍।



ବରମୁଣ୍ଡାରେ ରାଜସ୍ଥାନର ଉମେଦ ଭବନ। (ଫଟୋ-ବିକାଶ ନାୟକ)

# ୭ ମଣ୍ଡପରେ ସ୍ୱତନ୍ତ୍ର ମହିଳା ପୋଲିସ ସୁରକ୍ଷା ଦଳ

ଭୁବନେଶ୍ୱର,୯।୧୦
(ସତ୍ୟଜିତ୍ ରାଉତ)

- ଗୋଟିଏ ପ୍ଲାଟୁନ୍ ବିଏସ୍ଏଫ୍ ଓ ୬୩ ସେକ୍ସନ୍ ରିଜର୍ଭ ଫୋର୍ସ ନିୟୋଜିତ
- ୩ଟି ଷ୍ଟ୍ରାଇକିଙ୍ଗ ଫୋର୍ସ ଟିମ, ନୟାପଲ୍ଲୀ, ୫ ମଣ୍ଡପରେ କଣ୍ଟ୍ରୋଲ ରୁମ୍

ଭୁବନେଶ୍ୱରରେ ଏଥର ଶୃଙ୍ଖଳିତ ତଥା ସୁରକ୍ଷିତ ଦୁର୍ଗାପୂଜା ପାଇଁ ପ୍ରସ୍ତୁତି ହୋଇଛି। ବୁଧବାର ପୋଲିସ କମିଶନରେଟ୍ କାର୍ଯ୍ୟାଳୟରେ ପ୍ରାକ ପ୍ରସ୍ତୁତି ବୈଠକ ଜରିଆରେ ବିଭିନ୍ନ ଦିଗ ଉପରେ ଆଲୋଚନା ହୋଇଛି। ବୈଠକରେ ଅତିରିକ୍ତ ପୋଲିସ କମିଶନର ଉମାଶଙ୍କର ଦାଶ, ଭୁବନେଶ୍ୱର ଡିସିପି ପିନାକ ମିଶ୍ରଙ୍କ ସମେତ ଅନ୍ୟ ପୋଲିସ ଅଧିକାରୀମାନେ ଉପସ୍ଥିତ ଥିଲେ। ପୂଜା ସମୟରେ ଆପରାଧିକ କାର୍ଯ୍ୟକଳାପ ଉପରେ ପଦକ୍ଷେପ ନେବା ପାଇଁ ପରାମର୍ଶ ଦିଆଯାଇଛି। ଚଳିତ ବର୍ଷ ଭୁବନେଶ୍ୱରରେ ୧୮୭ ମେଢ଼ ହୋଇଥିବାବେଳେ ଏହାକୁ ୩ଟି ଶ୍ରେଣୀଭୁକ୍ତ କରାଯାଇଛି। 'ଏ' ଶ୍ରେଣୀରେ ୪୮ଟି ମେଢ଼, 'ବି' ରେ ୭୧ ଓ 'ସି' ରେ ୬୮ ମେଢ଼ ରହିଛି। ତେବେ ୨୨ଟି ଚାନ୍ଦି ମେଢ଼ ଥିବାବେଳେ ପ୍ରତ୍ୟେକ ମଣ୍ଡପରେ ୩ ଏପିଆର୍ ବନ୍ଧୁକ ଧରି ସୁରକ୍ଷା ଦେବେ। ପୂଜା ପାଇଁ ୨ ଡିସିପି, ୧୦ ଅତିରିକ୍ତ ଡିସିପି, ୨୨ ଏସିପି/ଏସି, ୨୪୫ ଅଫିସର, ୬୫୭ ବିଭିନ୍ନ ଫୋର୍ସ, ୩୨୮ ହୋମଗାର୍ଡ, ଗୋଟିଏ ପ୍ଲାଟୁନ୍ ବିଏସ୍ଏଫ୍ ଓ ୬୩ ସେକ୍ସନ୍ ରିଜର୍ଭ ଫୋର୍ସ ନିୟୋଜିତ ହୋଇଛନ୍ତି। ଏଥିସହ ୧୩ଟି ମୋବାଇଲ ପାଟ୍ରୋଲିଂ ଗଠନ ହୋଇଥିବାବେଳେ ସେମାନେ ପଳାଶୁଣୀରୁ ସିଆର୍‌ପି ଛକ, ରସୁଲଗଡରୁ କଳ୍ପନା ଛକ, ବାଣୀବିହାରରୁ ରାଜମହଲ ଛକରେ ଜୋନ୍ ଏସିପିଙ୍କ ନେତୃତ୍ୱରେ କାମ କରିବେ। ନୟାପଲ୍ଲୀ, ଶହୀଦନଗର, ରସୁଲଗଡ଼, ଝାରପଡ଼ା ଆଦି ୧୩ଟି ମଣ୍ଡପରେ ସ୍ୱତନ୍ତ୍ର ପୋଲିସ ନିୟୋଜିତ ହୋଇଛନ୍ତି। ନୟାପଲ୍ଲୀ, ଶହୀଦନଗର, ରସୁଲଗଡ଼, ଝାରପଡ଼ା ଆଦି ୭ ମଣ୍ଡପରେ ସ୍ୱତନ୍ତ୍ର ମହିଳା ପୋଲିସ ସୁରକ୍ଷା ଦଳ ନିୟୋଜିତ ହୋଇଛନ୍ତି। ୧୨ଟି ମଣ୍ଡପରେ ରାତି ୧୨ରୁ ଭିଡ଼ କମିବା ଯାଏ ସ୍ୱତନ୍ତ୍ର ପୋଲିସ ନିୟୋଜିତ ରହିବେ। ମହାଷ୍ଟମୀ ପାଇଁ ସକାଳ ସମୟରେ ନୟାପଲ୍ଲୀ, ଝାରପଡ଼ା, ରସୁଲଗଡ଼ ଆଦି ମଣ୍ଡପରେ ଅତିରିକ୍ତ ମହିଳା କର୍ମଚାରୀ ରହିବେ। ପୂଜା ପାଇଁ ୩ଟି ଷ୍ଟ୍ରାଇକିଙ୍ଗ ଫୋର୍ସ ହୋଇଥିବାବେଳେ ୫ ମଣ୍ଡପରେ କଣ୍ଟ୍ରୋଲ ରୁମ୍ ବ୍ୟବସ୍ଥା ହୋଇଛି। ବିଭିନ୍ନ ବିଭାଗର କର୍ମଚାରୀ ଓ ପୋଲିସକୁ ନେଇ ଏକ ଜଏଣ୍ଟ ଇନ୍ସପେକ୍ସନ୍ ଟିମ୍ ଗଠନ ହୋଇଛି।

## ଏଥର ୧୨ ସ୍ଥାନରେ ରାବଣ ପୋଡ଼ି

ଭୁବନେଶ୍ୱରରେ ଏଥର ୮ ଥାନା ଅଞ୍ଚଳର ୧୨ ସ୍ଥାନରେ ରାବଣ ପୋଡ଼ି ଉତ୍ସବ ହେବ। ଉକ୍ତ ସ୍ଥାନଗୁଡ଼ିକ ହେଲା ପାହାଳ ଥାନା ଅଞ୍ଚଳର ନହରକଣ୍ଟା, ଲକ୍ଷ୍ମୀସାଗରର ଝାରପଡା, ଖଣ୍ଡଗିରି ଅଞ୍ଚଳର ବରମୁଣ୍ଡା, ବରଗଡ ଅଞ୍ଚଳର କୋରଡ଼କଣ୍ଟା ଓ ବାଙ୍କୁଆଳ, ଇନ୍‌ଫୋଭ୍ୟାଲି ଅଞ୍ଚଳର ଗୋପାଳପୁର, ଇନ୍‌ଫୋସିଟି ଅଞ୍ଚଳର କିସ୍ ରୋଡ, ତମାଣ୍ଡୋ ଅଞ୍ଚଳର ଭଗବାନପୁର, ଚନ୍ଦକା ଅଞ୍ଚଳର ସିମୁଳିପାଟଣା ମାଝି ସାହି ଛକ, ଛତାବର ଖେଳ ପଡ଼ିଆ ଓ ଚନ୍ଦକା ଏବଂ ଏୟାଫିଲ୍ଡ ଅଞ୍ଚଳର କପିଳପ୍ରସାଦ ଫୁଟବଲ ପଡ଼ିଆ। ଏଥିପାଇଁ ୩ ଅତିରିକ୍ତ ଡିସିପି/ଡିସି, ୬୫ ଅଫିସର, ୨୦ ବିଭିନ୍ନ ଫୋର୍ସ ଓ ୨୦ ସେକ୍ସନ୍ ଫୋର୍ସ ଦାୟିତ୍ୱରେ ରହିବେ।

## ସଂକ୍ଷେପରେ

### ଉତ୍କଳମଣିଙ୍କ ଜୟନ୍ତୀ ପାଳିତ

ବେଗୁନିଆ,୯।୧୦(ହରପ୍ରସନ୍ନ ପଣ୍ଡା)

ବେଗୁନିଆ ଗୋପବନ୍ଧୁ ସରକାରୀ ଉଚ୍ଚ ବିଦ୍ୟାଳୟ ପରିସରରେ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୧୪୭ତମ ପୁଣ୍ୟ ଜନ୍ମତିଥି ବୁଧବାର ପାଳିତ ହୋଇଯାଇଛି। ପ୍ରାରମ୍ଭରେ ଏନ୍‌ସିସି ଅଧିକାରୀ ସୂର୍ଯ୍ୟକାନ୍ତ ମହାପାତ୍ରଙ୍କ ନେତୃତ୍ୱରେ କ୍ୟାଡେଟ୍‌ମାନେ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ପୀଠକୁ ଅତିଥିଙ୍କୁ ପାଛୋଟି ନେବା ପରେ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଗାୟକ ବସନ୍ତ ଦାସ ମଙ୍ଗଳାଚରଣ ପାଠ କରିଥିଲେ। କାର୍ଯ୍ୟକ୍ରମ ଆବାହକ ପ୍ରଫେସର ରବୀନ୍ଦ୍ର ନାଥ ପାଣିଗ୍ରାହୀ ଉତ୍କଳମଣିଙ୍କ ଉଦ୍ଦେଶ୍ୟରେ ସ୍ୱରଚିତ ସଙ୍ଗୀତ ଗାନ କରିଥିଲେ। ପୂର୍ବତନ ପ୍ରଶାସନିକ ଅଧିକାରୀ ସୁଧାକର ସାମନ୍ତରାୟ ମୁଖ୍ୟ ଅତିଥି ରୂପେ ଯୋଗଦେଇଥିଲେ। ଗୋପବନ୍ଧୁଙ୍କ ସ୍ୱାଭିମାନ ଥିଲା ଦରିଦ୍ରଙ୍କ ସେବା। କାର୍ଯ୍ୟକ୍ରମରେ ବିଦ୍ୟାଳୟ ପରିଚାଳନା କମିଟି ସଭାପତି ଶିବ ମୁନି, ଶିକ୍ଷୟିତ୍ରୀ ପ୍ରତିମା ପ୍ରଧାନ, ଶୈଳବାଳା ସାହୁ, ମାନସୀ ଦାସ, ସବିତା ରାୟ, ଶିକ୍ଷାବିତ୍ ଭାଗୀରଥି ପରିଡ଼ା, ଅଶ୍ୱିନୀ ପଟ୍ଟନାୟକ, ଯୋଗୀନାଥ ମହାପାତ୍ର, ଲକ୍ଷ୍ମୀଧର ମହାରଣା, ଶ୍ରୀବତ୍ସ ପାଣିଗ୍ରାହୀ, ଦିଲୀପ ପାଣିଗ୍ରାହୀ, ଭାଗବତ ମହାପାତ୍ର, ଦୀନବନ୍ଧୁ ଦାଶଙ୍କ ସହ ଅନୁଷ୍ଠାନର ବହୁ ଛାତ୍ରୀଛାତ୍ର ଯୋଗଦେଇଥିଲେ। ବିଦ୍ୟାଳୟ ପ୍ରଧାନ ଶିକ୍ଷୟିତ୍ରୀ ସ୍ମୃତିସ୍ମିତା ବେହେରା ଧନ୍ୟବାଦ ଦେଇଥିଲେ।

### ଗୋପବନ୍ଧୁଙ୍କ ୧୫୭ତମ ଜୟନ୍ତୀ ପାଳିତ

ଜଟଣୀ,୯।୧୦(ରବୀନ୍ଦ୍ରନାଥ ମହାକୁଡ଼)

ଜଟଣୀ ସହର ଓ ଗ୍ରାମାଞ୍ଚଳର ବିଭିନ୍ନ ସ୍ଥାନରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ୧୫୭ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଜଟଣୀର ସାମାଜିକ ଅନୁଷ୍ଠାନ ଜଟଣୀ ବରିଷ୍ଠ ନାଗରିକ ସେବା ସଂଘ ଓ ପ୍ରାଣନାଥ ପଟ୍ଟନାୟକ ଫାଉଣ୍ଡେଶନ ପକ୍ଷରୁ ମହାପୁରୁଷଙ୍କ ଜୟନ୍ତୀ ପାଳନ କରାଯାଇଥିଲା। ଜଟଣୀସ୍ଥ ଗୋପବନ୍ଧୁ ଉଦ୍ୟାନ ପରିସରରେ ଉଭୟ ଅନୁଷ୍ଠାନର ବହୁ ସଦସ୍ୟ ଯୋଗଦେଇ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ସେବାସଂଘ ସଭାପତି ବରିଷ୍ଠ ଖବରଦାତା ଅବନୀ ରାଉତରାୟ ପୌରୋହିତ୍ୟ କରିଥିଲେ। ଆଜିର ଯୁବ ଓ ଛାତ୍ର ସମାଜ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ନିଜର ସ୍ୱାଭିମାନକୁ ବଜାୟ ରଖି ସମାଜରେ ସେବା ମୂଳକ କାର୍ଯ୍ୟ କରିବାକୁ ଅତିଥିମାନେ ସମସ୍ତଙ୍କୁ ଅନୁରୋଧ କରିଥିଲେ। କାର୍ଯ୍ୟକ୍ରମରେ ଜଟଣୀ ପୌର ପରିଷଦର ନଗରପାଳ ଅନନ୍ତ ବେହେରା ସେବାସଂଘ ସାଧାରଣ ସମ୍ପାଦକ ଜବାହରଲାଲ ସୁବୁଦ୍ଧି, ଖବରଦାତା ରବି ସ୍ୱାଇଁ, ଆଦିନାରାୟଣ ଖଣ୍ଡୁଆଳ, ସୁଶାନ୍ତ ରାଉତ, କିଶୋରଚନ୍ଦ୍ର ପାଇକରାୟ, ରାଜେନ୍ଦ୍ର ପ୍ରସାଦ ପଟ୍ଟନାୟକ, ବାସୁଦେବ ସେଠୀ ପ୍ରମୁଖ ଯୋଗଦେଇଥିଲେ।

### ଜାନୁଆରୀ ୧୨ରୁ ୧୫ ଗ୍ଲୋରିଫେଷ୍ଟ

ପୁରୀ, ୯।୧୦(ଅଜିତ କୁମାର ମହାନ୍ତି)

ଆସନ୍ତା ବର୍ଷ ଜାନୁଆରୀ ୧୨ରୁ ୧୫ ତାରିଖ ପର୍ଯ୍ୟନ୍ତ ଗ୍ଲୋରି ଫେଷ୍ଟ-୨୦୨୫ ଅନୁଷ୍ଠିତ ହେବ। ଜାତୀୟ ଯୁବ ସମନ୍ୱିତ କେନ୍ଦ୍ର ପକ୍ଷରୁ ପ୍ରତିବର୍ଷ ଭଳି ଆସନ୍ତା ବର୍ଷ ମଧ୍ୟ ଜାତୀୟ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟସ୍ତରୀୟ ଉତ୍ସବ ଭବ୍ୟ ଆକାରରେ କରାଯିବାକୁ ଲକ୍ଷ୍ୟ ରଖାଯାଇଛି । ଯୁବ ଓ ଲୁକ୍କାୟିତ ପ୍ରତିଭା ଅନ୍ୱେଷଣ କ୍ଷେତ୍ରରେ ପୁରୀର ଗ୍ଲୋରିଫେଷ୍ଟ ଉତ୍ସବ ଏକ ସ୍ୱତନ୍ତ୍ର ମାନ୍ୟତା ପାଇଥିବାବେଳେ ୨୦୨୪ ଓ ୨୫ ବର୍ଷ ପାଇଁ କର୍ମକର୍ତ୍ତା ଚୟନ କରାଯାଇଛି।

# ରଙ୍ଗିନ ଆଲୋକମାଳାରେ ଝଲସୁଛି ପୂଜାମଣ୍ଡପ


ଖୋର୍ଦ୍ଧା ଇଗଲ କ୍ଲବ୍ ପକ୍ଷରୁ ନିର୍ମିତ ମହୀଶୂର ପ୍ୟାଲେସ୍ ତୋରଣ।

ଖୋର୍ଦ୍ଧା,୯।୧୦(ପ୍ରଭାତ ପାଣିଗ୍ରାହୀ)

ଚାଲିଛି ଜଗତ୍‌ଜନନୀଙ୍କ ଶାରଦୀୟ ପୂଜା। ଷୋଡ଼ଶ ଉପଚାରରେ ଜିଲାର ଶକ୍ତିପୀଠରେ ଚାଲିଛି ପୂଜା। ବାଟ ଭୂଆଷୁଣୀ, ବରୁଣେଇ ପୀଠ, ମା' ଉଗ୍ରତାରା, ବାଣପୁରର ମା' ଭଗବତୀଙ୍କ ମନ୍ଦିରରେ ପୂଜାପାଠ, ଚଣ୍ଡିପାଠରେ କମ୍ପୁଛି ପରିବେଶ। ବୁଧବାର ପୀଠରେ ସପ୍ତମୀ ପୂଜା ଅନୁଷ୍ଠିତ ହୋଇଥିବା ବେଳେ ବୁଧବାରଠାରୁ ପୂଜାମଣ୍ଡପରେ ଷଷ୍ଠୀପୂଜା ହୋଇଛି।

ଦୁର୍ଗାପୂଜା ପାଇଁ ଚଳଚଞ୍ଚଳ ହୋଇ ଉଠିଛି ଖୋର୍ଦ୍ଧା ସହର। ସହରର ୯ଟି ପୂଜାମଣ୍ଡପରେ ମା' ଦୁର୍ଗା ଓ ହରପାର୍ବତୀଙ୍କ ପୂଜା ହେଉଛି। ଗୁରୁଜଙ୍ଗ, ଖୋର୍ଦ୍ଧା କ୍ଲବ, ଇଗଲ କ୍ଲବ, ଫାୟାର ଷ୍ଟେଶନ ରୋଡ, କଣ୍ଟାଛକରେ ଦୁର୍ଗାପୂଜା ହେଉଥିବାବେଳେ ଟ୍ରାଫିକ ଛକ, ୪୦୭ ଷ୍ଟାଣ୍ଡ ଛକ, ମାଛ ମାର୍କେଟ ଛକ ଏବଂ ଦୁଲଣା ସାହିରେ ହରପାର୍ବତୀ ପୂଜା ଚାଲିଛି। ୫ଦିନ ବ୍ୟାପୀ ଆଡ଼ମ୍ବରରେ ପୂଜା ହେବ। ଆକର୍ଷଣୀୟ ମୂର୍ତ୍ତି, ସୁଉଚ୍ଚ ତୋରଣ ଏବଂ ରଙ୍ଗିନ ଆଲୋକମାଳାରେ ଝଲସୁଛି ଖୋର୍ଦ୍ଧା ସହର। ଖୋର୍ଦ୍ଧା କ୍ଲବ ମଣ୍ଡପ ଆକର୍ଷଣୀୟ ହୋଇଥିବା ବେଳେ ଇଗଲ କ୍ଲବ ପକ୍ଷରୁ ଚଳିତ ବର୍ଷ ଶହେ ଫୁଟର ମହୀଶୂର ପ୍ୟାଲେସ କରାଯାଇଛି। ରଙ୍ଗିନ ଆଲୋକମାଳାରେ ପ୍ୟାଲେସ ଝଲସୁଥିବା ବେଳେ ପ୍ରଥମ ଦିନରେ ତୋରଣ ଆଗରେ ସେଲ୍‌ଫି ନେବା ପାଇଁ ଯୁବପିଢ଼ିଙ୍କ ଭିଡ଼ ଦେଖିବାକୁ ମିଳିଛି।

ଏନେଇ ଅତିରିକ୍ତ ଜିଲାପାଳ ପ୍ରତାପ ବେଉରା କହିଛନ୍ତି, ଜିଲା ପ୍ରଶାସନ, ପୌର ପ୍ରଶାସନ ଏବଂ ବ୍ୟବସାୟୀ ମହାସଂଘ ପକ୍ଷରୁ ଶୃଙ୍ଖଳିତ ପୂଜା ଆୟୋଜନ ଉପରେ ଗୁରୁତ୍ୱ ଦିଆଯାଇଛି। ପୂଜା କମିଟି ଏବଂ ପ୍ରଶାସନ ମଧ୍ୟରେ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଶାନ୍ତିଶୃଙ୍ଖଳାରେ ଶାରଦୀୟ ପୂଜା ଆୟୋଜନ ସହ ମୂର୍ତ୍ତି ବିସର୍ଜନ, ରାବଣ ପୋଡି କାର୍ଯ୍ୟକ୍ରମ କରାଯିବାକୁ କୁହାଯାଇଛି। କୌଣସି ପୂଜାମଣ୍ଡପରେ ଯେପରି କୌଣସି ଅଘଟଣ ଅଥବା ସର୍ଟସର୍କିଟ ଜନିତ ସମସ୍ୟା ନ ଉପୁଜିବ, ତାହା ଉପରେ ଗୁରୁତ୍ୱ ଦିଆଯାଇଛି। କମିଟିମାନେ ସିଙ୍ଗଲ ୱିଣ୍ଡୋରେ ପୂଜା, ଲାଇଟ ଆଣ୍ଡ ସାଉଣ୍ଡ, ଭସାଣୀ, ସାଂସ୍କୃତିକ କାର୍ଯ୍ୟକ୍ରମ ଲାଗି ଉପଜିଲାପାଳଙ୍କ ନିକଟରେ ଆବେଦନ କରିବେ।

### ଟ୍ରାଫିକ୍ ନିୟନ୍ତ୍ରଣ ପାଇଁ ପଦକ୍ଷେପ ନିଆଯାଉଛି: ଏସପି

ପାର୍ବଣରେ ସହରରେ ଟ୍ରାଫିକ ସମସ୍ୟାକୁ ଏଡାଇବା ପାଇଁ ପୋଲିସ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ବିଶେଷତଃ ମୁକୁନ୍ଦପ୍ରସାଦଠାରୁ ନୟାଗଡ ରୋଡ୍‌ରେ ଗୋଡ଼ିପୋଖରୀ ଛକ, ମାରୱାଡ଼ି ପଟି, ଟ୍ରାଫିକ ଛକ, ପୁରୁଣା ବସଷ୍ଟାଣ୍ଡ, ଚଣ୍ଡିଚୁଆ ଛକ ଏବଂ ଟ୍ରାଫିକ ଛକଠାରୁ ନୂଆ ବସଷ୍ଟାଣ୍ଡ ରାସ୍ତାରେ ଟ୍ରାଫିକ ଛକ, ସମବାୟ ଛକ, ଏସ୍‌ବିଆଇ ଛକ, ପୁରୁଣା ମେଡିକାଲ ରାସ୍ତାରେ ସନ୍ଧ୍ୟାରେ ଅସମ୍ଭାଳ ଭିଡ ଜମିଥାଏ। ପାର୍ବଣ ସମୟରେ ପୂଜାମଣ୍ଡପଗୁଡିକରେ ଶ୍ରଦ୍ଧାଳୁଙ୍କ ସମାଗମ ହେବ। ମଣ୍ଡପରେ ଶୃଙ୍ଖଳିତ ଦର୍ଶନ, ଭିଡ ଓ ଟ୍ରାଫିକ ନିୟନ୍ତ୍ରଣ ଉପରେ ମାଷ୍ଟରପ୍ଲାନ ପ୍ରସ୍ତୁତ କରାଯାଇଛି ବୋଲି ଏସ୍‌ପି ସାଗରିକା ନାଥ କହିଛନ୍ତି। ସେ କହିଲେ ଯେ, ପାର୍ବଣ ସମୟରେ ଟ୍ରାଫିକ ନିୟନ୍ତ୍ରଣ ପାଇଁ ସହରବାସୀଙ୍କ ସହଯୋଗ ଆବଶ୍ୟକ। ଅଯଥା ରାସ୍ତା ଉପରେ ପାର୍କିଂ କରି ଅବରୋଧ କରନ୍ତୁ ନାହିଁ। ଜନଗହଳି ସ୍ଥାନରେ ମେଳି ହୋଇ ଗପନ୍ତୁ ନାହିଁ। ଟ୍ରାଫିକ ସମସ୍ୟା ସମାଧାନ ପାଇଁ ପୋଲିସକୁ ସହଯୋଗ କରିବାକୁ ଏସ୍‌ପି ନିବେଦନ କରିଛନ୍ତି। ପୂଜା ସମୟରେ ଭିଡ଼ ନିୟନ୍ତ୍ରଣ ପାଇଁ କିଛି ଜାଗାରେ ରୁଟ୍ ପରିବର୍ତ୍ତନ ସହ ୱାନୱେ କରାଯାଇଛି। ଟ୍ରାଫିକ ଛକରୁ ନୟାଗଡ ରୋଡ ଏବଂ ମୁକୁନ୍ଦପ୍ରସାଦ ଆଡ଼କୁ ୱାନୱେ ରାସ୍ତା କରାଯିବ।


ମା' ଉଗ୍ରତାରା


ମା' ନାରାୟଣୀ


ମା' ବନଦୁର୍ଗା

### ମା'ଙ୍କ କାଳରାତ୍ରି ବେଶ

ନିରାକାରପୁର,୯।୧୦(ମାନସ ଚନ୍ଦ୍ର ପଟ୍ଟନାୟକ)

ଖୋର୍ଦ୍ଧା ଜିଲା ରାଉତପଡ଼ା ପଞ୍ଚାୟତ ମୁଳିଝର ଗଡ଼ଠାରେ ଥିବା ମା' ଉଗ୍ରତାରା, ରାମେଶ୍ୱର ପଞ୍ଚାୟତ ରାମେଶ୍ୱରସ୍ଥିତ ମା' ବନଦୁର୍ଗା ଓ ଦିଆ ପଞ୍ଚାୟତ ଭୋଇସାହି ଗ୍ରାମରେ ଥିବା ଗ୍ରାମର ଆରାଧ୍ୟ ଦେବୀ ମା' ନାରାୟଣୀଙ୍କ ପୀଠରେ ବିଶ୍ୱ କଲ୍ୟାଣ ନିମନ୍ତେ, ଶାରଦୀୟ ଦୁର୍ଗାପୂଜାର ଷୋଡ଼ଶ ଓ ନବରାତ୍ରର ସପ୍ତମ ଦିବସରେ ମା' କାଳରାତ୍ରି ବେଶରେ ଦର୍ଶନ ଦେଇଛନ୍ତି। ସକାଳୁ ମା'ଙ୍କ ମଙ୍ଗଳଆଳତି, କଳସ ପୂଜା, ସୂର୍ଯ୍ୟପୂଜା, ପଞ୍ଚଦେବତା ପୂଜା, ପରେ ମା'ଙ୍କ ଷୋଡ଼ଶ ଉପଚାରରେ ମଧ୍ୟାହ୍ନ ଧୂପ, ଦୁର୍ଗା ସପ୍ତଶତୀ ଚଣ୍ଡୀପାଠ, ତ୍ରିଦିବସୀୟ ମହାଯଜ୍ଞର ପ୍ରଥମ ଦିବସରେ ଯଜ୍ଞ ମଣ୍ଡପରେ ଦେବଦେବୀଙ୍କୁ ଆବାହନ ପୂଜାର୍ଚ୍ଚନା ପୂର୍ବକ ଯଜ୍ଞହୋମ, ସନ୍ଧ୍ୟା ବାଳଭୋଗ, ଆଳତି, ଅଧରପଣା ଓ ମହାପ୍ରସାଦ ମା'ଙ୍କୁ ଅର୍ପଣ ପୂର୍ବକ ରୀତିନୀତି ଅନୁଯାୟୀ ପୂଜାର୍ଚ୍ଚନା କରାଯାଇଛି। ଶହ ଶହ ସଂଖ୍ୟାରେ ଶ୍ରଦ୍ଧାଳୁମାନେ ଉପସ୍ଥିତ ରହି ମା'ଙ୍କ ଦିବ୍ୟ ବେଶକୁ ଦର୍ଶନ କରିଥିଲେ।

# ଆନ୍ଧ୍ରପ୍ରଦେଶ ମ୍ୟୁନିସିପାଲିଟି ପ୍ରତିନିଧି ମଣ୍ଡଳୀଙ୍କ ଜଟଣୀ ମ୍ୟୁନିସିପାଲିଟି ଗସ୍ତ



ଜଟଣୀ,୯।୧୦(ରବୀନ୍ଦ୍ରନାଥ ମହାକୁଡ଼)

ଆନ୍ଧ୍ରପ୍ରଦେଶର ୪ଟି ମ୍ୟୁନିସିପାଲ କର୍ପୋରେଶନର ଏକ ପ୍ରତିନିଧିମଣ୍ଡଳୀ ଜଟଣୀ ମ୍ୟୁନିସିପାଲିଟି ଗସ୍ତରେ ବୁଧବାର ଆସିଛନ୍ତି। ଗସ୍ତ ସମୟରେ ଆନ୍ଧ୍ର ପ୍ରତିନିଧିମଣ୍ଡଳୀ ଜଟଣୀ ପୌର ପରିଷଦ ପକ୍ଷରୁ ପୌରାଞ୍ଚଳ ଅଧୀନ ଷଣ୍ଢପୁରଠାରେ ନିର୍ମିତ ମଳ ଉପଚାର କେନ୍ଦ୍ର, ଗୋଶାଳା, ସମ୍ପଦ କେନ୍ଦ୍ର ଏବଂ ବାଛରଠାରେ ଥିବା ଧୂସର ଜଳ ପରିଚାଳନା ପ୍ରକଳ୍ପ ଓ ଆଦର୍ଶ ଶ୍ମଶାନ ପରିଦର୍ଶନ କରିଥିଲେ। ଗୁଣ୍ଟୁର ମ୍ୟୁନିସିପାଲ କର୍ପୋରେଶନର କମିଶନର ପୁଲି ଶ୍ରୀନିବାସାଲୁ(ଭା. ପ୍ର. ସେ) ଏହି ଗସ୍ତର ନେତୃତ୍ୱ ନେଇଥିଲେ। ତାଙ୍କ ସାଙ୍ଗରେ ଏଲୁରୁ ମ୍ୟୁନିସିପାଲ କର୍ପୋରେଶନ କମିଶନର ଏ. ଭାନୁ ପ୍ରତାପ, ନେଲୋର ମ୍ୟୁନିସିପାଲ କର୍ପୋରେଶନର ଯନ୍ତ୍ରୀ ଗିରିଧର, ଗ୍ରେଟର ବିଶାଖାପାଟଣା ମ୍ୟୁନିସିପାଲ କର୍ପୋରେଶନର ଯନ୍ତ୍ରୀ କାଲୁରୀ ଭେଙ୍କଟ ନାଗ ରବିଙ୍କ ସହ ଅନ୍ୟମାନେ ପରିଦର୍ଶନ କରିଥିଲେ। ଏହି ଗସ୍ତ ସମୟରେ ଜଟଣୀ ପୌର ପରିଷଦ ପକ୍ଷରୁ ଅଧ୍ୟକ୍ଷ ଅନନ୍ତ ବେହେରା, ନିର୍ବାହୀ ଅଧିକାରୀ ସୂର୍ଯ୍ୟମଣି ପାଇଯୋଶୀ, ପୌର କର୍ମଚାରୀ, କିନ୍ନର ଗୋଷ୍ଠୀ, ମିଶନ ଶକ୍ତି ମହିଳା ଗୋଷ୍ଠୀ ଆଦି ଉପସ୍ଥିତ ଥିଲେ। ପରିଦର୍ଶନରେ ଆସିଥିବା ପ୍ରତିନିଧି ମଣ୍ଡଳୀ ରାଜ୍ୟ ସରକାରଙ୍କ ଦ୍ୱାରା ଜନହିତରେ କରାଯାଇଥିବା ବିଭିନ୍ନ ପ୍ରକାରର ପ୍ରକଳ୍ପ ଏବଂ ଏହାର କିପରି ପରିଚାଳନା କରାଯାଉଛି, ସେ ସମ୍ପର୍କରେ ନିର୍ବାହୀ ଅଧିକାରୀ ପାଇଯୋଶୀଙ୍କଠାରୁ ବୁଝିଥିଲେ। ସମସ୍ତ ପ୍ରକାରର ପ୍ରକଳ୍ପ ପରିଦର୍ଶନ କରିବା ସହ ପ୍ରକଳ୍ପଗୁଡ଼ିକର କାର୍ଯ୍ୟକାରିତା ଉପରେ ଖୁସି ବ୍ୟକ୍ତ କରିଥିବା ଜଟଣୀ ପୌରପ୍ରଶାସନ ପକ୍ଷରୁ କୁହାଯାଇଛି।

# ଜଟଣୀକୁ ହରାଇ ଡମସାହି ବିଜୟୀ

ବୋଲଗଡ଼,୯।୧୦(ଦେବବ୍ରତ ହୋତା)

**ମା' ରାମଚଣ୍ଡୀ ରାଜ୍ୟସ୍ତରୀୟ କବାଡ଼ି ତୃତୀୟ ଲିଗ୍ ମ୍ୟାଚ୍**

ବୋଲଗଡ଼ ବ୍ଲକ ବାଙ୍କୋଇ କଚେରୀ ବର କବାଡ଼ି ଖେଳପଡ଼ିଆରେ ମା' ରାମଚଣ୍ଡୀ କବାଡ଼ି ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ୪୪ତମ ରାଜ୍ୟସ୍ତରୀୟ କବାଡି ଟୁର୍ନାମେଣ୍ଟର ବୁଧବାର ତୃତୀୟ ଲିଗ୍ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଖୋର୍ଦ୍ଧା ଜିଲା ଜଟଣୀ କବାଡ଼ି ଟିମ୍‌କୁ ୩ ପଏଣ୍ଟ ଅଧିକ ବ୍ୟବଧାନରେ ପରାସ୍ତ କରି ନୟାଗଡ଼ ଡମସାହି କବାଡ଼ି ଟିମ୍ ବିଜୟୀ ହୋଇଛି। ମ୍ୟାଚର ପ୍ରଥମାର୍ଦ୍ଧ ସୁଦ୍ଧା ଜଟଣୀ ଟିମ୍ ୧୦ ପଏଣ୍ଟ ହାସଲ କରିଥିବାବେଳେ ଡମସାହି କବାଡ଼ି ଟିମ୍ ୧୩ ପଏଣ୍ଟ ପାଇ ଆଗୁଆ ରହିଥିଲା। ତେବେ ଖେଳର ନିର୍ଦ୍ଧାରିତ ସମୟ ଶେଷ ସୁଦ୍ଧା ଜଟଣୀ ଟିମ୍ ୨୫ ପଏଣ୍ଟ ପାଇଥିବାବେଳେ ଡମସାହି ଟିମ୍ ୨୮ ପଏଣ୍ଟ ହାସଲ କରି ମ୍ୟାଚ୍ ବିଜୟୀ ହୋଇଛି। ରେଫରୀ ଭାବେ ନାରାୟଣ ଜେନା, ବିଜୟ ମହାରଣା ପ୍ରମୁଖ ଖେଳ ପରିଚାଳନା କରିଥିଲେ। ସୁରେଶ କୁମାର ସାମନ୍ତରାୟଙ୍କ ପୌରୋହିତ୍ୟରେ ମୁଖ୍ୟ ଅତିଥି ରୂପେ ଖୋର୍ଦ୍ଧା ଜିଲା ଓଷ୍ଟା କାର୍ଯ୍ୟକାରୀ ସଭାପତି ଯୋଗେଶ ଚନ୍ଦ୍ର ସାମନ୍ତସିଂହାର ଏବଂ ସମ୍ମାନିତ ଅତିଥି ଭାବେ ପୂର୍ବତନ ସରପଞ୍ଚ ଫକୀରମୋହନ ସ୍ୱାଇଁ, ଯୁବନେତା ବିଶ୍ୱରଞ୍ଜନ ବିଶ୍ୱାଳ ଏବଂ ଶିକ୍ଷକ ନେତା ସୁମନ୍ତ ଛୋଟରାୟ ପ୍ରମୁଖ ଯୋଗଦେଇଥିଲେ। ଟୁର୍ନାମେଣ୍ଟର ଚତୁର୍ଥ ଲିଗ୍ ମ୍ୟାଚ୍ ପୁରୀ ଜିଲା ପିପିଲି କବାଡ଼ି ଟିମ୍ ଏବଂ ଖୋର୍ଦ୍ଧା ଜିଲା ପଟିଆ କବାଡ଼ି ଟିମ ମଧ୍ୟରେ ହେବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ରହିଛି।

# ନର୍ଦ୍ଦର୍ନ ରେଲୱେ ଆର୍‌ପିଏଫ୍ ହକି ଦଳ ଚାମ୍ପିୟନ

ଜଟଣୀ,୯।୧୦(ରବୀନ୍ଦ୍ରନାଥ ମହାକୁଡ଼)

**୩୦ତମ ଇଣ୍ଟର ଜୋନାଲ ଆର୍‌ପିଏଫ୍ ହକି ଟୁର୍ନାମେଣ୍ଟ ଉଦ୍‌ଯାପିତ**

ପୂର୍ବତଟ ରେଳପଥ ଖୋର୍ଦ୍ଧାରୋଡ଼ ମଣ୍ଡଳ ପକ୍ଷରୁ ୩୦ତମ ଇଣ୍ଟର ଜୋନାଲ ଆର୍‌ପିଏଫ୍ ହକି ଟୁର୍ନାମେଣ୍ଟ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଭୁବନେଶ୍ୱରସ୍ଥ କିଟ ହକି ଖେଳପଡ଼ିଆ ପରିସରରେ ଗତ ୬ ତାରିଖରୁ ଅନୁଷ୍ଠିତ ଏହି ଟୁର୍ନାମେଣ୍ଟରେ ବିଭିନ୍ନ ରେଲ୍‌ୱେ ଜୋନ୍‌ର ୭ ହକି ଦଳ ସହିତ ରେଲ୍‌ୱେ ପ୍ରୋଟେକ୍ସନ ସ୍ପେସିଆଲ ଫୋର୍ସ ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀ ଦିବସର ଅନ୍ତିମ ଖେଳ ପ୍ରତିଯୋଗିତା ସର୍ଦନ ରେଲ୍‌ୱେ ଆର୍‌ପିଏଫ୍ ଏବଂ ନର୍ଦ୍ଦର୍ନ ରେଲ୍‌ୱେ ଆର୍‌ପିଏଫ୍ ମଧ୍ୟରେ କିଟ୍‌ର ଦିଲୀପ ତିର୍କୀ ହକି ଖେଳପଡ଼ିଆରେ ଅନୁଷ୍ଠିତ ହୋଇଥିଲା। ନିର୍ଦ୍ଧାରିତ ସମୟ ମଧ୍ୟରେ ଉଭୟ ଦଳ କେହି କାହାରିକୁ ଗୋଲ ଦେଇପାରି ନ ଥିଲେ। ଶେଷରେ ପେନାଲଟି ଶୁଟ୍‌ଆଉଟ୍ ଜରିଆରେ ୩-୧ ଗୋଲରେ ନର୍ଦ୍ଦର୍ନ ରେଲ୍‌ୱେ ଆର୍‌ପିଏଫ୍ ହକି ଦଳ ମ୍ୟାଚ ବିଜୟୀ ହୋଇଥିଲା। ଉଦ୍‌ଯାପନୀ ସନ୍ଧ୍ୟାରେ ପୂର୍ବତଟ ରେଳପଥ ଜୋନ୍ ଭୁବନେଶ୍ୱର ଜିଏମ୍ ପରମେଶ୍ୱର ଫୁଂକୱାଲ ମୁଖ୍ୟ ଅତିଥି ରୂପେ ଯୋଗଦେଇଥିଲେ। ମୁଖ୍ୟଅତିଥି ଖେଳ କୁଦ ମାନସିକ ଏବଂ ଶାରୀରିକସ୍ତରରେ ବ୍ୟକ୍ତିର ବିକାଶ ହେବା ସହିତ ସମସ୍ତଙ୍କୁ ସୁସ୍ଥ ଜୀବନ ଶୈଳୀ ବିଷୟରେ ଅବଗତ କରାଇଥାଏ। ତେଣୁ ସମସ୍ତଙ୍କ ମଧ୍ୟରେ ଖେଳକୁଦ ପ୍ରତି ଆଗ୍ରହ ଜାଗ୍ରତ ହେବା ବର୍ତ୍ତମାନ ସମୟରେ ଆବଶ୍ୟକ ବୋଲି କହିବା ସହ ଖେଳାଳିଙ୍କୁ ବିଜୟୀ ଏବଂ ରନର୍ସ ଅପ ଦଳକୁ ଟ୍ରଫି ପ୍ରଦାନ କରିଥିଲେ।


୩୦ତମ ଇଣ୍ଟର ଜୋନାଲ ଆର୍‌ପିଏଫ୍ ହକି ଟୁର୍ନାମେଣ୍ଟର ଉଭୟ ଦଳର ଖେଳାଳି।

### ଶିକ୍ଷକ ବସନ୍ତ ଚୌଧୁରୀଙ୍କ ଶ୍ରଦ୍ଧାଞ୍ଜଳି ସଭା

ବୋଲଗଡ଼,୯।୧୦(ଦେବବ୍ରତ ହୋତା)

ବୋଲଗଡ଼ ଅଞ୍ଚଳର ଛାତ୍ର ବତ୍ସଲ୍ୟ ଶିକ୍ଷକ, କ୍ରୀଡ଼ବିତ୍ ସ୍ୱର୍ଗତ ବସନ୍ତ ଚୌଧୁରୀଙ୍କ ଦ୍ୱାଦଶାହ ଅବସରରେ ସ୍ଥାନୀୟ ବଣିଆସାହିସ୍ଥିତ ବାସଭବନଠାରେ ଏକ ଶ୍ରଦ୍ଧାଞ୍ଜଳି ସଭା ବୁଧବାର ଅନୁଷ୍ଠିତ ହୋଇଯାଇଛି। ରବୀନ୍ଦ୍ର ପରିଡ଼ାଙ୍କ ସଭାପତିତ୍ୱରେ ଶିକ୍ଷାବିତ୍ ହରିହର ସାହୁ, ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ଅକ୍ଷୟ ପଟ୍ଟନାୟକ, ସମବାୟବିତ୍ ଲଲାଟେନ୍ଦୁ କେଶରୀ ସିଂ, ପୂଜ୍ୟପୂଜା ସଂସଦ ସଭାପତି ଗୋପୀନାଥ ଖାଡ଼ଙ୍ଗା, ରାଧେଶ୍ୟାମ ରାୟଗୁରୁ ମହାପାତ୍ର, ମନମୋହନ କହଲସିଂ, ଭକ୍ତବତ୍ସଳ ପଟ୍ଟନାୟକ ପ୍ରମୁଖ ସ୍ୱର୍ଗତ ଚୌଧୁରୀଙ୍କ ଜୀବନ ସମ୍ପର୍କରେ ଆଲୋକପାତ କରିଥିଲେ। ସଭାରେ ବହୁ ଖବରଦାତା, ବୁଦ୍ଧିଜୀବୀ, ପୁରାତନ ଛାତ୍ର, ବରିଷ୍ଠ ନାଗରିକ, ବନ୍ଧୁ ପରିଜନ ଉପସ୍ଥିତ ଥିଲେ। କନିଷ୍ଠ ପୁତ୍ର ଖବରଦାତା ଦିଲୀପ ଚୋଧୁରୀ ଧନ୍ୟବାଦ ଦେଇଥିଲେ।

# ଗୋପବନ୍ଧୁଙ୍କ ତ୍ୟାଗ ଓଡ଼ିଆଙ୍କୁ ପ୍ରେରଣା ଦେଉଛି

ଟାଙ୍ଗୀ-ଖୋର୍ଦ୍ଧା,୯।୧୦(ରଘୁନାଥ ସାହୁ)

ଟାଙ୍ଗୀ ଗୋପବନ୍ଧୁ ସ୍ମୃତି କମିଟି ଆନୁକୂଲ୍ୟରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ବୁଧବାର ପାଳିତ ହୋଇଯାଇଛି। ଖାଉଟି ଅଦାଲତର ପ୍ରାକ୍ତନ ବିଚାରପତି ନାରାୟଣ ମହାପାତ୍ର ବଳରାମ ଦେବ ବିଦ୍ୟାପୀଠ ପରିସରରେ ଥିବା ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିବା ସହ ପ୍ରଦୀପ ପ୍ରଜ୍ୱଳନ କରିଥିଲେ। କମିଟି ସଭାପତି ବିଜୟ ରାଉତଙ୍କ ସଭାପତିତ୍ୱରେ ଆୟୋଜିତ ବୈଠକରେ ମୁଖ୍ୟ ଅତିଥି ଭାବେ ଜଗନ୍ନାଥ ସଂସ୍କୃତି ଗବେଷକ ଡ. ଚନ୍ଦ୍ରଶେଖର ଦାଶ, ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ସୁରେନ୍ଦ୍ର ରାଉତ, ସମ୍ମାନିତ ଅତିଥି ଭାବେ ପ୍ରଧାନ ଶିକ୍ଷକ ବିଶ୍ୱଜିତ୍ ପଲାଇ, ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ତ୍ରିନାଥ ଦାସ ପ୍ରମୁଖ ଯୋଗଦେଇଥିଲେ। ପଣ୍ଡିତ ଗୋପବନ୍ଧୁଙ୍କ ତ୍ୟାଗ, ସେବା ଓ ସମର୍ପଣ ଆଜି ପ୍ରତିଟି ଓଡ଼ିଆଙ୍କୁ ପ୍ରେରଣା ଦେଉଛି ବୋଲି ଅତିଥିମାନେ ମନ୍ତବ୍ୟ ରଖିଥିଲେ। କବୟିତ୍ରୀ ମଞ୍ଜୁଲତା ଇନ୍ଦ୍ରଜିତ, କବି କାହ୍ନୁଚରଣ ମିଶ୍ର, ବାସୁଦେବ ସିଂ, ଲିଙ୍ଗରାଜ ସାହୁ ପ୍ରମୁଖ ଗୋପବନ୍ଧୁଙ୍କ ସମ୍ପର୍କିତ ସ୍ୱରଚିତ କବିତା ପାଠ କରିଥିଲେ। ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ପ୍ରକାଶଚନ୍ଦ୍ର ପାତ୍ର, ଉମେଶ ପ୍ରସାଦ ଧଳ, ପ୍ରସନ୍ନ ଶ୍ରୀଚନ୍ଦନ, ଓଡ଼ଗାଁ ଏବିଇଓ ରବୀନ୍ଦ୍ର ନାୟକ, ଅବସରପ୍ରାପ୍ତ ଏବିଇଓ ତାରା ପ୍ରସାଦ ପଟ୍ଟନାୟକ, ଚିଲିକା ଶାଖା ସେନାନୀ ସଂଘ ସମ୍ପାଦକ ଶତ୍ରୁଘ୍ନ ପ୍ରଧାନ, ସାମାଜିକ କର୍ମୀ ଦିଲୀପ ନାଥ, ପ୍ରଭାକର ବିଶ୍ୱାଳ, ବିଚ୍ଛେଦ ଜୟସିଂହ, ଆଇନଜୀବୀ ଅଶ୍ୱିନୀ ଦାସ, ପଠାଣି ସୁନ୍ଦରାୟ, ଅନିରୁଦ୍ଧ ସେଠୀ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ଟାଙ୍ଗୀ ଅଞ୍ଚଳରେ ରୋଗୀସେବା, ଗୋସେବା ଓ ସ୍ୱଚ୍ଛତା କାର୍ଯ୍ୟ କରୁଥିବା ସ୍ୱେଚ୍ଛାସେବୀ ସଙ୍ଗଠନ ମଦର ଟେରେସା ସେବା ସଂଘକୁ ଗୋପବନ୍ଧୁ ସେବା ସମ୍ମାନ-୨୦୨୪ରେ ସମ୍ମାନିତ କରାଯାଇଥିଲା। ସେବା ସଂଘ ସଭାପତି ବସନ୍ତ ସେଠୀ, ସଦସ୍ୟ ଦେବୀ ପ୍ରସାଦ ମହାରଣା ଓ ବୁଟୁ ସାହୁଙ୍କୁ ଅତିଥିମାନେ ମାନପତ୍ର, ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ବର୍ଦ୍ଧିତ କରିଥିଲେ।

### ୫୫ ଲିଟର ଦେଶୀମଦ ଜବତ, ୩ ଅଭିଯୁକ୍ତ ଗିରଫ

ବେଗୁନିଆ,୯।୧୦(ସନ୍ଧ୍ୟାରାଣୀ ମିଶ୍ର)

ଖୋର୍ଦ୍ଧା ଜିଲା ଅବକାରୀ ବିଭାଗ ଅଧୀକ୍ଷକ ସୁମତି ତ୍ରିପାଠୀଙ୍କ ନିର୍ଦ୍ଦେଶରେ ଖୋର୍ଦ୍ଧା ଜିଲା ସଦର ରେଞ୍ଜ ଓ ଭ୍ରାମ୍ୟମାଣ ଅବକାରୀ ୟୁନିଟ୍ ପକ୍ଷରୁ ମିଳିତ ଭାବେ ଚଢାଉ କରାଯାଇ ୩ ଜଣଙ୍କୁ ଗିରଫ କରି ବୁଧବାର କୋର୍ଟ ଚାଲାଣ କରାଯାଇଛି। ସେମାନେ ହେଲେ ବେଗୁନିଆ ଅବକାରୀ ଥାନା ଅଧୀନ ଚଟୁଆ ଗ୍ରାମର ଶିଖର ସାହୁ, କୈଳାସ ଚନ୍ଦ୍ର ସାହୁ ଓ ଗୋବିନ୍ଦପୁର ଗ୍ରାମର ସରୋଜ ପ୍ରଧାନ। ତାଙ୍କଠାରୁ ୫୫ ଲିଟର ଦେଶୀ ମଦ ଜବତ କରାଯାଇଛି। ଖୋର୍ଦ୍ଧା ଜିଲା ସଦର ରେଞ୍ଜ ଅବକାରୀ ନିରୀକ୍ଷକ ତପସ୍ୱିନୀ ବରାଳ, ଭ୍ରାମ୍ୟମାଣ ଅବକାରୀ ବିଭାଗ ୟୁନିଟ୍ ନିରୀକ୍ଷକ ଥାର୍ପା ମାରାଣ୍ଡି ଓ ବେଗୁନିଆ ଅବକାରୀ ଥାନା ଭାରପ୍ରାପ୍ତ ଅଧିକାରୀ ଏନ୍ ଜାଗିନ ରାଓ ଏବଂ ଅନ୍ୟ କର୍ମଚାରୀ ଚଢ଼ାଉରେ ସାମିଲ ହୋଇଥିଲେ।

# ଶିଶୁକନ୍ୟାଙ୍କ ଉପଯୁକ୍ତ ଲାଳନପାଳନ ଆବଶ୍ୟକ

ଖୋର୍ଦ୍ଧା,୯।୧୦(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଜିଲା ଶିଶୁ ସୁରକ୍ଷା ୟୁନିଟ ଏବଂ ମହିଳା ଓ ଶିଶୁ କଲ୍ୟାଣ ବିଭାଗ ଆନୁକୂଲରେ ବୁଧବାର ଜିଲାପରିଷଦ ସମ୍ମିଳନୀ ଗୃହରେ ଜିଲାସ୍ତରୀୟ ଅନ୍ତର୍ଜାତୀୟ ଶିଶୁ କନ୍ୟା ଦିବସ ପାଳିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଜିଲାପରିଷଦ ସଭାପତି ରୂପଶ୍ରୀରାଣୀ ଗୁମାନ ସିଂ ମୁଖ୍ୟଅତିଥି, ଏସ୍‌ପି ସାଗରିକା ନାଥ ସମ୍ମାନିତ ଅତିଥି ଭାବେ ଯୋଗଦେଇ କହିଥିଲେ, ଶିଶୁକନ୍ୟାଙ୍କ ଉପଯୁକ୍ତ ଲାଳନପାଳନ ସହ ଉତ୍ତମ ବାତାବରଣରେ ଗଢିଲେ ଭବିଷ୍ୟତରେ ଏକ ସୁସ୍ଥ ସମାଜ ଗଠନରେ ସହାୟକ ହୋଇପାରିବ। କେନ୍ଦ୍ର ସରକାରଙ୍କ ବେଟି ବଚାଓ ବେଟି ପଢାଓ ଯୋଜନା ମାଧ୍ୟମରେ ଶିଶୁ କନ୍ୟାମାନଙ୍କୁ ଆଗକୁ ବଢିବା ପାଇଁ ପ୍ରୋତ୍ସାହିତ କରାଯାଇଥିବା ନାଥ କହିଥିଲେ। ସେହିପରି ଟାଙ୍ଗୀ ପଞ୍ଚାୟତ ସମିତି ଅଧ୍ୟକ୍ଷା ରିଷ୍ଟା ମାନ୍ଧାତା, ଜଟଣୀ ପୌର ପରିଷଦ ଅଧ୍ୟକ୍ଷ ଅନନ୍ତ ନାରାୟଣ ବେହେରା, ଜିଲା ଶିଶୁ ସୁରକ୍ଷା ଅଧିକାରୀ ବାଣୀଶ୍ରୀ ପଟ୍ଟନାୟକ ପ୍ରମୁଖ ଯୋଗଦେଇ ଏହି ଦିବସ ଉପରେ ଆଲୋକପାତ କରିଥିଲେ। ଅତିରିକ୍ତ ଜିଲାପାଳ ପ୍ରତାପ ଚନ୍ଦ୍ର ବେଉରା ସ୍ୱାଗତ ଭାଷଣ ଦେଇଥିଲେ। ବିଭିନ୍ନ କ୍ଷେତ୍ରରେ ପାରଦର୍ଶିତା ଲାଭ କରିଥିବା ଶିଶୁ କନ୍ୟାମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାର୍ଯ୍ୟକ୍ରମକୁ ଜିଲା ଶିଶୁ ସୁରକ୍ଷା ୟୁନିଟ୍ ଅଧିକାରୀ ବାଣୀଶ୍ରୀ ପଟ୍ଟନାୟକ, ପରାମର୍ଶଦାତ୍ରୀ ମନସ୍ୱିନୀ ମହାପାତ୍ର, ପୋଷଣ ଜିଲା ସଂଯୋଜିକା ଅଭିଲିପ୍ସା, ଅର୍ଚ୍ଚନା ରାୟ, ରୀତାଞ୍ଜଳୀ ମହାନ୍ତି ପ୍ରମୁଖ ପରିଚାଳନାରେ ସହଯୋଗ କରିଥିଲେ।



# ହଟିଲା ୧୬୩ ଧାରା, ସ୍ୱାଭାବିକ ହେଲା ମୁକୁନ୍ଦପ୍ରସାଦ

ଖୋର୍ଦ୍ଧା,୯।୧୦(ପ୍ରଭାତ ପାଣିଗ୍ରାହୀ)

ଶିଳ୍ପାଞ୍ଚଳ ଥାନା ଅଧୀନ ମୁକୁନ୍ଦପ୍ରସାଦରେ ଗତ ଅଗଷ୍ଟ ୨୫ରେ ଘଟିଥିବା ହତ୍ୟାକାଣ୍ଡ ପରବର୍ତ୍ତୀ ହିଂସାକାଣ୍ଡ ପାଇଁ ଆଇନଶୃଙ୍ଖଳା ଦୃଷ୍ଟିରୁ ପ୍ରଶାସନ ପକ୍ଷରୁ ଜାରି କରାଯାଇଥିବା ଭାରତୀୟ ନାଗରିକ ସୁରକ୍ଷା ସଂହିତା (ବିଏନ୍‌ଏସ୍‌ଏସ୍)୧୬୩ ଧାରାକୁ ଉପଜିଲାପାଳ ଦୀପ୍ତିରଞ୍ଜନ ସେଠୀ ବୁଧବାର ପ୍ରତ୍ୟାହାର କରିନେଇଛନ୍ତି। ଫଳରେ ଖୋର୍ଦ୍ଧା ପୌରାଞ୍ଚଳ ଅନ୍ତର୍ଗତ ମୁକୁନ୍ଦପ୍ରସାଦର ୫ଟି ୱାର୍ଡ ୧,୨,୩ ଓ ୨୧, ୨୨ ସମେତ ଦୋକାନ ବଜାର ବୁଧବାର ଠାରୁ ସ୍ୱାଭାବିକ ହୋଇଛି। ଉପଜିଲାପାଳ ଏକ ପ୍ରେସ୍ ବିଜ୍ଞପ୍ତିରେ ଏହି ସୂଚନା ଦେଇଛନ୍ତି। ଶିଳ୍ପାଞ୍ଚଳ ପୋଲିସ, ସ୍ଥାନୀୟ ଜନପ୍ରତିନିଧି, ବୁଦ୍ଧିଜୀବୀଙ୍କ ସହ ଆଲୋଚନା ପରେ ଏହି କଟକଣା ହଟାଯାଇଥିବା ଉପଜିଲାପାଳ ସେଠୀ ସୂଚନା ଦେଇଛନ୍ତି। ପୂର୍ବରୁ ସେପ୍ଟେମ୍ବର ପହିଲାରେ ଏହି ମୌଜାରେ ପ୍ରାଥମିକ ବିଦ୍ୟାଳୟ, ଅଙ୍ଗନୱାଡ଼ି କେନ୍ଦ୍ର ଉପରୁ କଟକଣା କୋହଳ କରାଯାଇଥିବା ବେଳେ ସେପ୍ଟେମ୍ବର ୬ରେ ଉପଜିଲାପାଳ ମୁକୁନ୍ଦପ୍ରସାଦ ବଜାର ସକାଳ ୬ରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ଖୋଲିବା ପାଇଁ ଅନୁମତି ଦେଇଥିଲେ। ବୁଧବାର ଏହି ମୌଜାରେ ଜାରି ହୋଇଥିବା ବିଏନ୍‌ଏସ୍‌ଏସ୍ ଧାରା ୧୬୩କୁ ହଟାଯିବା ପରେ ଲୋକଙ୍କ ମଧ୍ୟରେ ଖୁସି ଖେଳିଯାଇଛି।

ପ୍ରକାଶ ଯେ, ଅଗଷ୍ଟ ୨୫ ତାରିଖ ପୂର୍ବାହ୍ନରେ ମୁକୁନ୍ଦପ୍ରସାଦର ମହମ୍ମଦ ସାଜିଦ ଓରଫ ସାଜୁଙ୍କୁ ଜଟଣୀ ବାଇପାସ୍ ନିକଟ ଚାଚରା ଶବର ସାହି ଛକ ନିକଟ ଗ୍ୟାରେଜରେ ଦୁଇଜଣ ଯୁବକ ଖଣ୍ଡାରେ ହାଣି ହତ୍ୟା କରିଥିଲେ। ଏନେଇ ଉତ୍ତେଜନା ପ୍ରକାଶ ପାଇଥିଲା। ସମ୍ପର୍କୀୟ ଓ ସମର୍ଥକମାନେ ମେଡିକାଲରୁ ମୃତଦେହ ନେଇ ମୁକୁନ୍ଦପ୍ରସାଦ ଛକରେ ରଖି ଟାୟାର ଜାଳି ରାସ୍ତାରୋକୋ କରିଥିଲେ। ଉତ୍ତେଜିତ ଲୋକେ ପୋଡାସାହି, ଦଧିବାମନ ସାହିରେ ପ୍ରାୟ ୨୦ରୁ ଊର୍ଦ୍ଧ୍ୱ ବାଇକ ଭାଙ୍ଗିଦେବା ସହ ଘରେ ପଶି ଆକ୍ରମଣ କରିଥିଲେ। ଗୋଶାଳାରେ ଗୋରୁଙ୍କୁ ହାଣିବା ସହ ଠାକୁରାଣୀ ମନ୍ଦିର ସିଂହ ଭାଙ୍ଗିଦେଇଥିଲେ। ତେବେ ମୁକୁନ୍ଦପ୍ରସାଦ ଅଞ୍ଚଳରେ କୌଣସି ଅପ୍ରିତିକର ପରିସ୍ଥିତିକୁ ଏଡାଇବା ପାଇଁ ଜିଲା ପ୍ରଶାସନ ପକ୍ଷରୁ ଘଟଣା ଦିନ ସନ୍ଧ୍ୟାରେ ବିଏନଏସଏସ ୧୬୩ ଲାଗୁ କରାଯାଇଥିଲା। ଏନେଇ ଉଭୟ ପକ୍ଷରୁ ମୃତକଙ୍କ ପରିବାର ଏବଂ ମୁକୁନ୍ଦପ୍ରସାଦ ଗ୍ରାମ୍ୟ କମିଟି ଅଭିଯୋଗ କ୍ରମେ ପୋଲିସ ଦୁଇଟି ପୃଥକ ମାମଲା ରୁଜୁ କରିଥିଲା। ହତ୍ୟାକାଣ୍ଡର ଦୁଇ ଅଭିଯୁକ୍ତଙ୍କୁ ଗିରଫ କରିଥିବା ବେଳେ ହିଂସାକାଣ୍ଡ ଘଟଣାରେ ମୋଟ ୧୪ଜଣଙ୍କୁ ଗିରଫ କରିଛି।

## ସଂକ୍ଷେପରେ

### ଦଶମୀରେ ରାବଣ ପୋଡ଼ି ଉତ୍ସବ

କଟକ,୯।୧୦(ଶିଳ୍ପା ପ୍ରିୟଦର୍ଶିନୀ)

ଦଶହରା ଅବସରରେ କଟକ ବାଲିଯାତ୍ରା ତଳ ପଡିଆରେ ୩୪ ତମ ରାବଣ ପୋଡି ଉତ୍ସବ ଅନୁଷ୍ଠିତ ହେବ। ଚଳିତବର୍ଷ ପ୍ରଥମଥର ୯୦ ଫୁଟ୍ ଉଚ୍ଚତାବିଶିଷ୍ଟ ରାବଣର ପ୍ରତିକୃତି ନିର୍ମାଣ କରାଯିବ। ଏଥିସହ ପରିବେଶ ଅନୁକୂଳ ସବୁଜ ବାଣ ଫୁଟାଯିବ ବୋଲି ବାରବାଟୀ ସର୍ବଧର୍ମ ସାଂସ୍କୃତିକ ପରିଷଦ ପକ୍ଷରୁ ଓସିଏ ସମ୍ମିଳନୀ କକ୍ଷରେ ବୁଧବାର ଆୟୋଜିତ ଖବରଦାତା ସମ୍ମିଳନୀରେ ଅନୁଷ୍ଠାନର ଆବାହକ ଆଶୀର୍ବାଦ ବେହେରା ସୂଚନା ଦେଇଛନ୍ତି। ସେ କହିଛନ୍ତି, ଏହି କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ଅନ୍ୟ ଅତିଥି ଭାବେ କଟକ ଜିଲାର ସମସ୍ତ ବିଧାୟକ, ଜିଲାପାଳ, ସିଏମ୍‌ସି କମିଶନର, ମେୟର, ଡେପୁଟି ମେୟର, ଡିସିପି, ହାଇକୋର୍ଟ ବାର୍ ଆସୋସିଏଶନ ସଭାପତି ଯୋଗଦେବେ। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ଏହି ଖବରଦାତା ସମ୍ମିଳନୀରେ ଅନୁଷ୍ଠାନର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

### ଚାନ୍ଦିମେଢ଼ ଉଦ୍‌ଘାଟିତ

କଟକ,୯।୧୦(ଶିଳ୍ପା ପ୍ରିୟଦର୍ଶିନୀ)

ରାମଗଡ଼ କନିକା ରୋଡ୍ ବନଦୁର୍ଗା ପୂଜା କମିଟି ପକ୍ଷରୁ ଚଳିତବର୍ଷ ଚାନ୍ଦିମେଢ ନିର୍ମାଣ କରାଯାଇଛି। କମିଟି ସଭାପତି ବସନ୍ତ କୁମାର ନାୟକ ଓ ସମ୍ପାଦକ ଜୟଦେବ ଦାସଙ୍କ ନେତୃତ୍ୱରେ ବୁଧବାର ଏହି ଚାନ୍ଦିମେଢ଼ ଉଦ୍‌ଘାଟିତ ହୋଇଯାଇଛି। ଏହି ମେଢର ଓଜନ ୨ କୁଇଣ୍ଟାଲ ରହିଛି। ଏହି କାର୍ଯ୍ୟକ୍ରମରେ ଅତିଥି ଭାବେ ଅବସରପ୍ରାପ୍ତ ବିଚାରପତି ବିମଳ ପ୍ରସାଦ ଦାସ, ଅବସରପ୍ରାପ୍ତ ବିଚାରପତି ବିଶ୍ୱନାଥ ରଥ, ରାଜ୍ୟ ସଭା ସଦସ୍ୟ ଦେବାଶିଷ ସାମନ୍ତରାୟ, କନିକା ରାଜା ଶିବେନ୍ଦ୍ର ନାରାୟଣ ଭଞ୍ଜ ଯୋଗଦେଇ ଚାନ୍ଦିମେଢ଼ ଉଦ୍‌ଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ମହାନଗର ପୂଜା କମିଟି ସମ୍ପାଦକ ପ୍ରଭାତ ତ୍ରିପାଠୀ, ମହାନଗର ଶାନ୍ତି କମିଟି ସଭାପତି ଭିକାରି ଦାସ, ସମ୍ପାଦକ ଦେବେନ୍ଦ୍ର ସାହୁ, ପୂର୍ବାଞ୍ଚଳ ଶାନ୍ତି କମିଟି ସାଧାରଣ ସମ୍ପାଦକ ପ୍ରଫୁଲ୍ଲ ସାହୁ, ସଭାପତି ବିଜୟ ସାହୁଙ୍କ ସମେତ ପୂଜା କମିଟି କର୍ମକର୍ତ୍ତା ଉପସ୍ଥିତ ଥିଲେ।

# କଟକରେ ୭୦ ପ୍ଲାଟୁନ୍ ଫୋର୍ସ ମୁତୟନ

କଟକ,୯।୧୦(କାର୍ତ୍ତିକ ସାହୁ)


ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ଅନୁଷ୍ଠିତ ବୈଠକରେ ଉପସ୍ଥିତ ପୋଲିସ ଅଧିକାରୀ।

**କମିଶନରେଟ୍ ପୋଲିସର ପୂଜା ପ୍ରସ୍ତୁତି ବୈଠକ**

ଚଳିତବର୍ଷ ଦୁର୍ଗାପୂଜା ଓ ଭସାଣି ଉତ୍ସବକୁ ଶାନ୍ତିଶୃଙ୍ଖଳାର ସହ ସମ୍ପନ୍ନ କରିବା ପାଇଁ କମିଶନରେଟ୍ ପୋଲିସ ପକ୍ଷରୁ କଟକ ଜବାହରଲାଲ ନେହେରୁ ଇନ୍‌ଡୋର ଷ୍ଟାଡିୟମରେ ବୁଧବାର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ପୂଜା ପାଇଁ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯିବା ସହ ସହରରେ ଓଏସ୍‌ଏପି, ଏସ୍‌ଓଜି, କୁଇକ୍ ଆକ୍ସନ ଫୋର୍ସ ମିଶି ୭୦ ପ୍ଲାଟୁନ୍ ଫୋର୍ସ ମୁତୟନ କରାଯାଇଛି। ସେମାନଙ୍କ ସହ ୩୯୫ ଅଫିସର ମଧ୍ୟ ସାମିଲ ହୋଇଛନ୍ତି। ତନ୍ମଧ୍ୟରେ ୪୦ ଜଣ ଡିଏସ୍‌ପି, ୫୫ ଇନ୍ସପେକ୍ଟର, ୩୦୦ ଜଣ ଏସ୍‌ଆଇ ଓ ଏଏସ୍‌ଆଇ ଅଛନ୍ତି। ଏହାବାଦ ୮୪ ଜଣ ହାବିଲଦାର, ୬୦୦ କନ୍‌ଷ୍ଟେବଲ, ୭୦୦ ହୋମ୍‌ଗାର୍ଡ ମଧ୍ୟ ସାମିଲ ହୋଇଛନ୍ତି।

ସୂଚନା ଅନୁସାରେ, ପୂଜା ଓ ଭସାଣି ସମୟରେ ପୋଲିସକୁ ସହଯୋଗ କରିବା ପାଇଁ ୩୦୦ରୁ ଅଧିକ ପୋଲିସ ମିତ୍ର ଓ ୭୦୦ ସ୍ୱେଚ୍ଛାସେବୀଙ୍କୁ ନିୟୋଜିତ କରାଯାଇଛି। ସମସ୍ତ ପୂଜା କମିଟିର ସ୍ୱେଚ୍ଛାସେବୀଙ୍କ ମଧ୍ୟରୁ ପୋଲିସ ମିତ୍ରଙ୍କୁ ଚୟନ କରାଯାଇଥିବା ଡିସିପି ଜଗମୋହନ ମୀନା କହିଛନ୍ତି। ସୁରକ୍ଷା ବ୍ୟବସ୍ଥା ପରିଚାଳନା ପାଇଁ ସହରର ସମସ୍ତ ଥାନାକୁ ୬ଟି ଜୋନ୍‌ରେ ଭାଗ କରାଯାଇଛି। ୬ ଜଣ ଏଡିସିପିଙ୍କୁ ଜୋନ୍ ଦାୟିତ୍ୱରେ ରଖାଯାଇଛି। ସହରର ମୁଖ୍ୟ ଛକ, ପ୍ରବେଶ ପଥ ଭଳି ବିଭିନ୍ନ ସ୍ଥାନରେ ୩୧ଟି ଅସ୍ଥାୟୀ ପୋଲିସ ଏଡ୍‌ପୋଷ୍ଟ ଖୋଲାଯାଇଛି। ଡିସିପି ନିଜେ ପ୍ରତ୍ୟକ୍ଷ ଭାବେ ସୁରକ୍ଷା ବ୍ୟବସ୍ଥା ତଦାରଖ କରୁଛନ୍ତି। ପୋଲିସ କର୍ମଚାରୀଙ୍କ ପାଇଁ ୨୦ଟି ଅତିରିକ୍ତ ପିସିଆର୍, ୩ଟି ସ୍ପେଶାଲ ମୋବାଇଲ ଭ୍ୟାନ୍, ୪୦ଟି ବାଇକ ପିସିଆର୍ ପାଟ୍ରୋଲିଂ କାର୍ଯ୍ୟରେ ନିୟୋଜିତ କରାଯାଇଛି। ଏଥିସହ କ୍ୟୁଆର୍‌ଟି, କ୍ୟୁଏଟି, ବମ୍‌ସ୍କ୍ୱାଡ୍ ଓ ସ୍ପେଶାଲ ସ୍କ୍ୱାଡ୍ ଟିମ୍ ମଧ୍ୟ ୨୪ ଘଣ୍ଟିଆ ସଜାଗ ରଖାଯାଇଛି। ଦଶହରା ଭିଡ଼ରେ ମହିଳାଙ୍କୁ ଅସଦାଚରଣ ଓ ଚୋରି ଆଶଙ୍କା ଏଡ଼ାଇବା ପାଇଁ ସାଦା ପୋଷାକରେ ଉଭୟ ମହିଳା ଓ ପୁରୁଷ ପୋଲିସଙ୍କୁ ନିୟୋଜିତ କରାଯାଇଛି। ପୂଜା ଆରମ୍ଭରୁ ଭସାଣି ଯାଏ ଚାନ୍ଦିମେଢ଼ଗୁଡ଼ିକ ପାଇଁ ଅତିରିକ୍ତ ଫୋର୍ସ ଓ ସ୍ୱତନ୍ତ୍ର ବନ୍ଧୁକଧାରୀ ପୋଲିସକୁ ନିୟୋଜିତ କରାଯାଇଛି। ଅତି ସମ୍ବେଦନଶୀଳ ଅଞ୍ଚଳରେ ପୋଲିସ କର୍ମଚାରୀ ଛାତ ଉପରେ ଜଗିଛନ୍ତି। ବିଶେଷକରି ରାସ୍ତା ପାର୍ଶ୍ୱ ଘର ଛାତ ଉପରେ ଫୋର୍ସ ମୁତୟନ କରାଯାଇଛି। ସେଠାରୁ ସୁରକ୍ଷାକର୍ମୀ ସମସ୍ତ ଗତିବିଧି ଉପରେ ନଜର ରଖିଛନ୍ତି। ଦେବୀଗଡ଼ା ଘାଟରେ ଓଡ୍ରାଫ ଏବଂ ଅଗ୍ନିଶମ ବାହିନୀ ଭସାଣି ସମୟରେ ମୁତୟନ ରହିବେ। ସେହିପରି ସହରରେ ମଦ୍ୟପ ଗାଡ଼ି ଚାଳକ ଧରପଗଡ଼ ଜୋରଦାର କରାଯିବାକୁ ସବୁ ଥାନାକୁ ନିର୍ଦ୍ଦେଶ ଦିଆଯାଇଛି। ଧରାପଡ଼ିଲେ ସେମାନଙ୍କ ବିରୋଧରେ କଠୋର କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ଥାନାଧିକାରୀମାନଙ୍କୁ ନିର୍ଦ୍ଦେଶ ଦିଆଯାଇଥିବା ଜଣାପଡ଼ିଛି।

# ଅଭିଯୁକ୍ତଙ୍କୁ ୧୦ ବର୍ଷ ଜେଲଦଣ୍ଡ

କଟକ,୯।୧୦(କାର୍ତ୍ତିକ ସାହୁ)

**ଦିବ୍ୟାଙ୍ଗ ନାବାଳିକା ବଳାତ୍କାର ମାମଲା**

ଜଗତପୁର ଥାନା ଅଞ୍ଚଳରେ ଘଟିଥିବା ଦିବ୍ୟାଙ୍ଗ ନାବାଳିକା ବଳାତ୍କାର ମାମଲାର ରାୟ ବୁଧବାର ପ୍ରକାଶ ପାଇଛି। କଟକ ସ୍ୱତନ୍ତ୍ର ଆଡ୍‌ହକ ଅତିରିକ୍ତ ଜିଲା ଜଜ କୋର୍ଟ ଅଭିଯୁକ୍ତ ଦେବେନ୍ଦ୍ର ରାଉତ ଓରଫ ବୁଟୁନା(୪୦)ଙ୍କୁ ୧୦ ବର୍ଷ ଜେଲଦଣ୍ଡ ସହ ୨୦ ହଜାର ଟଙ୍କା ଜରିମାନା ପାଇଁ ନିର୍ଦ୍ଦେଶ ଦେଇଛନ୍ତି। ଜରିମାନା ଅନାଦାୟ ଅଧିକ ୧ ବର୍ଷ ଜେଲଦଣ୍ଡ ଭୋଗିବାକୁ ପଡିବ। ଏଥିସହ ପୀଡ଼ିତାଙ୍କୁ ୬ ଲକ୍ଷ ଟଙ୍କାର କ୍ଷତିପୂରଣ ପ୍ରଦାନ ଲାଗି କଟକ ଜିଲା ଆଇନସେବା ପ୍ରାଧିକରଣଙ୍କୁ ଅଦାଲତ ନିର୍ଦ୍ଦେଶ ଦେଇଛନ୍ତି। ସୂଚନା ଅନୁସାରେ, ୨୦୨୦ ଅକ୍ଟୋବର ୩ରେ ପୀଡ଼ିତା ବାହାରକୁ ଯାଇଥିଲାବେଳେ ବୁଟୁନା ତାଙ୍କୁ ବଳାତ୍କାର କରିଥିଲେ। ପରେ ପୀଡ଼ିତା ଜଣକ କାନ୍ଦିକାନ୍ଦି ଆସି ଘଟଣା ସମ୍ପର୍କରେ ମା'ଙ୍କୁ କହିଥିଲେ। ପୀଡ଼ିତାଙ୍କ ମା' ଏନେଇ ଜଗତପୁର ଥାନାରେ ଏତଲା ଦେବା ପରେ ପୋଲିସ ଏକ ମାମଲା ରୁଜୁ କରି ଅଭିଯୁକ୍ତଙ୍କୁ ଗିରଫ କରିଥିଲା। ସ୍ୱତନ୍ତ୍ର ଆଡ୍‌ହକ କୋର୍ଟରେ ମାମଲାର ଶୁଣାଣି ହୋଇଥିଲା। ରାଜ୍ୟ ସରକାରଙ୍କ ପକ୍ଷରୁ ସ୍ୱତନ୍ତ୍ର ପିପି ଶୁଭେନ୍ଦ୍ର ପ୍ରସାଦ ମହାନ୍ତି ମାମଲା ପରିଚାଳନା କରୁଥିଲେ।

# 'ବିଚାରାଳୟ ଶକ୍ତିଶାଳୀ କରିବାକୁ ପଦକ୍ଷେପ ନେବା ଉଚିତ'




କଟକ,୯।୧୦ (କାର୍ତ୍ତିକ ସାହୁ)

ଓଡ଼ିଶା ହାଇକୋର୍ଟ ଏବଂ ଓଡ଼ିଶା ଜୁଡିସିଆଲ ଏକାଡେମୀର ମିଳିତ ଆନୁକୂଲ୍ୟରେ ଏକ ଭାବ ବିନିମୟ କାର୍ଯ୍ୟକ୍ରମ ଜୁଡିସିଆଲ ଏକାଡେମୀର ସମ୍ମିଳନୀ କକ୍ଷରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସମ୍ମାନିତ ଅତିଥି ଭାବେ ସୁପ୍ରିମକୋର୍ଟ ବିଚାରପତି କେ. ଭି. ବିଶ୍ୱନାଥନ ଯୋଗଦେଇ ଯୁବ ବିଚାର ବିଭାଗୀୟ ଅଧିକାରୀଙ୍କ ସହ କୋର୍ଟ କାର୍ଯ୍ୟରେ ସମ୍ମୁଖୀନ ହେଉଥିବା ବିଭିନ୍ନ ଅସୁବିଧା ସମ୍ପର୍କରେ ଆଲୋଚନା କରିଥିଲେ। ଅସୁବିଧା ଦ୍ୱାରା ମାମଲା ଫଇସଲାରେ ବିଳମ୍ବ ହେଉଥିବାରୁ ନ୍ୟାୟିକ ଅନୁଷ୍ଠାନ ଓ ବିଚାରାଳୟଗୁଡ଼ିକୁ ଶକ୍ତିଶାଳୀ କରିବା ନିମନ୍ତେ ପଦକ୍ଷେପ ନେବା ଉଚିତ୍ ବୋଲି ବିଶ୍ୱନାଥନ୍ ମତବ୍ୟକ୍ତ କରିଛନ୍ତି। ଓଡ଼ିଶା ଜୁଡିସିଆଲ ଏକାଡେମୀର ପାଟ୍ରନ୍ ଇନ୍ ଚିଫ୍ ତଥା ହାଇକୋର୍ଟ ମୁଖ୍ୟ ବିଚାରପତି ଚକ୍ରଧାରୀ ଶରଣ ସିଂ ଯୁବ ବିଚାର ବିଭାଗୀୟ ଅଧିକାରୀଙ୍କୁ ମାମଲାର ବିଚାର ସଂକ୍ରାନ୍ତରେ ଗୁରୁତ୍ୱପୂର୍ଣ୍ଣ ପରାମର୍ଶ ଦେଇଥିଲେ। ବିଚାରପତି ଏସ୍. କେ. ସାହୁ ସ୍ୱାଗତ ଭାଷଣ ଓ ବିଚାରପତି ସଞ୍ଜୀବ କୁମାର ପାଣିଗ୍ରାହୀ ଧନ୍ୟବାଦ ଦେଇଥିଲେ। ହାଇକୋର୍ଟ ରେଜିଷ୍ଟ୍ରାର ଜେନେରାଲଙ୍କ ସମେତ ଅନ୍ୟାନ୍ୟ ଅଧିକାରୀ ଏଥିରେ ଉପସ୍ଥିତ ଥିଲେ।

# 'ଅନ୍ତର୍ନିହିତ ଗୁଣର ବିକାଶ କରନ୍ତୁ ବାଳିକା'



ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।

କଟକ,୯।୧୦ (କାର୍ତ୍ତିକ ସାହୁ)

**ଜିଲାସ୍ତରୀୟ ଅନ୍ତର୍ଜାତୀୟ ବାଳିକା ଦିବସ**

ସୁସ୍ଥ ସମାଜ ଗଠନରେ ବାଳିକାମାନେ ସହାୟକ ହୁଅନ୍ତୁ। ପ୍ରତ୍ୟେକ ବାଳିକା ଜଣେ ଜଣେ କନ୍ୟାରତ୍ନ। ବାଳିକାମାନେ ନିଜ ଅନ୍ତର୍ନିହିତ ଗୁଣର ବିକାଶ କରି ସଶକ୍ତ ହୁଅନ୍ତୁ ବୋଲି ଜିଲାପାଳଙ୍କ ସମ୍ମିଳନୀ କକ୍ଷରେ ବୁଧବାର ଅନୁଷ୍ଠିତ ଜିଲାସ୍ତରୀୟ ଅନ୍ତର୍ଜାତୀୟ ବାଳିକା ଦିବସରେ ବକ୍ତାମାନେ କହିଛନ୍ତି। ଏଥିରେ ଅତିରିକ୍ତ ଜିଲାପାଳ ଉମାକାନ୍ତ ରାଜ ଅଧ୍ୟକ୍ଷତା କରି ବାଳିକାଙ୍କୁ ଜୀବନରେ ସମତୁଲତା ରକ୍ଷା କରି ଅଗ୍ରସର ହେବାକୁ ପରାମର୍ଶ ଦେଇଛନ୍ତି। ଏହି ଅବସରରେ ବିଭିନ୍ନ ବ୍ଲକରେ ଚଳିତବର୍ଷ ମାଟ୍ରିକ୍ ପରୀକ୍ଷାରେ ସର୍ବାଧିକ ନମ୍ବର ରଖିଥିବା ବାଳିକାଙ୍କୁ ସମ୍ମାନିତ କରାଯାଇଥିଲା। ଜିଲା ଶିକ୍ଷା ଅଧିକାରୀ ଡ. ସନ୍ତୋଷ କୁମାର ରାଉତ, ଜିଲା ସମାଜ ମଙ୍ଗଳ ଅଧିକାରୀ ପୁଷ୍ପାଞ୍ଜଳି ପଣ୍ଡା, ଜିଲା ମଙ୍ଗଳ ଅଧିକାରୀ ମଧୁସ୍ମିତା ମହାପାତ୍ର, ଶିଶୁ ମଙ୍ଗଳ କମିଟି ଅଧ୍ୟକ୍ଷ ପ୍ରମୋଦ କୁମାର ଆଚାର୍ଯ୍ୟ, ଶିଶୁ ମଙ୍ଗଳ କମିଟି ସଦସ୍ୟ ହରିହର ନାୟକ ପ୍ରମୁଖ ଯୋଗଦେଇ ସମାଜରେ ବାଳିକାଙ୍କ ଭୂମିକା, ଦାୟିତ୍ୱ, ନିଜ ମାନସିକ ଓ ଶାରୀରିକ ସ୍ୱାସ୍ଥ୍ୟର ଯତ୍ନ, ଅନ୍ୟାୟ ବିରୋଧରେ ସ୍ୱର ଉତ୍ତୋଳନ ଆଦି ପ୍ରସଙ୍ଗରେ ଗୁରୁତ୍ୱାରୋପ କରିଥିଲେ। ଜିଲା ଶିଶୁ ସୁରକ୍ଷା ଅଧିକାରୀ ପ୍ରଗତି ମହାନ୍ତି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# ଏସ୍‌ସିବିକୁ ଆସିବ ଏମ୍‌ଆରଆଇ, ସିଟି ସ୍କାନ ମେଶିନ

କଟକ,୯।୧୦(ଶିଳ୍ପା ପ୍ରିୟଦର୍ଶିନୀ)

ମହାନଦୀ କୋଲ୍‌ଫିଲ୍ଡସ ଲିମିଟେଡ ପକ୍ଷରୁ ଗୋଟିଏ ଲେଖାଏ ଏମ୍‌ଆରଆଇ ଓ ସିଟି ସ୍କାନ ମେଶିନ ଏସ୍‌ସିବି ମେଡିକାଲକୁ ପଠାଯାଇଛି। ପୂର୍ବରୁ ମେଡିକାଲରେ ଗୋଟିଏ ଏମ୍‌ଆରଆଇ ମେଶିନ ସମେତ ଏସ୍‌ସିବିର ଗୋଟିଏ ନିଜସ୍ୱ ସିଟିସ୍କାନ ମେଶିନ ଏବଂ ଘରୋଇ ସହଭାଗିତାରେ ଗୋଟିଏ ପିପିପି ମୋଡ ସିଟିସ୍କାନ ମେଶିନ ରହିଛି। ଗୋଟିଏ ଏମ୍‌ଆର୍‌ଆଇ ମେଶିନ ପର୍ଯ୍ୟାପ୍ତ ହେଉ ନ ଥିବାବେଳେ ରୋଗୀମାନେ ସମସ୍ୟାର ସମ୍ମୁଖୀନ ହେଉଥିଲେ। ଏପରି କି ଏମ୍‌ଆର୍‌ଆଇ ପାଇଁ ରୋଗୀ ଆଚାର୍ଯ୍ୟ ହରିହର ସ୍ନାତକୋତ୍ତର କର୍କଟ ରୋଗ ଅନୁଷ୍ଠାନ ଉପରେ ନିର୍ଭର କରୁଥିଲେ। ସେହିପରି ଦୁଇଟି ସିଟିସ୍କାନ ମେଶିନ ଅନେକ ସମୟରେ ଖରାପ ହୋଇଥିବା ଦେଖିବାକୁ ମିଳିଛି। ତେଣୁ ରୋଗୀଙ୍କ ସୁବିଧା ପାଇଁ ଏମ୍‌ଆରଆଇ, ସିଟି ସ୍କାନ ମେଶିନ ଆସି ପହଞ୍ଚିବ ବୋଲି ମେଡିକାଲ ପକ୍ଷରୁ ସୂଚନା ମିଳିଛି।

# ତୋରଣ, ଆଲୋକରେ ଝଲସୁଛି ସହର

କଟକ,୯।୧୦(ଶିଳ୍ପା ପ୍ରିୟଦର୍ଶିନୀ)

ଦୁର୍ଗାପୂଜା ପାଇଁ ଉତ୍ସବ ମୁଖର ହୋଇଛି କଟକ ସହର। ବିଭିନ୍ନ ମଣ୍ଡପରେ ମା' ଦୁର୍ଗାଙ୍କ ମହାସପ୍ତମୀ ପୂଜା ଗୁରୁବାର ଅନୁଷ୍ଠିତ ହେବ। ସୁସଜ୍ଜିତ ମଣ୍ଡପ, ସୁଉଚ୍ଚ ତୋରଣ, ରଙ୍ଗବେରଙ୍ଗର ଆଲୋକମାଳା ସହରବାସୀଙ୍କୁ ଆକୃଷ୍ଟ କରୁଛି। ଏଥିସହ ବିଭିନ୍ନ ମଣ୍ଡପ ନିକଟରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯିବ। ଏଥିପାଇଁ କମିଟି କର୍ମକର୍ତ୍ତାଙ୍କ ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଛି। ଚଳିତବର୍ଷ ସହରର ବିଭିନ୍ନ ସ୍ଥାନରେ ୩୪ ଚାନ୍ଦିମେଢ଼, ଗୋଟିଏ କାଚ ଓ ଗୋଟିଏ ପିତ୍ତଳ ମେଢ଼ ନିର୍ମାଣ କରାଯାଇଛି। ବିଶେଷକରି ବିଡ଼ାନାସୀ, ଖାନ୍‌ନଗର, ମଙ୍ଗଳାବାଗ, ଚାଉଳିଆଗଞ୍ଜ, ରାଣୀହାଟ, ଶିଖରପୁର ଗଣ୍ଡରପୁର ମହାନଦୀ ବିହାର ପୂଜାମଣ୍ଡପରେ ଅତ୍ୟାଧୁନିକ ଆଲୋକ ବ୍ୟବସ୍ଥା କରାଯାଇଛି। ଏହାକୁ ଦେଖିବାକୁ ପାଇଁ ମହାଷଷ୍ଠୀରୁ ଲୋକଙ୍କ ଭିଡ଼ ପରିଲକ୍ଷିତ ହୋଇଛି।


ଦଶହରା ପୂଜା ପାଇଁ କଟକ ଚାନ୍ଦିନୀଚୌକ ପୂଜା କମିଟି ପକ୍ଷରୁ ନିର୍ମିତ ଇଲେକ୍ଟ୍ରି ତୋରଣ।


ଚହଟା ଛକସ୍ଥିତ ବିଡ଼ାନାସୀ ପୂଜା କମିଟି ପକ୍ଷରୁ ରଙ୍ଗବେରଙ୍ଗ ଆଲୋକମାଳାରେ ସଜା ଯାଇଛି।


ମାଲଗୋଦାମ ପୂଜା କମିଟି ପକ୍ଷରୁ ନିର୍ମିତ ଅଯୋଧ୍ୟା ରାମ ମନ୍ଦିର ସଦୃଶ ତୋରଣ।


ରାଣୀହାଟ ଦୁର୍ଗାପୂଜା କମିଟି ପକ୍ଷରୁ ନିର୍ମିତ ଲାଇଟ୍ ଗେଟ୍।


ଖାନ୍‌ନଗର ଦୁର୍ଗାପୂଜା କମିଟି ପକ୍ଷରୁ ନିର୍ମିତ ତୋରଣ।


ଚାଉଳିଆଗଞ୍ଜ ପୂଜା କମିଟି ପକ୍ଷରୁ ନିର୍ମିତ ଇଲେକ୍ଟ୍ରି ତୋରଣ।

# ଶିଶୁଙ୍କ ଚକ୍ଷୁର ଯତ୍ନକୁ ଗୁରୁତ୍ୱ

ଆମ ଶରୀରରେ ଥିବା ୫ଟି ସ୍ୱତନ୍ତ୍ର ଅଙ୍ଗ ମଧ୍ୟରୁ ଆଖି ହିଁ ସବୁଠାରୁ ମୂଲ୍ୟବାନ୍। ଆମ ଚାରିପଟରେ ଥିବା ଏ ସୁନ୍ଦର ପୃଥିବୀ ତା'ର ସୌନ୍ଦର୍ଯ୍ୟଭରା ମାଟି, ପାଣି, ପବନ, ସବୁଜପ୍ରାନ୍ତର, ନୀଳ ଆକାଶ ତଥା ସେଥିରେ ଉଇଁଥିବା ଇନ୍ଦ୍ରଧନୁକୁ କେବଳ ଦୁଇଟି ଆଖି ଦ୍ୱାରା ହିଁ ଦେଖିହୁଏ। ଦେଖିହୁଏ ନିଜ ଆତ୍ମୀୟସ୍ୱଜନଙ୍କଠାରୁ ଆରମ୍ଭକରି ଅନେକ ପ୍ରିୟ ମଣିଷ। ଏହାଛଡ଼ା ଆଖି ଦ୍ୱାରା ଦେଖି ଆମେ ପଢ଼ିପାରୁ, ଲେଖିପାରୁ ତଥା ଅନେକ କାମ କରିପାରୁ। ଥରେ ଦୃଷ୍ଟିଶକ୍ତି ହରାଇଲେ ମଣିଷ ଅନ୍ଧ ହୋଇଯାଏ ଏବଂ ଜୀବନ ମଧ୍ୟ ତା' ପାଇଁ ଅନ୍ଧକାରମୟ ହୋଇଯାଏ। ତେଣୁ ଆଖିର ଯତ୍ନ ନେଇ ତାକୁ ସୁସ୍ଥ ରଖିବା ପାଇଁ ପ୍ରତ୍ୟେକ ବ୍ୟକ୍ତି ସଚେତନ ହେବା ଦରକାର। ସେଥିପାଇଁ ପ୍ରତିବର୍ଷ ସାରା ବିଶ୍ୱରେ ଅକ୍ଟୋବର ମାସ ଦ୍ୱିତୀୟ ଗୁରୁବାର ''ବିଶ୍ୱ ଦୃଷ୍ଟି ଦିବସ''ପାଳନ କରାଯାଉଛି।

ଆଖିକୁ ସୁରକ୍ଷା ଦେବା ଏବଂ ନିଜ ଦୃଷ୍ଟିଶକ୍ତିକୁ ରକ୍ଷା କରିବା ତଥା ଦୃଷ୍ଟିହୀନତା ଓ ଅନ୍ଧତ୍ୱକୁ ନିରାକରଣ ପାଇଁ ସଚେତନତା ସୃଷ୍ଟି କରିବା ଏହି



ଦିବସର ଲକ୍ଷ୍ୟ। ଦୃଷ୍ଟିଶକ୍ତି ଠିକ୍ ନ ଥିଲେ ଶିକ୍ଷା ବାଧାପ୍ରାପ୍ତ ହେବା ସହ ସେମାନଙ୍କୁ ସାମାଜିକ ଭାବରେ ନ୍ୟୂନଦୃଷ୍ଟିରେ ଦେଖାଯାଏ। ଚଷମା ଦ୍ୱାରା ଏହାର ସଂଶୋଧନ ହୋଇଥାଏ। ବିଶ୍ୱ ସ୍ୱାସ୍ଥ୍ୟ ସଂସ୍ଥା ଏଥରକ ଶିଶୁମାନଙ୍କ ଚକ୍ଷୁର ଯତ୍ନ ଉପରେ ବିଶେଷ ଧ୍ୟାନ ଦେବା ପାଇଁ ସମସ୍ତଙ୍କର ଦୃଷ୍ଟି ଆକର୍ଷଣ କରିଛନ୍ତି। ଏହାଛଡା ସମସ୍ତଙ୍କ ଦୃଷ୍ଟିଶକ୍ତି ପରୀକ୍ଷଣ ତଥା ସଂଶୋଧନ କରି ସେମାନଙ୍କୁ ଚଷମା ଯୋଗାଇଦେବା ଏହି ଦିବସର

## ଆଜି ବିଶ୍ୱ ଦୃଷ୍ଟି ଦିବସ

ମୁଖ୍ୟ ଲକ୍ଷ୍ୟ ହୋଇଛି। ପିଲାମାନେ ବେଶି ସମୟ କମ୍ପ୍ୟୁଟର କିମ୍ବା ମୋବାଇଲ୍ ସ୍କ୍ରିନ୍‌କୁ ଅନାଇଲେ ''ସମୀପ ଦୃଷ୍ଟିଜନିତ ବା 'ମାୟୋପିଆ' ରୋଗରେ ଆକ୍ରାନ୍ତ ହୁଅନ୍ତି। ସେଥିପାଇଁ କମ୍ପ୍ୟୁଟର ସ୍କ୍ରିନ୍‌କୁ ନ ଅନାଇ ମଝିରେ ମଝିରେ ବିଶ୍ରାମ ନେବା ଉଚିତ୍। ତେଣୁ ଭବିଷ୍ୟତ ଦାୟାଦମାନଙ୍କ ଚକ୍ଷୁର ପରୀକ୍ଷା ତଥା ସୁରକ୍ଷା ପାଇଁ ପିତାମାତା, ଗୁରୁଜନ ଓ କେୟାରଟେକରର ଭୂମିକା ଖୁବ୍ ଗୁରୁତ୍ୱପୂର୍ଣ୍ଣ। ଆଜିକାଲି WHO EYES ନାମରେ ଗୋଟିଏ ଆପ୍ ମଧ୍ୟ ଉପଲବ୍ଧ, ଯେଉଁଥିରେ ପିଲାମାନେ ଘରେ ନିଜ ଆଖି ପରୀକ୍ଷା କରିପାରିବେ। ଏହାଛଡା ପିଲାମାନେ ଦିନରେ ବେଶି ସମୟ ଆଖିକୁ ବିଶ୍ରାମ ଦେବା ମଧ୍ୟ ଜରୁରୀ, କେତେକ ସ୍ଥାନରେ କଳାଚଷମା ବା ଗଗଲସ୍ ମଧ୍ୟ ବ୍ୟବହାର କରିବା ଆବଶ୍ୟକ। ଆଖିର ଯତ୍ନ ନେବାକୁ ହେଲେ ପାଞ୍ଚଟି ଜିନିଷ ଆଖି ଆଗରେ ରଖିବାକୁ ହୋଇଥାଏ।

**ପ୍ରତିଷେଧକ:** ଏହି ବ୍ୟବସ୍ଥା ଗ୍ରହଣ କରିବା ଦରକାର। ଆଖିକୁ ସୁସ୍ଥ ରଖିବା ପାଇଁ ନିଜ ଜୀବନଶୈଳୀର ପରିବର୍ତ୍ତନ ସହ ଭିଟାମିନ୍‌ଯୁକ୍ତ ଖାଦ୍ୟ ଯଥା ଭିଟାମିନ୍ ଏ, 'ବି-କମ୍ପ୍ଲେକ୍ସ' ଓ ସି' ତଥା ଗାଜର, ସବୁଜ ପନିପରିବା ଓ ଫଳ ଖାଇବା ଭଲ। ଏହାଛଡା ଧୂମପାନ ଓ ମଦ୍ୟପାନରୁ ଦୂରେଇ ରହିବା ଦରକାର। ମଧୁମେହ ଓ ଉଚ୍ଚ ରକ୍ତଚାପ ଥିଲେ ଉପଯୁକ୍ତ ଔଷଧ ସେବନ ଓ ଆଖିର ଚେକ୍‌ଅପ୍ କରାଇନେବା ଜରୁରୀ।

**ସୁରକ୍ଷା** : ଆଇଷ୍ଟ୍ରେନ୍ ବା ଆଖି ଉପରେ ଚାପ ପକାଇବେ ନାହିଁ। କମ୍ପ୍ୟୁଟର ସ୍କ୍ରିନ୍ ଆଗରେ ବେଶି ସମୟ କାମ ନ କରି ମଝିରେ ମଝିରେ ବିଶ୍ରାମ ନେବେ ଓ ଆଣ୍ଟିଗ୍ଲେୟାର ଚଷମା ପିନ୍ଧିବେ। ନିଜେ ନିଜ ଆଖିକୁ ବିଭିନ୍ନ ପ୍ରକାର କ୍ଷତିକାରକ ଜିନିଷରୁ ଦୂରେଇ ରଖି ନିୟମିତ ଚେକ୍‌ଅପ୍ କରାଇବା ଭଲ। ତେଣୁ ସବୁବେଳେ ଆଖିର ଯତ୍ନ ଓ ଚିକିତ୍ସା ତଥା ନିଜ କର୍ମକ୍ଷେତ୍ରରେ ମଧ୍ୟ କେମିତି ନିୟମିତ ଏହାର ଯତ୍ନ ନେବେ, ତା' ଉପରେ ଧ୍ୟାନ ଦେବା ଉଚିତ୍। ଶିଶୁଙ୍କ ପାଇଁ ସୁସ୍ଥ ଖାଦ୍ୟ ଜରୁରୀ। ଏହାଛଡା ବାହାରେ ଖୋଲା ସୂର୍ଯ୍ୟ କିରଣରେ କିଛି ସମୟ ଶିଶୁଙ୍କୁ ବୁଲାଇବା ଦରକାର। ଆଖିରୋଗ ସବୁ ବୟସରେ ହୋଇଥାଏ। ଶିଶୁମାନଙ୍କଠାରୁ ଆରମ୍ଭ କରି ବୟସ୍କଙ୍କ ଯାଏଁ ସମସ୍ତେ ଏଥିରେ ଆକ୍ରାନ୍ତ ହୋଇଥାନ୍ତି। ତେବେ ବିଶେଷ ଭାବରେ ଦୃଷ୍ଟିଦୋଷ, ଧଳା ମୋତିଆ ବା' କାଟାରାକ୍ଟ, କଳା ମୋତିଆ ବା ଗ୍ଲୁକୋମା, ଡାଏବେଟିକ୍ ରେଟିନୋପାଥି, ଆଖିଧରା ରୋଗ କେରାଟାଇଟିସ୍ ବା' କର୍ଣ୍ଣିଆ ରୋଗ ଇତ୍ୟାଦି ଆଖିକୁ ଆକ୍ରାନ୍ତ କରିଥାଏ। ସେଥିପାଇଁ ସମସ୍ତେ ନିଜ ନିଜ ଆଖିର ନିୟମିତ ଚେକ୍‌ଅପ୍ ଜଣେ ଚକ୍ଷୁରୋଗ ବିଶେଷଜ୍ଞଙ୍କ ଦ୍ୱାରା କରାଇବା ଆବଶ୍ୟକ। ଏହାଛଡ଼ା ପ୍ରତ୍ୟେକ ପିତାମାତା ସର୍ବପ୍ରଥମେ ନିଜ ଶିଶୁମାନଙ୍କ ଆଖିର ଚେକ୍‌ଅପ୍ କରି ତା'ର ଚିକିତ୍ସା କରାଇ ତଥା ସ୍ଥଳବିଶେଷରେ ଦରକାର ହେଲେ ଶିଶୁକୁ ଚଷମା ପିନ୍ଧାଇବା ମଧ୍ୟ ଦରକାର।

**-ଡା. ସୋନାଲି ଷଡ଼ଙ୍ଗୀ, ଚକ୍ଷୁରୋଗ ବିଶେଷଜ୍ଞ, ଏଏସ୍‌ଜି ଆଇ ହସ୍‌ପିଟାଲ, ଲିଙ୍କରୋଡ୍, କଟକ**

# ଅଜବ ବିବାହ ବିଜ୍ଞାପନ

ମିରଟ୍



ଉତ୍ତରପ୍ରଦେଶର ମିରଟ୍‌ରେ ରହୁଥିବା ଜଣେ ଯୁବ ନିବେଶକଙ୍କର ବିବାହ ବିଜ୍ଞାପନ ଏବେ ସୋସିଆଲ ମିଡିଆରେ ଭାଇରାଲ ହେବାରେ ଲାଗିଛି। ନିବେଶକ ଜଣକ ଖବରକାଗଜରେ ବିବାହ ପାଇଁ ଏକ ବିଜ୍ଞାପନ ପ୍ରକାଶ କରିଛନ୍ତି। ସେ ତାଙ୍କ ଆୟ ବିଷୟରେ କରିଥିବା ଦାବିଗୁଡିକ ଲୋକଙ୍କର ଦୃଷ୍ଟି ଆକର୍ଷଣ କରିଛି। ଯୁବ ନିବେଶକ ଜଣକ ବିଜ୍ଞାପନରେ ଦର୍ଶାଇଛନ୍ତି, ତାଙ୍କର ଆୟ ବାର୍ଷିକ ୨୯ ଲକ୍ଷ ଟଙ୍କା। ସେହିପରି ପ୍ରତିବର୍ଷ ତାଙ୍କର ଆୟ ୫୪% ହାରରେ ବୃଦ୍ଧି ପାଉଛି। ବିବାହ ପାଇଁ ମୁଦ୍ରିତ ଏହି ବିଜ୍ଞାପନରେ ଯୁବକଙ୍କର ଜାତି ଓ ଶାରୀରିକ ଗଠନ ବିଷୟରେ ମଧ୍ୟ ଲେଖାଯାଇଛି। ସେହିପରି ଶେୟାର ମାର୍କେଟରେ ଜଣେ ନିବେଶକ ଭାବେ ସେ ସର୍ବଦା ସକ୍ରିୟ ରୁହନ୍ତି ବୋଲି ଯୁବକ ଜଣକ ଏହି ବିଜ୍ଞାପନରେ ଦର୍ଶାଇଛନ୍ତି। ଶୀଘ୍ର ଆୟ ବୃଦ୍ଧି ପାଇଁ ତାଙ୍କ ନିକଟରେ ଏକ ନିଜସ୍ୱ ଉଦ୍ଭାବିତ ଫର୍ମୁଲା ରହିଛି ବୋଲି ସେ ଦାବି କରିଛନ୍ତି। ବିଜ୍ଞାପନରେ ଯୁବକ ଜଣକ ନିଜ ଆୟର ସ୍ଥିରତା ବିଷୟରେ ମଧ୍ୟ ସୂଚନା ଦେଇଛନ୍ତି। ଜଣେ ନିବେଶକ ଭାବେ ତାଙ୍କ ଆୟର ନିରାପତ୍ତା ଓ ସ୍ଥିରତାକୁ ବୁଝାଇବା ପାଇଁ ସେ ଏକ ପାୱାରପଏଣ୍ଟ ଉପସ୍ଥାପନା ମଧ୍ୟ ପ୍ରସ୍ତୁତ କରିଛନ୍ତି। ବିବାହ ପାଇଁ ଇଚ୍ଛୁକ କନ୍ୟାମାନଙ୍କୁ ମେସେଜିଂ ପ୍ଲାଟ୍‌ଫର୍ମ ହ୍ୱାଟ୍ସଆପ୍ ଯୋଗେ ଉକ୍ତ ୧୬ଟି ସ୍ଲାଇଡ ବିଶିଷ୍ଟ ପିପିଟି ପଠାଇବାକୁ ସେ ସହମତି ପ୍ରକାଶ କରିଛନ୍ତି।

**ସାର୍ବଜନୀନ ବିଜ୍ଞପ୍ତି**

ଏତଦ୍ଦ୍ୱାରା ସର୍ବସାଧାରଣଙ୍କୁ ସୂଚିତ କରାଯାଉଛି ଯେ **କୋଟାକ୍ ମହିନ୍ଦ୍ରା ବ୍ୟାଙ୍କ ଲିଃ** ନିମ୍ନଲିଖିତ ଗାଡ଼ିଗୁଡ଼ିକ ପାଇଁ ଏକ ନିଲାମ ଆୟୋଜନ କରିଛି।

**ବିକ୍ରୟ ପାଇଁ ଉଦ୍ଦିଷ୍ଟ ଗାଡ଼ି**

1) ମଡେଲ ନଂ. ଏଏଲ୍ ଦୋସ୍ତ ଗୁଡ୍‌ସ
ଗାଡ଼ି ନଂ. OD02CF0702
ନିର୍ମାଣ ବର୍ଷ - 2023
ସଂରକ୍ଷିତ ମୂଲ୍ୟ - 536445.00

ମେସର୍ସ କୋଟାକ୍ ମହିନ୍ଦ୍ରା ବ୍ୟାଙ୍କ ଲିଃ ନିକଟରେ ବନ୍ଧକ ଅଧୀନରେ ଥିବା ଏହି ଗାଡ଼ିଗୁଡ଼ିକୁ ''ଯେପରି ଅଛି ଯେଉଁଠି ଅଛି ଭିତ୍ତିରେ'' ବିକ୍ରୟ କରାଯିବ। ଆଗ୍ରହୀ ପକ୍ଷମାନେ ବିଜ୍ଞାପନ ତାରିଖରୁ 15 ଦିନ ମଧ୍ୟରେ ସେମାନଙ୍କର କୋଟେଶନ

**କୋଟାକ୍ ମହିନ୍ଦ୍ରା ବ୍ୟାଙ୍କ ଲିମିଟେଡ୍**
184, ତଳ ମହଲା, ଜନପଥ, ଭୁବନେଶ୍ୱର, ଓଡ଼ିଶା - 751001 ଠିକଣାରେ ପଠାଇପାରିବେ କିମ୍ବା ଯୋଗାଯୋଗ କରିପାରିବେ:
ଜ୍ୟୋତି ରଞ୍ଜନ ମିଶ୍ର - 9583041012
ରବି କୁମାର ଡି - 6201641482

# କଣ୍ଠଶିଳ୍ପୀ ହେବାକୁ ଚାହୁଁଥିଲେ ଆଲିଆ

ମୁମ୍ବାଇ

ଖୁବ୍‌ଶୀଘ୍ର ବଲିଉଡ୍ ଅଭିନେତ୍ରୀ କରୀନା କପୁର ଖାନ୍‌ଙ୍କର ଚାଟ୍ ଶୋ 'ହ୍ୱାଟ୍ ଓମେନ୍ ୱାଣ୍ଟ'ର ନୂତନ ତଥା ୫ମ ସିଜନ୍ ଆରମ୍ଭ ହେବାକୁ ଯାଉଛି। ଶୋ'ର ପ୍ରୋମୋ ରିଲିଜ୍ ହୋଇସରିଛି, ଯେଉଁଥିରେ ଚଳିତ ବର୍ଷ କେଉଁ କେଉଁ ସେଲିବ୍ରିଟି ନଜରକୁ ଆସିବେ ତାହା ସ୍ପଷ୍ଟ ହୋଇଛି। ଏହି ତାଲିକାରେ ଅଭିନେତ୍ରୀ ଆଲିଆ ଭଟ୍ଟ, ସୋନାକ୍ଷୀ ସିହ୍ନା, ଭୂମି ପେଡ୍‌ନେକର, ନୀନା ଗୁପ୍ତା ଓ ଅଭିନେତା ଆଦିତ୍ୟ ରୟ କପୁର ପ୍ରମୁଖ ରହିଛନ୍ତି। ପ୍ରୋମୋରେ କରୀନା ଏହି ତାରକାମାନଙ୍କର ସାକ୍ଷାତ୍‌କାର ନେଇ ଖୁବ୍ ମଜା କରୁଥିବା ନଜରକୁ ଆସିଛନ୍ତି। ତେବେ ଏକଦା ସେ ଜଣେ କଣ୍ଠଶିଳ୍ପୀ ହେବାକୁ ଚାହୁଁଥିଲେ ବୋଲି ଏହି ପ୍ରୋମୋରେ ଆଲିଆ କହୁଥିବାର ଦେଖିବାକୁ ମିଳିଛି। ପରବର୍ତ୍ତୀ ସମୟରେ ଅଭିନେତ୍ରୀ ଭାବେ କାର୍ଯ୍ୟ କରିବାକୁ ତାଙ୍କୁ ବିଭିନ୍ନ ପ୍ରଡକ୍ସନ୍ ହାଉସ୍‌ରୁ ଅଫର ମିଳିଥିଲା ଓ ସେ ଏହାକୁ ସ୍ୱୀକାର କରିଥିଲେ ବୋଲି ଆଲିଆ କହିଛନ୍ତି।



ଫଳରେ ସେ ଅଭିନୟ କ୍ଷେତ୍ରରେ ତାଙ୍କ କ୍ୟାରିୟର ଆଗକୁ ବଢ଼ାଇଥିଲେ ଏବଂ ଗାୟକ ହେବା ନେଇ ତାଙ୍କର ସ୍ୱପ୍ନ ଅଧୁରା ରହିଯାଇଛି ବୋଲି ଆଲିଆ କହିଛନ୍ତି।

# ୨୧୧ ଫୁଟ ଉଚ୍ଚ ରାବଣ ମୂର୍ତ୍ତି



ନୂଆଦିଲ୍ଲୀ

ଚଳିତ ଦଶହରାରେ ଦିଲ୍ଲୀର ଦ୍ୱାରକା ଅଞ୍ଚଳରେ ୨୧୧ ଫୁଟ୍ ବିଶିଷ୍ଟ ବିଶ୍ୱର ଉଚ୍ଚତମ ରାବଣ ମୂର୍ତ୍ତି ପ୍ରସ୍ତୁତ କରାଯାଇଛି। ଦ୍ୱାରକାର ଶ୍ରୀ ରାମଲୀଳା ସୋସାଇଟି ପକ୍ଷରୁ ଚଳିତ ବର୍ଷର ଦଶହରା ମେଳଣ ପାଇଁ ଏହି ୨୧୧ ଫୁଟ୍ ଉଚ୍ଚତା ବିଶିଷ୍ଟ ରାବଣ ମୂର୍ତ୍ତି ପ୍ରସ୍ତୁତ କରାଯାଇଛି। ଉକ୍ତ ଡାଞ୍ଚା ସମ୍ପୂର୍ଣ୍ଣ ଭାବେ ପ୍ରସ୍ତୁତ କରିବାକୁ ୪ ମାସର ସମୟ ଲାଗିଥିବା ନେଇ ରାମଲୀଳା ସୋସାଇଟି ସୂଚନା ଦେଇଛି। ୪୦ ଜଣ କାରିଗର ଦିନରାତି କାମ କରି ରାବଣର ଏହି ବିଶାଳକାୟ ମୂର୍ତ୍ତିକୁ ନିର୍ମାଣ କରିଛନ୍ତି। ତେବେ ଏହି ମୂର୍ତ୍ତି କେବଳ ଉଚ୍ଚତା ପାଇଁ ନୁହେଁ, ବରଂ ନିଜର କାରିଗରି ଦ୍ୱାରା ମଧ୍ୟ ଲୋକଙ୍କୁ ଆକର୍ଷିତ କରୁଛି। କାରିଗରମାନେ ଏହି ମୂର୍ତ୍ତିକୁ ଜୀବନ୍ତ ରୂପ ଦେବା ସହ ନିଜର କଳାକୃତିକୁ ପ୍ରଦର୍ଶନ କରିଛନ୍ତି।

**कार्यपालक अभियंता का कार्यालय,**
**पथ निर्माण विभाग, पथ प्रमंडल, सरायकेला-खरसावाँ**

**शुद्धि-पत्र**

कार्यपालक अभियंता, पथ निर्माण विभाग, पथ प्रमण्डल, चाईबासा का E- Tender Reference No. RCD/SERAIKELLA/07 दिनांक 07.10.2024 एवं PR 338399 Road (24-25)D द्वारा आमंत्रित निविदा में निम्नवत् संशोधन किया जाता है :-

| क्र० सं० | विवरण | पूर्व के आमंत्रित निविदा में अवधि | संशोधित अवधि |
|---|---|---|---|
| 03 | Time of Completion | 06 (Six) Months | 05 (Five) Months |

शेष शर्तें यथावत् रहेगी।

कार्यपालक अभियंता,
पथ निर्माण विभाग, पथ प्रमंडल,
सरायकेला-खरसावाँ

PR 338544 Road(24-25)#D

**e-Procurement Notice for Building Works**
**Identification No. 02/SERW/JLS/2024-25**

No.O-349

1 Procurement Officer : Superintending Engineer Rural Works Division, Jaleswar
2 Name of the Work : Buildings
3 Total No. of Works : 12 Nos.
4 Estimated Cost : Approx. Estimated Cost Rs. 0.84 Lakh to Rs. 45.38 Lakh
5 Class of Contractor : 'D' & 'C' and 'C' & 'B' Class
6 Time of Completion : Two & Four Calendar months (As per annexure)
7 Availability of tender On-Line for bidding : From 15.10.2024 at 11.00 P.M. to 25.10.2024 up to 05.00 P.M.
8 Last date & time of seeking tender clarification : 24.10.2024 upto 05.00 P.M.
9 Date & Time of Opening of tender in the office of the Superintending Engineer, R.W.Division, Jaleswar : Date & Time Opening of Technical & Financial bid - 28.10.2024 at 11.00 A.M.

Further details can be seen from the website - www.tendersodisha.gov.in

Sd./- Additional Chief Engineer
R.W. Division, Jaleswar

OIPR-25051/11/0002/2425

**OFFICE OF THE MUNICIPAL COUNCIL, ANANDAPUR**
Estd. 1974
**INVITATION FOR BID**
**e-PROCUREMENT NOTICE**

No. 2407 Dt.05.10.2024
**Bid Reference No.: AM-ANDP-01/2024-25**

No. C-761: The Executive Officer on behalf of Anandapur Municipality, Anandapur invites Percentage Rate Bids in conformity with Dtailed Tender Call Notice (DTCN) for the following works from registered contractors of Govt. of Orissa having experience in the similar nature of work. The bidders may submit bids for the following work.

| Sl. No. | Name of the Work | Amount put to tender (in Rs.) | EMD value (in Rs.) @ 1% of E.C. | Paper Cost including GST 18% (in Rs.) | Class of Contractor | Time of Completion |
|---|---|---|---|---|---|---|
| 1 | 2 | 3 | 4 | 5 | 6 | 7 |
| 1 | Extension of administrative building with other ancillary structures etc. inside exiting SeTP at Anandapur Muncipality | 72,91,339.59/- | 72,913/- | 10,000/- | "B" | 6 Months |

1. Tender documents containing specifications, the Schedule of quantities and the set of terms & conditions of contract & other necessary documetns can be seen in the Orissa tender website **www.tendersorissa.gov.in**.
2. Bid must be accompanied by the financial instruments towards cost of tender documents as mentioned in column-4 in the above table only be received through Online payment and bidder shall attach scan copy of confirmation of payment through online.
3. The tenderer may please note that while quoting rates for the percentage basis tender, if rate quoted against the work found to be less than the estimated cost, in such case the LI bidder shall be required to deposit as APS (Additional performance security) as mentioned below vide Order No. 4559/w, bbsr, Dt.05.04.2021 of Commissioner-cum-Secretary to Government, Works Department, Govt. of Odisha.

| Sl. No. | Range of Difference between the estimated cost put to tender and bid amount | Additional performance Security to be deposited by the successful bidder |
|---|---|---|
| 1 | Below 5% less | No Additional performance Security |
| 2 | From 5% above and below 10% | 50% of difference between estimated cost put to tender and bid amount |
| 3 | From 10% above | 150% of difference between estimated cost put to tender and bid amount |

The successful bidder shall deposit the required Additional performance Security within 7 days of receipt of the notice for the purpose positively failing which the bidder will not be allowed to participate in next tender to be invited by Anandapur Municipality in future and necessary action as per OPWD Rule will be initiated. The department till successful completion of the work shall retain the additional performance security deposit as above.

4. (Amendment to Appendix-IX, Clause-36 of OPWD Code Vol.-II by inclusion)
(Revised/substituted as per works Deptt. Office Memorandum No. 12366 Dt.08.11.2013)

OIPR-13049/11/0006/2425 Sd./-

**झारखण्ड सरकार**
**कार्यपालक अभियंता का कार्यालय,ग्रामीण कार्य विभाग, कार्य प्रमण्डल, चतरा**

**ई- अतिअल्पकालीन् निविदा आमंत्रण सूचना**

ई-निविदा संख्या- 26/2024-25/RWD/CHATRA दिनांक- 09.10.2024

कार्यपालक अभियन्ता, ग्रामीण कार्य विभाग, कार्य प्रमण्डल, चतरा द्वारा निम्न विवरण के अनुसार e-procurement पद्धति से निविदा आमंत्रित की जाती है।

| क्र० सं० | आईडेन्टिफिकेशन संख्या / पैकेज संख्या | कार्य का नाम | प्राक्कलित राशि अंक में (लाख) | प्राक्कलित राशि अक्षर में | कार्य समाप्ति की अवधि | टेण्डर कॉल सं० |
|---|---|---|---|---|---|---|
| 1 | RWD/ CHATRA/155/ 2024-25 | पीडब्ल्यूडी मुख्य पथ मचनियां मोड़ से रामा गंझू के घर तक पथ निर्माण कार्य (लं०-2.900 कि०मी०)। | 362.721 | तीन करोड़ बासठ लाख बहत्तर हजार एक सौ मात्र | 15 माह | प्रथम |

2. वेबसाईट में निविदा प्रकाशन की तिथि :- 14.10.2024
3. ई-निविदा प्राप्ति की अंतिम तिथि एवं समय :- 21.10.2024 अपराह्न 5.00 बजे तक।
4. ई-निविदा खोलने की तिथि एवं समय :- 23.10.2024 अपराह्न 3.30 बजे।
5. ई-निविदा आमंत्रित करनेवाले पदाधिकारी का नाम एवं पता :- कार्यपालक अभियन्ता, ग्रामीण कार्य विभाग, कार्य प्रमण्डल, चतरा, द्वितीय तल, विकास भवन, चतरा।
6. ई-निविदा प्रकोष्ठ का दूरभाष संख्या :- **06541-296208**

विस्तृत जानकारी के लिए वेबसाईट **www.jharkhandtenders.gov.in** में देखा जा सकता है।

कार्यपालक अभियंता,
ग्रामीण कार्य विभाग,कार्य प्रमण्डल, चतरा

PR 338604 Rural Work Department(24-25).D

FORM No. 13
**BEFORE THE DEBTS RECOVERY TRIBUNAL, CUTTACK, ORISSA**
C-71, SECTOR-7, CDA, CUTTACK, ODISHA
O.A. NO. 192 / 2024

STATE BANK OF INDIA, STRESSED ASSETS RECOVERY BRANCH (SARB), Bhubaneswar (Odisha) .....Applicant
Versus
M/S. BABAYA POULTRY FIRM AND OTHERS .....Defendant(s)

To,
1) **M/s. Babaya Poultry Firm,** represented through its Proprietor **Sri Desudu Duryodhan,** At: Suryanarayanpur, Bhabandha, Purusottampur, Berhampur-761003, Dist.: Ganjam (Odisha) ...Defendant No. 1
2) **Sri Desudu Duryodhan,** S/o- Desedu Biswanath, At: Suryanarayanpur, Bhabandha, Purusottampur, Berhampur-761003, Dist.: Ganjam (Odisha) ...Defendant No. 2
3) **Sri Desudu Lingaraj,** S/o- Desedu Biswanath, At: Suryanarayanpur, Bhabandha, Purusottampur, Berhampur-761003, Dist.: Ganjam (Odisha) ...Defendant No. 3
4) **Sri Desudu Biswanath,** S/o- Desudu Baya, At: Suryanarayanpur, Bhabandha, Purusottampur, Berhampur-761003, Dist.: Ganjam (Odisha) ...Defendant No. 4

**SUMMONS BY PAPER PUBLICATION**
**FOR SHOWING CAUSE AS TO WHY THE RELIEF PRAYED SHOULD NOT BE GRANTED**

Take notice that the applicant has instituted an **O.A. No. 192/2024** in the Court of the Debts of Recovery Tribunal, Cuttack for recovery of **Rs.1,77,43,301.00** only together with current and future interest, costs and other reliefs. The above mentioned defendants are therefore, directed to appear before this Tribunal in person or through an Advocate or duly authorised agent, in support of their defence to show cause within **30 days** from the publication or on **22.11.2024** at **10.30 a.m.** as to why reliefs prayed for should not be granted.

Take notice that in case of default, the application will be heard and determined in their absence.

Given under my hand seal of this Tribunal on this **25th day of September, 2024.**

Sd/- (Nikhila Ranjan Pati),
REGISTRAR

**कार्यपालक अभियंता का कार्यालय**
पथ निर्माण विभाग, पथ प्रमण्डल, बोकारो
ई-प्रोक्युरमेंट सूचना
(एस०बी०डी० आधारित अति अल्पकालीन ई-निविदा)

ई-निविदा प्रसंग संख्या- RCD/BOKARO/1303/F.Y. 2024-25
दिनांक-09.10.2024

| | | |
|---|---|---|
| 1. | कार्य का नाम | पथ प्रमण्डल, बोकारो अन्तर्गत "बोकारो सेक्टर-11 से तेलमच्चो पुल तक पथ (कुल लम्बाई 3.65 कि०मी०) के IRQP कार्य" वर्ष 2024-25. |
| 2. | प्राक्कलित राशि (रूपये में) | रू० 3,13,94,500.00 (तीन करोड़ तेरह लाख चौरानबे हजार पाँच सौ रूपये ) मात्र। |
| 3. | कार्य पूर्ण होने की अवधि | 02(दो) माह। |
| 4. | वेबसाईट पर निविदा प्रकाशन होने की तिथि एवं समय | 16.10.2024, 12.00 बजे दोपहर। |
| 5. | बिड प्राप्ति की अंतिम तिथि एवं समय | 23.10.2024, 12.00 बजे दोपहर तक। |
| 6. | निविदा आमंत्रित करने वाले कार्यालय का नाम एवं पता | कार्यपालक अभियंता, पथ निमा'ण विभाग, पथ प्रमण्डल, बोकारो। |
| 7. | प्रोक्युरमेंट पदाधिकारी का सम्पर्क संख्या | 06542-265569 |
| 8. | ई-प्रोक्युरमेंट सेल का हेल्पलाईन संख्या | 0651-2400210 |

नोट :- प्राक्कलित राशि घट बढ़ सकती है।
विस्तृत ब्यौरा के लिए वेबसाईट http://jharkhandtenders.gov.in पर देखा जा सकता हैं।

कार्यपालक अभियंता,
पथ निर्माण विभाग,पथ प्रमण्डल, बोकारो।

PR 338489 Road(24-25)D

**JHARKHAND URBAN INFRASTRUCTURE DEVELOPMENT COMPANY LIMITED**
**(Govt. of Jharkhand Undertaking)**
**JUIDCO BHAWAN, KUTCHERY ROAD, RANCHI, JHARKHAND**
Ph. No.: +91-651-2225878, e-mail Id juidcolimited@gmail.com
CIN: U45200JH2013SGC001752,

**e-Procurement Notice, Tender Notice**

NIT No.: JUIDCO/NIT/Shri Banshidharnagar/UWSS/636 Date: 09.10.2024

| | | |
|---|---|---|
| 1. | Name of the work | Shri Banshidharnagar Urban Water Supply Scheme with 5years of Operation and Maintenance |
| 2. | Mode of Bid Submission | e-tendering -http://jharkhandtenders.gov.in |
| 3. | Estimated Cost | Rs. 121,87,13,406.00 (One Hundred Twenty-One Crore Eighty-Seven Lakhs Thirteen Thousand Four Hundred Six Only/-) |
| 4. | Tender Fee and Bid Security | Tender Document Fee - Rs 25,000.00 Bid Security - Rs 1,21,87,200.00 |
| 5. | Date & Time of Publication ofTender on Website | 09-10-2024; 17:00 hours |
| 6. | Last Date & Time of submission of pre-bid queries | 16-10-2024; 17:00 hours |
| 7. | Date & Time of pre-bid meeting | 16-10-2024; 15:00 hours |
| 8. | Last Date & Time ofBid Submission | 11-11-2024; 17:00 hours |
| 9. | Date & Time of Bid Opening | 12-11-2024; 17:30 hours |
| 10. | Bid Submission Address | Jharkhand Urban Infrastructure Development Company Limited, JUIDCO Bhawan, Kutchery Chowk, Ranchi, Pin - 834001. |
| 11. | Helpline No. of e-ProcurementCell | +91 651 2225878/ 9973768183 |

**Note Only e-tenders will be accepted.**
Further details are available on Jharkhand Government e-procurement website http//:jharkhandtenders.gov.in

Sd/-
Project Director (Technical)
JUIDCO Ltd., Ranchi

PR 338648 Urban Development and Housing(24-25)#D

**GOVERNMENT OF ODISHA** No.O-331
**OFFICE OF THE SUPERINTENDING ENGINEER**
**RURAL WORKS DIVISION, PHULBANI**
Phone : 06842-253708, E-mail : rw_phulbani@yahoo.co.in
No.....4484.....RWDP, Dated the 26.09.2024

**Government of Odisha e-Procurement Notice**
Bid Identification No. Online Tender/06/EERWD PHULBANI/2024-25

| | | |
|---|---|---|
| 1 | Name of the work | Building Work (09 Nos.) |
| 2 | Estimated cost | Rs. 24.05 Lakhs to Rs. 35.28 Lakhs |
| 3 | Period of Completion | Three & Six Calendar months |
| 4 | Date & Time of availability of Bid documents in the Portal | From 15.10.2024 10.00 A.M. to 29.10.2024 up to 5.00 P.M. |
| 5 | Last Date / Time for receipt of Bids in the Portal | 29.10.2024 upto 5.00 PM |
| 6 | Name and address of the Officer Inviting Bid | Executive Engineer, Rural Works Division, Phulbani |

Further details can be seen from the e-procurement portal website **www.tendersodisha.gov.in**

Sd./- Executive Engineer
Rural Works Division
Phulbani

OIPR-25077/11/0006/2425

**झारखण्ड सरकार**
**पथ निर्माण विभाग, पथ प्रमण्डल, गिरिडीह**

**ई-प्रोक्योरमेंट सूचना**
**(अल्पकालिन प्रथम निविदा आमंत्रण सूचना)**

ई-निविदा प्रसंग सं० :- RCD/GIRIDIH/966/2024-25 दिनांक :- 08.10.2024

| | | |
|---|---|---|
| 1. | कार्य का नाम | पर्वतपुर, चकरपनिया, द्वारपहड़ी, जमुनियाटांर, छटाबाद, जामताड़ा बोर्डर पथ (कुल लं० - 4.450 कि०मी०) के पुनर्निर्माण कार्य (भू-अर्जन एवं Plantation सहित) वर्ष 2024-25 |
| 2. | प्राक्कलित राशि (रूपये में) | रू० 9,14,21,719.00 (नौ करोड़ चौदह लाख इक्किस हजार सात सौ उन्निस रूपये मात्र) |
| 3. | कार्य समाप्ति की अवधि | 5 (पाँच) माह |
| 4. | निविदा प्राप्ति की अंतिम तिथि एवं समय | 01.11.2024 12:00 बजे दिन तक |
| 5. | वेबसाईट पर निविदा प्रकाशित होने की तिथि एवं समय | 17.10.2024 10:30 बजे पूर्वाह्न |
| 6. | निविदा आमंत्रित करने वाले का नाम एवं पता | कार्यपालक अभियंता का कार्यालय, पथ निर्माण विभाग, पथ प्रमण्डल, गिरिडीह। |
| 7. | प्रोक्योरमेंट पदाधिकारी का सम्पर्क नं० | 06532 - 227054 |
| 8. | ई-प्रोक्योरमेट सेल का हेल्प लाईन नं० | 0651 - 2401010 |

नोट :- प्राक्कलित राशि घट-बढ़ सकती है।
अतिरिक्त जानकारी के लिए वेबसाईट पर देखें :- http://jharkhandtenders.gov.in

ह०/-
कार्यपालक अभियंता,
पथ निर्माण विभाग, पथ प्रमण्डल, गिरिडीह

PR 338478 Road (24-25)_D

**OFFICE OF THE EXECUTIVE ENGINEER**
**RCD, ROAD DIVISION, JAMSHEDPUR, JHARKHAND**

**Very Short e-Procurement Notice**
**For National Competitive Bidding**
**Very Short e-Tender Reference No. RCD/JAMSHEDPUR/1846**
**Date- 08.10.2024**

| | | |
|---|---|---|
| 1. | Name of the work | IRQP work of Begnadih Potka road under Road Division,Jamshedpur (Length 15.950 km) for the year 2024-25 |
| 2. | Estimated Cost of Work (in INR) | Rs 9,39,54,270.95 (Rupees Nine Crore Thirty Nine Lakh Fifty Four Thousand Two Hundred Seventy and paisa Ninety Five Only) |
| 3. | Initial Bid Security ( Rs In Lacs ) | Rs 9.40 Lakh (Rupees Nine Lakh Forty Thousand only). |
| 4. | Initial Bid Security in the shape of | Initial Bid Security - As per SOP issued by Information Technology and e-Governance Department, Govt. of Jharkhand vide Letter No.120, Dt. 03.10.2023 |
| 5. | Cost of Bidding documents | Rs 10,000 (Rs Ten Thousand) only. |
| 6. | Time of Completion | 06 (Six Months) |
| 7. | Date of Publication of Tender on website | 15.10.2024 at 12.30 P.M. |
| 8. | Start date of bidding | 15.10.2024 from 12.30 P.M. |
| 9. | Last date & Time for online bidding | 22.10.2024 up to 02.00 PM. |
| 10. | Type of Bid | Two envelope mode (Technical and Financial Bid) |
| 11. | Last date & time for receipt of Bid Security and other documents in Online form | 22.10.2024 Through e-tendering portal www.jharkhandtenders.gov.in As per SOP issued by Information Technology and e-Governance Department, Govt. of Jharkhand vide Letter No.120, Dt. 03.10.2023 |
| 12. | Date & time for opening of Technical Bid | 23.10.2024 at 3.00 PM by e-Procurement Cell, Room No. 330A, 3rd floor, Road Construction Department, Jharkhand Mantralaya , Dhurwa , Ranchi |
| 13. | Name & address of office Inviting tender | Executive Engineer, RCD, Road Division, Jamshedpur, Road No.- 1, CH Area. |
| 14. | Contact no. of Procurement officer | 0657-2227724 |
| 15. | Helpline number of e-Procurement cell | 0651-2401010 |

Above informations are only indicative. Detail NIT & SBD publised on Tender portal shall be final and mandatory. Details can be seen on website http://jharkhandtenders.gov.in

Executive Engineer
RCD, Road Division, Jamshedpur

PR 338530 Road(24-25).D

# ଦଶହରା ବଜାରକୁ ୫ ଓଡ଼ିଆ ଚଳଚ୍ଚିତ୍ର ଭେଟି

**ଦଶହରାରେ ଓଡ଼ିଆ ସିନେପ୍ରେମୀଙ୍କ ପାଇଁ ଏଥର ଓଲିଉଡ୍ ଜଗତ ଏକାଧିକ ନୂଆ ଚଳଚ୍ଚିତ୍ର ଭେଟି ଦେଇଛି। ଦମ୍‌ଦାର ବିଷୟବସ୍ତୁକୁ ନେଇ ୫ ସିନେମା ପ୍ରେକ୍ଷାଳୟରେ ରିଲିଜ ହୋଇଛି। 'କର୍ମ', 'ଭିଲେନ', 'ଦୁର୍ଗା' ଓ 'ଖୋକା ଭାଇ ତୁମ ପାଇଁ' ନୂଆ ଚଳଚ୍ଚିତ୍ର ହୋଇଥିବାବେଳେ ଜାତୀୟ ପୁରସ୍କାରପ୍ରାପ୍ତ ଚଳଚ୍ଚିତ୍ର 'ଦମନ' ମଧ୍ୟ ପୁଣି ଥରେ ପ୍ରେକ୍ଷାଳୟରେ ରିଲିଜ କରାଯାଇଛି। ତେବେ କିଏ କେତେ ଦର୍ଶକଙ୍କ ମନ ଜିଣିପାରିବ, ଦଶହରା ବଜାରରେ କେଉଁ ଚଳଚ୍ଚିତ୍ର କେତେ ଦମ୍ ଦେଖାଇବ ତାହାକୁ ନେଇ ସ୍ୱତନ୍ତ୍ର ପ୍ରସ୍ତୁତି।**

## କମାଲ ଦେଖାଉଛି କର୍ମ



ରିଲିଜ ହୋଇଥିବା ଚଳଚ୍ଚିତ୍ର ମଧ୍ୟରେ 'କର୍ମ'କୁ ନେଇ ଦର୍ଶକଙ୍କର ଟିକେ ଅଧିକ କ୍ରେଜ ରହିଛି। ଫିଲ୍ମରେ ସୁପରଷ୍ଟାର ଅନୁଭବ ମହାନ୍ତି ଥିବାରୁ ପ୍ରେକ୍ଷାଳୟର ପ୍ରଥମ ଦିନର ଶୋ' ହାଉସଫୁଲ ରହିଛି। ତେବେ ଜାତୀୟ ଚଳଚ୍ଚିତ୍ର ପୁରସ୍କାରପ୍ରାପ୍ତ ନିର୍ଦ୍ଦେଶକ ଅନୁପମ ପଟ୍ଟନାୟକଙ୍କ ନିର୍ଦ୍ଦେଶିତ ଏହି ଫିଲ୍ମରେ ଦର୍ଶକ ଭରପୂର ମନୋରଞ୍ଜନ ପାଇବା ସହ ଆକ୍ସନ, ଡ୍ରାମା, ଡ୍ୟାନ୍ସ ଓ ସ୍ୱାଗ ଭରି ରହିଛି। ଅନୁଭବଙ୍କ ସମେତ ସୂର୍ଯ୍ୟମୟୀ ମହାପାତ୍ର, ଦିବ୍ୟାଦିଶା ମହାନ୍ତି, ସନୋଜ କୁମାର, ମନ୍ମୟ ଦେ, ନିଶାନ୍ତ, ଚୌଧୁରୀ ଜୟପ୍ରକାଶ ଦାସ ପ୍ରମୁଖ ଅଭିନୟ କରିଛନ୍ତି। ହ୍ୟୁମାନ ସାଗର, ଆଶିଷ ପ୍ରଧାନ, ମଣ୍ଟୁ ଛୁରିଆ, ଅନନ୍ୟା ଶ୍ରୀତମ ନନ୍ଦ, ଗୌରବ ଆନନ୍ଦ ଓ ମୋମିଆ ପ୍ରକାଶ କଣ୍ଠଦାନ କରିଥିବା ବେଳେ ଗୀତଗୁଡ଼ିକୁ ଲେଖିଛନ୍ତି ଦୁର୍ଗା ମାଧବ ପଣ୍ଡା, ସୁମିତ୍ ପଣ୍ଡା, ମନୋଜ କୁମାର ପଣ୍ଡା। ରିଲିଜ ପୂର୍ବରୁ ଚଳଚ୍ଚିତ୍ରର ଦୁଇଟି ଗୀତ ଚିରିଙ୍ଗ ଚିରିଙ୍ଗ ଓ ଧିତାଙ୍ଗ ଧିତାଙ୍ଗ ଦର୍ଶକଙ୍କ ହୃଦୟ ଛୁଇଁ ସାରିଛି। ରାଜ୍ୟର ପ୍ରାୟ ୫୦ରୁ ଊର୍ଦ୍ଧ୍ୱ ପ୍ରେକ୍ଷାଳୟରେ ଏହି ସିନେମା ରିଲିଜ ହୋଇଛି।

### 'ଭିଲେନ' ହୋଇ ଫେରିଲେ ଅର୍ଦ୍ଧେନ୍ଦୁ

ମୁକ୍ତିଲାଭ କରିଛି ଅର୍ଦ୍ଧେନ୍ଦୁଙ୍କ ଅଭିନୀତ ବହୁଚର୍ଚ୍ଚିତ ଆକ୍ସନ ପ୍ୟାକ୍‌ଡ ସିନେମା 'ଭିଲେନ'। ତେବେ ବହୁତଦିନ ଅନ୍ତର




ପରେ ଅର୍ଦ୍ଧେନ୍ଦୁ ଦର୍ଶକଙ୍କ ପାଖକୁ ଭିଲେନ ହୋଇ ଫେରିବା ସହ ନିଜର ଦମ୍‌ଦାର ପ୍ରଦର୍ଶନ ଦେଖାଇଛନ୍ତି। ତେବେ ଫିଲ୍ମଟି ପ୍ରଥମ ଦିନରେ ହାଉସ୍‌ଫୁଲ ରହିଛି। ଅର୍ଦ୍ଧେନ୍ଦୁଙ୍କ ନାୟିକା ଭୂମିକାରେ ନଜର ଆସିଛନ୍ତି ତମନ୍ନା। ଅନ୍ୟାନ୍ୟ ଚରିତ୍ରରେ ଅଛନ୍ତି ଉଷସୀ ମିଶ୍ର, କେକେ, ସମରେଶ, ବବି ମିଶ୍ର, ଶକ୍ତି ବରାଳ, ବ୍ରଜ ସିଂ, ଇଲୁ ବାନାର୍ଜୀ, ରବି ମିଶ୍ର, ରାଜୁ ଦାସ ଓ ସୋନୁ। ପ୍ରଯୋଜନା କରିଛନ୍ତି ଆଦିକନ୍ଦ ସାହୁ। ନିର୍ଦ୍ଦେଶନାରେ ଅଛନ୍ତି କେ. ମୁରଲୀକ୍ରିଷ୍ଣା ଓ ଚଳଚ୍ଚିତ୍ରରେ ସଙ୍ଗୀତ ଦେଇଛନ୍ତି ଜାପାନୀ ଭାଇ।

### ପାପର ସଂହାର କରିବ 'ଦୁର୍ଗା'




ଚଳଚ୍ଚିତ୍ର 'ଦୁର୍ଗା' ପୁରୀଠାରେ ରିଲିଜ ହୋଇଛି। ଏହା ୭ଦିନ ଧରି ସେଠାରେ ଚାଲିବା ପରେ ଅନ୍ୟାନ୍ୟ ପ୍ରେକ୍ଷାଳୟରେ ରିଲିଜ ହେବ। ତାପସ ସରଘରିଆଙ୍କ ନିର୍ଦ୍ଦେଶିତ ଏହି ଚଳଚ୍ଚିତ୍ରର ପ୍ରଯୋଜକ ହେଉଛନ୍ତି ପ୍ରୀତମ ସାହୁ। ସିନେମାରେ ପୁନମ ମିଶ୍ର, ବଲିଉଡ ଅଭିନେତ୍ରୀ ଇଶା ତଲୱାର, ଅଭିଷେକ ଗିରି, ରାଜ ରାଜେଶ, ହରିହର ମହାପାତ୍ର ପ୍ରମୁଖ ଅଭିନୟ କରିଛନ୍ତି। ଏକ ସାମାଜିକ କାହାଣୀକୁ ନେଇ ଫିଲ୍ମ ପ୍ରସ୍ତୁତ। ଦୁର୍ଗା ସାଜି କିଭଳି ପାପର ସଂହାର କରାଯାଇଛି ତାହା ଏହି ଫିଲ୍ମରେ ଦର୍ଶାଯାଇଛି।

### ଖୋକା ଭାଇଙ୍କୁ ମନେ ପକାଇଲେ ଦର୍ଶକ

'ଖୋକା ଭାଇ ତୁମ ପାଇଁ' ଚଳଚ୍ଚିତ୍ର ପ୍ରେକ୍ଷାଳୟକୁ ଆସିଯାଇଛି। ଦଶହରା ବଜାରରେ ଓଡ଼ିଆ ସଙ୍ଗୀତ ଜଗତ କିମ୍ବଦନ୍ତୀ ଗାୟକ ଅକ୍ଷୟ ମହାନ୍ତି ଓରଫ ଖୋକା ଭାଇଙ୍କୁ ମନେ ପକାଇଛି। ଏଥିରେ ଅଭିନେତା




ସ୍ୱରାଜ, ନବାଗତା ଲକି ମନୀଷା, ସୁକାନ୍ତ ରଥ, ଉପାସନା ଭଦ୍ର ମହାନ୍ତି, ତାପସ ସରଘରିଆ, ଅଙ୍କିତା ଦାଶ ପ୍ରମୁଖ ଅଭିନୟ କରିଛନ୍ତି। ଫିଲ୍ମର ନିର୍ଦ୍ଦେଶନା ଦେଇଛନ୍ତି ଗିରିଶ ମହାନ୍ତି ଏବଂ ପ୍ରଯୋଜନା ଭାର ସମ୍ଭାଳିଛନ୍ତି ଶୁଭେନ୍ଦୁ କୁମାର ସାହୁ ଓ ବିଷ୍ଣୁପ୍ରିୟା ସାହୁ।

### ପୁଣି ଥରେ ପ୍ରେକ୍ଷାଳୟରେ 'ଦମନ'




ଚଳଚ୍ଚିତ୍ର 'ଦମନ' ମଙ୍ଗଳବାର ଜାତୀୟ ଚଳଚ୍ଚିତ୍ର ପୁରସ୍କାର ହାସଲ କରିଛି। ଏଥିସହ ପୂଜା ବଜାର ଥିବାରୁ ଯେଉଁମାନେ ଦମନ ଦେଖିନାହାନ୍ତି ସେମାନଙ୍କ ପାଇଁ ପୁଣିଥରେ ପ୍ରଯୋଜନା ସଂସ୍ଥା ପକ୍ଷରୁ ଏହାର ରିଲିଜ କରାଯାଇଛି। ଏହି ଚଳଚ୍ଚିତ୍ରକୁ ଓଡ଼ିଆ ସିନେମା ଜଗତର ଏକ ଟର୍ନିଂ ପଏଣ୍ଟ ବୋଲି କୁହାଯାଉଛି। ଚଳଚ୍ଚିତ୍ରରେ ଅଭିନେତା ବାବୁଶାନ ମହାନ୍ତି ଓ ଦୀପନ୍ୱିତ ଦାଶମହାପାତ୍ର ରହିଥିଲେ। ପ୍ରଯୋଜକ ଦୀପ ସାମଲ ରହିଥିବା ବେଳେ ନିର୍ଦ୍ଦେଶନା ଦେଇଛନ୍ତି ଦେବୀପ୍ରସାଦ ଲେଙ୍କା ଓ ବିଶାଳ ମୌର୍ଯ୍ୟ।

ରିପୋର୍ଟ- ଶର୍ମିଷ୍ଠା ପାଣିଗ୍ରାହୀ, ଭୁବନେଶ୍ୱର

# ୧୪ରୁ କଶ୍ମୀର ଯୁବ ବିନିମୟ କାର୍ଯ୍ୟକ୍ରମ

ଭୁବନେଶ୍ୱର, ୯।୧୦(ଅନୁରାଧା ମହାରଣା)

କିଟ୍ ବିଶ୍ୱବିଦ୍ୟାଳୟରେ ଆସନ୍ତା ୧୪ରୁ ୧୯ ତାରିଖ ପର୍ଯ୍ୟନ୍ତ କଶ୍ମୀର ଯୁବ ବିନିମୟ କାର୍ଯ୍ୟକ୍ରମ ଅନୁଷ୍ଠିତ ହେବ। ନେହେରୁ ଯୁବ କେନ୍ଦ୍ର ଖୋର୍ଦ୍ଧା ଶାଖା ଏବଂ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟ ପକ୍ଷରୁ ହେବାକୁ ଥିବା ଏହି କାର୍ଯ୍ୟକ୍ରମରେ କଶ୍ମୀରର ୬ ଜିଲାରୁ ୧୩୨ ଯୁବତୀଯୁବକ ଯୋଗଦେଇ ସେଠାକାର କଳା, ସଂସ୍କୃତି, ପରମ୍ପରା, ଚାଲିଚଳଣି, ପାରମ୍ପରିକ କ୍ରୀଡ଼ା ଆଦିକୁ ନେଇ ଅନୁଭୂତି ବାଣ୍ଟିବେ। ଏଥିସହ ଓଡ଼ିଶାର ରାଜ୍ୟପାଳ, ବିଶିଷ୍ଟ ବ୍ୟକ୍ତି, କ୍ରୀଡ଼ା ବ୍ୟକ୍ତିତ୍ୱ, ଅଭିନେତାଙ୍କୁ ସାକ୍ଷାତ କରିବେ ବୋଲି ନେହେରୁ ଯୁବକେନ୍ଦ୍ରର ସହନିର୍ଦ୍ଦେଶକ ଶକ୍ତି ସ୍ୱରୂପ ସିଂ ଏବଂ ଯୁବ ଅଧିକାରୀ ବିପିନ କୁମାର ସୂଚନା ଦେଇଛନ୍ତି।

# ନିଯୁକ୍ତି ପାଇବେ ୬୦୨୫ ଏଲ୍‌ଟିଆର୍ ଶିକ୍ଷକ

ଭୁବନେଶ୍ୱର, ୯।୧୦
(ଶର୍ମିଷ୍ଠା ପାଣିଗ୍ରାହୀ)

**ବିଜ୍ଞପ୍ତି ପ୍ରକାଶ କଲା ଓଏସ୍‌ଏସ୍‌ସି**

ଓଡ଼ିଶା ଷ୍ଟାଫ ସିଲେକ୍ସନ କମିଶନ (ଓଏସ୍‌ଏସ୍‌ସି) ପକ୍ଷରୁ ୨୦୨୪ରେ ସରକାରୀ ମାଧ୍ୟମିକ ବିଦ୍ୟାଳୟ ପାଇଁ ଲିଭ୍ ଟ୍ରେନିଂ ରିଜର୍ଭ (ଏଲ୍‌ଟିଆର୍) ଶିକ୍ଷକ ନିଯୁକ୍ତି ନେଇ ବୁଧବାର ବିଜ୍ଞପ୍ତି ପ୍ରକାଶ ପାଇଛି। ଏହି ନିଯୁକ୍ତି ପ୍ରକ୍ରିୟାରେ ନିଯୁକ୍ତ ଶିକ୍ଷକମାନେ ବିଭାଗ ଅଧୀନରେ ଥିବା ସରକାରୀ ମାଧ୍ୟମିକ ବିଦ୍ୟାଳୟରେ ଏଲ୍‌ଟିଆର ଶିକ୍ଷକ ଭାବେ କାର୍ଯ୍ୟ କରିବେ। ମୋଟ ୬ହଜାର ୨୫ ପଦବୀ ପୂରଣ କରାଯିବା ନେଇ ଲକ୍ଷ୍ୟ ରଖାଯାଇଛି। ପ୍ରାର୍ଥୀମାନେ ଓଏସ୍‌ଏସ୍‌ସିର ଅଫିସିଆଲ ୱେବ୍‌ସାଇଟ OSSC.GOV.INରୁ ଅଧିକ ତଥ୍ୟ ପାଇପାରିବେ ବୋଲି ସୂଚନା ଦିଆଯାଇଛି।

## ସେଲ୍‌ଫି କର୍ଣ୍ଣର ଧରିତ୍ରୀ

ଆମକୁ ପଠାନ୍ତୁ ଆପଣଙ୍କ ସେଲ୍‌ଫି
metroselfie@gmail.com



@ ହୃଷୀକେଶ



@ ଅକ୍ଷୟ



@ ଜୀବନ



@ ମଦନମୋହନ

ସେଲ୍‌ଫି ପଠାଇବା ସମୟରେ ନିଜର ନାମ ଏବଂ ମୋବାଇଲ ନମ୍ବର ଦେବାକୁ ଭୁଲନ୍ତୁ ନାହିଁ। ଯୋଗ୍ୟବିବେଚିତ ଫଟୋ ପ୍ରକାଶ ପାଇବ।

# ଆଭ୍ୟନ୍ତରୀଣ ଜିଲାରେ ଘଡ଼ଘଡ଼ି ସହ ବର୍ଷା ସମ୍ଭାବନା

ଭୁବନେଶ୍ୱର, ୯।୧୦(ଅନୁରାଧା ମହାରଣା)

ବଙ୍ଗୋପସାଗରରେ ସୃଷ୍ଟି ହୋଇଥିବା ଗୁରୁଚାପ ପ୍ରଭାବରେ ରାଜ୍ୟକୁ ପୂର୍ବ ଦିଗରୁ ଜଳୀୟବାଷ୍ପପୂର୍ଣ୍ଣ ବାୟୁ ପ୍ରବେଶ କରୁଛି। ଏହା ଉତ୍ତର ପଶ୍ଚିମ ଦିଗରୁ ପ୍ରବେଶ କରୁଥିବା ଶୁଷ୍କ ବାୟୁ ଓ ଉତ୍ତପ୍ତ ବାୟୁମଣ୍ଡଳ ସଂସ୍ପର୍ଶରେ ଆସି ରାଜ୍ୟର ଉତ୍ତର ଆଭ୍ୟନ୍ତରୀଣ ଜିଲାରେ ଘଡ଼ଘଡ଼ି ସହ ବର୍ଷା ସମ୍ଭାବନା ସୃଷ୍ଟି କରୁଛି। ଗୁରୁବାର ନୂଆପଡ଼ା, ବରଗଡ଼, ଝାରସୁଗୁଡ଼ା, ସୁନ୍ଦରଗଡ଼, ସମ୍ବଲପୁର, ଦେବଗଡ଼, ଅନୁଗୋଳ, ଢେଙ୍କାନାଳ, କେନ୍ଦୁଝର, ମୟୂରଭଞ୍ଜ, ବାଲେଶ୍ୱର, ଭଦ୍ରକ, ଯାଜପୁର, କେନ୍ଦ୍ରାପଡ଼ା ଆଦି ଜିଲାର କିଛି ସ୍ଥାନରେ ବର୍ଷା ହେବା ନେଇ ପାଣିପାଗ ବିଜ୍ଞାନକେନ୍ଦ୍ର ପକ୍ଷରୁ ପୂର୍ବାନୁମାନ କରାଯାଇଛି। ୯ ଜିଲାକୁ ବିଜୁଳି ଓ ଘଡ଼ଘଡ଼ି ପାଇଁ ୟେଲୋ ୱାର୍ନିଂ ଜାରି କରାଯାଇଛି।

# ଭାଗ୍ୟଲିପିଙ୍କୁ ଓଡ଼ିଶୀ ସଙ୍ଗୀତ ନାଟକ ଏକାଡେମୀ ସଚିବ ଦାୟିତ୍ୱ

ଭୁବନେଶ୍ୱର, ୯।୧୦(ଶର୍ମିଷ୍ଠା ପାଣିଗ୍ରାହୀ)

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ଅଧୀନ ଓଡ଼ିଶୀ ସଙ୍ଗୀତ ନାଟକ ଏକାଡେମୀ ସଚିବ ଭାବେ ଭାଗ୍ୟଲିପି ମଲ୍ଲଙ୍କୁ ଅତିରିକ୍ତ ଦାୟିତ୍ୱ ଦିଆଯାଇଛି। ପରବର୍ତ୍ତୀ ଆଦେଶ ନ ଆସିବା ପର୍ଯ୍ୟନ୍ତ ସେ ଓଡ଼ିଶା ରାଜ୍ୟ ସଂଗ୍ରହାଳୟ ସମେତ ସଙ୍ଗୀତ ନାଟକ ଏକାଡେମୀର ସଚିବ ଭାବେ କାର୍ଯ୍ୟ କରିବେ। ଏନେଇ ବୁଧବାର ସଂସ୍କୃତି ବିଭାଗର ନିର୍ଦ୍ଦେଶକ ବିଜୟ କେତନ ଉପାଧ୍ୟାୟ କାର୍ଯ୍ୟାଦେଶ ଜାରି କରିଛନ୍ତି। ଗତ ୩୦ ତାରିଖରେ ସଚିବ ପଦରୁ ଇସ୍ତଫା ଦେଇଥିଲେ ପ୍ରବୋଧ ରଥ। ଏହାପରେ ବିଭାଗର ଓଏସ୍‌ଡି ହଳଧର ନାୟକଙ୍କୁ ଅତିରିକ୍ତ ଦାୟିତ୍ୱ ଦିଆଯାଇଥିଲା। ହେଲେ ସେ ସଙ୍ଗୀତ ନାଟକ ଏକାଡେମୀର ସଚିବ ଦାୟିତ୍ୱ ନେବାକୁ ଇଚ୍ଛା ପ୍ରକାଶ କରି ନ ଥିଲେ।

# ୩ଦିନିଆ ରଙ୍ଗିଲୋ ରାସ୍ ଆରମ୍ଭ

ଭୁବନେଶ୍ୱର, ୯।୧୦
(ଶର୍ମିଷ୍ଠା ପାଣିଗ୍ରାହୀ)

ଦଶହରାରେ ଦାଣ୍ଡିଆ ଉତ୍ସବ ପ୍ରତି ଲୋକଙ୍କ ଆଗ୍ରହ ଦେଖିବାକୁ ମିଳୁଛି। ପୂଜା ସମୟରେ ପରିବାର, ସାଙ୍ଗସାଥୀ ସହ ଏକତ୍ରିତ ହୋଇ ନାଚ, ଗୀତରେ ମାତୁଛନ୍ତି ରାଜଧାନୀବାସୀ। ନବରାତ୍ର ସେଲିବ୍ରେଶନରେ ଆଉଟିକେ ରଙ୍ଗ ଭରିଦେବାକୁ ପଟିଆସ୍ଥିତ ହୋଟେଲ କ୍ରିଷ୍ଟାଲ କ୍ରାଉନ୍‌ଠାରେ ଆରମ୍ଭ ହୋଇଛି ୩ଦିନିଆ ରଙ୍ଗିଲୋ ରାସ୍। ଆକର୍ଷଣୀୟ ସାଜସଜ୍ଜା ସହ ପାରମ୍ପରିକ ଢୋଲ ବାଜାରେ ପିଲାଠାରୁ ବୟସ୍କ ସମସ୍ତେ ନାଚି ଉଠିଥିଲେ। ଭଳିକି ଭଳି ସୁନ୍ଦର ପୋଷାକ ପିନ୍ଧି କାର୍ଯ୍ୟକ୍ରମକୁ ନିଜେ ଉପଭୋଗ କରିବା ସହ ଅନ୍ୟମାନଙ୍କୁ ମନୋରଞ୍ଜନ ଯୋଗାଉଥିଲେ। ସନ୍ଧ୍ୟାର ମୁଖ୍ୟ ଆକର୍ଷଣ ସାଜିଥିଲେ ବିଶିଷ୍ଟ କଣ୍ଠଶିଳ୍ପୀ ରୁପାଲି ଜଗ୍ଗା। ସେ ବିଭିନ୍ନ ଗୀତ ଗାଇ ଉପସ୍ଥିତ ଦର୍ଶକଙ୍କର ମନୋରଞ୍ଜନ କରିଥିଲେ। ସେହିପରି ଅନ୍ୟତମ ଆକର୍ଷଣ ସାଜିଥିଲେ ଡିଜେ ଆୟୁଷ। ବିଭିନ୍ନ ମିକ୍ସ ଅପ୍ ଗୀତରେ ସେ ପୂରା ମାହୋଲକୁ ଏନର୍ଜେଟିକ କରିଥିଲେ। ନାଚର ଆସର ସହ ସୁସ୍ୱାଦୁ ବ୍ୟଞ୍ଜନ ମଧ୍ୟ ଥିଲା। ବିଭିନ୍ନ ଖାଦ୍ୟ ଓ ପାନୀୟ ଦର୍ଶକଙ୍କ ପାଇଁ ବ୍ୟବସ୍ଥା କରାଯାଇଥିଲା। ପ୍ରଥମ ସନ୍ଧ୍ୟାକୁ ହୋଟେଲର ଜିଏମ୍ ସୂର୍ଯ୍ୟ ପରିଡ଼ା ଓ ଭିଡି ଡିଜାଇନ୍ସର ସିଇଓ ବିପିନ ଗୁପ୍ତା ଉଦ୍‌ଘାଟନ କରିଥିଲେ। କାର୍ଯ୍ୟକ୍ରମକୁ ଉପସ୍ଥାପିକା ସେଫାଳି ଉଦ୍‌ଗାତା ପରିଚାଳନା କରିଥିଲେ।

**ଆକର୍ଷଣ ସାଜିଲେ ରୁପାଲି ଓ ଡିଜେ ଆୟୁଷ**

**ଆଜି ଆସିବେ କନିକା କପୁର**

ଗୁରୁବାର ବଲିଉଡ୍‌ର ବିଶିଷ୍ଟ କଣ୍ଠଶିଳ୍ପୀ କନିକା କପୁର ମୁଖ୍ୟ ଆକର୍ଷଣ ସାଜିବେ। 'ଧରିତ୍ରୀ' ଏବଂ 'ଓଡ଼ିଶା ପୋଷ୍ଟ' ଏହି କାର୍ଯ୍ୟକ୍ରମର ମିଡିଆ ପାର୍ଟନର ରହିଛନ୍ତି।



ଉତ୍ସବରେ ମହିଳା ଓ ପୁରୁଷମାନେ ଦାଣ୍ଡିଆ ପ୍ରଦର୍ଶନ କରୁଛନ୍ତି।



ରଙ୍ଗିଲୋ ରାସ୍‌କୁ ଅତିଥିମାନେ ଉଦ୍‌ଘାଟନ କରୁଛନ୍ତି





# ଓଡ଼ିଆ ଜାତିର ମଉଡ଼ମଣି ଗୋପବନ୍ଧୁ

## ଜନ୍ମପୀଠରେ ୧୪୭ ତମ ଗୋପବନ୍ଧୁ ଜୟନ୍ତୀ

ସାକ୍ଷୀଗୋପାଳ/ ପୁରୀ,୯।୧୦(କିଶୋର ମହାପାତ୍ର/ପ୍ରଶାନ୍ତ କୁମାର ବାରିକ/ ଭରତ ରାଉତ/ ଅଜିତ କୁମାର ମହାନ୍ତି)

ଓଡ଼ିଆ ଜାତିର ମଉଡମଣି ସେ।ଓ ତ୍ୟାଗର ମୂର୍ତ୍ତିମନ୍ତ ପ୍ରତୀକ ପୂଣ୍ୟାତ୍ମା ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ୧୪୭ତମ ଜୟନ୍ତୀ ଉତ୍ସବ ବୁଧବାର ପାଳିତ ହୋଇଯାଇଛି। ଗୋପବନ୍ଧୁ ଜୟନ୍ତୀ ଉପଲକ୍ଷେ ଶ୍ରଦ୍ଧାଳୁଙ୍କ ସମାବେଶ, ଶ୍ରଦ୍ଧାଞ୍ଜଳି, ଶୋଭାଯାତ୍ରାରେ କର୍ମପୀଠ ସତ୍ୟବାଦୀରୁ ଜନ୍ମପୀଠ ସୁଆଣ୍ଡୋ ଚଳଚଞ୍ଚଳ ହୋଇ ଉଠିଥିଲା।

ଜିଲା ସଂସ୍କୃତି ଅଧିକାରୀ ହେମନ୍ତ କୁମାର ହେରା, ଜିଲା ସୂଚନା ଓ ଲୋକ ସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ସତ୍ୟବାଦୀ ତହସିଲଦାର ଆଲୋକ ଦେହୁରୀ, ବିଡିଓ ଲିପ୍ସା ରାୟ ପ୍ରମୁଖ ଜୟନ୍ତୀ ଉତ୍ସବରେ ଯୋଗ ଦେଇଥିଲେ। ମା' କ୍ଷେତ୍ରପାଳି ମୃଦଙ୍ଗ ବାଦ୍ୟନୃତ୍ୟ ପରିଷଦ ଓ କୈଳାସ ଗୋଟିପୁଅ ନୃତ୍ୟ ପରିଷଦ ଆନୁକୂଲ୍ୟରେ ସାରଙ୍ଗଯୋଡ଼ି ହାଟରୁ ସୁଆଣ୍ଡୋ ପର୍ଯ୍ୟନ୍ତ ବର୍ଣ୍ଣାଢ଼୍ୟ ସାଂସ୍କୃତିକ ଶୋଭାଯାତ୍ରାରେ କଳାକାରମାନେ ସାମିଲ ହୋଇଥିଲେ। ଗୋପବନ୍ଧୁ ସେବା ପରିଷଦ ପକ୍ଷରୁ ସୁଆଣ୍ଡୋ ଠାରେ ସ୍ମୃତି ସଭାରେ ଲୋକସେବକ ମଣ୍ଡଳ ଆଜୀବନ ସଭ୍ୟ ପ୍ରଭାସ ଆଚାର୍ଯ୍ୟ ଯୋଗ ଦେଇଥିଲେ। ଭାଜପା ପକ୍ଷରୁ ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର ସାକ୍ଷୀଗୋପାଳ ମନ୍ଦିର ସମ୍ମୁଖସ୍ଥ ଗୋପବନ୍ଧୁ ମଣ୍ଡପ ଉନ୍ନୟନ କାର୍ଯ୍ୟ ଉଦ୍‌ଘାଟନ କରିବା ସହ ସ୍ୱେଚ୍ଛାକୃତ ରକ୍ତଦାନ କରିଥିଲେ। ବିଜେଡି ପକ୍ଷରୁ ପୂର୍ବତନ ବିଧାୟକ ଉମାକାନ୍ତ ସାମନ୍ତରାୟ ହସ୍ପିଟାଲରେ ରୋଗୀମାନଙ୍କୁ ଫଳ ବଣ୍ଟନ କରି ସୁଆଣ୍ଡୋରେ ଶ୍ରଦ୍ଧାଞ୍ଜଳି ଦେଇଥିଲେ। ସତ୍ୟବାଦୀ ସଂଗଠନ ପକ୍ଷରୁ ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନ ବକୁଳ ବନ ସମାଧି ପୀଠରେ ସର୍ବଧର୍ମ ପ୍ରାର୍ଥନା ସଭାରେ ପୌରୋହିତ୍ୟ କରିଥିଲେ। ମନୋଜ ରଥ, ବ୍ଲକ ଅଧ୍ୟକ୍ଷ ସୁନିଲ ପଣ୍ଡା, ସୁଆଣ୍ଡୋ ସେତୁ ସଂଗଠନର ଗୋବିନ୍ଦ ମହାପାତ୍ର, ସତ୍ୟବାଦୀ ବିକାଶ ପରିଷଦ ସଭାପତି ଗୁଣ୍ଡିଚା ବରାଳ, ଉପସଭାପତି ବିରେନ୍ଦ୍ର ଭୂଷଣ ହୋତା, ସମ୍ପାଦକ ଅମର ନନ୍ଦ, ଭାରତ ବିକାଶ ପରିଷଦର ସତ୍ୟବାଦୀ ଦାସ, ପ୍ରୟାସ ସଂଗଠନର କୃଷ୍ଣ ଜଗଦେବ, କାମାକ୍ଷା ପ୍ରଧାନ, ସାକ୍ଷୀଗୋପାଳ କଲେଜ ଅଧ୍ୟକ୍ଷ ସତ୍ୟ ଶିବସୁନ୍ଦର ମିଶ୍ର ପ୍ରମୁଖ ଦଳମତ ନିର୍ବିଶେଷରେ ଗୋପବନ୍ଧୁଙ୍କୁ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଗୋପବନ୍ଧୁଙ୍କ ଦାୟାଦ ଧୀରେନ୍ଦ୍ର ନାଥ ଦାଶ, ରବୀନ୍ଦ୍ରନାଥ ଦାଶ ଗୋପବନ୍ଧୁଙ୍କ ଷଠିଘରକୁ ଅତିଥିମାନଙ୍କୁ ପାଛୋଟି ନେଇଥିଲେ। ସତ୍ୟବାଦୀ ସେବା ଟ୍ରଷ୍ଟ ଆନୁକୂଲ୍ୟରେ ସୁଆଣ୍ଡୋରେ ରକ୍ତଦାନ ଶିବିରରେ ମୁଖ୍ୟ ଅତିଥି ଅତିରିକ୍ତ ଜିଲାପାଳ ଶରତ ଚନ୍ଦ୍ର ବେହେରା, ପ୍ର. ଅଶୋକ ମହାପାତ୍ର, ସାମାଜିକ କର୍ମୀ ବଦ୍ରି ମିଶ୍ର ପ୍ରମୁଖ ଯୋଗ ଦେଇଥିବା ବେଳେ ସମ୍ପାଦକ ଶୁଶାନ୍ତ ରଥ ପରିଚାଳନା କରିଥିଲେ।

ସେହିପରି ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ବୁଧବାର ପୁରୀ ସହରରେ ପାଳିତ ହୋଇଯାଇଛି। ସକାଳ ୭ଟାରେ ସିଂହଦ୍ୱାରସ୍ଥିତ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ଜିଲା ପ୍ରଶାସନ ଏବଂ ସୂଚନା ଓ ଲୋକ ସମ୍ପର୍କ କାର୍ଯ୍ୟାଳୟ ପକ୍ଷରୁ ଅତିରିକ୍ତ ଜିଲାପାଳ (ପ୍ରଶାସନ) ଶରତ ଚନ୍ଦ୍ର ବେହେରା, ସୂଚନା ଓ ଲୋକସମ୍ପର୍କ ଉପନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ସଂସ୍କୃତି ଅଧିକାରୀ ହେମନ୍ତ ବେହେରା ମାଲ୍ୟାର୍ପଣ କରିଥିଲେ। ସେହିପରି ସର୍ବୋଦୟ ମେଳା ସମ୍ପାଦକ ଶିବପ୍ରସାଦ ମିଶ୍ର, ଜ୍ୟୋତ୍ସ୍ନାମୟୀ ନାୟକ, ଭାରତ ବିକାଶ ପରିଷଦର କ୍ଷେତ୍ରୀୟ ମହାସଚିବ ପୂର୍ଣ୍ଣଚନ୍ଦ୍ର ଖୁଣ୍ଟିଆ, ପୁରୀ ସେବା ସମିତି ସମ୍ପାଦକ ରବୀନ୍ଦ୍ରନାଥ ସେନାପତି, ସମ୍ପାଦକ ସୌମେନ୍ଦ୍ର ଦାସ, ଆଦ୍ୟମ ଫାଉଣ୍ଡେଶନ ଟ୍ରଷ୍ଟର ରାକେଶ କୁମାର ବାରିକ, ବରିଷ୍ଠ ନାଗରିକ ବିଶ୍ୱନାଥ ବେହେରା, ବହୁ ବ୍ୟକ୍ତିବିଶେଷ ଓ ବିଭିନ୍ନ ଅନୁଷ୍ଠାନ ପକ୍ଷରୁ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା।



ସାକ୍ଷୀଗୋପାଳଠାରେ ଆୟୋଜିତ ଗୋପବନ୍ଧୁ ଜୟନ୍ତୀ କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଓ ଅନ୍ୟମାନେ ।

## ସଂକ୍ଷେପରେ

### ପିପିଲି ବ୍ଲକରେ ନିଯୁକ୍ତି ପାଇଲେ ୩୪ କନିଷ୍ଠ ଶିକ୍ଷକ

ପିପିଲି,୯।୧୦(ଦୁର୍ଗା ମାଧବ ମିଶ୍ର)

ରାଜ୍ୟ ସରକାରଙ୍କ ନିର୍ଦ୍ଦେଶରେ ପୁରୀ ସମଗ୍ର ଶିକ୍ଷା ତରଫରୁ ପିପିଲି ବ୍ଲକରେ ବିଭିନ୍ନ ପ୍ରାଥମିକ ବିଦ୍ୟାଳୟରେ ୨୦ ଏବଂ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ୧୪ ଜଣ କନିଷ୍ଠ ଶିକ୍ଷକ (ସ୍କିମାଟିକ) ନିଯୁକ୍ତି ପାଇଛନ୍ତି। ସମ୍ପୃକ୍ତ ବିଦ୍ୟାଳୟର ଶିକ୍ଷୟିତ୍ରୀଶିକ୍ଷକ ଏବଂ ଛାତ୍ରୀଛାତ୍ର ପୁଷ୍ପଗୁଚ୍ଛ ଦେଇ ସେମାନଙ୍କୁ ସ୍ୱାଗତ ଜଣାଇଛନ୍ତି। ବରଗଡ଼ ପ୍ରାଥମିକ ବିଦ୍ୟାଳୟ, ବାଲିକୁଦା ପ୍ରାଥମିକ ବିଦ୍ୟାଳୟ, କୋଠସାହି ପ୍ରାଥମିକ ବିଦ୍ୟାଳୟ, ତଲଉ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ, ଗଙ୍ଗାପଡ଼ା ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ, ଜୋପନ ୟୁଜିୟୁପି ବିଦ୍ୟାଳୟ, କମାକନ୍ତିଆ ସରକାରୀ ୟୁଜି ହାଇସ୍କୁଲ, କୁଳଶିଖର ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ, ପାଣିଦୋଳ ୟୁଜିୟୁପି ସ୍କୁଲ, ବିନ୍ଧା ପ୍ରାଥମିକ ବିଦ୍ୟାଳୟ ଆଦି ୩୪ଟି ବିଦ୍ୟାଳୟରେ କନିଷ୍ଠ ଶିକ୍ଷକ (ସ୍କିମାଟିକ୍) ନିଯୁକ୍ତି ପାଇଛନ୍ତି।

### ୱାର୍ଡ ସଭ୍ୟାସଭ୍ୟଙ୍କ ପୁନଃନବୀକରଣ ପାଠ୍ୟକ୍ରମ ଉଦ୍‌ଯାପିତ

କଣାସ,୯।୧୦(ବିଭୂତି ଭୂଷଣ ତ୍ରିପାଠୀ)

କଣାସ ବ୍ଲକର ୨୮ଟି ପଞ୍ଚାୟତର ୱାର୍ଡ ସଭ୍ୟାସଭ୍ୟଙ୍କର ୪ରୁ ଆରମ୍ଭ ହୋଇଥିବା ପୁନଃ ନବୀକରଣ ପାଠ୍ୟକ୍ରମ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଏଥିରେ ମଣ୍ଡଳ ଉନ୍ନୟନ ଅଧିକାରୀ ନାରାୟଣ ସାହୁ ପଞ୍ଚାୟତର ଉନ୍ନୟନମୂଳକ କାର୍ଯ୍ୟକ୍ରମରେ ୱାର୍ଡମେମ୍ବରମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ଦର୍ଶାଇଥିଲେ। ପ୍ରଶିକ୍ଷକ ଭାବେ ପ୍ରଶାନ୍ତ କୁମାର ମହାପାତ୍ର, ରାଧାବଲ୍ଲଭ ମିଶ୍ର, ହାଡ଼ିବନ୍ଧୁ ସେଠୀ, ବେଣୁଧର ମହାପାତ୍ର, ସନ୍ଦୀପ କର୍ମକାର ଯୋଗଦେଇ ପ୍ରଶିକ୍ଷଣ ଦେଇଥିବା ବେଳେ କଣାସ ବ୍ଲକ ବିଏସ୍‌ଓ ନିରଞ୍ଜନ ସାହୁ, ବିଆର୍‌ସି ଦିଲୀପ କୁମାର ଉଦଣ୍ଡରାୟ, ଏପିଓ ଅକ୍ଷୟକାନ୍ତ ଭୋଇ, ଡିପିଓ ବସନ୍ତ କୁମାର ବରାଳ ପ୍ରଶିକ୍ଷଣରେ ଭାଗ ନେଇଥିଲେ।

### ଗୋପବନ୍ଧୁ ଜୟନ୍ତୀ ପାଳିତ

ନିମାପଡ଼ା,୯।୧୦(ବିଚିତ୍ରାନନ୍ଦ ସାହୁ)

ନିମାପଡ଼ା ଗୋପବନ୍ଧୁ ସେବାସଂଘ ପକ୍ଷରୁ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ସ୍ଥାନୀୟ ଟାଉନ ହଲ୍‌ଠାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ଅତିଥି ଭାବେ ଶିକ୍ଷାବିତ୍ ପ୍ରତାପ ଚନ୍ଦ୍ର ସାବୁତ୍, ସୌଦାମିନୀ ଦାଶ, ଏନ୍‌ସି ଉପାଧ୍ୟକ୍ଷ ସନ୍ତୋଷ ଦାଶ, ଡ. ଅମୂଲ୍ୟ ପ୍ରସାଦ ଦାଶ ପ୍ରମୁଖ ଯୋଗଦେଇ ଗୋପବନ୍ଧୁଙ୍କ ତ୍ୟାଗପୂତ ଜୀବନୀ ସମ୍ପର୍କରେ ଆଲୋକପାତ କରିଥିଲେ। ଏହି ଅବସରରେ ସେବାସଂଘ ପକ୍ଷରୁ ମଞ୍ଚାସୀନ ଅତିଥି ଓ ବିଭିନ୍ନ କାର୍ଯ୍ୟରେ ଉଲ୍ଲେଖନୀୟ ଅବଦାନ ପାଇଁ ୧୬ ଜଣ କୃତୀ ପ୍ରତିଭାଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପୂର୍ବରୁ ଆୟୋଜିତ ଗୋପବନ୍ଧୁଙ୍କ ଜୀବନୀ ଶୀର୍ଷକ ବକ୍ତୃତା ପ୍ରତିଯୋଗିତାର କୃତୀ ଛାତ୍ରୀଛାତ୍ରଙ୍କୁ ଅନୁଷ୍ଠାନ ପକ୍ଷରୁ ପୁରସ୍କାର ପ୍ରଦାନ କରାଯାଇଥିଲା। ସ୍ଥାନୀୟ ତହସିଲ ଅଫିସ ଛକଠାରେ ଥିବା ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା।

## ପଞ୍ଚାୟତବାସୀଙ୍କ ଦ୍ୱାରା ନିର୍ମିତ ଜନ ସ୍ୱାସ୍ଥ୍ୟକେନ୍ଦ୍ର ଉଦ୍‌ଘାଟିତ



ଜନ ସ୍ୱାସ୍ଥ୍ୟକେନ୍ଦ୍ର ଉଦ୍‌ଘାଟନ ଅବସରରେ ଉପସ୍ଥିତ ଅତିଥି ଏବଂ ଗ୍ରାମବାସୀ ।

ନିମାପଡ଼ା,୯।୧୦ (ବିଚିତ୍ରାନନ୍ଦ ସାହୁ/ରଞ୍ଜନ ପଟ୍ଟନାୟକ)

ନିମାପଡ଼ା ବ୍ଲକ ଅଧୀନ ଚଅଁରପଦା ପଞ୍ଚାୟତର ଭାଟବନ୍ଧ ଛକଠାରେ ଏକ ନବନିର୍ମିତ ଜନ ସ୍ୱାସ୍ଥ୍ୟକେନ୍ଦ୍ର ବୁଧବାର ପଞ୍ଚାୟତବାସୀଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଯାଇଛି। ଗ୍ରାମବାସୀଙ୍କ ନିଜସ୍ୱ ଆର୍ଥିକ ଅନୁଦାନରେ ଏହି ଜନ ସ୍ୱାସ୍ଥ୍ୟକେନ୍ଦ୍ରଟି ନିର୍ମିତ ହୋଇଛି। ସ୍ୱାସ୍ଥ୍ୟକେନ୍ଦ୍ରଟି ଧର୍ମାନନ୍ଦ ଉଚ୍ଚ ସ୍ୱାସ୍ଥ୍ୟ ଭବନରେ ଚଅଁରପଦା ପଞ୍ଚାୟତ ସହାୟତାରେ ଆଞ୍ଚଳିକ ବିକାଶ ପରିଷଦ ନାମକ ଅନୁଷ୍ଠାନ ଦ୍ୱାରା ପରିଚାଳିତ ବୋଲି ପଞ୍ଚାୟତବାସୀଙ୍କଠାରୁ ଜଣାପଡ଼ିଛି। ଉଦ୍‌ଘାଟନୀ ଉତ୍ସବରେ ଏକ ସ୍ୱାସ୍ଥ୍ୟସେବା ଶିବିର ଅନୁଷ୍ଠିତ ହୋଇଥିଲା। ଶିବିରରେ ଡାକ୍ତର ଶାଶ୍ୱତ ଚିନ୍ମୟ କୁମାର, ଡା. ସିଦ୍ଧାନ୍ତ ରାଉତ, ଡା. ଶୁଭମ ବେହେରା ଓ ଡା. ନିତ୍ୟାନନ୍ଦ ମହାଳିକ ପ୍ରମୁଖ ଯୋଗଦେଇ ପ୍ରାୟ ୧୫୦ ଜଣ ରୋଗୀ ସ୍ୱାସ୍ଥ୍ୟ ପରୀକ୍ଷା କରି ଚିକିତ୍ସା ସେବା ଯୋଗାଇଥିଲେ। ଚଅଁରପଦା, ଭାଟବନ୍ଧ, ପାଟିଚଅଁରପଦା, ହଂସପଡ଼ା ସମେତ ଆଖପାଖ ପ୍ରାୟ ୩୦/୪୦ ଗ୍ରାମର ଲୋକ ୧୦ କି.ମି. ବ୍ୟବଧାନରେ ଥିବା ନିମାପଡ଼ା ମେଡିକାଲ ଉପରେ ନିର୍ଭର କରୁଥିଲେ। ଏବେ ନବ ନିର୍ମିତ ସ୍ୱାସ୍ଥ୍ୟକେନ୍ଦ୍ର ଦ୍ୱାରା ସ୍ଥାନୀୟ ବାସିନ୍ଦା ବହୁଳ ଭାବେ ଉପକୃତ ହୋଇପାରିବେ। ସ୍ୱାସ୍ଥ୍ୟକେନ୍ଦ୍ରକୁ ସରକାର ହାତକୁ ନେବାକୁ ପଞ୍ଚାୟତବାସୀ ଦାବି କରିଛନ୍ତି। ସ୍ଥାନୀୟ ଲୋକଙ୍କ ଏପରି ଉଦ୍ୟମ ପାଇଁ ବିଭିନ୍ନ ଅଞ୍ଚଳରୁ ପ୍ରଶଂସା କରାଯାଇଛି। ଉଦ୍‌ଘାଟନୀ ଉତ୍ସବରେ ଚଅଁରପଦା ପଞ୍ଚାୟତ ସମେତ ଆଖପାଖ ପଞ୍ଚାୟତର ବହୁ ପ୍ରତିଷ୍ଠାନ, ମାନ୍ୟଗଣ୍ୟ ବ୍ୟକ୍ତି ଯୋଗଦେଇ ସ୍ୱାସ୍ଥ୍ୟକେନ୍ଦ୍ରର ସଫଳତା କାମନା କରିଥିଲେ।

## ପଞ୍ଚସଖା ସମାଧି ପୀଠରେ ସର୍ବଧର୍ମ ପ୍ରାର୍ଥନା ସଭା

ସାକ୍ଷୀଗୋପାଳ,୯।୧୦(କିଶୋର ମହାପାତ୍ର/ପ୍ରଶାନ୍ତ କୁମାର ବାରିକ)

ସତ୍ୟବାଦୀ ସଂଗଠନ ପକ୍ଷରୁ ପ୍ରତିବର୍ଷ ପରି ପଞ୍ଚସଖା ସମାଧିପୀଠରେ ସର୍ବଧର୍ମ ପ୍ରାର୍ଥନା ସଭା ପୂର୍ବତନ ପିସିସି ସଭାପତି ପ୍ରସାଦ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଥିଲା। ସମାଧିପୀଠରେ ପ୍ରଦୀପ ପ୍ରଜ୍ୱଳନ ଓ ମାଲ୍ୟାର୍ପଣ କରି ଶ୍ରଦ୍ଧା ସୁମନ ଅର୍ପଣ କରାଯାଇଥିଲା। ଏହି ଅବସରରେ ବେଦ, କୋରାନ, ବାଇବେଲ, ଗୁରୁଗ୍ରନ୍ଥ, ବାହାଇ, ତ୍ରିପିଟକ, ଗାନ୍ଧୀ, ଗୋପବନ୍ଧୁଙ୍କ ପ୍ରିୟ ଭଜନ, ହରିନାମ କୀର୍ତ୍ତନ ଓ ଭାଗବତ ପାଠ କରାଯାଇଥିଲା। ସତ୍ୟବାଦୀ ବ୍ଲକ କଂଗ୍ରେସ କମିଟି ପକ୍ଷରୁ ଶତାଧିକ କର୍ମୀ ସାକ୍ଷୀଗୋପାଳ ଓ ସୁଆଣ୍ଡୋରେ ଉତ୍କଳମଣିଙ୍କ ପ୍ରତିମୂର୍ତ୍ତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପ୍ରାକ୍ତନ ବ୍ଲକ ଅଧ୍ୟକ୍ଷ ଜୟନ୍ତ ହୋତା, ବ୍ଲକ କଂଗ୍ରେସ ସଭାପତି ସୁବାସ ମହାପାତ୍ର, ଯୁବ ସଭାପତି ଲିପ୍ତି ରଞ୍ଜନ ପ୍ରଧାନ, ଛାତ୍ର ସଭାପତି ଆଦର୍ଶ ମିଶ୍ର, କାହ୍ନୁ ଚରଣ ପ୍ରଧାନ, ଅଶୋକ ପ୍ରଧାନ ସ୍ମୃତି ଚାରଣ କରିଥିଲେ।

## ଉତ୍କଳମଣିଙ୍କ କର୍ମସ୍ଥଳୀ ଡଭାର ଅବହେଳିତ

ଗୋପ,୯।୧୦(ଭାରତୀ ଭୂଷଣ ଉପାଧ୍ୟାୟ)

ଉତ୍କଳମଣି ଗୋପବନ୍ଧୁ ଦାଶଙ୍କ ଜୀବନଶୈଳୀ ଓ ତାଙ୍କର ସମାଜ ପାଇଁ କେଉଁଭଳି ଅବଦାନ ଓ ଗରିବ ଲୋକଙ୍କ ମୁହଁରେ ମୁଠାଏ ଦାନା ଦେବା ଲାଗି ସେ ନିଜର କର୍ମସ୍ଥଳୀ ଭାବେ ଗୋପ ବ୍ଲକ ଅନ୍ତର୍ଗତ ଡଭାର ପଞ୍ଚାୟତର ଡଭାର ଗାଁକୁ ବାଛି ନେଇଥିଲେ। ଗୋପବନ୍ଧୁ ଦାଶଙ୍କ ଜନ୍ମସ୍ଥଳୀ ସୁଆଣ୍ଡୋ ଗ୍ରାମ ହୋଇଥିଲେ ମଧ୍ୟ ସେ ସବୁ ସମୟରେ କର୍ମସ୍ଥଳୀ ଡଭାରରେ ରହୁଥିଲେ। କିନ୍ତୁ ରାଜ୍ୟ ସରକାର ଜନ୍ମସ୍ଥଳୀକୁ ଗୁରୁତ୍ୱ ଦେଇଥିବା ବେଳେ କର୍ମସ୍ଥଳୀକୁ ଗୁରୁତ୍ୱ ନ ଦେବାରୁ ଆଜି ଏହି କର୍ମସ୍ଥଳୀ ଅବହେଳିତ ଅବସ୍ଥାରେ ପଡ଼ିରହିଛି।

ଗୋପବନ୍ଧୁ ଦାଶ ଯେଉଁଘରେ ରହୁଥିଲେ ସେହି ଘର ଏବେ ଭାଙ୍ଗିରୁଜି ଯାଇଥିବା ବେଳେ ତାଙ୍କର ସ୍ମୃତି କୁହାଯାଉଥିବା ଜିନିଷଗୁଡ଼ିକ ବିଲୁପ୍ତ ହୋଇଯାଇଛି। ପ୍ରତ୍ୟେକ ବର୍ଷ କେବଳ ସରକାରୀସ୍ତରରେ ଅକ୍ଟୋବର ୯ ତାରିଖ ଜୟନ୍ତୀକୁ ପାଳନ କରାଯାଉଛି। ଗୋପବନ୍ଧୁ ଦାଶ ବନ୍ୟା ବାତ୍ୟା ସମୟରେ ଗାଁ ଗାଁ ବୁଲି ମୁଠିଭିକ୍ଷାରେ ଗରିବଙ୍କ ମୁହଁରେ ହସ ଫୁଟାଇ ଥିଲେ। ବନ୍ୟା ଦାଉରୁ ଲୋକମାନଙ୍କୁ ରକ୍ଷା କରିବା ଲାଗି ଘେରିବନ୍ଧ ନିର୍ମାଣ କରିବା ସହିତ ଅନେକ ସେବାକୁ ଏବେ ବି ଲୋକମାନେ ମନେ ପକାନ୍ତି। କର୍ମସ୍ଥଳୀରେ କେବଳ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତି ପୂଜା ପାଉଛନ୍ତି। ୧୪୭ ତମ ଜନ୍ମତିଥି ଅବସରରେ ବୁଧବାର ଡଭାର ଗ୍ରାମବାସୀଙ୍କ ପକ୍ଷରୁ ନଗର ସଙ୍କୀର୍ତ୍ତନ ସହିତ ଖେଚୁଡ଼ି ଭୋଗ ବଣ୍ଟନ କରାଯାଇଥିବା ବେଳେ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଏହି କର୍ମବୀରଙ୍କ କର୍ମସ୍ଥଳୀ ପ୍ରତି ଗୁରୁତ୍ୱ ଦେବାକୁ ଦାବି କରାଯାଇଛି।

## ପଞ୍ଚାୟତ କଲ୍ୟାଣମଣ୍ଡପରେ ତାଲା ପକାଇଲେ ଗ୍ରାମବାସୀ



ଚାରିଛକ,୯।୧୦(ଶିଶିର ସ୍ୱାଇଁ)

ନିମାପଡ଼ା ବ୍ଲକ ଅନ୍ତର୍ଗତ ତୁଳସୀପୁର ପଞ୍ଚାୟତରେ ଥିବା ସରକାରୀ ପଞ୍ଚାୟତ କଲ୍ୟାଣମଣ୍ଡପରେ ତୁଳସୀପୁର ଗ୍ରାମବାସୀ ତାଲା ପକାଇଛନ୍ତି। ପ୍ରକାଶ ଯେ, ଏହି ମଣ୍ଡପ ନିର୍ମାଣ ହୋଇଥିବା ସ୍ଥାନଟି ତୁଳସୀପୁର ଗ୍ରାମର କୋଠ ଜମି ବୋଲି ଗ୍ରାମବାସୀ କହିଛନ୍ତି। ଏହି ଜମି ଉପରେ ପଞ୍ଚାୟତକୁ ଆସିଥିବା ଏକ କଲ୍ୟାଣମଣ୍ଡପ ନିର୍ମାଣ କରିବା ପୂର୍ବରୁ ପଞ୍ଚାୟତ ସହିତ ଗ୍ରାମବାସୀଙ୍କ ମଧ୍ୟରେ ମଣ୍ଡପରୁ ଯେଉଁ ଆୟ ହେବ ସେଥିରୁ ଗ୍ରାମର ଠାକୁରାଣୀଙ୍କ ପାଇଁ କିଛି ଟଙ୍କା ଦେବା ପାଇଁ ଏକ ଚୁକ୍ତିନାମା ହୋଇଥିଲା ବୋଲି ଗ୍ରାମବାସୀ କହିଥିଲେ। ଚୁକ୍ତି ଅନୁସାରେ ପ୍ରାୟ ୭ ବର୍ଷରୁ ଊର୍ଦ୍ଧ୍ୱ ହେବ ଠାକୁରାଣୀଙ୍କୁ ଚୁକ୍ତି ହୋଇଥିବା ଅନୁସାରେ ଟଙ୍କା ନ ମିଳିବାରୁ ଗ୍ରାମ କମିଟିର ସଭାପତି ବନ ବିହାରୀ ଦାଶଙ୍କ ନେତୃତ୍ୱରେ ଗ୍ରାମରେ ଏକ ବୈଠକ ବସିଥିଲା। ବୈଠକରେ ବୁଧବାର ମଣ୍ଡପରେ ତାଲା ପକାଇଥିଲେ। ଏହି ସମୟରେ ଗ୍ରାମର ଅନୁରୋଧ ତ୍ରିପାଠୀ, ଛବୀନ୍ଦ୍ର ମଲ୍ଲିକ, ସନ୍ତୋଷ କୁମାର ଦାଶ, କୈଳାସ ଚନ୍ଦ୍ର ଦାସ, ୱାର୍ଡସଭ୍ୟ ଦୁର୍ଗା ପ୍ରସାଦ ମିଶ୍ର, ବିଜୟ ମଲ୍ଲିକ, ନିରଞ୍ଜନ ତ୍ରିପାଠୀ, ରଞ୍ଜନୀକାନ୍ତ ତ୍ରିପାଠୀ, ଗଗନ ଭୋଇ ପ୍ରମୁଖ ଉପସ୍ଥିତ ଥିଲେ। ଚୁକ୍ତି ଅନୁସାରେ ଟଙ୍କା ନ ମିଳିବା ପର୍ଯ୍ୟନ୍ତ ତାଲାପଡ଼ି ରହିବ ବୋଲି ଗ୍ରାମବାସୀ କହିଛନ୍ତି।

## ମଣ୍ଡପରେ ମା'ଙ୍କ ଷଷ୍ଠୀ ପୂଜା, ପୀଠରେ ସପ୍ତମୀ ପୂଜା

ଅସ୍ତରଙ୍ଗ,୯।୧୦ (ପ୍ରଦୀପ୍ତ କୁମାର ଦୀକ୍ଷିତ)

ଶକ୍ତିପୀଠରେ ବୁଧବାର ସପ୍ତମୀ ପୂଜା ଚାଲିଥିବା ବେଳେ ମଣ୍ଡପରେ ଷଷ୍ଠୀ ପୂଜା କରାଯାଉଛି। ପୁରୀ ଜିଲା ଅସ୍ତରଙ୍ଗ ଦୁର୍ଗା କ୍ଲବ ତରଫରୁ ୫୬ବର୍ଷ ହେଲା ମା' ଦୁର୍ଗାଙ୍କ ପୂଜା ଅନୁଷ୍ଠିତ ହୋଇଆସୁଛି। ବେଲ ଗଛ ମୂଳେ ଷଷ୍ଠୀ ପୂଜା କରାଯାଇ ପରେ ମା'ଙ୍କୁ ଆବାହନ କରାଯାଯାଇଛି। ଏହି ସମୟରେ ବ୍ରତପୂଜା କରିବାର ବିଧି ଅଛି। ଗୁରୁବାର ସପ୍ତମୀରେ ନଦୀରୁ ପବିତ୍ର ଜଳ ଅଣାଯାଇ ମଣ୍ଡପରେ ମା'ଙ୍କୁ ଚକ୍ଷୁଦାନ କରାଯିବ। ପରେ ଶୁକ୍ରବାର ଅଷ୍ଟମୀ ପୂଜା ସହ ବ୍ରତ ପୂଜା କରାଯିବାର ପରମ୍ପରା ରହିଛି। ନବମୀରୁ ସନ୍ଧିପୂଜା ଅନୁଷ୍ଠିତ ହେବ। କିଛି ମଣ୍ଡପରେ ସ୍ୱତନ୍ତ୍ର ଭୋଗ କରାଯାଇ ଶ୍ରଦ୍ଧାଳୁଙ୍କୁ ବଣ୍ଟନ କରାଯାଏ। ସେପଟେ ବୁଧବାର ଶକ୍ତିପୀଠଗୁଡ଼ିକରେ ମହାସପ୍ତମୀ ପୂଜା କରାଯାଉଛି। ଅସ୍ତରଙ୍ଗ ଅଞ୍ଚଳ ଅଧିଷ୍ଠାତ୍ରୀ ଦେବୀ ମା' ଉଳୁଳେଇ ଦଶହରା ପର୍ଯ୍ୟନ୍ତ ଭିନ୍ନ ଭିନ୍ନ ବେଶରେ ଦର୍ଶନ ଦେବେ। ସେପଟେ ଭକ୍ତ ସମାଗମକୁ ନଜରରେ ରଖି ମନ୍ଦିର କମିଟି ପକ୍ଷରୁ ବ୍ୟାପକ ସୁରକ୍ଷା ବ୍ୟବସ୍ଥା କରାଯାଇଛି।

## ଜାନୁଆରୀ ୧୨ରୁ ଗ୍ଲୋରିଫେଷ୍ଟ

ପୁରୀ, ୯।୧୦(ଅଜିତ କୁମାର ମହାନ୍ତି)

ଆସନ୍ତା ବର୍ଷ ଜାନୁଆରୀ ୧୨ରୁ ୧୫ ତାରିଖ ପର୍ଯ୍ୟନ୍ତ ଗ୍ଲୋରି ଫେଷ୍ଟ-୨୦୨୫ ଅନୁଷ୍ଠିତ ହେବ। ଜାତୀୟ ଯୁବ ସମନ୍ୱିତ କେନ୍ଦ୍ର ପକ୍ଷରୁ ପ୍ରତିବର୍ଷ ଭଳି ଆସନ୍ତା ବର୍ଷ ମଧ୍ୟ ଜାତୀୟ ମହାବିଦ୍ୟାଳୟ ଓ ବିଶ୍ୱବିଦ୍ୟାଳୟସ୍ତରୀୟ ଉତ୍ସବ ଭବ୍ୟ ଆକାରରେ କରାଯିବାକୁ ଲକ୍ଷ୍ୟ ରଖାଯାଇଛି । ଯୁବ ଓ ଲୁକ୍କାୟିତ ପ୍ରତିଭା ଅନ୍ୱେଷଣ କ୍ଷେତ୍ରରେ ପୁରୀର ଗ୍ଲୋରିଫେଷ୍ଟ ଉତ୍ସବ ଏକ ସ୍ୱତନ୍ତ୍ର ମାନ୍ୟତା ପାଇଥିବାବେଳେ ୨୦୨୪ ଓ ୨୫ ବର୍ଷ ପାଇଁ କର୍ମକର୍ତ୍ତା ଚୟନ କରାଯାଇଛି। ଅନୁଷ୍ଠାନର ସଭାପତି ହରେକୃଷ୍ଣ ଶତପଥୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ଆଗାମୀ ଗ୍ଲୋରିଫେଷ୍ଟ କରିବା ନେଇ ଆଲୋଚନା କରାଯାଇଥିବାବେଳେ କର୍ମକର୍ତ୍ତା ଚୟନ ଅନୁଷ୍ଠିତ ହୋଇଥିଲା। ନୂତନ ସଭାପତି ଭାବେ ପ୍ରଫେସର ହରେକୃଷ୍ଣ ଶତପଥି, କାର୍ଯ୍ୟକାରୀ ସଭାପତି ଭାବେ ରାଜେଶ ମହାନ୍ତି, ଯୁଗ୍ମ କାର୍ଯ୍ୟକାରୀ ସଭାପତି ଭାବେ ସଂଗ୍ରାମ କାନୁନଗୋ ଓ ହରପ୍ରସାଦ ବିଶ୍ୱାଳ, ଉପସଭାପତି ଭାବେ ଶ୍ରୀନିବାସ ସାହୁ, ରାକେଶ ସାମଲ, ପୂର୍ଣ୍ଣେନ୍ଦୁ ପଟ୍ଟନାୟକ ଓ ଦାମୋଦର ଶତପଥି, ସାଧାରଣ ସମ୍ପାଦକ ଭାବେ ବିଦ୍ରୋହ କେଶରୀ ସିଂ, ସାଙ୍ଗଠନିକ ସମ୍ପାଦକ ସୌମ୍ୟରଞ୍ଜନ ମିଶ୍ର, କୋଷାଧ୍ୟକ୍ଷ ଭାବେ ଦେବେନ୍ଦ୍ର ମହାପାତ୍ର ଏବଂ ସାଂସ୍କୃତିକ ସମ୍ପାଦକ ଜିତେନ୍ଦ୍ରନାଥ କଟିସ ମନୋନୀତ ହୋଇଛନ୍ତି।

## ଲୁହା ସାମଗ୍ରୀ ବୋଝେଇ ବୋଲେରୋ ଜବତ

ପିପିଲି,୯।୧୦(ପ୍ରଭାତ କୁମାର ମହାପାତ୍ର)

ପିପିଲି ଦାଣ୍ଡମୁକୁନ୍ଦପୁର ପଞ୍ଚାୟତର ବାସୁଦେଇପୁର ଗ୍ରାମରେ ଥିବା ବିଦ୍ୟାଳୟର ଅନତି ଦୂରରେ ସନ୍ଦେହସ୍ଥିତିରେ ଏକ ବୋଲେରୋ ଗାଡ଼ି ଦୀର୍ଘ ସମୟ ଠିଆ ହୋଇ ରହିବା ପରେ ଧୀରେ ଧୀରେ ଗ୍ରାମବାସୀଙ୍କ ମନରେ ସନ୍ଦେହ ସୃଷ୍ଟି ହୋଇଥିଲା। ପାଖାପାଖି ଗାଡ଼ି ମାଲିକ ଓ ଡ୍ରାଇଭର୍‌ମାନଙ୍କୁ ପଚରାଉଚରା କରି ଶେଷରେ କୌଣସି ସୁରାକ ପାଇପାରି ନାହାନ୍ତି। ଗାଡ଼ିଟିର ନମ୍ବର (ଓଡି-୩୩-ଏଜି-୬୯୭୭) ଥିବାବେଳେ ଉକ୍ତ ବୋଲେରୋ ଆଗରେ ଏକେ ୪୭ ବନ୍ଧୁକ ଚିତ୍ର ସହ ଲେଖା ଏବଂ ସବୁଜ ତାରକା ଚିତ୍ର ସନ୍ଦେହ ପ୍ରକାଶ କରୁଛି। ଦାଣ୍ଡମୁକୁନ୍ଦପୁର-ପୁରୀ ମୁଖ୍ୟ ରାସ୍ତାଠାରୁ ପ୍ରାୟ ୨ କି.ମି. ଭିତରେ ଏହି ସ୍ଥାନରେ ଗାଡ଼ି ଛାଡି କିଏ ଓ କାହିଁକି ଗାଏବ ହୋଇଛି। ଗ୍ରାମବାସୀ ଦିନ ସାରା ଗାଡ଼ି ଜଗିଲା ପରେ ଶେଷରେ ସ୍ଥାନୀୟ ସାମାଜିକ କର୍ମୀ ପ୍ରଦୀପ୍ତ ଦାସ ପିପିଲି ଥାନା ଅଧିକାରୀ ସୌମେନ୍ଦୁ ଶେଖର ତ୍ରିପାଠୀଙ୍କୁ ଜଣାଇଲା ପରେ ଏସ୍‌ଆଇ ଭାସ୍କର ମାଣିଆ ଓ ଏଏସ୍‌ଆଇ ସୁମନ୍ତ ସାହୁ ଘଟଣାସ୍ଥଳରେ ପହଞ୍ଚି ଗାଡ଼ିଟିକୁ ଜବତ କରିବା ସହିତ ପଚରାଉଚରା କରିଛନ୍ତି।

# ଗୋପବନ୍ଧୁଙ୍କ ଆଦର୍ଶକୁ ଅନୁସରଣ କର

## ୧୪୭ତମ ଗୋପବନ୍ଧୁ ଜୟନ୍ତୀ ପାଳିତ

କଣାସ/ବଳଙ୍ଗା/ଚାରିଛକ/ଗୋପ, ୯।୧୦ (ବିଭୂତି ଭୂଷଣ ତ୍ରିପାଠୀ/ କେଦାରେଶ୍ୱର ନନ୍ଦ/ ଶିଶିର ସ୍ୱାଇଁ/ଭାରତୀ ଭୂଷଣ ଉପାଧ୍ୟାୟ)





କଣାସ ଓ ପିପିଲି ଠାରେ ଗୋପବନ୍ଧୁ ଦାସଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ ଅବସରରେ ଉପସ୍ଥିତ ଅତିଥି ଏବଂ ଅନ୍ୟମାନେ ।

ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ଉତ୍ସବ ବୁଧବାର ସାନଓରା ପ୍ରାଥମିକ ବିଦ୍ୟାଳୟ ପରିସରରେ ଅନୁଷ୍ଠିତ ହୋଇଯାଇଛି। ପ୍ରାରମ୍ଭରେ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ବସ୍ତ୍ର ଓ ପୁଷ୍ପମାଲ୍ୟ ଅର୍ପଣ କରାଯିବା ସହ ସାମୂହିକ ଗୀତାପାଠ, ଜାତୀୟ ସଙ୍ଗୀତ ଗାନ କରାଯାଇଥିଲା। ହେମନ୍ତ ପ୍ରଧାନ, ମମତା ସାହୁ, ସଂଗ୍ରାମ ପ୍ରତାପସିଂହ, ବିଦ୍ୟାଳୟର ପ୍ରଧାନ ଶିକ୍ଷକ ଦିଲୀପ ଶ୍ରୀଚନ୍ଦନ କାର୍ଯ୍ୟକ୍ରମ ପରିଚାଳନା କରିଥିବା ବେଳେ ସମସ୍ତ ଛାତ୍ରୀଛାତ୍ର ଗୋପବନ୍ଧୁଙ୍କ ଆଦର୍ଶକୁ ଅନୁସରଣ କରି ଚାଲିବା ପାଇଁ ଅତିଥିମାନେ ପରାମର୍ଶ ଦେଇଥିଲେ।

ବଳଙ୍ଗା ଥାନା ଅନ୍ତର୍ଗତ ରୂପଦେଇପୁର ମହାରଥୀ କଲ୍ୟାଣମଣ୍ଡପଠାରେ ଗୋପବନ୍ଧୁ ଯୁବ ପରିଷଦ ଦ୍ୱାରା ୧୪୭ତମ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାଶଙ୍କର ଜୟନ୍ତୀ ମହାସମାରୋହରେ ପାଳିତ ହୋଇଯାଇଛି। ବୈଠକରେ ରୂପଦେଇପୁର ସରପଞ୍ଚ ରୀନାରାଣୀ ମିଶ୍ରଙ୍କ ସଭାପତିତ୍ୱରେ ମୁଖ୍ୟ ଅତିଥି ଭାବେ ପିପିଲି ସାଂସ୍କୃତିକ ପରିଷଦର ସମ୍ପାଦକ ଡ. ରମେଶ ଚନ୍ଦ୍ର ମହାପାତ୍ର, ଗ୍ରାମ୍ୟ ବିକାଶ ସଂଯୋଜକ କୈଳାସ ଚନ୍ଦ୍ର ମହାପାତ୍ର, ଅବସରପ୍ରାପ୍ତ ଶିକ୍ଷକ ଭଗବାନ ପୃଷ୍ଟି, ପ୍ରମୋଦ କୁମାର ମାଣିଆ, ଯୁବ ପରିଷଦର ସଭାପତି ଦେବ ରଞ୍ଜନ ମହାରଣା, ସମ୍ପାଦକ ସୁଶାନ୍ତ କୁମାର ସାହୁ, ସଭ୍ୟ ରାମଚନ୍ଦ୍ର ସାହୁ, ଗୋପାଳ ସାହୁ ପ୍ରମୁଖ ଉପସ୍ଥିତ ଥିଲେ। ଶେଷରେ ସ୍ଥାନୀୟ ସ୍କୁଲର କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କାର ଓ ମାନପତ୍ର ଦିଆଯାଇଥିଲା।

ସେହିପରି ଚାରିଛକରେ ଉତ୍କଳମଣି ଗୋପବନ୍ଧୁ ମେମୋରିଆଲ ଫାଉଣ୍ଡେଶନ ଟ୍ରଷ୍ଟର ମାଲକାନଗିରି ସଭାପତି ଲକ୍ଷ୍ମୀଧର ନାୟକଙ୍କ ଅଧ୍ୟକ୍ଷତାରେ ଜୟନ୍ତୀ ପାଳନ କରାଯାଉଛି। ସଭାରେ ଡକ୍ଟର କେଦାରନାଥ ସାହୁ, ଚନ୍ଦ୍ରକାନ୍ତ ଦଳାଇ, ସନାତନ ପାତ୍ର, ଜୟନ୍ତ କୁମାର ସେଠୀ, ପ୍ରିୟନାଥ ଭୋଳ, ପ୍ରଫେସର ସନ୍ତୋଷ ମିତ୍ରଙ୍କ ସମେତ ଅଞ୍ଚଳର ବୁଦ୍ଧିଜୀବୀ ଓ ସାମ୍ବାଦିକମାନେ ଉପସ୍ଥିତ ଥିଲେ। ସେହିପରି ଟ୍ରାକ ଆଣ୍ଡ ଫିଲ୍ଡ ତରଫରୁ ଗୋପବନ୍ଧୁଙ୍କ ଜୟନ୍ତୀ ଉପଲକ୍ଷେ ଏକ ମିନି ମାରାଥନ୍ ଆୟୋଜିତ ହୋଇଥିଲା। ଏହି ମାରାଥନ୍‌ରେ ରାଜ୍ୟ ପଦକ ବିଜେତା ରାନୀ ପ୍ରଧାନ, ସୂରଜ ପ୍ରଧାନ, ସନ୍ତୋଷିନୀ ଦେବତାଙ୍କ ସମେତ ୨୫ରୁ ଊର୍ଦ୍ଧ୍ୱ କ୍ରୀଡ଼ାବିତ୍ ଏବଂ ଟ୍ରାକ ଆଣ୍ଡ ଫିଲ୍ଡ ପ୍ରଶିକ୍ଷକ କଳିଙ୍ଗ ପ୍ରସାଦ ନାୟକ ଏଥିରେ ଯୋଗ ଦେଇଥିଲେ।

ଗୋପବନ୍ଧୁ ଦାଶଙ୍କ ଜୟନ୍ତୀରେ ଗୋପ ବ୍ଲକ ଅଧୀନ କୁନ୍ଦୁରାସ୍ଥିତ ନୀଳାଦ୍ରି ନିଳୟ ଠାରେ ଥିବା ୫୦ଜଣରୁ ଊର୍ଦ୍ଧ୍ୱ ମାନସିକ ଅନଗ୍ରସର, ଦିବ୍ୟାଙ୍ଗଙ୍କୁ ପୂର୍ବତନ ମନ୍ତ୍ରୀ ସମୀର ଦାଶ କମ୍ବଳ ବଣ୍ଟନ କରିବା ସହିତ ଖାଦ୍ୟ ବଣ୍ଟନ କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କ ସେବା ସପ୍ତାହ ଅବସରରେ ଏହି ମହତ୍ କାର୍ଯ୍ୟକୁ ଗୋପ ଯୁବ ଭାଜପା ଦଳର ନେତୃତ୍ୱରେ ମନଦୀପ ପାଇକରାୟ, ପ୍ରତାପ ପରିଡ଼ା, ହେମନ୍ତ ଛୋଟରାୟ, ଦାଶରଥି ବରାଳ, ସ୍ୱରାଜ ମହାନ୍ତି, କମଳାକାନ୍ତ ମହାନ୍ତି, ଦେବାଶିଷ ସାହୁ, ସୁମନ୍ତ ବାରିକ, ଚନ୍ଦନ ପ୍ରଧାନଙ୍କ ସମେତ ଶତାଧିକ ନେତୃବୃନ୍ଦ ପରିଚାଳନା କରିଥିଲେ। ଶେଷରେ ପୂର୍ବତନ ମନ୍ତ୍ରୀ ସମୀର ରଞ୍ଜନ ଦାଶ ମାନସିକ ଅନଗ୍ରସର ସହିତ ଦିବ୍ୟାଙ୍ଗମାନଙ୍କୁ ଖାଦ୍ୟ ପରସିଥିଲେ। ଏପରି ଏକ ମହତ୍ କାର୍ଯ୍ୟ ସମୟରେ ବିକାଶ ସ୍ୱେଚ୍ଛାସେବୀ ସଙ୍ଗଠନର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।

ପୁରୀ ଜିଲାର ଅଗ୍ରଣୀ ନାଗରିକ ସଂଗଠନ 'ଜନସ୍ୱାର୍ଥ ସୁରକ୍ଷା ସମିତି' ପକ୍ଷରୁ ପିପିଲି ନିକଟବର୍ତ୍ତୀ ଦାଣ୍ଡମୁକୁନ୍ଦପୁରଠାରେ ପୁଣ୍ୟାତ୍ମା ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ସଂଯୋଜକ ଶିକ୍ଷାବିତ୍ ସନ୍ତୋଷ କୁମାର ମିଶ୍ରଙ୍କ ସଭାପତିତ୍ୱରେ ସଭାରେ ପ୍ରସନ୍ନ କୁମାର ଦାସ ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ମୁଖ୍ୟଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନଶିକ୍ଷକ ଅର୍ଜ୍ଜୁନ ଘଡ଼େଇ, ଅନ୍ୟ ଅତିଥିମାନଙ୍କ ମଧ୍ୟରେ ଯୋଗଗୁରୁ ବଂଶୀଧର ସାହୁ, ରଣଜିତ ପଣ୍ଡା, ପ୍ରମୋଦ ପରିଡ଼ା, ମାନସ ପୁଷ୍ପାଳକ, ପ୍ରଭାତ ବେହେରା, ଅଶୋକ କୁମାର ସେଠୀ, ଅଭିଷେକ ଲେଙ୍କା, ଓମ ପ୍ରକାଶ ସାହୁ, ଶଶିଭୂଷଣ ଦାସ, ପ୍ରଶାନ୍ତ କୁମାର ସାହୁ, ଆଇନଜୀବୀ ସୁରେଶ ଚନ୍ଦ୍ର ରଥ, ରଞ୍ଜନ ପ୍ରଧାନ, ରଘୁନାଥ ରାଉତ ପ୍ରମୁଖ ଯୋଗଦେଇ ଗୋପବନ୍ଧୁଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଶେଷରେ ବଂଶୀଧର ଦାସ ଧନ୍ୟବାଦ ଦେଇଥିଲେ।

# ଜୀବନ ରକ୍ଷା ପାଇଁ ପ୍ରଶିକ୍ଷଣ କାର୍ଯ୍ୟକ୍ରମ

ବାରଙ୍ଗ,୯।୧୦
(ଲିଙ୍ଗରାଜ ରାଉତ/ତୁଷାର ବେହେରା)

ନରାଜ ଗ୍ରାମର ଡଙ୍ଗା ଚାଳକଙ୍କୁ ନେଇ ଜୀବନ ରକ୍ଷା ନିମନ୍ତେ ଏକ ପ୍ରଶିକ୍ଷଣ କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହୋଇଯାଇଛି। ନରାଜ ବ୍ୟାରେଜ୍‌ର ମହାନଦୀ ଉପରେ ନିର୍ଭରଶୀଳ ମତ୍ସ୍ୟଜୀବୀମାନେ ଏଥିରେ ସାମିଲ ହୋଇଥିଲେ। ଏନ୍‌ଡିଆର୍‌ଏଫ୍ ପକ୍ଷରୁ ଆୟୋଜିତ ଏହି ପ୍ରଶିକ୍ଷଣ ଓ ସଚେତନତା କାର୍ଯ୍ୟକ୍ରମରେ ମାଛ ମାରିବାବେଳେ ଅଘଟଣ ଘଟିଲେ ଜୀବନ ରକ୍ଷା ପାଇ କେଉଁଭଳି କୌଶଳ ଅବଲମ୍ବନ କରିବେ, ତା'ଉପରେ ପ୍ରଶିକ୍ଷଣ ଦିଆଯାଇଥିଲା। ଏହାସହ ନଦୀକୁ ଆତ୍ମହତ୍ୟା ଉଦ୍ଦେଶ୍ୟରେ ଡେଇଁ ପଡୁଥିବା ଲୋକଙ୍କୁ କିଭଳି ଉଦ୍ଧାର କରାଯିବ ଏବଂ ଉଦ୍ଧାର ପରେ ପ୍ରାଥମିକ ସହାୟତା, ପ୍ରାଥମିକ ଚିକିତ୍ସା କରାଯାଇପାରିବ, ତାହା ଉପରେ ପ୍ରଶିକ୍ଷଣ ଦିଆଯାଇଥିଲା। ଡେପୁଟି କମାଣ୍ଡାଣ୍ଟ ଧନଞ୍ଜୟ କୁମାରଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ପ୍ରଶିକ୍ଷଣରେ ସ୍ଥାନୀୟ ସରପଞ୍ଚ ଗୀତାଞ୍ଜଳି ସାହୁଙ୍କ ସମେତ ୨୦ଜଣ ଡଙ୍ଗା ଚାଳକ ଯୋଗଦେଇ ପ୍ରଶିକ୍ଷଣ ନେଇଥିଲେ। ଏହାପରେ ସେମାନଙ୍କୁ ଜୀବନ ରକ୍ଷାକାରୀ ଉପକରଣ ଓ ସାର୍ଟିଫିକେଟ ପ୍ରଦାନ କରାଯାଇଥିଲା।

# ପଦାରେ ପଡ଼ିଲା ରାଜୀବ ଆବାସ ଦୁର୍ନୀତି

## ୮ ସ୍ଥାନରେ ବିଏମ୍‌ସିର ଚଢ଼ାଉ, ଶହେରୁ ଊର୍ଦ୍ଧ୍ୱ ଜାଲ୍ ହିତାଧିକାରୀ ଠାବ

ଭୁବନେଶ୍ୱର, ୯।୧୦(ବନ୍ଦନା ସେଠୀ)



ସରକାର ସହରରେ ରହୁଥିବା ଭୂମିହୀନ, ଗୃହହୀନ ଓ ଗରିବ ବସ୍ତିବାସିନ୍ଦାଙ୍କୁ ରାଜୀବ ଆବାସ ଯୋଜନାରେ ଘର ଯୋଗାଇ ଦେଉଛନ୍ତି। ହେଲେ ପ୍ରକୃତ ହିତାଧିକାରୀ ଘର ନ ପାଇ ସେମିତି ଦୟନୀୟ ଜୀବନ ବିତାଉଥିବାବେଳେ ବହୁ ଅଯୋଗ୍ୟ ବା ଜାଲ୍ ହିତାଧିକାରୀ ଆବାସ ଘର ହାତେଇ ନେଉଛନ୍ତି। ନିଜେ ନ ରହି ବେଆଇନ ଭାବେ ଭଡ଼ା ଲଗାଉଛନ୍ତି। ପୁଣି ଅନ୍ୟ ସ୍ଥାନରେ ସରକାରୀ ଜାଗା କବ୍‌ଜା କରି ରହୁଛନ୍ତି। ଭୁବନେଶ୍ୱର ମହାନଗର ନିଗମ (ବିଏମ୍‌ସି) ଅଞ୍ଚଳରେ ଏଭଳି ଚଞ୍ଚକତା ନେଇ ବହୁ ପୂର୍ବରୁ ଅଭିଯୋଗ ହୋଇ ଆସୁଥିଲେ ମଧ୍ୟ ସେଥିପ୍ରତି କର୍ତ୍ତୃପକ୍ଷ ଗୁରୁତ୍ୱ ଦେଇ ନ ଥିଲେ। ତେବେ ନିକଟରେ ମୈତ୍ରିବିହାର ଥାନା ଅଞ୍ଚଳରେ ରାଜୀବ ଆବାସ ଘରେ ଭଡ଼ାରେ ରହୁଥିବା ମହିଳାଙ୍କୁ ଗଣବଳାତ୍କାର ଘଟଣା ପରେ କର୍ତ୍ତୃପକ୍ଷ କେଳେଙ୍କାରୀ କଳଙ୍କର ଦୋଷ ଛଡ଼ାଇବା ଲାଗି ଚଢ଼ାଉ ଆରମ୍ଭ କରିଛି। ବୁଧବାର ଏକାଧିକ ଟିମ୍ ୮ ସ୍ଥାନରେ ଚଢ଼ାଉ କରି ପ୍ରାୟ ୧୦୦ରୁ ଊର୍ଦ୍ଧ୍ୱ ଅଯୋଗ୍ୟ ହିତାଧିକାରୀଙ୍କୁ ଠାବ କରିଛି। ଅଧିକ ତଦନ୍ତ ହେଲେ ଆହୁରି ବହୁ ଜାଲ ହିତାଧିକାରୀ ସାମ୍ନାକୁ ଆସିବେ ବୋଲି ଆଶଙ୍କା କରାଯାଉଛି। ଏମାନଙ୍କ ବିରୋଧରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ସହ ଆବଶ୍ୟକ ପଡ଼ିଲେ ସେମାନଙ୍କଠାରୁ ଘର ଛଡାଇ ନିଆଯିବ ବୋଲି ବିଏମ୍‌ସି ପକ୍ଷରୁ କୁହାଯାଇଛି। ପ୍ରଥମ ଦିନରେ ଏତେ ସଂଖ୍ୟକ ଜାଲ୍ ହିତାଧିକାରୀ ଚିହ୍ନଟ ହେବା ନାନା ପ୍ରଶ୍ନବାଚୀ ସୃଷ୍ଟି କରିଛି। ଅନ୍ୟପକ୍ଷରେ ଏହି ଚଢ଼ାଉକୁ ଲୋକଦେଖାଣିଆ ବୋଲି ଲୋକେ କହୁଥିବାବେଳେ ଏଥିରେ ବି ପ୍ରିୟାପ୍ରୀତି ତୋଷଣ ଓ ଟଙ୍କା କାରବାର ହୋଇପାରେ ବୋଲି ଆଶଙ୍କା ପ୍ରକାଶ ପାଇଛି।

ବେଆଇନ ଭାବେ ରାଜୀବ ଆବାସ ହାତେଇଥିବା ହିତାଧିକାରୀଙ୍କୁ ଧରିବା ପାଇଁ ବିଏମ୍‌ସି ଟିମ୍ ସକାଳୁ ଅପରେଶନ ଆରମ୍ଭ କରିଥିଲା। ରଙ୍ଗମାଟିଆ, ମଣ୍ଡପ ବସ୍ତି, ନିଳମାଧବ ବସ୍ତି, ବୁଦ୍ଧବିହାର, ପଥରବନ୍ଧ, ମହିଁଷିଆଖାଲ, ଶାନ୍ତିନଗର ଏବଂ ସୁବୁଧିପୁର ଅଞ୍ଚଳରେ ଥିବା ୮ ଆବାସ କମ୍ପ୍ଲେକ୍ସରେ ଚଢ଼ାଉ କରିଥିଲା। ବିଏମ୍‌ସି ଟିମ୍ ପ୍ରତି ଘରକୁ ଯାଇ ମାଲିକଙ୍କ ପରିଚୟପତ୍ର ମାଗିଥିଲେ। ସେହି ଅନୁଯାୟୀ ଘର ମାଲିକଙ୍କ ନାମ ସହ ହିତାଧିକାରୀ ତାଲିକାକୁ ମିଳାଇଥିଲେ। କିଛି ହିତାଧିକାରୀ ଉକ୍ତ ଘରେ ରହୁଥିବାବେଳେ ଆଉ କିଛି ଘର ଭଡା ଲଗାଇ ବାହାରେ ପୁଣି ସରକାରୀ ଜାଗା ମାଡିବସି ରହୁଥିବା ନଜରକୁ ଆସିଥିଲା। ଆଉ କିଛି ହିତାଧିକାରୀ ଏଠାରେ ପାଇଥିବା ଘରକୁ ବିକ୍ରିକରି କରି ଗାଁକୁ ଚାଲିଯାଇଥିବା ଜଣାପଡିଥିଲା। ଭଡା ଲଗାଉଥିବା ମାଲିକମାନେ କେବଳ ମାସିକିଆ ଟଙ୍କା ଆଦାୟ କରିବାକୁ ଏଠାକୁ ଆସୁଛନ୍ତି ସ୍ଥାନୀୟ ଲୋକେ କହିଥିଲେ।

### ଚଢ଼ାଉ ପୂର୍ବରୁ ଅଯୋଗ୍ୟ ପାଇଗଲେ ଖବର...

ଚଢ଼ାଉ ଅତି ଗୋପନୀୟତାର ସହ ହେବ ବୋଲି ଯୋଜନା ହୋଇଥିଲା। ଯେଉଁଥିପାଇଁ ଜୋନ୍‌ସ୍ତରର ଜୋନାଲ ଡେପୁଟି କମିଶନର (ଜେଡିସି) ଏହାର ଦାୟିତ୍ୱ ନେଇଥିଲେ। ହେଲେ ଚଢ଼ାଉ ପୂର୍ବରୁ ଏହି ଖବର ଭିତିରି ସମ୍ପର୍କ ରଖିଥିବା ଅଯୋଗ୍ୟ ହିତାଧିକାରୀଙ୍କ ପାଖରେ ପହଞ୍ଚି ଯାଇଥିଲା। ତେଣୁ ଘର ଭଡ଼ା ଲଗାଇ ବାହାରେ ରହୁଥିବା ହିତାଧିକାରୀଙ୍କ ମଧ୍ୟରୁ କିଛି ରାତି ଓ ଆଉ କିଛି ସକାଳେ ଆସି ସେଠାରେ ଡେରା ପକାଇ ରହିଥିଲେ। ପୁଣି ସେମାନେ ଆଧାର କାର୍ଡକୁ ହାତରେ ଧରି ଅପେକ୍ଷା କରି ରହିଥିଲେ। ଫଳରେ ବିଏମ୍‌ସି ଟିମ୍ ଏମାନଙ୍କୁ ଧରିପାରି ନ ଥିଲେ।

# ମା’ଙ୍କୁ ୫ ଦିନ ଧରି ଲାଗି ହେବ ସଙ୍କୁଡ଼ି ଭୋଗ



## ଜମେଶ୍ୱର ପାଟଣା ସାହି ଦୁର୍ଗାପୂଜା

ପୁରୁଣା ଭୁବନେଶ୍ୱର,୯।୧୦(ସୁବାସ ଚନ୍ଦ୍ର ପ୍ରଧାନ)

ଜଗଜ୍ଜନନୀ ମା’ ଦୁର୍ଗାଙ୍କ ପୂଜା ଉତ୍ସବ ପାଇଁ ପୁରୁଣା ଭୁବନେଶ୍ୱର ଯମେଶ୍ୱର ପାଟଣା ସାହି ଦୁର୍ଗାପୂଜା ସମିତି ପକ୍ଷରୁ ପୂଜା ପ୍ରସ୍ତୁତି ପ୍ରାୟ ଶେଷ ପର୍ଯ୍ୟାୟରେ ପହଞ୍ଚିଛି। ୧୯୪୯ ମସିହାରୁ ଆରମ୍ଭ ହୋଇଥିବା ଏହି ପୂଜା ଏଥର ୭୫ ବର୍ଷରେ ପାଦ ଦେଇଥିବାରୁ ଆୟୋଜକ କିଛି ନିଆରା ଏବଂ ସ୍ୱତନ୍ତ୍ର ଭାବେ ପୂଜା ପାଳନ କରିବାକୁ ଲକ୍ଷ୍ୟ ରଖିଛନ୍ତି। ଏନେଇ ବୁଧବାର ଜମେଶ୍ୱର ପାଟଣା ସାହି ଦୁର୍ଗାପୂଜା ସମିତି ପକ୍ଷରୁ ଏକ ଖବରଦତା ସମ୍ମିଳନୀରେ ଏହି ମତ ରଖାଯାଇଛି। ଚଳିତବର୍ଷ ୫ ଦିନ ମା’ଙ୍କୁ ସଙ୍କୁଡ଼ି ଭୋଗ ଲାଗି ହେବା ସହ ପ୍ରାୟ ୫ ହଜାର ଲୋକଙ୍କ ପାଇଁ ପ୍ରସାଦ ବଣ୍ଟନ କରାଯିବ। ମହାଷ୍ଟମୀରେ ସନ୍ଧିପୂଜାରେ ମହିଳାମାନେ ବ୍ରତ ପୂଜା କରିଥାନ୍ତି। ଅଷ୍ଟମୀରେ ଚଣ୍ଡୀପାଠ କରାଯିବା ସହ ମା’ଙ୍କ ନିକଟରେ ଆମିଷ ଭୋଗ କରାଯିବ। ୫ ଶହରୁ ଊର୍ଦ୍ଧ୍ୱ ଦୀପ ଦାନ କରାଯିବ ବୋଲି ସମିତି ସଭାପତି ପ୍ରସନ୍ନ ସ୍ୱାଇଁ କହିଛନ୍ତି। ସେହିପରି ଭସାଣି ଶୋଭାଯାତ୍ରାରେ ବଲାଙ୍ଗୀର ଦୁଲ୍‌ଦୁଲି, ସିଂହବାଜା, ଘଣ୍ଟ, ଘୋଡ଼ାନାଚ ଆଦି ସାମିଲ ହେବ। ଚଳିତବର୍ଷ ଅନୁଷ୍ଠାନ ୭୫ତମ ପୂଜା ଆୟୋଜନ କରୁଥିବାରୁ ବରିଷ୍ଠ ମୁରବିଙ୍କୁ ଏକାଠି କରାଯିବା ସହ ସେମାନଙ୍କୁ ସମ୍ବର୍ଦ୍ଧିତ କରାଯିବ ବୋଲି ସମ୍ପାଦକ ପ୍ରଶାନ୍ତ ସମର୍ଥା ଏବଂ ଉପଦେଷ୍ଟା ସନନ୍ତ ମିଶ୍ର କହିଥିଲେ। ଅନ୍ୟମାନଙ୍କ ମଧ୍ୟରେ କୋଷାଧ୍ୟକ୍ଷ ସୁବାସ ଦାଶ, ସୁନୀଲ ପ୍ରଧାନ, ଲିଙ୍ଗରାଜ ସାହୁ, ରମେଶ ସାହୁ, ଗୌରୀ ଖଟେଇ, ବାବୁ ଖୁଣ୍ଟିଆ ଏବଂ ସୁବାସ ବାରିକ୍ ପ୍ରମୁଖ ଉପସ୍ଥିତ ଥିଲେ।

# କାଦମ୍ବିନୀର ଶାରଦୀୟ ବନ୍ଧୁ ମିଳନ

ଭୁବନେଶ୍ୱର,୯।୧୦(ଶର୍ମିଷ୍ଠା ପାଣିଗ୍ରାହୀ)

ପାରିବାରିକ ପତ୍ରିକା ‘କାଦମ୍ବିନୀ’ ପକ୍ଷରୁ ଶାରଦୀୟ ବନ୍ଧୁ ମିଳନ କାର୍ଯ୍ୟକ୍ରମ ବୁଧବାର କିସ୍ ଶ୍ରୀ ଜଗନ୍ନାଥ ମନ୍ଦିର ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ସାହିତ୍ୟ, ସଂସ୍କୃତି ସମେତ ବିଭିନ୍ନ କ୍ଷେତ୍ରରୁ ୫ଶହରୁ ଊର୍ଦ୍ଧ୍ୱ ବିଶିଷ୍ଟ ବ୍ୟକ୍ତି ଯୋଗଦେଇଥିଲେ। ‘କାଦମ୍ବିନୀ’ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ସ୍ୱାଗତ ଭାଷଣ ଦେଇ କହିଲେ, କାଦମ୍ବିନୀ ପ୍ରତିବର୍ଷ କବି ଓ ସାହିତ୍ୟିକଙ୍କୁ ନେଇ ଶାରଦୀୟ ବନ୍ଧୁ ମିଳନ କରିଥାଏ । ଏହା ବ୍ୟତୀତ ଓଡ଼ିଆ ଭାଷା, ସାହିତ୍ୟର ପ୍ରଚାର ପ୍ରସାର ଓ ଉନ୍ନତି ଦିଗରେ ‘କାଦମ୍ବିନୀ’ ବିଭିନ୍ନ କାର୍ଯ୍ୟକ୍ରମ ଆୟୋଜନ କରିଆସୁଛି। କାର୍ଯ୍ୟକ୍ରମରେ ବିଶିଷ୍ଟ ଜଗନ୍ନାଥ ସଂସ୍କୃତି ଗବେଷକ ଓ ପ୍ରଚାରକ ଡ. ସ୍ୱାମୀ ଚିଦାନନ୍ଦ ମହାରାଜ, ଶ୍ରୀଜଗନ୍ନାଥ ସଂସ୍କୃତି ଗବେଷକ ଡା କୃଷ୍ଣ କେଶବ ଷଡଙ୍ଗୀ, ପାଲା ଗାୟିକା ପ୍ରଜ୍ଞା ରାଉତ ଓ ଶିକ୍ଷାବିତ ଡ. ପ୍ରିତି ପ୍ରତିଭା ଭୋଳ ପ୍ରମୁଖ ଯୋଗଦେଇ ସାହିତ୍ୟ, ସଂସ୍କୃତି ଓ ଆଧ୍ୟାତ୍ମ ଉପରେ ବିଷଦ ଆଲୋଚନା କରିଥିଲେ। ଏହି ଅବସରରେ କାଦମ୍ବିନୀ ଓ କୁନିକଥାର ଶାରଦୀୟ ସ୍ୱତନ୍ତ୍ର ବିଶେଷାଙ୍କ ଉନ୍ମୋଚିତ ହୋଇଥିଲା। ଏଥିରେ ପ୍ରଚ୍ଛଦପଟରେ ସ୍ଥାନ ପାଇଥିବା ଅଭିନେତ୍ରୀ ଶୀତଲ ପାତ୍ରଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। କାଦମ୍ବିନୀ ଓ କୁନିକଥା ସମ୍ପାଦିକା ଡ. ଇତିରାଣୀ ସାମନ୍ତ ସମ୍ପାଦକୀୟ ଅଭିଭାଷଣ ପ୍ରଦାନ କରିଥିବା ବେଳେ ମଞ୍ଚ ପରିଚାଳନା କରିଥିଲେ ଡ. ଶ୍ରୀନିବାସ ଘଟୁଆରୀ।

# ଗୋପବନ୍ଧୁଙ୍କ ଜୀବନୀ ଏକ ଜୀବନ୍ତ ଇତିହାସ




ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଉତ୍ସବରେ ବାଚସ୍ପତି ସୁରମା ପାଢ଼ୀଙ୍କ ସହ ଅନ୍ୟ ଅତିଥିମାନେ।

ଭୁବନେଶ୍ୱର,୯।୧୦(ଶର୍ମିଷ୍ଠା ପାଣିଗ୍ରାହୀ)

## ରାଜ୍ୟସ୍ତରୀୟ ଜୟନ୍ତୀ

ଲୋକସେବା ହିଁ ଥିଲା ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଧର୍ମ। ଗୋପବନ୍ଧୁଙ୍କ ଜୀବନୀ ଏକ ଜୀବନ୍ତ ଇତିହାସ। ସତ୍ୟବାଦୀ ବନବିଦ୍ୟାଳୟରେ ଓଡ଼ିଶାରେ ଶିକ୍ଷା କ୍ଷେତ୍ରରେ ସେ ଯେଉଁ ସଂସ୍କାର ଆଣିଥିଲେ ତାହାର ପ୍ରସଙ୍ଗିକତା ଆଜି ମଧ୍ୟ ଅନୁଭୂତ ହୁଏ ବୋଲି ବାଚସ୍ପତି ସୁରମା ପାଢ଼ୀ କହିଛନ୍ତି। ବୁଧବାର ସୂଚନା ଭବନଠାରେ ସୂଚନା ଓ ଲୋକସମ୍ପର୍କ ବିଭାଗ ପକ୍ଷରୁ ଉତ୍କଳମଣିଙ୍କ ରାଜ୍ୟସ୍ତରୀୟ ଜୟନ୍ତୀ ଅନୁଷ୍ଠିତ ହୋଇଥିଲା। ମୁଖ୍ୟ ଅତିଥି ଭାବେ ଯୋଗଦେଇ ବାଚସ୍ପତି କହିଲେ, ଓଡ଼ିଆ ସାହିତ୍ୟକୁ ଗୋପବନ୍ଧୁଙ୍କ ଦାନ ଅତୁଳନୀୟ। ତାଙ୍କ ସୃଷ୍ଟି ସମ୍ଭାରର ଆଧାର ହେଲା ଜାତୀୟ ସଂସ୍କୃତିର ଅଭିବ୍ୟକ୍ତି। ତାଙ୍କ ଜୀବନ ଓ ଆଦର୍ଶ ଆଜିର ଯୁବପିଢ଼ିଙ୍କ ପାଇଁ ପ୍ରେରଣାର ସ୍ରୋତ। ସମ୍ମାନିତ ଅତିଥି ଭାବେ ସତ୍ୟବାଦୀ ବିଧାୟକ ଓମ୍ ପ୍ରକାଶ ମିଶ୍ର କହିଲେ, ସତ୍ୟବାଦୀ ଯୁଗର ପ୍ରବର୍ତ୍ତକ ପଣ୍ଡିତ ଗୋପବନ୍ଧୁ ସ୍ୱତନ୍ତ୍ର ଉତ୍କଳ ପ୍ରଦେଶ ଗଠନଠାରୁ ଆରମ୍ଭ କରି ଭାରତର ସ୍ୱାଧୀନତା ସଂଗ୍ରାମ, ସ୍ୱଦେଶୀ ଆନ୍ଦୋଳନ, ଅସ୍ପୃଶ୍ୟତା ନିବାରଣ, ଶିକ୍ଷା, ସମ୍ପାଦନା ଓ ସାହିତ୍ୟ ଭଳି ପ୍ରତିଟି କ୍ଷେତ୍ରରେ ନିଜର ଅଲିଭା ସ୍ମୃତି ଛାଡ଼ି ଯାଇଛନ୍ତି। ଗୋପବନ୍ଧୁଙ୍କ ଜୀବନ କାହାଣୀ ଥିଲା ତ୍ୟାଗର ଅମଳିନ ମହାସ୍ରୋତ। ମୁଖ୍ୟବକ୍ତା ଭାବେ ଶିକ୍ଷାବିତ୍ ଡ. ପୂର୍ଣ୍ଣଚନ୍ଦ୍ର ମଲ୍ଲିକ ଯୋଗଦେଇ କହିଲେ, ସାକ୍ଷୀଗୋପାଳର ବକୁଳ ଛୁରିଅନା କୁଞ୍ଜରେ ଯେଉଁ ମୁକ୍ତ ବିଦ୍ୟାଳୟ ଆରମ୍ଭ ହୋଇଥିଲା, ତାହା କେବଳ ଶିକ୍ଷା ନୁହେଁ ବରଂ ତାହାଥିଲା ସାଂସ୍କୃତିକ ଜାଗରଣର ପୀଠ। ତାଙ୍କ ଜୀବନ ଓଡ଼ିଆ ଜାତିର ଇତିହାସରେ ଗୋଟିଏ ମହିମାନ୍ୱିତ ଅଧ୍ୟାୟ। ବିଭାଗର ନିର୍ଦ୍ଦେଶକ ସରୋଜ କୁମାର ସାମଲ କାର୍ଯ୍ୟକ୍ରମରେ ସଭାପତିତ୍ୱ କରି କହିଲେ, ସ୍ୱାଧୀନଚେତା ପଣ୍ଡିତ ଗୋପବନ୍ଧୁ ଥିଲେ ମାନବବାଦର ସର୍ବଶ୍ରେଷ୍ଠ ଅଗ୍ରଦୂତ। ଶିକ୍ଷାର ପ୍ରସାର ସହ ଆଧୁନିକ ସାମ୍ବାଦିକତାର ବୀଜ ବପନ କରିଥିଲେ ଗୋପବନ୍ଧୁ। ସାହିତ୍ୟ, ସଂସ୍କୃତିର ପ୍ରଚାର ପାଇଁ ସେ ବହୁ କାର୍ଯ୍ୟ କରିଯାଇଛନ୍ତି। ବିଭାଗର ବୈଷୟିକ ନିର୍ଦ୍ଦେଶକ ସୁରେନ୍ଦ୍ରନାଥ ପରିଡ଼ା ଧନ୍ୟବାଦ ଅର୍ପଣ କରିଥିଲେ। ଉପନିର୍ଦ୍ଦେଶକ ସୁଚେତା ପ୍ରିୟଦର୍ଶିନୀ କାର୍ଯ୍ୟକ୍ରମ ସଂଯୋଜନା କରିଥିବାବେଳେ ଅତିରିକ୍ତ ନିର୍ଦ୍ଦେଶକ ସନ୍ତୋଷ କୁମାର ଦାସ, ଉପନିର୍ଦ୍ଦେଶକ ଦୀପ୍ତିମୟୀ ମହାପାତ୍ର ପ୍ରମୁଖ ଉପସ୍ଥିତ ଥିଲେ।

# ଖଣ୍ଡଗିରି ଥାନାରେ ପୋଲିସ-ଯୁବତୀ ମୁହାଁମୁହିଁ

## ଭିଡିଓ ଭାଇରାଲ

ଭୁବନେଶ୍ୱର,୯।୧୦(ସୂର୍ଯ୍ୟକାନ୍ତ ବେହେରା)

ଖଣ୍ଡଗିରି ଥାନା ପରିସରରେ ଜଣେ ଯୁବତୀଙ୍କ ସହ ପୋଲିସର ଯୁକ୍ତିତର୍କ ହୋଇଛି। ଯୁବତୀ ଜଣଙ୍କ ପୋଲିସ ସହ ଯୁକ୍ତିତର୍କ କରୁଥିବାର ଭିଡିଓ ଭାଇରାଲ ହେଉଛି । ତାଙ୍କ ଅଜବ ଯୁକ୍ତିରେ ପୋଲିସ କର୍ମଚାରୀଙ୍କୁ ନାକେଦମ ହେବାକୁ ପଡ଼ିଛି। ପାଖରେ ପାଣି ବୋତଲ ଥିବା ସତ୍ତ୍ୱେ ଯୁବତୀଜଣଙ୍କ ପାଣି ବୋତଲ ଠିପି ଖୋଲି ତାଙ୍କୁ ଦେବାକୁ ଥାନାର ଜଣେ ସବ୍‌ଇନ୍‌ସ୍ପେକ୍ଟର(ଏସଆଇ)ଙ୍କୁ କହିଥିଲେ। ହେଲେ ଏସ୍‌ଆଇ ମନା କରିବାରୁ ଯୁବତୀ ଜଣଙ୍କ ରାଗରେ ପାଣି ବୋତଲକୁ ଫିଙ୍ଗିବା ସହ ଚେୟାର ଫୋପାଡ଼ି ଦେଇଛନ୍ତି। ଏପରିକି ଯୁବତୀ ଜଣଙ୍କ ଉକ୍ତ ସବ ଇନ୍‌ସ୍ପେକ୍ଟରଙ୍କ ପୋଷାକ ଓ ତାଙ୍କ ମୁଣ୍ଡକୁ ହାତ ମାରି ଓଲଟା ଦୁର୍ବ୍ୟବହାର କରୁଥିବା ଭିଡିଓରେ ଦେଖିବାକୁ ମିଳୁଛି। ତେବେ ଏନେଇ ଖଣ୍ଡଗିରି ଥାନା ଆଇଆଇସି ଅଭିମନ୍ୟୁ ଦାସଙ୍କୁ ପଚାରିବାରେ ଗତ ୬ତାରିଖ ରାତି ପ୍ରାୟ ସାଢ଼େ୧୨ଟାରେ ଜଣେ ଯୁବତୀ ଥାନାକୁ ଆସି ତାଙ୍କୁ ପୁରୁଷ ବନ୍ଧୁ ନିଖୋଜ ଥିବା କହି, ତାଙ୍କୁ ଖୋଜି ଆଣିବାକୁ ପୋଲିସକୁ ବାଧ କରିଥିଲେ। ଏପରି କି ଏହି ସମୟରେ ପୋଲିସ ସହ ବିଭିନ୍ନ ଯୁକ୍ତି କରିବା ସହ ଥାନାରେ ଅପ୍ରୀତିକର ପରିସ୍ଥିତି ସୃଷ୍ଟି କରିଥିଲେ। ପରେ ଉକ୍ତ ଯୁବତୀଙ୍କ ନାମରେ ଏକ ଷ୍ଟେଶନ ଡାଏରୀ କରି ତାଙ୍କୁ ଛଡ଼ା ଯାଇଥିଲା ବୋଲି ଦାସ କହିଛନ୍ତି।

# ଉତ୍କଳମଣି ସେବା ସଙ୍ଗଠନ ପକ୍ଷରୁ ଗୋପବନ୍ଧୁ ଜୟନ୍ତୀ

ତ୍ରିଶୂଳିଆ,୯।୧୦(ତୁଷାରକାନ୍ତ ବେହେରା)

ଉତ୍କଳମଣି ସେବା ସଙ୍ଗଠନ ବାରଙ୍ଗ ଆନୁକୂଲ୍ୟରେ ତ୍ରିଶୂଳିଆ ବଜାର ନୂଆ ବସ୍‌ଷ୍ଟାଣ୍ଡଠାରେ ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ସଙ୍ଗଠନ ସଭାପତି ସଦାନନ୍ଦ ପାଳ ଏଥିରେ ସଭାପତିତ୍ୱ କରିଥିଲେ। ମୁଖ୍ୟ ଅତିଥି ଭାବେ ବାରଙ୍ଗ ଶାନ୍ତି କମିଟି ସାଧାରଣ ସମ୍ପାଦକ ସୁରେଶ ମହାନ୍ତି, ମୁଖ୍ୟବକ୍ତା ଭାବେ ଅନ୍ତର୍ଜାତୀୟ ଯାଦବ ଯୁବ ମହାସଭା ଓଡ଼ିଶା ଶାଖା ସଭାପତି ପ୍ରଦୀପ ବେହେରା ଯୋଗଦେଇ ସେବା ମନୋବୃତି ସହିତ ଗୀତା ଓ ଶାସ୍ତ୍ର ଅଧ୍ୟୟନ କରିବାକୁ ପରାମର୍ଶ ଦେଇଥିଲେ। ଗୋପବନ୍ଧୁଙ୍କ ନିସ୍ୱାର୍ଥପର ମାନବ ସେବା, ଜାତି ପ୍ରେମ ସମ୍ପର୍କରେ ଅତିଥିମାନେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ବେଲଗଛିଆ ଗ୍ରାମ ପଞ୍ଚାୟତ ପୂର୍ବତନ ସରପଞ୍ଚ ସନ୍ତୋଷ ପାଣି, ଅନ୍ୟତମ ଅତିଥି ଭାବେ ସାମାଜିକ କର୍ମୀ ହାଡ଼ିବନ୍ଧୁ ରାଉତ ଯୋଗଦେଇଥିଲେ। ସଂଯୋଜକ ସମ୍ବିତ ବେହେରା ଧନ୍ୟବାଦ ଦେଇଥିଲେ। ସଙ୍ଗଠନ ଉପଦେଷ୍ଟା ଭାସ୍କର ପ୍ରଧାନ କାର୍ଯ୍ୟକ୍ରମକୁ ସଞ୍ଚାଳନ କରିଥିଲେ। ମୁଖ୍ୟ ଅତିଥି ଉତ୍କଳମଣୀ ସେବା ସଙ୍ଗଠନକୁ ତାଙ୍କ ମହନୀୟ କାର୍ଯ୍ୟ ପାଇଁ ଉତ୍ତରୀୟ ଦେଇ ସମ୍ବର୍ଦ୍ଧିତ କରିଥିଲେ। ସେହିପରି ବାରଙ୍ଗ ନରଣପୁରସ୍ଥିତ ଆଞ୍ଚଳିକ ପ୍ରେସ୍ କ୍ଲବ କାର୍ଯ୍ୟାଳୟରେ କ୍ଲବ ସଭାପତି ମହେନ୍ଦ୍ର ବେଉରା, କାର୍ଯ୍ୟକାରୀ ସଭାପତି ଜଗନ୍ନାଥ ଭଞ୍ଜ, ସମ୍ପାଦକ ରୁଦ୍ର ନାରାୟଣ ଷଡ଼ଙ୍ଗୀ, ସହସମ୍ପାଦକ ମନୋଜ ସ୍ୱାଇଁ, ଉପସଭାପତି ପ୍ରଶାନ୍ତ ସାହୁ, କୋଷାଧ୍ୟକ୍ଷ ପ୍ରବୀଣ ପ୍ରଧାନ, ଉପଦେଷ୍ଟା-ଗୌରାଙ୍ଗ ଚରଣ ରାଉତ, ସନ୍ତୋଷ ପାଣି ଓ ବିକାଶ ବେହେରା, ସନ୍ତୋଷ ମଲିକ, ତୁଷାରକାନ୍ତ ବେହେରା, ଦୁଷ୍ମନ୍ତ ଜେନା ପ୍ରମୁଖ ଯୋଗଦେଇ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟାର୍ପଣ କରି ସ୍ମୃତି ଚାରଣ କରିଥିଲେ।



ନୃତ୍ୟାଞ୍ଜଳି ପକ୍ଷରୁ ବୁଧବାର ନୂଆଦିଲ୍ଲୀସ୍ଥିତ ଲଜପତ ଭବନଠାରେ ଅନୁଷ୍ଠିତ ଓଡ଼ିଶୀ ନୃତ୍ୟ ଉତ୍ସବରେ ଅତିଥିଙ୍କ ଗହଣରେ ନୃତ୍ୟଶିଳ୍ପୀମାନେ।

# ନୃତ୍ୟାଞ୍ଜଳିର ଓଡ଼ିଶୀ ନୃତ୍ୟ ଉତ୍ସବ

ଭୁବନେଶ୍ୱର,୯।୧୦(ଶର୍ମିଷ୍ଠା ପାଣିଗ୍ରାହୀ)

ନୃତ୍ୟାଞ୍ଜଳି ଅନୁଷ୍ଠାନ ପକ୍ଷରୁ ନୂଆଦିଲ୍ଲୀସ୍ଥିତ ଲଜପତ ଭବନ ଅଡିଟୋରିୟମଠାରେ ନୃତ୍ୟାଙ୍ଗନା ଓଡ଼ିଶୀ ନୃତ୍ୟ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏହି ସାଂସ୍କୃତିକ ସନ୍ଧ୍ୟାରେ ଅନୁଷ୍ଠାନର ନୃତ୍ୟଶିଳ୍ପୀଙ୍କ ଦ୍ୱାରା ମୁକାରୀ ପଲ୍ଲବୀ ପରିବେଷିତ ହୋଇଥିଲା। ଭଦ୍ରକ ମନ୍ଦିରା ନୃତ୍ୟ ଅନୁଷ୍ଠାନର ଗୁରୁ ଶ୍ୱେତପଦ୍ମା ଦାସ ବେହେରା ଓ ସାଥୀଙ୍କ ଦ୍ୱାରା ଦେବୀ ବନ୍ଦନା ଏବଂ ସଜକୁଞ୍ଜ ନୟନା ଦଳ ନୃତ୍ୟ ପରିବେଷଣ କରାଯାଇଥିଲା। କଟକର ନାଟସୂତ୍ର ଅନୁଷ୍ଠାନର ଗୁରୁ ସୁଜ୍ଞାନୀ ମହାପାତ୍ରଙ୍କ ଦ୍ୱାରା ଶିବ ସ୍ତୋତ୍ରମ ଅଭିନୟ ଓ ଶିଷ୍ୟାଙ୍କ ଦ୍ୱାରା ମେଙ୍ଗ ପଲ୍ଲବୀ, ଗୁରୁ ରୁବି ହାତୀଙ୍କ ପକ୍ଷରୁ ଅଷ୍ଟପଦୀ ହରିରିହ ଅଭିନୟ ଓ ସଞ୍ଜନୀ ଚଟ୍ଟୋପଧ୍ୟାୟଙ୍କ ଦ୍ୱାରା ଆହେ ନୀଳ ଶୈଳ ଅଭିନୟ ମଞ୍ଚକୁ ମୁଖରିତ କରିଥିଲା। ଅତିଥି ଭାବେ ଆଇଏଫ୍‌ଏସ୍ ଅଫିସର ଅମରେନ୍ଦ୍ର ଖଟୁଆ, ଆର୍‌ପିଏଫ୍ ଡ. ସଞ୍ଜୀବ ପାଟଯୋଶୀ, ଗୁରୁ ବାନୀ ମାଧବ, ଆମ୍ବେଦକର ଫାଉଣ୍ଡେଶନର ପ୍ରତିଷ୍ଠାତା ଡ. ଦେବେନ୍ଦ୍ର ମାଝୀ ଓ ରାଜେଶ ଶର୍ମା ଯୋଗଦେଇଥିଲେ। ଅନୁଷ୍ଠାନର ପ୍ରତିଷ୍ଠାତା ଗୁରୁ ସମାରୁ ମେହେର କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

# କୁଆଁର ପୂନେଇଁ ନୃତ୍ୟ ଉତ୍ସବ

ଭୁବନେଶ୍ୱର,୯।୧୦(ଶର୍ମିଷ୍ଠା ପାଣିଗ୍ରାହୀ)

ନୃତ୍ୟାୟନ ଅନୁଷ୍ଠାନ ପକ୍ଷରୁ ବୁଧବାର ରବୀନ୍ଦ୍ର ମଣ୍ଡପଠାରେ କୁଆଁର ପୂନେଇଁ ନୃତ୍ୟ ଉତ୍ସବ ପାଳିତ ହୋଇଯାଇଛି। ଉତ୍ସବରେ ଅତିଥି ଭାବେ ଆଇପିଏସ୍ ଅଫିସର ଡ. ଲଳିତ ଦାସ, ଓଡିଶୀ ନୃତ୍ୟ ଗୁରୁ ଡ. ସ୍ନେହାପ୍ରଭା ସାମନ୍ତରାୟ, ବିଶିଷ୍ଟ ମର୍ଦ୍ଦଳ ଗୁରୁ ଧନେଶ୍ୱର ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ଅନୁଷ୍ଠାନର ସଭାପତି ଇଂ. ରାଧାଶ୍ୟାମ ପାତ୍ରଙ୍କ ସଭାପତିତ୍ୱରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରତିଷ୍ଠାତା ତଥା ଓଡିଶୀ ନୃତ୍ୟ ଗୁରୁ ଦୁର୍ଗା ଚରଣ ରଣବୀର ବକ୍ତବ୍ୟ ପ୍ରଦାନ କରିଥିଲେ। ଏହି ଅବସରରେ ଚଳିତବର୍ଷ ଭୁବନେଶ୍ୱର ଦୂରଦର୍ଶନର ବି ଏବଂ ବି ହାଇଗ୍ରେଡ୍ ସ୍ୱୀକୃତି ପାଇଥିବା ଅନୁଷ୍ଠାନର ୧୫ଜଣ ପ୍ରତିଭାବାନ ନୃତ୍ୟ ଶିଳ୍ପୀଙ୍କୁ ସମ୍ମାନିତ କରାଯାଇଥିଲା। ଗୁରୁ ରଣବୀରଙ୍କ ନୃତ୍ୟ ସଂଯୋଜନା ଏବଂ ନିର୍ଦ୍ଦେଶନାରେ ପରିବେଷଣ ହୋଇଥିଲା ଦଳଗତ ଓଡିଶୀ ନୃତ୍ୟାଭିନୟ ଚନ୍ଦ୍ର। ନୃତ୍ୟାୟନର ଅଭିଜ୍ଞ ନୃତ୍ୟଶିଳ୍ପୀଙ୍କ ଉଚ୍ଚକୋଟୀର ନୃତ୍ୟ ପରିବେଷଣ ଦର୍ଶକଙ୍କୁ ବିମୋହିତ କରିଥିଲା। ପରବର୍ତ୍ତୀ ପର୍ଯ୍ୟାୟରେ ଓଡ଼ିଆ ସଂସ୍କୃତି ଓ ପରମ୍ପରାରୁ ସୃଷ୍ଟି ‘ବାର ମାସରେ ତେର ପର୍ବ’ ସମୂହକୁ ଚମତ୍କାର ଭାବେ ଦଳଗତ ନୃତ୍ୟ ମାଧ୍ୟମରେ ପରିବେଷଣ କରାଯାଇଥିଲା। ଶେଷ ପର୍ଯ୍ୟାୟରେ କୁନି ନୃତ୍ୟାଙ୍ଗନାଙ୍କ ବିଭିନ୍ନ ଲୋକ ନୃତ୍ୟ ସାଂସ୍କୃତିକ ସନ୍ଧ୍ୟାକୁ ରଙ୍ଗୀନ ଓ ସରଗରମ କରିଥିଲା। ଉତ୍ସବ ମୁଖ୍ୟ ସଙ୍ଗଠକ ଧୀରେନ୍ଦ୍ର ପଟ୍ଟନାୟକ ଧନ୍ୟବାଦ ଅର୍ପଣ କରିଥିଲେ।




ରବୀନ୍ଦ୍ର ମଣ୍ଡପଠାରେ କୁଆଁର ପୂନେଇଁ ନୃତ୍ୟୋତ୍ସବରେ କୁନି ଶିଳ୍ପୀମାନେ ନୃତ୍ୟ ପରିବେଷଣ କରୁଛନ୍ତି।

# ଉତ୍ତର ରେଳପଥ ଚାମ୍ପିୟନ, ଦକ୍ଷିଣ ରେଳପଥ ରନର ଅପ୍

## ସର୍ବଭାରତୀୟ ଇଣ୍ଟର ରେଲ୍‌ୱେ ଆର୍‌ପିଏଫ୍ ହକି ଚାମ୍ପିୟନଶିପ୍ ଉଦ୍‌ଯାପିତ

ଭୁବନେଶ୍ୱର,୯।୧୦(ଅନୁରାଧା ମହାରଣା)




ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲଙ୍କଠାରୁ ଚାମ୍ପିୟନ ଟ୍ରଫି ଗ୍ରହଣ ଅବସରରେ ସହ ବିଜେତା ଟିମ୍।

ପୂର୍ବତଟ ରେଳପଥର ଖୋର୍ଦ୍ଧା ରୋଡ୍ ଡିଭିଜନ ପକ୍ଷରୁ କିଟ୍ ହକି ଷ୍ଟାଡିୟମ୍‌ରେ ଚାଲିଥିବା ୩୦ତମ ସର୍ବଭାରତୀୟ ଇଣ୍ଟର ରେଲ୍‌ୱେ ଆର୍‌ପିଏଫ୍ ହକି ଚାମ୍ପିୟନଶିପ୍ ବୁଧବାର ଉଦ୍‌ଯାପିତ ହୋଇଯାଇଛି। ଏହି ୪ ଦିନିଆ ଟୁର୍ନାମେଣ୍ଟରେ ବିଭିନ୍ନ ଜୋନାଲ ରେଳପଥ ଏବଂ ଭାରତୀୟ ରେଳପଥର ଉତ୍ପାଦନ ୟୁନିଟ୍ ଟିମ୍ ଅଂଶଗ୍ରହଣ କରିଥିଲେ। ରୋମାଞ୍ଚକର ଫାଇନାଲ ମ୍ୟାଚ୍‌ରେ ଦକ୍ଷିଣ ରେଳପଥକୁ ୩-୧ ଗୋଲରେ ହରାଇ ଉତ୍ତର ରେଳପଥ ଚାମ୍ପିୟନ ମୁକୁଟ ପିନ୍ଧିଥିବାବେଳେ ଦକ୍ଷିଣ ରେଳପଥ ରନର ଅପ୍ ଟ୍ରଫି ହାସଲ କରିଛି। ବ୍ୟକ୍ତିଗତସ୍ତରରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ଉତ୍ତର ରେଳପଥର ବିନୋଦ କୁମାର ପ୍ଲେୟର ଅଫ୍ ଦି ମ୍ୟାଚ୍ ଓ ସମଗ୍ର ଇଭେଣ୍ଟରେ କ୍ରମାଗତ ଉତ୍କର୍ଷ ପାଇଁ ଦକ୍ଷିଣ ରେଳପଥର ଗୋଲ୍‌କିପର ଅମଲଦଶ ପି.ଏମ୍.ଙ୍କୁ ପ୍ଲେୟର ଅଫ୍ ଟୁର୍ନାମେଣ୍ଟ ଭାବେ ସମ୍ମାନିତ କରାଯାଇଥିଲା। ଉଦ୍‌ଯାପନୀ ସମାରୋହରେ ପୂର୍ବତଟ ରେଳପଥର ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ଖେଳାଳିମାନଙ୍କୁ ଅଭିନନ୍ଦନ ଜଣାଇବା ସହ ସୁରକ୍ଷାକର୍ମୀଙ୍କ କାର୍ଯ୍ୟଦକ୍ଷତା ବୃଦ୍ଧିରେ କ୍ରୀଡା ଓ ଶାରୀରିକ ସୁସ୍ଥତା ଗୁରୁତ୍ୱପୂର୍ଣ୍ଣ ବୋଲି କହିଥିଲେ। ଆର୍‌ପିଏଫ୍‌ର ପ୍ରମୁଖ ସୁରକ୍ଷା ଆୟୁକ୍ତ ଆଲୋକ ବେହେରାଙ୍କ ଉପସ୍ଥିତିରେ ଫୁଙ୍କୱାଲ ବିଜେତା ଦଳକୁ ଚାମ୍ପିୟନ୍‌ଶିପ ଟ୍ରଫି ପ୍ରଦାନ କରିଥିଲେ। ଏହି ଟୁର୍ନାମେଣ୍ଟରେ ଅଂଶଗ୍ରହଣ କରିଥିବା ୮ ଦଳ ହେଲା ଉତ୍ତର ରେଳପଥ (ନୂଆଦିଲ୍ଲୀ), ଦକ୍ଷିଣ ପୂର୍ବ ରେଳପଥ (କୋଲକାତା), ପଶ୍ଚିମ ରେଳପଥ (ମୁମ୍ବାଇ), ଉତ୍ତର ପୂର୍ବ ରେଳପଥ (ଗୋରଖପୁର), ଦକ୍ଷିଣ ରେଳପଥ (ଚେନ୍ନାଇ), ପଶ୍ଚିମ କେନ୍ଦ୍ରୀୟ ରେଳପଥ (ଜବଲପୁର), କେନ୍ଦ୍ରୀୟ ରେଳପଥ (ମୁମ୍ବାଇ) ଏବଂ ରେଳ ସୁରକ୍ଷା ସ୍ୱତନ୍ତ୍ର ବଳ (ଆର୍‌ପିଏସ୍‌ଏଫ୍)। ପୂର୍ବତଟ ରେଳପଥର ଅତିରିକ୍ତ ମହାପ୍ରବନ୍ଧକଙ୍କ ସହ ମୁଖ୍ୟାଳୟ ଏବଂ ଖୋର୍ଦ୍ଧା ରୋଡ୍ ରେଲ୍‌ୱେ ଡିଭିଜନର ବରିଷ୍ଠ ରେଳ ଅଧିକାରୀମାନେ ଉପସ୍ଥିତ ଥିଲେ।



ଷୋଳପୂଜା ଅବସରରେ କଟକଚଣ୍ଡୀଙ୍କ ବଗଳାମୁଖୀ ବେଶ ।



ମା' ଗଡ଼ଚଣ୍ଡୀଙ୍କ ମହାସରସ୍ୱତୀ । ବେଶ ।



ମା'ଝାଞ୍ଜିରୀ ମଙ୍ଗଳାଙ୍କ ମହାସରସ୍ୱତୀ ବେଶ ।



ମା'ବାସନ୍ତୀ ଦୁର୍ଗାଙ୍କ କନକ ଦୁର୍ଗା ବେଶ ।



ପିଠାପୁର ମା' ଧାକୁଲେଇଙ୍କ ମହାକାଳୀ ବେଶ ।



ତିଗିରିଆ ହାଟମାଳ ଦୁର୍ଗା ଦେବୀଙ୍କ ଭୈରବୀ ବେଶ ।



ବିନ୍ଧାଣିମା ବୁଢ଼ୀମଙ୍ଗଳାଙ୍କ ନାରାୟଣୀ ବେଶ ।



ମା' ଚର୍ଚ୍ଚିକାଙ୍କ ମହାସପ୍ତମୀ ବେଶ ।



ସାଲେପୁର ବଟେଶ୍ୱର ମା' ଭଗବତୀଙ୍କ ଚନ୍ଦ୍ରଘଣ୍ଟା ବେଶ ।



ବଡ଼ମ୍ବା ମା'ଭଟ୍ଟାରିକାଙ୍କ ବଗଳାମୁଖୀ ବେଶ ।




ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ଅବସରରେ କଟକ ବକ୍ସିବଜାରସ୍ଥିତ ଗୋପବନ୍ଧୁ ପାର୍କ ପରିସରରେ ଥିବା ପ୍ରତିମୂର୍ତ୍ତି ନିକଟରେ ଏଆଇଡିଏସ୍‌ଓ ଏବଂ ଅନ୍ୟ ସଙ୍ଗଠନ ପକ୍ଷରୁ ଶ୍ରଦ୍ଧାଞ୍ଜଳି ଅର୍ପଣ ।

## ହୃଦ୍‌ଘାତରେ କର୍ପୋରେଟରଙ୍କ ପରଲୋକ

**କଟକ,୯।୧୦ (କାର୍ତ୍ତିକ ସାହୁ):** କଟକ ମହାନଗର ନିଗମ (ସିଏମ୍‌ସି) ୨୧ ନମ୍ବର ୱାର୍ଡର କର୍ପୋରେଟର ଅଶୋକ ଶର୍ମାଙ୍କର ହୃଦ୍‌ଘାତରେ ପରଲୋକ ହୋଇଯାଇଛି। ନୂଆଦିଲ୍ଲୀରୁ ତାଙ୍କ ମରଶରୀର ଆସି ବାସଭବନରେ ପହଞ୍ଚିବା ପରେ ବହୁ ବିଶିଷ୍ଟ ବ୍ୟକ୍ତି ଓ ରାଜନେତା ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ପରେ ତାଙ୍କ ମରଶରୀରକୁ ଶୋଭାଯାତ୍ରାରେ ନିଆଯାଇ ଖାନ୍‌ନଗର ଶ୍ମଶାନରେ ସତ୍କାର କରାଯାଇଥିଲା। ସୂଚନାଯୋଗ୍ୟ, ଅଶୋକ ଜଣେ ଯୁବ ସାମାଜିକ କର୍ମୀ, ସଫଳ କୁସ୍ତି ବିଶାରଦ ଭାବେ ଓଡ଼ିଶାରୁ ପ୍ରତିନିଧିତ୍ୱ କରି ବ୍ରୋଞ୍ଜ ପଦକ ହାସଲ କରିବା ସହ ଓଡ଼ିଶାର ନାମକୁ ଶୀର୍ଷରେ ପହଞ୍ଚାଇଥିଲେ। ସେ ୨୦୦୯ ଓ ୨୦୨୨ ମସିହାରେ ସିଏମ୍‌ସିର ୨୧ ନମ୍ବର ୱାର୍ଡରୁ କର୍ପୋରେଟର ଭାବେ ପ୍ରତିଦ୍ୱନ୍ଦ୍ୱିତା କରି ନିର୍ବାଚିତ ହୋଇଥିଲେ। ନୟାସଡ଼କର ବ୍ୟବସାୟୀ ସ୍ୱର୍ଗତ ହେମରାଜ ଶର୍ମା ଓ ସାବିତ୍ରୀ ଶର୍ମାଙ୍କ ୪ର୍ଥ ପୁତ୍ର ଭାବେ ସେ କୋଳ ମଣ୍ଡନ କରିଥିଲେ। ସ୍ୱର୍ଗତ ଶର୍ମା ମାରୱାଡ଼ି ପଞ୍ଚି ପୂଜା କମିଟି ସମ୍ପାଦକ ଭାବେ ମଧ୍ୟ ଦାୟିତ୍ୱ ତୁଲାଇଥିଲେ।



# ଦଶଭୁଜା ଗୋଟିପୁଅ ନୃତ୍ୟରେ ଦର୍ଶକ ବିଭୋର



ମହୋତ୍ସବରେ କଳାକାରଙ୍କ ଦ୍ୱାରା ଗୋଟିପୁଅ ନୃତ୍ୟ ପରିବେଷଣ କରାଯାଉଛି ।



ଯୋଗଦେଇଥିବା ଅତିଥିମାନେ ।

### ୨୩ତମ ଭଟ୍ଟାରିକା ମହୋତ୍ସବ ଉଦ୍‌ଘାଟିତ

**ବଡ଼ମ୍ବା, ୯।୧୦(ମାୟାଧର ମଲ୍ଲିକ)**

କଟକ ଜିଲା ଅନ୍ତର୍ଗତ ବଡ଼ମ୍ବାର ଅଧିଷ୍ଠାତ୍ରୀ ଦେବୀ ମା' ଭଟ୍ଟାରିକାଙ୍କ ପୀଠରେ ୨୩ତମ ଭଟ୍ଟାରିକା ମହୋତ୍ସବ ବୁଧବାର ଉଦ୍‌ଘାଟିତ ହୋଇଯାଇଛି। ସ୍ଥାନୀୟ ଅଞ୍ଚଳର କଳାକାରମାନେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। ପୁରୀର ଦଶଭୁଜା ଗୋଟିପୁଅ ନୃତ୍ୟ, ଅସୀମା ପଣ୍ଡା ଓ ସାଥୀ କଳାକାରଙ୍କ ନୃତ୍ୟ, ସଙ୍ଗୀତରେ ଦର୍ଶକ ବିଭୋର ହୋଇଥିଲେ।

ମହୋତ୍ସବରେ ମୁଖ୍ୟ ଅତିଥି ଭାବେ ରାଜ୍ୟ ଖାଦ୍ୟ ଯୋଗାଣ ମନ୍ତ୍ରୀ କୃଷ୍ଣଚନ୍ଦ୍ର ପାତ୍ର ଯୋଗଦେଇ ବଡ଼ମ୍ବା ମାଟି ତଥା ଭଟ୍ଟାରିକା ମହୋତ୍ସବର ମାହାତ୍ମ୍ୟ ପ୍ରତିପାଦନ କରିଥିଲେ। ମହୋତ୍ସବର ମୁଖ୍ୟ ପୁରୋଧା ଭାବେ ବଡ଼ମ୍ବା ବିଧାୟକ ବିଜୟ କୁମାର ଦଳବେହେରା ଯୋଗଦେଇ ଥିଲେ। ସମ୍ମାନିତ ଅତିଥି ଭାବେ ଖଣ୍ଡପଡ଼ା ବିଧାୟକ ଦୁଷ୍ମନ୍ତ କୁମାର ସ୍ୱାଇଁ, ବୌଦ୍ଧ ବିଧାୟକ ତଥା ମୁଖ୍ୟ ସଚେତକ ସରୋଜ କୁମାର ପ୍ରଧାନ, ବଡ଼ମ୍ବା ପଞ୍ଚାୟତ ସମିତି ପୂର୍ବତନ ଅଧ୍ୟକ୍ଷ ବିଭୁଦତ୍ତ ପଟ୍ଟନାୟକ, କର୍ମକର୍ତ୍ତା ସନ୍ତୋଷ କୁମାର ବେହେରା ପ୍ରମୁଖ ଯୋଗଦେଇଥିଲେ। ଭଟ୍ଟାରିକା ଆଞ୍ଚଳିକ ଉନ୍ନୟନ ପରିଷଦ ସଭାପତି ଭ୍ରମରବର ନାୟକ ପୌରୋହିତ୍ୟ କରିଥିବା ବେଳେ ସମ୍ପାଦକ ଶିକ୍ଷାବିତ୍ ସନାତନ ବେହେରା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଭଟ୍ଟାରିକା ପଞ୍ଚାୟତ ସରପଞ୍ଚ, ସମିତି ସଭ୍ୟ, କରଡ଼ିବନ୍ଧ ସରପଞ୍ଚ ପ୍ରତିନିଧି ସନ୍ତୋଷ ମହାନ୍ତି ଯୋଗଦେଇଥିଲେ। ଶିକ୍ଷକ ଅଶୋକ କୁମାର ଧଳ ଅତିଥି ପରିଚୟ ସହ କାର୍ଯ୍ୟକ୍ରମକୁ ସଂଯୋଜନା କରିଥିଲେ।

## ରାସ୍ତାରେ ଶୌଚ ନେଇ ମହିଳାଙ୍କୁ ନିର୍ଯାତନା, ୫ଗିରଫ

**ସାଲେପୁର,୯।୧୦(ଅରବିନ୍ଦ ଭୂୟାଁ)**

ସର୍ବସାଧାରଣ ରାସ୍ତାରେ ଶୌଚ କରିବା ଘଟଣାରେ ବୁଧବାର ଜଣେ ମହିଳାଙ୍କୁ ଗ୍ରୀଲ୍‌ରେ ବାନ୍ଧି ନିର୍ଯାତନା ଦେବା ଅଭିଯୋଗରେ ସାଲେପୁର ପୋଲିସ ୫ଜଣଙ୍କୁ ଗିରଫ କରିଛି। ସାଲେପୁର ଥାନା ଅନ୍ତର୍ଗତ ନଈଗୁଆଁ ଗ୍ରାମର କବିତା ମହାପାତ୍ର ସର୍ବସାଧାରଣ ରାସ୍ତାରେ ବାରମ୍ବାର ଶୌଚ କରି ଆସୁଥିଲେ। ଏ ନେଇ ଗ୍ରାମବାସୀ ତାଙ୍କୁ ବାରଣ କରୁଥିଲେ ମଧ୍ୟ ସେ ସେମାନଙ୍କ କଥାକୁ ଭ୍ରୂକ୍ଷେପ ନ କରି ନିୟମିତ ଉକ୍ତ ରାସ୍ତାରେ ଶୌଚ କରୁଥିଲେ। ଏହାକୁ ନେଇ ଗ୍ରାମବାସୀଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଥିଲା। ପୂର୍ବଦିନ ଭଳି କବିତା ଉକ୍ତ ସର୍ବସାଧାରଣ ରାସ୍ତାରେ ଶୌଚ କରୁଥିବାବେଳେ ଗ୍ରାମବାସୀ ତାଙ୍କୁ ଧରି ଏକ ଦଉଡ଼ିରେ ବାନ୍ଧି ନିର୍ଯାତନା ଦେଇଥିଲେ। ଏ ସମ୍ପର୍କରେ



କବିତା ଥାନାରେ ଲିଖିତ ଅଭିଯୋଗ କଲା ପରେ ପୋଲିସ ନଂ. ୪୦୧/୨୪ରେ ଏକ ମାମଲା ରୁଜୁ କରିଛି। ଏହି ଘଟଣାରେ ସମ୍ପୃକ୍ତ ଥିବା ଗ୍ରାମର ପ୍ରହ୍ଲାଦ ମଲ୍ଲିକ, ପ୍ରମିଳା ମଲ୍ଲିକ, ହରପ୍ରିୟା ମଲ୍ଲିକ, ସନ୍ଧ୍ୟାରାଣୀ ମଲ୍ଲିକ, ଅଜୟ ମଲ୍ଲିକଙ୍କୁ ଗିରଫ କରାଯାଇଥିବା ଆଇଆଇସି ମନୋଜ କୁମାର ସ୍ୱାଇଁ ପ୍ରକାଶ କରିଛନ୍ତି।

## ଶ୍ରୀସିଂହନାଥ ଦେବ ଗ୍ରାମ୍ୟ ମଙ୍ଗଳ କମିଟି ପକ୍ଷରୁ ସ୍ୱଚ୍ଛତା ଅଭିଯାନ

**ବାଙ୍କୀ,୯।୧୦(ଜ୍ଞାନେନ୍ଦ୍ର ମୋହନ ମିଶ୍ର )**

ଡମପଡ଼ା ବ୍ଲକ ଅନ୍ତର୍ଗତ ସିଂହନାଥପୁର ଗ୍ରାମର ଶ୍ରୀସିଂହନାଥ ଦେବ ଗ୍ରାମ୍ୟ କମିଟିର ସଭାପତି ବିପିନି ବିହାରୀ ସାହୁଙ୍କ ନେତୃତ୍ୱରେ ସ୍ୱଚ୍ଛତା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଗ୍ରାମରେ ଥିବା ହଳିଦୀ ଗାଡ଼ିଆକୁ ସୁଶାନ୍ତ କୁମାର ସିଂହ, ମାନସ ପଣ୍ଡା, ବୁଲୁ ସାହୁ, ହେମନ୍ତ କୁମାର ସାହୁ, ଗତିକୃଷ୍ଣ ସାହୁ, ବିଶ୍ୱଜିତ୍ ସାହୁ ପ୍ରମୁଖ ସଫା କରି ପରିଷ୍କାର ପରିଚ୍ଛନ୍ନ କରିଛନ୍ତି। ଏହି କାର୍ଯ୍ୟକ୍ରମକୁ ଗ୍ରାମବାସୀ ପ୍ରଶଂସା କରିଥିଲେ।

## ସାପ କାମୁଡ଼ାରେ କୃଷି ଉପପରିଦର୍ଶକଙ୍କ ମୃତ୍ୟୁ

**ନିଶ୍ଚିନ୍ତକୋଇଲି,୯।୧୦ (ଅଶୋକ କୁମାର ମହାପାତ୍ର)**

କଟକ ଜିଲା ଜଗତପୁର ମୃତ୍ତିକା ପରୀକ୍ଷାଗାରର କୃଷି ଉପପରିଦର୍ଶକ ମନମୋହନ ଦାସ(୪୯)ଙ୍କର ସାପ କାମୁଡ଼ାରେ ମୃତ୍ୟୁ ହୋଇଛି। ଏ ନେଇ ନିଶ୍ଚିନ୍ତକୋଇଲି ଅଞ୍ଚଳରେ ଶୋକ ପ୍ରକାଶ ପାଇଛି। ଶନିବାର ଦାସଙ୍କ ଘର ନିକଟରେ ଲୋକେ ଏକ ସାପକୁ ଅଧାମରା କରି ରାସ୍ତାକଡ଼ରେ ଫୋପାଡ଼ି ଦେଇଥିଲେ। ଦାସ ରାତ୍ରିରେ ଘରକୁ ଫେରିଲା ବେଳେ ସେହି ସାପ ଉପରେ ଗୋଡ଼ ପଡ଼ି ଯାଇଥିଲା। ଫଳରେ ସାପଟି ତାଙ୍କୁ କାମୁଡ଼ି ଦେଇଥିଲା। ପରିବାର ଲୋକେ ଚିକିତ୍ସା ନିମନ୍ତେ ତାଙ୍କୁ ନିଶ୍ଚିନ୍ତକୋଇଲି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ପରେ କଟକ ବଡ଼ ଡାକ୍ତରଖାନାକୁ ସ୍ଥାନାନ୍ତର କରାଯାଇଥିଲା। ଚିକିତ୍ସାଧୀନ ଅବସ୍ଥାରେ ମଙ୍ଗଳବାର ରାତ୍ରିରେ ତାଙ୍କ ମୃତ୍ୟୁ ହୋଇଛି। ମୃତଦେହକୁ ପୁରୀ ସ୍ୱର୍ଗଦ୍ୱାରରେ ସଂସ୍କାର କରାଯାଇଥିଲା। ତାଙ୍କ ପୁତୁରା ମୁଖାଗ୍ନି ଦେଇଥିଲେ। ତାଙ୍କର ମୃତ୍ୟୁ ଖବରରେ ମ୍ରିୟମାଣ ହୋଇ ସ୍ତ୍ରୀ ଅସୁସ୍ଥ ହୋଇପଡ଼ିଛନ୍ତି। ତାଙ୍କୁ ଚିକିତ୍ସା ଲାଗି ସାଲେପୁର ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି। ତାଙ୍କର ମୃତ୍ୟୁରେ ବିଭିନ୍ନ ମହଲରୁ ଶୋକ ପାଇଛି।



## ଶକ୍ତିକେନ୍ଦ୍ର ବୁଲି ଭାଜପାର ସଦସ୍ୟତା ଅଭିଯାନ



**ବାଙ୍କୀ,୯।୧୦ (ଜ୍ଞାନେନ୍ଦ୍ର ମୋହନ ମିଶ୍ର )**

ବୁଧବାର ବାଙ୍କୀ ନିର୍ବାଚନମଣ୍ଡଳୀ ଅନ୍ତର୍ଗତ କଳାପଥର ମଣ୍ଡଳର କଳାପଥର, ଜଗନ୍ନାଥପୁର ଏବଂ ବ୍ରହ୍ମପୁରା ମଣ୍ଡଳର ଅନୁଆରୀ ଶକ୍ତିକେନ୍ଦ୍ରର ବିଭିନ୍ନ ବୁଥ୍‌ରେ ସଦସ୍ୟତା ଅଭିଯାନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବାଙ୍କୀ ଭାଜପାର ନେତା ତୁଷାରକାନ୍ତ ଚକ୍ରବର୍ତ୍ତୀ, କଟକ ଜିଲା ସଭାପତି ରାମନାରାୟଣ ମହାନ୍ତିଙ୍କ ନେତୃତ୍ୱରେ ବିଭିନ୍ନ ସାହି, ବସ୍ତି, ବଜାର ଅଞ୍ଚଳର ଘରକୁ ଘର ବୁଲି ସଭ୍ୟ ସଂଗ୍ରହ କରିଥିଲେ। ଏଥିରେ ଅନ୍ୟମାନଙ୍କ ମଧ୍ୟରେ ବିଧାନସଭା ସଂଯୋଜକ ସରୋଜ ମଉଗଜସିଂହ, ମଣ୍ଡଳ ସଭାପତି ସୁଶାନ୍ତ ଭଞ୍ଜ, ବିଜୟ ବରାଡ, ବରିଷ୍ଠ କାର୍ଯ୍ୟକର୍ତ୍ତା ଦେବାଶିଷ ମାନସିଂ, ରବୀନ୍ଦ୍ର ସାହୁ ୩ ଟି ଶକ୍ତିକେନ୍ଦ୍ରର ବରିଷ୍ଠ କାର୍ଯ୍ୟକର୍ତ୍ତାମାନେ ସାମିଲ୍ ହୋଇ ୧୮ବର୍ଷରୁ ଉର୍ଦ୍ଧ୍ୱ ଛାତ୍ର, ଯୁବକ ଏବଂ ମହିଳାପୁରୁଷଙ୍କୁ ଭାଜପାରେ ଯୋଗଦେବା ପାଇଁ ନିବେଦନ କରିଥିଲେ।

# ଗୋପବନ୍ଧୁ ଥିଲେ ସେବା, ତ୍ୟାଗର ମୂର୍ତ୍ତିମନ୍ତ ପ୍ରତୀକ

**କଟକ,୯।୧୦(ଶିଲ୍ପା ପ୍ରିୟଦର୍ଶିନୀ):**

ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ କଟକ ଶକ୍ତିନଗରସ୍ଥିତ କଂଗ୍ରେସ କାର୍ଯ୍ୟାଳୟଠାରେ ପାଳିତ ହୋଇଯାଇଛି। କଟକ ଜିଲା କଂଗ୍ରେସର ପୂର୍ବତନ ସମ୍ପାଦକ ସଚ୍ଚିଦାନନ୍ଦ ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କର୍ମୀମାନେ ଯୋଗଦେଇ ଗୋପବନ୍ଧୁ ସେବା ଓ ତ୍ୟାଗର ମୂର୍ତ୍ତିମନ୍ତ ପ୍ରତୀକ ଥିଲେ ବୋଲି ମତପ୍ରକାଶ କରିଥିଲେ। ଏଥିରେ ଜିଲା କଂଗ୍ରେସର ପୂର୍ବତନ ଉପ ସଭାପତି ଶିଶିର ରଥ, କଟକ ନଗର(ଜିଲା)କଂଗ୍ରେସର ମୁଖ୍ୟ ମୁଖପାତ୍ର ମାନସ ପରିଡ଼ା, ବରିଷ୍ଠ ନେତା ରାମଚନ୍ଦ୍ର ଗୋଛାୟତ, ନିର୍ମଳ ସ୍ୱାଇଁ, ପୂର୍ବତନ କର୍ପୋରେଟର ପ୍ରଶାନ୍ତ ଭୋଇ, ଯୁବନେତା ପ୍ରତ୍ୟୁଷ ସାହୁ, ଜିଲା କଂଗ୍ରେସ ପୂର୍ବତନ ସାଧାରଣ ସମ୍ପାଦକ ଉଗ୍ରସେନ ଭୂୟାଁ ପ୍ରମୁଖ ଉପସ୍ଥିତ ଥିଲେ ।

**ଚୌଦ୍ୱାର,(ଆଶୁତୋଷ ଦାସ):** ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ଉତ୍ସବ ଚୌଦ୍ୱାରରେ ପାଳିତ ହୋଇଯାଇଛି। ଚୌଦ୍ୱାର ସାହିତ୍ୟ ସଂସଦ ସମ୍ପାଦକ ଦିବ୍ୟଜ୍ୟୋତି ପାଣିଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସଂସଦର ସଭ୍ୟ ଓ ଅଞ୍ଚଳର ବହୁ ନାଗରିକ ଯୋଗଦେଇ ଓଟିଏମ୍ ପରିବା ବଜାରସ୍ଥିତ ଉତ୍କଳମଣିଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରିଥିଲେ। ହିନ୍ଦ୍ ସେବକ ସଂଘର ରାଷ୍ଟ୍ରୀୟ ଅଧ୍ୟକ୍ଷ ଦାମୋଦର ସାହୁ, ସୁକାନ୍ତ ମହାନ୍ତି, ଭାଗବତ ରାଉତ, ପୌରାଧ୍ୟକ୍ଷା ମାନସୀ ସ୍ୱର୍ଣ୍ଣପ୍ରଭା ସାମଲ, ସଂସଦର ସଭାପତି ବିଶ୍ୱକଲ୍ୟାଣ ଦାସ, ବୈଷ୍ଣବ ଚରଣ ପ୍ରଧାନ, ଦେବେନ୍ଦ୍ର ପୃଷ୍ଟି, ପ୍ରେମଚାନ୍ଦ ନାୟକ, ପବିତ୍ର ମୋହନ ସାହୁ, ଅକ୍ଷୟ ଭୂୟାଁ, ଲକ୍ଷ୍ମୀଧର ଖୁଣ୍ଟିଆ ଯୋଗଦେଇ ଉତ୍କଳମଣିଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ସଙ୍ଗଠନ ସମ୍ପାଦକ ଚନ୍ଦ୍ରପ୍ରକାଶ ପଟ୍ଟନାୟକ, ଭାସ୍କର ମହାପାତ୍ର, ସରିତା ଦାସ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। କାର୍ଯ୍ୟକାରୀ ସଭାପତି ଶ୍ରୀନିବାସ ବେହେରା ଧନ୍ୟବାଦ ଦେଇଥିଲେ। ସେହିପରି ଚୌଦ୍ୱାର ପ୍ରେସ୍‌କ୍ଲବରେ ଗୋପବନ୍ଧୁଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ବରିଷ୍ଠ ଖବରଦାତା ରମେଶ ଚନ୍ଦ୍ର ସାମଲଙ୍କ ଆବାହକତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ କ୍ଲବ୍ ସଭାପତି ଦାମୋଦର ସାହୁ ଯୋଗଦେଇ ଗୋପବନ୍ଧୁଙ୍କ ନୀତି, ଆଦର୍ଶ ଓ ମହତ୍ ସେବା ସମ୍ପର୍କରେ ଆଲୋଚନା କରିଥିଲେ। ଏଥିରେ ଖବରଦାତା ଗଙ୍ଗାଧର ସାହୁ, ଉପଦେଷ୍ଟା ଏସ୍.କେ.ପଣ୍ଡା, ପ୍ରକାଶ ନାୟକ, ସୁଧାକର ସାମନ୍ତରାୟ, ଅଜିତ୍ କୁମାର ସ୍ୱାଇଁ, ବିଶ୍ୱଜିତ୍ ଭଞ୍ଜ, ଶିକ୍ଷାବିତ୍ ଶିବ ପ୍ରସାଦ ପତି ଯୋଗଦେଇଥିଲେ। ଅଶୋକ କୁମାର ଦାସ ଧନ୍ୟବାଦ ଦେଇଥିଲେ।

**ବାଙ୍କୀ,(ଜ୍ଞାନେନ୍ଦ୍ର ମୋହନ ମିଶ୍ର):** ବାଙ୍କୀ ପୂଜ୍ୟପୂଜା ସୁରକ୍ଷା ଅଭିଯାନ ପକ୍ଷରୁ ବୁଧବାର ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ଜୟନ୍ତୀରେ ଏକ ପ୍ରତିନିଧି ଦଳ ସୁଆଣ୍ଡୋ ଗସ୍ତ କରି ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ସହ ଶ୍ରଦ୍ଧାଞ୍ଜଳି ଅର୍ପଣ କରିଛନ୍ତି। ଅଭିଯାନର ସଭାପତି ସୁନୀଲ୍ ମିଶ୍ର, ସଂଯୋଜକ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର, କବି କୌଶିକ ନାୟକ, ଧନେଶ୍ୱର ବଳିୟାର ସିଂହ, ରବୀନ୍ଦ୍ର କୁମାର ରଣା, ସୁଶାନ୍ତ ଦଳେଇ, ବିନୋଦ ବିହାରୀ ସ୍ୱାଇଁ, ସଞ୍ଜୟ ପରିଡ଼ା ପ୍ରମୁଖ ଏହି କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଗୋପବନ୍ଧୁଙ୍କୁ ମରଣୋତ୍ତର ଭାରତ ରତ୍ନ ପ୍ରଦାନ କରିବା ପାଇଁ ସ୍ଥାନୀୟ ବିଧାୟକ ଓମ୍ ପ୍ରକାଶ ମିଶ୍ରଙ୍କୁ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ପ୍ରତିନିଧିମାନେ ଦାବିପତ୍ର ପ୍ରଦାନ କରିଥିଲେ। ସେହିପରି ବାଙ୍କୀ ବ୍ଲକ ପଥୁରୀପଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ଗୋପବନ୍ଧୁଙ୍କ ଜୟନ୍ତୀ ପାଳିତ ହୋଇଯାଇଛି। ସ୍କୁଲ ପରିଚାଳନା କମିଟି ସଭାପତି ଦିଲୀପ ମହାପାତ୍ର, ଶିକ୍ଷକ ଚିନ୍ମୟ ପ୍ରଧାନ, ଶିକ୍ଷୟିତ୍ରୀ ସୌଭାଗିନୀ ନନ୍ଦ, ପ୍ରଭାତୀ ତ୍ରିପାଠୀ, ଉମାମଣି ମହାପାତ୍ର, ବିଜୟ ମହାନ୍ତି, ସୌମ୍ୟରଞ୍ଜନ ତ୍ରିପାଠୀ ପ୍ରମୁଖ ଶିକ୍ଷୟିତ୍ରୀଶିକ୍ଷକମାନେ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଛନ୍ତି। ବାଙ୍କୀ ଉପଜିଲାପାଳଙ୍କ କାର୍ଯ୍ୟାଳୟ ପରିସରରେ ଥିବା ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ଅତିଥିମାନେ ପୁଷ୍ପମାଲ୍ୟ ଦେଇ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ବାଙ୍କୀ ପ୍ରେସ୍ କ୍ଲବର ସଭାପତି ବଳଭଦ୍ର ପଣ୍ଡାଙ୍କ ତତ୍ତ୍ୱାବଧାନରେ ଉକ୍ତ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। ମୁଖ୍ୟଅତିଥି ଭାବେ କବି କୌଶିକ ନାୟକ ଯୋଗଦେଇ କରି ଗୋପବନ୍ଧୁ ଜନସେବା, ତ୍ୟାଗ ଓ ମରୁଡିରେ ଜନସାଧାରଣଙ୍କ ପାଖରେ ପହଞ୍ଚି ସାହାଯ୍ୟ କରୁଥିଲେ ସେ ସମ୍ପର୍କରେ ଆଲୋକପାତ କରିଥିଲେ। ସମ୍ମାନିତ ଅତିଥି ଭାବେ ବାଙ୍କୀ କଲେଜ ପୂର୍ବତନ ଉପାଧ୍ୟକ୍ଷ ପ୍ରାଧ୍ୟାପକ ମନୋଜ କୁମାର ମହାପାତ୍ର, ବୃନ୍ଦାବନ ପ୍ରଧାନ, ମୋହନ ନାୟକ ପ୍ରମୁଖ ଯୋଗଦେଇ ଉତ୍କଳମଣିଙ୍କ ସ୍ମୃତିଚାରଣ କରିବା ସହ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।



ବାଙ୍କୀ ପୂଜ୍ୟପୂଜା ସୁରକ୍ଷା ଅଭିଯାନର ସଦସ୍ୟମାନଙ୍କ ପକ୍ଷରୁ ପୁରୀ ସୁଆଣ୍ଡୋଠାରେ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଉଛି ।

**ସାଲେପୁର, (ଅରବିନ୍ଦ ଭୂୟାଁ):** ସାଲେପୁର ପାଠାଗାର ପରିସରରେ ଉତ୍କଳମଣିଙ୍କ ଜୟନ୍ତୀ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ ଗୋପବନ୍ଧୁଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ସହ ସ୍ମୃତିଚାରଣ କରାଯାଇଥିଲା। ଅକ୍ଷୟ କୁମାର ଦାଶଙ୍କ ସଂଯୋଜନାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସତ୍ୟମେବ ଜୟତେ ପରିବାରର ସମ୍ପାଦକ ମାନସ କୁମାର ଦାଶ, ଅଟଳ ସେନାର ଅଧ୍ୟକ୍ଷ ଦିବାକର ପ୍ରଧାନ, ସତ୍ୟଜିତ୍ ଜେନା ପ୍ରମୁଖ ଯୋଗଦେଇ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। ସାମାଜିକ କର୍ମୀ ପ୍ରବୀର କୁମାର ଦାସଙ୍କୁ ଗୋପବନ୍ଧୁ ସେବା ସମ୍ମାନରେ ସମ୍ମାନିତ କରାଯାଇଥିଲା। ସେହିପରି ଉତ୍କଳମଣିଙ୍କ ଜୟନ୍ତୀ ସାଲେପୁର ହାଇସ୍କୁଲରେ ଡ. ଗିରୀଶ ସାହୁଙ୍କ ଅଧ୍ୟକ୍ଷତାରେ ପାଳିତ ହୋଇଯାଇଛି। ଗୋପବନ୍ଧୁ ସେବାର ପ୍ରତୀକ ଥିଲେ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ସାଲେପୁର ହାଇସ୍କୁଲର ଅବସରପ୍ରାପ୍ତ ଶିକ୍ଷକ କମଳାକାନ୍ତ ମୁଦୁଲି, ସାରସ୍ୱତ ସମାରୋହ ସମିତିର ସମ୍ପାଦକ ବିଷ୍ଣୁଚରଣ ମିଶ୍ର, ଆଚାର୍ଯ୍ୟ ଦେବେନ୍ଦ୍ର କୁମାର ନାୟକ, ଶିକ୍ଷକ ଦିବ୍ୟରଞ୍ଜନ ସେଠୀ, ନିବେଦିତା ଖଣ୍ଡୁଆଳ, ନିବେଦିତା ମହାନ୍ତି, ନିଶିଗନ୍ଧା ପ୍ରିୟଦର୍ଶନୀ, କଲ୍ୟାଣୀ ଯାଦବ, ବିଚିତ୍ର କୁମାର ଷଡ଼ଙ୍ଗୀ, ସଫିଉର ରହେମାନ, ରାମଚନ୍ଦ୍ର ସାହୁ, ପ୍ରବୀର ଦାସ ଯୋଗଦେଇ ଗୋପବନ୍ଧୁଙ୍କ ତ୍ୟାଗ ସମ୍ପର୍କରେ ବକ୍ତବ୍ୟ ପ୍ରଦାନ କରିଥିଲେ।

## ସଂକ୍ଷେପରେ

### ୨ ଚୋରା ମାଙ୍କଡ଼ା ପଥର ବୋଝେଇ ଟ୍ରକ୍ ଜବତ, ୨ ଗିରଫ

ନିରାକାରପୁର,୯।୧୦(ମାନସଚନ୍ଦ୍ର ପଟ୍ଟନାୟକ)

ନିରାକାରପୁର ଥାନା ପୋଲିସ ଚଢ଼ାଉ କରି ୨ ଚୋରା ମାଙ୍କଡ଼ା ପଥର ବୋଝେଇ ଟ୍ରକ୍ ଜବତ କରିବା ସହ ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଖୋର୍ଦ୍ଧା ଜିଲା ଟାଙ୍ଗୀ ଥାନା ଅଧୀନ ଦୀକ୍ଷିତପଡ଼ା ଗ୍ରାମର ଏସ୍.କେ. ସାହାଜାନ ଓ ଆଫ୍ରିଦ ଖାନ୍। ଏନେଇ ପୋଲିସ ୨୬୭ ଏବଂ ୨୬୮/୨୪ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ୨ ଟ୍ରକ୍‌ରେ ଚୋରାରେ ମାଙ୍କଡ଼ା ପଥର ବୋଝେଇ ହୋଇଯାଉଥିବା ପୋଲିସ ଖବର ପାଇ ୧୬ ନଂ. ଜାତୀୟ ରାଜପଥ ବଡ଼ପୋଖରିଆ ଛକ ନିକଟରେ ଟ୍ରକ୍‌କୁ ଅଟକାଇଥିଲା। ଚାଳକ ଦୁହେଁ ଗାଡ଼ିର ଠିକ୍ କାଗଜପତ୍ର ଦେଖାଇପାରି ନ ଥିବାରୁ ପୋଲିସ ୨ ଟ୍ରକ୍‌କୁ ଜବତ କରି ଥାନାକୁ ଆଣିଥିବା ଥାନା ଅଧିକାରୀ ବିଶ୍ୱଜିତ୍ ରାଉତରାୟ ସୂଚନା ଦେଇଛନ୍ତି।

### ଦୁର୍ଘଟଣାରେ ୩ ଗୁରୁତର

ଯାଁଳା,୯।୧୦(ବୁଲା ବାରିକ୍)

ଇନ୍‌ଫୋଭ୍ୟାଲି ଥାନା ଅଧୀନ ୧୬ ନଂ. ଜାତୀୟ ରାଜପଥର ଯାଁଳା ମେଡିକାଲ ଛକ ନିକଟରେ ଏକ କାର୍ ଧକ୍କାରେ ଜେଜେ ମା' ଓ ନାତୁଣୀ ଗୁରୁତର ହୋଇଥିବାବେଳେ ଜଣେ ବାଇକ୍ ଚାଳକ ଆହତ ହୋଇଛନ୍ତି। ଘଟଣାସ୍ଥଳରେ ସ୍ଥାନୀୟ ଲୋକେ ଓ ପୋଲିସ ପହଞ୍ଚି ୩ ଜଣଙ୍କୁ ଉଦ୍ଧାର କରି ଭୁବନେଶ୍ୱର ଏମ୍ସରେ ଭର୍ତ୍ତି କରିଛନ୍ତି। ସୂଚନା ଅନୁସାରେ, ବୁଧବାର ସନ୍ଧ୍ୟାରେ ଯାଁଳା ମେଡିକାଲ ଛକରେ ଜେଜେ ମା' ଓ ନାତୁଣୀ ରାସ୍ତା ପାରି ହେଉଥିଲେ। ଏହି ସମୟରେ ଖୋର୍ଦ୍ଧାରୁ ଭୁବନେଶ୍ୱର ଯାଉଥିବା ଏକ କାର୍ ସେମାନଙ୍କୁ ଧକ୍କା ଦେଇଥିଲା। ବୃଦ୍ଧା ଜଣଙ୍କ ଛିଟିକି ପଡ଼ିବା ପରେ ପଛରୁ ଆସୁଥିବା ଏକ ବାଇକ୍ ସହ ସେ ମାଡ଼ ହୋଇଥିଲେ। ଫଳରେ ବାଇକ୍ ଚାଳକ ଜଣଙ୍କ ମଧ୍ୟ ଗାଡ଼ିରୁ ପଡ଼ି ଆହତ ହୋଇଥିଲେ।

### ପଥୁରୀପଡ଼ା ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗୋପବନ୍ଧୁଙ୍କୁ ଶ୍ରଦ୍ଧାଞ୍ଜଳି

କଳାପଥର,୯।୧୦(ଗଙ୍ଗାଧର ସାହୁ)

ବାଙ୍କୀ ବ୍ଲକ ପଥୁରୀପଡ଼ା ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ପଣ୍ଡିତ ଗୋପବନ୍ଧୁ ଦାଶଙ୍କ ଜୟନ୍ତୀ ଅବସରରେ ତାଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ ପୂର୍ବକ ଶ୍ରଦ୍ଧାଞ୍ଜଳି ଦିଆଯାଇଛି। ସ୍କୁଲ ପରିଚାଳନା କମିଟି ସଭାପତି ଦିଲୀପ ମହାପାତ୍ର, ଚିନ୍ମୟ ପ୍ରଧାନ, ସୌଭାଗିନୀ ନନ୍ଦ, ପ୍ରଭାତୀ ତ୍ରିପାଠୀ, ଉମାମଣି ମହାପାତ୍ର, ବିଜୟ ମହାନ୍ତି, ସୌମ୍ୟରଞ୍ଜନ ତ୍ରିପାଠୀ ପ୍ରମୁଖ ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ରହି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ।

# ୭୮ ବର୍ଷ ପରେ ପୁନରୁଦ୍ଧାର ହେବ ଅଗମ୍ୟ ରାସ୍ତା

## ବାଚସ୍ପତି, ବିଧାୟକଙ୍କ ହସ୍ତକ୍ଷେପ ପରେ ନିର୍ମାଣ ପ୍ରସ୍ତାବ ପାରିତ

ବୋଲଗଡ଼,୯।୧୦(ଦେବବ୍ରତ ହୋତା)



ସ୍ୱାଧୀନତାର ଦୀର୍ଘ ୭୮ ବର୍ଷ ପରେ ମଧ୍ୟ ଅଗମ୍ୟ ହୋଇ ପଡ଼ିରହିଥିବା ବୋଲଗଡ଼ ବ୍ଲକ ଡାବରଧୁଆପାଟଣା ପଞ୍ଚାୟତ ନୟାପାଟଣାଠାରୁ ରଣପୁର ବ୍ଲକ କାସନ୍ଦା ପଞ୍ଚାୟତ କଟକପଡ଼ା ଗ୍ରାମକୁ ସଂଯୋଗ କରୁଥିବା ୨.୫ କି.ମି. ରାସ୍ତାର ପୁନରୁଦ୍ଧାର ସହ ସ୍ଥାୟୀ ନିର୍ମାଣ ହେବ। ରଣପୁର ବିଧାୟିକା ତଥା ବାଚସ୍ପତି ସୁରମା ପାଢ଼ୀ ଓ ବୋଲଗଡ଼ ବିଧାୟକ ପ୍ରଦୀପ ସାହୁଙ୍କ ମିଳିତ ହସ୍ତକ୍ଷେପ ପରେ ଏହି ରାସ୍ତା ନିର୍ମାଣ ନିମନ୍ତେ ପ୍ରସ୍ତାବ ପାରିତ ହୋଇଥିବାରୁ ଉଭୟ ଅଞ୍ଚଳବାସୀ ଏହାକୁ ସ୍ୱାଗତ କରିଛନ୍ତି।

ପ୍ରକାଶ ଯେ, କାସନ୍ଦା ପଞ୍ଚାୟତ କଟକପଡ଼ାରୁ ଡାବରଧୂଆପାଟଣା ପଞ୍ଚାୟତ ନୟାପାଟଣା ପର୍ଯ୍ୟନ୍ତ ୨.୫ କି.ମି. ରାସ୍ତା ସଂକୀର୍ଣ୍ଣ ଖସଡ଼ା ମାଟି ଓ ଗୁଳ୍ମଲତାରେ ପରିପୂର୍ଣ୍ଣ ରହିଛି। ଫଳରେ ଏହି ୨ ଗ୍ରାମବାସୀଙ୍କ ସମେତ ୨ ବ୍ଲକର ଜନସାଧାରଣ ଉଭୟ ଅଞ୍ଚଳକୁ ଯିବା ଆସିବାରେ ବହୁ ଦୂର ଅତିକ୍ରମ କରି ଯାତାୟାତ କରୁଛନ୍ତି। ଏହି ରାସ୍ତା ନିର୍ମାଣ ହେଲେ ୨ ବ୍ଲକ ସଂଯୋଗ ହୋଇ ଶହ ଶହ ଲୋକଙ୍କ ଯାତାୟାତଜନିତ ସମସ୍ୟା ଦୂର ହେବ। ଏଥିସହ ଦର୍ପନାରାୟଣପୁର ନିକଟ ନୂଆ ଜଗନ୍ନାଥ ସଡ଼କରୁ ଖୋର୍ଦ୍ଧା-ବଲାଙ୍ଗୀର ୫୭ ନଂ. ଜାତୀୟ ରାଜପଥକୁ କପାସିଆଠାରେ ସଂଯୁକ୍ତ ହେବ। ଏ ରାସ୍ତା ନିର୍ମାଣ ନେଇ ଉଭୟ ଅଞ୍ଚଳବାସୀ ଅନେକବାର ଦସ୍ତଖତ ସମ୍ବଳିତ ଦାବିପତ୍ର ପୂର୍ବ ସରକାର ଅମଳରୁ ପ୍ରଦାନ କରି ଆସୁଥିଲେ। ରାସ୍ତାଟି ବୋଲଗଡ଼ ବ୍ଲକ ଅଧୀନରେ ଆସୁଥିବାରୁ ବାଚସ୍ପତି ପାଢ଼ୀ ଏବଂ ବିଧାୟକ ସାହୁ ନିଜ ଭିତରେ ଯୋଗସୂତ୍ର ରକ୍ଷା କରି ରାସ୍ତାର ନୂତନ ରୂପରେଖ ପ୍ରସ୍ତୁତି ସହ ଏକ ସ୍ଥାୟୀ କଂକ୍ରିଟ ରାସ୍ତା ନିର୍ମାଣ ନିମନ୍ତେ ସଫଳ ଉଦ୍ୟମ କରିଛନ୍ତି। ରାସ୍ତାକୁ ବ୍ଲକରୁ ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନକୁ ହସ୍ତାନ୍ତର ନିମନ୍ତେ ବୋଲଗଡ଼ ବ୍ଲକ ପକ୍ଷରୁ ଏକ ସଂକଳ୍ପ ପାରିତ ହୋଇ ରାଜ୍ୟ ଗ୍ରାମ୍ୟ ଉନ୍ନୟନ ମୁଖ୍ୟଯନ୍ତ୍ରୀଙ୍କୁ ପ୍ରଦାନ କରାଯାଇଥିବା ବୋଲଗଡ଼ ବ୍ଲକ ଅଧ୍ୟକ୍ଷା ହୁଲାସ ପ୍ରଧାନ କହିଛନ୍ତି। ୨ ବିଧାୟକ ଜନସାଧାରଣଙ୍କ ବୃହତ୍ତର ସ୍ୱାର୍ଥକୁ ଦୃଷ୍ଟିରେ ରଖି ପଦକ୍ଷେପ ନେଇଥିବାରୁ ନୟାପାଟଣା ଗ୍ରାମର ୱାର୍ଡ ମେମ୍ବର ବାସୁଦେବ ରଥ, ବୈକୁଣ୍ଠ ବାରିକ୍, ନକୁଳ ବାରିକ୍, ବନମାଳୀ ଜେନା, ସଦାଶିବ ମହାପାତ୍ର, ଶିକ୍ଷାବିତ୍ ସୁକାନ୍ତ ଜେନାଙ୍କ ସମେତ ଅଞ୍ଚଳବାସୀ ଧନ୍ୟବାଦ ଦେବା ସହିତ ପ୍ରଶଂସା ଓ ସ୍ୱାଗତ କରିଛନ୍ତି।

# ମା' ଚଣ୍ଡୀଦେବୀଙ୍କ ଷଷ୍ଠୀ ଯାତ୍ରାରେ ନାଟକ ମଞ୍ଚସ୍ଥ



ନାଟକରେ ଅଂଶଗ୍ରହଣ କରିଥିବା କଳାକାର।

ବୋଲଗଡ଼,୯।୧୦(ଦେବବ୍ରତ ହୋତା)

ବୋଲଗଡ଼ ବ୍ଲକ ମାଣିକାଗୋଡ଼ା ଗ୍ରାମରେ ମା' ଚଣ୍ଡୀଙ୍କ ମନ୍ଦିରରେ ଷଷ୍ଠୀ ପର୍ବ ପାଳିତ ହୋଇଯାଇଛି। ସକାଳ ଧୂପ, ମଙ୍ଗଳଆଳତି ଓ ଖେଚୁଡ଼ି ଭୋଗ ପରେ ଶତାଧିକ ଭକ୍ତ ମା'ଙ୍କ ଦିବ୍ୟ ଦର୍ଶନ କରିଥିଲେ। ଚଣ୍ଡୀ ମନ୍ଦିର ଟ୍ରଷ୍ଟି ଦୁର୍ଯୋଧନ ପୃଷ୍ଟି ଓ ଅଶୋକ ପୃଷ୍ଟି ପ୍ରମୁଖ ସମସ୍ତ ଆୟୋଜନ ସହ ଶାନ୍ତିଶୃଙ୍ଖଳା ରକ୍ଷା କରିଥିଲେ। ଏହି ଅବସରରେ ରାତ୍ରିରେ ଚଣ୍ଡୀପାଟଣା ମୌଜାରେ ଏକ ସାମାଜିକ ନାଟକ 'ତୋ ବିନା ମୋ କାହାଣୀ ଅଧା' ଅନୁଷ୍ଠିତ ହୋଇଥିଲା। ମୌଜା ସଭାପତି ଇଂ. କର୍ପୁର ସାହୁଙ୍କ ଅଧ୍ୟକ୍ଷତାରେ ସ୍ଥାନୀୟ ସରପଞ୍ଚ ସତ୍ୟଭାମା ଦେଇ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହାକୁ ଉଦ୍‌ଘାଟନ କରିଥିଲେ। ସମ୍ମାନିତ ଅତିଥି ଭାବେ ସାମାଜିକ କର୍ମୀ ଭୀମସେନ ଦଳାଇ, ଅଧିବକ୍ତା ଅମିୟ ପଟ୍ଟନାୟକ, ଜୀବନଜ୍ୟୋତି ସାଂସ୍କୃତିକ ସଂସଦ କ୍ଲବ ସଭାପତି ଆଲୋକ ବେହେରା, ନାଟ୍ୟ ନିର୍ଦ୍ଦେଶକ ସୌମ୍ୟରଞ୍ଜନ ସୁବୁଦ୍ଧି, ନାଟ୍ୟ ପରିଚାଳକ ରବୀନ୍ଦ୍ର ପୃଷ୍ଟି, ନାଟ୍ୟ ସଂଯୋଜକ ରବୀନ୍ଦ୍ର ସାହୁ, ଶରତ ଦଳାଇ, ତ୍ରିନାଥ ସ୍ୱାଇଁ, ଚଣ୍ଡୀ ମନ୍ଦିର ଟ୍ରଷ୍ଟି ମେମ୍ବର ଅଶୋକ ମହାନ୍ତି ପ୍ରମୁଖ ମଞ୍ଚାସୀନ ଥିଲେ। ଗ୍ରାମ୍ୟ କଳାକାରମାନେ ନାଟକର ବିଭିନ୍ନ ଭୂମିକାରେ ଅଭିନୟ କରିଥିଲେ। ମଞ୍ଚ କାର୍ଯ୍ୟକ୍ରମକୁ କ୍ଲବ ଉପଦେଷ୍ଟା କର୍ପୁର ସାହୁ ପରିଚାଳନା କରିଥିଲେ। କ୍ଲବ ସମ୍ପାଦକ ସୁବୋଧ ସାହୁ ଧନ୍ୟବାଦ ଦେଇଥିଲେ। ହଜାର ହଜାର ଦର୍ଶକ ମା' ଚଣ୍ଡୀ ଦେବୀଙ୍କ ଷଷ୍ଠୀ ଯାତ୍ରାରେ ମା' ଙ୍କ ଦର୍ଶନ କରିଥିବାବେଳେ ଶତାଧିକ ମହିଳା ମା'ଙ୍କ ନିକଟରେ ମାନସିକ ବ୍ରତ ରଖି ନଡ଼ିଆ ବସାଇଥିଲେ।

# ଆଶ୍ରମ ବିଦ୍ୟାଳୟରେ ନିଶାନିବାରଣ ଶପଥପାଠ




ଗୟଳବାଙ୍କ ଆଶ୍ରମ ବିଦ୍ୟାଳୟ ପରିସରରେ ନିଶା ନିବାରଣ ପାଇଁ ଶପଥ ପାଠ କରାଯାଉଛି।

କଳାପଥର,୯।୧୦(ଗଙ୍ଗାଧର ସାହୁ)

ଗୟଳବାଙ୍କ ଆଶ୍ରମ ବିଦ୍ୟାଳୟ ପରିସରରେ ସାମାଜିକ ଅନୁଷ୍ଠାନ ଅସ୍ତିତ୍ୱ ଆନୁକୂଲ୍ୟରେ ନିଶାନିବାରଣ ଓ ନିଶା ଦ୍ରବ୍ୟକୁ ବର୍ଜନ କରିବାକୁ ଏକ ଶପଥପାଠ ଉତ୍ସବ ବୁଧବାର ଅନୁଷ୍ଠିତ ହୋଇଯାଇଛି। ବିଶେଷ କରି ଛାତ୍ରୀଛାତ୍ରଙ୍କ ମଧ୍ୟରେ ନିଶା ଦ୍ରବ୍ୟ ବର୍ଜନ ସହିତ ସେମାନଙ୍କ ପରିବାର ବର୍ଗଙ୍କୁ ନିଶାରୁ ମୁକ୍ତି ନିମନ୍ତେ ପରାମର୍ଶ ଦିଆଯିବା ସହିତ ଶପଥପାଠ କରାଯାଇଥିଲା। କାର୍ଯ୍ୟକ୍ରମରେ ବିଦ୍ୟାଳୟ ପ୍ରଧାନ ଶିକ୍ଷକ ଜିତେନ୍ଦ୍ରନାଥ ସିଂ, ଶିକ୍ଷାବିତ୍ ପ୍ରାଧ୍ୟାପକ ମନୋଜ ମହାପାତ୍ର, ପରିବେଶବିତ୍ ଅମିତ୍ କୁମାର ସାହୁ, ଶିକ୍ଷୟିତ୍ରୀ ସୁକାନ୍ତଲତା ପତି ଓ ଅଞ୍ଜନା ପ୍ରଧାନ ପ୍ରମୁଖ ଉପସ୍ଥିତ ରହି ଛାତ୍ରୀଛାତ୍ରଙ୍କୁ ଉପଦେଶ ପ୍ରଦାନ କରିଥିଲେ। କାର୍ଯ୍ୟକ୍ରମକୁ ଅସ୍ତିତ୍ୱ ଅନୁଷ୍ଠାନ ସମ୍ପାଦକ ତଥା ପ୍ରକୃତିବନ୍ଧୁ ଗୌତମ ମିଶ୍ର ପରିଚାଳନା କରି କହିଥିଲେ, ନିଶା ସୁସ୍ଥ ସମାଜ ପାଇଁ ଏକ ବ୍ୟାଧି। ନିଶା ମୁଖ୍ୟତଃ ଯୁବ ବର୍ଗଙ୍କୁ ବିପଥଗାମୀ କରୁଛି। ଆମେ ସମସ୍ତେ ନିଶାକୁ ନା କରିବା ସହ ତାହାକୁ ସେବନ ନ କରିବାକୁ ଶପଥ ନେବାର ସମୟ ଆସିଛି। ଏକ ନିଶାମୁକ୍ତ ସମାଜ ଗଠନ ପାଇଁ ଆମେ ସମସ୍ତେ ଦୃଢ ସଂକଳ୍ପ ନେବା ସହ ସମସ୍ତଙ୍କୁ ସଚେତନ କରିବା ବୋଲି ମିଶ୍ର ସମସ୍ତଙ୍କୁ ଅନୁରୋଧ କରିଥିଲେ।

## ପାତ୍ରପଡ଼ା, ଯାଁଳା ବିଜୟୀ

### ୭ମ ପଞ୍ଚାୟତସ୍ତରୀୟ କର୍କ ବଲ୍ କ୍ରିକେଟ ଟୁର୍ନାମେଣ୍ଟ

ଯାଁଳା,୯।୧୦(ବୁଲା ବାରିକ୍)

ରାଧାମାଧବ ଖେଳପଡ଼ିଆରେ ଚାଲୁଥିବା ୭ମ ପଞ୍ଚାୟତସ୍ତରୀୟ କର୍କ ବଲ୍ କ୍ରିକେଟ ଟୁର୍ନାମେଣ୍ଟର ବୁଧବାର ୪ର୍ଥ ଦିବସରେ ପ୍ରଥମ ଲିଗ୍ ମ୍ୟାଚ୍‌ରେ ଗଙ୍ଗପଡ଼ାକୁ ୨୫ ରନ୍‌ରେ ହରାଇ ପାତ୍ରପଡ଼ା ବିଜୟୀ ହୋଇଛି। ପ୍ରଥମେ ବ୍ୟାଟିଂ କରି ପାତ୍ରପଡ଼ା ନିର୍ଦ୍ଧାରିତ ୧୬ ଓଭରରେ ୭ ଉଇକେଟ ହରାଇ ୨୦୧ ରନ କରିଥିଲା। ଜବାବରେ ଗଙ୍ଗପଡ଼ା ବ୍ୟାଟିଂ କରି ୧୭୬ ରନ୍ ସଂଗ୍ରହ କରିଥିଲା। ପାତ୍ରପଡ଼ାର ନାୱେଦ ଇକ୍‌ବାଲ ୧୧୩ ରନ୍ କରି ମ୍ୟାନ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ଦ୍ୱିତୀୟ ଲିଗ୍ ମ୍ୟାଚ୍‌ରେ କୁରାଡମଲ୍ଲକୁ ୯ ଉଇକେଟରେ ହରାଇ ଯାଁଳା ବିଜୟୀ ହୋଇଛି। ପ୍ରଥମେ ବ୍ୟାଟିଂ କରି କୁରାଡମଲ୍ଲ ନିର୍ଦ୍ଧାରିତ ୧୫ ଓଭରରେ ୧୪୮ ରନ୍ କରି ଅଲ୍‌ଆଉଟ ହୋଇଯାଇଥିଲା। ଯାଁଳା ୮.୩ ଓଭରରେ ୧୪୯ ରନ୍ ହାସଲ କରି ନେଇଥିଲା। ଯାଁଳାର ମଳୟ ସ୍ୱାଇଁ ୪୪ ରନ୍ କରିବା ସହ ୪ ଉଇକେଟ ନେଇ ମ୍ୟାନ୍ ଅଫ୍ ଦି ମ୍ୟାଚ୍ ବିବେଚିତ ହୋଇଥିଲେ। ସୁକାନ୍ତ ପ୍ରଧାନ, ପ୍ରଶାନ୍ତ ମହାରଣା ଓ ଦୀପକ ହରିଚନ୍ଦନ ପ୍ରମୁଖ ମ୍ୟାଚ୍ ପରିଚାଳନା କରିଥିଲେ।

# ନାଟକ ସମାଜରେ ଶୃଙ୍ଖଳିତ ଭାବେ ବଞ୍ଚିବାକୁ ଶିକ୍ଷାଦିଏ



ମଞ୍ଚାସୀନ ଅତିଥି ଏବଂ ଅନ୍ୟମାନେ।

ବେଗୁନିଆ,୯।୧୦(ସନ୍ଧ୍ୟାରାଣୀ ମିଶ୍ର)

ବେଗୁନିଆ ବ୍ଲକ ଅଧୀନ ପୋଡ଼ାଡିହ ଗ୍ରାମରେ ମା' ହରପାର୍ବତୀ ନାଟ୍ୟ ସଂସଦ ପକ୍ଷରୁ ଦଶହରା ପର୍ବ ଉପଲକ୍ଷେ ଗ୍ରାମବାସୀଙ୍କ ସହଯୋଗରେ ରାଜ୍ୟସ୍ତରୀୟ ମୁକ୍ତ ମଞ୍ଚ ନାଟକ ପ୍ରତିଯୋଗିତା ବୁଧବାର ଉଦ୍‌ଘାଟନ ହୋଇଯାଇଛି। ଅନୁଷ୍ଠାନ ସଭାପତି ରାମଚନ୍ଦ୍ର ଦାସଙ୍କ ଅଧ୍ୟକ୍ଷତା ଓ ଶିକ୍ଷକ ପଠାଣି ସାହୁଙ୍କ ସଂଯୋଜନାରେ ଜିଲା ପରିଷଦ ସଭ୍ୟ ପ୍ରକାଶ ଚନ୍ଦ୍ର ସାହୁ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ସାମାଜିକ କର୍ମୀ ନାରାୟଣ ଜେନା, ସରପଞ୍ଚ ଲତା ସେଠୀ, ସମିତି ସଭ୍ୟ ଅଲେଖ ବେହେରା, ସ୍ଥାନୀୟ ସେବା ସମବାୟ ସମିତି ସଭାପତି ସୁଦର୍ଶନ ମାଣିକ, ସଂକୀର୍ତ୍ତନ ଗାୟକ ଗଣେଶ ନିଶଙ୍କ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ନାଟକ ସମାଜରେ ଶୃଙ୍ଖଳିତ ଭାବେ ଜୀବନଯାପନ କରିବାକୁ ଶିକ୍ଷା ଦେଇଥାଏ ବୋଲି ଅତିଥିମାନେ ମତବ୍ୟକ୍ତ କରିଥିଲେ। ଏହି ଅବସରରେ ବିଭିନ୍ନ କ୍ଷେତ୍ରରେ ବ୍ୟକ୍ତି ବିଶେଷଙ୍କୁ ଦଶହରା ସମ୍ମାନରେ ସମ୍ମାନିତ କରାଯାଇଥିଲା। ସାମାଜିକ କର୍ମୀ ବାଉରୀ ଶ୍ରୀଚନ୍ଦନ ଧନ୍ୟବାଦ ଦେଇଥିଲେ। ପରେ ଭୁବନେଶ୍ୱର ନିଜିଗଡ଼ କିଶୋର କ୍ଲବ ପକ୍ଷରୁ 'ଭୁଲ ତୋର ଭୋଗୁଛି ମୁଁ' ନାଟକ କଳାକାରଙ୍କ ଦ୍ୱାରା ପରିବେଷିତ ହୋଇଥିଲା।

# ଗ୍ରାମୀଣ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପ୍ରତିଷ୍ଠାତାଙ୍କ ଶ୍ରାଦ୍ଧୋତ୍ସବ ସମାରୋହ

ବାଣପୁର,୯।୧୦(ଦିଲୀପ କୁମାର ସ୍ୱାଇଁ)

ଖୋର୍ଦ୍ଧା ଜିଲା ବାଣପୁରସ୍ଥିତ ଗ୍ରାମୀଣ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସରରେ ବିଦ୍ୟାଳୟର ପ୍ରତିଷ୍ଠାତା ସ୍ୱର୍ଗତ ଲକ୍ଷ୍ମୀଧର ଭୋଳଙ୍କ ଅଷ୍ଟଦଶତମ ଶ୍ରାଦ୍ଧୋତ୍ସବ ସମାରୋହ ବୁଧବାର ପାଳିତ ହୋଇଯାଇଛି। ସଭାରେ ବାଣପୁର ଅଞ୍ଚଳର ସୁସାହିତ୍ୟିକ, କବି, ରାଜନେତା ଓ ସାମାଜିକ କର୍ମୀ, ଖବରଦାତା, ଗ୍ରାମୀଣ ମହିଳା ଉଚ୍ଚମାଧ୍ୟମିକ ବିଦ୍ୟାଳୟ ସମସ୍ତ ଅଧ୍ୟାପିକା, ଅଧ୍ୟାପକ, କର୍ମଚାରୀ, ଛାତ୍ରୀ ଓ ସ୍ୱର୍ଗତ ଭୋଳଙ୍କ ଝିଅ ପୁଅମାନେ ଉପସ୍ଥିତ ଥିଲେ। ବାଣପୁର ଯୋଗୀ ପୋଖରୀରେ ସ୍ୱର୍ଗତ ଭୋଳଙ୍କ ତିଳତର୍ପଣ କରାଯାଇଥିଲା। ପରେ ମହାବିଦ୍ୟାଳୟ ଅଧ୍ୟକ୍ଷ ସର୍ବେଶ୍ୱର ଷଡ଼ଙ୍ଗୀଙ୍କ ଅଧ୍ୟକ୍ଷତାରେ ଏକ ସଭା ଆୟୋଜିତ ହୋଇଥିଲା। ଅତିଥି ରୂପେ ବାଣପୁର ବିଜ୍ଞାପିତ ଅଞ୍ଚଳ ପରିଷଦ ଅଧ୍ୟକ୍ଷ ମିଟୁ ନାୟକ, ଜିଲା ପରିଷଦ ଉପାଧ୍ୟକ୍ଷ ଗୋପୀନାଥ ମହାରଣା, ପୂର୍ବତନ ଅଧ୍ୟକ୍ଷ ସଂଗ୍ରାମ କେଶରୀ ସାହୁ, ବରିଷ୍ଠ ଖବରଦାତା ପୁରୁଷୋତ୍ତମ ମହାପାତ୍ର, ଗୋଦାବରୀଶ ମହାବିଦ୍ୟାଳୟ ଅଧ୍ୟକ୍ଷ ବିନାୟକ ହୋତା, ଶରତ ସ୍ୱାଇଁ, ସ୍ୱର୍ଗତ ଭୋଳଙ୍କ ପୁତ୍ର ଜଗନ୍ନାଥ ଭୋଳଙ୍କ ସମେତ ବାଣପୁର ବାର୍ ଆସୋସିଶନ ସମ୍ପାଦକ ରଞ୍ଜନ ବେଦମତ୍ତା ଯୋଗଦେଇଥିଲେ। ସଭାରେ ସ୍ୱର୍ଗତ ଭୋଳଙ୍କ ସ୍ମୃତିଚାରଣ କରାଯାଇଥିଲା। କେଉଁଭଳି ଭାବେ ବାଣପୁରର ଏକମାତ୍ର ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟଟି ସଫଳତାର ସହିତ ଉନ୍ନତି ଦିଗରେ କାର୍ଯ୍ୟକ୍ଷମ ହୋଇପାରିବ, ସେ ଦିଗରେ ସ୍ୱର୍ଗତ ଭୋଳଙ୍କ ପୁଅ ଆଇନଜୀବୀ ଜଗନ୍ନାଥ ଭୋଳ ସମସ୍ତଙ୍କ ସହଯୋଗ ଲୋଡ଼ିଥିଲେ।

## ମାଙ୍କଡ଼ା ପଥର ବୋଝେଇ ଟ୍ରକ୍ ଜବତ, ୨ ଗିରଫ

ନିରାକାରପୁର,୯।୧୦(ମାନସ ଚନ୍ଦ୍ର ପଟ୍ଟନାୟକ)

ନିରାକାରପୁର ଥାନା ପୋଲିସ ଚଢ଼ାଉ କରି ୨ ଚୋରା ମାଙ୍କଡ଼ା ପଥର ବୋଝେଇ ଟ୍ରକ୍ ଜବତ କରିବା ସହ ୨ ଜଣଙ୍କୁ ଗିରଫ କରିଛି। ସେମାନେ ହେଲେ ଖୋର୍ଦ୍ଧା ଜିଲା ଟାଙ୍ଗୀ ଥାନା ଅଧୀନ ଦୀକ୍ଷିତପଡ଼ା ଗ୍ରାମର ଏସ୍.କେ. ସାହାଜାନ ଓ ଆଫ୍ରିଦ ଖାନ୍। ଏନେଇ ପୋଲିସ ୨୬୭ ଏବଂ ୨୬୮/୨୪ରେ ମାମଲା ରୁଜୁ କରି ତଦନ୍ତ ଚଳାଇଛି। ୨ ଟ୍ରକ୍‌ରେ ମାଙ୍କଡ଼ା ପଥର ବୋଝେଇ ହୋଇଯାଉଥିବା ପୋଲିସ ଖବର ପାଇ ୧୬ ନଂ. ଜାତୀୟ ରାଜପଥ ବଡ଼ପୋଖରିଆ ଛକ ନିକଟରେ ଟ୍ରକ୍ ଜବତ କରିଥିଲା।

# ଉତ୍କଳମଣିଙ୍କ ୧୫୭ତମ ଜୟନ୍ତୀ ପାଳିତ

ଜଟଣୀ,୯।୧୦(ରବୀନ୍ଦ୍ରନାଥ ମହାକୁଡ଼)



ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ଅବସରରେ ଛାତ୍ରୀଛାତ୍ରମାନଙ୍କ ସହ ଅନ୍ୟମାନେ।

ଜଟଣୀ ସହର ଓ ଗ୍ରାମାଞ୍ଚଳର ବିଭିନ୍ନ ସ୍ଥାନରେ ଉତ୍କଳମଣି ଗୋପବନ୍ଧୁ ଦାସଙ୍କ ୧୫୭ତମ ଜୟନ୍ତୀ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଜଟଣୀର ସାମାଜିକ ଅନୁଷ୍ଠାନ ଜଟଣୀ ବରିଷ୍ଠ ନାଗରିକ ସେବା ସଂଘ ଓ ପ୍ରାଣନାଥ ପଟ୍ଟନାୟକ ଫାଉଣ୍ଡେଶନ ପକ୍ଷରୁ ମହାପୁରୁଷଙ୍କ ଜୟନ୍ତୀ ପାଳନ କରାଯାଇଥିଲା। ଜଟଣୀସ୍ଥ ଗୋପବନ୍ଧୁ ଉଦ୍ୟାନ ପରିସରରେ ଉଭୟ ଅନୁଷ୍ଠାନର ବହୁ ସଦସ୍ୟ ଯୋଗଦେଇ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରିଥିଲେ। କାର୍ଯ୍ୟକ୍ରମରେ ସେବାସଂଘ ସଭାପତି ବରିଷ୍ଠ ଖବରଦାତା ଅବନୀ ରାଉତରାୟ ପୌରୋହିତ୍ୟ କରିଥିଲେ। ଆଜିର ଯୁବ ଓ ଛାତ୍ର ସମାଜ ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ନିଜର ସ୍ୱାଭିମାନକୁ ବଜାୟ ରଖି ସମାଜରେ ସେବା ମୂଳକ କାର୍ଯ୍ୟ କରିବାକୁ ଅତିଥିମାନେ ସମସ୍ତଙ୍କୁ ଅନୁରୋଧ କରିଥିଲେ। କାର୍ଯ୍ୟକ୍ରମରେ ଜଟଣୀ ପୌର ପରିଷଦର ନଗରପାଳ ଅନନ୍ତ ବେହେରା ସେବାସଂଘ ସାଧାରଣ ସମ୍ପାଦକ ଜବାହରଲାଲ ସୁବୁଦ୍ଧି, ଖବରଦାତା ରବି ସ୍ୱାଇଁ, ଆଦିନାରାୟଣ ଖଣ୍ଡୁଆଳ, ସୁଶାନ୍ତ ରାଉତ, କିଶୋରଚନ୍ଦ୍ର ପାଇକରାୟ ପ୍ରମୁଖ ଯୋଗଦେଇଥିଲେ।

# ବିକଶିତ ଭାରତ ଗଠନ ଦିଗରେ ଜାତୀୟ ଶିକ୍ଷାନୀତିର ଭୂମିକା ଗୁରୁତ୍ୱପୂର୍ଣ୍ଣ

ବାଲୁଗାଁ,୯।୧୦(ସଂଗ୍ରାମ ପାଇକରାୟ)

ବାଲୁଗାଁ ମହାବିଦ୍ୟାଳୟର ଶିକ୍ଷା ବିଭାଗ ପକ୍ଷରୁ 'ଜାତୀୟ ଶିକ୍ଷାନୀତି ୨୦୨୦ର ପ୍ରୟୋଗ' ଶୀର୍ଷକ ଏକଦିବସୀୟ ଜାତୀୟ ସମ୍ମାନ କାର୍ଯ୍ୟକ୍ରମ ବୁଧବାର ଅଧ୍ୟକ୍ଷ ଡ. ଲକ୍ଷ୍ମୀଧର ସୁବୁଦ୍ଧିଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ଉତ୍କଳମଣି ଗୋପବନ୍ଧୁଙ୍କ ଜୟନ୍ତୀ ଅବସରରେ ଗୋପବନ୍ଧୁଙ୍କ ପ୍ରତିମୂର୍ତ୍ତିରେ ପ୍ରଥମେ ଅତିଥିମାନେ ପୁଷ୍ପମାଲ୍ୟ ପ୍ରଦାନ ପରେ ଶ୍ରୀଜଗନ୍ନାଥଙ୍କ ମୂର୍ତ୍ତି ନିକଟରେ ଦୀପ ଜାଳି କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ଆଲୋଚନାଚକ୍ରରେ ମୁଖ୍ୟ ଅତିଥି ଭାବେ ପ୍ରାକ୍ତନ ପ୍ରଫେସର ନିତ୍ୟାନନ୍ଦ ପ୍ରଧାନ, ସମ୍ମାନିତ ଅତିଥି ଭାବେ ପ୍ରଫେସର ଡ. ସରୋଜକାନ୍ତ ଚୌଧୁରୀ ଏବଂ ମୁଖ୍ୟବକ୍ତା ରେଭେନ୍‌ଶା ବିଶ୍ୱବିଦ୍ୟାଳୟ ଶିକ୍ଷା ବିଭାଗ ପ୍ରଫେସର ସୁଦର୍ଶନ ମିଶ୍ର ଯୋଗଦେଇ ଜାତୀୟ ଶିକ୍ଷା ନୀତି ପ୍ରୟୋଗର ସାମ୍ପ୍ରତିକ ଆହ୍ୱାନ, ପ୍ରତିବନ୍ଧକ ସମେତ ବାସ୍ତବ ଚିତ୍ର ଉପସ୍ଥାପନ କରିବା ସହ ବିକଶିତ ଭାରତ ଗଠନ ଦିଗରେ ଏହାର ମୁଖ୍ୟ ଭୂମିକା ପ୍ରସଙ୍ଗରେ ବକ୍ତବ୍ୟ ରଖିଥିଲେ। କାର୍ଯ୍ୟକ୍ରମକୁ ଅଧ୍ୟାପକ ଡ. କୈଳାସ ଚନ୍ଦ୍ର ମହାରଣା ସଂଯୋଜନା କରିଥିଲେ। ଅଧ୍ୟାପିକା କୀର୍ତ୍ତିମୟୀ ବାରିକ୍ ଓ ଅଧ୍ୟକ୍ଷ ଡ. ସୁବୁଦ୍ଧି ଧନ୍ୟବାଦ ଦେଇଥିଲେ।




କାର୍ଯ୍ୟକ୍ରମରେ ଉପସ୍ଥିତ ଅତିଥି ଏବଂ ବିଦ୍ୟାର୍ଥୀମାନେ।

# ଖୋର୍ଦ୍ଧା ଜଟଣୀକୁ ହରାଇ ନୟାଗଡ଼ ଡମସାହି ବିଜୟୀ

## ମା' ରାମଚଣ୍ଡୀ ରାଜ୍ୟସ୍ତରୀୟ କବାଡ଼ି ତୃତୀୟ ଲିଗ୍ ମ୍ୟାଚ୍

ବୋଲଗଡ଼,୯।୧୦(ଦେବବ୍ରତ ହୋତା)




ବୋଲଗଡ଼ ବ୍ଲକ ବାଙ୍କୋଇ କଚେରୀ ବର କବାଡ଼ି ଖେଳପଡ଼ିଆରେ ମା' ରାମଚଣ୍ଡୀ କବାଡ଼ି ଆସୋସିଏଶନ ଆନୁକୂଲ୍ୟରେ ଚାଲିଥିବା ୪୪ତମ ରାଜ୍ୟସ୍ତରୀୟ କବାଡି ଟୁର୍ନାମେଣ୍ଟର ବୁଧବାର ତୃତୀୟ ଲିଗ୍ ମ୍ୟାଚ୍ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଖୋର୍ଦ୍ଧା ଜିଲା ଜଟଣୀ କବାଡ଼ି ଟିମ୍‌କୁ ୩ ପଏଣ୍ଟ ଅଧିକ ବ୍ୟବଧାନରେ ପରାସ୍ତ କରି ନୟାଗଡ଼ ଡମସାହି କବାଡ଼ି ଟିମ୍ ବିଜୟୀ ହୋଇଛି। ମ୍ୟାଚର ପ୍ରଥମାର୍ଦ୍ଧ ସୁଦ୍ଧା ଜଟଣୀ ଟିମ୍ ୧୦ ପଏଣ୍ଟ ହାସଲ କରିଥିବାବେଳେ ଡମସାହି କବାଡ଼ି ଟିମ୍ ୧୩ ପଏଣ୍ଟ ପାଇ ଆଗୁଆ ରହିଥିଲା। ତେବେ ଖେଳର ନିର୍ଦ୍ଧାରିତ ସମୟ ଶେଷ ସୁଦ୍ଧା ଜଟଣୀ ଟିମ୍ ୨୫ ପଏଣ୍ଟ ପାଇଥିବାବେଳେ ଡମସାହି ଟିମ୍ ୨୮ ପଏଣ୍ଟ ହାସଲ କରି ମ୍ୟାଚ୍ ବିଜୟୀ ହୋଇଛି। ରେଫରୀ ଭାବେ ନାରାୟଣ ଜେନା, ବିଜୟ ମହାରଣା ପ୍ରମୁଖ ଖେଳ ପରିଚାଳନା କରିଥିଲେ। ସୁରେଶ କୁମାର ସାମନ୍ତରାୟଙ୍କ ପୌରୋହିତ୍ୟରେ ମୁଖ୍ୟ ଅତିଥି ରୂପେ ଖୋର୍ଦ୍ଧା ଜିଲା ଓଷ୍ଟା କାର୍ଯ୍ୟକାରୀ ସଭାପତି ଯୋଗେଶ ଚନ୍ଦ୍ର ସାମନ୍ତସିଂହାର ଏବଂ ସମ୍ମାନିତ ଅତିଥି ଭାବେ ପୂର୍ବତନ ସରପଞ୍ଚ ଫକୀରମୋହନ ସ୍ୱାଇଁ, ଯୁବନେତା ବିଶ୍ୱରଞ୍ଜନ ବିଶ୍ୱାଳ ଏବଂ ଶିକ୍ଷକ ନେତା ସୁମନ୍ତ ଛୋଟରାୟ ପ୍ରମୁଖ ଯୋଗଦେଇଥିଲେ। ଟୁର୍ନାମେଣ୍ଟର ଚତୁର୍ଥ ଲିଗ୍ ମ୍ୟାଚ୍ ପୁରୀ ଜିଲା ପିପିଲି କବାଡ଼ି ଟିମ୍ ଏବଂ ଖୋର୍ଦ୍ଧା ଜିଲା ପଟିଆ କବାଡ଼ି ଟିମ ମଧ୍ୟରେ ହେବ ବୋଲି ଆୟୋଜକଙ୍କ ପକ୍ଷରୁ ସୂଚନା ରହିଛି।

# ୯ ମାସରେ ଲୁଟିନେଲେ ୬୮ କୋଟିରୁ ଅଧିକ ଟଙ୍କା

ଭୁବନେଶ୍ୱର,୯।୧୦
(ସୂର୍ଯ୍ୟକାନ୍ତ ବେହେରା)

ପୋଲିସ ଯେତେ ସଚେତନ କଲେ ବି ଲୋକେ ଲୋଭରେ ପଡି ସାଇବର ଠକେଇର ଶିକାର ହେଉଛନ୍ତି। ଏପଟେ ଯେତେ ଅତ୍ୟାଧୁନିକ ବ୍ୟବସ୍ଥା ସହ ଦକ୍ଷତା ବୃଦ୍ଧି କରାଯାଉଥିଲେ ମଧ୍ୟ ସାଇବର ଠକେଇର ତଦନ୍ତ ଓ କାର୍ଯ୍ୟାନୁଷ୍ଠାନ କ୍ଷେତ୍ରରେ କମିଶନରେଟ ପୋଲିସ ସେପରି ସଫଳତା ପାଇପାରୁନି। ଏପରିକି ବଡ଼ ବଡ଼ ଠକେଇ ଘଟଣାକୁ ନେଇ ପୋଲିସ ତତ୍ପରତା ଦେଖାଉଥିବାବେଳେ ଛୋଟ ଘଟଣାକୁ ସେପରି ଗୁରୁତ୍ୱ ଦେଉ ନ ଥିବାରୁ ରାଜଧାନୀ ଭୁବନେଶ୍ୱରରେ ସାଇବର ଠକେଇ ଘଟଣା ବଢ଼ି ଚାଲିଛି। ସାଇବର ଅପରାଧୀମାନେ ନୂଆ ନୂଆ ଉପାୟରେ ଲୋକଙ୍କ ବ୍ୟାଙ୍କ ଆକାଉଣ୍ଟ ଖାଲି କରିଦେଉଛନ୍ତି। ସେମାନେ ସାଧାରଣତଃ ଅଶ୍ଳୀଳ ଭିଡିଓ, ବକେୟା ବିଦ୍ୟୁତ୍ ବିଲ୍, ଡିଜିଟାଲ ଆରେଷ୍ଟ, ୟୁପିଆଇ, କ୍ରେଡିଟ୍ ଓ ଡେବିଟ କାର୍ଡ ଏବଂ ହ୍ୱାଟ୍ସଆପ୍, ଟେଲିଗ୍ରାମ ମାଧ୍ୟମରେ ଟ୍ରେଡିଂ ଲିଙ୍କ୍ ପଠାଇ ଲୋଭ ଦେଖାଇ ଟଙ୍କା ଲୁଟୁଛନ୍ତି। ସବୁଠାରୁ ଆଶ୍ଚର୍ଯ୍ୟର କଥା ହେଉଛି, ସାଇବର ଠକଙ୍କ ଜାଲରେ ସହରର ଅଧିକ ଶିକ୍ଷିତ ଓ ସଚେତନ ନାଗରିକ ହିଁ ବେଶି ଫସୁଛନ୍ତି। କମିଶନରେଟ ପୋଲିସର ସାଇବର ରିପୋର୍ଟରୁ ଜଣାପଡିଛି ଯେ, ଭୁବନେଶ୍ୱରରେ ଜାନୁୟାରୀରୁ ସେପ୍ଟେମ୍ବର ମଧ୍ୟରେ ୩୬୬୦ଟି ସାଇବର ଠକେଇ ଅଭିଯୋଗ ହୋଇଥିବାବେଳେ ସାଇବର ଅପରାଧୀମାନେ ୬୮ କୋଟି ୬୯ ଲକ୍ଷ ୯୦ ହଜାର ୮୭୫ ଟଙ୍କା ଠକି ନେଇଛନ୍ତି। ହେଲେ ଏହି ଠକେଇ ଟଙ୍କାରୁ ପୋଲିସ ମାତ୍ର ୧ କୋଟି ୪୦ ଲକ୍ଷ ଟଙ୍କା ଅଭିଯୋଗକାରୀଙ୍କୁ ଫେରସ୍ତ କରିଥିବାବେଳେ ୧୧ କୋଟି ୭୪ ହଜାର ୬୪୩ ଟଙ୍କା ଫ୍ରିଜ୍ କରିପାରିଛି। ସେହିଭଳି ଏହି ୯ ମାସ ମଧ୍ୟରେ ମାତ୍ର ୨୪ଜଣ ସାଇବର ଅପରାଧୀଙ୍କୁ ଗିରଫ କରିଛି। ଏ ସଂକ୍ରାନ୍ତରେ ଭୁବନେଶ୍ୱର ଡିସିପି ପିନାକ ମିଶ୍ର ବୁଧବାର ସୂଚନା ଦେଇ କହିଛନ୍ତି, ସହରରେ ସାଇବର ଅପରାଧ ମାମଲା ବଢୁଛି। ତେବେ ସାଇବର ଠକଙ୍କଠାରୁ ସତର୍କ ରହିବା ପାଇଁ ଡିସିପି ପରାମର୍ଶ ଦେଇଛନ୍ତି। ଏଥିରୁ ସାଇବର ଅପରାଧ ରୋକିବାରେ ପୋଲିସ ବିଫଳ ହୋଇଥିବା ସ୍ପଷ୍ଟ ହେଉଛି। ତଦନ୍ତରେ ବୈଷୟିକ ଜ୍ଞାନକୌଶଳର ଉପଯୋଗସତ୍ତ୍ୱେ ପୋଲିସ ବଡ଼ ବଡ଼ ସାଇବର ଅପରାଧୀ ବା ମାଷ୍ଟରମାଇଣ୍ଡଙ୍କ ପାଖରେ ପହଞ୍ଚିପାରୁନାହିଁ। ବିଶେଷକରି ରାଜ୍ୟ ଓ ଦେଶ ବାହାରୁ ଠକେଇ ରାକେଟ ଅପରେଟ ହେଉଥିବାରୁ ପୋଲିସ ମୁଖ୍ୟ ଠକଙ୍କୁ ଧରିବାରେ ସେପରି ସକ୍ଷମ ହୋଇପାରୁ ନାହିଁ। ପୁଣି ସାଇବର ଠକମାନେ ପୋଲିସଠାରୁ ଅଧିକ ଚତୁର ଥିବାରୁ ଟଙ୍କା ଫେରସ୍ତ ଓ ଗିରଫ ହାର ଅତି ନୈରାଶ୍ୟଜନକ ବୋଲି ଜଣାପଡିଛି।

**ରାଜଧାନୀରେ ବଢ଼ିଚାଲିଛି ସାଇବର ଠକେଇ**



# ଅଭିଯୁକ୍ତଙ୍କୁ ୧୪ବର୍ଷ ସଶ୍ରମ କାରାଦଣ୍ଡ

**ଦିବ୍ୟାଙ୍ଗ ନାବାଳିକାଙ୍କୁ ବଳାତ୍କାର ମାମଲା**

ବରଗଡ଼,୯।୧୦(ପ୍ରେମାନନ୍ଦ ଖମାରୀ)

ବରଗଡ଼ ଜିଲା ଅତାବିରା ଥାନା ରେଙ୍ଗାଲି କ୍ୟାମ୍ପ ଅଞ୍ଚଳରେ ୨୦୧୪ ମସିହା ନଭେମ୍ବରରେ ଘଟିଥିବା ଦିବ୍ୟାଙ୍ଗ ନାବାଳିକାଙ୍କୁ ବଳାତ୍କାର ଏବଂ ଗର୍ଭପାତ ମାମଲାର ରାୟ ବୁଧବାର ପ୍ରକାଶ ପାଇଛି। ବରଗଡ଼ ପୋକ୍ସୋ ବିଚାରପତି ଏହି ମାମଲାର ରାୟ ପ୍ରକାଶ କରି ଅଭିଯୁକ୍ତ ପ୍ରତାପ ପଟ୍ଟନାୟକଙ୍କୁ ୧୪ବର୍ଷ ସଶ୍ରମ କାରାଦଣ୍ଡ ଏବଂ ୨୦ହଜାର ଟଙ୍କା ଜରିମାନାରେ ଦଣ୍ଡିତ କରିଛନ୍ତି। ଜରିମାନା ଅନାଦେୟ ହେଲେ କାରାଦଣ୍ଡ ଅବଧି ଆହୁରି ୬ମାସ ବୃଦ୍ଧି ହେବ ବୋଲି ବିଚାରପତି ଆଦେଶ ଦେଇଛନ୍ତି।

ଅଭିଯୁକ୍ତଙ୍କ ଘରେ ପୀଡ଼ିତା ନାବାଳିକା ବାସନକୁସନ ମାଜିବା କାମ କରୁଥିଲେ। ତେବେ ସେ ଦିବ୍ୟାଙ୍ଗ(ମୂକ, ବଧିର) ଥିବାର ସୁଯୋଗ ନେଇ ଅଭିଯୁକ୍ତ ତାଙ୍କୁ ବଳାତ୍କାର କରିଥିବା ଅଭିଯୋଗ ହୋଇଥିଲା। ଏପରିକି ନାବାଳିକା ଗର୍ଭବତୀ ହେବା ଜାଣିବା ପରେ ଗର୍ଭପାତ କରାଯାଇଥିଲା। ତେବେ ପୀଡ଼ିତା ମୃତଶିଶୁ ଜନ୍ମ କରିଥିଲେ। ପରେ ପୀଡ଼ିତା ତାଙ୍କ ସମ୍ପର୍କୀୟଙ୍କ ସହ ଅତାବିରା ଥାନାକୁ ଯାଇ ଏତଲା ଦେଇଥିଲେ। ତାଙ୍କ ଏତଲାକୁ ଭିତ୍ତିକରି ପୋଲିସ ଏକ ମାମଲା ରୁଜୁ ସହିତ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟଚାଲାଣ କରିଥିଲା। ଅଭିଯୁକ୍ତଙ୍କୁ ବରଗଡ଼ କାରାଗାରକୁ ପଠାଇ ଦିଆଯାଇଥିଲା। ବରଗଡ଼ ପୋକ୍ସୋ କୋର୍ଟରେ ଏହି ମାମଲାର ବିଚାର ଚାଲିଥିଲା। ସରକାରୀ ଓକିଲ ଭୀଷ୍ମଦେବ ସରାଫ ଏହି ମାମଲାର ପରିଚାଳନା କରୁଥିଲେ।

# ଯୁବକଙ୍କ ବେକ କାଟିଲେ, ମୁଣ୍ଡକୁ ଛେଚିଲେ

- ସୁନାମୁଦି, ୫୦ ହଜାର ଟଙ୍କା ଲୁଟିନେଲେ
- ବସ୍‌ରୁ ବଟି ଆଦାୟକୁ ବିରୋଧର ପରିଣାମ

ଖୋର୍ଦ୍ଧା,୯।୧୦
(ପ୍ରଭାତ ପାଣିଗ୍ରାହୀ)

ଖୋର୍ଦ୍ଧା ଏସ୍‌ପି ଅଫିସ ନିକଟରେ ବୁଧବାର ଅପରାହ୍ନରେ ଏକ ଘରୋଇ ଯାତ୍ରୀବାହୀ ବସ୍‌ରେ ହୋଇଛି ଆକ୍ରମଣ। ଭୁବନେଶ୍ୱରରୁ ପୋଲସରା ଯାଉଥିବା ଏକ ବସ୍‌ରେ ଜଣେ ଯୁବକ ବଟି ଆଦାୟକୁ ବିରୋଧ କରିବାରୁ ଦୁର୍ବୃତ୍ତମାନେ ତାଙ୍କ ବେକ କାଟିବା ସହ ମୁଣ୍ଡକୁ ପଥରରେ ଆଘାତ କରି ତାଙ୍କଠାରୁ ସୁନାମୁଦି, ନଗଦ ୫୦ ହଜାର ଟଙ୍କା ଲୁଟି ନେଇଛନ୍ତି। ଆକ୍ରମଣର ଶିକାର ହୋଇଛନ୍ତି ବସ୍ ମାଲିକଙ୍କ ପୁତୁରା ଖୋର୍ଦ୍ଧା ଜିଲା ଟାଙ୍ଗୀ ଅଞ୍ଚଳର ଭବାନୀଶଙ୍କର ସାହୁ। ରକ୍ତ ଜୁଡୁବୁଡୁ ଅବସ୍ଥାରେ ତାଙ୍କୁ ଉଦ୍ଧାର କରାଯାଇ ମେଡିକାଲରେ ଭର୍ତ୍ତି କରାଯାଇଥିଲା। ପ୍ରାଥମିକ ଚିକିତ୍ସା ପରେ ସେ ଏ ନେଇ ଖୋର୍ଦ୍ଧା ଆଦର୍ଶ ଥାନାରେ ଲିଖିତ ଅଭିଯୋଗ କରିଛନ୍ତି।

ସୂଚନା ଅନୁଯାୟୀ, ଅପରାହ୍ନ ପ୍ରାୟ ୫ଟାରେ ଭୁବନେଶ୍ୱରରୁ ଲଲିପପ୍ (ନଂ. ଓଡି଼୦୨ ବିୱାଇ ୩୨୩୧) ନାମକ ଘରୋଇ ବସ୍ ପୋଲସରା ଯାଉଥିଲା। ଯାତ୍ରୀ ଉଠାଇବା ଏବଂ ଓହ୍ଲାଇବା ପାଇଁ ଖୋର୍ଦ୍ଧା ଏସ୍‌ପି ଅଫିସ ନିକଟରେ ଥିବା ବସ୍‌ଷ୍ଟପରେ ବସ୍ ଅଟକିଥିଲା। ଏହି ସମୟରେ ଶିଶୁଆ ବେହେରା ନାମକ ବ୍ୟକ୍ତି ନିଜକୁ ବସ୍ ସୁପରଭାଇଜର ପରିଚୟ ଦେଇ ୫୦ ଟଙ୍କା ସହ ମଦ ପିଇବା ପାଇଁ କଣ୍ଡକ୍ଟରଙ୍କୁ ଟଙ୍କା ମାଗିଥିଲେ। ବାହାରେ ପାଟିତୁଣ୍ଡ ଶୁଣି ବସ୍‌ରେ ଥିବା ବସ୍ ମାଲିକଙ୍କ ପୁତୁରା ଭବାନୀଶଙ୍କର ବାହାରକୁ ଆସି ଟଙ୍କାଟିଏ ବି ଦିଆଯିବ ନାହିଁ ବୋଲି କହିଥିଲେ। ଏଥିରେ ଶିଶୁଆ ଉତ୍ତ୍ୟକ୍ତ ହୋଇ ପ୍ରଥମେ ଅଶ୍ରାବ୍ୟ ଭାଷାରେ ଗାଳିଗୁଲଜ କରିଥିଲେ। ବସ୍‌ରୁ ଭବାନୀଶଙ୍କରଙ୍କୁ ଭିଡ଼ିଆଣି ହାତରେ ଧରିଥିବା ଏକ ଚାବିରେ ବେକକୁ କାଟିବା ସହ ମୁଣ୍ଡକୁ ପଥରରେ ଛେଚି ଦେଇଥିଲେ। ବଟି ନ ଦେଲେ ଜୀବନରୁ ମାରିଦେବାକୁ ଧମକ ଦେବା ସହ ହାତରୁ ସୁନାମୁଦି ଓ ୫୦ ହଜାର ଟଙ୍କା ଲୁଟି ଫେରାର ହୋଇଯାଇଥିଲେ। ଏନେଇ ଟାଉନ ଥାନାରେ ଭବାନୀଶଙ୍କର ଲିଖିତ ଅଭିଯୋଗ କରିଛନ୍ତି। ଏହି ଘଟଣାକୁ ମା' ଭଗବତୀ ଘରୋଇ ବସ ମାଲିକ ସଂଘ ବାଲୁଗାଁ ପକ୍ଷରୁ ନିନ୍ଦା ଓ ବିରୋଧ କରାଯାଇଛି। ଖୋର୍ଦ୍ଧା ଘରୋଇ ବସ୍ ମାଲିକ ସଂଘ ସମ୍ପାଦକ ସାରଦା ମହାପାତ୍ର ତୁରନ୍ତ ସମ୍ପୃକ୍ତ ଅସାମାଜିକ ବ୍ୟକ୍ତିଙ୍କୁ ଗିରଫ କରାଯିବାକୁ ଦାବି କରିଛନ୍ତି। ଏସ୍‌ପିଙ୍କ କାର୍ଯ୍ୟାଳୟ ନିକଟରେ ବଟି ଆଦାୟକୁ ବିଭିନ୍ନ ମହଲରେ ସମାଲୋଚନା କରାଯାଇଛି। ଏଭଳି ଅସାମାଜିକ କାର୍ଯ୍ୟକଳାପକୁ ପୋଲିସ୍ ରୋକିପାରୁ ନ ଥିବା ବେଳେ ଆଇନଶୃଙ୍ଖଳା କିପରି ସଜାଡ଼ିବ ବୋଲି ସାଧାରଣରେ ପ୍ରଶ୍ନବାଚୀ ସୃଷ୍ଟି ହୋଇଛି।

# ସ୍ୱାମୀଙ୍କୁ ଆଜୀବନ ଜେଲ

**ଯୌତୁକ ପାଇଁ ଗର୍ଭବତୀ ସ୍ତ୍ରୀଙ୍କୁ ହାତୁଡ଼ିରେ ପିଟି ହତ୍ୟା ମାମଲା**

ଭୁବନେଶ୍ୱର,୯।୧୦(ସତ୍ୟଜିତ୍ ରାଉତ)

ଭୁବନେଶ୍ୱର ଏୟାରପୋର୍ଟ ଥାନା ଅଧୀନ କାର୍ଗିଲ ବସ୍ତିରେ ଯୌତୁକ ପାଇଁ ଗର୍ଭବତୀ ସ୍ତ୍ରୀଙ୍କୁ ହାତୁଡ଼ିରେ ପିଟି ହତ୍ୟା ମାମଲାର ରାୟ ବୁଧବାର ପ୍ରକାଶ ପାଇଛି। ଭୁବନେଶ୍ୱର ଦ୍ୱିତୀୟ ଅତିରିକ୍ତ ଜିଲା ଓ ଦୌରା ଜଜ୍ ବନ୍ଦନା କର ରାୟ ପ୍ରକାଶ କରି ଅଭିଯୁକ୍ତ ସ୍ୱାମୀ ମୁରଲୀଧର ବେହେରା (୩୩)ଙ୍କୁ ଦୋଷୀ ସାବ୍ୟସ୍ତ କରିଛନ୍ତି। ତାଙ୍କୁ ଆଜୀବନ ଜେଲଦଣ୍ଡ ସହ ୨୦ ହଜାର ଟଙ୍କା ଜରିମାନା ଦେବାକୁ ନିର୍ଦ୍ଦେଶ ହୋଇଛି। ଜରିମାନା ଦେଇ ନ ପାରିଲେ ମୁରଲୀଧର ଅଧିକ ୬ ମାସ ଜେଲଦଣ୍ଡ ଭୋଗିବେ। ୧୨ ଜଣଙ୍କ ସାକ୍ଷ୍ୟ ଓ ୨୩ଟି ଦସ୍ତାବିଜକୁ ଆଧାର କରି ବିଚାରପତି ଏହି ରାୟ ଶୁଣାଇଛନ୍ତି।

ମାମଲାର ବିବରଣୀ ଅନୁଯାୟୀ, ମୃତା ଶକୁନ୍ତଳା ମାଝୀଙ୍କ ବାପଘର ପାଞ୍ଚଗାଁରେ ହୋଇଥିବାବେଳେ ସେ ୨୦୨୦ ଫେବୃଆରୀରେ ମୁରଲୀଧରଙ୍କୁ ପ୍ରେମ ବିବାହ କରିଥିଲେ। ମୁରଲୀଧର ରାଜମିସ୍ତ୍ରି କାମ କରି ପରିବାର ଚଳାଉଥିଲେ। ବିବାହ ବେଳେ ଶକୁନ୍ତଳାଙ୍କ ପରିବାର ଲୋକେ ଯୌତୁକ ବାବଦକୁ ୭୦ ହଜାର ଟଙ୍କା ସମେତ ଅନ୍ୟ ଅଳଙ୍କାର ଓ ଘରୋଇ ସାମଗ୍ରୀ ଆଦି ଦେଇଥିଲେ। ତେବେ ବିବାହ ପରେ ମୁରଲୀଧର ଓ ତାଙ୍କ ପରିବାର ଲୋକେ ୧ ଲକ୍ଷ ଟଙ୍କା ଅଧିକ ଯୌତୁକ ଦାବି କରି ବିଭିନ୍ନ ସମୟରେ ନିର୍ଯାତନା ଦେଉଥିଲେ। ହେଲେ ଶକୁନ୍ତଳାଙ୍କ ବାପଘର ଲୋକେ ଏତେ ପରିମାଣର ଟଙ୍କା ଦେଇପାରିବେ ନାହିଁ ବୋଲି ମନା କରିଦେଇଥିଲେ। ଫଳରେ ଜୁଲାଇ ୨୪ ସନ୍ଧ୍ୟାରେ ଶକୁନ୍ତଳାଙ୍କୁ ମୁରଲୀଧର ନିସ୍ତୁକ ମାଡ ମାରିବା ସହ ଗାଳିଗୁଲଜ କରିଥିଲେ। ଭାଇଙ୍କୁ କଲ୍ କରି ୫୦ ହଜାର ଟଙ୍କା ଆଣିବାକୁ ସ୍ତ୍ରୀଙ୍କୁ କହିବାରୁ ଉଭୟଙ୍କ ମଧ୍ୟରେ ଝଗଡ଼ା ତୀବ୍ର ରୂପ ନେଇଥିଲା। ଶେଷରେ ମୁରଲୀଧର ହାତୁଡିରେ ପିଟି ପିଟି ସ୍ତ୍ରୀ ଶକୁନ୍ତଳାଙ୍କୁ ହତ୍ୟା କରିଥିଲେ। ଏପରିକି ତାଙ୍କ ପେଟରେ ଥିବା ଛୁଆଟି ମଧ୍ୟ ଦୁନିଆ ଦେଖି ପାରି ନ ଥିଲା। ଏଭଳି ଏକ ହୃଦୟବିଦାରକ ଘଟଣା ସେତେବେଳେ ଚାଞ୍ଚଲ୍ୟ ଖେଳାଇ ଦେଇଥିଲା। ମୃତା ଶକୁନ୍ତଳାଙ୍କ ଭାଇ ସୁକାନ୍ତଙ୍କ ଏତଲାକୁ ଆଧାର କରି ଏୟାରପୋର୍ଟ ଥାନା ପୋଲିସ ଏକ ହତ୍ୟା ମାମଲା (ନଂ.୧୩୩/୨୦୨୦) ରୁଜୁ କରି ତଦନ୍ତ କରି ଅଭିଯୁକ୍ତ ସ୍ୱାମୀ ମୁରଲୀଧରଙ୍କୁ ଗିରଫ କରିଥିଲା। ସେହିବର୍ଷ ନଭେମ୍ବର ୨୦ରେ କୋର୍ଟରେ ଚାର୍ଜଶିଟ୍ ଦାଖଲ ହୋଇଥିଲା। ଅତିରିକ୍ତ ପବ୍ଲିକ୍ ପ୍ରସିକ୍ୟୁଟର ସଲୀଳ କୁମାର ପ୍ରଧାନ ମାମଲା ପରିଚାଳନା କରୁଥିଲେ।

# ପ୍ରଶାନ୍ତଙ୍କୁ ୨ ବର୍ଷ ଜେଲ

**ଭୁବନେଶ୍ୱର କୋର୍ଟ ପରିସରରୁ ଫେରାର ଘଟଣା**


ପ୍ରଶାନ୍ତ ଘଡ଼େଇ

ଭୁବନେଶ୍ୱର,୯।୧୦(ସତ୍ୟଜିତ୍ ରାଉତ)

ଭୁବନେଶ୍ୱର କୋର୍ଟ ପରିସରରୁ କଏଦୀ ଚମ୍ପଟ ମାମଲାରେ ଭୁବନେଶ୍ୱର ପ୍ରଥମଶ୍ରେଣୀ ବିଚାର ବିଭାଗୀୟ ଅଦାଲତ (ଜଏମ୍ଏଫ୍‌ସି)-୪ ର ବିଚାରପତି ସୂର୍ଯ୍ୟନାରାୟଣ ମହାନ୍ତି ବୁଧବାର ରାୟ ଶୁଣାଇଛନ୍ତି। ଖସି ପଳାଇଥିବା ଅଭିଯୁକ୍ତ ପ୍ରଶାନ୍ତ ଘଡ଼େଇଙ୍କୁ ୨ବର୍ଷ ଜେଲଦଣ୍ଡ ହୋଇଛି।

ମାମଲାର ବିବରଣୀ ଅନୁଯାୟୀ, ଅଭିଯୁକ୍ତ ପ୍ରଶାନ୍ତଙ୍କ ନାଁରେ ବିଭିନ୍ନ ଥାନାରେ ଡକାୟତି, ଚୋରି, ଲୁଟ୍ ଆଦି ୫୦ରୁ ଊର୍ଦ୍ଧ୍ୱ ମାମଲା ରହିଛି। ଏପରିକି ସେ ଅଭ୍ୟାସଗତ ଅପରାଧୀ ହୋଇଥିବାରୁ ତାଙ୍କ ବିରୋଧରେ ସିଆର୍‌ପିସି-୧୧୦ ଧାରା ଅନୁଯାୟୀ ମଧ୍ୟ କାର୍ଯ୍ୟାନୁଷ୍ଠାନ ହୋଇଥିଲା। ୨୦୨୩ ଜୁଲାଇ ୧୫ରେ ପ୍ରଶାନ୍ତ ଗିରଫ ହୋଇ ଝାରପଡ଼ା ଜେଲରେ ବିଚାରାଧୀନ କଏଦୀ ଭାବେ ଦିନ କାଟୁଥିଲେ। ତେବେ ସେହିବର୍ଷ ଅକ୍ଟୋବର ୧୭ରେ ଏୟାରଫିଲ୍ଡ ଥାନା ଅଞ୍ଚଳରେ ଏକ ବାଇକ ଚୋରି ମାମଲାରେ ଦଣ୍ଡାଦେଶ ଶୁଣାଣି ପାଇଁ ଏସ୍କର୍ଟ ଟିମ୍ ପ୍ରଶାନ୍ତଙ୍କୁ ଝାରପଡା ଜେଲରୁ କୋର୍ଟକୁ ନେଇଥିଲା। ଶୁଣାଣି ଶେଷ ହେବା ପରେ ପ୍ରଶାନ୍ତ ପରିସ୍ରା କରିବାକୁ ପାଇଖାନା ଯିବାକୁ କହିଥିଲେ। ପରେ ଶୌଚାଳୟକୁ ଯାଇ ସେଠାର ଝରକା ଭାଙ୍ଗି କୌଶଳକ୍ରମେ ଖସି ପଳାଇଥିଲେ। ଏନେଇ ଏତଲାକ୍ରମେ ବଡ଼ଗଡ ଥାନା ପକ୍ଷରୁ ଏକ ମାମଲା (ନଂ.୫୭୮/୨୦୨୩) ରୁଜୁ କରାଯାଇ ଅଭିଯୁକ୍ତ ପ୍ରଶାନ୍ତଙ୍କୁ କିଛିଦିନ ପରେ ଗିରଫ କରାଯାଇଥିଲା। ତେବେ ଏଯାଏ ପ୍ରଶାନ୍ତ ୩ଟି ମାମଲାରେ ଦଣ୍ଡିତ ହୋଇଥିବା ସୂଚନା ମିଳିଛି।

# ପ୍ରକୃତ ଆୟଠାରୁ ସମ୍ପତ୍ତି ୧୨୩% ଅଧିକ

**ପଞ୍ଚାୟତିରାଜ ଅଧିକାରୀ ଗିରଫ**

ଭୁବନେଶ୍ୱର,୯।୧୦(ସତ୍ୟଜିତ୍ ରାଉତ)

ଭିଜିଲାନ୍ସ ଯାଞ୍ଚ ପରେ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗର ବରିଷ୍ଠ ବ୍ୟକ୍ତିଗତ ସଚିବ ରମେଶ ଚନ୍ଦ୍ର ଜେନା ଆୟବହିର୍ଭୂତ ସମ୍ପତ୍ତି ଠୁଳ କରିଥିବା ସ୍ପଷ୍ଟ ହୋଇଛି। ଠାବ ହୋଇଥିବା ସମ୍ପତ୍ତି ରମେଶଙ୍କ ପ୍ରକୃତ ଆୟଠାରୁ ୧୨୩ ପ୍ରତିଶତ ଅଧିକ ବୋଲି ଭିଜିଲାନ୍ସ ପକ୍ଷରୁ ଗୁରୁବାର ସୂଚନା ଦିଆଯାଇଛି। ଏହି ସମ୍ପତ୍ତି ସଂକ୍ରାନ୍ତରେ ରମେଶ ସନ୍ତୋଷଜନକ ଉତ୍ତର ଦେଇ ନ ପାରିବାରୁ ତାଙ୍କୁ ବୁଧବାର ଗିରଫ କରାଯାଇ କାର୍ଯ୍ୟାନୁଷ୍ଠାନ ନିଆଯାଇଛି। ଭିଜିଲାନ୍ସ ସେଲ୍ ଥାନାରେ ରମେଶଙ୍କ ନାମରେ ପିସି ଆମେଣ୍ଡମେଣ୍ଟ ଆକ୍ଟରେ ଏକ ମାମଲା (ନଂ.୧୨/୨୦୨୪) ରୁଜୁ କରାଯାଇ ତଦନ୍ତ ଆରମ୍ଭ ହୋଇଛି। ଅଭିଯୁକ୍ତ ରମେଶଙ୍କୁ ଭୁବନେଶ୍ୱର ସ୍ୱତନ୍ତ୍ର ଭିଜିଲାନ୍ସ କୋର୍ଟ ଚାଲାଣ କରାଯାଇଥିଲା। ଜାମିନ ନ ମିଳିବାରୁ ତାଙ୍କୁ ବିଚାର ବିଭାଗୀୟ ହାଜତକୁ ପଠାଇ ଦିଆଯାଇଛି।

ଆୟ ବହିର୍ଭୂତ ସମ୍ପତ୍ତି ଠୁଳ ଅଭିଯୋଗରେ ମଙ୍ଗଳବାର ଭିଜିଲାନ୍ସ ଟିମ୍ ରମେଶଙ୍କ ଘର ସମେତ ଖୋର୍ଦ୍ଧା ଓ ଭୁବନେଶ୍ୱରର ୮ସ୍ଥାନରେ ଏକକାଳୀନ ଚଢ଼ାଉ କରିଥିଲା। ରମେଶଙ୍କ ଭୁବନେଶ୍ୱର ଗୋଠପାଟଣା ମୌଜାରେ ଗୋଟିଏ ୩ମହଲା କୋଠା, କଳିଙ୍ଗବିହାରରେ ଗୋଟିଏ ଦୁଇ ମହଲା କୋଠା ଓ ଖୋର୍ଦ୍ଧା ନିରାକାରପୁରରେ ଗୋଟିଏ କୋଠା ଠାବ ହୋଇଥିଲା। ଏଥିସହ ୫ଟି ବହୁମୂଲ୍ୟ ପ୍ଲଟ୍ ସମେତ ଘରୁ ୫.୫୦ଲକ୍ଷର ବ୍ୟାଙ୍କ ଜମା, ଗୋଟିଏ ୪ ଚକିଆ ଯାନ ଓ ୩ଟି ଦୁଇ ଚକିଆ ଯାନ ଏବଂ ୯ ଲକ୍ଷର ସୁନା, ଘରୋଇ ସାମଗ୍ରୀ, ନଗଦ ଟଙ୍କା ମଧ୍ୟ ଠାବ ହୋଇଥିଲା।

# ନାବାଳିକାଙ୍କ ବଳାତ୍କାରୀଙ୍କୁ ୧୦ବର୍ଷ ଜେଲ

ଭୁବନେଶ୍ୱର,୯।୧୦
(ସୂର୍ଯ୍ୟକାନ୍ତ ବେହେରା)

ନନ୍ଦନକାନନ ଥାନା ଅଞ୍ଚଳରେ ଜଣେ ନାବାଳିକାଙ୍କୁ ଅପହରଣ ପରେ ବଳାତ୍କାର ମାମଲାର ରାୟ ଭୁବନେଶ୍ୱର ଆଡ୍‌ହକ ଆଡିଶନାଲ ସେସନ୍ସ ଜଜ୍ ଓ ଫାଷ୍ଟଟ୍ରାକ ସ୍ପେଶାଲ କୋର୍ଟ (ପୋକ୍‌ସୋ)ରେ ପ୍ରକାଶ ପାଇଛି। ବିଚାରପତି ସରୋଜ କୁମାର ସାହୁ ଏହି ମାମଲାର ବିଚାର କରି ଅଭିଯୁକ୍ତ ଜଗଦାନନ୍ଦ ସାମଲଙ୍କୁ ଦୋଷୀ ସାବ୍ୟସ୍ତ କରି ୧୦ ବର୍ଷର ଜେଲ ଦଣ୍ଡ ଶୁଣାଇଛନ୍ତି। ଏହାସହ ୫ ହଜାର ଟଙ୍କାର ଜରିମାନା ଆଦେଶ ଦେଇଛନ୍ତି। ଜରିମାନା ଅନାଦାୟ ଅଧିକ ୩ ମାସ ଜେଲ ଦଣ୍ଡ ଭୋଗିବା ପାଇଁ ମଧ୍ୟ ଆଦେଶ ହୋଇଛନ୍ତି। ୧୫ ଜଣ ସାକ୍ଷୀ ଓ ପ୍ରଯୁଜ୍ୟ ଦସ୍ତାବିଜଗୁଡ଼ିକୁ ଆଧାର କରି କୋର୍ଟ ଏହି ରାୟ ଶୁଣାଇଛନ୍ତି।

ଉଲ୍ଲେଖଯୋଗ୍ୟ ୩୦।୮।୨୦୧୯ ରେ ନାବାଳିକା ଜଣଙ୍କ ସ୍କୁଲ ବସ୍‌କୁ ଅପେକ୍ଷା କରିଥିବା ସମୟରେ ଅଭିଯୁକ୍ତ ତାଙ୍କୁ ଅପହରଣ କରି ପରବର୍ତ୍ତୀ ସମୟରେ ବଳାତ୍କାର କରିଥିଲେ। ପରିବାର ଲୋକେ ପୀଡ଼ିତାଙ୍କୁ ନ ପାଇ ସମ୍ପୃକ୍ତ ଥାନାରେ ଏକ ଲିଖିତ ଅଭିଯୋଗ କରିଥିଲେ। ଏହି ମାମଲାକୁ ସରକାରଙ୍କ ତରଫରୁ ସ୍ୱତନ୍ତ୍ର ପବ୍ଲିକ ପ୍ରସିକ୍ୟୁଟର ରାଜୀବ ସାସମଲ ଓ ଅତିରିକ୍ତ ପବ୍ଲିକ ପ୍ରସିକ୍ୟୁଟର ବଳରାମ ଦେଓ ପ୍ରମୁଖ ପରିଚାଳନା କରିଥିଲେ।



## ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା-ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

**ଗୁଡ଼ କିଣିଥିଲି ଅଢ଼େଇଏ**
**ପୁଅ ବାହା କଲି**
**ଝିଅ ବାହା କଲି**
**ଆଉ ରହିଲା ଶଢ଼େଇଏ।**

ଅତି କୃପଣ, ଶାମୁକାଏ ଚିନିରେ ସମୁଦ୍ର ଯାକ ପଣା କଲାବାଲା। ସାଧାରଣତଃ ପୁଅ ଝିଅଙ୍କ ବିବାହ କରାଇବାରେ ବ୍ୟକ୍ତିଙ୍କୁ ଅଧିକ ଖର୍ଚ୍ଚାନ୍ତ ହେବାକୁ ପଡ଼ିଥାଏ। ଏପରିକି ସଞ୍ଚିତ କରାଯାଇଥିବା ଅର୍ଥ ବେଳେବେଳେ ନିଅଣ୍ଟ ପଡୁଥିବାର ମଧ୍ୟ ଲକ୍ଷ୍ୟ କରାଯାଇଥାଏ। ବିବାହ ନେଇ ଯୋଜନା କରାଯାଇଥିବା ଖର୍ଚ୍ଚରୁ ଆଉ କିଛି ଅର୍ଥ ବଳି ପଡ଼ିଥିବା ନେଇ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**ଗଙ୍ଗଶିଉଳି**
**କି ଖରାଲାଗି ତୁ ଗଲୁ ଝାଉଁଳି ?**

ଗଙ୍ଗଶିଉଳି ଫୁଲ ରାତିରେ ଫୁଟି ସକାଳର ଖରା ପଡ଼ିବା ପୂର୍ବରୁ ଝଡ଼ି ପଡୁଥିବାର ଲକ୍ଷ୍ୟ କରାଯାଇଥାଏ। ପରୋକ୍ଷରେ କଟୁ ବଚନ ଦ୍ୱାରା ଆଘାତପ୍ରାପ୍ତ ରୂପବତୀ କନ୍ୟାର ମୁଖମଣ୍ଡଳ ଦୁଃଖ ଓ ଅଭିମାନରେ ଝାଉଁଳି ପଡ଼ିଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ରୂଢ଼ି ପ୍ରୟୋଗ - ଏ.କେ. ମିଶ୍ର ପବ୍ଲିଶର୍ସ ପ୍ରା:ଲି:

# ରାୟବାହାଦୁର ଲେନ୍‌ରେ ଯୁବକଙ୍କୁ ଛୁରାମାଡ଼

ପୁରୀ,୮।୧୦
(ଅଜିତ୍ କୁମାର ମହାନ୍ତି)

ପୁରୀ ସହରରେ ବୁଧବାର ସନ୍ଧ୍ୟାରେ ଜଣେ ଯୁବକଙ୍କୁ ଛୁରାମାଡ଼ ହୋଇଛି। ଛୁରାମାଡ଼ରେ କୁମ୍ଭାରପଡ଼ା ଥାନା ଅନ୍ତର୍ଗତ ରାୟବାହାଦୁର ଲେନ୍ ଅଞ୍ଚଳର ରାକେଶ ମହାପାତ୍ର ଗୁରୁତର ଆହତ ହୋଇଛନ୍ତି। ତାଙ୍କ ପିଠି ଓ ପେଟରେ ଗଭୀର କ୍ଷତ ହୋଇଛି। ଗୁରୁତର ଅବସ୍ଥାରେ ତାଙ୍କୁ ପ୍ରଥମେ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ପରେ ତାଙ୍କୁ କଟକ ଏସ୍‌ସିବି ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ପୂର୍ବଶତ୍ରୁତାକୁ କେନ୍ଦ୍ରକରି ଏହି ଘଟଣା ଘଟିଥିବା ପୋଲିସ ଅନୁମାନ କରୁଛି।

ସୂଚନା ଅନୁଯାୟୀ, ସନ୍ଧ୍ୟାରେ ରାକେଶ ବଳଗଣ୍ଡିଛକରୁ ନିଜ ଘରକୁ ଫେରୁଥିଲେ। ଏହି ସମୟରେ ରାୟବାହାଦୁର ଲେନ୍‌ଠାରେ ତାଙ୍କୁ ଦୁଇଜଣ ଦୁର୍ବୃତ୍ତ ସଂଘବଦ୍ଧ ଭାବେ ଛୁରିରେ ଆକ୍ରମଣ କରି ଘଟଣାସ୍ଥଳରୁ ଫେରାର ହୋଇଯାଇଥିଲେ। ରାକେଶ ଚିତ୍କାର କରି ରକ୍ତାକ୍ତ ଅବସ୍ଥାରେ ତଳେ ପଡ଼ିଯାଇଥିଲେ। ତାଙ୍କ ପରିବାର ଲୋକେ ତାଙ୍କୁ ଉଦ୍ଧାର କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ନେଇଥିଲେ। ଖବର ପାଇ ଅତିରିକ୍ତ ଏସ୍‌ପି, ସିଟି ଡିଏସ୍‌ପି, କୁମ୍ଭାରପଡ଼ା ପୋଲିସ, ଟାଉନ ଥାନା ଏବଂ ସମୁଦ୍ରକୂଳ ଥାନା ପୋଲିସ ମେଡିକାଲରେ ପହଞ୍ଚି ତଦନ୍ତ ଆରମ୍ଭ କରିଛନ୍ତି। ଏନେଇ ଅତିରିକ୍ତ ଏସ୍‌ପି ସୁଶିଲ କୁମାର ମିଶ୍ର କହିଛନ୍ତି, ପୋଲିସ ମେଡିକାଲ ଓ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ଆହତ ହୋଇଥିବା ଯୁବକଙ୍କ ପରିବାର ଲୋକଙ୍କୁ ଏନେଇ ପଚରାଉଚରା କରାଯିବ। ତଦନ୍ତ ପରେ ଆକ୍ରମଣର ପ୍ରକୃତ କାରଣ ସମ୍ପର୍କରେ ଜଣାପଡ଼ିବ। ତେବେ ପୂର୍ବଶତ୍ରୁତାକୁ ନେଇ ଆକ୍ରମଣ ହୋଇଥିବା ଅନୁମାନ କରାଯାଉଛି ବୋଲି ମିଶ୍ର କହିଛନ୍ତି। ଅନ୍ୟପକ୍ଷରେ ଆକ୍ରମଣର ଶିକାର ହୋଇଥିବା ଯୁବକ ପୂର୍ବରୁ ଏକ ହତ୍ୟା ମାମଲାରେ ଜେଲ ଯାଇଥିଲେ। କିଛି ଦିନ ତଳେ ସେ ଜେଲରୁ ଘରକୁ ଫେରିଥିଲେ। ପୂର୍ବଶତ୍ରୁତାକୁ ନେଇ ରାକେଶଙ୍କୁ ରାୟବାହାଦୁର ଲେନ୍‌ର ରକି ଏବଂ ତାଙ୍କ ସହଯୋଗୀ ଛୁରାମାଡ଼ କରିଥିବା ସାଧାରଣରେ ଆଲୋଚନା ହେଉଛି।

# ମହିଳାଙ୍କ ମୃତଦେହ ଜବତ: ହତ୍ୟା ସନ୍ଦେହ

ଲହୁଣୀପଡ଼ା,୯।୧୦(ଦାଶରଥି ପଣ୍ଡା)

ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ଥାନା ଅନ୍ତର୍ଗତ କୁଲିପୋଷ ପଞ୍ଚାୟତ ବିଜାଘାଟ ଗ୍ରାମ ନିକଟ ଏକ ଅର୍ଦ୍ଧ ନିର୍ମିତ ଘରୁ ମଙ୍ଗଳବାର ଜଣେ ମହିଳାଙ୍କ ମୃତଦେହ ପୋଲିସ ଜବତ କରିଛି। ମୃତା ମହିଳା ହେଲେ ବିଜାଘାଟ ଗ୍ରାମର ଲକ୍ଷ୍ମୀ ନାୟକ(୪୦)। ସୋମବାର ବିଳମ୍ବିତ ରାତିରେ ମହିଳାଙ୍କୁ ଏକ ଧାରୁଆ ଅସ୍ତ୍ରରେ କେହି ନିର୍ମମଭାବେ ହତ୍ୟା କରିଥିବା ତାଙ୍କ ସମ୍ପର୍କୀୟ ଲୋକେ ଲହୁଣୀପଡା ଥାନାରେ ଅଭିଯୋଗ କରିଛନ୍ତି। ହତ୍ୟାର କାରଣ ଅସ୍ପଷ୍ଟ ରହିଛି। ଅଭିଯୁକ୍ତଙ୍କୁ ଧରିବା ପାଇଁ ପୋଲିସ ତନାଘନା ଚଳାଇଥିବା ବେଳେ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।



ବୁଧବାର ଅପରାହ୍ନରେ ଉପଗ୍ରହରୁ ଉତ୍ତୋଳିତ ପାଣିପାଗ ଚିତ୍ର।

# ଧାର ଟଙ୍କା ମାଗିବାରୁ ଯୁବକଙ୍କୁ ହତ୍ୟା

ବାଲିଶଙ୍କରା,୯।୧୦(ହୃଦାନନ୍ଦ ବାରିକ)

ସୁନ୍ଦରଗଡ଼ ଜିଲା ତଲସରା ଥାନା ଅନ୍ତର୍ଗତ କୁରେଇ ପଞ୍ଚାୟତ ଲମଟି କରୁଆପଡାରେ ମଙ୍ଗଳବାର ରାତିରେ ଏକ ଅଭାବନୀୟ ଘଟଣା ଘଟିଛି। ଧାର ଟଙ୍କା ମାଗିବାରୁ ଯୁବକଙ୍କୁ ଟାଙ୍ଗିଆରେ ହାଣି ଅତି ନିର୍ମମଭାବେ ହତ୍ୟା କରାଯାଇଛି। ମୃତକ ହେଲେ ବର୍ହାଡେମା ଗ୍ରାମର ସୁରେନ୍ଦ୍ର ମାଝୀ(୨୨)। ତଳସରା ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ଜିଲା ମୁଖ୍ୟ ଚିକିତ୍ସାଳୟକୁ ବ୍ୟବଚ୍ଛେଦ ପାଇଁ ପଠାଇଛି। ଖବର ଲେଖା ହେବା ସୁଦ୍ଧା ଥାନାରେ କୌଣସି ମାମଲା ରୁଜୁ ହୋଇନାହିଁ। ହତ୍ୟାକାରୀ ଘଟଣା ସ୍ଥଳରୁ ଫେରାର ହୋଇଯାଇଛନ୍ତି। ସୂଚନାଯୋଗ୍ୟ, ସୁରେନ୍ଦ୍ରଙ୍କଠାରୁ ଜଣେ ବ୍ୟକ୍ତି ୨ ହଜାର ଟଙ୍କା ଧାର ନେଇଥିଲେ। ମଙ୍ଗଳବାର ଅପରାହ୍ନ ୫ଟାରେ ଧାର ନେଇଥିବା ବ୍ୟକ୍ତି ଜଣଙ୍କ ସୁରେନ୍ଦ୍ରଙ୍କୁ ଫୋନ କରି ପଇସା ନେବାକୁ ତାଙ୍କ ଘରକୁ ଡାକିଥିଲେ। ସୁରେନ୍ଦ୍ର ଗଲା ପରେ ଉଭୟଙ୍କ ମଧ୍ୟରେ ବଚସା ହୋଇଥିଲା। ଏଥିରେ ଉତ୍କ୍ଷିପ୍ତ ହୋଇ ବ୍ୟକ୍ତି ଜଣଙ୍କ ସୁରେନ୍ଦ୍ରଙ୍କୁ ଟାଙ୍ଗିଆରେ ଆକ୍ରମଣ କରିଥିଲେ।

# ଜଙ୍ଗଲରେ ବ୍ରାଉନସୁଗାର ଡିଲ୍: ୨ ଗିରଫ

- ୪୦ ଗ୍ରାମ ବ୍ରାଉନସୁଗାର, ୬ହଜାର ଟଙ୍କା, ୨ବାଇକ, ୪ ମୋବାଇଲ ଜବତ
- ଏଣିକି ସାବାଡ଼ ହେବେ ନିଶା ବେପାରୀ
- ଆଣ୍ଟି ନାର୍କୋଟିକ୍ସ ଟିମ୍ ଗଠନ ସହ ହେଲ୍ପଲାଇନ୍ ନମ୍ବର ଜାରି

ଖୋର୍ଦ୍ଧା,୯।୧୦(ପ୍ରଭାତ ପାଣିଗ୍ରାହୀ)

ଏଣିକି ସାବାଡ୍ ହେବେ ନିଶା ବେପାରୀ। ଖୋର୍ଦ୍ଧା ଜିଲାକୁ ନିଶାମୁକ୍ତ କରିବା ପାଇଁ ଜିଲା ପୋଲିସ ପକ୍ଷରୁ ଆଣ୍ଟି ନାର୍କୋଟିକ୍ସ ଟିମ୍ ଗଠନ କରାଯିବା ସହ ହେଲ୍ପଲାଇନ ନମ୍ବର ୯୪୩୮୯୧୬୫୧୭ ଜାରି କରାଯାଇଛି। ଏହି ଟିମ୍‌କୁ ମିଳିଛି ପ୍ରଥମ ସଫଳତା। ବୁଧବାର ଶିଳ୍ପାଞ୍ଚଳ ଥାନା ଅନ୍ତର୍ଗତ ଗଡ଼ଖୋର୍ଦ୍ଧା ଶାଗୁଆନ ଜଙ୍ଗଲରେ ବ୍ରାଉନସୁଗାର ଡିଲ୍ ଚାଲିଥିବାବେଳେ ୨ଜଣ ନିଶା ବେପାରୀଙ୍କୁ ଏହି ଟିମ୍ ଗିରଫ କରିଛି। ଗିରଫ ନିଶା ବେପାରୀ ଦ୍ୱୟ ହେଲେ ଖୋର୍ଦ୍ଧା ଆଦର୍ଶ ଥାନା ଅନ୍ତର୍ଗତ ପଲ୍ଲା ଲୋକେଶ୍ୱରପୁରର ଅନିଲ କୁମାର ରାୟ (୨୮) ଏବଂ ଶିଳ୍ପାଞ୍ଚଳ ଥାନା ଅଧୀନ ଜେମାଦେଈ ହାଉସିଂବୋର୍ଡ କଲୋନୀରେ ରହୁଥିବା ବୌଦ୍ଧ ଜିଲା ରାଜନପାଲ୍ଲୀର ଆକାଶ ସେଠୀ। ସେମାନଙ୍କଠାରୁ ୪୦ଗ୍ରାମ ବ୍ରାଉନସୁଗାର, ୬ହଜାର ଟଙ୍କା, ୪ଟି ମୋବାଇଲ, ୨ଟି ବାଇକ ପ୍ଲାଟିନା (ନଂ ଓଡି଼୦୨ବିୟୁ-୪୩୧୮) ଓ କଳା ପଲସର(ନଂ ଓଡି଼୦୨ଏଭି-୨୫୫୬) ଜବତ କରାଯାଇଛି। ଏନେଇ ଥାନାରେ ଦଫା ୨୧(ବି)ଏନ୍‌ଡିପିଏସ ଆକ୍ଟରେ ଏକ ମାମଲା (ନଂ. ୨୩୧/୨୪) ରୁଜୁ ହୋଇଛି ବୋଲି ଜିଲା ଆରକ୍ଷୀ କାର୍ଯ୍ୟାଳୟରେ ଆୟୋଜିତ ଖବରଦାତା ସମ୍ମିଳନୀରେ ଜିଲା ଆରକ୍ଷୀ ଅଧୀକ୍ଷକ ସାଗରିକା ନାଥ ସୂଚନା ଦେଇଛନ୍ତି।


ଜବତ ସାମଗ୍ରୀ ଓ ଗିରଫ ଅଭିଯୁକ୍ତଙ୍କ ସମ୍ପର୍କରେ ଏସ୍‌ପି ସାଗରିକା ନାଥ ସୂଚନା ଦେଉଛନ୍ତି।

ସେ ଆହୁରି କହିଲେ ଯେ, ଦୁଇଜଣ ଡିଏସ୍‌ପି ଯୁଗଳ କିଶୋର ମଲ୍ଲିକ ଏବଂ ଅନିଲ ମହାନ୍ତିଙ୍କ ନେତୃତ୍ୱରେ ଆଣ୍ଟି ନାର୍କୋଟିକ୍ସ ଟିମ୍ ଜିଲାରେ କାର୍ଯ୍ୟ କରିବ। ଯେ କୌଣସି ବ୍ୟକ୍ତି ଏହି ନମ୍ବରରେ ଯୋଗାଯୋଗ କରିପାରିବେ ଓ ଫଟୋ ଭିଡିଓ ପଠାଇପାରିବେ। ସେମାନଙ୍କ ନାମ ଗୁପ୍ତ ରଖାଯିବ। ଜିଲାକୁ ନିଶାମୁକ୍ତ କରିବା ପାଇଁ ଏହି ଟିମ୍ ସ୍ୱତନ୍ତ୍ର ଭାବେ କାମ କରିବ। ଜିଲାକୁ ନିଶାମୁକ୍ତ ପାଇଁ ସମସ୍ତଙ୍କ ସହଯୋଗ ଆବଶ୍ୟକ ବୋଲି ଏସ୍‌ପି କହିଛନ୍ତି। ସୂଚନା ଅନୁଯାୟୀ, ଗଡ଼ଖୋର୍ଦ୍ଧା ନିକଟ ଶାଗୁଆନ ଜଙ୍ଗଲରେ ବ୍ରାଉନସୁଗାର କାରବାର ଚାଲିଥିବା ନେଇ ପୋଲିସ ନିକଟରେ ଖବର ପହଞ୍ଚିଥିଲା। ସଦର ଡିଏସ୍‌ପି ଅନିଲ ମହାନ୍ତିଙ୍କ ନେତୃତ୍ୱରେ ଶିଳ୍ପାଞ୍ଚଳ ଥାନାଧିକାରୀ ଗାୟତ୍ରୀ ମିଶ୍ର, ଏସ୍‌ଆଇ ବାସୁଦେବ ଜୟସିଂ, ହାବିଲଦାର ବି.କେ. ପ୍ରତାପସିଂହ, କନ୍‌ଷ୍ଟେବଲ ଏସ୍.କେ. ସାମନ୍ତସିଂହାର, ଏସ୍. ମଙ୍ଗରାଜ ଏବଂ ଓଏପିଏଫ୍ କନ୍‌ଷ୍ଟେବଲ ବି.କେ. କନ୍ହାରଙ୍କୁ ନେଇ ଗଠିତ ଟିମ୍ ସେଠାରେ ପହଞ୍ଚି ଚାରିପଟୁ ଘେରିଯାଇଥିଲେ। ପୋଲିସକୁ ଦେଖି ନିଶା ବେପାରୀଦ୍ୱୟ ଖସିଯିବାକୁ ଉଦ୍ୟମ କରିଥିଲେ। ତେବେ ସେମାନଙ୍କୁ ପୋଲିସ କାବୁ କରିଥିଲା।

# ମିଛର ଝଡ଼ ସୃଷ୍ଟି କରୁଛି କଂଗ୍ରେସ

## ମୋଦି, ଶାହାଙ୍କୁ ଭେଟିଲେ ସାଇନି

ନୂଆଦିଲ୍ଲୀ,୯।୧୦

ମୋଦି ସରକାରଙ୍କ ଗତ ୧୦ ବର୍ଷର ଶାସନରେ ଗରିବ, କୃଷକ, ଯୁବ ଓ ମହିଳାମାନେ ବିଶେଷ ଉପକୃତ ହୋଇଛନ୍ତି। କେନ୍ଦ୍ରର ଜନକଲ୍ୟାଣକାରୀ ନୀତିକୁ ଦେଖି ହରିୟାଣା ଭୋଟର ଭାଜପାକୁ କ୍ରମାଗତ ତୃତୀୟ ଥର କ୍ଷମତାସୀନ କରାଇଛନ୍ତି। କିନ୍ତୁ ବିରୋଧୀ କଂଗ୍ରେସ ନିଜ ଦୁର୍ବଳତା ଲୁଚାଇବା ପାଇଁ ଇଲେକ୍ଟ୍ରୋନିକ୍ ଭୋଟିଂ ମେଶିନ (ଇଭିଏମ୍)କୁ ନେଇ ମିଛର ଝଡ଼ ସୃଷ୍ଟି କରୁଛି ବୋଲି ହରିୟାଣା ମୁଖ୍ୟମନ୍ତ୍ରୀ ନାଏବ ସିଂ ସାଇନି ସମାଲୋଚନା କରିଛନ୍ତି।

ହରିୟାଣା ମୁଖ୍ୟମନ୍ତ୍ରୀ ନାଏବ ସିଂ ସାଇନି ବୁଧବାର ନୂଆଦିଲ୍ଲୀରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ସାକ୍ଷାତ କରିଛନ୍ତି। ଏହି ଅବସରରେ ମୋଦି ସାଇନିଙ୍କୁ ନିର୍ବାଚନରେ ବିଜୟକୁ ନେଇ ଅଭିନନ୍ଦନ ଜଣାଇଛନ୍ତି। 'ବିକଶିତ ଭାରତ' ଗଠନରେ ହରିୟାଣାର ଭୂମିକା ଆଗକୁ ଆହୁରି ଗୁରୁତ୍ୱପୂର୍ଣ୍ଣ ରହିବ ବୋଲି ସାକ୍ଷାତ ପରେ ମୋଦି ଏକ୍ସ'ରେ ପୋଷ୍ଟ କରିଛନ୍ତି। ହରିୟାଣା ବିଧାନସଭା ନିର୍ବାଚନରେ ଭାଜପାର ବିଜୟ ପରେ ରାଜ୍ୟରେ ନୂଆ ସରକାର ସକାଶେ ସାଇନି ମୋଦି, ସ୍ୱରାଷ୍ଟ୍ର ମନ୍ତ୍ରୀ ଅମିତ ଶାହା, ପ୍ରତିରକ୍ଷା ମନ୍ତ୍ରୀ ରାଜନାଥ ସିଂ, ଭାଜପା ରାଷ୍ଟ୍ରୀୟ ଅଧ୍ୟକ୍ଷ ଜେ.ପି. ନଡ୍ଡା ଓ ଦଳର ଅନ୍ୟ ବରିଷ୍ଠ ନେତାଙ୍କ ସହ ଆଲୋଚନା କରିଥିବା ଜଣାପଡ଼ିଛି। ରାଜ୍ୟରେ ଦଳର ସଫଳତା ପାଇଁ ସାଇନି ପ୍ରଧାନମନ୍ତ୍ରୀଙ୍କ ନୀତିଗୁଡ଼ିକୁ ଶ୍ରେୟ ଦେଇଛନ୍ତି। ଅନ୍ୟପକ୍ଷେ କଂଗ୍ରେସ ନିଜ ପରାଜୟ ପାଇଁ ଇଭିଏମ୍‌କୁ ନେଇ ସନ୍ଦେହ ବ୍ୟକ୍ତ କରୁଥିବାରୁ ଏହା ଉପରେ ପ୍ରଶ୍ନ କରାଯିବାରୁ ସାଇନି କହିଛନ୍ତି, ବିରୋଧୀ ଦଳ ମିଛର ଝଡ଼ ସୃଷ୍ଟି କରୁଛି।


ନୂଆଦିଲ୍ଲୀଠାରେ ବୁଧବାର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ୍ ଶାହା ହରିୟାଣା ମୁଖ୍ୟମନ୍ତ୍ରୀ ନାଏବ ସିଂ ସାଇନିଙ୍କୁ ମିଠା ଖୁଆଉଛନ୍ତି।

# ନବମୀରେ ପୂଜା ମଣ୍ଡପ ବୁଲିବେ ମୁଖ୍ୟମନ୍ତ୍ରୀ

- ନିମନ୍ତ୍ରଣ କଲେ ଭାଜପା ନେତୃବୃନ୍ଦ
- ସପ୍ତମୀରେ ଆସିବେନି ନବୀନ
- ପୂଜା ମଣ୍ଡପ ବୁଲିବେ ସୋଫିଆ, ମୋକିମ

କଟକ,୯।୧୦(ଶିକ୍ଷା ପ୍ରିୟଦର୍ଶିନୀ)

ପୂଜା ପାଇଁ କଟକ ସହର ଉତ୍ସବମୁଖର ହୋଇଉଠିଛି। ବିଭିନ୍ନ ମଣ୍ଡପରେ ଗୁରୁବାର ମା' ଦୁର୍ଗାଙ୍କ ମହାସପ୍ତମୀ ପୂଜା ଅନୁଷ୍ଠିତ ହେବ। ତେବେ ଦୁର୍ଗାପୂଜାରେ ୩ ପ୍ରମୁଖ ଦଳର ନେତୃବୃନ୍ଦ ପୂଜା ମଣ୍ଡପ ବୁଲି ମା'ଙ୍କୁ ଦର୍ଶନ କରିବା କାର୍ଯ୍ୟକ୍ରମ ରହିଛି। ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କୁ ଭୁବନେଶ୍ୱରସ୍ଥିତ ସରକାରୀ ବାସଭବନରେ ଭାଜପା କଟକ ନଗର (ଜିଲା) ସଭାପତି ଲଲାଟେନ୍ଦୁ ବସ୍ତୁ, ପୂର୍ବତନ ମନ୍ତ୍ରୀ ସମୀର ଦେ, ଦଳର ବରିଷ୍ଠ ନେତା ନୟନ କିଶୋର ମହାନ୍ତି, ରାଜ୍ୟ ମୁଖପାତ୍ର ଦିଲୀପ ମଲ୍ଲିକ ଓ ବିଧାୟକ ପ୍ରକାଶ ସେଠୀ ପ୍ରମୁଖ ଭେଟି କଟକର ବିଭିନ୍ନ ପୂଜା ମଣ୍ଡପ ପରିଦର୍ଶନ କରିବା ପାଇଁ ନିମନ୍ତ୍ରଣ କରିଛନ୍ତି। ମୁଖ୍ୟମନ୍ତ୍ରୀ ମାଝୀ ଆସନ୍ତା ଶନିବାର ମହାନବମୀରେ କଟକ ଗସ୍ତ କରି ପୂଜା ମଣ୍ଡପ ବୁଲିବେ ବୋଲି ପ୍ରତିଶ୍ରୁତି ଦେଇଥିବା ବସ୍ତୁ ସୂଚନା ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ଶନିବାର ସକାଳ ୯ଟା ୩୦ ମିନିଟ୍‌ରେ କଟକରେ ପହଞ୍ଚିବେ। ଚୌଧୁରୀ ବଜାର, ଚାନ୍ଦିନୀଚୌକ ଓ ମଙ୍ଗଳାବାଗ ଭଳି ୧୫ଟି ପୂଜା ମଣ୍ଡପ ବୁଲିବା କାର୍ଯ୍ୟକ୍ରମ ରହିଛି। ଅପରପକ୍ଷରେ ବିରୋଧୀ ଦଳ ନେତା ତଥା ପୂର୍ବତନ ମୁଖ୍ୟମନ୍ତ୍ରୀ ନବୀନ ପଟ୍ଟନାୟକଙ୍କୁ କିଛିଦିନ ପୂର୍ବେ ଦଳର ନେତୃବୃନ୍ଦମାନେ ପୂଜା ମଣ୍ଡପ ବୁଲିବା ପାଇଁ ନିମନ୍ତ୍ରଣ କରିଥିଲେ। ଗୁରୁବାର ମହାସପ୍ତମୀରେ କଟକ ଗସ୍ତ କରିବା ପାଇଁ ନବୀନ ପ୍ରତିଶ୍ରୁତି ଦେଇଥିଲେ। ତେବେ ନବୀନଙ୍କ କଟକ ଗସ୍ତ ନେଇ ରାଜ୍ୟ ସଭା ସଦସ୍ୟ ତଥା ବିଜେଡି ଜିଲା ସଭାପତି ଦେବାଶିଷ ସାମନ୍ତରାୟ କହିଛନ୍ତି, ମହାସପ୍ତମୀରେ ନବୀନ ପଟ୍ଟନାୟକ କଟକ ଗସ୍ତ କରିବେ ନାହିଁ। ହେଲେ ଅନ୍ୟ ଦିନ ଅଥବା ଅଷ୍ଟମୀ, ନବମୀ ଓ ଦଶମୀରେ କଟକ ଆସି ପୂଜା ମଣ୍ଡପ ବୁଲିପାରନ୍ତି। ସେହିପରି ଦଶହରାରେ ବାରବାଟୀ-କଟକ ବିଧାୟିକା ସୋଫିଆ ଫିର୍ଦ୍ଦୋସ ଓ ବରିଷ୍ଠ କଂଗ୍ରେସ ନେତା ଇଂ. ମହମ୍ମଦ ମୋକିମ ଦଳୀୟ କର୍ମୀଙ୍କ ସହ ପୂଜା ମଣ୍ଡପ ବୁଲିବା କାର୍ଯ୍ୟକ୍ରମ ରହିଥିବା ସୂଚନା ମିଳିଛି।

# ଆଇସିୟୁରେ ଶେଷନିଃଶ୍ୱାସ ନେଉଛି ବିଜେଡି: ଜୟନାରାୟଣ

## ଭାଜପା ରଙ୍ଗମରା ସରକାର : ରୋହିତ ପୂଜାରୀ

ସମ୍ବଲପୁର, ୯।୧୦
(ଭବାନୀ ଶଙ୍କର ଭୋଇ)

କିଛିଦିନ ପୂର୍ବରୁ ଯୁଯୋମୁରାଠାରେ ବିଜେଡି ଜନସମ୍ପର୍କ ପଦଯାତ୍ରାବେଳେ ସମ୍ବଲପୁର ଜିଲା ବିଜେଡି ସଭାପତି ରୋହିତ ପୂଜାରୀ କହିଥିଲେ, ରାଜ୍ୟର ଭାଜପା ସରକାର ରଙ୍ଗମରା ତଥା କପିପେଷ୍ଟ ସରକାର। ଏ ପ୍ରସଙ୍ଗରେ ବୁଧବାର ଭାଜପା ବରିଷ୍ଠ ବିଧାୟକ ଜୟନାରାୟଣ ମିଶ୍ର କହିଛନ୍ତି, ରୋହିତ ପରାଜିତ ହେବାପରେ ମାନସିକ ଭାରସାମ୍ୟ ହରାଇ ଏଭଳି ବୟାନ ଦେଇଛନ୍ତି। ଆଉ ବିଜେଡି ଏବେ ଆଇସିୟୁରେ ଶେଷନିଃଶ୍ୱାସ ନେଉଛି। ଆଗାମୀ କିଛିବର୍ଷରେ ଏହି ଦଳର କୌଣସି ଅସ୍ତିତ୍ୱ ରହିବ ନାହିଁ।

ଭାଜପାକୁ ରଙ୍ଗମରା ତଥା କପିପେଷ୍ଟ ସରକାର କହିଥିବା ରୋହିତଙ୍କୁ କଡା ଜବାବ ଦେଇ ଜୟନାରାୟଣ କହିଛନ୍ତି, ବିଜେଡିର ଦଳୀୟ ରଙ୍ଗ ଓ ପାକିସ୍ତାନର ରଙ୍ଗ ସମାନ। ଏଣୁ ବିଭିନ୍ନ ସ୍କୁଲରେ ପୂର୍ବରୁ ଲଗା ଯାଇଥିବା ରଙ୍ଗକୁ ବଦଳାଇ ଏବେ ଜାତୀୟ ପତାକାର ରଙ୍ଗ ବୋଳା ଯାଇ ପିଲାଙ୍କ ଭିତରେ ଜାତୀୟତାବାଦ ସୃଷ୍ଟି କରିବାକୁ ଚେଷ୍ଟା କରାଯାଉଛି। ଆଗାମୀ ଦିନରେ ରାଜନୀତିରେ ବିଚାର ଧାରାକୁ ନେଇ ଲଢେଇ ହେବାକୁ ଯାଉଛି। ତେଣୁ ଯେଉଁମାନେ ଅନ୍ୟ ଦଳରେ ଥାଇ ଭାଜପାର ବିଚାର ଧାରାକୁ ପସନ୍ଦ କରନ୍ତି ସେମାନେ ଶୀଘ୍ର ଭାଜପାରେ ସାମିଲ ହେବାକୁ ସେ ପରାମର୍ଶ ଦେଇଛନ୍ତି। ନିର୍ବାଚନ ପରଠାରୁ ରୋହିତ ସାମାଜିକ ଗଣମାଧ୍ୟମରେ ଜୟନାରାୟଣଙ୍କୁ ବିଭିନ୍ନ କଥାରେ ଟାର୍ଗେଟ କରି ବିତର୍କ ପାଇଁ ଆହ୍ୱାନ ଦେଇ ଆସୁଛନ୍ତି। ସାମାଜିକ ଗଣମାଧରେ ଜୟନାରାୟଣ ସେତେଟା ସକ୍ରିୟ ନ ଥିବା ବେଳେ ଗଣମାଧ୍ୟମ ଆଗରେ କିନ୍ତୁ ରୋହିତଙ୍କୁ କଟାକ୍ଷ କରିବାକୁ ପଛାଉନାହାନ୍ତି। 'ଅନ୍ୟପକ୍ଷରେ ସମଲେଇ ପ୍ରକଳ୍ପରେ ବିଜେଡି ସରକାର ଯେତିକି କରିଛି ଭାଜପା ସରକାର ସେଥିରେ ଆହୁରି ଅନେକ କିଛି ବିକଶିତ କରିବାର ଯୋଜନା ରଖିଛି ବୋଲି ଜୟନାରାୟଣ କହିଛନ୍ତି'।


ଜୟନାରାୟଣ ମିଶ୍ର ଓ ରୋହିତ ପୂଜାରୀ

# ବ୍ଲକ୍ କାର୍ଯ୍ୟାଳୟରେ ସବୁଜ ରଙ୍ଗକୁ ଭାଜପାର ବିରୋଧ

ଯୋଡ଼ା,୯।୧୦(ମାନସ ମହାନ୍ତି)

କେନ୍ଦୁଝର ଜିଲା ଯୋଡ଼ା ବ୍ଲକ୍ କାର୍ଯ୍ୟାଳୟରେ ସବୁଜ ରଙ୍ଗ ଏବଂ ବ୍ଲକ୍ ଅଞ୍ଚଳରେ ନିମ୍ନମାନର କାର୍ଯ୍ୟକୁ ଭାଜପା ପକ୍ଷରୁ ବିରୋଧ କରାଯାଇଛି। ଯୋଡ଼ା ବ୍ଲକ୍ ଏମ୍‌ପିଙ୍କ ପ୍ରତିନିଧି ଅଗ୍ନିଚରଣ ମହାନ୍ତ, ଅଲେଖ ବାରିକ, ବିଚିତ୍ରାନନ୍ଦ ନାଏକ, ସୁଧୀର ସର୍ଦ୍ଦାର, ଭରତ କାରୁଆ ଓ ଅଶ୍ୱିନୀ ପ୍ରଧାନ ପ୍ରମୁଖ ଭାଜପା କର୍ମୀ ବୁଧବାର ଯୋଡ଼ା ଅତିରିକ୍ତ ବ୍ଲକ୍ ଉନ୍ନୟନ ଅଧିକାରୀ ସଞ୍ଜୀବ ଏକ୍କାଙ୍କ ନିକଟରେ ଅଭିଯୋଗ କରିଛନ୍ତି।

ଅଭିଯୋଗ ମୁତାବକ, ରାଜ୍ୟ ସରକାରଙ୍କ ପକ୍ଷରୁ ୭ ଅକ୍ଟୋବର ୨୦୨୪ରେ ସରକାରୀ କାର୍ଯ୍ୟାଳୟରେ ରଙ୍ଗ ପରିବର୍ତ୍ତନ କରି ଗେରୁଆ ଓ ନାଲି ରଙ୍ଗ ମାରିବା ପାଇଁ ନିର୍ଦ୍ଦେଶ ଦିଆଯାଇଛି। ମାତ୍ର ବ୍ଲକ୍ କର୍ତ୍ତୃପକ୍ଷ ଏହାକୁ ଅବମାନନା କରି ପୂର୍ବରୁ ଥିବା ସବୁଜ ରଙ୍ଗକୁ କାର୍ଯ୍ୟାଳୟରେ ବ୍ୟବହାର କରିଛନ୍ତି। ଏଥିସହ ବ୍ଲକ୍ କାର୍ଯ୍ୟାଳୟରେ ପ୍ଲାଏ ନିର୍ମାଣ କାର୍ଯ୍ୟ ଅତି ନିମ୍ନମାନର ବୋଲି ଦର୍ଶାଇ ଦଳୀୟ କର୍ମୀମାନେ ପ୍ରତିବାଦ କରିଛନ୍ତି। ଭାଜପା କର୍ମୀମାନେ ଫୋନ୍ ଯୋଗେ ବିଡ଼ିଓଙ୍କୁ ଅଭିଯୋଗ କରିବା ପରେ ଉକ୍ତ କାର୍ଯ୍ୟକୁ ବନ୍ଦ କରାଯିବ ବୋଲି ବିଡ଼ିଓ ପ୍ରତିଶ୍ରୁତି ଦେଇଥିବା ଯୋଡ଼ା ବ୍ଲକ୍ ଏମ୍‌ପିଙ୍କ ପ୍ରତିନିଧି କହିଛନ୍ତି। ଏ ନେଇ ଅତିରିକ୍ତ ବ୍ଲକ୍ ଉନ୍ନୟନ ଅଧିକାରୀ ସଞ୍ଜୀବ ଏକ୍କା କହିଛନ୍ତି, ସରକାରଙ୍କ ପକ୍ଷରୁ ନିୟମ ଜାରି କରାଯାଇଛି। ମାତ୍ର ପଞ୍ଚାୟତରାଜ ବିଭାଗକୁ ଏ ନେଇ କୌଣସି ନିର୍ଦ୍ଦେଶନାମା ଜାରି ହୋଇନାହିଁ। ତେଣୁ ପୂର୍ବ ନିର୍ଦ୍ଦେଶନାମା ଅନୁଯାୟୀ କାର୍ଯ୍ୟ ଜାରି ରହିଥିବା ସେ କହିଥିଲେ।


ସବୁଜ ରଙ୍ଗ କରାଯାଇଥିବା ଯୋଡ଼ା ବ୍ଲକ କାର୍ଯ୍ୟାଳୟ।

# ଭାଜପାରେ ୧୫ ସମିତିସଭ୍ୟ, ସରପଞ୍ଚ

## ଗୋଲାମୁଣ୍ଡା ବ୍ଲକ

ଗୋଲାମୁଣ୍ଡା,୯।୧୦(ବଟକୃଷ୍ଣ ପଣ୍ଡା)

କଳାହାଣ୍ଡି ଜିଲା ଗୋଲାମୁଣ୍ଡା ବ୍ଲକର ବିଜେଡି ସମର୍ଥିତ ୧୫ଜଣ ସମିତି ସଭ୍ୟ ଓ ସରପଞ୍ଚ ଭାଜପାରେ ସାମିଲ ହୋଇଛନ୍ତି। ଗୋଲାମୁଣ୍ଡା ବ୍ଲକ ଡୁମୁରାଠାରେ ବୁଧବାର ଅନୁଷ୍ଠିତ ମିଶ୍ରଣ ପର୍ବରେ ବ୍ଲକ ଅଧ୍ୟକ୍ଷ ବିନ୍ଦୁ ମହାନନ୍ଦଙ୍କ ନେତୃତ୍ୱରେ ସେମାନେ ଭାଜପାରେ ଯୋଗଦେଇଛନ୍ତି। ସେହି ୧୩ ସମିତି ସଭ୍ୟ ହେଲେ ଗୋଲାମୁଣ୍ଡା ଗ୍ରା.ପ.ର ସମିତିସଭ୍ୟା ବନିତା ନାଏକ, ବଡ଼ଚେରଗାଁର ରୋହିଣୀ ମହାନ୍ତି, ବୃନ୍ଦାବହାଲର ଗୋରେଖ ବିଶି, ଟେମିରିର ଅଞ୍ଜଳି ନାଏକ, ବୋର୍ଡିର ସସ୍ମିତା ମାଝି, ନୂଆଗାଁର ରମେଶ ଶବର, ଫୁଣ୍ଡାର ଉପେନ୍ଦ୍ର ନାଗ, ବୋରଗୁଡାର ସଂଯୁକ୍ତା ମସ୍ରା, ଖାଲିଆକାନୀର ସସ୍ମିତା ମଙ୍ଗରାଜ, ନକଟିକାନୀର ମହିରାମ ମାଝୀ, ଉଦେସୁରୁଙ୍ଗର ଚୈତନ୍ୟ ମାଝୀ, ଲେଟେରର ସପୁରି ଭୋଇ, ଉଛଳାର ବିଜୟା ବାଗ। ସେହିପରି ମାନଝରି ପଞ୍ଚାୟତ ସରପଞ୍ଚ ଜଗୁଜୀବନ ଅଘରିଆ, ଲେଟେର ସରପଞ୍ଚ ଦମୟନ୍ତୀ ଭୋଇ କେନ୍ଦ୍ରରେ ମୋଦି ଓ ରାଜ୍ୟରେ ମୋହନ ସରକାରଙ୍କ କାର୍ଯ୍ୟରେ ଅନୁପ୍ରାଣିତ ହୋଇ ଭାଜପାରେ ଯୋଗଦେଇଥିବା କହିଛନ୍ତି। କାର୍ଯ୍ୟକ୍ରମରେ ଭାଜପା ଜିଲା ସଭାପତି ଆର୍ତ୍ତତ୍ରାଣ ମହାପାତ୍ର, ପୂର୍ବତନ ମନ୍ତ୍ରୀ ହିମାଂଶୁ ମେହେର, ପୂର୍ବତନ ବିଧାୟକ ଅନାମ ନାଏକ, ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ମନୋଜ ମେହେର, ସଦସ୍ୟ ଅଭିଯାନର ଜିଲା ପ୍ରମୁଖ ଅଜୟ ପାଣିଗ୍ରାହୀ, ପୂର୍ବତନ ଜୁନାଗଡ଼ ନଗରପାଳ ସୁଧାଂଶୁ ବରାଡ଼, ଜିଲା ଭାଜପା ମହିଳା ସଭାନେତ୍ରୀ ନିରୁପମା ନାଏକ, ଜିଲା ସମ୍ପାଦିକା କାଞ୍ଚନ ବାଗ ପ୍ରମୁଖ ମଞ୍ଚାସୀନ ଥିଲେ।

# ଉତ୍କଳ ବିଶ୍ୱବିଦ୍ୟାଳୟ ନାମଲେଖାରେ ଜାଲିଆତି ହେଉଛି: ଛାତ୍ର କଂଗ୍ରେସ

ଭୁବନେଶ୍ୱର, ୯।୧୦(ସୁନିତ୍ ମିଶ୍ର)

ପ୍ରଦେଶ ଛାତ୍ର କଂଗ୍ରେସ ସଭାପତି ଉଦିତ ପ୍ରଧାନଙ୍କ ନେତୃତ୍ୱରେ ଉତ୍କଳ ବିଶ୍ୱବିଦ୍ୟାଳୟରେ ନାମ ଲେଖାରେ ଜାଲିଆତି ପ୍ରତିବାଦରେ ବୁଧବାର ଏକ ବିକ୍ଷୋଭ ଶୋଭାଯାତ୍ରା ଭୁବନେଶ୍ୱର ସ୍ଥିତ ପାୱାର ହାଉସ ଛକଠାରୁ ବାହାରି ରାଜଭବନ ପର୍ଯ୍ୟନ୍ତ ଯାଇଥିଲା। ଏନେଇ ଉଦିତ ପ୍ରଧାନ କହିଛନ୍ତି, ଉତ୍କଳ ବିଶ୍ୱବିଦ୍ୟାଳୟର ଗରିମାକୁ ନଷ୍ଟ କରାଯାଉଛି। ବିଶ୍ୱବିଦ୍ୟାଳୟର ସମସ୍ତ ଉଚ୍ଚପଦସ୍ଥ ଅଧିକାରୀ ଏହି ନାମଲେଖା ଜାଲିଆତିରେ ସମ୍ପୃକ୍ତ ଅଛନ୍ତି। ସାମ୍ସ ଦ୍ୱାରା ପ୍ରସ୍ତୁତ ର୍‍ୟାଙ୍କିଙ୍ଗରେ ବିଜୟ କୁମାର ସାହୁ ନାମକ ଆବେଦନକାରୀ ଛାତ୍ର ୧୩ ନମ୍ବରରେ ସ୍ଥାନିତ ହୋଇଥିବା ବେଳେ ମିତ୍ର ପ୍ରକାଶ ବଳ ନାମକ ଅନ୍ୟ ଜଣେ ଆବେଦନକାରୀ ୧୫ ନମ୍ବର ସିରିଏଲରେ ସ୍ଥାନିତ ହୋଇଥିଲେ। ଉଚ୍ଚ ଶିକ୍ଷା ବିଭାଗର ଧାର୍ଯ୍ୟ ନିୟମ ଅନୁଯାୟୀ ୧୩ ନମ୍ବରରେ ସ୍ଥାନିତ ହୋଇଥିବା ବିଜୟ କୁମାର ସାହୁଙ୍କୁ ଉତ୍କଳ ବିଶ୍ୱବିଦ୍ୟାଳୟର 'ଲାଇବ୍ରେରି ଆଣ୍ଡ ଇନଫରମେଶନ ସାଇନ୍ସ' ବିଭାଗରେ ଆଡମିଶନ ସୁଯୋଗ ଦିଆଯିବା କଥା। ମାତ୍ର ସବୁ ବିଧିବ୍ୟବସ୍ଥାକୁ ଉଲ୍ଲଂଘନ କରି ୧୫ ନମ୍ବର ସିରିଏଲରେ ସ୍ଥାନିତ ହୋଇଥିବା ମିତ୍ର ପ୍ରକାଶ ବଳଙ୍କୁ ନାମ ଲେଖା ପାଇଁ ସୁଯୋଗ ଦିଆଗଲା। ଏଥିରେ ରାଜନୈତିକ, ଅର୍ଥ କାରବାର ବା ସରକାରୀ ବାବୁଙ୍କ ଚାପ ରହିଛି ବୋଲି ସ୍ପଷ୍ଟ ହୋଇପଡୁଛି। ଯଦି ଏଭଳି ହୁଏ ସାରା ରାଜ୍ୟରେ ସରକାରୀ ଶିକ୍ଷାନୁଷ୍ଠାନରେ ନାମ ଲେଖା ପ୍ରକ୍ରିୟାକୁ ସମ୍ପୂର୍ଣ୍ଣ ଦଲାଲମାନେ ନିୟନ୍ତ୍ରଣ କରିବେ। ଏହା ଛାତ୍ରମାନଙ୍କ ସ୍ୱାର୍ଥ ବିରୋଧୀ। ପ୍ରଦେଶ ଛାତ୍ର କଂଗ୍ରେସ ଏହାକୁ ବରଦାସ୍ତ କରିବ ନାହିଁ। ବିକ୍ଷୋଭ ପରେ ଏକ ପ୍ରତିନିଧି ମଣ୍ଡଳୀ ରାଜ୍ୟପାଳଙ୍କ ଅନୁପସ୍ଥିତିରେ ତାଙ୍କ ସଚିବଙ୍କୁ ସାକ୍ଷାତକରି ଏକ ସ୍ମାରକପତ୍ର ପ୍ରଦାନ କରିବା ସହ ଏହି ବିଷୟକୁ ଗୁରୁତର ସହିତ ବିଚାର କରିବାକୁ ଅନୁରୋଧ କରିଛନ୍ତି।


ଶୋଭାଯାତ୍ରାରେ ବାହାରି ରାଜଭବନ ଅଭିମୁଖେ ଯାଉଛନ୍ତି ଛାତ୍ର କଂଗ୍ରେସର ନେତା ଓ କର୍ମକର୍ତ୍ତା।

# ପଦ୍ମ ଧରିଲେ ପୂର୍ବତନ ଜିଲା ପରିଷଦ ସଭ୍ୟ

ସମ୍ବଲପୁର, ୯।୧୦
(ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ଜିଲା ମାନେଶ୍ୱର ବ୍ଲକ ଜୋନ-୨ର ପୂର୍ବତନ ଜିଲା ପରିଷଦ ସଭ୍ୟ ସତ୍ୟନାରାୟଣ ମେଣ୍ଡେଲି ବିଜେଡି ଛାଡି ଭାଜପାରେ ଯୋଗଦାନ କରିଛନ୍ତି। ସମ୍ବଲପୁରସ୍ଥିତ ଭାଜପା କାର୍ଯ୍ୟାଳୟରେ ବିଧାୟକ ଜୟନାରାୟଣ ମିଶ୍ରଙ୍କ ଉପସ୍ଥିତିରେ ସେ ଦଳରେ ସାମିଲ ହୋଇଛନ୍ତି। ସେ ଦଳୀୟ ଉତ୍ତରୀୟ ଓ ପୁଷ୍ପମାଲ୍ୟ ଦେଇ ସତ୍ୟନାରାୟଣଙ୍କୁ ଦଳକୁ ସ୍ୱାଗତ କରିଥିଲେ। ଏହି ଅବସରରେ ବିଧାୟକ ମିଶ୍ର କହିଥିଲେ ଯେ, ପୁରୁଣା କର୍ମୀଙ୍କ ଏହା ଘର ବାହୁଡା ବୋଲି କହିଛନ୍ତି। ଭାଜପାରେ ଯୋଗଦେବା ଅବସରରେ ମେଣ୍ଡେଲି କହିଛନ୍ତି, କିଛି ବର୍ଷ ପୂର୍ବରୁ ସେ ବିଜେଡିରେ ଯୋଗଦେଇ ଜିଲା ପରିଷଦ ସଭ୍ୟ ଭାବେ ବିଜୟୀ ହୋଇଥିଲେ। ହେଲେ ତାଙ୍କର ମନ ସବୁବେଳେ ଭାଜପା ସହ ରହିଥିବା ଏହି ଅବସରରେ ସେ କହିଥିଲେ।

# ଭାଜପା ସଦସ୍ୟ ହେଲେ ମମିତା ମେହେରଙ୍କ ମା'ବାପା

କଣ୍ଟାବାଞ୍ଜି,୯।୧୦(ଗୁରୁ ଦୟାଲ ହଂସ)

ବହୁଚର୍ଚ୍ଚିତ ମମିତା ମେହେର ହତ୍ୟାକାଣ୍ଡ ରାଜ୍ୟରେ ହଇଚଇ ସୃଷ୍ଟି କରିଥିଲା। ବୁଧବାର ମମିତାଙ୍କ ମା'ବାପା ଭାଜପାର ସଦସ୍ୟତା ଗ୍ରହଣ କରିଛନ୍ତି। ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ବିଧାନସଭା ନିର୍ବାଚନମଣ୍ଡଳୀର ତୁରେକେଲା ବ୍ଲକ ଝରଣି ଗ୍ରାମ ପଞ୍ଚାୟତର ସଦର ଗ୍ରାମରେ ଭାଜପାର ସଦସ୍ୟତା ଅଭିଯାନ ବୁଧବାର ଦିନ ଆରମ୍ଭ ହୋଇଛି। ଏହି ଅବସରରେ ସଂଖ୍ୟାଲଘୁ ମୋର୍ଚ୍ଚାର ରାଜ୍ୟ ସଭାପତି ସିକନ୍ଦର ଅଲ୍ଲୀ ଓ ଭାଜପାର ଜିଲା ସଭାପତି ଶିବାଜୀ ମହାନ୍ତିଙ୍କ ଉପସ୍ଥିତିରେ ସଦର ଗାଁର ଶତାଧିକ ମହିଳା ଓ ଯୁବକ ଭାଜପାର ସଦସ୍ୟତା ଗ୍ରହଣ କରିଥିଲେ। ଏହାଛଡା ଝରଣି ଓ ତେନ୍ତୁଲିଖୁଣ୍ଟି ଗ୍ରାମର ମୁସଲମାନ ସମ୍ପ୍ରଦାୟର ମହିଳା ପୁରୁଷ ମଧ୍ୟ ସଦସ୍ୟତା ଗ୍ରହଣ କରିଛନ୍ତି। ଏହି ସମୟରେ ସଂଖ୍ୟାଲଘୁ ମୋର୍ଚ୍ଚାର ଜିଲା ସଭାପତି ଅହମ୍ମଦ ତୁଲ୍ଲା ଖାନ ମଧ୍ୟ ଉପସ୍ଥିତ ଥିଲେ।

# ବିଜେଡି ସଭ୍ୟ ସଂଗ୍ରହ ଅଭିଯାନ ଆରମ୍ଭ

## ଏକାମ୍ର ନିର୍ବାଚନମଣ୍ଡଳୀରୁ ପ୍ରଥମ ସଦସ୍ୟ ହେଲେ ନବୀନ

ଭୁବନେଶ୍ୱର,୯।୧୦(ଅନିଲ ଦାସ)

ବିଜୁ ଜନତା ଦଳ ସଭାପତି ନବୀନ ପଟ୍ଟନାୟକ ବୁଧବାର ଶଙ୍ଖଭବନଠାରେ ବିଜେଡି ସଭ୍ୟ ସଂଗ୍ରହ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଛନ୍ତି। ଉତ୍କଳମଣି ପଣ୍ଡିତ ଗୋପବନ୍ଧୁ ଦାସଙ୍କ ଜୟନ୍ତୀ ଅବସରରେ ଏହି ସଭ୍ୟ ସଂଗ୍ରହ ଅଭିଯାନ ଆରମ୍ଭ ହୋଇଛି। ଏହା ୨ମାସ ଧରି ଚାଲିବ। ନବୀନ ପଟ୍ଟନାୟକ ପ୍ରଥମ ସଭ୍ୟ ଭାବେ ଏକାମ୍ର ନିର୍ବାଚନମଣ୍ଡଳୀରୁ ପଞ୍ଜୀକୃତ ହୋଇଥିଲେ। ବରିଷ୍ଠ ନେତା ଅଶୋକ ପଣ୍ଡା ଦଳ ସଭାପତିଙ୍କୁ ପ୍ରଥମ ସଭ୍ୟ ଭାବେ ପଞ୍ଜୀକୃତ କରିଥିଲେ।

ଏହି ଅବସରରେ ନବୀନ କହିଛନ୍ତି, ସଭ୍ୟ ସଂଗ୍ରହ ଅଭିଯାନ ଗୋଟେ ରାଜନୈତିକ ଦଳର ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟକ୍ରମ। ମୁଁ ଚାହେଁ, ଆମ ଦଳର ସକ୍ରିୟ ସଭ୍ୟମାନେ ପ୍ରତିଘରକୁ ଯାଆନ୍ତୁ। ଆମ ଦଳର ଆଦର୍ଶ, ଦଳର କାର୍ଯ୍ୟକ୍ରମ ବିଷୟରେ ଲୋକଙ୍କୁ ବୁଝାନ୍ତୁ। ଲୋକଙ୍କ ମତ ନେଇ ସେମାନଙ୍କୁ ଦଳରେ ସାମିଲ କରିବା ପାଇଁ ସେ ପରାମର୍ଶ ଦେଇଛନ୍ତି।

ଓଡ଼ିଶା ବାହାରେ ରହୁଥିବା ଓଡ଼ିଆମାନଙ୍କୁ ଅନ୍‌ଲାଇନ ଜରିଆରେ ଦଳରେ ସାମିଲ ହେବା ପାଇଁ ନବୀନ ନିମନ୍ତ୍ରଣ ଜଣାଇଛନ୍ତି। ସେ କହିଛନ୍ତି, କିଛି ଦଳ ଯେପରି ମିସ୍‌ଡ କଲ୍ କରି ସଭ୍ୟ ସଂଗ୍ରହ କରୁଛନ୍ତି, ମିସ୍‌ଡ୍ କଲ୍ ଡାଏରୀ ସେମାନଙ୍କ ମେମ୍ବରଶିପ୍ ରେଜିଷ୍ଟର ବକ୍ସ ହୋଇପାରେ, କିନ୍ତୁ ବିଜୁ ଜନତା ଦଳ ସେ ସବୁଠାରୁ ବହୁ ଦୂରରେ। ଉପସ୍ଥିତ ନେତୃମଣ୍ଡଳୀ ଓ କର୍ମୀମାନଙ୍କ ଉଦ୍ଦେଶ୍ୟରେ ନବୀନ କହିଛନ୍ତି, ଆସନ୍ତୁ ଆମେ ସମସ୍ତେ ଗର୍ବର ସହ କହିବା ଆମେ ବିଜୁ ଜନତା ଦଳର କର୍ମୀ, ଓଡ଼ିଶା ମା'ର ସେବକ।

ବିଜେଡିର ବରିଷ୍ଠ ନେତା ଦେବୀପ୍ରସାଦ ମିଶ୍ର କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସଭ୍ୟ ସଂଗ୍ରହ କମିଟିର ମୁଖ୍ୟ ଅତନୁ ସବ୍ୟସାଚୀ ନାୟକ, ବିଧାୟକ ଅନନ୍ତ ଜେନା, ସୁଶାନ୍ତ ରାଉତ, ଭୁବନେଶ୍ୱର ମେୟର ସୁଲୋଚନା ଦାସ, ପୂର୍ବତନ ମନ୍ତ୍ରୀ ପ୍ରତାପ ଜେନା, ଅଶୋକ ପଣ୍ଡା ପ୍ରମୁଖ ଉଦ୍‌ବୋଧନ ଦେଇଥିଲେ। ଭିଡିଓ କନ୍‌ଫରେନ୍ସ ଜରିଆରେ ସାରା ରାଜ୍ୟର ୩୩ଟି ସାଙ୍ଗଠନିକ ଜିଲାର ହଜାର ହଜାର କର୍ମୀ ଏହି କାର୍ଯ୍ୟକ୍ରମରେ ସାମିଲ ହୋଇଥିଲେ।


ଶଙ୍ଖଭବନଠାରେ ବିଜେଡି ସଭ୍ୟ ସଂଗ୍ରହ ଅଭିଯାନ ଆରମ୍ଭ ଅବସରରେ ସଭାପତି ନବୀନ ପଟ୍ଟନାୟକ ଓ ଦଳୀୟ ନେତୃବୃନ୍ଦ।

# ବିଜେଡି ସରକାର ଚଳାଉଥିଲେ ୨ ଜଣ: ସୌଭିକ୍

## କଟକ ଜିଲା ବିଜେଡିର ସଭ୍ୟ ସଂଗ୍ରହ ଅଭିଯାନ

କଟକ,୯।୧୦(ଶିକ୍ଷା ପ୍ରିୟଦର୍ଶିନୀ)

ଗୋପବନ୍ଧୁଙ୍କ ଜୟନ୍ତୀ ଅବସରରେ କଟକ ଜିଲା ବିଜେଡିର ସଭ୍ୟ ସଂଗ୍ରହ ଅଭିଯାନ କଟକ ସାରଳା ଭବନଠାରେ ବୁଧବାର ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସଭା ସଦସ୍ୟ ତଥା ବିଜେଡି କଟକ ଜିଲା ସଭାପତି ଦେବାଶିଷ ସାମନ୍ତରାୟଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ବାଙ୍କୀ ବିଧାୟକ ଦେବୀରଞ୍ଜନ ତ୍ରିପାଠୀ, ନିଆଳିର ପୂର୍ବତନ ବିଧାୟକ ପ୍ରମୋଦ ମଲ୍ଲିକ, ସାଲେପୁର ବିଧାୟକ ପ୍ରଶାନ୍ତ ବେହେରା, ଚୌଦ୍ୱାର-କଟକ ବିଧାୟକ ସୌଭିକ୍ ବିଶ୍ୱାଳ, ନଗର ସଭାପତି ମଧୁସୂଦନ ସାହୁ, ଜିଲା ପରିଷଦ ସଭାପତି କିଶୋର ମହାନ୍ତି, ଉପାଧ୍ୟକ୍ଷା ସୁଭଦ୍ରା ଦାସ ଯୋଗଦେଇଥିଲେ। ସଦସ୍ୟତା ଅଭିଯାନ ନେଇ ସମସ୍ତ ବିଷୟରେ ବିସ୍ତୃତ ଭାବେ ଆଲୋଚନା କରାଯାଇଥିଲା। ଏଥିରେ ବିଧାୟକ ସୌଭିକ୍ ବିଶ୍ୱାଳ କୌଣସି ବ୍ୟକ୍ତିଙ୍କ ନାଁ ନ ନେଇ ଦଳର ତୁଙ୍ଗ ନେତାଙ୍କ ଉପରେ ବର୍ଷିଛନ୍ତି। ସେ କହିଛନ୍ତି, ବିଜେଡି ସରକାର ସମୟରେ ୨ ଜଣ ସରକାର ଚଳାଉଥିଲେ। ଚୌଦ୍ୱାର-କଟକ ନିର୍ବାଚନମଣ୍ଡଳୀରେ ଏସ୍‌ସିବି ମେଡିକାଲ ସମ୍ପ୍ରସାରଣ, ନେତାଜୀ ବସ୍ ଟର୍ମିନାଲ, ଜାଇକା ପ୍ରକଳ୍ପ ଆଦି ବହୁ କୋଟି ଟଙ୍କାର କାମ ହୋଇଛି, ହେଲେ କେହି କହିବେନି ଟଙ୍କାଟିଏ ଆମେ ନେଇଛୁ। ଯେଉଁ ଜଣେ ଦୁଇ ଜଣ ସରକାର ଚଳାଉଥିଲେ ସେମାନେ ସବୁ କଥା ବୁଝୁଥିଲେ। ଯେବେ ସେ ଦୁଇ ଜଣ ସବୁ କିଛି ବୁଝୁଥିଲେ, ଦଳୀୟ କର୍ମୀଙ୍କୁ କିଭଳି କାମ ମିଳିଥାନ୍ତା ବୋଲି ପ୍ରଶ୍ନ କରିଛନ୍ତି। ନିଷ୍ଠାର ସହ ଆମେ ରହିଛୁ ହେଲେ ପଛରୁ ଆମକୁ ଛୁରି ଭୁଷିଛନ୍ତି, ଆମ ବିରୋଧରେ ଷଡଯନ୍ତ୍ର ଚାଲିଛି। ଏପରି କି ୨୦୧୯ ଏବଂ ୨୦୨୪ ନିର୍ବାଚନରେ ତାଙ୍କୁ ଓ ତାଙ୍କ ବାପା ତଥା ପୂର୍ବତନ ବିଧାୟକ ପ୍ରଭାତ ରଞ୍ଜନ ବିଶ୍ୱାଳଙ୍କୁ ହରେଇବା ପାଇଁ ସମସ୍ତ ଚେଷ୍ଟା କରାଯାଇଥିଲା। ଯେଉଁମାନେ ଦଳରେ ପୂର୍ବରୁ ନେତୃତ୍ୱ ନେଉଥିଲେ ଏବଂ ଏବେ ମଧ୍ୟ ନେଉଛନ୍ତି ସେମାନେ ତାଙ୍କ ବନ୍ଧୁବାନ୍ଧବଙ୍କୁ ଲଗେଇ କୋଟି କୋଟି ଟଙ୍କା କଳାଧନ ଖର୍ଚ୍ଚ କରିଥିଲେ। କେବଳ ପ୍ରଭାତ ବିଶ୍ୱାଳଙ୍କୁ ହରାଇବା ପାଇଁ। କିନ୍ତୁ ଧର୍ମର ବିଜୟ ହୋଇଛି ବୋଲି ବିଶ୍ୱାଳ କହିଛନ୍ତି। ଅନ୍ୟପଟେ କାର୍ଯ୍ୟକ୍ରମକୁ ନେଇ ଦେବାଶିଷ ସାମନ୍ତରାୟ କହିଛନ୍ତି, ଦଳର ସଭାପତି ନବୀନ ପଟ୍ଟନାୟକ ଏହାର ଶୁଭାରମ୍ଭ କରିଛନ୍ତି। ଏହି ଅଭିଯାନରେ କିପରି ଅଧିକରୁ ଅଧିକ ଲୋକଙ୍କୁ ଦଳରେ ଯୋଡ଼ିବୁ ଏବଂ ଲୋକଙ୍କ ନିକଟତର ହେବୁ ସେନେଇ ଏଭଳି ଅଭିଯାନ ଆରମ୍ଭ କରାଯାଇଛି। ସମସ୍ତଙ୍କ ମତ ନେଇ ଏକ ଟାର୍ଗେଟ ସ୍ଥିର କରାଯାଇଥିବା ନେଇ ସାମନ୍ତରାୟ କହିଛନ୍ତି। ଏହି କାର୍ଯ୍ୟକ୍ରମରେ ବିଜେଡିର ସମସ୍ତ ସଦସ୍ୟ ଉପସ୍ଥିତ ଥିଲେ।



ସାରଳା ଭବନରେ ବିଜେଡି ପକ୍ଷରୁ ଅନୁଷ୍ଠିତ ସଭ୍ୟ ସଂଗ୍ରହ ଅଭିଯାନ କାର୍ଯ୍ୟକ୍ରମରେ ବିଧାୟକ ସୌଭିକ୍ ବିଶ୍ୱାଳ ଓ ଅନ୍ୟମାନେ।

# ୧୦ମ ଥର ପାଇଁ ରେପୋ ରେଟ୍ ଅପରିବର୍ତ୍ତିତ

## ଆର୍‌ବିଆଇର ଏମ୍‌ପିସି ବୈଠକ



ଭୁବନେଶ୍ୱର,୯।୧୦(ଅନୁରାଧା ମହାରଣା)

ଚଳିତ ଆର୍ଥିକ ବର୍ଷର ଚତୁର୍ଥ ଦ୍ୱି-ମାସିକ ମୁଦ୍ରା ନୀତି କମିଟି ସମୀକ୍ଷା(ଏମପିସି) ବୈଠକରେ କ୍ରମାଗତ ୧୦ମ ଥର ପାଇଁ ଭାରତୀୟ ରିଜର୍ଭ ବ୍ୟାଙ୍କ (ଆରବିଆଇ) ନୀତି ହାର ରେପୋକୁ ୬.୫ ପ୍ରତିଶତରେ ବଜାୟ ରଖିଛି। ମାତ୍ର ଆରବିଆଇ ମୁଦ୍ରାସ୍ଫୀତି ଏବଂ ଅର୍ଥନୈତିକ ଅଭିବୃଦ୍ଧି ଉପରେ ନଜର ରଖିବାବେଳେ ଆର୍‌ବିଆଇ ଆବଶ୍ୟକତା ଅନୁଯାୟୀ ରେପୋ ରେଟ୍ ବୃଦ୍ଧି କିମ୍ବା ହ୍ରାସ କରିପାରେ। ଏମପିସିର ପରବର୍ତ୍ତୀ ବୈଠକରେ ରେପୋ ରେଟ୍ ହ୍ରାସ କରିବାକୁ ପଦକ୍ଷେପ ନିଆଯାଇପାରେ ବୋଲି ସଙ୍କେତ ମିଳିଛି। ସୋମବାରଠାରୁ ଆରମ୍ଭ ହୋଇଥିବା ପୁନର୍ଗଠିତ ମୁଦ୍ରା ନୀତି କମିଟି (ଏମପିସି)ର ପ୍ରଥମ ବୈଠକରେ ନିଆଯାଇଥିବା ନିଷ୍ପତ୍ତି ସମ୍ପର୍କରେ ବୁଧବାର ସୂଚନା ଦେଇ ଆରବିଆଇ ଗଭର୍ନର ଶକ୍ତିକାନ୍ତ ଦାସ କହିଛନ୍ତି ଯେ, ରେପୋ ହାରକୁ ଅପରିବର୍ତ୍ତିତ ରଖିବାକୁ ଏମପିସି ନିଷ୍ପତ୍ତି ନେଇଛି। କମିଟିର ୬ ଜଣ ସଦସ୍ୟଙ୍କ ମଧ୍ୟରୁ ୫ ଜଣ ରେପୋ ହାରକୁ ଅପରିବର୍ତ୍ତିତ ରଖିବା ସପକ୍ଷରେ ମତ ଦେଇଛନ୍ତି। ରେପୋ ହେଉଛି ସୁଧ ହାର, ଯେଉଁଥିରେ ବାଣିଜ୍ୟିକ ବ୍ୟାଙ୍କଗୁଡ଼ିକ ତୁରନ୍ତ ଆବଶ୍ୟକତା ପୂରଣ କରିବା ପାଇଁ କେନ୍ଦ୍ରୀୟ ବ୍ୟାଙ୍କ ଋଣ କରନ୍ତି। ମୁଦ୍ରାସ୍ଫୀତି ନିୟନ୍ତ୍ରଣ ପାଇଁ ଆରବିଆଇ ଏହାକୁ ବ୍ୟବହାର କରେ। ଏହି ହାର ଅପରିବର୍ତ୍ତିତ ରହିବାର ଅର୍ଥ ହେଉଛି ଘର, ଯାନ ସମେତ ବିଭିନ୍ନ ଋଣ ଉପରେ ମାସିକ କିସ୍ତି (ଇଏମଆଇ)ରେ ପରିବର୍ତ୍ତନ ହେବାର କମ ସମ୍ଭାବନା ଅଛି। ୨୦୧୯ ଜୁନଠାରୁ ପ୍ରଥମ ଥର ପାଇଁ ଆଭିମୁଖ୍ୟ ପରିବର୍ତ୍ତନ କରାଯାଇଛି। ଏହାପୂର୍ବରୁ ୨୦୨୩ରେ ଫେବୃଆରୀରେ ରେପୋରେଟ୍ ପରିବର୍ତ୍ତନ କରାଯାଇଥିଲା। ସେତେବେଳେ ଏହାକୁ ୬.୨୫ ପ୍ରତିଶତରୁ ୬.୫ ପ୍ରତିଶତକୁ ବୃଦ୍ଧି କରାଯାଇଥିଲା। ଗଭର୍ନର ଦାସ କହିଛନ୍ତି ଯେ, କମିଟି ଏହାର ଆଭିମୁଖ୍ୟ ବଦଳାଇଛି। ମାତ୍ର ଏହାର ନଜର ଅର୍ଥନୈତିକ ଅଭିବୃଦ୍ଧିକୁ ସମର୍ଥନ କରୁଥିବାବେଳେ ସ୍ଥାୟୀ ଭିତ୍ତିରେ ମୁଦ୍ରାସ୍ଫୀତିକୁ ଲକ୍ଷ୍ୟସ୍ତରକୁ ଆଣିବା ଉପରେ ରହିଛି। ଆସନ୍ତା ମାସରେ ଖାଦ୍ୟ ମୁଦ୍ରାସ୍ଫୀତି ହ୍ରାସ ହୋଇପାରେ ବୋଲି ସେ କହିଛନ୍ତି। ଏଥି ସହିତ ମୂଳ ମୁଦ୍ରାସ୍ଫୀତି ନିମ୍ନ ସ୍ତରରୁ ଉପରକୁ ଆସୁଥିବା ସୂଚନା ରହିଛି। ମୂଳ ମୁଦ୍ରାସ୍ଫୀତିରୁ ଖାଦ୍ୟ ଏବଂ ଶକ୍ତି ଖର୍ଚ୍ଚ ବାଦ ଦିଆଯାଇଛି। ଘରୋଇ ବ୍ୟବହାର ଏବଂ ବିନିଯୋଗରେ ଅଭିବୃଦ୍ଧି ସହିତ ଦେଶର ଅର୍ଥନୈତିକେ ଅଭିବୃଦ୍ଧି ଦୃଷ୍ଟିକୋଣ ଦୃଢ଼ ରହିଛି ବୋଲି ଗଭର୍ନର ଦାସ କହିଛନ୍ତି। କ୍ରମାଗତ ଦ୍ୱିତୀୟ ମାସ ପାଇଁ ସେପ୍ଟେମ୍ବରରେ ଖୁଚୁରା ମୁଦ୍ରାସ୍ଫୀତି ଆରବିଆଇର ୪ ପ୍ରତିଶତ ଲକ୍ଷ୍ୟଠାରୁ କମ ରହିଥିବା ସେ କହିଛନ୍ତି। କେନ୍ଦ୍ରୀୟ ବ୍ୟାଙ୍କ ଆକଳନ କରିଛି ଯେ, ତୁଳନାତ୍ମକ ଭିତ୍ତିରେ ଏହି ମାସରେ ଖୁଚୁରା ମୁଦ୍ରାସ୍ଫୀତି ହାର ବୃଦ୍ଧି ପାଇପାରେ। ଆର୍ଥିକ ବର୍ଷ ୨୦୨୪-୨୫ରେ ମୁଦ୍ରାସ୍ଫୀତି ହାର ୪.୫ ପ୍ରତିଶତ ହେବା ନେଇ ଆରବିଆଇ ପୂର୍ବାନୁମାନ କରିଛି । ଏହା ବ୍ୟତୀତ ଜିଡିପି (ମୋଟ ଘରୋଇ ଉତ୍ପାଦ) ଅଭିବୃଦ୍ଧି ଆକଳନ ମଧ୍ୟ ୭.୨ ପ୍ରତିଶତରେ ବଜାୟ ରହିଛି। ଅନ୍ୟପଟେ ଅଣ ବ୍ୟାଙ୍କିଙ୍ଗ ଆର୍ଥିକ କମ୍ପାନୀ (ଏନବିଏଫ୍‌ସି) କ୍ଷେତ୍ରକୁ ଆରବିଆଇ ଗଭର୍ନର ଚେତାବନୀ ଦେଇଛନ୍ତି। ଋଣ ଅନୁମୋଦନ ପରେ ମନିଟରିଂ ସିଷ୍ଟମକୁ ମଜଭୁତ କରିବା ବିଷୟରେ ଗଭର୍ନର ଦାସ କହିଛନ୍ତି, ଆରବିଆଇ ୟୁପିଆଇ ୧୨୩ ପେ (ବୈଶିଷ୍ଟ୍ୟ ଫୋନ)ରେ ପ୍ରତି କାରବାର ସୀମାକୁ ୫୦୦୦ରୁ ୧୦,୦୦୦ ଟଙ୍କାକୁ ବୃଦ୍ଧି କରିବାକୁ ପ୍ରସ୍ତାବ ଦେଇଛି। ଏଥିସହ ୟୁପିଆଇ ଲାଇଟ ୱାଲେଟର ସୀମାକୁ ୨,୦୦୦ ରୁ ୫,୦୦୦ ଟଙ୍କାକୁ ବୃଦ୍ଧି କରିବା ଏବଂ କାରବାର ସୀମାକୁ ଦ୍ୱିଗୁଣିତ କରି ୧୦୦୦ ଟଙ୍କାକୁ ବୃଦ୍ଧି କରିବାକୁ ଘୋଷଣା କରାଯାଇଛି। ଏମପିସିର ପରବର୍ତ୍ତୀ ବୈଠକ ଡିସେମ୍ବର ୬ରୁ ୧୦ ତାରିଖ ମଧ୍ୟରେ ହେବ।

# ଶେୟାର ବଜାର କାରବାରରେ ହ୍ରାସ

ମୁମ୍ବାଇ,୯।୧୦

ଦିନକ ପରେ ପୁଣିଥରେ ଘରୋଇ ଶେୟାର ବଜାର କାରବାରରେ ପରିବର୍ତ୍ତନ ଘଟିଛି। ଏପରିକି ଚଳିତ ସପ୍ତାହର ତୃତୀୟ କାର୍ଯ୍ୟ ଦିବସର ଫଳାଫଳ ଅନୁଯାୟୀ ଶେୟାର ବଜାରର ନିବେଶକମାନେ ଲକ୍ଷାଧିକ ଟଙ୍କାର ନିବେଶ ହରାଇଛନ୍ତି। ବିଶେଷ କରି ବୁଧବାର ବମ୍ବେ ଷ୍ଟକ ଏକ୍ସଚେଞ୍ଜ (ବିଏସଇ) ର ସେନସେକ୍ସ ୧୬୮ (୧୬୭.୭୧) ପଏଣ୍ଟ କମି ୮୧,୪୬୭ (୮୧,୪୬୭.୧୦) ଅଙ୍କରେ କାରବାର ବନ୍ଦ କରିଥିଲା। ସେହିଭଳି ନ୍ୟାଶନାଲ ଷ୍ଟକ ଏକ୍ସଚେଞ୍ଜ (ଏନଏସଇ) ର ନିଫ୍ଟି-୫୦ ରେ ମଧ୍ୟ ୩୧(୩୧.୨୦) ପଏଣ୍ଟ ହ୍ରାସ ଘଟି ୨୪,୯୮୨ (୨୪,୯୮୧.୯୫) ଅଙ୍କରେ କାରବାର ଶେଷ ହୋଇଥିଲା। ଅପରପକ୍ଷରେ ବିଏସଇ ସେନସେକ୍ସର ମିଡକ୍ୟାପ୍ ଓ ସ୍ମଲକ୍ୟାପ୍ ଶେୟାରଗୁଡିକର ଇଣ୍ଡେକ୍ସ ସହିତ ଏନଏସଇ ନିଫ୍ଟି ମିଡକ୍ୟାପ,ସ୍ମଲକ୍ୟାପ ଏବଂ ବ୍ୟାଙ୍କ ଶେୟାରଗୁଡିକର କାରବାରରେ ପରିବର୍ତ୍ତନ ହୋଇଛି। ଏପରିକି ଶେୟାର ବଜାରର ସେକ୍ଟୋରାଲ ଇଣ୍ଡେକ୍ସ କାରବାରରେ ମଧ୍ୟ ହ୍ରାସ ଘଟିଛି।

# ମାଲାବାରର ନୂତନ ମାଇକ୍ରୋ ଲର୍ନିଂ ସେଣ୍ଟର



ମୁମ୍ବାଇ,୯।୧୦

ମାଲାବାର ଗ୍ରୁପର ନୂତନ ମାଇକ୍ରୋ ଲର୍ନିଂ ସେଣ୍ଟର ନିକଟରେ ମୁମ୍ବାଇର ଇଷ୍ଟ ଗୋବନ୍ଦୀ ଟାଟାନଗର ବସ୍ତିରେ ଉଦଘାଟିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଆୟୋଜିତ ଏକ ସ୍ୱତନ୍ତ୍ର ସମାରୋହ ଉତ୍ସବରେ ମାଲାବାର ଗ୍ରୁପ୍ ଚେୟାରମ୍ୟାନ ଏମପି ଅହମ୍ମଦ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଏହାକୁ ଉଦଘାଟନ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ଗ୍ରୁପର ଉପାଧ୍ୟକ୍ଷ କେ.ପି ଅବଦୁଲ ସଲାମ, ଇଣ୍ଡିଆ ଅପରେସନ୍ସପରିଚାଳନାନିର୍ଦ୍ଦେଶକଓ.ଶେର, ଗ୍ରୁପ୍ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଏ.କେ. ନିଶାଦ ଏବଂ 'ଥାନଲ'ର ଚେୟାରମ୍ୟାନ ଡ.ଭି.ଇଦ୍ରିଶ ପ୍ରମୁଖ ଉପସ୍ଥିତ ଥିଲେ।

ଏ ସମ୍ପର୍କରେ ମାଲାବାର ଗ୍ରୁପ୍‌ର ଅଧ୍ୟକ୍ଷ ଏମପି ଅହମ୍ମଦ କହିଥିଲେ, ଏହି ପ୍ରକଳ୍ପ ରାସ୍ତାଘାଟର ପିଲାମାନଙ୍କ ପାଇଁ ବେଶ ସହାୟକ ହୋଇଛି। ଏପରିକି ଶିକ୍ଷା ମାଧ୍ୟମରେ ଦାରିଦ୍ର୍ୟ ଚକ୍ରରୁ ମୁକ୍ତି ପାଇବାକୁ ଏହା ଏକ ବଡ ସୁଯୋଗ ଓ ସ୍ଥାୟୀ ଭବିଷ୍ୟତ ସୃଷ୍ଟି କରିବାକୁ ଏହା ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରିଥାଏ। ଏହି ମାଇକ୍ରୋ ଲର୍ନିଂ ସେଣ୍ଟରଗୁଡିକରେ ଆମେ ମୌଳିକ ଶିକ୍ଷାଠାରୁ ଆରମ୍ଭ କରି ବହୁ ହଜାର ପିଲାଙ୍କ ଉଜ୍ଜ୍ୱଳ ଭବିଷ୍ୟତ ପାଇବା ପାଇଁ ଭିତ୍ତିପ୍ରସ୍ତର ସ୍ଥାପନ କରୁଛୁ। ଉଲ୍ଲେଖଯୋଗ୍ୟ, ଦେଶର ୧୧ଟି ରାଜ୍ୟରେ ଜାରି ରହିଥିବା ମାଇକ୍ରୋ ଲର୍ନିଂ ସେଣ୍ଟର ପ୍ରକଳ୍ପର ଦ୍ୱିତୀୟ ପର୍ଯ୍ୟାୟ ଅଂଶ ଭାବେ ୧୦୧ଟି ସେଣ୍ଟରର ଶୁଭାରମ୍ଭ ନିକଟରେ ହୋଇଯାଇଛି।

# ବିଶ୍ୱ ବାଣିଜ୍ୟ ମେଳାରେ ଭାଗନେବ ବେଦାନ୍ତ

ଭୁବନେଶ୍ୱର,୯।୧୦

ଚଳିତ ବର୍ଷ ଜର୍ମାନୀର ଡସେଲଡର୍ଫଠାରେ ହେବାକୁ ଥିବା ଆଲୁମିନିୟମ-୨୦୨୪ ବିଶ୍ୱ ବାଣିଜ୍ୟ ମେଳାରେ ବେଦାନ୍ତ ଆଲୁମିନିୟମ ଭାଗ ନେବାକୁ ଯାଉଛି। ଏପରିକି କମ୍ପାନୀ ଏହି ମେଳାରେ ଏକ ବିଶ୍ୱସ୍ତରୀୟ ପ୍ଲାଟଫର୍ମ ସହ ତା'ର ଆଲୁମିନିୟମ ଉତ୍ପାଦନର ଅଭିନବ ଆଭିମୁଖ୍ୟ ପ୍ରଦର୍ଶନ ସହ ସ୍ଥିରତା ଓ ଅତ୍ୟାଧୁନିକ ଉତ୍ପାଦନକୁ ଗୁରୁତ୍ୱ ଦେବ। ଫଳରେ କମ୍ପାନୀ ତା'ର ବ୍ୟାପକ ଉତ୍ପାଦ ବର୍ଗ ମଧ୍ୟରେ ରେଷ୍ଟୋରା ବ୍ରାଣ୍ଡ୍ ଅନ୍ତର୍ଗତ ସ୍ଥାୟୀ ଆଲୁମିନିୟମ ଅଫର ସହିତ ହଲ ନଂ୬, ବୁଥ ନଂ.୬୪ଡି୫ରେ ପ୍ରଦର୍ଶିତ କରିବ। ଆଲୁମିନିୟମ ଉତ୍ପାଦନର ପ୍ରାୟ ୫୦% ଅଂଶ ବେଦାନ୍ତ ଦ୍ୱାରା ଦେଶର ବିଭିନ୍ନ ପ୍ରକାର ମୂଲ୍ୟଯୁକ୍ତ ଉତ୍ପାଦ ଯଥା ବିଲେଟ, ପ୍ରାଥମିକ ଫାଉଣ୍ଡ୍ରି ଆଲଏଜ, ରୋଲିଂ ଉତ୍ପାଦ, ଓ୍ୟାର ରଡ ତିଆରି କରାଯାଇଥାଏ। କମ୍ପାନୀ ତା'ର ୫୦%ରୁ ଅଧିକ ଉତ୍ପାଦକୁ ସାରା ବିଶ୍ୱରେ ରପ୍ତାନି କରିଥାଏ। ୟୁରୋପ ବେଦାନ୍ତର ସ୍ଥିରତା କେନ୍ଦ୍ରିତ ଆଲୁମିନିୟମ ସମାଧାନ ଲାଗି ଏକ ପ୍ରମୁଖ ବଜାର ଅଟେ।

ଆଲୁମିନିୟମ-୨୦୨୪ରେ କମ୍ପାନୀର ଧ୍ୟାନ ଏହାର ନିମ୍ନ ଅଙ୍ଗାରକାମ୍ଳ ଆଲୁମିନିୟମ ଉତ୍ପାଦ ଲାଇନ ରେଷ୍ଟୋରା ଉପରେ ରହିବ, ଯାହା ଭାରତର ପ୍ରଥମ ଅଟେ। ରେଷ୍ଟୋରା ଓ ରେଷ୍ଟୋରା ଅଲଟ୍ରା କାର୍ବନ ନିର୍ଗମନକୁ ହ୍ରାସ କରିବା ଲାଗି ଏହା ଡିଜାଇନ କରାଯାଇଛି। ବିଶ୍ୱବ୍ୟାପୀ ବ୍ୟବସାୟକୁ ସୁଗମ କରି ପରିବେଶ ଦାୟିତ୍ୱକୁ ପ୍ରାଧାନ୍ୟ ଦେଇଥାଏ।

ଏ ସମ୍ପର୍କରେ ବେଦାନ୍ତ ଆଲୁମିନିୟମର ସିଓଓ ସୁନୀଲ ଗୁପ୍ତା କହିଛନ୍ତି, ଆଲୁମିନିୟମ ଶିଳ୍ପ ପାଇଁ ଏକ ସାର୍ବଜନୀକସ୍ତର (ଆଲୁମିନିୟମ-୨୦୨୪)ରେ ଆମର ସ୍ଥାୟୀ ଆଲୁମିନିୟମ ଉତ୍ପାଦ ପ୍ରଦର୍ଶନ କରିବାକୁ ଆମେ ବେଶ୍ ଉତ୍ସାହିତ ଅଛୁ। ଏହା ନିମ୍ନ ଅଙ୍ଗାରକାମ୍ଳ ସାମଗ୍ରୀର ଚାହିଦା ପୂରଣ କରିଥାଏ। ଯାହା ବିଶ୍ୱସ୍ତରୀୟ ଷ୍ଟେକହୋଲଡରଙ୍କ ଦୃଷ୍ଟି ଆକର୍ଷଣ କରିବ। ବେଦାନ୍ତ ଆଲୁମିନିୟମର ଉତ୍ପାଦ ୬୦ଟିରୁ ଅଧିକ ଦେଶକୁ ରପ୍ତାନି ସହିତ ଅଟୋମୋବାଇଲ, ବୈଦ୍ୟୁତିକ ଉପକରଣ, ଏରୋସ୍ପେଶ, ଅକ୍ଷୟଶକ୍ତିଭଳି ଶିଳ୍ପକୁ ଆବଶ୍ୟକ ସେବା ଯୋଗାଉଛି।

# ୩୦ଜିଲାରେ ଖୋଲିବ ୩୦୦ନୂଆ ପୋଷ୍ଟ ଅଫିସ



## ଜାତୀୟ ଡାକ ସପ୍ତାହ ପାଳିତ

ଭୁବନେଶ୍ୱର,୯।୧୦: (ଅଭୟ ଦାଶ)

ପ୍ରତି ବର୍ଷ ଭଳି ଚଳିତ ବର୍ଷ ମଧ୍ୟ ଭାରତୀୟ ଡାକ ବିଭାଗ ପକ୍ଷରୁ ନ୍ୟାଶନାଲ ପୋଷ୍ଟାଲ ଓ୍ୱଇକ୍ (ଜାତୀୟ ଡାକ ସପ୍ତାହ) ନିକଟରେ ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ଡାକ ବିଭାଗର ଓଡିଶା ସର୍କଲ ଭୁବନେଶ୍ୱର ପକ୍ଷରୁ ବୁଧବାର ଏକ ଖବରଦାତା ସମ୍ମିଳନୀର ଆୟୋଜନ କରାଯାଇଥିଲା। ଏହିଅବସରରେ ଡାକ ବିଭାଗର ବହୁ ବରିଷ୍ଠ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ।

ଉଲ୍ଲେଖଯୋଗ୍ୟ, ୨୦୨୪ ଅକ୍ଟୋବର ୭ରୁ ୧୧ ପର୍ଯ୍ୟନ୍ତ ଜାତୀୟ ଡାକ ସପ୍ତାହ ପାଳନ କରାଯାଉଛି। ଏପରିକି ୧୮୭୪ ଅକ୍ଟୋବର ୯ରେ ୟୁନିଭରସାଲ ପୋଷ୍ଟାଲ ୟୁନିଅନର ଗଠନ ପରଠାରୁ ପ୍ରତି ବର୍ଷ ଅକ୍ଟୋବର ୯କୁ ବିଶ୍ୱ ଡାକ ଦିବସ ଓ ୟୁନିଅନର ବାର୍ଷିକ ପ୍ରତିଷ୍ଠା ଦିବସ ଭାବେ ପାଳନ କରାଯାଉଛି। ଚଳିତ ବର୍ଷ ଡାକ ଦିବସ ବିଷୟବସ୍ତୁ ' ଦେଶ-ଦେଶ ମଧ୍ୟରେ ଯୋଗାଯୋଗ ସମ୍ଭବ କରିବା ଏବଂ ଜନସଶକ୍ତୀକରଣ କରିବାର ୧୫୦ ବର୍ଷ' ରହିଛି।

ଏ ସମ୍ପର୍କରେ ଓଡ଼ିଶା ପୋଷ୍ଟାଲ ସର୍କଲ ଭୁବନେଶ୍ୱରର ଡେପୁଟି ଡିଭିଜନାଲ ମ୍ୟାନେଜର (ଡାକ ଜୀବନ ବୀମା) ସତ୍ୟବାଦୀ ବିଶ୍ୱାଳ କହିଥିଲେ, ଡାକ ବିଭାଗ ପୂର୍ବପେକ୍ଷା ଯଥେଷ୍ଟ ଉନ୍ନତ ଓ ବିକାଶମୂଳକ କାର୍ଯ୍ୟ କରୁଛି। ସେହିଭଳି ଚଳିତ ବର୍ଷ ଓଡ଼ିଶାର ୩୦ ଜିଲାରେ ପ୍ରାୟ ୩୦୦ ନୂଆ ଡାକ ଘର ଖୋଲିବାର ଯୋଜନା ଥିଲାବେଳେ ଡାକ ଘର ଜରିଆରେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାରଙ୍କ ସାମାଜିକ କଲ୍ୟାଣ ଯୋଜନା ଓ ଡାକ ବିଭାଗର ଲୋକାଭିମୁଖ୍ୟ ଯୋଜନାକୁ ଲୋକଙ୍କ ନିକଟରେ ପହଞ୍ଚାଇବାକୁ ଉଭୟ ଡାକ ବିଭାଗ ଓ ସରକାର ଦୃଢ଼ ପଦକ୍ଷେପ ଗ୍ରହଣ କରିଛନ୍ତି। ଏପରିକି ବିଭାଗର ଆଭିମୁଖ୍ୟ ଅନୁଯାୟୀ ଭିତ୍ତିଭୂମିର ବିକାଶ ସାଙ୍ଗକୁ ଡାକ ସେବା ଓ ସୁବିଧା ଲୋକଙ୍କ ନିକଟରେ ପହଞ୍ଚାଇବାକୁ ହେବ ବୋଲି ସତ୍ୟବାଦୀ ବିସ୍ତୃତ ଭାବେ ଆଲୋକପାତ କରିଥିଲେ।

# ଆକର୍ଷଣୀୟ ମୂଲ୍ୟରେ ଅତ୍ୟାବଶ୍ୟକ ସାମଗ୍ରୀ

ନୂଆଦିଲ୍ଲୀ,୯।୧୦

ସାରା ଦେଶରେ ଦୁର୍ଗାପୂଜାର ଉତ୍ସାହ ଜାରି ରହିଥିବାବେଳେ ଆମାଜନ.ଇନ୍‌ର ଦୁର୍ଗାପୂଜା ଷ୍ଟୋର ବର୍ତ୍ତମାନ ଲାଇଭ୍ ହୋଇଛି। ଏପରିକି ଗ୍ରାହକମାନେ ପାରମ୍ପରିକ ପୋଷାକ, ପୂଜା ସମ୍ବନ୍ଧୀୟ ସୁବିଧା, ବନ୍ଧୁ ଏବଂ ପରିବାର ପାଇଁ ଉପହାର ତଥା ଟ୍ରେଣ୍ଡି ଇଲେକ୍ଟ୍ରୋନିକ୍ସ ସମେତ ବିଭିନ୍ନ ପ୍ରକାରର ପର୍ବପର୍ବାଣି ସାମଗ୍ରୀ ଆଦି ଏହି ଷ୍ଟୋର ଜରିଆରେ କିଣିପାରିବେ, ଯେଉଁଥିରେ ଆକର୍ଷଣୀୟ ମୂଲ୍ୟରେ ଅତ୍ୟାବଶ୍ୟକ ସାମଗ୍ରୀ ସ୍ୱତନ୍ତ୍ର ଡିଲ୍ ଏବଂ ଟପ୍ ବ୍ରାଣ୍ଡ୍ ଉପରେ ଆକର୍ଷଣୀୟ ଅଫର ମଧ୍ୟ ସାମିଲ ରହିଛି। ସେହିଭଳି ଏହି ପର୍ବକୁ ଷ୍ଟାଇଲରେ ପାଳନ କରିବା ପାଇଁ ଆବଶ୍ୟକ ସମସ୍ତ ଜିନିଷର ୱାନ୍ ଷ୍ଟପ୍ ସମାଧାନ ଦୁର୍ଗାପୂଜା ଷ୍ଟୋର ଦ୍ୱାରା ପ୍ରଦାନ କରାଯାଇଥାଏ। ଏପରିକି ସୁନ୍ଦର ଭାବେ ପ୍ରସ୍ତୁତ ଏଥ୍‌ନିକ ପୋଷାକଠାରୁ ଆରମ୍ଭ କରି ଘର ପାଇଁ ଘରସଜ୍ଜା, ପୂଜା ସାମଗ୍ରୀ ଏବଂ ଅତ୍ୟାବଶ୍ୟକ ଗ୍ୟାଜେଟ୍ ତଥା ସମସ୍ତଙ୍କ ପାଇଁ କିଛି ନା କିଛି ସାମଗ୍ରୀ ଉପଲବ୍ଧ ରହିଛି। ସେହିପରି ଆମାଜନ.ଇନରେ ଆମାଜନ ପେ ଆଇସିଆଇସିଆଇ ବ୍ୟାଙ୍କ କ୍ରେଡିଟ୍ କାର୍ଡ ବ୍ୟବହାର କରୁଥିବା ସମସ୍ତ କ୍ରୟ ଉପରେ ପ୍ରାଇମ ମେମ୍ବରମାନେ ଅସୀମିତ ୫% କ୍ୟାଶବ୍ୟାକ୍ ମଧ୍ୟ ପାଇପାରିବେ।

# ଲାଲଚାନ୍ଦ୍‌ର ଦୁର୍ଗାପୂଜା ଅଫର୍

ଭୁବନେଶ୍ୱର,୯।୧୦

ଲାଲଚାନ୍ଦ୍ ଜୁଏଲର୍ସର ବହୁ ପ୍ରତୀକ୍ଷିତ ଦୁର୍ଗାପୂଜା ଅଫର୍'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ଏହି ଅଫର୍ ଲାଲଚାନ୍ଦ୍‌ର ସମସ୍ତ ଶୋ'ରୁମ୍‌ରେ ୨୦୨୪ ଅକ୍ଟୋବର ୯ରୁ ୧୩ ପର୍ଯ୍ୟନ୍ତ ବୈଧ ରହିଛି। ସେହିଭଳି ଏହି ସ୍ୱତନ୍ତ୍ର ପୂଜା ଅଫର୍ ସମୟରେ ଏଚ୍‌ୟୁଆଇଡି ହଲ୍‌ମାର୍କଯୁକ୍ତ ସୁନା ଗହଣାର ଗଢ଼ା ମୂଲ୍ୟ ଗ୍ରାମ୍ ପିଛା ଫ୍ଲାଟ୍ ୮୯୯ ଟଙ୍କା ରଖାଯାଇଥିବାବେଳେ ହୀରା ମୂଲ୍ୟ ଉପରେ ଫ୍ଲାଟ୍ ୨୦%, ରୁପା ଗହଣାର ଗଢ଼ା ମୂଲ୍ୟ ଉପରେ ଫ୍ଲାଟ୍ ୫୦% ଓ ନିର୍ଦ୍ଦିଷ୍ଟ ହାତଘଣ୍ଟା ବ୍ରାଣ୍ଡର ଏମ୍‌ଆରପି ଉପରେ ଫ୍ଲାଟ୍ ୨୦% ଏବଂ ବ୍ରାଣ୍ଡେଡ୍ ରୁପା ଆଇଟମ୍‌ର ମୂଲ୍ୟ ଉପରେ ଫ୍ଲାଟ୍ ୧୫% ରିହାତି ପ୍ରଦାନ କରାଯାଉଛି, ଏହା ସହିତ ୧ଲକ୍ଷ ଟଙ୍କା ମୂଲ୍ୟର ହୀରା ଗହଣାର ପ୍ରତ୍ୟେକ କ୍ରୟ ଉପରେ ୨୦୦ ମିଲିଗ୍ରାମ୍‌ର ସ୍ୱର୍ଣ୍ଣ ମୁଦ୍ରା ମାଗଣା ଦିଆଯାଉଥିବାବେଳେ ଲାଲଚାନ୍ଦ୍‌ର ସମସ୍ତ ଷ୍ଟୋର୍‌ରେ ଏସବିଆଇ କାର୍ଡ ଉପଭୋକ୍ତାଙ୍କ ପାଇଁ ବିଶେଷ ଅଫର୍ ରଖାଯାଇଛି। ଏପରିକି ସର୍ବନିମ୍ନ ୩୫ହଜାର ଟଙ୍କାର କ୍ରୟ ଉପରେ ସର୍ବାଧିକ ୨,୫୦୦ଟଙ୍କା ପର୍ଯ୍ୟନ୍ତ କ୍ୟାଶବ୍ୟାକ୍ ସୁବିଧା ରହିଛି।

ଏ ସମ୍ପର୍କରେ ଲାଲଚାନ୍ଦ୍ ଜୁଏଲର୍ସର ଫାଉଣ୍ଡର୍ ଚେୟାରମ୍ୟାନ୍ ସଞ୍ଜୟ ହଂସ କହିଥିଲେ,ଆମେ ଆମର ପୂଜା ଅଫରର ଶୁଭାରମ୍ଭ କରି ବେଶ ଉତ୍ସାହିତ ଅଛୁ। ଏପରିକି ବ୍ରାଣ୍ଡ୍‌କୁ ସଫଳତାର ଶୀର୍ଷରେ ପହଞ୍ଚାଇବାରେ ଗ୍ରାହକଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ ରହିଛି। ଏଥିପାଇଁ ଅଧିକ ଲାଭରେ ଧ୍ୟାନ କେନ୍ଦ୍ରିତ କରିବା ପରିବର୍ତ୍ତେ ଗ୍ରାହକଙ୍କ ବିଶ୍ୱାସ ଓ ଆଶୀର୍ବାଦ ପ୍ରାପ୍ତ କରିବା ଉପରେ ଲାଲଚାନ୍ଦ୍ ବିଶ୍ୱାସ ରଖିଥାଏ। ଏହି ପୂଜା ଅଫର୍ ମାଧ୍ୟମରେ ଆମେ ଆମର ସର୍ବୋତ୍ତମ ସେବା ପ୍ରଦାନ କରିବାକୁ ଚେଷ୍ଟା କରିଛୁ ବୋଲି ହଂସ ବିସ୍ତୃତ ଭାବେ ମତବ୍ୟକ୍ତ କରିଛନ୍ତି।

# ଅଖିଳ ଫାଡା ଓଡ଼ିଶାର ରାଜ୍ୟ ଅଧ୍ୟକ୍ଷ

ଭୁବନେଶ୍ୱର,୯।୧୦



ଅଖିଳ ପୋଦ୍ଦାର

ଦେଶର ପ୍ରମୁଖ ଅଟୋ ଡିଲର୍ସ ସଂଘ ତଥା ଫେଡେରେଶନ ଅଫ ଅଟୋମୋବାଇଲ୍ ଡିଲର୍ସ ଆସୋସିଏଶନ (ଏଫଏଡିଏ ବା ଫାଡା) ର ଓଡ଼ିଶା ୟୁନିଟ ବା ଫାଡା ଓଡ଼ିଶାର ରାଜ୍ୟ ଅଧ୍ୟକ୍ଷ ଭାବେ ଅଖିଳ ପୋଦ୍ଦାର ମନୋନୀତ (ନିଯୁକ୍ତ) ହୋଇଛନ୍ତି। ଏପରିକି ୨୦୨୪ରୁ ୨୬ ପର୍ଯ୍ୟନ୍ତ ସେ ଏହି ପଦରେ ରହିବେ ବୋଲି ଫାଡା ଇଣ୍ଡିଆ ପକ୍ଷରୁ କୁହାଯାଇଛି।

ଉଲ୍ଲେଖଯୋଗ୍ୟ, କଟକ ଉତ୍କଳ ଅଟୋର ପାର୍ଟନର ଅଖିଳ ପୋଦ୍ଦାର ଦୀର୍ଘ ବର୍ଷ ହେବ ଅଟୋ ଶିଳ୍ପ ସହ ଜଡିତ ଅଛନ୍ତି। ଏପରିକି ସେ ଦୁଇ ଚକିଆ ଯାନ ହୋଣ୍ଡାର ପ୍ରମୁଖ ଡିଲର ଭାବେ ଓଡିଶା ବଜାରରେ ବେଶ୍ ପରିଚିତ ଥିଲାବେଳେ ତାଙ୍କର ଅଭିଜ୍ଞତା ଓ ଫାଡା ଓଡ଼ିଶାର ରାଜ୍ୟ ଅଧ୍ୟକ୍ଷ ଦାୟିତ୍ୱକୁ ସେ ନିଖୁଣ ଭାବେ ନିର୍ବାହ କରିବେ ବୋଲି ସଂଘ ପକ୍ଷରୁ କୁହାଯାଇଛି। ଏପରିକି ଫାଡା ଇଣ୍ଡିଆ ପକ୍ଷରୁ ତାଙ୍କୁ ଶୁଭେଚ୍ଛା ଜଣାଇବା ସହିତ ନୂଆ ଦାୟିତ୍ୱ ପାଇଁ ଅଭିନନ୍ଦନ ଜ୍ଞାପନ କରାଯାଇଛି।

# ଜେଏସ୍‌ପିକୁ ବିଜନେସ୍ ଏକ୍ସଲେନ୍ସ ଇନ୍ ସଷ୍ଟେନେବିଲିଟି ଆୱାର୍ଡ

ଭୁବନେଶ୍ୱର,୯।୧୦



ଜିନ୍ଦଲ ଷ୍ଟିଲ୍ ଆଣ୍ଡ ପାୱାର (ଜେଏସପି) କୁ ନିକଟରେ ଆଉ ଏକ ଜାତୀୟସ୍ତରର ସମ୍ମାନ ଦିଆଯାଇଛି। ଏପରିକି ଉତ୍ପାଦନ ବର୍ଗରେ ଜେଏସପିକୁ ବିଜନେସ୍ ଏକ୍ସଲେନ୍ସ ଇନ୍ ସଷ୍ଟେନେବିଲିଟି ଆୱାର୍ଡ ଦିଆଯାଇଛି। ନୂଆଦିଲ୍ଲୀଠାରେ ଇଣ୍ଡିଆନ୍ ଚାମ୍ବର ଅଫ୍ କମର୍ସ ପକ୍ଷରୁ ଆୟୋଜିତ ଦ୍ୱିତୀୟ ବାର୍ଷିକ ସିମ୍ପୋଜିୟମ୍ ଆଣ୍ଡ୍ ଏକ୍ସଲେନ୍ସ ଆୱାର୍ଡ-୨୦୨୪କାର୍ଯ୍ୟକ୍ରମରେ ଜେଏସପିକୁ ଏହି ସମ୍ମାନ ପ୍ରଦାନ କରାଯାଇଛି। ଏହି ସମ୍ମାନ ହାସଲ କରି ଜେଏସପି ପୁଣି ଥରେ କର୍ପୋରେଟ୍ ସାମାଜିକ ଦାୟିତ୍ୱବୋଧ କ୍ଷେତ୍ରରେ ନିଜର ନେତୃତ୍ୱ ପ୍ରଦର୍ଶନ କରିଛି। ଏପରିକି ଏହି ସମ୍ମାନଜନକ ପୁରସ୍କାର ସମଗ୍ର ଭାରତରେ ସାମାଜିକ ପରିବର୍ତ୍ତନ, ନିରନ୍ତର ବିକାଶ ଏବଂ ସାମଗ୍ରିକ ଗୋଷ୍ଠୀ ବିକାଶକୁ ପ୍ରୋତ୍ସାହିତ କରିବା ପାଇଁ କମ୍ପାନୀର ସାମାଜିକ ସଂସ୍ଥା ଜିନ୍ଦଲ ଫାଉଣ୍ଡେଶନ ମାଧ୍ୟମରେ ଜେଏସପିର ପ୍ରୟାସକୁ ସ୍ୱୀକୃତି ପ୍ରଦାନ କରିଛି।

ସେହିଭଳି ଭାରତରେ ଅବସ୍ଥାପିତ ଇଥିଓପିଆର ରାଷ୍ଟ୍ରଦୂତ ଦି ବିଜୁନେଶ ମେସର୍ଟ ଟେଗେନେ ଏହି ସମ୍ମାନଜନକ ପୁରସ୍କାର ଜେଏସପିକୁ ପ୍ରଦାନ କରିଥିଲେ। ଜେଏସପିର ଅଧ୍ୟକ୍ଷ ତଥା ତୃତୀୟ ଥର ସାଂସଦ (କୁରୁକ୍ଷେତ୍ର) ନବୀନ ଜିନ୍ଦଲଙ୍କ ମାର୍ଗଦର୍ଶନରେ ଶିକ୍ଷା, ସ୍ୱାସ୍ଥ୍ୟସେବା, ଦକ୍ଷତା ବିକାଶ ଏବଂ ପରିବେଶ ସୁରକ୍ଷା ସମେତ ବିଭିନ୍ନ କ୍ଷେତ୍ରରେ ଜେଏସପିର ଗୁରୁତ୍ୱପୂର୍ଣ୍ଣ ଅବଦାନକୁ ଏହି ସମ୍ମାନ ପ୍ରଦାନ କରିଛି। ଏ ସମ୍ପର୍କରେ ଜିନ୍ଦଲ ଫାଉଣ୍ଡେଶନର ଅଧ୍ୟକ୍ଷା ଶାଲୁ ଜିନ୍ଦଲ କହିଥିଲେ, ଅବହେଳିତ ସମ୍ପ୍ରଦାୟର ଉନ୍ନତି ଏବଂ ସମସ୍ତଙ୍କ ପାଇଁ ଏକ ଉନ୍ନତ ଭବିଷ୍ୟତ ନିର୍ମାଣ କରିବା ପାଇଁ ଆମର ସମର୍ପଣକୁ ସ୍ୱୀକୃତି ପ୍ରଦାନ କରୁଥିବା ଏହି ସମ୍ମାନଜନକ ପୁରସ୍କାର ପାଇ ଆମେ ବେଶ୍ ଉତ୍ସାହିତ ଅଛୁ।

# କାନାରା ବ୍ୟାଙ୍କର ମେଗା ରିଟେଲ ଲୋନ୍ ଏକ୍ସପୋ

ଭୁବନେଶ୍ୱର,୯।୧୦



କାନାରା ବ୍ୟାଙ୍କର ଭୁବନେଶ୍ୱର ଅଞ୍ଚଳ କାର୍ଯ୍ୟାଳୟ ପକ୍ଷରୁ ଆୟୋଜିତ ଏକ ମେଗା ରିଟେଲ ଲୋନ ଏକ୍ସପୋ ବୁଧବାର ଭୁବନେଶ୍ୱରର ରଘୁନାଥପୁରସ୍ଥିତ ଇମ୍ପେରିଆଲ କନ୍‌ଭେନ୍‌ସନଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଅବସରରେ କାନାରା ବ୍ୟାଙ୍କର ରାଜ୍ୟ ମୁଖ୍ୟ ତଥା ମହାପ୍ରବନ୍ଧକ ଜଗଦୀଶ ଚନ୍ଦର ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ଏହାର ଆନୁଷ୍ଠାନିକ ଶୁଭାରମ୍ଭ କରିଥିଲେ। ଏପରିକି ଚଳିତ ବର୍ଷର ପାର୍ବଣ ଋତୁ ଅବସରରେ ବ୍ୟାଙ୍କ ପକ୍ଷରୁ ପ୍ରଦାନ କରାଯାଉଥିବା ନୂତନ ଅଫରଗୁଡିକ ଉପରେ ଜଗଦୀଶ ଚନ୍ଦର ବିସ୍ତୃତ ଭାବେ ଆଲୋକପାତ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ବ୍ୟାଙ୍କର ବହୁ ବରିଷ୍ଠ ଅଧିକାରୀ ଓ ଅନ୍ୟମାନେ ଉପସ୍ଥିତ ଥିଲେ।

ଅପରପକ୍ଷରେ ବ୍ୟାଙ୍କ ପକ୍ଷରୁ ଜିରୋ ଡକ୍ୟୁମେଣ୍ଟେଶନ୍ ଓ ଜିରୋ ପ୍ରୋସେସିଂ ଫି ସହିତ ଗୃହ ଋଣ ଉପରେ ଆରମ୍ଭ ହେଉଥିବା ପ୍ରତିଯୋଗିତାମୂଳକ ସୁଧହାର ୮.୪% ଏବଂ ଗୃହ ଋଣ କିସ୍ତିରୁ ଆରମ୍ଭ ମାସିକ ବେତନ ୯୬ ଗୁଣ ଅଧିକତମ ଋଣ ମାତ୍ରା ସହିତ ୧ଲକ୍ଷ ଟଙ୍କାରେ ୭୬୨ଟଙ୍କା ଉପଲବ୍ଧ ରହିଛି। ସେହିଭଳି ଗାଡି ଋଣର ସୁଧ ହାର ଇଲେକ୍ଟ୍ରିକ ଗାଡି ଉପରେ ୮.୭୦% ରୁ ଆରମ୍ଭ ଏବଂ ଜିରୋ ଡକ୍ୟୁମେଣ୍ଟେସନ୍ ଓ ଜିରୋ ପ୍ରୋସେସିଂ ଫି ସହିତ ପେଟ୍ରୋଲ ଓ ଡିଜେଲ ଗାଡିଗୁଡିକ ପାଇଁ ୮.୭୦% ଏବଂ ଗାଡି କିସ୍ତି ବୀମା, ଆର୍‌ସି ଓ ଆସେସୋରିଜ୍ ସହିତ ଗାଡିର ୯୦% ମୂଲ୍ୟର ସର୍ବାଧିକ ଋଣ ପରିମାଣ ସହିତ ୧ଲକ୍ଷ ଟଙ୍କାରେ ୧୫୯୪ ଟଙ୍କା ଉପଲବ୍ଧ।

ଏହି ପରିପ୍ରେକ୍ଷୀରେ ବହୁ ପ୍ରତିଷ୍ଠିତ ବିଲ୍ଡର ଓ ଗାଡି ଡିଲରମାନେ ସେମାନଙ୍କ ଉତ୍ପାଦ ପ୍ରଦର୍ଶିତ କରିଥିଲେ। ଏପରିକି ୩୧ଜଣ ବିଲ୍ଡର ଏବଂ ଗାଡି ଡିଲର ଏଥିରେ ଅଂଶଗ୍ରହଣ କରିଥିଲାବେଳେ ୩୦୦ରୁ ଊର୍ଦ୍ଧ୍ୱ ଗ୍ରାହକ ଏଥିରେ ଭାଗ ନେଇ ଗୋଟିଏ ସ୍ଥାନରେ ବହୁମୁଖୀ ସୁବିଧା ପାଇ ପାରିଥିଲେ। ସେହିପରି ୮୧ ଜଣ ହିତାଧିକାରୀଙ୍କୁ ଗୃହ ଋଣ, ଗାଡି ଋଣ ଓ ଶିକ୍ଷା ଋଣ ମଞ୍ଜୁରୀ ପ୍ରଦାନ କରାଯାଇଥିଲା। ପରିଶେଷରେ ଗୃହ ଋଣ, ଗାଡି ଋଣ, ଶିକ୍ଷା ଋଣ ଓ ବିତ୍ତୀୟ ପରିଚାଳନା ଉପରେ ଏକ ସ୍ୱତନ୍ତ୍ର ଅଧିବେଶନ ଆୟୋଜିତ ହୋଇଥିଲା।

# ଦୁଇଚକିଆ ହୋଣ୍ଡା କିଣି ମାଲେସିଆ ଯିବେ ଗ୍ରାହକ

- ଏଚ୍‌ଏମ୍‌ଏସ୍‌ଆଇର ବିଜୟ ମହୋତ୍ସବ
- ଏସ୍‌ଜିବିଏଲ୍ ହୋଣ୍ଡାରେ ଲକି ଡ୍ର
- ପ୍ରଥମ ଭାଗ୍ୟଶାଳୀ ବିଜେତା ସୌମ୍ୟରଞ୍ଜନ ନାୟକ

ଭୁବନେଶ୍ୱର,୯।୧୦



ହୋଣ୍ଡା ମୋଟରସାଇକେଲ ଆଣ୍ଡ ସ୍କୁଟର ଇଣ୍ଡିଆ (ଏଚ୍‌ଏମ୍‌ଏସ୍‌ଆଇ) ର ବହୁ ପ୍ରତୀକ୍ଷିତ ଯୋଜନା 'ବିଜୟ ମହୋତ୍ସବ'ର ଶୁଭାରମ୍ଭ ନିକଟରେ ହୋଇଯାଇଛି। ଏପରିକି ଏହି ମହୋତ୍ସବ ୨୦୨୪ ଅକ୍ଟୋବର ୧ରୁ ନଭେମ୍ବର ୩ ପର୍ଯ୍ୟନ୍ତ ଓଡ଼ିଶାର ସମସ୍ତ ଏଚ୍‌ଏମ୍‌ଏସ୍‌ଆଇ ଅଧୀକୃତ ଶୋ'ରୁମ୍‌ରେ ଜାରି ରହିବ।

ଏହି ପରିପ୍ରେକ୍ଷୀରେ ଏଚ୍‌ଏମ୍‌ଏସଆଇ ବା ହୋଣ୍ଡା ଓଡ଼ିଶାର ଦୁଇଚକିଆ ୟୁନିଟ ପକ୍ଷରୁ ଆକର୍ଷଣୀୟ ଅଫର ଓ ସ୍ୱତନ୍ତ୍ର ମାଲେସିଆ ଟ୍ରିପ ସମ୍ପର୍କରେ ଘୋଷଣା କରାଯାଇଛି। ବିଶେଷ କରି ଚଳିତ ବର୍ଷ ଦୁର୍ଗା ପୂଜାର ଖୁସି ଦ୍ୱିଗୁଣିତ କରିବା ପାଇଁ ପ୍ରତ୍ୟେକ ଗ୍ରାହକଙ୍କୁ ନିଶ୍ଚିତ ଉପହାର ସହିତ ମେଗା ଅଫରରେ ସାମିଲ ହେବାକୁ କମ୍ପାନୀ ସୁଯୋଗ ଦେଉଛୁ। ଏପରିକି ପ୍ରତି ସପ୍ତାହରେ ଏକ ମେଗା ଲକି ଡ୍ରର ଆୟୋଜନ କରାଯାଉଛି, ଏହି ଲକି ଡ୍ର'ର ଭାଗ୍ୟଶାଳୀ ବିଜେତା ମାଲେସିଆ (ମାଲେସିଆ କପୁଲ ଟ୍ରିପ) ଯିବାକୁ ସୁଯୋଗ ପାଇବେ ବୋଲି ହୋଣ୍ଡା ଓଡ଼ିଶା ପକ୍ଷରୁ ବିସ୍ତୃତ ଭାବେ ସୂଚନା ଦିଆଯାଇଛି।

ଅପରପକ୍ଷରେ ମହୋତ୍ସବର ପ୍ରଥମ ସପ୍ତାହ ଲକି ଡ୍ର ଉତ୍ସବ ଏସ୍‌ଜିବିଏଲ ହୋଣ୍ଡା କଟକଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ଲକି ଡ୍ର ଉଠାଣ କାର୍ଯ୍ୟକ୍ରମରେ କଟକ ଏସଜିବିଏଲ ହୋଣ୍ଡାର ଏମ୍‌ଡି ସୁନୀଲ ଗୁପ୍ତା, ଉତ୍କଳ ହୋଣ୍ଡାର ପାର୍ଟନର ଅଖିଳ ପୋଦ୍ଦାର ଏବଂ ଦୁର୍ଗା ହୋଣ୍ଡାର ପାର୍ଟନର ଶୁଭେନ୍ଦୁ ମହାନ୍ତି ଓ ଅନ୍ୟମାନେ ଉପସ୍ଥିତ ଥିଲେ।

ସେହିଭଳି ସମ୍ବଲପୁରର ସୌମ୍ୟରଞ୍ଜନ ନାୟକ ଏହି ଲକି ଡ୍ର'ର ପ୍ରଥମ ଭାଗ୍ୟଶାଳୀ ବିଜେତା (ଲକି ଡ୍ର ଉଇନର) ହୋଇଥିଲାବେଳେ ତାଙ୍କୁ କମ୍ପାନୀ ପକ୍ଷରୁ ମାଲେସିଆ କପୁଲ ଟ୍ରିପର ସୁଯୋଗ ଦିଆଯାଇଛି। ସେହିପରି ମହୋତ୍ସବର ପ୍ରଥମ ସପ୍ତାହ ଅବସରରେ ୪ଟି କାର୍ଯ୍ୟକ୍ରମ ୪ଟି ସ୍ଥାନରେ ଆୟୋଜିତ ହୋଇଥିଲାବେଳେ ଭାଗ୍ୟଶାଳୀ ବିଜେତାମାନଙ୍କୁ ଆକର୍ଷଣୀୟ ଉପହାର ପ୍ରଦାନ କରାଯାଇଥିଲା। ଉପରୋକ୍ତ କାର୍ଯ୍ୟକ୍ରମ ୟୁଟ୍ୟୁବ ଜରିଆରେ ସିଧା ପ୍ରସାରଣ କରାଯାଇଥିଲା।

ଉଲ୍ଲେଖଯୋଗ୍ୟ, ବିଜୟ ମହୋତ୍ସବ ଅବଧି ମଧ୍ୟରେ ଦୁଇ ଚକିଆ ହୋଣ୍ଡାର ଯେକୌଣସି ଗାଡି କିଣିଲେ ଗ୍ରାହକଙ୍କୁ କମ୍ପାନୀ ପକ୍ଷରୁ ଆକର୍ଷଣୀୟ ଉପହାର ସହିତ ପ୍ରତି ସପ୍ତାହର ଲକି ଡ୍ର' ଭାଗ୍ୟଶାଳୀ ବିଜେତାକୁ ମାଲେସିଆ ଯିବାକୁ ସୁଯୋଗ ଦିଆଯାଉଛି।

## ସିଙ୍ଗାପୁରରେ ଭାଲେନ୍ସିଆ ସମର୍ଥକ ଅଟକ

**ଭାଲେନ୍ସିଆ,୯।୧୦(ପି.ଟି.):** ସ୍ପାନିଶ୍ ଫୁଟବଲ କ୍ଲବ ଭାଲେନ୍ସିଆର ୨ ଜଣ ସମର୍ଥକଙ୍କୁ ସିଙ୍ଗାପୁରରେ ଅଟକ ରଖାଯାଇଛି। କ୍ଲବର ସହ ମାଲିକାନାରେ ଥିବା ସିଙ୍ଗାପୁରର ବ୍ୟକ୍ତିଙ୍କୁ ଗାଳି ଦେଇଥିବା ଅଭିଯୋଗରେ ଉଭୟଙ୍କୁ ଅଟକ ରଖାଯାଇଥିଲା। ପରେ ଭାଲେନ୍ସିଆ ପକ୍ଷରୁ ସ୍ପାନିଶ ରାଷ୍ଟ୍ରଦୂତଙ୍କ ସହ ସମ୍ପର୍କ କରାଯିବା ପରେ ଉଭୟଙ୍କୁ ଛାଡିଥିଲା ସିଙ୍ଗାପୁର ପୋଲିସ୍। ବ୍ୟବସାୟୀ ପିଟର ଲିମ୍ ୨୦୧୪ରୁ ଭାଲେନ୍ସିଆର ଅନ୍ୟତମ ମାଲିକ ରହିଛନ୍ତି। ସେ ଖେଳ ଅପେକ୍ଷା ବ୍ୟବସାୟ ଉପରେ ଧ୍ୟାନ ଦେଉଛନ୍ତି ବୋଲି ଅଭିଯୋଗ କରି ଦୁଇ ସମର୍ଥକ 'ଗୋ ହୋମ୍ ଲିମ୍'ର ପ୍ଲାକାର୍ଡ ଦେଖାଇଥିଲେ। ୨୦୦୨ ଓ ୨୦୦୪ ସ୍ପାନିଶ ଲିଗ ଚାମ୍ପିୟନ ଭାଲେନ୍ସିଆ ଚଳିତ ସିଜନରେ ୧୮ତମ ସ୍ଥାନରେ ରହିଛି।

# ଜସମୁନି ମୁର୍ମୁଙ୍କୁ ବିରଳ ସୁଯୋଗ

## ଦିଲ୍ଲୀ କ୍ୟାପିଟାଲ୍ସ ଗର୍ଲ୍ସ କ୍ରିକେଟ ଟୁର୍‌ର ସଦସ୍ୟାଭାବେ ମହିଳା ବିଶ୍ୱକପର ପ୍ରତ୍ୟକ୍ଷଦର୍ଶୀ ହେବେ

**ଭୁବନେଶ୍ୱର, ୯।୧୦ (ତପନ ସ୍ୱାଇଁ)**

ଓଡ଼ିଶାର ଜସମୁନି ମୁର୍ମୁଙ୍କୁ ମିଳିଛି ଏକ ବିରଳ ସୁଯୋଗ। କଳିଙ୍ଗ ଇନ୍‌ଷ୍ଟିଚ୍ୟୁଟ୍ ଅଫ୍ ସୋସିଆଲ ସାଇନ୍ସେସ (କିସ୍)ର ଏହି ଛାତ୍ରୀ ଦିଲ୍ଲୀ କ୍ୟାପିଟାଲ୍ସ ଗର୍ଲ୍ସ କ୍ରିକେଟ ଟୁର୍‌ର ସଦସ୍ୟାଭାବେ ଦୁବାଇ ଯାତ୍ରା କରି ଆଇସିସି ମହିଳା ବିଶ୍ୱକପର ପ୍ରତ୍ୟକ୍ଷଦର୍ଶୀ ହେବେ। ଦୁବାଇ ଯାତ୍ରା ପାଇଁ ଭାରତରୁ ମନୋନୀତ ହୋଇଥିବା ୮ ବାଳିକାଙ୍କ ମଧ୍ୟରୁ ଜସମୁନି ଅନ୍ୟତମ। ଦିଲ୍ଲୀ କ୍ୟାପିଟାଲ୍ସର ପ୍ରମୁଖ ପ୍ରାୟୋଜକ ଡିପି ୱାର୍ଲ୍ଡ ହେଉଛି ଆଇସିସିର ଏକ ପାର୍ଟନର। ଦିଲ୍ଲୀ କ୍ୟାପିଟାଲ୍ସ ସହିତ କିସ୍‌ର ପାର୍ଟନରଶିପ୍ ଯୋଗୁ ଜସମୁନିଙ୍କ ପାଇଁ ଏହି ସୁଯୋଗ ସୃଷ୍ଟି ହୋଇଛି। ସାଲମା ମୁର୍ମୁ ଓ ବଜୁନ ମୁର୍ମୁଙ୍କ କନ୍ୟା ଜସମୁନି ୨୦୦୯ ଜୁନ୍ ୫ରେ ମୟୂରଭଞ୍ଜ ଜିଲା ଉଦଳାର ସାନସିଙ୍ଗାରିଆରେ ଜନ୍ମ ଗ୍ରହଣ କରିଥିଲେ। ୨୦୧୬ରେ ସେ କ୍ଲାସ-୧ରେ କିସ୍‌ରେ ଆଡ୍‌ମିଶନ ହୋଇଥିଲେ। ୨୦୨୧ରେ ୬ଷ୍ଠ ଶ୍ରେଣୀରେ ପଢୁଥିବାବେଳେ ସେ କ୍ରିକେଟ ଖେଳିବା ଆରମ୍ଭ କରିଥିଲେ। କିସ୍ ସ୍କୁଲ ଦଳର ସେ ଜଣେ ପ୍ରମୁଖ ସଦସ୍ୟା। ସାନ୍ତାଳ ଆଦିବାସୀ ସମ୍ପ୍ରଦାୟରୁ ଆସିଥିବା ଜସମୁନି ୧୫ ବର୍ଷରୁ କମ୍ ବର୍ଗରେ ଓଡ଼ିଶା ଦଳର ପ୍ରତିନିଧିତ୍ୱ କରି ସାରିଛନ୍ତି।

ଦୁବାଇ ଟୁର୍ ଅବସରରେ ଜସମୁନି ପ୍ରଥମେ ଆଇସିସି ମହିଳା ଟି୨୦ ବିଶ୍ୱକପ ଦେଖିବାର ସୁଯୋଗ ପାଇବେ। ଏହା ବ୍ୟତୀତ ସେ ଚଳିତ ମାସ ୧୭ ତାରିଖରେ ହେବାକୁଥିବା ସେମିଫାଇନାଲ ଉପଭୋଗ କରିବା ସହ ଆଇସିସି ଚେୟାରମ୍ୟାନ ଜୟ ଶାହାଙ୍କ ସହ ଭାବ ବିନିମୟ କରିବେ ଏବଂ ସେମିଫାଇନାଲିଷ୍ଟ ଦଳ ସହ ପ୍ରାକ୍ଟିସ ସେସନରେ ଅଂଶଗ୍ରହଣର ସୁଯୋଗ ପାଇବେ। ମହିଳା କ୍ରିକେଟକୁ ପ୍ରମୋଟ କରିବା ଏହି ଟୁର୍‌ର ମୁଖ୍ୟ ଉଦ୍ଦେଶ୍ୟ। ଫୁଟବଲ ଆସୋସିଏଶନ ଅଫ୍ ଓଡ଼ିଶାର ସମ୍ପାଦକ ଆଶୀର୍ବାଦ ବେହେରା କ୍ରିକେଟ ଆସୋସିଏଶନ ଅଫ୍ ଓଡ଼ିଶା ସମ୍ପାଦକ ସଞ୍ଜୟ ବେହେରା ଓ କିଟ୍ ଓ କିସ୍‌ର ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତ ପ୍ରମୁଖ ଜସମୁନିଙ୍କୁ ଅଭିନନ୍ଦନ ଜଣାଇଛନ୍ତି।



ଅଚ୍ୟୁତ ସାମନ୍ତଙ୍କ ସହ ଜସମୁନି ମୁର୍ମୁ।


# ମନେ ପଡ଼ନ୍ତି

**୧୭ତମ ଶ୍ରାଦ୍ଧବାର୍ଷିକୀ ଉପଲକ୍ଷେ**



**ସ୍ୱର୍ଗତ ଇଂ ଦୀପ୍ତିରଞ୍ଜନ ମହାପାତ୍ର (ବାବୁନା)**
ନିଳାଦ୍ରୀ ବିହାର, ଭୁବନେଶ୍ୱର
ଆବିର୍ଭାବ : ୨୦/୦୮/୧୯୭୮
ତିରୋଧାନ : ୧୯/୧୦/୨୦୦୭ (ମହାଷ୍ଟମୀ)
ଧନରେ, ତୁ ଆମକୁ ଏପରି ଅସହାୟ ଅବସ୍ଥାରେ ଛାଡ଼ି ଚାଲିଯିବାର ଆଜିକୁ ୧୭ ବର୍ଷ ପୁରିଗଲା। ତୋର ସେହି ହସହସ ମୁହଁ ଓ ସ୍ନେହଭରା ଡାକ ସବୁବେଳେ ଆଖି ଆଗରେ ନାଚି ଉଠୁଛି ଓ କାନରେ ବାଜି ଯାଉଛି। ତୋର ଅନୁପସ୍ଥିତି ଆମେ ପ୍ରତି ମୁହୂର୍ତ୍ତରେ ଅନୁଭବ କରୁଛୁ ଓ ତୋତେ ଝୁରି ହେଉଛୁ। ତୁ ଯେଉଁଠି ଥାଆ ଭଲରେ ଥାଆ ଓ ତୋର ଅମର ଆତ୍ମାର ସଦ୍‌ଗତି ହେଉ। ଏତିକି ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଖରେ ଆମର ବିନମ୍ର ପ୍ରାର୍ଥନା।
ଶୋକସନ୍ତପ୍ତ : ଅତି ଆଦରର ନନା ଓ ବୋଉ, କକେଇ ଓ ଖୁଡିମାନେ, ନାନୀ ଓ ଭାଇନାମାନେ, ଭାଣିଜୀ-ମୁନ୍‌ମୁନ୍ ଓ ଭୂମି, ଭଣଜା-ଆଦି, ଅନ୍ୟାନ୍ୟ ପରିବାରବର୍ଗ।
ଧ-୭୧୫୮୮

**ପ୍ରଥମ ଶ୍ରାଦ୍ଧବାର୍ଷିକୀ**



**ସ୍ୱର୍ଗତ ଶରତ ଚନ୍ଦ୍ର ମିଶ୍ର**
ବି.ଜେ.ବି ନଗର, ଭୁବନେଶ୍ୱର
(ପୂର୍ବତନ ଆରକ୍ଷୀ ମହାନିର୍ଦ୍ଦେଶକ, ବିଶିଷ୍ଟ ଲେଖକ ଏବଂ ଶିକ୍ଷା ଦିଗ୍‌ଦର୍ଶକ)
ଆବିର୍ଭାବ : ୨୪/୦୭/୧୯୩୬
ତିରୋଭାବ : ୧୦/୧୦/୨୦୨୩
"ତୁମ୍ଭ ମାଟି-ଦେହ ଗ୍ରାସିଛି ଶ୍ମଶାନ ମାତ୍ର ଯଶୋଦେହେ ତୁମ୍ଭେ ଆୟୁଷ୍ମାନ"
ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ପାଦପଦ୍ମରେ ଅଭୟ ଆଶିଷ ପ୍ରାର୍ଥନା ସହିତ
ସ୍ମୃତିଧନ୍ୟ: ପ୍ରତିଭା ମିଶ୍ର (ପତ୍ନୀ), ସୁରଜ (ପୁତ୍ର), ଜେସି ହେଙ୍ଗ (ପୁତ୍ରବଧୂ), ଶଲୋନୀ (କନ୍ୟା), ନାତିନାତୁଣୀ ଓ ଅଣନାତି ନାତୁଣୀବୃନ୍ଦ, ପରିବାରବର୍ଗ, ଆତ୍ମୀୟସ୍ୱଜନ ଏବଂ ଅଗଣିତ ଗୁଣମୁଗ୍ଧ
ଧ-୭୫୭୯୩

**ମନେପଡ଼ନ୍ତି**



**ସ୍ୱର୍ଗତା ଲୀଳାମୟୀ ଜେନା**
ସ୍ୱାମୀ - ଅବସରପ୍ରାପ୍ତ ଜଜ୍ ତଥା ଅନ୍ତର୍ଜାତୀୟ ଫୁଟବଲ ରେଫ୍ରି ସ୍ୱର୍ଗତ ପୀତାମ୍ବର ଜେନା
ମାଳିସାହି, ରାଣୀହାଟ, କଟକ
ଆବିର୍ଭାବ : ୩୧.୦୧.୧୯୩୪
ତିରୋଧାନ : ୩୦.୦୯.୨୦୨୪
ବାରବାଟୀ ଷ୍ଟାଡିୟମ ନିର୍ମାଣ ବେଳେ ସ୍ୱାମୀଙ୍କୁ ଅକୁଣ୍ଠ ସହଯୋଗ ଦେଇ କାର୍ଯ୍ୟକୁ ତ୍ୱରାନ୍ୱିତ କରିବା ପାଇଁ ପ୍ରେରଣା ଦେଇଥିବା ପ୍ରିୟ ମାତୃଦେବୀ ଠାକୁରଙ୍କ କୃପାରୁ ଶାନ୍ତିରେ ରହିଥାଅ। ଏକାଦଶାହରେ ଅଶ୍ରୁଳ ଶ୍ରଦ୍ଧାଞ୍ଜଳି।
ଜେନା ପରିବାର
ଧ-୧୬୧୮

**୧୪ତମ ଶ୍ରାଦ୍ଧବାର୍ଷିକ ଉପଲକ୍ଷେ**
**ଭକ୍ତିପୂତ ଶ୍ରଦ୍ଧାଞ୍ଜଳି**



ମୀନାବଜାର, ଢେଙ୍କାନାଳ
**ସ୍ୱର୍ଗତ ପ୍ରମୋଦ କୁମାର ଦେବତା**
ଆବିର୍ଭାବ : ତା ୨୦.୧୨.୧୯୪୩
ତିରୋଧାନ : ତା ୧୫.୧୦.୨୦୧୦
ଆଶ୍ୱିନ ଶୁକ୍ଳପକ୍ଷ ଅଷ୍ଟମୀ ତିଥି
ଆପଣଙ୍କର ଅନାବିଳ ସ୍ନେହ, ଶ୍ରଦ୍ଧା ଓ ତ୍ୟାଗ ଆମେ କେବେହେଲେ ଭୁଲିପାରିବୁ ନାହିଁ। ଆପଣଙ୍କର ଅମର ଆତ୍ମାର ସଦ୍‌ଗତି ଓ ଚିରଶାନ୍ତି ପାଇଁ ପ୍ରଭୁ ଶ୍ରୀ ବଳରାମଙ୍କ ନିକଟରେ ପ୍ରାର୍ଥନା।
ଶୋକସନ୍ତପ୍ତ - ମାଳତୀ, ଲୋକା, କୁନି, କୃଷ୍ଣ, ଝିନି, ଡଲି, ଝିଲି, ବୁନି, ଲିଲି, ଓମ୍, ପୁପୁ, ମନୀଷା, ଖୁସି ଓ ପରିବାର ବର୍ଗ।
ମେସର୍ସ ନଟବର ଦେବତା, ଶ୍ରୀ ବଳରାମ ଫେବ୍ରିକ୍ସ ଓମ୍ ଟେକ୍ସଟାଇଲ, ମାଳତୀ ନିବାସ
ଧ-୭୫୪୬୪


# Classified Everyday
**0674-2580101, 2549949**







## SALE

**ମାତ୍ର ତିନି ଲକ୍ଷରେ ଓଡ଼ିଶାର ସର୍ବାଧିକ ଲାଭଦାୟକ ପ୍ଲଟ୍ (Investment Plot). Contact: 8917622925.** D-1526

ଭୁବନେଶ୍ୱର ପିତାପଲ୍ଲୀ NH-16 କଡ଼ରେ 30' Road, ଇଲେକ୍ଟ୍ରିସିଟି ଥାଇ ତୁରନ୍ତ ଘର କଲାଭଳି plot ମିଳୁଛି। (Owner) 9090963952. D-75996

Duplex project at Retang Medical, Station, CV Raman University, Apartment near Sum Hospital, Bhubaneswar. 7008459987. D-75995

**Gharabari converted plots available near Hitech Square, Sundarpada, Bhubaneswar. For more details contact- 9437054765, 9853035888.** D-1613

**1BHK ready to move in flats available in Hi-Tech Brundaban Project near Batamangala Temple, Puri Town. 8328857872, 8895816302.** D-1614

High profile three storied building at Jaydurga Nagar, Bomikhal, Bhubaneswar for 2.40 crores. Brokers excuse. Call- 8917520527. D-1571

Asribada Panchakarma herbal SPA, Kesharimall, Bhubaneswar. Contact- 8926173473. D-75791

Kerala Massage therapy gents/ Ladies pain relief Bhubaneswar. 9337672475. D-1575

## AFFIDAVIT

I, Sweety P D/o Prasana Kumar Swain, R/o Badagada, Bhubaneswar- 751018 have HDFC Life Policy No. 21994426. My name mentioned therein as Sweety Prasana Swain. I want to change the same as per Aadhaar and PAN as Sweety P by virtue of affidavit sworn. D-1597

By virtue of an affidavit sworn before Executive Magistrate, Bhubaneswar, dated 10.09.2024 I Pratima Patra, Plot No. 2126, Jokalandi, Bharatpur, BBSR-3 declare that I have changed my name from Laxmi Patra to Pratima Patra. Henceforth, I shall be known as Pratima Patra for all purposes. D-1612

I, Itishree Das, D/o Pravat Ranjan Das, resident of Medical Bank Colony Lane-3, Berhampur, Dist.- Ganjam, Odisha, PIN 760004 changed my surname from Das to Acharya after marriage by virtue of Affidavit No.A-816 dated 22.10.2018 in the Court of the Executive Magistrate, Berhampur,Odisha. Now onwards I shall be known as Itishree Acharya for all future purposes. D-1610

I, Satya Sankar Biswal, S/o Durga Sankar Biswal, resident of 227/228 Krishnapuri Colony, Malipada, P.S.- Chandaka, Dist.- Khurdha Pin- 751003, Aadhaar No. XXXXXXXX6311 declare by this affidavit No. 899 dtd.16.03.2023 that my passport number Z7018623 issued by the passport authority which is valid till 16.03.2023, that in the said passport my wife's name misspelt as SHAMIKASHYA LENKA, that I declare that SHAMIKASHYA LENKA and SHAMIKSHYA LENKA is one and same person who is my wife. D-1617

By virtue of an affidavit before Executive Magistrate, Similiguda, Koraput my name has been changed from Sasmita Mahapatra to Sasmita Sathua. Hence therefore, I shall be treated same and one person namely as Sasmita Sathua for all purpose. D-1624

Saraswati Behera, W/o Kusa Malik of Village Bandhupur, P.O.- Samitanga, P.S. Nemalo, Dist.- Cuttack do hereby change name from Saraswati Behera to Babita Malik, W/o Kusa Malik with immediate effect vide Affidavit No. 698/6.9.24 before Executive Magistrate, Nischintakoili. D-1619

Your classified advertisement published in Dharitri will be listed FREE in Dharitri online edition: **dharitriepaper.in**

ପାଠକଙ୍କ ପାଇଁ ସୂଚନା- କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।

See Career Appointment on every Wednesday & Saturday

## LEGAL NOTICE

**ମାନ୍ୟବର ଆଡିସନାଲ କମିଶନର, ଶ୍ରୀ ପ୍ରଦୀପ କୁମାର ନାୟକ, ଓ.ଏ.ସ.(ଏସ୍.ଏସ୍.), ଆଡିସନାଲ ରିଭିଜନ କୋର୍ଟ ନଂ.୪ ଅଦାଲତ, ଭୁବନେଶ୍ୱର, ଚତୁର୍ଥ ମହଲା, ହେଡ୍‌ସ ଅଫ୍ ଡିପାର୍ଟମେଣ୍ଟ ବିଲ୍‌ଡିଂ, ଭୁବନେଶ୍ୱର**
**ଓ.ଏସ୍.ଏସ୍. କେସ୍ ନଂ.୫୩୫/୨୦୨୨**

ତନୁଶ୍ରୀ ତ୍ରିପାଠୀ ... ... ... ବାଦୀ/ଦରଖାସ୍ତକାରୀ
ବନାମ
ସ୍ମାର୍ଟ ଲାଇଫ୍ ଷ୍ଟାଇଲ ମଲ୍‌ଟିଟ୍ରେଡ୍ ପ୍ରାଇଭେଟ ଲିମିଟେଡ ଓ ଅନ୍ୟମାନେ ... ... ପ୍ରତିବାଦୀମାନେ

୧. ସ୍ମାର୍ଟ ଲାଇଫ୍ ଷ୍ଟାଇଲ ମଲ୍‌ଟିଟ୍ରେଡ୍ ପ୍ରାଇଭେଟ ଲିମିଟେଡ, ପରିଚାଳନା ନିର୍ଦ୍ଦେଶକ ଶ୍ରୀ ଶିବ ଶଙ୍କର ଦାସ, ଅଫିସ ଠିକଣା- ବି-୧୯୦, ପ୍ରାଞ୍ଚନ ବିହାର, ପୋ.- ବରମୁଣ୍ଡା, ବି.ଡି.ଏ. କମ୍ପ୍ଲେକ୍ସ, ଭୁବନେଶ୍ୱର, ଖୋର୍ଦ୍ଧା, ଓଡ଼ିଶା- ୭୫୧୦୦୩।
୨. ହାମିଦ୍ ଖାଁ, ପିତା- ସେବନ ଖାଁ, ଗ୍ରା.- ବେଣାପଞ୍ଜରୀ, ପୋ.- ଦିରିମେଲଠା, ଜଟଣୀ, ଖୋର୍ଦ୍ଧା, ଓଡ଼ିଶା- ୭୫୨୦୫୦।
୫. ଉପେନ୍ଦ୍ର ପଟ୍ଟନାୟକ, ପିତା- ଲେଟ୍ କଂଗନାଥ ପଟ୍ଟନାୟକ, ଗ୍ରା.- ବେଣାପଞ୍ଜରୀ, ପୋ.- ଦିରିମେଲଠା, ଜଟଣୀ, ଖୋର୍ଦ୍ଧା, ଓଡ଼ିଶା- ୭୫୨୦୫୦। ... ... ପ୍ରତୀବାଦୀମାନେ

**ନୋଟିସ**

ସିପିସି ଅର୍ଡର-୫, ରୁଲ୍-୨୦ ମୁତାବକ ବାଦୀଙ୍କ ଦ୍ୱାରା ଓଡ଼ିଶା ବନ୍ଦୋବସ୍ତ ଆଇନ-୧୯୫୮ ଧାରା-୧୫(ଖ) ମୁତାବକ ମାନ୍ୟବର ଆଡିସନାଲ କମିଶନର, ଆଡିସନାଲ ରିଭିଜନ କୋର୍ଟ ନଂ.୪, ଭୁବନେଶ୍ୱରଙ୍କ ଅଦାଲତରେ ବାଦୀ ଶ୍ରୀମତୀ ତନୁଶ୍ରୀ ତ୍ରିପାଠୀ ଖରିଦ ଏବଂ ଦଖଲ ଦୃଷ୍ଟି ଜମି ରେକର୍ଡ ପାଇଁ ଉପରୋକ୍ତ ମକଦ୍ଦମା ଦାୟର ହାଇଅଛି। ବାଦୀଙ୍କ ଦ୍ୱାରା ଦିଆଯାଇଥିବା ଉପରୋକ୍ତ ପ୍ରତିବାଦୀ ନଂ.୧, ୨ ଏବଂ ୫ଙ୍କୁ ଠିକଣାରେ ନୋଟିସ ରେଜେଷ୍ଟ୍ରି ଡାକ ଦ୍ୱାରା ଦିଆଯାଇଥିଲା କିନ୍ତୁ ଭଲ ନୋଟିସ ବିନା ଜାରି ହୋଇ ଫେରିଆସିଥିଲା।

ତେଣୁ ଭଲ ସମ୍ବାଦପତ୍ର ଦ୍ୱାରା ଉପରୋକ୍ତ ପ୍ରତିବାଦୀ ନଂ.୧, ୨ ଏବଂ ୫ଙ୍କୁ ଅବଗତି ନିମନ୍ତେ ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଜଣାଇ ଦିଆଯାଇଅଛି କି ଯେ, ଉପରୋକ୍ତ ରିଭିଜନ କେସ୍‌ର ଶୁଣାଣି ମାନ୍ୟବର ଆଡିସନାଲ ରିଭିଜନ କୋର୍ଟ ନଂ.୪, ଭୁବନେଶ୍ୱର କାର୍ଯ୍ୟାଳୟଠାରେ ଆସନ୍ତା ତା୧୮।୧୧।୨୦୨୪ରିଖ ଦିବା ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିରୀକୃତ ହୋଇଛି। ଭଲ କେସ୍‌ର ତଫସିଲ ବୃତ୍ତି ଜମିର ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

**ତଫସିଲ ବୃତ୍ତି (ଜମିର ବିବରଣୀ)**

ଜିଲ୍ଲା- ଖୋର୍ଦ୍ଧା, ତହସିଲ- ଜଟଣୀ, ଥାନା-ଜଟଣୀ,ଥାନା ନଂ.- ୨୪, ମୌଜା- ମଙ୍ଗରାଜପୁର, ସାବିକ ଖାତା ନଂ.୨୨୫, ସାବିକ ପ୍ଲଟ୍ ନଂ.୫୪୯, ରକବା- ଏ.୦.୩୬୦ଡି., ସ୍ୱତ୍ୱ- ସ୍ଥିତିବାନ, କିସମ- ଶାରଦ ଅଣଜଳସେଚିତ ଦୁଇ।
ଜିଲ୍ଲା- ଖୋର୍ଦ୍ଧା, ତହସିଲ- ଜଟଣୀ, ଥାନା-ଜଟଣୀ,ଥାନା ନଂ.- ୨୪, ମୌଜା-ମଙ୍ଗରାଜପୁର, ହାଲ ଖାତା ନଂ.୩୪୬, ହାଲ ପ୍ଲଟ୍ ନଂ.୬୮୪, ରକବା- ଏ.୦.୩୬୦ଡି., ସ୍ୱତ୍ୱ- ସ୍ଥିତିବାନ, କିସମ- ଶାରଦ ଅଣଜଳସେଚିତ ଦୁଇ।

ଏଣୁ ଉପରୋକ୍ତ ମାମଲାର ପ୍ରତିବାଦୀ ନଂ.୧, ୨ ଏବଂ ୫ କିମ୍ବା ତାଙ୍କ ଉତ୍ତରାଧିକାରୀମାନେ କିମ୍ବା ତାଙ୍କ କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଏହି ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ, ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମୋକଦ୍ଦମା ଫଏସଲା କରାଯିବ।

**ସ୍ୱା./- ଆଡିସନାଲ ରିଭିଜନକୋର୍ଟ ନଂ.୪**
**ଭୁବନେଶ୍ୱରଙ୍କ ଆଦେଶ କ୍ରମେ କୋର୍ଟ ଅଫିସର**
ଧ-୧୬୧୬

## LEGAL NOTICE

**ନୋଟିସ**
**ମାନ୍ୟବର ଅତିରିକ୍ତ ଆୟୁକ୍ତ ଶ୍ରୀମତୀ ରାଜଶ୍ରୀ ମହାନ୍ତି (ଆଇ.ଏ.ଏସ୍.) ସଂଶୋଧନ ନ୍ୟାୟାଳୟ, ୪ର୍ଥ ମହଲା, ହେଡ୍‌ସ ଅଫ୍ ଡିପାର୍ଟମେଣ୍ଟ, ଭୁବନେଶ୍ୱର**
**ଓ.ଏସ୍.ଏସ୍. ନଂ ୧୪୬୮/୨୦୧୯ଗ୍ଧର**

ବିନୟ କୁମାର ପାତ୍ର ... ... ... ବାଦୀ
ବନାମ
ମାଗୁଣି ଗୁରୁ ଏବଂ ଅନ୍ୟମାନେ ... ... ... ପ୍ରତିବାଦୀ

**ନୋଟିସ ଅର୍ଡର-୫, ରୁଲ୍-୨୦ ସି.ପି.ସି. ମୁତାବକ**

(୧) ମାଗୁଣି ଗୁରୁ,ପିତା- ସ୍ୱର୍ଗତ ଅର୍ଜୁନ ଗୁରୁ, (୨) ସୁଲଭା ଦେଈ, ସ୍ୱାମୀ- ମାଗୁଣି ଗୁରୁ, (୩) ଉଷା ଦେଈ, ସ୍ୱାମୀ- ବିହାରୀ ସୁନ୍ଦରା, ସା./ପୋଷ୍ଟ- ଦାରୁଠେଙ୍ଗ, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା।

ଏତଦ୍ୱାରା ସମସ୍ତ ପ୍ରତିବାଦୀଙ୍କ ଅବଗତି ନିମନ୍ତେ ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଜଣାଇ ଦିଆଯାଉଛି ଯେ, ଉପରଲିଖିତ ରିଭିଜନ କେସ୍‌ର ଶୁଣାଣି ମାନ୍ୟବର ଅତିରିକ୍ତ କମିଶନର ଅଦାଲତ ଇଜିଲାସ ୪ର୍ଥ ମହଲା, ହେଡ୍‌ସ ଅଫ୍ ଡିପାର୍ଟମେଣ୍ଟ ବିଲ୍ଡିଂ, ଭୁବନେଶ୍ୱର କାର୍ଯ୍ୟାଳୟରେ ଆସନ୍ତା ତା୧୨।୧୧।୨୪ରିଖ ଦିବା ୦୩.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିର କରାଯାଇଛି।

**ଜମିର ବିବରଣୀ**

ମୌଜା- ଭୁଆଶୁଣୀ, ତହସିଲ- ଭୁବନେଶ୍ୱର, ଥାନା- ଚନ୍ଦକା, ଜିଲ୍ଲା- ଖୋର୍ଦ୍ଧା

| ଖାତା ନଂ. | ପ୍ଲଟ ନଂ. | ରକବା | କିସମ | ସତ୍ୱ |
|---|---|---|---|---|
| ୧୭୪ | ୫୭୭ | ଏ୦.୦୫୫ଡି | ଶାରଦ ଅଣଜଳ ସେଚିତ-୩ | ସ୍ଥିତିବାନ |

| ଖାତା ନଂ. | ପ୍ଲଟ ନଂ. | ରକବା | କିସମ | ସତ୍ୱ |
|---|---|---|---|---|
| ୯୮୧ | ୨୩୦୧ | ଏ୦.୦୫୫ଡି | ଶାରଦ ଅଣଜଳ ସେଚିତ-୩ | ସ୍ଥିତିବାନ |

ଏଣୁ ଉପରୋକ୍ତ ମାମଲାରେ ପ୍ରତିବାଦୀ ନିଜେ ଏବଂ ନିଜର କ୍ଷମତାପ୍ରାପ୍ତ ପ୍ରତିନିଧି ଜରିଆରେ ଏହି ନିର୍ଦ୍ଦିଷ୍ଟ ତାରିଖ ଏବଂ ସମୟରେ ଉକ୍ତ ଇଜିଲାସରେ ଉପସ୍ଥିତ ରହି ମୋକଦ୍ଦମାର ଶୁଣାଣିରେ ଅଂଶଗ୍ରହଣ କରିବେ। ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମୋକଦ୍ଦମା ଫଏସଲା କରାଯିବ।

**ମାନ୍ୟବର ଅତିରିକ୍ତ କମିଶନର**
**ଆଦେଶ ଅନୁଯାୟୀ**
**ସ୍ୱା./-ଲକ୍ଷ୍ମୀଧର ନାୟକ, କୋର୍ଟ ଅଫିସର**
**୨୦.୦୯.୨୪**
ଧ-୧୬୨୦

**ନୋଟିସ**
**ମାନ୍ୟବର ଆଡିସନାଲ କମିଶନର, ଶ୍ରୀ ପ୍ରଦୀପ କୁମାର ନାୟକ, ଓ.ଏ.ସ. (ଏସ୍.ଏସ୍.) ଆଡିସନାଲ ରିଭିଜନ କୋର୍ଟ ନଂ.୪ଙ୍କ ଅଦାଲତ, ଭୁବନେଶ୍ୱର, ଚତୁର୍ଥ ମହଲା, ହେଡ୍‌ସ ଅଫ୍ ଡିପାର୍ଟମେଣ୍ଟ ବିଲ୍‌ଡିଂ, ଭୁବନେଶ୍ୱର**
**ଓ.ଏସ୍.ଏସ୍. କେସ୍ ନଂ.୧୧୯୦/୨୦୨୩**

ସ୍ନେହମୟୀ ଦେହୁରୀ ... ... ବାଦୀ / ଦରଖାସ୍ତକାରୀ
ବନାମ
ସେଟଲ୍‌ମେଣ୍ଟ ଅଫିସର, କଟକ ଓ ଅନ୍ୟମାନେ ... ... ପ୍ରତିବାଦୀ/ଅପରପକ୍ଷ
ପ୍ରାପ୍ତେଷୁ
ଶ୍ରୀମତୀ ଜ୍ୟୋତ୍ସ୍ନା ସାହୁ, ସ୍ୱାମୀ-ସ୍ୱର୍ଗତ ବୀରବର ସାହୁ, ସା: ଡମଣା, ପୋଷ୍ଟ/ ଥାନା- ଚନ୍ଦ୍ରଶେଖରପୁର, ଭୁବନେଶ୍ୱର, ଜିଲ୍ଲା- ଖୋର୍ଦ୍ଧା ... ... ପ୍ରତିବାଦୀ ନଂ.୩

**ନୋଟିସ**

ସିପିସି ଅର୍ଡର ନଂ.୫, ରୁଲ୍-୨୦ ମୁତାବକ ବାଦୀଙ୍କ ଦ୍ୱାରା ଓଡ଼ିଶା ବନ୍ଦୋବସ୍ତ ଆଇନ- ୧୯୫୮ ଧାରା-୧୫(ଖ) ମୁତାବକ ମାନ୍ୟବର ଆଡିସନାଲ କମିଶନର, ଆଡିସନାଲ ରିଭିଜନ କୋର୍ଟ ନଂ.୪, ଭୁବନେଶ୍ୱରଙ୍କ ଅଦାଲତରେ ବାଦିନୀ ଶ୍ରୀମତୀ ସ୍ନେହମୟୀ ଦେହୁରୀ ଖରିଦ ଏବଂ ଦଖଲ ଦୃଷ୍ଟେ ଜମି ରେକର୍ଡ ପାଇଁ ଉପରୋକ୍ତ ମକଦ୍ଦମା ଦାୟର କରିଛନ୍ତି। ବାଦିନୀଙ୍କ ଦ୍ୱାରା ଦିଆଯାଇଥିବା ଉପରୋକ୍ତ ମକଦ୍ଦମା ଦାୟର ହୋଇଅଛି। ବାଦୀଙ୍କ ଦ୍ୱାରା ଦିଆଯାଇଥିବା ଉପରୋକ୍ତ ପ୍ରତିବାଦୀ ନଂ.୩ଙ୍କ ଠିକଣାରେ ନୋଟିସକୁ ରେଜେଷ୍ଟ୍ରି ଡାକ ଦ୍ୱାରା ଦିଆଯାଇଥିଲା, କିନ୍ତୁ ଉକ୍ତ ନୋଟିସ ବିନା ଜାରି ହୋଇ ଫେରିଆସିଥିଲା।

ତେଣୁ ଉକ୍ତ ସମ୍ବାଦପତ୍ର ଦ୍ୱାରା ଉପରୋକ୍ତ ପ୍ରତିବାଦୀ ନଂ.୩ ଅବଗତି ନିମନ୍ତେ ସମ୍ବାଦପତ୍ର ବିଜ୍ଞାପନ ଦ୍ୱାରା ଜଣାଇ ଦିଆଯାଉଅଛି କି ଯେ, ଉପରୋକ୍ତ ରିଭିଜନ କେସ୍‌ର ଶୁଣାଣି ମାନ୍ୟବର ଆଡିସନାଲ ରିଭିଜନ କୋର୍ଟ ନଂ.୪, ଭୁବନେଶ୍ୱର କାର୍ଯ୍ୟାଳୟଠାରେ ଆସନ୍ତା ତା୧୩।୧୧।୨୦୨୪ରିଖ ଦିବା ୧୧.୩୦ ଘଟିକା ସମୟରେ ଶୁଣାଣି କରାଯିବା ନିମନ୍ତେ ସ୍ଥିରୀକୃତ ହୋଇଛି। ଉକ୍ତ କେସ୍‌ର ତଫସିଲ ବୃତ୍ତି ଜମିର ବିବରଣୀ ନିମ୍ନରେ ପ୍ରଦାନ କରାଗଲା।

**ତଫସିଲ ବୃତ୍ତି**

ଜିଲ୍ଲା- ଖୋର୍ଦ୍ଧା, ଥାନା-ଚନ୍ଦକା, ତହସିଲ- ଭୁବନେଶ୍ୱର, ମୌଜା- ପଥରଗାଡ଼ିଆ, ହାଲ ଖାତା ନଂ. ୫୭୦, ହାଲ ପ୍ଲଟ୍ ନଂ.୫୯୫୯/୭୦୫୩, କିସମ- ପତିତ, ରକବା ଏ୦.୧୯୦ ଡିସିମିଲ ସ୍ୱଧରୁ ବିକ୍ରୟ ବୃତ୍ତି ଏ୦.୧୭୧ ଡିସିମିଲ। ଏହାର ସାବକ ମିଉଟେସନ ପ୍ଲଟ୍ ନଂ. ୧୩୮୦/୨୦୫୧, ପ୍ଲଟ୍ ନଂ.୧୩୬୫/୧୪୬୯/୨୦୫୨ ଓ ସାବିକ ମିଉଟେସନ ପ୍ଲଟ୍ ନଂ. ୧୩୬୫/୧୪୭୦/୨୦୫୩ ପୁନଶ୍ଚ ଏହାର ସାବିକ ୧୯୬୨ ମସିହା ବନ୍ଦୋବସ୍ତ ଖାତା ନଂ.୨୮୭, ପ୍ଲଟ୍ ନଂ.୧୩୮୦, ପ୍ଲଟ୍ ନଂ.୧୩୬୫/୧୪୬୯ ଓ ପ୍ଲଟ୍ ନଂ.୧୩୬୫/୧୪୭୦ ।

ଏଣୁ ଉପରୋକ୍ତ ମାମଲାର ପ୍ରତିବାଦୀ ନଂ.୩ କିମ୍ବା ମୃତ ହୋଇଥିଲେ ୱାରସମାନେ ନିଜେ ବା ତାଙ୍କର କ୍ଷମତାପ୍ରାପ୍ତ ପ୍ରତିନିଧିଙ୍କ ଜରିଆରେ ଏହି ନିର୍ଦ୍ଧାରିତ ତାରିଖ ଏବଂ ସମୟରେ ଉକ୍ତ ଅଦାଲତରେ ଉପସ୍ଥିତ ରହି ମୋକଦ୍ଦମାର ତହବିଲ କରିବେ, ଅନ୍ୟଥା ଆଇନ ଅନୁଯାୟୀ ଉକ୍ତ ମୋକଦ୍ଦମାକୁ ଆପଣଙ୍କ ଅନୁପସ୍ଥିତିରେ ଏକତରଫା ଫଏସଲା କରାଯିବ।

**ସ୍ୱା./- ଆଡିସନାଲ ରିଭିଜନ କୋର୍ଟ ନଂ.୪**
**ଭୁବନେଶ୍ୱରଙ୍କ ଆଦେଶକ୍ରମେ କୋର୍ଟ ଅଫିସର**
ଧ-୧୬୨୧

# ଡିସ୍କୋ ଡ୍ୟାନ୍ସର ଫ୍ଲପ୍ ହୋଇଥିଲେ..


'ଡିସ୍କୋ ଡ୍ୟାନ୍ସର' ଫିଲ୍ମରେ ମିଥୁନ

ଥରେ ମନେପକାନ୍ତୁ ନା ସେହି ଏଭରଗ୍ରୀନ୍ ଗୀତ 'ଆଇ ଆମ ଦ ଡିସ୍କୋ ଡ୍ୟାନ୍ସର'କୁ। ଏଥିରେ ମିଥୁନ ଚକ୍ରବର୍ତ୍ତୀଙ୍କ ନୃତ୍ୟ ସେ ସମୟରେ ଯୁବପିଢ଼ିଙ୍କୁ କେତେ ମତୁଆଲା କରିଥିଲା ତାହା ବର୍ଣ୍ଣନା କରିବା ଅନାବଶ୍ୟକ। ପ୍ରଥମ ଫିଲ୍ମ 'ମୃଗୟା' ପାଇଁ ତାଙ୍କୁ ଜାତୀୟ ପୁରସ୍କାର ମିଳିଥିଲା। କିନ୍ତୁ ତା'ପରେ ବେଶ୍ କିଛି ବର୍ଷ ମିଥୁନଙ୍କୁ ସିନେମାରେ ଅଭିନୟ କରିବାକୁ କମ୍ କଷ୍ଟ କରିବାକୁ ପଡ଼ି ନ ଥିଲା। ୨୦୦୮ରେ 'ଡିସ୍କୋ ଡ୍ୟାନ୍ସର' ତାଙ୍କର ଭାଗ୍ୟ ଖୋଲି ଦେଇଥିଲା। କେବଳ ଭାରତରେ ନୁହେଁ, ବିଦେଶରେ ଫିଲ୍ମଟି ହାସଲ କରିଥିଲା ଅପାର ସଫଳତା। ଏପରିକି ସୋଭିଏତ୍ ରୁଷ୍‌ରେ ସେତେବେଳେ ଏହି ଚିତ୍ରଟି ଦ୍ୱିତୀୟ ସର୍ବାଧିକ ଆୟକାରୀ ଫିଲ୍ମ ଭାବରେ ପରିଗଣିତ ହୋଇଥିଲା। ''ସତ କଥା କହିବାକୁ ଗଲେ ଫିଲ୍ମଟି ଯଦି ଫ୍ଲପ୍ ହୋଇଥାଆନ୍ତା ତେବେ ମୋ ଅଭିନୟ ଜୀବନର ଗତି କୁଆଡ଼େ ହୋଇଥାଆନ୍ତା ତାହା ମୁଁ କେବେ ଚିନ୍ତା କରିପାରି ନ ଥାନ୍ତି। ଯାହାହେଉ ସିନେମାଟି ମୋତେ ଏତେ ମାଇଲେଜ ଦେଲା ଯେ ତା'ପରେ ମୁଁ ନିଜକୁ ଜଣେ ସଫଳ ଅଭିନେତା ଭାବରେ ପରିଚିତ କରାଇବାରେ ସକ୍ଷମ ହୋଇଥିଲି ବୋଲି କହନ୍ତି ମିଥୁନ।'' ସୂଚନାଯୋଗ୍ୟ, ନିକଟରେ ଏହି ବରିଷ୍ଠ ଅଭିନେତାଙ୍କୁ ସମ୍ମାନଜନକ ଦାଦା ସାହେବ ଫାଲ୍‌କେ ପୁରସ୍କାରରେ ସମ୍ମାନିତ କରାଯାଇଛି।

# ଉଡ଼ନ୍ତା ଥାଳିରେ ଆସିଛି ପ୍ରିୟା ୨.୦

ଓଡ଼ିଶାର ଘରେ ଘରେ ପରିଚିତ 'ଜୀ ସାର୍ଥକ' ଚ୍ୟାନେଲ ସବୁବେଳେ ଘରର ପରମ୍ପରା-ରୀତିନୀତିକୁ ଦୃଷ୍ଟିରେ ରଖି ଭେଟିଦିଏ ବିଭିନ୍ନ ମନୋରଞ୍ଜନଭିତ୍ତିକ କାର୍ଯ୍ୟକ୍ରମ, ଧାରାବାହିକ ଓ ଫିଲ୍ମ। ଗତବର୍ଷ 'ଉଡ଼ନ୍ତା ଥାଳିରେ ଆସିଛି ପ୍ରିୟା'ର ସଫଳତା ପରେ ଏବେ ନୂଆ ଫିଲ୍ମ 'ଉଡ଼ନ୍ତା ଥାଳିରେ ଆସିଛି ପ୍ରିୟା ୨.୦' ନିର୍ମିତ ହୋଇଛି। ଚିତ୍ରଟି ଚଳିତମାସ ୧୩ ତାରିଖ ସନ୍ଧ୍ୟା ୬.୩୦ରେ କେବଳ ଜୀ ସାର୍ଥକରେ ପ୍ରସାରିତ ହେବାକୁ ଯାଉଛି। ଏହାର ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି ଅନନ୍ୟା ଦାସ। କାହାଣୀ ଅନୁସାରେ ରାହୁଲ ନାମକ ଜଣେ ପିଲା, ଯାହାଙ୍କର ମହାକାଶ ବିଜ୍ଞାନ ଉପରେ ଢେର୍ ରୁଚି ରହିଛି। ସେ ଏତେ ଜ୍ଞାନୀ ଯେ ସବୁବେଳେ କିଛି ନା କିଛି ନୂଆ ଆବିଷ୍କାର କରୁଥାଏ। ତାଙ୍କର ଏହି ଗୁଣକୁ ଅନ୍ୟ ଗ୍ରହରେ ଥିବା ଏଲିଏନ ଜାଣିପାରି ଖୁବ୍ ଈର୍ଷାରେ ରହୁଥାନ୍ତି। ଏଲିଏନ ରାହୁଲଙ୍କ ଭବିଷ୍ୟତ ଦେଖିପାରି ଜାଣନ୍ତି ଯେ, ସଭ୍ୟତା ପାଇଁ ଆଗକୁ ଯାଇ ରାହୁଲ ବିପଦ ସାଜିପାରନ୍ତି। ତେଣୁ ତାଙ୍କୁ ମାରିବାର ଯୋଜନା ପାଞ୍ଚନ୍ତି ଏଲିଏନ। ରାହୁଲକୁ ମାରିବା ପାଇଁ ଜଣେ ଝିଅ ରୂପରେ ଏଲିଏନ ପୃଥିବୀକୁ ଆସି ବିଫଳ ହୋଇଥାଏ। ରାହୁଲ ନିଜର ବୀଚକ୍ଷଣ ବୁଦ୍ଧିର ପ୍ରୟୋଗ କରି ସବୁବେଳେ ମୃତ୍ୟୁକୁ ଚକମା ଦେଉଥାନ୍ତି। ସେପଟେ ରାହୁଲକୁ ମାରିବାକୁ ଆସିଥିବା ଏଲିଏନ ବର୍ତ୍ତମାନ ରାହୁଲଙ୍କ ରକ୍ଷାକର୍ତ୍ତା ଭାବରେ ସବୁ ବିପଦରେ ଠିଆ ହୁଏ। ଆଉ ତା'ପରେ କାହାଣୀ ନିଏ ନୂଆ ମୋଡ଼। ସୃଜନ ଫିଲ୍ମସ ବ୍ୟାନରରେ ଏହି ଫିଲ୍ମଟିର ନିର୍ଦ୍ଦେଶନା ଦେଇଛନ୍ତି ଓଲିଉଡ୍‌ର ଗିମିକ୍ ମାଷ୍ଟର ଭାବେ ପରିଚିତ ସଞ୍ଜୟ ନାୟକ। ପ୍ରଯୋଜନାଭାର ସମ୍ଭାଳିଛନ୍ତି ଦେବପ୍ରିୟ ସେନା ନାୟକ। ଅନନ୍ୟାଙ୍କ ବ୍ୟତୀତ ବରଦା ପ୍ରସନ୍ନ, ସ୍ମୃତି ଏବଂ ଶିଶୁ କଳାକାର ତାପସ ଏଥିରେ ଅଭିନୟ କରିଛନ୍ତି । ଡ. ନିର୍ମଳ ନାୟକଙ୍କ ରଚିତ ଗୀତଗୁଡ଼ିକୁ ସ୍ୱର ଦେଇଛନ୍ତି ବିରଜା ପ୍ରସାଦ ସର। କଣ୍ଠଦାନ କରିଛନ୍ତି ସତ୍ୟଜିତ, ଅନ୍ତରା ଚକ୍ରବର୍ତ୍ତୀ ଏବଂ ଜିତେନ୍ଦ୍ର ସୂତାର। କୋରିଓଗ୍ରାଫି ଦାୟିତ୍ୱ ତୁଲାଇଛନ୍ତି ଲୁବୁନ-ଟୁବୁନ।


ଅନନ୍ୟା ଦାସ

# ଦିଲ୍‌ଟା ନେଇଗଲା

ପୂଜା ବଜାରକୁ ଆଖିଆଗରେ ରଖି ଆଗଧାଡ଼ିର ମେଗା ଧାରାବାହିକ ଓ ଆଲ୍‌ବମ ଜଗତର ବଛା ବଛା ୬ ଜଣ ଅଭିନେତା ଅଭିନେତ୍ରୀଙ୍କୁ ନେଇ ବିଗ୍ ବଜେଟରେ ପ୍ରସ୍ତୁତ ହୋଇଛି ମ୍ୟୁଜିକ୍ ଭିଡିଓ 'ଦିଲ୍‌ଟା ନେଇଗଲା' । ଗୀତଗୁଡ଼ିକୁ ରଚନା କରିଛନ୍ତି ଏମ୍. ରାଜେନ୍ଦ୍ର ଓ ଏମ୍. ନରେନ୍ଦ୍ର । ରୁଦ୍ରପ୍ରସାଦ ନାୟକଙ୍କ ସଙ୍ଗୀତ ନିର୍ଦ୍ଦେଶନାରେ କଣ୍ଠଦାନ କରିଛନ୍ତି ହ୍ୟୁମାନ ସାଗର ଏବଂ ଅନ୍ତରା ଚକ୍ରବର୍ତ୍ତୀ। ସେହିପରି ଗୀତଟିରେ ଅଭିନୟ କରିଛନ୍ତି ଦେବ୍, ଅସୀମା, ରୋମାଞ୍ଚଳି, ସଞ୍ଜୟ ଓ ସୀମିରନ । ବାବୁ ବାବୁଙ୍କ ନିର୍ଦ୍ଦେଶନାରେ କୋରିଓଗ୍ରାଫି କରିଛନ୍ତି ଡି. ଦୀପକ। ଏହି ମ୍ୟୁଜିକ୍ ଭିଡିଓ ବିଷୟରେ ଏହାର ପ୍ରଯୋଜକ ରାଜେନ୍ଦ୍ର ମାଥାନ କହନ୍ତି, 'ଏଥର ପୂଜା ବଜାରରେ ଚାରୋଟି ସିନେମା ରିଲିଜ୍ ହେଉଛି। କିନ୍ତୁ ଏଥର ପୂଜାରେ ଏଭଳି ଏକ ଭିନ୍ନଧରଣର ମ୍ୟୁଜିକ୍ ଭିଡିଓ ରିଲିଜ କରିବାକୁ ମୁଁ ବେଶ୍ ପୂର୍ବରୁ ଯୋଜନା କରିଥିଲି। ଗୀତଗୁଡିକୁ ଯେଉଁଭଳି ସ୍ୱର ଦିଆଯାଇଛି ଏବଂ ପିକ୍ଚରାଇଜେଶନ କରାଯାଇଛି ତାହା ନିଶ୍ଚୟ ଜନାଦୃତ ହେବ। ଭବିଷ୍ୟତରେ ଏଭଳି ଭିନ୍ନଧରଣର ମ୍ୟୁଜିକ୍ ଭିଡିଓ ପ୍ରସ୍ତୁତ କରିବାର ମଧ୍ୟ ଯୋଜନା ରହିଛି।'

'ଦିଲ୍‌ଟା ନେଇ ଗଲା'ର ଏକ ଦୃଶ୍ୟ



# ଅନନ୍ୟାଙ୍କ ଅବସୋସ

ଅନନ୍ୟା ପାଣ୍ଡେ ବଲିଉଡ୍‌ରେ ଏଣ୍ଟ୍ରି କରିବାର ଇତିମଧ୍ୟରେ ପାଞ୍ଚବର୍ଷ ହୋଇଗଲାଣି। ପୁଣି ଅନ୍ୟତମ ନାମୀ ପ୍ରଯୋଜକ କରନ୍ ଜୋହରଙ୍କ 'ଷ୍ଟୁଡେଣ୍ଟ ଅଫ୍ ଦ ଇୟର-୨'ରୁ ତାଙ୍କ ହିନ୍ଦୀ ସିନେମା କ୍ୟାରିୟର ଆରମ୍ଭ ହୋଇଥିଲା। ଏପର୍ଯ୍ୟନ୍ତ ସେ ମାତ୍ର ୮ଟି ସିନେମା (ଷ୍ଟୁଡେଣ୍ଟ ଅଫ୍ ଦ ଇୟର-୨, ପତି ପତ୍ନୀ ଔର ୱ, ଖାଲି ପିଲି, ଗେହେରିୟାଁ ଏବଂ ଲାଇଗର, ଖୋ ଗୟା ହମ୍ କାହାଁ, ବ୍ୟାଡ୍ ନ୍ୟୁଜ୍, ଖେଲ୍ ଖେଲ୍ ମେଁ)ରେ ଅଭିନୟ କରିସାରିଛନ୍ତି। ଏବେ ନିଜ ବଲିଉଡ୍ କ୍ୟାରିୟରକୁ ନେଇ ଅବସୋସ କରୁଛନ୍ତି ଏହି ଅଭିନେତ୍ରୀ। ନିଜ ସମ୍ପର୍କରେ ଅନନ୍ୟା କହନ୍ତି, 'ଯେତେବେଳେ ମୁଁ ବଲିଉଡ୍‌ରେ ଏଣ୍ଟ୍ରି କଲି ସେତେବେଳେ ମୋ କ୍ୟାରିୟରକୁ ନେଇ କାହିଁ କେତେ ସ୍ୱପ୍ନ ଦେଖିଥିଲି। କରନ୍‌ଜୀଙ୍କ ପରି ନାମୀ ପ୍ରଯୋଜକ ମୋତେ ବ୍ରେକ୍ ଦେଇଥିଲେ। ହେଲେ ତା'ପରେ ମୋତେ ଆଶାନୁରୂପ ଅଫର ମିଳିଲା ନାହିଁ। ଗତ ପାଞ୍ଚବର୍ଷ ଭିତରେ ମୁଁ ମାତ୍ର ୮ଟି ଫିଲ୍ମରେ ଅଭିନୟ କରିଛି। ହୁଏତ ଆଗକୁ ପ୍ରଯୋଜକଙ୍କର ଶୁଭଦୃଷ୍ଟି ମୋ ଉପରେ ପଡ଼ିପାରେ। ସେ ପର୍ଯ୍ୟନ୍ତ ମୋତେ ଅପେକ୍ଷା କରିବାକୁ ପଡ଼ିବ।' ତେବେ ଅନନ୍ୟାଙ୍କର ଏହି ଆଶା କେତେ ପୂରଣ ହେଉଛି ତାହା ଦେଖିବାକୁ ବାକି ରହିଲା।



## ଅ ଟା ଟ ଫୁ...

⏭ଓଡ଼ିଆ ଚଳଚ୍ଚିତ୍ର ''ଜୟ ମା' ମଙ୍ଗଳା''ର ପ୍ରଯୋଜନା କରିଥିଲେ ଜଟାଧାରୀ ମିଶ୍ର। ଅକ୍ଷୟ ମହାନ୍ତି (କାଶ୍ୟପ) ନିର୍ଦ୍ଦେଶନା ଦାୟିତ୍ୱ ତୁଲାଇଥିଲେ। ଏଥିରେ ସଂଯୋଜିତ ଗୀତଗୁଡିକୁ ସ୍ୱର ଦେଇଥିଲେ ବିଶିଷ୍ଟ ସ୍ୱରକାର ବାସୁଦେବ ରଥ। ଦୀପା ସାହୁ, ପ୍ରସନ୍ନ ମିଶ୍ର, ଜୟା, ଅକ୍ଷୟ ମହାନ୍ତି ପ୍ରମୁଖ କଳାକାର ଏଥିରେ ଅଭିନୟ କରିଥିଲେ।

⏭କେ. ନାରାୟଣ ରାଓଙ୍କ ପ୍ରଯୋଜନାରେ ପରଦା ଉପରକୁ ଆସିଥିଲା ଓଡ଼ିଆ ସିନେମା 'ରାମ ବଳରାମ'। ଏହାର ବିଭିନ୍ନ ଭୂମିକାରେ ଉତ୍ତମ ମହାନ୍ତି, ଅନୀତା ଦାସ, ଦୀପା ସାହୁ, ବୀରେନ୍ ରାଉତରାୟ ପ୍ରମୁଖ କଳାକାରଙ୍କୁ ଦେଖିବାକୁ ମିଳିଥିଲା। ଗୀତଗୁଡିକୁ ସ୍ୱର ଦେଇଥିଲେ ପ୍ରଫୁଲ୍ଲ କର।

⏭'ଓଡ଼ିଆ ଫିଲ୍ମ 'ସୀତା ଲବକୁଶ'ର ମୁଖ୍ୟ ଭୂମିକାରେ ଅଭିନୟ କରିଥିଲେ ରୋଜାରମଣି ଏବଂ ଚକ୍ରପାଣି। ଚିତ୍ରଟିର ନିର୍ଦ୍ଦେଶନା ଦେଇଥିଲେ ଜଗଦୀଶ ଭି.।

⏭ସୁଶୀଲ ମୁଖାର୍ଜୀଙ୍କ ନିର୍ଦ୍ଦେଶନାର ମୁକ୍ତିଲାଭ କରିଥିଲା ଓଡ଼ିଆ ସିନେମା 'ଟିକେ ହସ ଟିକେ ଲୁହ'। ଅଜିତ ଦାସ ଏବଂ ମହାଶ୍ୱେତା ରାୟ ପ୍ରମୁଖ ଏଥିରେ ଅଭିନୟ କରିଥିଲେ।

# ମିଳିଗଲେ ଗୁରୁ

କ୍ୟାଟ୍ରିନାଙ୍କ ମୁହଁରେ ଏବେ ଜଣଙ୍କର ପ୍ରଶଂସା। ଯୁଆଡ଼େ ଗଲେ ତାଙ୍କ ବିଷୟରେ କିଛି ବଖାଣିବାକୁ ଭୁଲୁନାହାନ୍ତି ଏହି ଅଭିନେତ୍ରୀ। ହେଲେ ସେ ଏମିତି କାହାର ପ୍ରଶଂସା କରୁଛନ୍ତି ତାକୁ ନେଇ ଏତେ ଚର୍ଚ୍ଚା। କଥା କ'ଣ କି, କ୍ୟାଟ୍ରିନା କୈଫ ବର୍ତ୍ତମାନ ଖିଲାଡି ମାଷ୍ଟର ଭାବେ ପରିଚିତ ଅକ୍ଷୟ କୁମାରଙ୍କ ପ୍ରଶଂସାରେ ଶତମୁଖ। କାରଣ ସେ ଯାହାକୁ ନେଇ ଟେନ୍‌ସନରେ ଥିଲେ ତାହାକୁ ଅକ୍ଷୟ ଦୂର କରିଦେଇଛନ୍ତି। ନିକଟରେ କ୍ୟାଟ୍ରିନା ଏକ ନୂଆ ସିନେମା ସାଇନ୍ କରିଛନ୍ତି, ଯେଉଁଥିରେ ତାଙ୍କୁ କେତୋଟି ଷ୍ଟଣ୍ଟ ଶଟ୍ ଦେବାକୁ ପଡ଼ିବ। ତେଣୁ ଏଭଳି ଶଟ୍ ବିଷୟରେ ସେ କାହା ପାଖରୁ ଟିପ୍ସ ନେବେ ସେ ନେଇ ପ୍ରଥମେ ଭଲଭାବରେ ଚିନ୍ତା କଲେ। ଏହି ସମୟରେ ଖିଲାଡି ମାଷ୍ଟର ଅକ୍ଷୟ କୁମାରଙ୍କୁ ଯୋଗାଯୋଗ କଲେ ଭଲ ହେବ ବୋଲି ଭାବିଲେ। ବାସ୍, କାଳ ବିଳମ୍ବ ନ କରି ସେ ତାଙ୍କୁ ଏକଥା ଜଣାଇଥିଲେ। ଆଉ ତା'ପରେ ଅକ୍ଷୟ ମଧ କ୍ୟାଟ୍ରିନାଙ୍କୁ ଷ୍ଟଣ୍ଟ ଶଟ୍ ବିଷୟରେ ଭଲ ଭାବରେ ବୁଝାଇ ଦେଇଥିଲେ। ଆଉ ଏବେ ସେହି ଟିପ୍ସଗୁଡ଼ିକୁ ଶୁଟିଂ ସମୟରେ କାମରେ ଲଗାଇବେ ଏହି ଅଭିନେତ୍ରୀ। ଏ ବିଷୟରେ କ୍ୟାଟ୍ରିନା କୁହନ୍ତି, ଷ୍ଟଣ୍ଟ ଶଟ୍ ବିଷୟରେ ଅକ୍ଷୟଜୀ ମୋତେ ଅନେକ ଟିପ୍ସ ଦେଇଛନ୍ତି। ଏ ନେଇ ତାଙ୍କୁ ମୁଁ ଯେତେ ପ୍ରଶଂସା କରିବି ତାହା କମ୍ ହେବ। ଭାବୁଛି ଏଥର ମୋତେ ମିଳିଥିବା ଭୂମିକାଟିକୁ ମୁଁ ଠିକ୍ ଭାବରେ ତୁଲାଇପାରିବି।' ତେବେ ଏଭଳି ଶଟ୍ କ୍ୟାଟ୍ରିନାଙ୍କ କ୍ୟାରିୟରକୁ କେତେ ମାଇଲେଜ ଦେଉଛି ତାହା ଦେଖିବାକୁ ବାକି ରହିଲା।


କ୍ୟାଟ୍ରିନା

# ଭାବୁଛନ୍ତି ସାରା

ସୈଫ ତନୟା ସାରା ଅଲ୍ଲୀ ଖାଁ ଏବେ ଲଙ୍ଗ୍ ଭ୍ୟାକେଶନରେ ଅଛନ୍ତି। ମାଇଣ୍ଡ ଫ୍ରେଶ୍ କରିବାକୁ ସେ ବର୍ତ୍ତମାନ ମାଲେସିଆରେ ଡେରା ପକାଇଛନ୍ତି। ହେଲେ ତାଙ୍କୁ ନେଇ ଏବେ ବଲିଉଡ୍‌ରେ ଚର୍ଚ୍ଚା। ଆଉ ଏପରି ଆଲୋଚନାର କାରଣ ସାଜିଛି ବିକିନି। କଥା କ'ଣ କି, ସେଠାରେ ସେ ବୁଲିବା ସହ ସି'ବିଚ୍‌ରେ ବିକିନି ପିନ୍ଧି ଫଟୋ ଶୁଟ୍ କରିଛନ୍ତି। କେବଳ ସେତିକି ନୁହେଁ, ଏହି ଫଟୋଗୁଡ଼ିକୁ ସେ ସୋସିଆଲ ମିଡିଆରେ ଅପ୍‌ଲୋଡ୍ କରିବା ପରେ ତାହା ବେଶ୍ ଭାଇରାଲ ହୋଇଛି। ଏପରି ଚର୍ଚ୍ଚାକୁ ନେଇ ଚୁପ୍ ବସିନାହାନ୍ତି ସାରା। ଏ ସମ୍ପର୍କରେ ସଫେଇ ଦେଇ ସେ କୁହନ୍ତି, 'ମୋ ବିକିନି ପିନ୍ଧିବାକୁ ନେଇ ଏତେ କାହିଁକି ଚର୍ଚ୍ଚା ହେଉଛି ତାହା ମୁଁ ଜାଣିପାରୁନି। କେହି କେହି କହୁଛନ୍ତି, ଚର୍ଚ୍ଚାରେ ରହିବାକୁ ମୁଁ ଏପରି କଷ୍ଟ୍ୟୁମ ପିନ୍ଧିଛି। ହେଲେ ସେପରି ଯୁକ୍ତି ପଛରେ ଆଦୌ ସତ୍ୟତା ନାହିଁ। କେତୋଟି ଫଟୋ ଶୁଟ୍ ପାଇଁ ମୁଁ ବିକିନି ପିନ୍ଧିଥିଲି। ଏହାକୁ ନେଇ ଏତେ ଆଲୋଚନା ହେବା ଠିକ୍ ନୁହେଁ ବୋଲି ମୁଁ କହିବି।'


ସାରା

ଧରିତ୍ରୀ
DHARITRI
ଧରିତ୍ରୀ 50 Years
www.orissakhabar.com/ www.dharitri.com ପୃଷ୍ଠା ୧୮ Press Regd. No. R.N. 21326/74 Postal Regd. No. BN/42/24-26. ଭୁବନେଶ୍ୱର, ଗୁରୁବାର, ଅକ୍ଟୋବର ୧୦/୨୦୨୪ Bhubaneswar, Thursday, October 10/ 2024

# ଭାରତ ଟି୨୦ ସିରିଜ ବିଜୟୀ

### ନୀତୀଶ ରେଡ୍ଡୀଙ୍କ ଅଲ୍‌ରାଉଣ୍ଡ ସଫଳତା

ନୂଆଦିଲ୍ଲୀ,୯।୧୦

ନୀତୀଶ କୁମାର ରେଡ୍ଡୀଙ୍କ ଅଲ୍‌ରାଉଣ୍ଡ ପ୍ରଦର୍ଶନ ବଳରେ ଭାରତ ବୁଧବାର ଅନୁଷ୍ଠିତ ଦ୍ୱିତୀୟ ଟି୨୦ କ୍ରିକେଟ ମ୍ୟାଚରେ ବାଂଲାଦେଶକୁ ୮୬ ରନରେ ପରାସ୍ତ କରିଛି। ଭାରତ ୨୦ ଓଭରରେ ୯ ଉଇକେଟ ହରାଇ ୨୨୧ ରନ କରିଥିବାବେଳେ ବାଂଲାଦେଶ ୨୦ ଓଭରରେ ୯ ଉଇକେଟ ହରାଇ ୧୩୫ ରନରେ ସୀମିତ ରହିଥିଲା। କେବଳ ମହମୁଦୁଲ୍ଲାଙ୍କୁ ଛାଡ଼ିଦେଲେ ଅନ୍ୟ କୌଣସି ବାଂଲାଦେଶୀ ବ୍ୟାଟର ଭାରତୀୟ ବୋଲରଙ୍କୁ ସଫଳ ମୁକାବିଲା କରିପାରି ନ ଥିଲେ। ମହମୁଦୁଲ୍ଲା ୩ ଛକା ସହାୟତାରେ ୪୧ ରନ କରିଥିଲେ। ଭାରତ ପକ୍ଷରୁ ନୀତୀଶ କୁମାର ରେଡ୍ଡୀ ଓ ବରୁନ ଚକ୍ରବର୍ତ୍ତୀ ୨ଟି ଲେଖାଏ ଏବଂ ଅର୍ଶଦୀପ ସିଂ, ୱାଶିଂଟନ ସୁନ୍ଦର, ଅଭିଷେକ ଶର୍ମା, ମୟଙ୍କ ଯାଦବ ଓ ରିୟାନ ପରାଗ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ପୂର୍ବରୁ ପ୍ରଥମ ଟି୨୦ ଜିତିଥିବା ଭାରତ ୨-୦ରେ ଅଗ୍ରଣୀ ରହିବା ସହ ୩ ମ୍ୟାଚ ବିଶିଷ୍ଟ ସିରିଜକୁ ଆଗୁଆ ଜିତି ନେଇଛି। ଘରୋଇ ମାଟିରେ ଭାରତର ଏହା ୧୬ଶ ସିରିଜ ବିଜୟ। ୨୦୧୯ଠାରୁ ଭାରତ ଘରୋଇ ପରିବେଶରେ ଗୋଟିଏ ହେଲେ ଟି୨୦ ସିରିଜ ହାରିନାହିଁ।

ଭାରତ ଅପରିବର୍ତ୍ତିତ ଏକାଦଶ ସହ ଓହ୍ଲାଇଥିବା ବେଳେ ଟସ୍ ଜିତି ପ୍ରଥମେ ବୋଲିଂ କରିଥିଲା ବାଂଲାଦେଶ। ସଞ୍ଜୁ ସାମସନ୍(୧୦), ଅଭିଷେକ ଶର୍ମା(୧୫) ଓ ଅଧିନାୟକ ସୂର୍ଯ୍ୟକୁମାର ଯାଦବ(୧୦) ବିଫଳ ହୋଇଥିବା ବେଳେ ଭାରତ ୪୧ ରନ୍‌ରେ ୩ ଉଇକେଟ ହରାଇଥିଲା। ତେବେ କ୍ୟାରିୟରର ଦ୍ୱିତୀୟ ଟି୨୦ ମ୍ୟାଚ୍ ଖେଳୁଥିବା ନୀତୀଶ ଚମତ୍କାର ବ୍ୟାଟିଂ କରିଥିଲେ। ୩୪ ବଲ୍‌ରୁ ୭୪ ରନ୍ କରିବା ସହ ଅନ୍ତର୍ଜାତୀୟ ଟି୨୦ରେ ପ୍ରଥମ ଅର୍ଦ୍ଧଶତକ ନିଜ ନାମରେ କରିଥିଲେ। ଏହି ଇନିଂସରେ ୪ ଚୌକା ଓ ୭ ଛକା ସାମିଲ ଥିଲା। ବାଂଲାଦେଶ ବୋଲର ରିଶଦ ହୋସେନଙ୍କୁ ସେ ଟାର୍ଗେଟ କରିଥିବା ବେଳେ ଗୋଟିଏ ଓଭରରୁ ୨୪ ରନ୍ ଆଦାୟ କରିଥିଲେ। ଏହା ସହ ଚତୁର୍ଥ ସର୍ବ କନିଷ୍ଠ ଭାରତୀୟ ଖେଳାଳି ଭାବରେ ନୀତୀଶ ଟି୨୦ ଅର୍ଦ୍ଧଶତକ ରେକର୍ଡ କରିଛନ୍ତି। ରୋହିତ ଶର୍ମା ୨୦ ବର୍ଷ ୧୪୩ ଦିନରେ ଅର୍ଦ୍ଧଶତକ ମାରି ଏହି ତାଲିକାର ପ୍ରଥମ ସ୍ଥାନରେ ରହିଛନ୍ତି। ତିଳକ ବର୍ମା ୨୦ ବର୍ଷ ୨୭୧ ଦିନ, ରିଷଭ ପନ୍ତ ୨୧ ବର୍ଷ ୩୮ ଦିନ ସହ ପରବର୍ତ୍ତୀ ୨ ସ୍ଥାନରେ ଅଛନ୍ତି। ଅନ୍ୟ ପକ୍ଷରେ ନୀତୀଶ ୨୧ ବର୍ଷ ୧୩୬ ଦିନରେ ଅର୍ଦ୍ଧଶତକ ମାରି ଚତୁର୍ଥ ସ୍ଥାନରେ ରହିଛନ୍ତି। ରିଙ୍କୁ ସିଂ(୫୩) ରନ୍‌ଙ୍କ ସହିତ ସେ ପଞ୍ଚମ ଉଇକେଟରେ ୪୮ ବଲ୍‌ରୁ ୧୦୮ ରନ୍ ଯୋଡିଥିଲେ। ନୀତୀଶ ପ୍ୟାଭିଲିୟନ ଫେରିବା ପରେ ମଧ୍ୟ ରିଙ୍କୁ ଆକ୍ରମଣାତ୍ମକ ବ୍ୟାଟିଂ ଜାରି ରଖି ୨୯ ବଲ୍‌ରୁ ୫୩ ରନ୍ କରିଥିଲେ। ଏହି ଇନିଂସରେ ୫ ଚୌକା ଓ ୩ ଛକା ସାମିଲ ଥିଲା। ଶେଷ ଭାଗରେ ହାର୍ଦ୍ଦିକ ପାଣ୍ଡ୍ୟା ୧୯ ବଲ୍‌ରୁ ୨ଟି ଲେଖାଏ ଛକା ଓ ଚୌକା ସହ ୩୨ ଓ ରିୟାନ ପରାଗ ୬ ବଲ୍‌ରୁ ୧୫ ରନ୍ ସ୍କୋର କରିଥିଲେ। ବାଂଲାଦେଶ ପକ୍ଷରୁ ରିଶଦ ହୋସେନ ସର୍ବାଧିକ ୩ ଉଇକେଟ ନେଇଥିବା ବେଳେ ୪ ଓଭରରେ ୫୫ ରନ୍ ବ୍ୟୟ କରିଥିଲେ। ନୀତୀଶ ଓ ରିଙ୍କୁଙ୍କ ପ୍ରହାରରେ ପ୍ରଥମ ୩ ଓଭରରେ ୪୮ ରନ୍ ଦେଇଥିଲେ। ଅନ୍ୟ ପକ୍ଷରେ ଇନିଂସର ଅନ୍ତିମ ଓଭର ବୋଲିଂ କରି ମାତ୍ର ୭ ରନ୍ ଦେଇ ୩ଟି ଯାକ ଉଇକେଟ ନେଇଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ତାସ୍କିନ ଅହମଦ, ମୁସ୍ତାଫିଜୁର ରହମନ ଓ ତାଞ୍ଜିମ ହସନ ଶକିବ ଦୁଇଟି ଲେଖାଏ ଉଇକେଟ ନେଇଥିଲେ।


ଶଟ୍ ଖେଳିବା ଅବସରରେ ନୀତୀଶ ରେଡ୍ଡୀ।

**ସଂକ୍ଷିପ୍ତ ସ୍କୋର**

ଭାରତ ୨୦ ଓଭରରେ ୨୨୧/୯ (ନୀତୀଶ ରେଡ୍ଡୀ-୭୪, ରିଙ୍କୁ ସିଂ-୫୩, ହାର୍ଦ୍ଦିକ ପାଣ୍ଡ୍ୟା-୩୨, ରିଶଦ ହୋସେନ-୩/୫୫, ତାସ୍କିନ୍ ଅହମଦ-୨/୧୬, ମୁସ୍ତାଫିଜୁର ରେହମାନ-୨/୩୬, ତାଞ୍ଜିମ ହସନ ଶକିବ୍-୨/୫୦)। ବାଂଲାଦେଶ ୨୦ ଓଭରରେ ୧୩୫/୯ (ମହମୁଦୁଲ୍ଲା-୪୧, ନୀତୀଶ କୁମାର ରେଡ୍ଡୀ-୨/୨୩, ବରୁନ ଚକ୍ରବର୍ତ୍ତୀ-୨/୧୯, ଅର୍ଶଦୀପ ସିଂ-୧/୨୬, ୱାଶିଂଟନ ସୁନ୍ଦର-୧/୪, ଅଭିଷେକ ଶର୍ମା-୧/୧୦, ମୟଙ୍କ ଯାଦବ-୧/୩୦, ରିୟାନ ପରାଗ-୧/୧୬)।

## ଇଂଲଣ୍ଡର ଦୃଢ଼ ଜବାବ

**ମୁଲତାନ,୯।୧୦(ପି.ଟି.):** ପାକିସ୍ତାନ ବିପକ୍ଷ ପ୍ରଥମ ଟେଷ୍ଟରେ ଜୋ ରୁଟ୍ ଓ ହ୍ୟାରୀ ବ୍ରୁକ୍‌ଙ୍କ ଶତକ ବଳରେ ଦୃଢ଼ ଜବାବ ଦେଇଛି ଇଂଲଣ୍ଡ। ତୃତୀୟ ଦିନ ଷ୍ଟମ୍ପସ ସୁଦ୍ଧା ଇଂଲଣ୍ଡ ୩ ଉଇକେଟରେ ୪୯୨ ରନ୍ କରିଛି। ୭ ଉଇକେଟ ରହିଥିବା ବେଳେ ଇଂଲଣ୍ଡ ମାତ୍ର ୬୪ ରନ୍ ପଛରେ ରହିଛି। ରୁଟ୍ ୨୭୭ ବଲ୍ ଖେଳି ୧୭୬ ଓ ହ୍ୟାରୀ ବ୍ରୁକ୍ ୧୪୧ ରନ୍‌ରେ ବ୍ୟାଟିଂ କରୁଛନ୍ତି।

# ରେକର୍ଡ ଭାଙ୍ଗିଲେ ରୁଟ୍

**ମୁଲତାନ,୯।୧୦(ପି.ଟି.):** ପାକିସ୍ତାନ ବିପକ୍ଷ ପ୍ରଥମ ଟେଷ୍ଟରେ ଅପରାଜିତ ୧୭୬ ରନ୍ କରିବା ସହ ଜୋ ରୁଟ୍ ଏକାଧିକ ରେକର୍ଡ ଭାଙ୍ଗିଛନ୍ତି। ଟେଷ୍ଟ କ୍ରିକେଟ ଶତକରେ ଲିଟିଲ ମାଷ୍ଟର ସୁନୀଲ ଗାଭାସ୍କରଙ୍କୁ ସେ ପଛରେ ପକାଇଛନ୍ତି। ଗାଭାସ୍କର ଟେଷ୍ଟରେ ୩୪ ଶତକ ହାସଲ କରିଥିବା ବେଳେ ରୁଟ୍ ବୁଧବାର ଟେଷ୍ଟ କ୍ୟାରିୟରର ୩୫ତମ ଶତକ ହାସଲ କରିଛନ୍ତି। ଏହା ସହ ସେ ମାହେଲା ଜୟବର୍ଦ୍ଧନେ, ବ୍ରାଏନ୍ ଲାରା ଓ ୟୁନିସ୍ ଖାନ୍‌ଙ୍କୁ ମଧ୍ୟ ପଛରେ ଛାଡିଛନ୍ତି। ସେହିପରି ପୂର୍ବତନ ଅଧିନାୟକ ଆଲିଷ୍ଟର କୁକ୍‌ଙ୍କୁ ହଟାଇ ଇଂଲଣ୍ଡର ସର୍ବାଧିକ ଟେଷ୍ଟ ରନ୍ ହାସଲକାରୀ ପାଲଟିଛନ୍ତି। କୁକ୍ ନିଜ ଟେଷ୍ଟ କ୍ୟାରିୟରରେ ୧୨୪୭୨ ରନ କରିଥିଲେ।

STEWART SCHOOL BHUBANESWAR
An Institution under the Management of Diocese of Cuttack, Church of North India
UNIT- VIII, CRP SQUARE, BHUBANESWAR-751012
Affiliated to Council for the Indian School Certificate Examinations, New Delhi
Ph. No.- 8480743569
E-mail: stewartbbsr@gmail.com
Website: www.stewartschoolbbsr.in
ADMISSION OPEN
For Nursery, Junior KG, Senior KG and Std - I to IX for Academic Session 2025-2026
Application Forms may be downloaded from the School website and to be submitted along with a Bank Challan of Rs.500/- at the Office of the Principal

# ପ୍ଲେ-ଅଫ୍‌ରେ ଟୋୟମ ହାଇଦ୍ରାବାଦ

### ଲିଜେଣ୍ଡ୍ସ ଲିଗ୍ କ୍ରିକେଟ

ଶ୍ରୀନଗର, ୯।୧୦

ଲିଜେଣ୍ଡ୍ସ ଲିଗ୍ କ୍ରିକେଟର ଶେଷଭାଗରେ ଚମତ୍କାର ପ୍ରଦର୍ଶନ କରି ଟୋୟମ ହାଇଦ୍ରାବାଦ ଦ୍ୱିତୀୟ ଦଳ ଭାବେ ପ୍ଲେ-ଅଫ୍‌ରେ ପ୍ରବେଶ କରିଛି। ବୁଧବାର ଅନୁଷ୍ଠିତ ମ୍ୟାଚରେ ଏହି ଦଳ ଟେବୁଲ ଟପ୍ପର ସଦର୍ନ ସୁପର ଷ୍ଟାର୍ସକୁ ୫ ଉଇକେଟରେ ପରାସ୍ତ କରିଛି। ନିଜର ପ୍ରଥମ ୪ ମ୍ୟାଚରୁ ୩ଟିରେ ପରାଜୟ ଏବଂ ଗୋଟିଏ ବର୍ଷା ଯୋଗୁ ବାତିଲ ଯୋଗୁ ଟୁର୍ନାମେଣ୍ଟ ଅଧା ପର୍ଯ୍ୟନ୍ତ ଟେବୁଲର ନିମ୍ନରେ ରହିଥିବା ହାଇଦ୍ରାବାଦ କ୍ରମାଗତ ୩ ମ୍ୟାଚ ଜିତି ବିଜୟରେ ହ୍ୟାଟ୍ରିକ କରିଛି। ଅକ୍ଟୋବର ୫ରେ ସୁପର ଷ୍ଟାର୍ସକୁ ଡକ୍‌ୱର୍ଥ ଲୁଇସ ପଦ୍ଧତିରେ ୫ ରନରେ ହରାଇଥିବା ହାଇଦ୍ରାବାଦ ୬ ତାରିଖରେ ପରବର୍ତ୍ତୀ ମ୍ୟାଚରେ କୋଣାର୍କ ସୂର୍ଯ୍ୟସ ଓଡ଼ିଶାକୁ ୪ ଉଇକେଟରେ ପରାସ୍ତ କରିଥିଲା। ଲିଗ୍ ପର୍ଯ୍ୟାୟରେ ଏହି ଦଳ ୭ଟି ଯାକ ମ୍ୟାଚ ଖେଳି ସାରିଥିବାବେଳେ ୩ ବିଜୟ, ୩ ପରାଜୟ ଓ ୧ ବାତିଲ ସହ ୭ ପଏଣ୍ଟରେ ପହଞ୍ଚିଛି। ଅନ୍ୟପକ୍ଷରେ ପ୍ରଥମ ଦଳଭାବେ ପ୍ଲେ-ଅଫ୍‌ରେ ସ୍ଥାନ ସୁରକ୍ଷିତ କରିଥିବା ସୁପର ଷ୍ଟାର୍ସ ୭ ମ୍ୟାଚରୁ ୫ ବିଜୟ ଓ ୨ ପରାଜୟ ସହ ୧୦ ପଏଣ୍ଟ ପାଇ ଲିଗ୍ ପର୍ଯ୍ୟାୟ ଶେଷ କରିଛି।

ଏଠାରେ ପ୍ରଥମେ ବ୍ୟାଟିଂ କରିଥିବା ସୁପର ଷ୍ଟାର୍ସ ୨୦ ଓଭରରେ ୫ ଉଇକେଟ ହରାଇ ୧୫୩ ରନ କରିଥିଲା। ଶ୍ରୀବତ୍ସ ଗୋସ୍ୱାମୀ ସର୍ବାଧିକ ୩୭, ଚିରାଗ ଗାନ୍ଧୀ ୩୩ ଓ ମାର୍ଟିନ ଗୁପଟିଲ ୨୩ ରନ ସ୍କୋର କରିଥିଲେ। ଓପନର ହାମିଲଟନ ମାସାକାଜା ଭଲ ଆରମ୍ଭ କରିଥିଲେ ହେଁ ୧୬ ରନକରି ପ୍ୟାଭିଲିୟନ ଫେରିଥିଲେ। ବିପକ୍ଷ ଦଳର ସୁଦୀପ ତ୍ୟାଗୀ ୨ଟି ଏବଂ ରବି ଜାଙ୍ଗିଦ, ଶାଦବ ଜାକତି ଓ ଶିବକାନ୍ତ ଶୁକ୍ଲା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ୧୫୪ ରନ ବିଜୟ ଲକ୍ଷ୍ୟ ନେଇ ପଡ଼ିଆକୁ ଓହ୍ଲାଇଥିବା ଟୋୟମ ହାଇଦ୍ରାବାଦ ୧୮.୨ ଓଭରରେ ୫ ଉଇକେଟ ହରାଇ ୧୫୮ ରନ ସଂଗ୍ରହ କରି ନେଇଥିଲା। ରବି ଜାଙ୍ଗିଦ ୪ ଚୌକା ଓ ୧ ଛକା ସହାୟତାରେ ୪୨ ରନରେ ଅପରାଜିତ ରହି ଦଳର ବିଜୟରେ ମୁଖ୍ୟ ଭୂମିକା ନିର୍ବାହ କରିଥିଲେ। ଅଧିନାୟକ ଗୁରକୀରଟ ସିଂ ମାନ୍ ୩୨ ରନ କରିଥିବାବେଳେ ସୁପର ଷ୍ଟାର୍ସ ବୋଲରମାନେ ଅତିରିକ୍ତଭାବେ ୨୬ ରନ ବ୍ୟୟ କରିଥିଲେ। ଶାମିଉଲ୍ଲା ଶିନୱାରି ୧୨ ବଲ୍‌ରୁ ୧ ଚୌକା ଓ ୨ ଛକା ସହାୟତାରେ ୧୭ ରନରେ ଅପରାଜିତ ରହି ଦଳର ବିଜୟରେ ଅନ୍ୟତମ ଗୁରୁତ୍ୱପୂର୍ଣ୍ଣ ଭୂମିକା ନେଇଥିଲେ। ସୁପର ଷ୍ଟାର୍ସ ବୋଲରଙ୍କ ମଧ୍ୟରେ ଅବଦୁର ରଜାକ ୨ଟି ଏବଂ ହମିଦ ହାସନ, ପୱନ ନେଗି ଓ କେଦାର ଯାଦବ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।




**ସଂକ୍ଷିପ୍ତ ସ୍କୋର**

ସଦର୍ନ ସୁପର ଷ୍ଟାର୍ସ ୨୦ ଓଭରରେ ୧୫୩/୫ (ଶ୍ରୀବତ୍ସ ଗୋସ୍ୱାମୀ-୩୭, ଚିରାଗ ଗାନ୍ଧୀ-୩୩ ଓ ମାର୍ଟିନ ଗୁପଟିଲ-୨୩, ସୁଦୀପ ତ୍ୟାଗୀ-୨/୨୨, ରବି ଜାଙ୍ଗିଦ-୧/୨୪, ଶାଦବ ଜାକତି-୧/୨୮, ଶିବକାନ୍ତ ଶୁକ୍ଲା-୧୮)। ଟୋୟମ ହାଇଦ୍ରାବାଦ ୧୮.୨ ଓଭରରେ ୧୫୮/୫ (ରବି ଜାଙ୍ଗିଦ-୪୨*, ଗୁରକୀରଟ ସିଂ ମାନ-୩୨, ଅବଦୁର ରଜାକ-୨/୩୯, ହମିଦ ହାସନ-୧/୪୪, ପୱନ ନେଗି-୧/୧୫, କେଦାର ଯାଦବ-୧/୧୮)।

# ମୀନାଙ୍କୁ ଡବଲ ସ୍ୱର୍ଣ୍ଣ, ସ୍ନେହାଙ୍କୁ ସ୍ୱର୍ଣ୍ଣ, ରୌପ୍ୟ




ପଦକ ସହ ମୀନା ସାନ୍ତା, ସ୍ନେହା ସୋରେନ ଓ ସଦାନନ୍ଦ ବରିହା।

### ଆଇଡବ୍ଲ୍ୟୁଏଲ୍‌ଏଫ୍ ଜାତୀୟ ଭାରୋତ୍ତୋଳନ

ଭୁବନେଶ୍ୱର, ୯।୧୦(ତପନ ସ୍ୱାଇଁ)

ହିମାଚଳ ପ୍ରଦେଶରେ ଚାଲିଥିବା ଆଇଡବ୍ଲ୍ୟୁଏଲ୍‌ଏଫ୍ ଜାତୀୟ ଭାରୋତ୍ତୋଳନ ଚାମ୍ପିୟନଶିପ୍‌ର ବୁଧବାର ତୃତୀୟ ଦିବସରେ ମଧ୍ୟ ଓଡ଼ିଶା ଭାରୋତ୍ତୋଳକମାନେ ଚମତ୍କାର ପ୍ରଦର୍ଶନ କରିଛନ୍ତି। ହାଇପରଫର୍ମାନ୍ସ ସେଣ୍ଟର (ଏଚ୍‌ପିସି) ଆଥ୍‌ଲେଟ ମୀନା ସାନ୍ତା ୪୫ କେଜି ବାଳିକା ୟୁଥ୍ ଓ ଜୁନିୟର ବର୍ଗରେ ୨ଟି ସ୍ୱର୍ଣ୍ଣ ପଦକ ଅର୍ଜନ କରିଛନ୍ତି। ସେ ସ୍ନାଚ୍‌ରେ ୭୯ ଓ କ୍ଲିନ୍ ଆଣ୍ଡ ଜର୍କରେ ୯୭ ଏହିପରି ମୋଟ ୧୭୬ କେଜି ଉତ୍ତୋଳନକରି ଏହି ସଫଳତା ପାଇଛନ୍ତି। ସେହିପରି ଅନ୍ୟତମ ଏଚ୍‌ପିସି ଆଥ୍‌ଲେଟ ସ୍ନେହା ସୋରେନ ୪୫ କେଜି ମହିଳା ସିନିୟର ବର୍ଗର ଓଭରଅଲ୍ କାଟାଗୋରିରେ ରୌପ୍ୟ ଏବଂ ଆନ୍ତଃ-ରାଜ୍ୟ ବର୍ଗରେ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ସେ ମୋଟ ୧୯୧ (ସ୍ନାଚ୍-୮୩, କ୍ଲିନ୍ ଆଣ୍ଡ ଜର୍କ-୧୦୮) କେଜି ଭାରୋତ୍ତୋଳନ କରି ଏହି ଦୁଇ ପଦକ ଅର୍ଜନ କରିଛନ୍ତି। ଏଚ୍‌ପିସିର ସଦାନନ୍ଦ ବରିହା ୬୧ କେଜି ବାଳକ ଜୁନିୟର ବର୍ଗରେ ବ୍ରୋଞ୍ଜ ପଦକ ହାସଲ କରିଛନ୍ତି। ସେ ସ୍ନାଚ୍‌ରେ ୧୧୦ ଓ କ୍ଲିନ୍ ଆଣ୍ଡ ଜର୍କରେ ୧୩୯ ଏହିପରି ମୋଟ ୨୪୯ କେଜି ଉତ୍ତୋଳନ କରିଛନ୍ତି।

ପ୍ରକାଶଯୋଗ୍ୟ ଯେ, ଦ୍ୱିତୀୟ ଦିବସରେ ରାଜ୍ୟର ୩ ପ୍ରତିଯୋଗୀ ୪ ପଦକ ହାସଲ କରିଥିଲେ। ପୂର୍ବରୁ ପ୍ରଥମ ଦିନରେ ଓଡ଼ିଶା ପ୍ରତିଯୋଗୀ ଦୁଇଟି ସ୍ୱର୍ଣ୍ଣ ପଦକ ହାସଲ କରିଥିଲେ।

# ମହିଳା ଦଳକୁ ଐତିହାସିକ ବ୍ରୋଞ୍ଜ

### ଏସିଆନ୍ ଟିଟି ଚାମ୍ପିୟନଶିପ୍

ଅସ୍ତାନା,୯।୧୦(ପି.ଟି.)

ଏସିଆନ୍ ଟିଟି ଚାମ୍ପିୟନଶିପ୍‌ରେ ଭାରତୀୟ ମହିଳା ଦଳ ଚମତ୍କାର ପ୍ରଦର୍ଶନ କରି ଐତିହାସିକ ବ୍ରୋଞ୍ଜ ପଦକ ବିଜୟୀ ହୋଇଛି। ଏହା ସହ ପୁରୁଷ ଦଳ ସେମି ଫାଇନାଲରେ ପ୍ରବେଶ କରିବା ସହ ଏକ ପଦକ ନିଶ୍ଚିତ କରିଛନ୍ତି। ବୁଧବାର ଅନୁଷ୍ଠିତ ସେମି ଫାଇନାଲରେ ଭାରତ ଜାପାନ ନିକଟରୁ ୧-୩ରେ ପରାଜିତ ହେବା ସହିତ ଏକ ବ୍ରୋଞ୍ଜ ପଦକ ନିଶ୍ଚିତ କରିଛି। ଏସିଆନ୍ ଟିଟି ଚାମ୍ପିୟନଶିପ୍‌ରେ ଏହା ଭାରତୀୟ ଦଳର ପ୍ରଥମ ପଦକ। ଭାରତ ପକ୍ଷରୁ ଆହିକା ମୁଖାର୍ଜୀ ପ୍ରଥମ ସିଙ୍ଗଲ୍ସକୁ ୨-୩ରେ ଜାପାନର ମିୱା ହରିମୋଟୋଙ୍କ ଠାରୁ ହାରିଥିଲେ। ଦ୍ୱିତୀୟ ମ୍ୟାଚରେ ମନିକା ବାତ୍ରା ଲଢୁଆ ପ୍ରଦର୍ଶନ କରି ସାଟ୍‌ସୁକି ଓଡୋଙ୍କୁ ୩-୦ ସେଟ୍‌ରେ ପରାସ୍ତ କରି ମ୍ୟାଚ୍‌କୁ ସମାନ୍ତର ସ୍ଥିତିକୁ ଆଣିଥିଲେ। ପରବର୍ତ୍ତୀ ଦୁଇ ମ୍ୟାଚ୍‌ରେ ସୁତୀର୍ଥା ମୁଖାର୍ଜୀ ସିଧାସଳଖ ସେଟରେ ମିମା ଇଟୋଙ୍କ ଠାରୁ ଓ ମନିକାଙ୍କ ୧-୩ରେ ମିୱା ହରିମୋଟୋଙ୍କ ନିକଟରୁ ୧-୩ରେ ପରାଜିତ ହୋଇଥିଲେ। ଏହା ସହ ଏସିଆନ୍ ଟିଟି ଚାମ୍ପିୟନଶିପ୍‌ରେ ଭାରତ ନିଜର ପ୍ରଥମ ପଦକ ହାସଲ କରିଥିଲା। ଅନ୍ୟ ପକ୍ଷରେ ପୁରୁଷ ଦଳ ଶକ୍ତିଶାଳୀ କାଜାଖସ୍ତାନକୁ କ୍ୱାର୍ଟର ଫାଇନାଲ ମ୍ୟାଚ୍‌୩-୧ରେ ହରାଇଥିଲା। ଏହା ସହ କ୍ରମାଗତ ତୃତୀୟ ସଂସ୍କରଣରେ ଭାରତ ଏକ ପଦକ ପକ୍କା କରିଛି।

# ଭାରତର କ୍ରମାଗତ ଦ୍ୱିତୀୟ ବିଜୟ

### ମହିଳା ଟି୨୦ ବିଶ୍ୱକପ

ଦୁବାଇ,୯।୧୦

ଉଭୟ ବ୍ୟାଟିଂ ଓ ବୋଲିଂରେ ଚମତ୍କାର ପ୍ରଦର୍ଶନ କରି ଭାରତ ମହିଳା ଟି୨୦ ବିଶ୍ୱକପରେ କ୍ରମାଗତ ଦ୍ୱିତୀୟ ବିଜୟ ହାସଲ କରିଛି। ପୂର୍ବ ମ୍ୟାଚରେ ପାକିସ୍ତାନକୁ ହରାଇଥିବା ହରମନପ୍ରୀତ କୌରଙ୍କ ଦଳ ବୁଧବାର ଶ୍ରୀଲଙ୍କାକୁ ୮୨ ରନରେ ପରାସ୍ତ କରିଛି। ଭାରତ ୨୦ ଓଭରରେ ୩ ଉଇକେଟରେ ୧୭୨ ରନ୍ କରିଥିଲା।୧୭୩ ରନ ବିଜୟ ଲକ୍ଷ୍ୟ ଥିବାବେଳେ ଶ୍ରୀଲଙ୍କା ୧୯.୫ ଓଭରରେ ମାତ୍ର ୯୦ ରନକରି ଅଲ୍‌ଆଉଟ ହୋଇଛି। ଦଳର କୌଣସି ବ୍ୟାଟର ଭାରତୀୟ ବୋଲରଙ୍କୁ ଉଚିତ ମୁକାବିଲା କରିପାରି ନ ଥିଲେ। କଭିଶା ଦିଲହରି ସର୍ବାଧିକ ୨୧ ରନ କରିବାକୁ ସକ୍ଷମ ହୋଇଥିଲେ। ଭାରତର ସମସ୍ତ ବୋଲର ଚମତ୍କାର ବୋଲିଂ କରିଥିଲେ। ଅରୁନ୍ଧତୀ ରେଡ୍ଡୀ ଓ ଆଶା ଶୋଭନା ୩ଟି ଲେଖାଏ, ରେଣୁକା ସିଂ ୨ଟି ଏବଂ ଶ୍ରେୟଙ୍କା ପାଟିଲ ଓ ଦୀପ୍ତି ଶର୍ମା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ। ୨୭ ବଲ୍‌ରୁ ୮ ଚୌକା ଓ ୧ ଛକା ସହାୟତାରେ ୫୨ ରନକରି ଅପରାଜିତ ରହିଥିବା ହରମନପ୍ରୀତ ପ୍ଲେୟର ଅଫ୍ ଦି ମ୍ୟାଚ ବିବେଚିତ ହୋଇଥିଲେ। ଏହି ମ୍ୟାଚରେ ବଡ଼ ବ୍ୟବଧାନରେ ବିଜୟ ଦ୍ୱାରା ଭାରତର ରନ୍‌ହାର ୦.୫୭୬ ହୋଇ ଯାଇଛି। ୩ ମ୍ୟାଚରୁ ୪ ପଏଣ୍ଟ ସହିତ ଭାରତ ଗ୍ରୁପ୍ 'ଏ' ଟେବୁଲର ଦ୍ୱିତୀୟ ସ୍ଥାନକୁ ଉନ୍ନୀତ ହୋଇଛି।

ଭାରତ ଟସ୍ ଜିତି ପ୍ରଥମେ ବ୍ୟାଟିଂ ନିଷ୍ପତ୍ତି ନେଇଥିଲା। ହରମନ୍‌ପ୍ରୀତ୍ ଫିଟ୍ ହୋଇ ଖେଳିଥିବା ବେଳେ ଭାରତ ଅପରିବର୍ତ୍ତିତ ଏକାଦଶ ସହ ଓହ୍ଲାଇଥିଲା। ଦଳ ପକ୍ଷରୁ ମନ୍ଧାନା(୫୦) ଓ ଶେଫାଳି ବର୍ମା(୪୩) ପ୍ରଥମ ଉଇକେଟରେ ୯୮ ରନ୍ ଯୋଡି ବଡ ସ୍କୋରର ମୂଳଦୁଆ ପକାଇଥିଲେ। ମନ୍ଧାନା ପ୍ରଥମରୁ ଧୀମା ବ୍ୟାଟିଂ କରିଥିବା ବେଳେ ଶେଫାଳି ଆଟାକ୍ କରିଥିଲେ। ପରେ ସେଟ୍ ହେବା ପରେ ମନ୍ଧାନା ଆକ୍ରମଣାତ୍ମକ ବ୍ୟାଟିଂ କରି ଚଳିତ ବିଶ୍ୱକପର ପ୍ରଥମ ଅର୍ଦ୍ଧଶତକ ହାସଲ କରିଥିଲେ। ସେ ୩୮ ବଲ୍ ଖେଳି ୪ ଚୌକା ଓ ୧ ଛକା ମାରି ୫୦ ରନ୍ କରିଥିଲେ। ୧୩ ତମ ଓଭରରେ ଉଭୟ ଖେଳାଳି ଲଗାତାର ବଲ୍‌ରେ ଆଉଟ ହୋଇଥିଲେ। ମନ୍ଧାନା ରନ୍ ଆଉଟ ହୋଇଥିବା ବେଳେ ପରବର୍ତ୍ତୀ ବଲ୍‌ରେ ଶେଫାଳି ପ୍ୟାଭିଲିୟନ ଫେରିଥିଲେ। ଶେଫାଳି ୪୦ ବଲ୍ ଖେଳି ୪ ଚୌକା ସହ ୪୩ ରନ୍ କରିଥିଲେ।

ପରବର୍ତ୍ତୀ ଉଇକେଟରେ ଜେମିମା ରୋଡ୍ରିଗୁଏଜ(୧୬) ଓ ହରମନ୍‌ପ୍ରୀତ୍ କୌର(୫୨*) ୩୦ ରନ୍ ଯୋଡିଥିଲେ। ଜେମିମା ୧୦ ବଲ୍‌ରୁ ୧୬ ରନ୍ କରି ଆମା କଞ୍ଚନାଙ୍କ ଶିକାର ହୋଇଥିଲେ। ପରବର୍ତ୍ତୀ ବ୍ୟାଟର ରିଚା ଘୋଷଙ୍କ ସହ ୨୨ ବଲ୍‌ରୁ ୪୨ ରନ୍ ଯୋଡିଥିଲେ ହରମନପ୍ରୀତ୍। ଏହା ମଧ୍ୟରେ ରିଚାଙ୍କ ଅବଦାନ ମାତ୍ର ୬ ରନ ରହିଥିଲା। ହରମନ୍‌ପ୍ରୀତ ଶେଷ ଯାଏ ଅପରାଜିତ ରହିଥିବା ବେଳେ ୨୭ ବଲ୍ ଖେଳି ୮ ଚୌକା ଓ ୧ ଛକା ସହ ୫୨ ରନ୍ ସ୍କୋର କରିଥିଲେ। ଶ୍ରୀଲଙ୍କା ପକ୍ଷରୁ ଆମା କଞ୍ଚନା ଓ ଚମାରି ଅଟ୍ଟାପଟ୍ଟୁ ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

**ସଂକ୍ଷିପ୍ତ ସ୍କୋର**

ଭାରତ ୨୦ ଓଭରରେ ୧୭୨/୩ (ହରମନ୍‌ପ୍ରୀତ୍ କୌର-୫୨*, ସ୍ମୃତି ମନ୍ଧାନା-୫୦, ଶେଫାଳି ବର୍ମା-୪୩, ଆମା କଞ୍ଚନା-୧/୨୯, ଚାମରି ଅଟ୍ଟାପାଟ୍ଟୁ-୧/୩୪)। ଶ୍ରୀଲଙ୍କା ୧୯.୫ ଓଭରରେ ୯୦/ଅଲ୍‌ଆଉଟ (କଭିଶା ଦିଲହରି-୨୧, ଅନୁସ୍କା ସଞ୍ଜୀବନି-୨୦, ଅରୁନ୍ଧତି ରେଡ୍ଡୀ-୩/୧୯, ଆଶା ଶୋଭନା-୩/୧୯, ରେଣୁକା ସିଂ-୨/୧୬, ଶ୍ରେୟଙ୍କା ପାଟିଲ-୧/୧୫, ଦୀପ୍ତି ଶର୍ମା-୧/୧୬)।

# ପଶ୍ଚିମବଙ୍ଗ ଚାମ୍ପିୟନ, ଓଡ଼ିଶା ରନରଅପ୍

### ପୂର୍ବାଞ୍ଚଳ ଜୁନିୟର ଆଥଲେଟିକ୍ସ ଉଦ୍‌ଯାପିତ

ଭୁବନେଶ୍ୱର, ୯।୧୦ (ତପନ ସ୍ୱାଇଁ)

କଳିଙ୍ଗ ଷ୍ଟାଡିୟମ୍‌ରେ ୩୫ତମ ଇଷ୍ଟଜୋନ୍ ଜୁନିୟର ଆଥଲେଟିକ୍ସ ଚାମ୍ପିୟନଶିପ୍ ବୁଧବାର ଉଦ୍‌ଯାପିତ ହୋଇଛି। ୨୫୫ ପଏଣ୍ଟ ସହ ପଶ୍ଚିମବଙ୍ଗ ଓଭରଅଲ୍ ଚାମ୍ପିୟନ ଏବଂ ୨୧୯ ପଏଣ୍ଟ ସହିତ ଓଡ଼ିଶା ରନରଅପ୍ ହୋଇଛି। ୧୨୬ ପଏଣ୍ଟ ସହିତ ଓଡ଼ିଶା ପୁରୁଷ ବର୍ଗରେ ଓଭରଅଲ୍ ଚାମ୍ପିୟନ୍ ହୋଇଥିବା ବେଳେ ପଶ୍ଚିମବଙ୍ଗ ୧୦୨ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନରେ ରହିଛି। ଅନ୍ୟପକ୍ଷରେ ମହିଳା ବର୍ଗରେ ୧୫୩ ପଏଣ୍ଟ ସହ ପଶ୍ଚିମବଙ୍ଗ ଓଭରଅଲ୍ ଚାମ୍ପିୟନ୍ ହୋଇଛି ଏବଂ ଓଡ଼ିଶା ୯୩ ପଏଣ୍ଟ ସହ ଦ୍ୱିତୀୟ ସ୍ଥାନ ହାସଲ କରିଛି। ଆଜିର ଉଦ୍‌ଯାପନୀ ସମାରୋହରେ ହକି ପ୍ରମୋଶନ କାଉନସିଲ୍ ଅଫ୍ ଓଡ଼ିଶାର ସିଇଓ ଦୀପଙ୍କର ମହାପାତ୍ର, ଓଡ଼ିଶା କ୍ରୀଡା ଓ ଯୁବସେବା ବିଭାଗର ଅତିରିକ୍ତ ସଚିବ ବିଜୟ କୁମାର ସ୍ୱାଇଁ, ଯୁଗ୍ମ ସଚିବ ଶୈଳେନ୍ଦ୍ର ଜେନା ଯୋଗଦେଇ ବିଜେତା ମାନଙ୍କୁ ପଦକ ପ୍ରଦାନ କରିଥିଲେ। ଦୀପଙ୍କର କ୍ରୀଡ଼ାବିତ୍‌ମାନଙ୍କୁ ଶୁଭେଚ୍ଛା ଜଣାଇବା ସହ ପୂର୍ବାଞ୍ଚଳ ଆଥଲେଟିକ୍ସ ଚାମ୍ପିୟନଶିପ୍ ମାଧ୍ୟମରେ ଯୁବ ଆଥଲେଟ୍‌ମାନେ ନିଜ ପ୍ରତିଭା ପ୍ରଦର୍ଶନ କରିବା ପାଇଁ ଏକ ଉତ୍ତମ ପ୍ଲାଟଫର୍ମ ପାଇ ପାରୁଛନ୍ତି ବୋଲି କହିଥିଲେ। ପ୍ରକାଶଯୋଗ୍ୟ ଯେ, ଆସନ୍ତା ଅକ୍ଟୋବର ୨୫ରୁ ୨୯ ପର୍ଯ୍ୟନ୍ତ କଳିଙ୍ଗ ଷ୍ଟାଡିୟମ୍‌ରେ ଜାତୀୟ ଜୁନିୟର ଆଥଲେଟିକ୍ସ ଚାମ୍ପିୟନଶିପ୍ ଅନୁଷ୍ଠିତ ହେବ।


ପୂର୍ବାଞ୍ଚଳ ଜୁନିୟର ଆଥଲେଟିକ୍ସରେ ଓଭରଅଲ୍ ରନରଅପ୍ ହୋଇଥିବା ଓଡ଼ିଶା ଦଳ ଟ୍ରଫି ସହ ଅତିଥିଙ୍କ ଗହଣରେ।

# ରାଜ୍ୟ ଜୁଡ଼ୋ ପ୍ରତିଯୋଗିତା ଉଦଘାଟିତ

### ଭାଗନେଲେ ୪୦୦ରୁ ଊର୍ଦ୍ଧ୍ୱ ଖେଳାଳି

ଭୁବନେଶ୍ୱର, ୯।୧୦ (ତପନ ସ୍ୱାଇଁ)

ରାଜ୍ୟ ଜୁଡ଼ୋ ପ୍ରତିଯୋଗିତା ବୁଧବାର ବରୁଣେଇ ନିକଟସ୍ଥ କେଟି ଗ୍ଲୋବାଲ ସ୍କୁଲରେ ଆରମ୍ଭ ହୋଇଛି। ପ୍ରତିଯୋଗିତାରେ ରାଜ୍ୟର ୪୦୦ରୁ ଊର୍ଦ୍ଧ୍ୱ ଖେଳାଳି ସବ୍‌ଜୁନିୟର, କ୍ୟାଡେଟ୍, ଜୁନିୟର ଓ ସିନିୟର ବର୍ଗରେ ପ୍ରତିଦ୍ୱନ୍ଦ୍ୱିତା କରିବେ। ଉଦ୍‌ଘାଟନୀ ଉତ୍ସବରେ କେଟି ଗ୍ଲୋବାଲ ସ୍କୁଲର ଚେୟାରମ୍ୟାନ୍ ଅରୁଣ ପ୍ରକାଶ, କ୍ରୀଡ଼ା ପ୍ରଶାସକ ତଥା ଶିଳ୍ପପତି ଅସିତ ପ୍ରଧାନ, ଓଡ଼ିଶା ରାଜ୍ୟ ଜୁଡ଼ୋ ସଂଘ ସମ୍ପାଦକ ପି.ସି. ମିଶ୍ର, ସିଇଓ ଗୀତାଞ୍ଜଳି ପଣ୍ଡା, କେଟି ଗ୍ଲୋବାଲ ସ୍କୁଲ୍ କ୍ରୀଡ଼ା ଅଧିକାରୀ ଜ୍ୟୋତି ପ୍ରକାଶ ନନ୍ଦ, ଓଡ଼ିଶା ସ୍ପୋର୍ଟ୍ସ ଜର୍ନାଲିଷ୍ଟ ଆସୋସିଏଶନ ସମ୍ପାଦକ ସୁରେଶ କୁମାର ସ୍ୱାଇଁ ଏବଂ ଜୁଡ଼ୋ ପ୍ରଶିକ୍ଷକ କୁନ୍ଦନ ମୁର୍ମୁ ଅତିଥି ଭାବେ ଯୋଗ ଦେଇଥିଲେ। ପ୍ରତିଯୋଗିତା ୧୨ ତାରିଖରେ ଉଦ୍‌ଯାପିତ ହେବ।

4-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ